
# ଭୂମିଜ ପରମ୍ପରା



ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ
ଭୁବନେଶ୍ୱର

ଆଦିବାସୀ ପରମ୍ପରା ଓ ଜ୍ଞାନକୌଶଳ

# ଭୂମିଜ ପରମ୍ପରା


ନିର୍ଦ୍ଦେଶକ:

ଡ଼ଃ ଅନନ୍ତ ଚରଣ ସାହୁ

ସଂକଳନ :

ଡଃ ଲତା ଭୋଳ



ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ

ଭୁବନେଶ୍ୱର

# ଭୂମିଜ ପରମ୍ପରା

*ସଂକଳନ* : ଡ଼ଃ ଲତା ଭୋଳ

*ନିର୍ଦ୍ଦେଶକ* : ଡ଼ଃ ଅନନ୍ତ ଚରଣ ସାହୁ
ନିର୍ଦ୍ଦେଶକ,
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେ଼ମୀ
ଭୁବନେଶ୍ୱର

*©ପ୍ରକାଶକ* : ନିର୍ଦ୍ଦେଶକ,
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେ଼ମୀ
ଆଦିବାସୀ ପ୍ରଦର୍ଶନୀ ପଡିଆ
ୟୁନିଟ୍ - ୧, ଭୁବନେଶ୍ୱର - ୭୫୧୦୦୯

*ପ୍ରଥମ ପ୍ରକାଶ* : ଫେବୃଆରୀ, ୨୦୦୭

ମୁଦ୍ରଣ : ଭୋଳାନାଥ ପ୍ରେସ୍
୧୨୦୧/୧୬୦୧, ବମିଖାଲ, ଭୁବନେଶ୍ୱର-୧୦
ଫୋନ୍ : (୦୬୭୪) ୨୫୮୦୭୨୮

ମୂଲ୍ୟ : ଷାଠିଏ ଟଙ୍କା ମାତ୍ର

## BHUMIJA PARAMPARA

***Compilation*** : **Dr. Lata Bhol**

***Director*** : **Dr. A. C. Sahoo**
Director, ATDC

***© Publisher*** : Director
Academy of Tribal Dialects & Culture
Adivasi Exhibition Ground
Unit - I, Bhubaneswar - 751 009

***Printed at*** : Bholanath Press
1201/1601, Bomikhal, Bhubaneswar-10
Ph. : (0674) 2580728

***First Edition*** : February,2007

***Price*** : Rs. 60.00 only

# ମୁଖବନ୍ଧ

ପ୍ରାକୃତିକ ପରିବେଶରେ ବସବାସ କରି ରହୁଥିବା ଜନଜାତିମାନଙ୍କର ଏକ ସ୍ୱତନ୍ତ୍ର ପରିଚୟ ରହିଛି । ସେମାନଙ୍କର ଜୀବନ ଧାରା ପରିବେଶକୁ ଖାପ ଖୁଆଇ ଗଢି ଉଠିଛି । ଯେଉଁ ଜନଜାତି ସନ୍ନିକଟ ପରିବେଶକୁ ନିଜର କରି ସ୍ଥାୟୀ ଭାବରେ ବସବାସ କରି ରହି ଆସିଛି ସେଠାରେ ସେହି ଜନଜାତିର ସାମାଜିକ ଉଦ୍‌ବର୍ତ୍ତନ ସହିତ କାଳାନୁକ୍ରମେ ନିଜସ୍ୱ ସାଂସ୍କୃତିକ ବାତାବରଣଟାଏ ସୃଷ୍ଟି ହୋଇଛି । ଓଡ଼ିଶାରେ ବସବାସ କରୁଥିବା ଜନଜାତିମାନଙ୍କର ସାଂସ୍କୃତିକ ପରଂପରାକୁ ଲକ୍ଷ୍ୟ କଲେ ଏହି ବାତାବରଣର ସ୍ଥିତି ଲକ୍ଷ୍ୟ କରି ହୁଏ ।

ଜନଜାତିମାନେ ପ୍ରକୃତି ଉପରେ ନିର୍ଭରଶୀଳ । ଏମାନେ ତାଙ୍କ ପରିବେଶରେ ଖୁବ୍ ସ୍ୱାଧୀନ । ତେବେ ପରିବର୍ତ୍ତିତ ସମୟକୁ ଆଧାର କରି ସେମାନଙ୍କର ଜୀନବଯାତ୍ରାରେ ପରିବର୍ତ୍ତନ ଦେଖାଦେବା ସ୍ୱାଭାବିକ । ପରଂପରାପୁଷ୍ଟ ଜନଜାତିମାନଙ୍କ ଚଳଣୀ, ସର୍ବୋପରି ସଂସ୍କୃତିର ହଠାତ୍ ପରିବର୍ତ୍ତନ ହୋଇଯିବ ଏହା ଆଶା କରାନଗଲେ ମଧ ସଂସ୍କୃତିର ବିବର୍ତ୍ତନ ଅବଶ୍ୟମ୍ଭାବୀ ଏହାକୁ ଅସ୍ୱୀକାର ମଧ କରାଯାଇ ନପାରେ ।

ଏହି ଉଦ୍ଦେଶ୍ୟକୁ ଆଖି ଆଗରେ ରଖି ଓଡ଼ିଶାର ଆଦିବାସୀମାନଙ୍କର ପରମ୍ପରା ଓ ଜ୍ଞାନକୌଶଳ ଉପରେ ପରିଚାଳିତ ଗବେଷଣା ପ୍ରକଳ୍ପ ଏକ ସମୟୋଚିତ ଉଦ୍ୟମ । ପ୍ରଥମ ପର୍ଯ୍ୟାୟରେ ବଣ୍ଡା, ସାନ୍ତାଳନ, ହୋ, ଦେଶିଆକନ୍ଧ, ମାଙ୍କିଡିଆ, ଲୋଧା, ଖଡିଆ, ଜୁଆଙ୍ଗ, ଡିଡାୟୀ, ଚୁକ୍‌ଟିଆ ଭୁଞ୍ଜିଆ, ଡଙ୍ଗରିଆକନ୍ଧ, କୁଟିଆକନ୍ଧ, କୋୟା, ଗଣ୍ଡ, ପାଉଡିଭୂୟାଁ, ଭୂମିଆ, ସଉରା, ଓରାଓଁ, କିଶାନ୍, ଦେଶିଆ, ପରଜା, ଗଦବା, ଧାରୁଆ, ବିଞ୍ଝିଆ ଓ ଭୂମିଜ ଜନଜାତିଙ୍କର ପରମ୍ପରା ଓ ଜ୍ଞାନକୌଶଳ ଉପରେ କ୍ଷେତ୍ର ଅଧ୍ୟୟନ କରାଯାଇ ପାଣ୍ଡୁଲିପି ପ୍ରସ୍ତୁତ କରାଯାଇଛି, ପରବର୍ତ୍ତୀ ପର୍ଯ୍ୟାୟରେ ଅନ୍ୟାନ୍ୟ

ଅନାଲୋଚିତ ଗୋଷ୍ଠୀ ସମୂହର ପରମ୍ପରା ଓ ଜ୍ଞାନକୌଶଳ ଉପରେ କ୍ଷେତ୍ର ଅଧ୍ୟୟନ କରାଯିବାର ପ୍ରସ୍ତାବ ରହିଛି ।

ସମ୍ପ୍ରତି ସାଂସ୍କୃତିକ ଅବକ୍ଷୟର ସମୟ । ତଥାପି ପ୍ରଜାତିକ ପରମ୍ପରା ଅକ୍ଷୁର୍ଣ୍ଣ । ଉନ୍ନୟନ ବ୍ୟବସ୍ଥା ଆମ ଆଦବ କାଇଦାରେ ତାଙ୍କ ଉପରେ ଲଦି ଦିଆଯାଉଛି । ସ୍ୱାଧୀନତାର ୬୦ ବର୍ଷ ବିତି ଯାଇଥିଲେ ସୁଦ୍ଧା ତାଙ୍କ ପାଖରେ ତା'ର ସଫଳ ରୂପାୟନ ହୋଇ ପାରିନାହିଁ । ଆମେ ମୁଖ୍ୟତଃ ତାଙ୍କ ମୂଳ ଆବଶ୍ୟକତା ସହ ସଚେତନ ନୋହୁଁ । ତାଙ୍କ ପରମ୍ପରା ଓ ଜ୍ଞାନକୌଶଳ ସହ ଆମର ପରିଚିତି ନାହିଁ । ତେଣୁ ଅଧିକାଂଶ ଯୋଜନା, ବ୍ୟବସ୍ଥାର ପରିକଳ୍ପନା ସଫଳ ହୋଇପାରୁନାହିଁ ।

ଅଧୁନା ଚିନ୍ତନର ବେଳା ଉପସ୍ଥିତ । ଅବବୋଧର ଅବକ୍ଷୟ ଘଟିବା ପୂର୍ବରୁ ତାଙ୍କ ଜ୍ଞାନକୌଶଳ, ପରମ୍ପରା ସହ ଆମକୁ ପରିଚିତ ହେବା ଏକାନ୍ତ ଆବଶ୍ୟକ । ଏହି ପରିଚିତିକୁ ନେଇ ତାଙ୍କ ନିକଟରେ ପହଞ୍ଚିଲେ ଉନ୍ନୟନ ପରିଯୋଜନାର ରୂପାୟନ ସମ୍ଭବ ହେବ ।

ପ୍ରକାଶିତ "ଭୂମିଜ ପରମ୍ପରା" ପୁସ୍ତିକା ଭୂମିଜ (ମୁଣ୍ଡା)ମାନଙ୍କର ପରିବେଶ, ସଂସ୍କୃତି ଓ ପରମ୍ପରାକୁ ନେଇ ପୁଷ୍ଟ । ଏହି ପୁସ୍ତିକା ସଂକଳନରେ ଡଃ. ଲତା ଭୋଳଙ୍କ ଶ୍ରମ ସ୍ୱୀକୃତ । ପାଣ୍ଡୁଲିପିର ଆବଶ୍ୟକ ପରିମାର୍ଜନ ସହ କାପ୍ତିପଦା ଅଞ୍ଚଳର ଅସଂଖ୍ୟ ମୁଣ୍ଡା ବିଦ୍ୱାନ ଶ୍ରମ ସ୍ୱୀକାର ପୂର୍ବକ ତଥ୍ୟ ସଂଯୋଜନା କରି ପାଣ୍ଡୁଲିପିକୁ ପ୍ରକାଶନ ଉପଯୋଗୀ କରିଛନ୍ତି । ପୁସ୍ତକ ପ୍ରକାଶନ ଅବସରରେ ଏକାଡେମୀ ଏମାନଙ୍କ ନିକଟରେ କୃତଜ୍ଞ ।

ଅନନ୍ତ ଚରଣ ସାହୁ
ନିର୍ଦ୍ଦେଶକ

# ସୂଚୀପତ୍ର


| କ୍ର.ସଂ | ବିଷୟ | ପୃଷ୍ଠା |
|---|---|---|
| I. | ମୁଖବନ୍ଧ | |
| ୧. | ଉପକ୍ରମଣିକା | ୧-୮ |
| ୨. | ଖାଦ୍ୟାଭ୍ୟାସ | ୯-୨୧ |
| ୩. | ପାନୀୟ | ୨୨-୩୨ |
| ୪. | ଜନ୍ମାସୁନା | ୩୩-୪୯ |
| ୫. | ଭୂମିଜ ପର୍ବପର୍ବାଣି | ୫୦-୫୫ |
| ୬. | କୃଷି ପଞ୍ଜିକା | ୫୬-୫୯ |
| ୭. | ବନଜାତ ଦ୍ରବ୍ୟ ସଂଗ୍ରହ ପଞ୍ଜିକା | ୬୦-୬୪ |
| ୮. | ଶ୍ରମ ସମବାୟ | ୬୫-୭୪ |
| ୯. | ଗ୍ରାମସଭା | ୭୫-୯୫ |
| ୧୦. | ଯାଦୁଧର୍ମୀୟ କାର୍ଯ୍ୟନିର୍ବାହୀ | ୯୬-୧୨୮ |
| ୧୧. | ବସତି | ୧୨୯-୧୫୦ |
| ୧୨. | ବାଂଗୃହ | ୧୫୧-୧୭୨ |
| ୧୩. | ପାରମ୍ପରିକ ଚାରୁ ଓ କାରୁକଳା | ୧୭୩-୧୯୩ |
| ୧୪. | ଔଷଧ ଓ ବୈଦ୍ୟ | ୧୯୪-୨୦୭ |
| ୧୫. | ପଡ଼ୋଶୀ ସମ୍ପର୍କ | ୨୦୮-୨୧୮ |

# ଉପକ୍ରମଣିକା

ଓଡ଼ିଶାରେ ବସବାସ କରୁଥିବା ଆଦିବାସୀମାନଙ୍କ ମଧ୍ୟରେ ଭୂମିଜ ଏକ ସମ୍ପନ୍ନ ଜନଗୋଷ୍ଠୀ । ଭାଷାତତ୍ତ୍ୱବିତ୍‌ଙ୍କ ମତରେ ଭୂମିଜ ଜନଜାତି ପ୍ରାଚୀନ ମୁଣ୍ଡା ଗୋଷ୍ଠୀ ଅନ୍ତର୍ଭୁକ୍ତ । ଭାଷା ଦୃଷ୍ଟିରୁ ଭୂମିଜ, ସାନ୍ତାଳ, ହୋ, ମୁଣ୍ଡା, ମାହାଲୀ ସହୋଦର । ତେବେ ଆର୍ଯ୍ୟମାନଙ୍କ ଅନୁଗାମୀ ହେବା ଫଳରେ ଭୂମିଜ ସମ୍ପ୍ରଦାୟର ଏକ ଉପଗୋଷ୍ଠୀରେ ଭାଷିକ ବିବର୍ତ୍ତନ ଘଟିଥିବା ଅନୁମେୟ । ଫଳତଃ ମାନଭୂମ୍ ଅଞ୍ଚଳର ଭୂମିଜମାନଙ୍କ ଭାଷା ସମ୍ପୂର୍ଣ୍ଣ ମୁଣ୍ଡାରୀ ହୋଇଥିବା ସ୍ଥଳେ ବିବର୍ତ୍ତିତ ଗୋଷ୍ଠୀର ଭାଷା-ସଂସ୍କୃତି ମୂଳ ପ୍ରଜାତିଠାରୁ ଆଂଶିକ ବିଛିନ୍ନ ।

ଆର୍ଯ୍ୟମାନଙ୍କର ଆଗମନ ସମୟରେ ଭୂମିଜ (ମୁଣ୍ଡା) ସମ୍ପ୍ରଦାୟ ସିନ୍ଧୁନଦୀର ଉପତ୍ୟକାରେ ବସବାସ କରୁଥିଲେ । ଏମାନେ ଚାଷକାର୍ଯ୍ୟରେ ଲିପ୍ତ ରହୁଥିବାର ଦେଖି ସମ୍ଭବତଃ ଆର୍ଯ୍ୟମାନେ ମୁଣ୍ଡାମାନଙ୍କୁ ଭୂମିଜ ଆଖ୍ୟା ଦେଇଥିଲେ । ପର୍ଯ୍ୟାୟକ୍ରମେ ଭୂମିଜ ମାନେ ଆର୍ଯ୍ୟକର୍ତ୍ତୃକ ବିତାଡିତ ହୋଇ ପଶ୍ଚିମବଙ୍ଗ ଏବଂ ମାନଭୂମ୍ ଅଞ୍ଚଳରେ ବସତି ସ୍ଥାପନ କଲେ । ସମୟାନୁଯାୟୀ ସେମାନେ ନିଜର ବସତିକୁ ସୁବର୍ଣ୍ଣରେଖାର ଦୁଇତଟ, ଲୋହାରଡାଗା, ହଜାରିବାଗ ଓ ଛୋଟନାଗପୁର ଅଞ୍ଚଳକୁ ସମ୍ପ୍ରସାରିତ କରିଥିବା ଜଣାଯାଏ । ଭୂମିଜ ଲୋକ କିମ୍ବଦନ୍ତୀ କହେ ଯେ, ଭୂମିଜ ଶାସିତ ତାମାଡ୍ ରାଜ୍ୟର ମଧ୍ୟମ ରାଜପୁତ୍ର ନିଜର ମନ୍ଦପ୍ରକୃତି ଯୋଗୁଁ ପିତାଙ୍କ ଦ୍ୱାରା ରାଜ୍ୟରୁ ବିତାଡ଼ିତ ହୋଇ ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାରେ ବସବାସ କଲେ । କ୍ରମଶଃ ପରିବାରର ଲୋକସଂଖ୍ୟା ବଢିଯିବାରୁ ସେ ତନ୍ମଧ୍ୟରୁ କେତେକଙ୍କୁ ଭିନ୍ନ ଭିନ୍ନ ବଂଶ-ନାମ-ପରିଚିତି ଦେଇ ବିଭିନ୍ନ ସ୍ଥାନରେ ବସତି ସ୍ଥାପନ ପାଇଁ ପ୍ରେରଣ କରିଥିଲେ ।

ଭୂମିଜମାନଙ୍କର ଏହି ବିକ୍ଷିପ୍ତ ବସତି ଯୋଗୁଁ ସ୍ଥାନ-କାଳ କ୍ରମରେ ସେମାନଙ୍କର ଭାଷା ଓ ସଂସ୍କୃତିରେ ପ୍ରଭାବଭିତ୍ତିକ ବିବିଧତା ପରିଲକ୍ଷିତ ହୋଇଥାଏ । ଓଡ଼ିଶାର ମୟୂରଭଞ୍ଜ, ବାଲେଶ୍ୱର, କେଉଁଝର ଓ ସୁନ୍ଦରଗଡ଼ ଆଦି ଜିଲ୍ଲାମାନଙ୍କରେ ଏମାନେ ବିକ୍ଷିପ୍ତ ଭାବରେ ବସବାସ କରନ୍ତି । ଭୂମିଜର ଉପଗୋଷ୍ଠୀଗୁଡିକ ହେଲା;

ତାମୁଡ଼ିଆ ଭୂମିଜ, ହଳଦୀ ପୋଖରୀଆ ଭୂମିଜ, ତେଲି ଭୂମିଜ ଏବଂ ଦେଶୁଆ ବା ଦେହୁରୀ ଭୂମିଜ । ଏମାନଙ୍କ ମଧ୍ୟରେ ଅପେକ୍ଷାକୃତ ତାମୁଡ଼ିଆ ଭୂମିଜଙ୍କ ସଂଖ୍ୟା ଅଧିକ । ଏମାନେ ନିଜସ୍ୱ ସଂସ୍କୃତିରେ ରକ୍ଷଣଶୀଳ ମନୋଭାବ ପ୍ରଦର୍ଶନ କରୁଥିବା ବେଳେ ଦେଶୁଆ /ଦେହୁରୀ ଭୂମିଜମାନେ ଅପେକ୍ଷାକୃତ ଆର୍ଯ୍ୟ ଅନୁଗାମୀ ହେବାରେ ଲାଗିଛନ୍ତି ।

ଭୂମିଜମାନେ ସଂଘବଦ୍ଧ ଭାବରେ ବସବାସ କରନ୍ତି । ଏମାନଙ୍କର ବସତି ଓ ବାସଗୃହ ସାଧାରଣ । ମୁଖ୍ୟତଃ ଏମାନେ ବାରିକ, ଧୋବା, ମାହାଲୀ, ବିନ୍ଧାଣୀ, କୁମ୍ଭାର, ତନ୍ତୀ, କମାର, ଡମ ପ୍ରଭୃତି ଗୋଷ୍ଠୀଙ୍କୁ ନିଜ ବସତିରେ ବାସ କରିବାକୁ ସୁଯୋଗ ଦିଅନ୍ତି । ଭୂମିଜ ସମ୍ପ୍ରଦାୟ ନିଜକୁ କ୍ଷତ୍ରୀୟ ବା ରାଜପୁତ୍ ରୂପେ ପରିଚିତ କରାଇ ଅନ୍ୟ ଆଦିବାସୀଙ୍କ ଠାରୁ ଉନ୍ନତ ବୋଲି ମନେ କରିଥାଆନ୍ତି । କୌଣସି ଜାତିର ପରିବାର ସହିତ ଏମାନେ ବିଶେଷ ଭାବରେ ସମ୍ପର୍କିତ ନୁହଁନ୍ତି କିମ୍ବା ଖାଦ୍ୟ-ପାନୀୟ ମଧ୍ୟ ଗ୍ରହଣ କରିନଥାନ୍ତି । ଭୂମିଜମାନଙ୍କର ପ୍ରତ୍ୟେକ ବଂଶର ନିଜସ୍ୱ କିମ୍ବଦନ୍ତୀ ଏବଂ ଇତିହାସ ଥାଏ । ବୀରଭୂମ୍ ରାଜାଙ୍କ ଇତିହାସରୁ ଜଣାଯାଏ ଯେ, ଭୂମିଜମାନେ ସେମାନଙ୍କର ବଂଶାବଳୀ ସୃଷ୍ଟି କରିବାରେ ସିଦ୍ଧହସ୍ତ । ସେଥିପାଇଁ ପ୍ରାୟତଃ ୩୦୦ରୁ ଊର୍ଦ୍ଧ୍ୱ ବଂଶ /ଗୋତ୍ର, ଭୂମିଜ ସମ୍ପ୍ରଦାୟରେ ଦେଖିବାକୁ ମିଳେ ।

ପୂର୍ବକାଳରେ ନାଥ ବରାହ ଓ କେଶ ବରାହ ନାମରେ ଦୁଇ ଭାଇ ଥିଲେ । ଏକଦା ସେମାନଙ୍କର ପିତା ବିରାଟ ରାଜାଙ୍କ ସହିତ ମତାନ୍ତର ଘଟିଲା ଏବଂ ବିକ୍ରମାଦିତ୍ୟଙ୍କ ଦରବାରରେ ସେହି କଳହର ସମାଧାନ ହେଲା । ନାଥ ବରାହଙ୍କ ସାନଭାଇ କେଶ ବରାହଙ୍କୁ ଦୁଇଗଡ଼ କରି ହତ୍ୟା କରାଗଲା । ତାଙ୍କ ରକ୍ତକୁ ନେଇ ବଡଭାଇଙ୍କ କପାଳରେ ରାଜା ବିକ୍ରମାଦିତ୍ୟ ତିଳକ ଲଗାଇ ଦେଲେ ଓ ଦୁଇଟି ଛତ୍ର ପ୍ରଦାନ କଲେ । ସେ କହିଲେ ଯେ ନାଥ ବରାହ ଗୋଟାଏ ଦିନ, ଗୋଟିଏ ରାତିରେ ଯେତେ ଦୂର ଅତିକ୍ରମ କରିପାରିବେ ସେଗୁଡ଼ିକ ସବୁ ତାଙ୍କର ହୋଇଯିବ । ନାଥ ତାଙ୍କ ଘୋଡ଼ା ଚଢି ଆଠ ଯୋଜନ ଅଞ୍ଚଳ ଅତିକ୍ରମ କଲେ ଯାହାକି ଆଜିର ବୀରଭୂମ୍ ନାମରେ ପରିଚିତ । ଭୂମିଜ ଲୋକମାନେ ବିଶ୍ୱାସ କରନ୍ତି ଯେ ଦକ୍ଷିଣଭାଗରେ ଥିବା

ପାହାଡ଼ର ଢାଲୁ ଅଞ୍ଚଳରେ ଥିବା ଚିହ୍ନଗୁଡ଼ିକ ହେଉଛି ନାଥ ବରାହଙ୍କ ଘୋଡ଼ା ଟାପୁ ଚିହ୍ନ । ଏହି କିମ୍ବଦନ୍ତୀର ସଂପର୍କ ନିକଟବର୍ତ୍ତୀ ପାଟ୍‌କମ୍ ରାଜାଙ୍କ ସହିତ ରହିଥିବାର ସୂଚନା ମିଳେ ଯେ କି ନିଜକୁ ବିକ୍ରମାଦିତ୍ୟଙ୍କ ବଂଶଧର ବୋଲି ସ୍ୱୀକାର କରନ୍ତି ।

ଧଳଭୂମ୍‌ର ରାଜା ଭୂମିଜ ସଂପ୍ରଦାୟର ଥିଲେ । କିନ୍ତୁ ସେ ସମୟରେ ସେମାନଙ୍କୁ ରାଜ୍‌ପୁତ୍ ବୋଲି ଆଖ୍ୟା ଦିଆଯାଉଥିଲା । ମାନଭୂମ୍ ରାଜାଙ୍କ ପୂର୍ବପୁରୁଷ ଥିଲେ ଜଣେ ଧୋବା ଯିଏ କି ଦେବୀ କାଳୀଙ୍କୁ ଆଶ୍ରୟ ଦେଇଥିଲେ; ଯେତେବେଳେ କାଳୀ ପାନ୍‌ଚେ୍ତ୍ ରାଜ୍ୟର ଏକ ରାକ୍ଷସ ପାଖରୁ ପଳାୟନ କରିଥିଲେ । ଧୋବା ଜଣକ କାଳୀଙ୍କୁ ସାହାଯ୍ୟ କରିବା ଦ୍ୱାରା ଦେବୀ କୃତଜ୍ଞ ହୋଇ ସେହି ଧୋବାଙ୍କୁ ଏକ ବ୍ରାହ୍ମଣ କନ୍ୟା ପ୍ରଦାନ କରିଥିଲେ । ପରେ ରାଜା ତାଙ୍କୁ ବିବାହ କଲେ ଏବଂ ବିଶ୍ୱାସ କରାଯାଏ ଯେ, ଧଳଭୂମ୍‌ର ରାଜାମାନେ ତାଙ୍କ ଔରସରୁ ଜାତ ହୋଇଥିଲେ । ପ୍ରଚଳିତ କିମ୍ବଦନ୍ତୀରୁ ଜଣାଯାଏ ଯେ, ଧଳଭୂମ୍‌ର ଏକ ଭୂମିଜ ମୁଖିଆ ଜଣେ ବ୍ରାହ୍ମଣ ଦ୍ୱାରା ପରିଚାଳିତ ହୋଇ ପାନ୍‌ଚେତର ଦେବୀକାଳୀ(ରଙ୍କିନୀ)ଙ୍କର ପ୍ରତିମୂର୍ତ୍ତିକୁ ଚୋରାଇ ନେଇ ନିଜର କୂଳ ଦେବୀ ଭାବେ ନିଜ ଘରେ ପ୍ରତିଷ୍ଠା କରିଥିଲେ । ଏହି ରଙ୍କିନୀ ଦେବୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ବିଭିନ୍ନ ସମୟରେ ବଳି ଦିଆଯାଉଥିଲା । ବଳି ଦିଆଯାଉଥିବା ଦିବସଟି ବିନ୍ଦ ପର୍ବ ନାମରେ ନାମିତ । ପ୍ରଚଳିତ ପରମ୍ପରା ଅନୁସାରେ ଏହିଦିନ ଦୁଇଟି ମଇଁଷିକୁ ଗୋଟିଏ ଛୋଟ ଘେର ମଧ୍ୟକୁ ଅଣାଯାଉଥିଲା । ଘେରଠାରୁ ଅଳ୍ପ ଦୂରରେ ରାଜାଙ୍କ ପାଇଁ ତୋରଣର ବ୍ୟବସ୍ଥା ଥିଲା । ପ୍ରଥମେ ରାଜା ଓ ତାଙ୍କର ପୁରୋହିତମାନେ ସେହି ମଇଁଷିକୁ ଲକ୍ଷ୍ୟ କରି ତୀର ବିନ୍ଧୁ ଥିଲେ । ଏହି ପ୍ରକ୍ରିୟାରେ ଅନ୍ୟମାନେ ରାଜାଙ୍କୁ ଅନୁସରଣ କରୁଥିଲେ । ତୀର ଆଘାତରେ ପଶୁଦ୍ୱୟ ଛଟପଟ ହେଉଥିବା ବେଳେ ମଇଁଷି ଦୁଇଟିକୁ ହାଣି ପକାଉଥିଲେ । ଏହିପରି ଏକ ବିଭତ୍ସ ପ୍ରଥାକୁ ତତ୍କାଳିନ ବ୍ରିଟିଶ ସରକାର ୧୮୬୫ ମସିହାରେ ବନ୍ଦ କରିଥିଲେ । ବ୍ରିଟିଶ ଶାସନ ସମୟରେ ଅଧିକାଂଶ ଭୂମିଜମାନେ ସୁଖରେ ଜୀବନଯାପନ କରୁଥିଲେ । ଅନ୍ୟ ଜନଜାତିଙ୍କ ଅପେକ୍ଷା ଏହି ଭୂମିଜ ଜନଜାତିମାନେ ଅପେକ୍ଷାକୃତ କମ୍ ଖଜଣା ଦେଉଥିଲେ । କାଳକ୍ରମେ ଦୁର୍ଭିକ୍ଷ ତଥା ଅନ୍ୟାନ୍ୟ ପ୍ରାକୃତିକ

ଦୁର୍ବିପାକର ଶିକାର ହୋଇ ଭୂମିଜମାନେ ପୂର୍ବଦିଗକୁ ସଂପ୍ରସାରିତ ହୋଇ ଓଡ଼ିଶା ପ୍ରଦେଶକୁ ପ୍ରବେଶ କଲେ ।

ଭୂମିଜ ସମାଜରେ ଗ୍ରାମର ମୁଖିଆକୁ ସର୍ଦ୍ଦାର କୁହାଯାଏ । ଗ୍ରାମର ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ବିଚ଼ାର ବ୍ୟବସ୍ଥା ଅନୁସୃତ ହୋଇଥାଏ । ଏହି ବିଚ଼ାର ବ୍ୟବସ୍ଥାର ମୁଖ୍ୟ ହେଉଛନ୍ତି ସର୍ଦ୍ଦାର । ଅନ୍ୟାନ୍ୟ ଜନଜାତିମାନଙ୍କ ଭଳି ଭୂମିଜ ଜନଜାତି ସମାଜରେ ବିଭିନ୍ନ ପ୍ରକାର ପୂଜା ତଥା ପର୍ବପର୍ବାଣି ଅନୁଷ୍ଠିତ ହୋଇଥାଏ । ଉପରୋକ୍ତ ଧାର୍ମିକ ତଥା ଆଧାତ୍ମିକ କାର୍ଯ୍ୟ ସବୁ ନିର୍ବାହ କରିବା ପାଇଁ ଜଣେ ଜଣେ ଦେହୁରୀ ନିଯୁକ୍ତ ହୋଇଥାନ୍ତି । ସଂପ୍ରତି ପରିବର୍ତ୍ତିତ ସମାଜ ସହିତ ତାଳ ଦେଇ ଏବଂ କେତେକ କ୍ଷେତ୍ରରେ ଭୂମିଜମାନେ ହିନ୍ଦୁ ସଂସ୍କାରର ଅନୁଗାମୀ ହେବା ଫଳରେ ବ୍ରାହ୍ମଣ ପୂଜକ ମଧ୍ୟ ନିଯୁକ୍ତ କରୁଛନ୍ତି । ଭୂମିଜ ଜନଜାତିମାନେ ମୂଳତଃ କୃଷିଜୀବି ହୋଇଥିବାରୁ ସେମାନଙ୍କ ସମାଜରେ ବିଭିନ୍ନ ପ୍ରକାର ସାଂସ୍କୃତିକ ଅନୁଷ୍ଠାନ କୃଷିକେନ୍ଦ୍ରିକ । ସେମାନଙ୍କ ବର୍ଷର ବିଭିନ୍ନ ସମୟରେ ଅନୁଷ୍ଠିତ ହେଉଥିବା ପାର୍ବଣଗୁଡ଼ିକ ମଧ୍ୟରେ ହାଣ୍ଡରଗିଡ଼ି, ସସବଙ୍ଗା, ଗୋଠପୂଜା, ସହରାଇ ବଙ୍ଗା, ପଣା ହାକାର, ଗଣା ମାହାରା, ଗଣା ଉରରା, ଚ଼ନ୍ଦନ ଦେଉଳି, ବାଗାଲ ଇତ୍ୟାଦି ପ୍ରଧାନ । ଏହିସବୁ ପୂଜା ପର୍ବଗୁଡ଼ିକୁ ଛାଡ଼ିଦେଲେ ଆହୁରି ଅନେକ ପ୍ରକାର ବ୍ୟକ୍ତିଗତ ପୂଜାପାଠ ମଧ୍ୟ ଭୂମିଜ ସଂସ୍କୃତିରେ ଦେଖାଯାଏ ।

କୃଷିଜୀବି ଭାବରେ ସେମାନେ ପ୍ରଚଳିତ ଜ୍ଞାନକୌଶଳକୁ ଆଧାର କରି କୃଷିକର୍ମ କରିଥାଆନ୍ତି । ସମସ୍ତଙ୍କର ଊଣା ଅଧିକେ ଚାଷଜମି ଓ ବାଡିବଗିଚା ଥାଏ । ଶ୍ରମଜୀବି ଓ ଜଙ୍ଗଲ ଉପରେ ମଧ୍ୟ କେତେକ ନିର୍ଭରଶୀଳ । ଶିକ୍ଷାର ପ୍ରସାର ଫଳରେ ଅନେକ ସରକାରୀ / ବେସରକାରୀ ଚାକିରୀ, ବ୍ୟବସାୟ ଅବା ଖଣି ଖାଦାନରେ କର୍ମରତ । ଆର୍ଥିକ, ସାମାଜିକ, ଭାଷିକ, ସାଂସ୍କୃତିକ, ରାଜନୈତିକ, ମାନସିକ ଓ ଧାର୍ମିକ ଦିଗରୁ ଏମାନେ ବେଶ୍ ସ୍ୱଚ୍ଛଳ ଓ ପୁଷ୍ଟ । ସେଥିପାଇଁ ପ୍ରତ୍ୟେକ ସ୍ତରରେ ଭୂମିଜମାନେ ପରମ୍ପରା ବିମୁଖ । କେତେକ ଶିକ୍ଷିତ ଗୋଷ୍ଠୀ ପାରମ୍ପରିକ ଧର୍ମଧାରା

ପ୍ରତି ମଧ୍ୟ ବୀତସ୍ପୃହ ଥିବାର ପରିଲକ୍ଷିତ ହୁଏ । ଏପରିକି ସେମାନେ ନିଜର ମାତୃଭାଷା ଏବଂ ସଂସ୍କୃତି ସମ୍ପର୍କରେ ଅଜ୍ଞତା ପ୍ରକାଶ କରିଥାନ୍ତି । ସ୍ୱଗୋଷ୍ଠୀ ମଧ୍ୟରେ କଥୋପକଥନରେ ମଧ୍ୟ ଅର୍ଦ୍ଧାଧିକ ଓଡ଼ିଆ ଶବ୍ଦ ହିଁ ବ୍ୟବହାର କରିଥାନ୍ତି । ସ୍ୱାଭିମାନୀ ଓ ବ୍ୟବସାୟ ମନୋବୃତ୍ତି ସମ୍ପନ୍ନ ଏ ଭୂମିଜ ଜନଜାତି ଅନ୍ୟ ଜନଜାତି ଅପେକ୍ଷା ଅଣ-ଆଦିବାସୀମାନଙ୍କୁ ସନ୍ଦେହ ଦୃଷ୍ଟିରେ ଦେଖିବା ସ୍ୱାଭାବିକ । ଆଦିବାସୀମାନଙ୍କର ମୌଳିକତା ତଥା ସରଳତା, ବାହ୍ୟ ସଂସ୍କୃତିର ଅନୁପ୍ରବେଶ ଫଳରେ ଏମାନଙ୍କ ପାଖରେ କ୍ରମଃ ବିବର୍ତ୍ତିତ ।

ଭୂମିଜ, ତଥାପି ନିଜସ୍ୱ ସଂସ୍କୃତିର ଭିତ୍ତିଭୂମି ଉପରେ ଦଣ୍ଡାୟମାନ । ବାଚିକ ପରମ୍ପରାରେ ଏମାନେ ଗୋଷ୍ଠୀ ସ୍ୱାତନ୍ତ୍ର୍ୟ ରକ୍ଷା ଦିଗରେ ନମନୀୟ ହେଲେ ହେଁ ଯେଉଁ ଗୋଷ୍ଠୀ ସହ ମିଶନ୍ତି, ତାଙ୍କର ପରମ୍ପରାକୁ ନିଜସ୍ୱ ଶୈଳୀରେ ଅଙ୍ଗୀଭୂତ କରାଇବାରେ କୁଣ୍ଠିତ ହୁଅନ୍ତି ନାହିଁ । ସଂସ୍କୃତିପ୍ରେମୀ ଭୂମିଜ ଜନଜାତିର ସାଂସ୍କୃତିକ ଧାରା ଯଦିଓ ଧର୍ମଭିତ୍ତିକ ତଥାପି ସଙ୍ଗୀତକୁ ଏମାନେ ଖୁବ୍ ଆପଣେଇ ଥାଆନ୍ତି । ଜୀବନର ସୁଖ, ଦୁଃଖ, ସମସ୍ୟା, ଆବେଗ ତଥା ପ୍ରକୃତି - ସବୁକିଛିର ନିଛକ ରୂପ ଭୂମିଜ ଲୋକ ସଙ୍ଗୀତରେ ପ୍ରତିବିମ୍ବିତ ହୋଇଥାଏ । ଭୂମିଜର ଏହି ପରମ୍ପରାକୁ ଆଧାର କରି ସେମାନଙ୍କର କେତୋଟି ନିର୍ଦ୍ଦିଷ୍ଟ ବିଭାବ ଉପରେ ଆଲୋଚନା ଉଦ୍ଦେଶ୍ୟରେ ଭୂମିଜ ପରମ୍ପରା ପରିକଳ୍ପିତ ।

ପୁସ୍ତିକା ପ୍ରାରମ୍ଭରେ ଭୂମିଜ ଗୋଷ୍ଠୀ ଏବଂ ସେମାନଙ୍କର ପରିଚିତି ଉପରେ ସମ୍ୟକ୍ ଧାରଣା ଦିଆଯାଇଛି । ମଣିଷର ଜୀବନ ଧାରଣର ମୁଖ୍ୟ ଆଧାର ହେଲା ଖାଦ୍ୟ । ଖାଦ୍ୟ ବିନା ବଞ୍ଚିବା ଯେପରି ଅସମ୍ଭବ, ସେହିପରି ଖାଦ୍ୟ ପରମ୍ପରାକୁ ନେଇ ସଂସ୍କୃତି ମଧ୍ୟ ଗତିଶୀଳ । ସେ ସାଧାରଣ ଖାଦ୍ୟ ହେଉ ଅବା ବିଶେଷ ଅବସରରେ ରନ୍ଧାଯାଉଥିବା ଖାଦ୍ୟ ହେଉ । ଏହାଛଡା ଖାଦ୍ୟ ପ୍ରସ୍ତୁତି, ଖାଦ୍ୟସେବନ ବିଧି, ଖାଦ୍ୟର ବ୍ୟାବହାରିକ ମୂଲ୍ୟ ଏବଂ ଖାଦ୍ୟ ସମ୍ପୃକ୍ତ ସାମାଜିକ ଓ ଧାର୍ମିକ ମୂଲ୍ୟବୋଧ ଏହି ପରିଚ୍ଛେଦର ଅନ୍ୟତମ ଆକର୍ଷଣ । ପ୍ରତ୍ୟେକ ଆଦିବାସୀ ସମାଜ ଓ ସଂସ୍କୃତି ସହିତ

ପାନୀୟର ସମ୍ପର୍କ ଖୁବ୍ ନିବିଡ଼ । ଭୂମିଜ ସମ୍ପ୍ରଦାୟରେ ମଧ୍ୟ ଏହି ବ୍ୟବସ୍ଥାର ଗୁରୁତ୍ୱ ଅପରିହାର୍ଯ୍ୟ । ଏହା କେବଳ ପାନୀୟ ହିସାବରେ ନୁହେଁ, ଖାଦ୍ୟର ବିକଳ୍ପ ଭାବରେ ମଧ୍ୟ ଗ୍ରହଣୀୟ । ପାନୀୟ ପରିଚ୍ଛେଦରେ ଭୂମିଜ ସମ୍ପ୍ରଦାୟରେ ପାନୀୟ ଉତ୍ପତ୍ତି ସମ୍ପର୍କିତ ଏକ ରସାଳ କିମ୍ବଦନ୍ତୀ ଠାରୁ ଆରମ୍ଭ କରି ପାନୀୟର ପ୍ରକାରଭେଦ, ପ୍ରସ୍ତୁତି ପ୍ରଣାଳୀ, ଉପାଦେୟତା ତଥା ବିଭିନ୍ନ ପୂଜାପାର୍ବଣ ସହିତ ପାନୀୟର ସମ୍ପର୍କ ବିଷୟରେ ଅବତାରଣ କରାଯାଇଛି ।

ଜୀବନରେ ଯୌବନାବସ୍ଥା ହେଉନ୍ତି ଏକ ବିଶେଷ ସୋପାନ । ଏହି ସୋପାନର ଅନ୍ୟତମ ବିଶିଷ୍ଟ ପାବର୍ଚ୍ଚ ହେଉଛି ବିବାହ । ବିଶେଷତଃ ଆଦିବାସୀ ସମାଜରେ ଝିଅର ଭୂମିକା ବେଶ୍ ମହତ୍ୱପୂର୍ଣ୍ଣ । ଭୂମିଜ ସମ୍ପ୍ରଦାୟରେ ଝିଅର ଆଦର ଓ ସମ୍ମାନ ଯଥେଷ୍ଟ । କନ୍ୟା, ପିତା ପାଇଁ ବୋଝ ନୁହେଁ ବରଂ ଆଶୀର୍ବାଦ । ବିବାହରେ କନ୍ୟାସୁନା ବା ଗନମ୍ ଅଦ୍ୟାବଧି ପ୍ରଚଳିତ । ଆଧୁନିକ ଭୂମିଜ ସମାଜରେ ମଧ୍ୟ ଏହି ଗନମ୍ ପ୍ରଥାର ଗୁରୁତ୍ୱ ରହିଛି । ତୃତୀୟ ପରିଚ୍ଛେଦ ଭୂମିଜମାନଙ୍କ ଉପରୋକ୍ତ କନ୍ୟାସୁନା ପଦ୍ଧତିକୁ ନେଇ ପୁଷ୍ଟ । ଚତୁର୍ଥ, ପଞ୍ଚମ ଓ ଷଷ୍ଠ ଅଧ୍ୟାୟରେ ଯଥାକ୍ରମେ ପର୍ବପର୍ବାଣୀ, କୃଷି ଓ ବନଜାତ ଦ୍ରବ୍ୟ ସଂଗ୍ରହ ପଞ୍ଜିକା ଉପସ୍ଥାପିତ କରାଯାଇଛି । ଚତୁର୍ଥ ପରିଚ୍ଛେଦ ଭୂମିଜ ପର୍ବପର୍ବାଣୀ ପରମ୍ପରାକୁ ନେଇ ପୁଷ୍ଟ । ଭୂମିଜ ସମାଜ ବ୍ୟବସ୍ଥାରେ ପର୍ବପର୍ବାଣୀର ସ୍ଥାନ ସ୍ୱତନ୍ତ୍ର ତେଣୁ ବର୍ଷସାରା ଅନୁଷ୍ଠିତ ପର୍ବପର୍ବାଣୀର ଏକ ସାରଣୀ ଓ ତତ୍ ସମ୍ପୃକ୍ତ ବିଧିବିଧାନର ଏକ ସଂକ୍ଷିପ୍ତ ତାଲିକା ଏହି ପରିଚ୍ଛେଦକୁ ପୁଷ୍ଟ କରିଛି । ଆଲୋଚନାର ସପ୍ତମ ଅଧ୍ୟାୟ ଶ୍ରମ ସମବାୟ । ସମାଜକୁ ଏକତାର ସୂତ୍ରରେ ବାନ୍ଧି ରଖିବାର ମୂଳ ମନ୍ତ୍ରଟି ହେଲା : ସହଯୋଗ । ସହଯୋଗ ଭିତ୍ତିରେ ସାମାଜିକ ବ୍ୟବସ୍ଥା ଶୃଙ୍ଖଳିତ ଓ ନମନୀୟ । ମଣିଷର ସାମାଜିକ ଅବବୋଧ ଏଥିରୁ ସୁସ୍ପଷ୍ଟ । ଭୂମିଜ ସମ୍ପ୍ରଦାୟରେ ଏହା କିପରି ବ୍ୟବସ୍ଥିତ ତାହାର ସମ୍ୟକ ବିଶ୍ଳେଷଣ ଏହି ପରିଚ୍ଛେଦର ମୁଖ୍ୟ ବିଷୟ । ଆଲୋଚନାର ଅଷ୍ଟମ ଅଧ୍ୟାୟ ହେଉଛି ପାରମ୍ପରିକ ଗ୍ରାମସଭା । ମଣିଷ ଯେତେବେଳେ ଐକ୍ୟବଦ୍ଧ ଜୀବନଯାପନ ଆରମ୍ଭ କରିଛି ଏବଂ ଶୃଙ୍ଖଳିତ ହେବାକୁ ଲାଗିଛି ସେହି ସମୟରୁ ସେ ଗ୍ରାମସଭାର ପରିକଳ୍ପନା କରିଛି । ତାହା ନିଜକୁ ସମାଜକୁ ତଥା ଗ୍ରାମକୁ

ଶୃଙ୍ଖଳିତ ଓ ସୁରକ୍ଷିତ ରଖିବା ପାଇଁ ଗ୍ରାମସଭାର ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ । ଏଥିରେ ପାରମ୍ପରିକ ଗ୍ରାମସଭାର ଗଠନ, ସଦସ୍ୟ ମାନଙ୍କର ବ୍ୟକ୍ତିତ୍ୱ, ପୃଷ୍ଠଭୂମି, ଯୋଗ୍ୟତା ଓ ନିର୍ବାଚନ ପ୍ରଣାଳୀ, ନିର୍ବାଚିତ ସଦସ୍ୟ ମାନଙ୍କର କାର୍ଯ୍ୟକଳାପ, ଗ୍ରାମସଭାରେ ବିଚାର କରାଯାଉଥିବା ବିଭିନ୍ନ ପ୍ରକାର ମାମଲା, ଏହାର ନିଷ୍ପତ୍ତି ପ୍ରଣାଳୀ, ଦଣ୍ଡବିଧି ଓ ପରିବର୍ତ୍ତିତ ବ୍ୟବସ୍ଥା ବିଷୟରେ ଆଲୋକପାତ କରାଯାଇଛି । ପରବର୍ତ୍ତୀ ଅଧ୍ୟାୟରେ ଯାଦୁଧର୍ମୀୟ କାର୍ଯ୍ୟନିର୍ବାହୀଙ୍କ ଗ୍ରାମସ୍ତରରେ ଦିହୁରୀଙ୍କୁ କିପରି ବଛାଯାଏ ବା ଉତ୍ତରାଧିକାର ସୂତ୍ରରେ ପଦ ଅଧିକାର କରିବା ବିଷୟରେ ବର୍ଣ୍ଣନା କରାଯାଇଛି । ତାଙ୍କର ବ୍ୟକ୍ତିତ୍ୱ, ପୃଷ୍ଠଭୂମି ଓ ସ୍ୱତନ୍ତ୍ର ଗୁଣବତ୍ତା, ସ୍ୱତନ୍ତ୍ର ତାଲିମ୍ ବ୍ୟବସ୍ଥା ତାଙ୍କ ଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟାବଳୀ କାର୍ଯ୍ୟନିର୍ବାହୀମାନଙ୍କ ପ୍ରତି ଲୋକମାନଙ୍କର ମନୋଭାବ, ସମ୍ମାନ, ଶ୍ରଦ୍ଧା ଓ ଆଚରଣଗତ ଆଦର୍ଶ, ବେଶଭୁଷା, ପାଉଣା ଓ ସ୍ୱତନ୍ତ୍ର ଉପହାର ବିଭିନ୍ନ ମାମଲାର ନିଷ୍ପତ୍ତି ପ୍ରକ୍ରିୟା ଆଦି ଏହି ଅଧ୍ୟାୟରେ ବର୍ଣ୍ଣନା କରାଯାଇଛି । ଏହାବ୍ୟତୀତ ତାନ୍ତ୍ରିକ ବା ଗୁଣିଆର ବ୍ୟକ୍ତିତ୍ୱ ଓ କାର୍ଯ୍ୟକଳାପ ଓ ତାଙ୍କ ବିଷୟରେ ସବିଶେଷ ବର୍ଣ୍ଣନା କରାଯାଇଛି । ଏହା ସହତ ନେତାଙ୍କ ପ୍ରତି ସମ୍ମାନବୋଧ, ପୂଜାପାଠ ପାଇଁ ଆବଶ୍ୟକ ଉପକରଣ, ପୂଜାପାଠ ଓ କର୍ମକାଣ୍ଡ ପଦ୍ଧତି ଏବଂ ବର୍ତ୍ତମାନଧାରା ଓ ପରିବର୍ତ୍ତନ ବିଷୟରେ ଉଲ୍ଲେଖ କରାଯାଇଛି । ଦଶମ ଅଧ୍ୟାୟରେ ବସତି ପଦ୍ଧତି ତଥା ଗ୍ରାମର ଅବସ୍ଥିତି, ଧାରଣା ଉତ୍ପତ୍ତି ଏବଂ ଅନୁଷ୍ଠିତ କାର୍ଯ୍ୟବିଧି ଉପରେ ଆଲୋଚନା କରାଯାଇଛି । ଗ୍ରାମର ବସତି ନମୁନା ସହ ଅନ୍ୟାନ୍ୟ ଆନୁସଙ୍ଗିକ ବ୍ୟବସ୍ଥା ଯଥା ଗ୍ରାମ ସମ୍ପୃକ୍ତ ଯୋଗାଯୋଗ ବ୍ୟବସ୍ଥା, ଗାଁର ପରିବେଶ, ଗ୍ରାମର ଭିତରେ ଓ ବାହାରେ ଥିବା ବିଭିନ୍ନ ପାରମ୍ପରିକ ସୁରକ୍ଷା ବ୍ୟବସ୍ଥା ଇତ୍ୟାଦି ବିଷୟ ଏହି ଅଧ୍ୟାୟରେ ବର୍ଣ୍ଣନା କରାଯାଇଛି । ଏକାଦଶ ଅଧ୍ୟାୟରେ ଭୂମିଜ ମାନଙ୍କର ଅଡାଃ(ବାସଗୃହ) ସମ୍ପର୍କରେ ବିଶେଷ ସୂଚନା ଦିଆଯାଇଛି । ଏଥିରେ ବାସଗୃହ ଓ ଅନ୍ୟାନ୍ୟ ସ୍ୱତନ୍ତ୍ର ଗୃହର ଗଠନ ଆକୃତି, ନିର୍ମାଣ ବ୍ୟବହାର ଗୃହ ସମ୍ବନ୍ଧୀୟ ପବିତ୍ରତା ଓ ଅପବିତ୍ରତା, ଇନ୍ଦିରା ଆବାସ ଯୋଜନାର ଗୁରୁତ୍ୱ, ଆଧୁନିକ ଗୃହର ସମସ୍ୟା ଇତ୍ୟାଦି ବିଷୟରେ ଆଲୋଚନା କରାଯାଇଛି ଦ୍ୱାଦଶ ପରିଚ୍ଛେଦରେ ପଡ଼ୋଶୀ ପ୍ରଜାତିକ ଗୋଷ୍ଠୀ ସମ୍ବନ୍ଧୀୟ ଧାରଣା, ସେମାନଙ୍କ ସହିତ ବସବାସ କରୁଥିବା ଅନ୍ୟାନ୍ୟ ପ୍ରଜାତିକ ଗୋଷ୍ଠୀ ଓ ସେମାନଙ୍କ

ସହିତ ଆର୍ଥିକ, ସାମାଜିକ, ରାଜନୈତିକ ଓ ଧାର୍ମିକ ସମ୍ପର୍କ ତଥା ବିଭିନ୍ନ ଗୋଷ୍ଠୀମାନଙ୍କ ମଧ୍ୟରେ ସୃଷ୍ଟି ହେଉଥିବା ବିବାଦ ଏବଂ ଉପଯୁକ୍ତ ବାତାବରଣ ପାଇଁ ସମ୍ଭାବିତ ପ୍ରସ୍ତାବ ଓ ପଡୋଶୀ ଗୋଷ୍ଠୀଙ୍କର ସାମ୍ପ୍ରତିକ ଭୂମିକା ସମ୍ପର୍କରେ ଆଲୋକପାତ କରାଯାଇଛି । ପରବର୍ତ୍ତୀ ଆଲୋଚନା, ପାରମ୍ପରିକ ଚାରୁ ଓ କାରୁକଳା ପର୍ଯ୍ୟାୟରେ ଭୂମିଜ ସଂସ୍କୃତିର ଏକ ପ୍ରତିଛବି ପ୍ରତିଫଳିତ ହୋଇଛି । ଶିକାର ଉପକରଣ, କୃଷି ଉପକରଣ, ମାଛଧରା ଜାଲ, ବ୍ୟକ୍ତିଗତ ଆସବାବ ପତ୍ର, ଅଳଙ୍କାର, ଭିତ୍ତିଚିତ୍ର ଓ ବାଦ୍ୟଯନ୍ତ୍ର ସମ୍ପର୍କରେ ଆଲୋକପାତ କରାଯାଇଅଛି । ପରବର୍ତ୍ତୀ ଅଧ୍ୟାୟରେ ବୈଦ୍ୟଙ୍କର ବ୍ୟକ୍ତିତ୍ୱ, ନିର୍ବାଚନ, ତାଲିମ, ସୃଜନଶୀଳତା, ଅଭିଜ୍ଞତା, ଦକ୍ଷତା, ଆଚାର ବ୍ୟବହାର, ସମ୍ମାନବୋଧ, ପୋଷାକ ପରିଛଦ, ସ୍ୱତନ୍ତ୍ର ସ୍ଥାନ ଓ ସେମାନେ ପାଳନ କରୁଥିବା ଉପବାସ, ନିଷେଧ ଏବଂ ତା'ର କାର୍ଯ୍ୟକଳାପ ସମ୍ପର୍କରେ ଆଲୋକପାତ କରାଯାଇଛି । ସେ ଚିହ୍ନଟ ଓ ଉପଚାର କରୁଥିବା ରୋଗବ୍ୟାଧି ଏବଂ ପ୍ରୟୋଗ କରୁଥିବା ଔଷଧ ସମୂହ ଏହି ଅଧ୍ୟାୟର ମୁଖ୍ୟ ବିଷୟ ଅଟେ ।

ଭୂମିଜ ସଂସ୍କୃତିର ମହାର୍ଘ ସମ୍ପଦା ଅଦ୍ୟାବଧି ଲୋପ ପାଇନାହିଁ । ତେଣୁ ଏକ ସଂସ୍କୃତି ସମ୍ପନ୍ନ ଜନଜାତି ଭାବରେ ଭୂମିଜ ସମ୍ପ୍ରଦାୟ ନିଜର ଅବକ୍ଷୟ ମୁଖୀ ପରମ୍ପରାକୁ ଉଜ୍ଜିବୀତ ନରଖିଲେ, ତାହା ଯେ କାଳଗର୍ଭରେ ବିଲୀନ ହେବ ନିଃସନ୍ଦେହ । ଭୂମିଜ ପରମ୍ପରା ଏହାର ଏକ କ୍ଷୁଦ୍ର ପ୍ରୟାସ ମାତ୍ର ।

❑❑❑

# ଖାଦ୍ୟାଭ୍ୟାସ

ଜୀବନ ଧାରଣ ପାଇଁ ଖାଦ୍ୟ ହେଉଛି ଅତ୍ୟାବଶ୍ୟକୀୟ ଉପାଦାନ । ପ୍ରତ୍ୟେକ ଜୀବ ଜନ୍ମ ହେଲା କ୍ଷଣି ପ୍ରାକୃତିକ ପ୍ରକ୍ରିୟାରେ ଖାଦ୍ୟ ଗ୍ରହଣ କରିଥାଆନ୍ତି । ସେହିପରି ମନୁଷ୍ୟ ସନ୍ତାନ ଖାଦ୍ୟ ପାଇଁ ରୋଦନ କରେ । ଏହା ସୃଷ୍ଟିର ସ୍ୱାଭାବିକ ଧାରା । ମଣିଷ ଅସାମାଜିକ ଭାବରେ ଯାଯାବର ଜୀବନ ବିତାଉଥିବାବେଳେ ଖାଦ୍ୟର କୌଣସି ଗୁରୁତ୍ୱ ବୁଝି ନଥିଲା । କେବଳ ବଞ୍ଚିବା ପାଇଁ ଖାଉଥିଲା କିମ୍ବା ଖାଉଥିଲା ବୋଲି ବଞ୍ଚି ରହିଥିଲା । ଖାଦ୍ୟର କୌଣସି ପ୍ରଭେଦ ବି ତା'ପାଖରେ ନଥିଲା । ଯାହା ପାଉଥିଲା ସିଧାସଳଖ ସେହିପରି ଖାଉଥିଲା । ବନ୍ୟଜନ୍ତୁଙ୍କ କଞ୍ଚା ମାଂସ ଭକ୍ଷଣ କରୁଥିଲା । କିନ୍ତୁ ସମୟର ଗତିଶୀଳତା ଯୋଗୁଁ ମଣିଷର ବୁଦ୍ଧି-ଜ୍ଞାନ ଉଦୟ ହେଲା ଫଳରେ ସେ ଅଗ୍ନିର ବ୍ୟବହାର ଜାଣି ମାଂସ ପୋଡି ଖାଇଲା । ସଭ୍ୟତାର କ୍ରମବିକାଶ ଓ ମଣିଷର ଖାଦ୍ୟାଭ୍ୟାସ ସମ୍ପର୍କରେ ଇତିହାସ ମୂକସାକ୍ଷୀ । ଖାଦ୍ୟ ଗ୍ରହଣ ମାନବ ସମାଜର ସହଜାତ ପ୍ରବୃତ୍ତି ।

ସ୍ଥାନ-କାଳ-ପାତ୍ର କ୍ରମରେ କିନ୍ତୁ ଖାଦ୍ୟ ସେବନ ପ୍ରଣାଳୀରେ ଭିନ୍ନତା ପରିଲକ୍ଷିତ ହୁଏ । ଏକ ଗୋଷ୍ଠୀ / ସମ୍ପ୍ରଦାୟ / ସମାଜ / ଜାତି / ଦେଶ / ରାଜ୍ୟ / ଜିଲ୍ଲା / ଅଞ୍ଚଳ / ପରିବାର ମଧ୍ୟରେ ମଧ ଖାଦ୍ୟାଭ୍ୟାସରେ ପ୍ରଭେଦ ଦେଖା ଦେଇଥାଏ । ଗୋଟିଏ ପ୍ରକାର ଖାଦ୍ୟ କିମ୍ବା ଖାଦ୍ୟାଭ୍ୟାସ ସମଗ୍ର ସମ୍ପ୍ରଦାୟ ଦ୍ୱାରା ଗ୍ରହଣୀୟ ହେଉଥିବ ଏହାର କୌଣସି ଯର୍ଥାର୍ଥତା ପ୍ରମାଣ ନାହିଁ । ତଥାପି ଭୂମିଜ ସମାଜର ଆପାତତଃ ଖାଦ୍ୟସେବନ ପ୍ରଣାଳୀ ଏଠାରେ ଉପସ୍ଥାପନ କରାଯାଇପାରେ -

**ଖାଦ୍ୟ ପରମ୍ପରା :**

ଭୂମିଜ ସମ୍ପ୍ରଦାୟର ମୁଖ୍ୟ ଖାଦ୍ୟ ପଖାଳ (ପାଖାଲା ମାଡି) । ଏମାନେ ଦିନରେ ଦୁଇ କିମ୍ବା ତିନି ଥର ଖାଦ୍ୟ ଗ୍ରହଣ କରନ୍ତି । ପ୍ରତ୍ୟେକଥର ପଖାଳ ହିଁ ଖାଇ ଥାଆନ୍ତି । କେବେ କେମିତି ବନ୍ଧୁବାନ୍ଧବ ଆସିଲେ ଭାତ ରନ୍ଧା(ମାଡି) ହୁଏ । ଗୃହକର୍ତ୍ତା ବନ୍ଧୁଙ୍କ ସହିତ ଏକତ୍ର ବସି ସେମାନେ ଭାତ ଖାଆନ୍ତି । ପଖାଳ ବ୍ୟତୀତ ଭୂମିଜମାନେ ହାଣ୍ଡିଆ ମଧ ମୁଖ୍ୟ ଖାଦ୍ୟକୁ ଭାବରେ ଗ୍ରହଣ କରୁଥିବାର ଦେଖାଯାଏ । କାରଣ ହାଣ୍ଡିଆକୁ ଖାଇ ସେମାନେ ଦିନେ ଦୁଇଦିନ ପର୍ଯ୍ୟନ୍ତ ରହିପାରନ୍ତି । କେହି କେହି ସକାଳେ ହାଣ୍ଡିଆ ପିଇ କାମକୁ ବାହାରି ଯାଆନ୍ତି। ମିଳିଲେ ଦି'ପହରରେ ମଧ ହାଣ୍ଡିଆ ପିଅନ୍ତି । ସନ୍ଧ୍ୟାରେ

ଘରକୁ ଫେରି ପଖାଳ ଖାଇ ଶୋଇ ଯାଇଥାନ୍ତି । ତେଣୁ ଭୂମିଜମାନଙ୍କର ମୁଖ୍ୟ ଖାଦ୍ୟ କହିଲେ ପଖାଳ ଓ ହାଣ୍ଡିଆକୁ ବୁଝାଏ ।

ସାଧାରଣତଃ ଭୂମିଜମାନେ କୌଣସି ଗୌଣ ବା ସହକାରୀ ଖାଦ୍ୟ ଆବଶ୍ୟକ କରନ୍ତି ନାହିଁ । ସେମାନେ ସକାଳ ସନ୍ଧ୍ୟା ଦିନରେ ଦୁଇଥର – ବେଳେବେଳେ ସକାଳ, ଦି'ପହର, ସନ୍ଧ୍ୟାରେ ଦିନକୁ ତିନିଥର କେବଳ ପଖାଳ ଖାଇବାରେ ଅଭ୍ୟସ୍ତ । ଅନ୍ୟାନ୍ୟ ସହକାରୀ ଖାଦ୍ୟ ପ୍ରାୟତଃ ସେମାନେ ଗ୍ରହଣ କରନ୍ତି । କେବେ କେମିତି ବନ୍ଧୁବାନ୍ଧବ ଆସିଲେ, ପୂନେଇ ପରବରେ କିମ୍ବା କେତେବେଳେ ଇଚ୍ଛାହେଲେ ସେମାନେ ଅନେକ ପ୍ରକାର ସହକାରୀ ଖାଦ୍ୟ ପ୍ରସ୍ତୁତ କରନ୍ତି । ସେଗୁଡିକ ହେଲା – ମାଂସ ପିଠା (ଜିଲୁପିଠା), ଗେଣ୍ଡାପିଠା (ଗେଣ୍ଡାପିଠା), ଗେଣ୍ଡାଖିରୀ (ଗେଣ୍ଡାଲେଠେ), ମହୁଲ ଖିରୀ (ମାହୁକାମ୍ ଲେଠେ), ମହୁଲ ସିଝା (ମାହୁକାମ୍ ତିକି), ମହୁଲ ମୁଆଁ (ମାହୁକାମ୍ ପାଟ୍ରୁ), ପଣସ ପିଠା (କାଣ୍ଠାଳା ପିଠା), ପିଡାଆଳୁ ସିଝା (ବାଆଁଲା ତିକି), ମାଂସ ପଲାଉ (ଜିଲୁ ଲେଠେ), ମାଛ ପଲାଉ (ହାଇଲେଠେ), ତୁଙ୍ଗା ଆଳୁ ସିଝା (ତୁଙ୍ଗା ସାଙ୍ଗାତିକି) ଇତ୍ୟାଦି । ଏଥିରୁ ଅନେକ ଋତୁ ଅନୁଯାୟୀ ତିଆରି ହୋଇଥାଏ ବିଶେଷ ଭାବରେ ସେଗୁଡ଼ିକ ପର୍ବପର୍ବାଣୀ ସମୟରେ ସେମାନେ ବ୍ୟବହାର କରନ୍ତି ।

ମୁଖ୍ୟ ଖାଦ୍ୟ ସହିତ ଭୂମିଜମାନଙ୍କର ମୁଖ୍ୟ ସହାୟକ ଖାଦ୍ୟ ହେଲା ଶାଗ (ଆଳାଃ) । ଶାଗ ଭିତରେ ସଜନା ଶାଗ (ମୁନ୍‌ଗା ଆଳାଃ), ପୋଇ ଶାଗ (ଇଟୁଃ ଆଳାଃ), କୋଶଳା ଶାଗ (କଶଲା ଆଳାଃ), ନେଉଟିଆ ଶାଗ (ଲେପେର୍ ଆଳାଃ), ବୋଇତାଳୁ ଶାଗ (କାକାରୁ ଆଳାଃ), କାଞ୍ଚନ ଶାଗ (ସିଂ ଆଳାଃ), ମାଠା ଆଳାଃ, ସାରୁପତ୍ର ଶାଗ (ସାରୁ ଆଳାଃ), ପିତା ଶାଗ (ହାଲାଦ୍ ଆଳାଃ), ପାଳଙ୍ଗ ଶାଗ (ପାଳଙ୍ଗ ଆଳାଃ), ଚାକୁଣ୍ଡା ଶାଗ (ଚାକଣ୍ଡା ଆଳାଃ) ଓ ଲାଉଙ୍କ (ନରନ୍‌ତ୍ରକ ଆଳାଃ)କୁ ସେମାନେ ବ୍ୟବହାର କରନ୍ତି । ନିତିଦିନିଆ ସହାୟକ ଖାଦ୍ୟ ଭିତରେ ସେମାନେ ମୁଖ୍ୟତଃ ସଜନା ଶାଗକୁ ବ୍ୟବହାର କରନ୍ତି । ଶାଗ ବ୍ୟତୀତ ଭୂମିଜମାନେ ବିଭିନ୍ନ ପ୍ରକାର ପନିପରିବା ନିଜ ନିଜର ଘରବାଡ଼ିରେ ଚାଷ କରନ୍ତି । ଫଳରେ ସେମାନେ ପରିବା ସିଝା ତରକାରୀ କିମ୍ବା ମସଲା ଦିଆ ପରିବା ତରକାରୀ ତିଆରି କରି ଖାଆନ୍ତି । ପରିବା ଭିତରେ ବାଇଗଣ (ବେଙ୍ଗେଳା), ବିଲାତି ବାଇଗଣ (ବିଲାତି ବେଙ୍ଗେଳା), କଖାରୁ (କାକାରୁ), ବୋଇତାଳୁ (ପାଣ୍ଡେଆ), କଲରା (କାର୍ଲା), ଭେଣ୍ଡି (ଭଣ୍ଡ), ଲାଉ(ଲାଉଆ), ଜହ୍ନି (ଝିଙ୍ଗା), ଅମୃତଭଣ୍ଡା (ପପେୟା) ଖମ୍ବଆଳୁ (ଗଆସାଙ୍କା), କନ୍ଦମୂଳ (କନ୍ଦମୂଳ) ଓ କୁନ୍ଦୁରୀ

ଇତ୍ୟାଦି ଚାଷ କରନ୍ତି । ବେଳେବେଳେ ଏସବୁ ପରିବା ହାଟରୁ କିଣି ତରକାରୀ ପ୍ରସ୍ତୁତ କରି ଖାଇଥାନ୍ତି। ଋତୁ ଅନୁଯାୟୀ ବିଭିନ୍ନ ପ୍ରକାର ଛତୁ (ଉଦ୍) ପତୁଆ କରାଯାଏ। ଆହୁରି ମଧ୍ୟ କେବେ କେମିତି ମାଂସ (ଜିଲ୍ଲୁ), ମାଛ (ହାଇ), ଅକା(ପିଟାଳି) ମଧ୍ୟ ବ୍ୟବହାର କରନ୍ତି। ସେମାନେ ସାଧାରଣତଃ ପଖାଳ ଖାଉଥିବାରୁ ଡାଲି କରନ୍ତି ନାହିଁ। ବନ୍ଧୁବାନ୍ଧବ ବା ଅତିଥି କେହି ଆସିଲେ ଡାଲି ହୁଏ। ଏ ସବୁ ବାଦ୍ ପଖାଳ ସହିତ ସହାୟକ ଖାଦ୍ୟ ଭାବରେ ପିଆଜ (ପିଆଜି), ରସୁଣ (ରାସୁଣୀ), ଲଙ୍କା (ମୁର୍ଚି), ଲୁଣ (ବୁଲୁଂ), ଶୁଖୁଆ (ସୁକୁଆ) ଆଦି ସେମାନେ ବ୍ୟବହାର କରନ୍ତି । ନିଆଁରେ ପୋଡ଼ା (ରାପାଃ) ମାଂସ/ମାଛ/ଶାଗ ଆଦିର ପତୁଆ(ଲାଦ୍) ଏମାନଙ୍କର ଭାରିପ୍ରିୟ। ତେଣୁ ପଖାଳ ସହିତ ଖାଇବା ପାଇଁ ଭୂମିଜମାନେ ବିଭିନ୍ନ ପ୍ରକାର ପତୁଆ ଓ ପନିପରିବା ପୋଡା (ମୁଖ୍ୟତଃ ପାଇଗଣ) ତିଆରି କରନ୍ତି।

ଭୂମିଜ ସଂପ୍ରଦାୟର ଲୋକେ ମୁଖ୍ୟତଃ ଚାଷୀ। ସେମାନେ କୃଷିକର୍ମରେ ନିଜକୁ ନିୟୋଜିତ କରିଥାଆନ୍ତି ତଥା ବିଭିନ୍ନ କାମରେ ସବୁବେଳେ ବ୍ୟସ୍ତ ରହନ୍ତି। କିଏ କେମିତି ଚାଷସହିତ ଚାକିରୀ (ସରକାରୀ - ବେସରକାରୀ) ବ୍ୟବସାୟ, ରାଜନୀତି ମଧ୍ୟ କରୁଛନ୍ତି। ତେବେ ଯିଏ ଯେଉଁ କାମରେ ହେଲେ ମଧ୍ୟ ସକାଳେ ଖାଇଦେଇ କାମକୁ ବାହାରି ଯାଇଥାନ୍ତି। ସେହି ଅନୁସାରେ ସେମାନଙ୍କର ଖାଦ୍ୟ ଅଭ୍ୟାସ। ଦିନ ମଜୁରୀଆ ଭାବରେ କର୍ମ କରୁଥିଲେ ସୁଦ୍ଧା ଖାଦ୍ୟାଭ୍ୟାସ ସମାନ। ସକାଳ ପ୍ରାୟତଃ ୮/୯ ଟାରେ ଦାନ୍ତଘଷି ପଖାଳ ଭାତ (ପାଖାଲା/ମାଡି/ବାସୀ ମାଡି) ଏବଂ ଶୁଖୁଆ ପୋଡା (ସୁକୁଆ ରାପାଃ)ଶାଗ ଭଜା (ଆଳାଃଠେୟ), ପତୁଆ (ଲାଦ୍) କିମ୍ବା) କିଛି ନଥିଲେ ପିଆଜ, ଲୁଣ, ଲଙ୍କା ବା କିଛି ଖଟା(ଜଜ) ଖାଆନ୍ତି । ଅଧିକାଂଶ ଦିନ ସଜନା ଶାଗ ଖାଉଥିବା ବେଳେ କେହି କେହି ଖଟାଶାଗ (ଜଜଆଳାଃ) ଚାକୁଣ୍ଡା ଶାଗ (ଚାକୁଣ୍ଡା ଆଳାଃ), ସୁନୁସୁନିଆ ଶାଗ (ଚାତମ୍ ଆଳାଃ), ପିମ୍ପୁଡି ଶାଗ (ମୁୟିଃ ଆଳାଃ), କୁନ୍ଦରୀ ଶାଗ (କୁନ୍ଦରୀ ଆଳାଃ), କଳମ୍ବ ଶାଗ (କୁଲୁମ୍ବି ଆଳାଃ) ସହିତ ବାଇଗଣ/କଲରା/କୁନ୍ଦୁରା/ଜହ୍ନି ପୋଡା (ରାପାଃ) ଇତ୍ୟାଦି ସହାୟକ ଖାଦ୍ୟ ଭାବରେ ଗ୍ରହଣ କରିଥାଆନ୍ତି। ତେବେ ତରକାରୀ ଭାବରେ ବାଇଗଣ ପୋଡ଼ା ଉପରେ ଗୁରୁତ୍ୱ ଦିଆଯାଇ ଥାଏ। କେତେକ ସକାଳେ ପଖାଳ ନଖାଇ କେବଳ ହାଣ୍ଡିଆ ସେବନ ପୂର୍ବକ କାମକୁ ଯାଆନ୍ତି। ହାଣ୍ଡିଆ ସହିତ ଶୁଖୁଆ ପୋଡା କିମ୍ବା କୌଣସି ଖଟା ଚାଖଣା ହୁଏ। ଶାଗ ମଧ୍ୟ ବ୍ୟବହୃତ ହୋଇପାରେ। ମଝିରେ ମଝିରେ କଙ୍କଡା (କାଟକମ୍), ମାଛ ଓ ମାଂସ ପୋଡା, ପଖାଳ କିମ୍ବା ହାଣ୍ଡିଆ ସହିତ ଗ୍ରହଣ କରନ୍ତି।

ଭୂମିଜମାନେ ବର୍ଷର ବିଭିନ୍ନ ମାସରେ ବିଭିନ୍ନ ପର୍ବପର୍ବାଣୀ ବେଶ୍ ଆନନ୍ଦ ଉଲ୍ଲାସର ସହିତ ପାଳନ କରୁଥିବାର ଦେଖାଯାଇଥାଏ। ସେ ମଧ୍ୟରେ ମକର ପର୍ବ (ମାଗେ ପରବ୍), ରଜପର୍ବ (ରଜ ପରବ୍), ଚିତଉ ଅମାବାସ୍ୟା (ଚିତାଉ), ଗହ୍ମା ପୂର୍ଣ୍ଣିମା (ଗହ୍ମାପୁନେଇଁ), ଦଶହରା(ଦଶରା), କାଳୀ ପୂଜା(ବାନ୍ଦନା), ଶାଳେଇ ପୂଜା(ବାଆବଙ୍ଗା), ନୂଆଖିଆ (ନାଓ୍ୱାଁଜମ୍) ଇତ୍ୟାଦି ଅନ୍ୟତମ ପର୍ବପର୍ବାଣୀଗୁଡ଼ିକରେ ବିଭିନ୍ନ ପ୍ରକାର ଖାଦ୍ୟ ଭୂମିଜମାନେ ପ୍ରସ୍ତୁତ କରି ଖାଆନ୍ତି, ଏହି ସମୟରେ ମୁଖ୍ୟ ଖାଦ୍ୟ ରୂପେ ଗରମ ଭାତ (ଲଲମାଡ଼ି) ବ୍ୟବହାର କରାଯାଇଥାଏ ଏବଂ ହାଣ୍ଡିଆ ମୁଖ୍ୟତଃ ପାନୀୟ ଭାବରେ ବ୍ୟବହୃତ ହୁଏ।

ବର୍ଷ ଆରମ୍ଭରେ ମକର ପର୍ବକୁ ଭୂମିଜ ସମାଜରେ ବଡପର୍ବ ହିସାବରେ ପାଳନ କରାଯାଏ। ଏହା ପ୍ରାୟତଃ ୬/୭ ଦିନ ପର୍ଯ୍ୟନ୍ତ ପାଳିତ ହୁଏ । ବଂଧୁବାନ୍ଧବଙ୍କର ଆସିବାଯିବା ଲାଗିରହେ । ଏଥିରେ ଭାତ(ଲଲ ମାଡ଼ି), ମାଂସ(ଜିଲୁ), ହାଣ୍ଡିଆ(ଇଲି), ଭୁଜା(ଭୁଜା), ଚୂଡ଼ା(ଡାବେନ୍), ଗୁଡ଼(ଗୁଲ୍), ଚିନି(ଚିନି), ମାଂସ ପିଠା(ଜିଲୁଲାଟ୍), ସିଝା ପିଠା(ତିକିଲାଟ୍), ଆରିଷା ପିଠା(ଛାକାଅଲାଟ୍) ଇତ୍ୟାଦି ପ୍ରସ୍ତୁତ କରାଯାଇଥାଏ ।

ରଜ ପର୍ବ ମଧ ଅନୁରୂପ ୬/୭ ଦିନ ପର୍ଯ୍ୟନ୍ତ ଆଡ଼ମ୍ବର ସହକାରେ ଭୂମିଜମାନେ ପାଳନ କରନ୍ତି । ଏଥିରେ ଭାତ(ଜାଗୁମାଡ଼ି), ମାଂସ, ହାଣ୍ଡିଆ, ମୁଢ଼ି, ପଣସ(ପଣସ), ଗେଣ୍ଡା ପିଠା, ଗେଣ୍ଡା ପୁତୁଆ(ଗେଣ୍ଡାପଟମ୍) ଇତ୍ୟାଦି ପ୍ରସ୍ତୁତ କରାଯାଏ ।

ଗହ୍ମା ଏବଂ ଚିତଉ ଅମାବାସ୍ୟାରେ ଭାତ, ମାଂସ, ହାଣ୍ଡିଆ, ଗେଣ୍ଡା ପିଠା, ତାଳପିଠା(ତାଲ୍‌ପିଠା) ଇତ୍ୟାଦି ହୁଏ ।

ଦଶହରା ପର୍ବରେ ଭାତ, ମାଂସ, ହାଣ୍ଡିଆ, ମଦ(ଆର୍‌କି) ଇତ୍ୟାଦି ଖୁବ୍ ବ୍ୟବହାର କରନ୍ତି । ସେହି ପରି କାଳୀ ପୂଜାରେ ଭାତ, ମାଂସ, ହାଣ୍ଡିଆ ସହିତ ମାଂସ ଖିରୀ ପ୍ରସ୍ତୁତ କରାଯାଏ । ଶାଳପୂଜା ପର୍ବ ଦିନ ଭାତ, ମାଂସ, ହାଣ୍ଡିଆ, ମଦ ଏବଂ ସିଝା ପିଠା ପ୍ରସ୍ତୁତ କରି ଖାଆନ୍ତି ।

ଭୂମିଜମାନେ ପର୍ବପର୍ବାଣି ଗୁଡିକରେ ପ୍ରାୟତଃ ପନିପରିବା ତରକାରୀ ଉପରେ ଜମାରୁ ଗୁରୁତ୍ୱ ଦିଅନ୍ତି ନାହିଁ । ଦୈନନ୍ଦିନ ଜୀବନରେ ଖାଦ୍ୟାଭାସ ଏହି ସମୟରେ ବ୍ୟାହତ ହୁଏ । ପଖାଳ ଓ ଶାଗ ସେତେବେଳେ ଆଉ ରୁଚିକର ବୋଧ ହୁଏ ନାହିଁ ।

ପଖାଳ ଯେ ଖାଆନ୍ତି ନାହିଁ ତା ନୁହେଁ କିନ୍ତୁ ସକ୍ଷମ ଅନୁସାରେ ସମସ୍ତେ ଭାତ, ମାଂସ ଓ ହାଣ୍ଡିଆ ଉପରେ ଗୁରୁତ୍ୱ ଆରୋପ କରନ୍ତି । ଗରିବ ହେଲେ ମଧ୍ୟ ସଂଚିତ ଧନ ପର୍ବପର୍ବାଣି ଦିନମାନଙ୍କରେ ବ୍ୟୟ କରାଯାଏ । କୌଣସି ପ୍ରକାର ପିଠା କିମ୍ବା ମୁଢ଼ି, ଚୂଡ଼ା, ମଦ ଆଦି ହେଉ ବା ନହେଉ; ଭାତ, ମାଂସ, ହାଣ୍ଡିଆ ଅତି ·ଜରୁରି ବୋଲି ଭୂମିଜମାନେ ଗ୍ରହଣ କରିଥାଆନ୍ତି ।

ଭୂମିଜ ସଂପ୍ରଦାୟରେ ସାଧାରଣତଃ ଶିଶୁ ଜନ୍ମ ହେବା ପରଠାରୁ ଅତି କମ୍‌ରେ ଛଅ ମାସ ପର୍ଯ୍ୟନ୍ତ ମା' କ୍ଷୀର ବ୍ୟତୀତ ଅନ୍ୟ କୌଣସି ଖାଦ୍ୟ ପ୍ରାୟତଃ ଦିଆଯାଏ ନାହିଁ। ତା'ପରେ ଝାଡା ପରିଷ୍କାର ଏବଂ ଖାଦ୍ୟ ହଜମ ହେବା ପାଇଁ ଉଷୁନା ଚାଉଳ ସହିତ ଏକ ପ୍ରକାର ଔଷଧ ଜାତୀୟ ଶାଗ(ଲପୁଆଲାଃ) ବାଟି ପିଠା ପ୍ରସ୍ତୁତ କରାଯାଏ । ଏହି ପିଠା ହିଁ ଖାଇବାକୁ ଦିଆଯାଇଥାଏ। ଦାନ୍ତ ଉଠିବା ପରେ ଗରମ ଭାତକୁ ଚକଟି ଦୈନିକ ସକାଳ ବେଳା ଖାଇବାକୁ ଦିଅନ୍ତି। ଶିଶୁଟି ଭାତ ଖାଇପାରିବା ମୁତାବକ ହୋଇଗଲେ ତାକୁ ଗରମ ଭାତ (ଜାଗୁ ମାଡି), ଗରମ ପଖାଳ (ଲଇଦାଃ ମାଡି), ଡାଲି (ଦାହାଲି), ଉଷୁନା ଚାଉଳର ପୋଡପିଠା (ତିକି ଚାଉଲି ରାପାଃ ପିଠା), ଖିରୀ (ଲେଠି) ଇତ୍ୟାଦି ଖୁଆଇ ଥାଆନ୍ତି। ତା'ପରେ ଆସ୍ତେ ଆସ୍ତେ ବୟସ ବଢ଼ିଲେ ଭୂମିଜମାନଙ୍କର ସାଧାରଣ ଖାଦ୍ୟ, ପିଲା ଖାଇପାରେ।

ଗର୍ଭବତୀ ମହିଳାମାନେ ପ୍ରାୟତଃ ସବୁ ପ୍ରକାର ଖାଦ୍ୟ ଖାଇପାରନ୍ତି । ସେମାନଙ୍କ ପାଇଁ ଖାଦ୍ୟରେ କୌଣସି ପ୍ରକାର ବାରଣ ନଥାଏ। ତେବେ ସାଧାରଣ ଖାଦ୍ୟ ସହିତ ଖଟା ମଧ୍ୟରେ ଓଉ (ଅଉ) ଓ ତେନ୍ତୁଳି (ଜଜ) ଓ ଶାଗ ମଧ୍ୟରେ ଲେଉଟିଆ ଶାଗ (ଲେପେର୍ ଆଳାଃ), କଳମ ଶାଗ (କୁଲୁମ୍ବିଆଳାଃ), ଲାଉ ଶାଗ (ଲାଉଆ ଅଳାଃ), ସଜନା ଶାଗ (ମୁନ୍‌ଗା ଅଳାଃ), ଖଟା ଶାଗ (ଜଜ ଅଳାଃ) ଇତ୍ୟାଦି ଖାଇଥାଆନ୍ତି। ଏହାବ୍ୟତୀତ ପଣସ (କାଣ୍ଟାଳ) ଆଦି ସମସ୍ତ ପ୍ରକାର ଫଳ ଏବଂ ଡାଲି (ଦାହାଲି) ପ୍ରଭୃତି ଖାଇବାରେ କୌଣସି ନିଷେଧ ନଥାଏ। ତେବେ ଗର୍ଭବତୀ ସମୟରେ ଖାଦ୍ୟ ଗ୍ରହଣ ଉପରେ ବିଶେଷ ଗୁରୁତ୍ୱ ଦିଆଯାଏ।

ପ୍ରସୂତୀ ମହିଳାମାନଙ୍କ ପାଇଁ କିନ୍ତୁ କେତେକ ସ୍ୱତନ୍ତ୍ର ଖାଦ୍ୟ ଯୋଗାଇ ଦିଆଯାଏ। ସନ୍ତାନ ପ୍ରସବ ପରେ ତିନିଦିନ ପର୍ଯ୍ୟନ୍ତ କରଞ୍ଜ ଛାଲିର ରସ (କରଞ୍ଜ ଦାଆ) ପାନ କରିବାକୁ ଦିଆଯିବା ସହିତ କୋଳଥ ସିଝା (କୁଳତ ଡିକି) ଖାଇବାକୁ

ଦିଆଯାଇଥାଏ। ଏହି ସମୟରେ ଖଟା ବା ବାସୀ ପଖାଳ ସେମାନେ ଖାଆନ୍ତି ନାହିଁ। କେବଳ ଗରମ ଭାତ (ଲଲ ମାଡି) ସହିତ ରସୁଣ (ରାସୁଣୀ) ପାଞ୍ଚ ଦିନ ଦିଆଯାଏ। ଏହାଦ୍ୱାରା ପ୍ରସୂତୀ ମହିଳାର ଶରୀର ଗରମ ରହେ ଓ ସେ ଶୀଘ୍ର ସୁସ୍ଥ ହୋଇପାରେ। ପାଞ୍ଚ ଦିନ ପରେ ଗରମ ଭାତ ଦିଆଗଲେ ମଧ୍ୟ ବେଳେ ବେଳେ ଗରମ ପଖାଳ ପ୍ରସୂତୀ ଖାଇଥାଏ। ତେବେ ପିଲାର ଏକୋଇଶା ପରେ ପ୍ରସୂତୀ ମହିଳା ସାଧାରଣ ଖାଦ୍ୟ ଖାଏ। ହେଲେ ଅତି ଖଟା ପଖାଳ କିମ୍ବା ଖଟା ଜାତୀୟ ଖାଦ୍ୟ ବିଶେଷ ଭାବରେ ଗ୍ରହଣ କରିବାକୁ ମନା କରାଯାଇଥାଏ। କାରଣ ଶିଶୁଟି ମା' କ୍ଷୀର ଖାଉଥିବାରୁ, ଅତ୍ୟଧିକ ଖଟା ପିଲାର କ୍ଷତି ପହଂଚାଇ ପାରେ। ପ୍ରସୂତି ମହିଳା ମଧ ଅସୁସ୍ଥ ହେବାର ସମ୍ଭାବନା ଥାଏ । ଏତଦ୍‌ବ୍ୟତୀତ ପ୍ରସୂତୀ ମହିଳାକୁ ଡାଲି (ଦାହାଲି), ବାଇଗଣ (ବେଙ୍ଗାଲ୍), ଆଳୁ (ଗୋଲାଲୁ), ଅମୃତଭଣ୍ଡା(ପପେୟା), ମାଛମାଂସ (ହାଇଜିଲୁ), ସଜନାଶାଗ (ମୁନ୍‌ଗା ଆଳାଃ), ପାଳଙ୍ଗଶାଗ (ପାଲଙ୍ଗ ଆଳାଃ), ଲାଉଶାଗ (ଲାଉଆ ଆଳାଃ), ପିତାଶାଗ (ମାର୍‌ଗ ଆଲାଃ), କୋଶଲା ଶାଗ (କଶଲା ଆଳାଃ) ଇତ୍ୟାଦି ଖାଇବାକୁ ଦିଆଯାଇଥାଏ। ସେହିପରି କମଳା (ଜାମ୍ବିରା), ପିଜୁଳି(ପେଲା), କେନ୍ଦୁ (ତିରିଲ୍), ଚାରକୋଳି (ତାରବ୍), ରାଜବିଜି କୋଳି(ରାଜଆଲ୍), ତାଳ (ତାଲ୍), ଆମ୍ବ (ଉଲି), ପଣସ (ପଣସ) ଆଦି ଫଳ ମଧ୍ୟ ପ୍ରସୂତୀ ମହିଳା ଖାଇପାରେ, ତଥାପି ଶିଶୁର ସ୍ୱାସ୍ଥ୍ୟାବସ୍ଥାକୁ ଲକ୍ଷ୍ୟ କରି ପ୍ରସୂତୀ ମହିଳାଟି ଖାଦ୍ୟଗ୍ରହଣ କରିଥାଏ।

ଅନେକ ସମୟରେ ଭୂମିଜ ସମାଜ ଖାଦ୍ୟ ଉପରେ କଟକଣା ଜାରି କରେ। ଅବଶ୍ୟ ଏହା ବ୍ୟକ୍ତି ଓ ସମୟ ଉପରେ ନିର୍ଭର କରିଥାଏ। ସାଧାରଣତଃ ଗର୍ଭବତୀ ସ୍ତ୍ରୀମାନଙ୍କୁ ପୋଇଶାଗ (ଇଟୁଃ ଆଳାଃ), ବୋଇତାଳୁ ଶାଗ (କାକାରୁ ଆଳାଃ), ମେଣ୍ଢା ମାଂସ (ମିଡିଜିଲୁ), ବାର୍‌ହା ମାଂସ (ବିର ସୁକୁରୀ ଜିଲୁ), ଗୟଳ ମାଂସ (ସାଇଲ୍ ଜିଲୁ) ଇତ୍ୟାଦି ଖାଦ୍ୟ ଦ୍ରବ୍ୟ ଖାଇବାରେ ନିଷେଧ ଥାଏ। ସେହିପରି ପ୍ରସୂତୀ ମହିଳାମାନଙ୍କୁ ମେଣ୍ଢାମାଂସ (ମିଡିଜିଲୁ), ଗୟଳ ମାଂସ (ସାଇଲ୍ ଜିଲୁ), ପୋଇ ଶାଗ (ଇଟୁଃ ଆଳାଃ), ଲଙ୍କା (ମୁର୍ଚି), ଚିଙ୍ଗୁଡି ମାଛ (ଇଚାଃ ହାଇ) ଇତ୍ୟାଦି ଖାଇବାକୁ ବାରଣ କରାଯାଏ। ଛୋଟ ପିଲାମାନଙ୍କୁ ବାସୀ ପଖାଳ (ବାସୀମାଡି), ଲଙ୍କା (ମୁର୍ଚି) ହାଣ୍ଡିଆ (ଇଲି), ମାଛ ମାଂସ (ହାଇଜିଲୁ), ବୋଇତାଳୁ (କାକାରୁ) ଇତ୍ୟାଦି ଖାଇବା ପାଇଁ ଦିଆଯାଏ ନାହିଁ।

କାଳୀପୂଜାରେ (ବାନ୍ଦନା ବଙ୍ଗା) ରଙ୍ଗୁଆ କୁକୁଡ଼ା (ରାଙ୍ଗିଆ ସାଣ୍ଡି)ର ବଳି ମାଂସ ମହିଳାମାନେ ଖାଇ ପାରନ୍ତି ନାହିଁ। ଜାହିରା ପୂଜା(ଗରାମ୍ ବଙ୍ଗା)ରେ ବଳି ପଡୁଥିବା କୁକୁଡ଼ା, ବୋଦା (ସିମ୍ /ବାଦାଜିଲ୍ଲୁ) ଆଦିର ମାଂସ ଗର୍ଭବତୀ ମହିଳା, ପ୍ରସୂତୀ ମହିଳା ଏବଂ ଅବିବାହିତା ବାଳିକାମାନଙ୍କ ଖାଇବା ପାଇଁ ନିଷେଧ କରାଯାଇଥାଏ। ଗର୍ଭବତୀ ସ୍ତ୍ରୀର ସ୍ୱାମୀ ମଧ୍ୟ ଜାହିରା ପୂଜାର ବଳି ମାଂସ ଖାଏ ନାହିଁ। ଏହା ବାଦ୍ କୌଣସି ପୂଜା ପାଠ ପୂର୍ବରୁ ଧର୍ମୀୟ କର୍ମକର୍ତ୍ତା /ଭକ୍ତମାନେ ଆମିଷ ଭକ୍ଷଣ କରନ୍ତି ନାହିଁ। ବିବାହ ଦିବସରେ ବରକନ୍ୟା ଓ ଉଭୟଙ୍କର ପିତାମାତା ବିବାହ କାର୍ଯ୍ୟ ଶେଷ ନ ହେବା ପର୍ଯ୍ୟନ୍ତ କୌଣସି ପ୍ରକାର ଖାଦ୍ୟ କିମ୍ବା ପାନୀୟ ଗ୍ରହଣ କରନ୍ତି ନାହିଁ।

ନିରାମିଷ ଓ ଆମିଷ ଉଭୟ ପ୍ରକାର ଖାଦ୍ୟ ଭୂମିଜମାନେ ଖାଆନ୍ତି । ତେବେ ନିରାମିଷ ଖାଦ୍ୟଠାରୁ ଆମିଷ ଖାଦ୍ୟ ସେମାନଙ୍କୁ ଅଧିକ ରୁଚିକର ହୋଇଥାଏ । ଆମିଷ ଖାଦ୍ୟ ଅଧିକ ପୁଷ୍ଟିକର ତଥା ଶକ୍ତି ବର୍ଦ୍ଧକ ବୋଲି ସେମାନେ ବିଶ୍ୱାସ କରନ୍ତି । ସେଥିପାଇଁ ଅଧିକାଂଶ ଭୂମିଜ, ଘରେ ଛେଳି, ମେଣ୍ଢା, କୁକୁଡ଼ା, ବତକ ଆଦି ପାଳନ କରୁଥିବାର ଦେଖାଯାଏ । ସାଧାରଣ ଭାବେ ବିଭିନ୍ନ ପଶୁ-ପକ୍ଷୀଙ୍କ ମାଂସ, ମାଛ, ଅଣ୍ଡା, କଙ୍କଡା, ଗେଣ୍ଡା, କୁଚିଆ, ଆଦି ଆମିଷ ଖାଦ୍ୟ ରୂପେ ଗ୍ରହଣ କରାଯାଇଥାଏ । ଭୂମିଜମାନେ ସମସ୍ତ ପ୍ରଜାତିର ମାଛ(ହାଇ) ଖାଇଥାଆନ୍ତି । ମାଂସ ମଧ୍ୟରେ ଛେଳି ମାଂସ(ମେରମ୍ ଜିଲ୍ଲୁ), କୁକୁଡ଼ା ମାଂସ(ସିମ୍ ଜିଲ୍ଲୁ), ବାରହା ମାଂସ (ବିରଶୁକୁରୀ ଜିଲ୍ଲୁ), କୁଟୁରା ମାଂସ(ସିଲାବ୍ ଜିଲ୍ଲୁ), ହରିଣ ମାଂସ(ସାରାମ୍ ଜିଲ୍ଲୁ), ମୟୂର ମାଂସ(ମାରାଏ ଜିଲ୍ଲୁ), ଠେକୁଆ ମାଂସ(କୁଲାଇ ଜିଲ୍ଲୁ), ମେଣ୍ଢା ମାଂସ(ମିଡ଼ି ଜିଲ୍ଲୁ), ବତକ ମାଂସ(କଡ଼୍ ଜିଲ୍ଲୁ), ମୂଷା ମାଂସ, ଗୁଣ୍ଡୁଚି ମୂଷା ମାଂସ(ତୁଳ୍ ଜିଲୁ), ଝିଙ୍କ ମାଂସ(ଜିକି ଜିଲ୍ଲୁ), ସମ୍ବର ମାଂସ(ସାରାମ୍ ଜିଲ୍ଲୁ) ପ୍ରଭୃତି ଭୂମିଜମାନେ ଖାଦ୍ୟ ଭାବରେ ଗ୍ରହଣ କରନ୍ତି । ହେଲେ ଘୁଷୁରୀ ମାଂସ ଭୂମିଜ ସଂପ୍ରଦାୟରେ ଗୃହୀତ ହୁଏନାହିଁ । ଘୁଷୁରୀ ମାଂସ ଖାଇଲେ ଭୂମିଜ ସମାଜ ସାମାଜିକ ବାସନ୍ଦ କରେ । ମୂଷା ମାଂସ କେବଳ ନାବାଳିକାମାନେ ଖାଇ ପାରନ୍ତି । ଭୂମିଜମାନଙ୍କର ଗୁଣ୍ଡୁଚି ମୂଷା ମାଂସ, ଝିଙ୍କ ମାଂସ ଓ ସମ୍ବର ମାଂସ ପ୍ରିୟ ଖାଦ୍ୟ ରୂପେ ବିବେଚିତ ହୋଇଥାଏ । ଏତଦ୍ ବ୍ୟତୀତ କୁକୁଡ଼ା ଅଣ୍ଡା(ସିମ୍ ବିରଲି), ବତକ ଅଣ୍ଡା(କଡ଼୍ ବିରଲି), କଇଁଛ ଅଣ୍ଡା(ହରଃ ବିରଲି), ମୟୂର ଅଣ୍ଡା(ମାରାଏ ପିଟାଳି) ଆଦି ଭୂମିଜମାନେ ବେଶ୍ ଆନନ୍ଦରେ ଗ୍ରହଣ କରନ୍ତି । କଙ୍କଡା ଓ ଗେଣ୍ଡା ମଧ ଆମିଷଖାଦ୍ୟ ଅର୍ନ୍ତଭୁକ୍ତ ।

ଏସବୁ ସିଝାଇ ଚଟଣୀ, ତରକାରୀ, ପିଠା ଏବଂ ଖିରୀ ପ୍ରସ୍ତୁତ କରି ଖାଇଥାଆନ୍ତି । ଦୈନନ୍ଦିନ ଖାଦ୍ୟ ସହ ଆମିଷ ଭକ୍ଷଣ କରିବା ସମ୍ଭବପର ହେଉନଥିବାରୁ ଏହା ଆବଶ୍ୟକ ତଥା ସ୍ୱତନ୍ତ୍ର ଅବସରରେ କେବେ କେବେ ହୋଇଥାଏ ।

ନିରାମିଷ ଖାଦ୍ୟ ପ୍ରତି ଭୂମିଜମାନେ ବୀତସ୍ପୃହ ନୁହଁନ୍ତି । ନିତିଦିନିଆ ଖାଦ୍ୟ ସେବନ ପ୍ରଣାଳୀ ନିରାମିଷ ଖାଦ୍ୟ ଉପରେ ହିଁ ନିର୍ଭର କରିଥାଏ । ଏଗୁଡିକ ଦେହକୁ ସୁସ୍ଥ ରଖେ । ସାଧାରଣତଃ ବିଭିନ୍ନ ପ୍ରକାର ଶସ୍ୟ, ଡ଼ାଲି ଜାତୀୟ ଖାଦ୍ୟ, ପନିପରିବା, ଶାଗ, ପତ୍ର, ମୂଳ, ଫଳ, ପିଠାପଣା, ଆଦି ନିରାମିଷ ଖାଦ୍ୟ ରୂପେ ବିବେଚନା କରାଯାଏ । ସେଗୁଡ଼ିକ ମଧ୍ୟରେ ଧାନ, ମକା, ମାଣ୍ଡିଆ, ଝିଙ୍ଗିଡ଼ା, ବାଜରା, ଗହମ, କୋଳଥ, ମୁଗ, ହରଡ଼, ବିରି, ଜାରା, ବାଇଗଣ, ଆଳୁ, ଖମ୍ବଆଳୁ, ବିଲାତି ବାଇଗଣ, ନାଡ଼ୁକା, ଜହ୍ନି, କୁନ୍ଦୁରୀ, ଅମୃତଭଣ୍ଡା, ଭେଣ୍ଡି, ଟକଭେଣ୍ଡି, କଲରା, କନ୍ଦମୂଳ, ସାରୁ, ବୋଇତାଳୁ, କଖାରୁ, ଲାଉ ଆଦି ଜମିବାଡ଼ିରେ ଚାଷ କରନ୍ତି । ପନିପରିବାଗୁଡ଼ିକୁ ସିଝା, ପୋଡ଼ା ଓ ପତୁଆ କରି ଖାଇବାକୁ ଭଲ ପାଆନ୍ତି । ଶାଗ ମଧ୍ୟରେ ସଜନା, ପୋଇ, ଲେଉଟିଆ, କୋଶଳା, କଳମ, ସୁନୁସୁନିଆ, ପିମ୍ପୁଡ଼ି, ସାରୁ, ଟକଭେଣ୍ଡି, ବୋଇତାଳୁ, ଲାଉ, ପିତା ଶାଗ, ଖଟା ଶାଗ ଇତ୍ୟାଦିରେ ପ୍ରଧାନ । ଋତୁ ଅନୁଯାୟୀ ବିଭିନ୍ନ ପ୍ରକାର ଫଳ, କୋଳି ମଧ୍ୟ ଭୂମିଜମାନଙ୍କର ନିରାମିଷ ଖାଦ୍ୟ ଅନ୍ତର୍ଭୁକ୍ତ । ଚାଉଳ, ମହୁଲ, ଗହମ ପ୍ରଭୃତିରେ ବିଭିନ୍ନ ପ୍ରକାର ପିଠା ପ୍ରସ୍ତୁତ କରି ସେମାନେ ଖାଇଥାଆନ୍ତି । ତେବେ ପନିପରିବା ଶସ୍ୟାଦି ଦେହକୁ ଶକ୍ତି ଯୋଗାଏ ବୋଲି ସେମାନଙ୍କର ଧାରଣା ।

**ବିଭିନ୍ନ ଉତ୍ସରୁ ମିଳୁଥିବା ଖାଦ୍ୟ ସାମଗ୍ରୀ :**

ଭୂମିଜ ସଂପ୍ରଦାୟର ମୁଖ୍ୟ ଜୀବିକା କୃଷି । ପ୍ରତ୍ୟେକ ଭୂମିଜଙ୍କର ପ୍ରାୟ ଅଳ୍ପ ବହୁତ ଚାଷ ଜମି ସହିତ ଗୃହ ସଂଲଗ୍ନ ବାଡ଼ି ବଗିଚା ଥାଏ । ସମୟ ଓ ସ୍ଥାନ ବିଶେଷରେ ସେମାନେ ଜଳର ସୁବିଧା ଦେଖି ଋତୁ ଅନୁଯାୟୀ ବିଭିନ୍ନ ପ୍ରକାର ଖାଦ୍ୟ ଶସ୍ୟ ଚାଷ କରିଥାଆନ୍ତି । ସେମାନେ ବର୍ଷଯାକ କିଛି ନା କିଛି କୃଷି କର୍ମରେ ବ୍ୟସ୍ତ ରହନ୍ତି । ନଦୀ, ପୋଖରୀ, ଗଡ଼ିଆ, ନାଳ, ଝରଣା, କେନାଲଗୁଡ଼ିକ ଭୂମିଜ ବସ୍ତି ପାଖାପାଖି ରହିଥିବାରୁ ଚାଷ କାର୍ଯ୍ୟରେ ସହାୟତା ମିଳିଥାଏ । ଜମିରୁ ସେମାନେ ଧାନ(ବାବ୍ୟ), ଗହମ(ଗହମ), ମକା(ଗାଙ୍ଗାୟ), ବାଜରା, ଗୁନ୍ଦୁଲ(ଗନ୍ଧୁଲୀ), ଆଦି ଶସ୍ୟ ଆମଦାନି କରନ୍ତି । ଡ଼ାଲି ଜାତୀୟ ଶସ୍ୟ ହିସାବରେ ହରଡ଼ (ରାହାଲି), ମୁଗ(ମୁଗି), ବିରି(ରାମ୍ବାଲା),

କୋଲଥ(କୁଲତ), ଢାରା(ଢାରା), ନାଡୁକା(ନାଲୁକା) ପ୍ରଭୃତି ବାଡ଼ି ବଗିଚା ଓ ଗଡ଼ିରେ ଚାଷ ହୋଇଥାଏ । ବିଭିନ୍ନ ପ୍ରକାର ଶାଗ (ସଜନା, ଲେଉଟିଆ, ସାରୁ, ପାଳଙ୍ଗ, ପୋଇ, କୋଶଲା, କଳମ, ଟକଭେଣ୍ଡି, ପିମ୍ପୁଡ଼ି, ସୁନୁସୁନିଆ ପ୍ରଭୃତି) ଏବଂ ବାଇଗଣ(ବେଙ୍ଗାଲ୍), ଜହ୍ନି(ଝିଙ୍ଗା), ଭେଣ୍ଡି(ମେଣ୍ଢାସିଙ୍ଗା), କଲରା(କାର୍ଲା), କୁନ୍ଦୁରୀ(କୁନ୍ଦୁରୀ), ଅମୃତଭଣ୍ଡା(ପପେୟା), ବିଲାତି ବାଇଗଣ(ବିଲାତିବେଙ୍ଗାଲ୍), ଲାଉ(ଲାଉଆ), ବୋଇତାଳୁ(କାକାରୁ), କଖାରୁ(ପାଣ୍ଡେୟା), ଖମ୍ବଆଳୁ(ରଆସାଙ୍ଗା), କନ୍ଦମୂଳ(କନ୍ଦମୂଲ), ଲଙ୍କା(ମିର୍ଚି) ଇତ୍ୟାଦି ବିଭିନ୍ନ ପ୍ରକାର ପନିପରିବା ସେମାନେ ଚାଷ କରି ଘରେ ବ୍ୟବହାର କରିବା ସହିତ ହାଟ ବଜାରରେ ବିକ୍ରି କରି ଅର୍ଥ ଉପାର୍ଜନ କରିଥାଆନ୍ତି । ଏତଦ୍ ଭିନ୍ନ ଭୂମିଜ ବସତିଗୁଡ଼ିକ ଜଙ୍ଗଲ ପାହାଡ଼ ଅଞ୍ଚଳରେ ହୋଇଥିବାରୁ ଜଙ୍ଗଲରୁ ମଧ୍ୟ କେତେକ ଖାଦ୍ୟ ଉପାଦାନ ସଂଗ୍ରହ କରୁଥିବାର ଜଣାଯାଏ । ସେ ମଧ୍ୟରେ ଆମ୍ବ(ଉଲି), ପଣସ(ପଣସ), କଦଳୀ(କାଦାଲ୍), କେନ୍ଦୁ(ତିରିଲ୍), ଚାରକୋଳି(ତାରବ୍), ରାଜ କୋଳି(ରାଜ ଆଲ୍), ବଣୁଆ ଆଳୁ, ଜଙ୍ଗଲୀ ଶାଗ, ବିଭିନ୍ନ ପ୍ରକାରର ଛତୁ(ଉଦ୍) ପ୍ରଭୃତି ଅନ୍ୟତମ । ଅନେକଙ୍କର ଘରବାଡ଼ିରେ ମଧ୍ୟ ଆମ୍ବ, ପଣସ, କଦଳୀ, ପିଜୁଳୀ, କୋଳି, କମଳା, ଆଦି ଫଳ ଗଛ ଥିବାର ଦୃଷ୍ଟିଗୋଚର ହୁଏ । ଜଙ୍ଗଲରୁ କୁଟାରୀ(ସିଳାବ୍), ହରିଣ(ପୁତ୍ତା), ସମ୍ବର(ସାରାମ୍), ଠେକୁଆ(କୁଲାଇ), ଝିଙ୍କ(ଜିକି), ବାରହା(ବିର ଶୁକୁରୀ), ପ୍ରଭୃତି ପଶୁ ଏବଂ ମୟୂର(ମାରାଏ), ବଣ କୁକୁଡ଼ା(ବିର୍‌ସିସ), ଆଦି ପକ୍ଷୀମାନଙ୍କୁ ଶୀକାର କରି ଆଣି ଖାଦ୍ୟ ଭାବରେ ଗ୍ରହଣ କରନ୍ତି । ଏତଦ୍ ଭିନ୍ନ ଶାଳମଞ୍ଜି(ସାର୍‌ଜମ୍ ଜାଂ), କୁସୁମ ମଞ୍ଜି(ବାରୁଜାଂ), ତୁଙ୍ଗା ଆଳୁ(ତୁଙ୍ଗା ସାଙ୍ଗା), ପିତା ଆଳୁ(ବାଁଅଲା) ଜଙ୍ଗଲରୁ ସଂଗ୍ରହ କରି ସିଝାଇ ଖାଇଥାଆନ୍ତି । ଭୂମିଜମାନେ ଜଙ୍ଗଲରୁ ମହୁ(ଦୁମ୍ବୁର୍ ରାସେ), ପାଳୁଅ(ପାଳ) ସଂଗ୍ରହ କରି ଖାଆନ୍ତି ଏବଂ ସେଗୁଡ଼ିକ ଔଷଧ ହିସାବରେ ମଧ୍ୟ ବ୍ୟବହୃତ ହୁଏ । ଖଜୁରୀ ଗଛରୁ ରସ(ତାଳି) ସଂଗ୍ରହ କରି ପାନୀୟ ରୂପେ ଗ୍ରହଣ କରନ୍ତି । ପୁଣି ନଦୀ, ନାଳ, ଗଡ଼ିଆ, ପୋଖରୀରୁ ଗେଣ୍ଡା(ଗେଣ୍ଡା), ଶାମୁକା(ଶାମୁକା), କଙ୍କଡ଼ା (କାଟ୍ କମ୍), କରାଣ୍ଡି, ଚିଙ୍ଗୁଡ଼ି(ଇଚାଃ), ଗଡ଼ିଶ(କାକାଣ୍ଡା), ଚେଙ୍ଗ(ଚଡ଼ା) ମାଛ ଆଣି ପୋଡ଼ି ବା ତରକାରୀ କରି ଖାଆନ୍ତି । ଗେଣ୍ଡାରୁ ପିଠା ମଧ୍ୟ ପ୍ରସ୍ତୁତ ହୁଏ ।

**ଖାଦ୍ୟ ପ୍ରସ୍ତୁତି ଓ ସଂରକ୍ଷଣ ପ୍ରଣାଳୀ :**

ଭୂମିଜମାନେ ବିଭିନ୍ନ ସମୟରେ ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତ କରିଥାଆନ୍ତି । ସେ ମଧ୍ୟରୁ କେତୋଟି ଖାଦ୍ୟର ପ୍ରସ୍ତୁତ ପ୍ରଣାଳୀ ନିମ୍ନରେ ପ୍ରଦତ୍ତ ହେଲା -

ଭାତ(ମା'ଡ଼ି) : ପ୍ରଥମେ ମାଟି ହାଣ୍ଡି ବା ଡ଼େକ୍‌ଚିରେ ଦୁଇସେର ମାପରେ ଚାଉଳ ରାନ୍ଧିବା ପାଇଁ, ଚାରିସେର ପାଣି ଚୂଲିରେ ବସାଇ ଗରମ କରାଯାଏ । ପାଣି ଫୁଟିଲେ ଚାଉଳ ଧୋଇ ବା ନ ଧୋଇ ପକାଇଥାଆନ୍ତି । ପ୍ରାୟ ଅଧଘଣ୍ଟା ପରେ ଚଟୁ ବା ଲାଉ ଚଟୁ (ଲାଉଆ ବକାଃ) ସାହାଯ୍ୟରେ କିଛି ଭାତ ବାହାରକୁ ଆଣି ଆଙ୍ଗୁଳିରେ ଚାପି ନରମ ହେବା ଜାଣିଲେ ହାଣ୍ଡିକୁ ଚୂଲିରୁ ଓହ୍ଲାଇ ଆଣନ୍ତି । ହାଣ୍ଡି ମୁହଁରେ ଏକ ଢ଼ାଙ୍କୁଣୀ ଦେଇ ବା ବିନା ଢ଼ାଙ୍କୁଣୀରେ ଭାତରୁ ପେଜ ଧିରେ ଧିରେ ଗଡ଼ାଇ ଦିଆଯାଏ । ଭାତରୁ ପେଜ ବାହାର ନକରି କୂଅ / ନଈର ଥଣ୍ଡା ପାଣି ସେଥିରେ ଢ଼ାଳି ସଜ ପଖାଳ(ଦାଆଃ ମାଡ଼ି) ମଧ ଖିଆଯାଇଥାଏ । ସେହି ପଖାଳକୁ ରଖିଦେଇ ତାହା ଖଟା / ବାସି ପଖାଳ(ପାଖାଳା ମାଡ଼ି ବାସୀ ମାଡ଼ି) ଭାବରେ ଭୂମିଜମାନେ ଖୁବ୍ ଆଗ୍ରହ ସହ ଖାଇଥାଆନ୍ତି ।

ମହୁଲ ସିଝା (ମାଟ୍‌କାମ୍ ତିକି): ମହୁଲକୁ ପରିଷ୍କାର ଭାବରେ ଧୋଇଦେଇ କେବଳ ସିଝିବା ମାପରେ ହାଣ୍ଡିରେ ପାଣି ଦେଇ ସିଝାଇ ଖାଆନ୍ତି, ନଚେତ୍ ସେଥିରେ ତେନ୍ତୁଳି ମଞ୍ଜି(ଜଜ ଜାଂ) ଓ ବାଇଡ଼ଙ୍କ ମଞ୍ଜି(କୁର୍‌ଷି) ମିଶାଇ ସିଝାନ୍ତି । ଏହାଦ୍ୱାରା ମହୁଲ ସିଝା ଅଧିକ ସ୍ୱାଦିଷ୍ଟ ଓ ରୁଚିକର ହୁଏ ବୋଲି ଭୂମିଜମାନେ କହନ୍ତି ।

ମହୁଲ ମୁଆଁ (ମାଟ୍‌କାମ୍ ପାଟୁ): ପ୍ରଥମେ ମହୁଲକୁ ହାଣ୍ଡିରେ ଭାଜି ଢ଼ିଙ୍କିରେ ଗୁଣ୍ଡ କରାଯାଏ । ତା' ସହିତ ମକା ଖଇ(ଗାଙ୍ଗାୟ ଖଇ/ ଆତାଃ), ବାଜରା ଖଇ(ଗାଙ୍ଗାଏ ଖଇ/ ଗାଙ୍ଗାଏ ଆତାଃ), ଖଗ ପାଲଙ୍ଗ/ ଟକ ଭେଣ୍ଡି ମଞ୍ଜି(ଜଜ ଆଳାଃ ଜାଂ), ଶାଳମଞ୍ଜି(ସାରଜମ୍‌ଜାଂ) ଏବଂ ଉଷୁନା ଚାଉଳ ଭଜା(ଚାଉଲି ଆତାଃ) ଏକତ୍ର ମିଶାଇ ଢ଼ିଙ୍କିରେ ଭଲ ଭାବରେ କୁଟି ଗୋଲ ଗୋଲ ମୁଆଁ କରାଯାଏ । ଏହା ବେଶ୍ ସ୍ୱାଦିଷ୍ଟ ହୁଏ ।

ମହୁଲ ଖିରୀ(ମାଦୁକାମ୍ ଲେଠେ / ମାଦୁକାମ୍ ସଳେ) : ଅରୁଆ ଚାଉଳ ସହିତ କଞ୍ଚା ମହୁଲ ଏକତ୍ର ପାଣିରେ ସିଝାଇ ଖିରୀ ପ୍ରସ୍ତୁତ କରାଯାଏ । ଏଥିରେ ଚିନି ପଡ଼ିଲେ ଅଧିକ ରୁଚି ସଂପନ୍ନ ହୁଏ, ନଚେତ୍ କେବଳ ଲୁଣ ପକାଇ କାମ ଚଳାଇ ନିଅନ୍ତି ।

ମାଂସ ପିଠା(ଜିଲୁପିଠା) : ମାଂସକୁ ତରକାରୀ କରି ସେଥିରେ ଅରୁଆ ଚାଉଳ ଗୁଣ୍ଡ ମିଶାଇ ପଲମ ସାହାଯ୍ୟରେ ଗରମ କରି ଗୋଲ ଗୋଲ ପିଠା ତିଆରି ହୁଏ ।

ମାଂସ ଖିରୀ (ଜିଲୁ ଲେଠେ) : ମାଂସକୁ ତେଲ ମସଲା ପକାଇ ପ୍ରଥମେ ତରକାରୀ କରାଯାଏ । ତା'ପରେ ସେଥିରେ ପାଣି, ଅରୁଆ ଚାଉଳ ଗୁଣ୍ଡ କିମ୍ବା ଅରୁଆ ଚାଉଳ ମିଶାଇ

ପୁଣି ଚୂଲୀରେ ସିଝାଇ ଘାଣ୍ଟନ୍ତି । ଭଲଭାବରେ ମିଶ୍ରଣ ହୋଇଗଲେ ମାଂସ ଖିରୀ ପ୍ରସ୍ତୁତ ହୋଇଯାଏ ।

**ଗେଣ୍ଡା ପିଠା (ଗେଣ୍ଡା ଲାଅଟ୍) :** ଗେଣ୍ଡା ଦେହରୁ ଖୋଳପା ଛଡ଼ାଇ ପରିଷ୍କାର ଭାବେ ଧୋଇ ତରକାରୀ ପ୍ରସ୍ତୁତ ହୁଏ । ଗେଣ୍ଡା ତରକାରୀରେ ଅରୁଆ ଚାଉଳ ଗୁଣ୍ଡ ଓ ଅଳ୍ପ ଲୁଣ ମିଶାଇ ଚକଟି ଦିଆଯାଏ । ସେହି ଚକଟାକୁ ବହଳ ଭାବରେ ଉପର ତଳ ଶାଳପତ୍ର ଭିତରେ ରଖି ଟିପି ଦିଅନ୍ତି ଏବଂ ତାହା କେବଳ ଅଙ୍ଗାର ଥିବା ଚୂଲୀରେ ପକାଇ ସିଝାଯାଇଥାଏ । ଅନ୍ୟ ପ୍ରଣାଳୀରେ କଞ୍ଚା ଗେଣ୍ଡା ମାଂସ ସହିତ ଚାଉଳ ଚୂନା ଗୋଳାଇ ଉପର ତଳ ଶାଳପତ୍ର ଦେଇ ଗରମ ତାୱାରେ ପିଠା ପ୍ରସ୍ତୁତ କରାଯାଏ । ଅବଶ୍ୟ ଏଥିରେ ମାଂସକୁ ଖୁବ୍ ଛୋଟ ଛୋଟ କରି କାଟିବାକୁ ପଡ଼େ ।

**ସିଝାପିଠା ବା ମଣ୍ଡାପିଠା (ଟାଲ୍‌କୁ ଲାଅଟ୍) :** ଅରୁଆ ଚାଉଳ ଗୁଣ୍ଡ ସହିତ ଚିନି ବା ଗୁଡ ମିଶାଇ ଅଳ୍ପ ପାଣି ଢାଳି ଚକଟି ଦିଆଯାଏ । ତାହାକୁ ପୁଣି ଗୋଲ ଗୋଲ କରି ବାମ୍ଫ ସାହାଯ୍ୟରେ ସିଝାଇ ଥାଆନ୍ତି ।

**ପିତାଆଳୁ ସିଝା :** ଜଙ୍ଗଲରୁ ପିତାଆଳୁ ସଂଗ୍ରହ କରିଆଣି ଚୋପା ଛାଡାଇ ଦିଅନ୍ତି । ତାହାକୁ ଗୋଲ ଗୋଲ ଆକାରରେ ପତଳା ପତଳା କାଟି ଅଳ୍ପଲୁଣ ପାଣିରେ ସିଝାଯାଏ । ଗୋଟିଏ ରାତି ଥଣ୍ଡା ପାଣିରେ ରଖି ତା'ପର ଦିନ ପାଣିରୁ ଉଠାଇଆଣି ଖିଆଯାଏ । ରଜ ସଂକ୍ରାନ୍ତି ସମୟରେ ଏହା ବିଶେଷ ଭାବରେ ବ୍ୟବହୃତ ହୁଏ ।

**କନ୍ଦମୂଳ ସିଝା (କନ୍ଦମୂଳ ସାଙ୍ଗାତିକି) :** କନ୍ଦମୂଳକୁ ପରିଷ୍କାର ଭାବରେ ଧୋଇ ହାଣ୍ଡିରେ ପାଣିଦେଇ ସିଝାଇ ଦିଆଯାଏ । ସିଝିଯିବା ପରେ ଓହ୍ଲାଇ ଆଣି ଚୋପା ଛଡାଇ ଖାଆନ୍ତି । ଅନେକ ସମୟରେ ଆଳୁ ଭଳି ମାଂସ ସହିତ ମଧ ରନ୍ଧା ଯାଇଥାଏ । ମାଂସ ତରକାରୀରେ କନ୍ଦମୂଳ ପଡିଲେ ତରକାରୀ ଭଲ ସ୍ୱାଦଯୁକ୍ତ ହୁଏ ।

ଭୂମିଜମାନଙ୍କର ଖାଦ୍ୟ ପଦାର୍ଥ ସଂରକ୍ଷଣ କରି ରଖିବାର ଆବଶ୍ୟକତା ନଥାଏ । ସ୍ୱତନ୍ତ୍ର ଭାବରେ ଯେଉଁ ଖାଦ୍ୟ ପ୍ରସ୍ତୁତ କରନ୍ତି, ତାହା ଗୋଟିଏ ଦିନ ମଧ୍ୟରେ ହିଁ ଖାଇ ଦିଅନ୍ତି । ସେଗୁଡିକ ସେହିପରି ରୋଷେଇ ଘରେ କୌଣସି ପାତ୍ରରେ ରଖି ଢାଙ୍କି ଦିଆଯାଏ । କୁକୁର, ବିରାଡିଙ୍କ ପାଇଁ ରୋଷେଇ ଘରେ ସବୁବେଳେ କବାଟ ଲଗାଇ ଦିଆଯାଉଥାଏ । ତେବେ କେବଳ ପଖାଳ ଓ ହାଣ୍ଡିଆ ସଂରକ୍ଷିତ ରହେ । ପଖାଳ ପାଇଁ

ସ୍ୱତନ୍ତ୍ର ହାଣ୍ଡି ଥାଏ । ସେଥିରେ ପଖାଳ ସରି ଗଲେ ଅଳ୍ପ ସଢା ରଖି ପୁଣି ସଜ ପଖାଳ ପଡ଼େ । ଏହାଦ୍ୱାରା ପଖାଳ ଖଟାହୋଇ ପାଗ ଧରିଯାଏ । ଖଟାପଖାଳ – ଶାଗଭଜା ବା ଶୁଖୁଆ ପୋଡା ଭୂମିଜମାନଙ୍କର ଅତିପ୍ରିୟ । ପଖାଳ ହାଣ୍ଡିଟିକୁ ଢଙ୍କା ଲଗାଇ ଅଳ୍ପ ଉଚ୍ଚସ୍ଥାନ ବା ଚୂଲ୍ହା ଉପରେ ରଖନ୍ତି । ହାଣ୍ଡିରେ ହାଣ୍ଡିଆ ସେହିପରି ଢଙ୍କା ଦେଇ ଥଣ୍ଡା ସ୍ଥାନରେ ରଖାଯାଇଥାଏ । ହାଣ୍ଡିଆରେ ମେରା ମିଶାଇ ରଖିଲେ ତାହା ଅପେକ୍ଷାକୃତ ଅଧିକ ଦିନ ରହିପାରେ । ଆବଶ୍ୟକ ସ୍ଥଳେ ମେରା ଛାଣି ସେବନ କରାଯାଇପାରେ ।

## ମସଲାର ବ୍ୟବହାର :

ଭୂମିଜମାନେ ରନ୍ଧା ତରକାରୀଠାରୁ ପନିପରିବା ପୋଡା ବା ପତ୍ରୁଆ କରି ଖାଇବାକୁ ଅଧିକ ପସନ୍ଦ କରନ୍ତି । ପରିବା ସିଝା ତରକାରୀ ମଧ୍ୟ ଖାଆନ୍ତି । ତେବେ ପଖାଳ ସହିତ ଶାଗଭଜା, ବାଇଗଣ ପୋଡା, ଶୁଖୁଆ ପୋଡା, ମାଛ ପୋଡା ଚଟଣୀ କିମ୍ବା ଚକଟା ସେମାନଙ୍କୁ ଭାରି ସ୍ୱାଦିଷ୍ଟ ମନେହୁଏ । ମାଂସ ତରକାରୀ, କଙ୍କଡା ଝୋଳ, ମାଛ ଝୋଳ ଆଦି କଲେ ସେମାନେ ମସଲା ଆବଶ୍ୟକ କରିଥାଆନ୍ତି । ପ୍ରାୟ ସମସ୍ତ ପ୍ରକାର ମସଲା ଭୂମିଜମାନେ ବ୍ୟବହାର କରନ୍ତି । କେବେ କେବେ ପରିବା ତରକାରୀରେ ମଧ୍ୟ ମସଲା ପଡ଼େ । ମସଲା ମଧ୍ୟରେ ପିଆଜ(ପିଆଜି), ରସୁଣ(ରାସୁଣୀ), ଲଙ୍କା (ମୁର୍ଚି), ଲୁଣ (ବୁଲୁଂ), ହଳଦୀ (ସାସାଂ), ସୋରିଷ (ମାନି), ଅଦା (ଅଦା), ଜିରା (ଜିରା), ତେଜପତ୍ର (ପିଆଜ ପତ୍ର) ପ୍ରଭୃତି ବ୍ୟବହୃତ ହୁଏ । ମୁଖ୍ୟତଃ ସେମାନେ ମାଂସ ତରକାରୀରେ ହିଁ ମସଲା ପ୍ରୟୋଗ କରିଥାଆନ୍ତି ଏବଂ ମସଲା ମାଂସକୁ ଅଧିକ ସ୍ୱାଦଯୁକ୍ତ କରୁଥିବାର ଭୂମିଜମାନଙ୍କ ଧାରଣା ।

## ସାମ୍ପ୍ରତିକ ଧାରା ଓ ବିବର୍ତ୍ତନ :

ସମୟାନୁକ୍ରମେ ଭୂମିଜ ସଂପ୍ରଦାୟ ଶିକ୍ଷା ଓ ଆଧୁନିକ ସଭ୍ୟତାର ପ୍ରଭାବରେ ସାମାଜିକ, ଆର୍ଥିକ, ରାଜନୈତିକ, ମାନସିକ ଆଦି ପ୍ରତ୍ୟେକଟି ଦିଗରୁ ଯଥେଷ୍ଟ ପରିବର୍ତ୍ତିତ ହୋଇଥିଲେ ହେଁ ଧର୍ମୀୟ ଚେତନାଟି କେବଳ ସ୍ଥିର ରହିଛି । ଧର୍ମ ହେଉ ଅବା ଯାଦୁଧର୍ମ ହେଉ – ଏ ଉଭୟ ପ୍ରତି ସେମାନଙ୍କ ଦୁର୍ବଳତା ଅଧିକ । ସେଥିପାଇଁ ଅଦ୍ୟାବଧି ଭୂମିଜ ସମାଜରେ ଧର୍ମୀୟ କର୍ମକର୍ତ୍ତା ଯାଦୁଧର୍ମୀୟ କର୍ମକର୍ତ୍ତା ଏବଂ ସେମାନଙ୍କର କାର୍ଯ୍ୟଧାରାର ଗୁରୁତ୍ୱ ଅତୁଟ ରହିଛି । ପୁରୁଷ-ପୁରୁଷ ଧରି ପାରମ୍ପରିକ ପୂଜା, ପୂଜା ଉପଚାର, ପୂଜା

ପଦ୍ଧତିମାନ ଅନୁରୂପ ଭାବେ ଅନୁସୃତ ହୋଇ ଆସୁଛି। ଏଥିରେ କୌଣସି ପରିବର୍ତ୍ତନ ନାହିଁ କିମ୍ବା ବ୍ୟତିକ୍ରମ ମଧ୍ୟ ଘଟିଥିବାର ପରିଲକ୍ଷିତ ହୁଏ ନାହିଁ। ଈଶ୍ୱର ବିଶ୍ୱାସ ସହିତ ତନ୍ତ୍ର-ଗୁଣ ବିଶ୍ୱାସ ମଧ୍ୟ ଭୂମିଜମାନଙ୍କର ଯଥାରୀତି ରହିଛି। ଏବେ ସୁଦ୍ଧା କୌଣସି ଶାରିରୀକ ଅସୁସ୍ଥତା ତନ୍ତ୍ରର ପ୍ରଭାବରୁ ହୋଇଥାଏ ବୋଲି ସେମାନେ ବିଶ୍ୱାସ କରନ୍ତି। ସେଥିପାଇଁ ଆଗ ଝଡାଫୁଙ୍ଗା, ଛଡାଣ ପୂଜାର ଆବଶ୍ୟକତା ପଡେ।

ଦେବଦେବୀ ତଥା ପୂର୍ବପୁରୁଷ / ଇଷ୍ଟଦେବତାଙ୍କ ଆଶୀଷ ବିନା ସେମାନଙ୍କର ଜୀବନଧାରଣ ଯେ ଅସମ୍ଭବ - ଏହା ସେମାନେ ମୁକ୍ତ କଣ୍ଠରେ ସ୍ୱୀକାର କରନ୍ତି। ବସ୍ତୁତଃ, ଧର୍ମୀୟ ଚିନ୍ତା ଓ ଚେତନା ଭୂମିଜ ସମାଜରେ ସ୍ଥିର ରହିଥିବାରୁ ଧର୍ମଭିତ୍ତିକ କାର୍ଯ୍ୟଧାରାର ଗତି ଓ ପରିବର୍ତ୍ତନର ପ୍ରଶ୍ନ ଉଠେ ନାହିଁ।

❑❑❑

# ପାନୀୟ

ପୃଥିବୀ ସୃଷ୍ଟି ସହିତ ପାନୀୟର ଉତ୍ପତ୍ତି ଓତଃପ୍ରୋତଃ ଭାବେ ଜଡ଼ିତ । ପଞ୍ଚ ମହାଭୂତ (କ୍ଷିତ୍, ଆପ୍, ତେଜ, ମରୁତ, ବ୍ୟୋମ୍)ରେ ଗଢା ମଣିଷର ଜୀବନ ଧାରଣ ପାଇଁ ପାନୀୟର ଆବଶ୍ୟକତା ଆପରିହାର୍ଯ୍ୟ । ଏହି ପାନୀୟକୁ ସାଧାରଣ ଭାବେ ଜଳ ବୋଲି ଗ୍ରହଣ କରାଯାଇଥାଏ । ତେଣୁ ଜଳର ଅନ୍ୟନାମ ଜୀବନ କୁହାଯାଇପାରେ । ତେବେ ଜଳ ବ୍ୟତୀତ ଅନ୍ୟାନ୍ୟ କେତେକ ବିଶେଷ ନିଶାଯୁକ୍ତ ପାନୀୟ ମଧ୍ୟ ମାନବ ସମାଜ ମଧ୍ୟରେ ପ୍ରଚଳିତ ଥିବାର ଦେଖାଯାଏ; ଯାହାକୁ କେତେକ ସଂପ୍ରଦାୟ କେବଳ ପାନୀୟ ନୁହେଁ, ଖାଦ୍ୟର ବିକଳ୍ପ ଭାବରେ ଗ୍ରହଣ କରିଥାଆନ୍ତି ।

**ପାନୀୟର ଉତ୍ପତ୍ତି ଓ ଇତିହାସ :**

ପାନୀୟର ଉତ୍ପତ୍ତି ଭୂମିଜ ସୃଷ୍ଟିତତ୍ତ୍ୱ ସମ୍ବନ୍ଧୀୟ ଲୋକକାହାଣୀ ସହିତ ସଂପର୍କିତ । ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ଯେତେବେଳେ ଜଳମୟ ଥିଲା, ଠାକୁର ଠାକୁରାଣୀଙ୍କ ନିର୍ଦ୍ଦେଶରେ ହଂସହଂସୁଲୀଙ୍କ ଅଣ୍ଡାରୁ ମଣିଷ (ଗୋଟିଏ ପୁଅ ଓ ଗୋଟିଏ ଝିଅ) ସୃଷ୍ଟି ହେଲେ । ଏମାନଙ୍କର ଜୀବନଧାରଣ ପାଇଁ ଠାକୁର ଠାକୁରାଣୀ ପୃଥିବୀ ଏବଂ ବିଭିନ୍ନ ପ୍ରକାର ଜୀବଜନ୍ତୁ ଗଛଲତା ଆଦି ସର୍ଜନା କଲେ । ମଣିଷ ପିଲା ଦୁଇଟି ବଡ ହେବାରୁ ସେମାନଙ୍କୁ ଋଷକାର୍ଯ୍ୟ ଶିକ୍ଷା ଦିଆଗଲା ଏବଂ ସେମାନେ ମର୍ତ୍ତ୍ୟରେ ଜଙ୍ଗଲ କାଟି ଋଷକାର୍ଯ୍ୟ ଆରମ୍ଭ କଲେ । ଋଷ ପାଇଁ ଅକ୍ଷୟତୃତୀୟା ପାଳନ କରିବାକୁ ଆୟୋଜନ କରାଗଲା । ସଂପୃକ୍ତ ପୂଜାରେ ହାଣ୍ଡିଆ(ଇଲି)ର ଆବଶ୍ୟକତା ଥିବା ଦୃଷ୍ଟିରୁ ଠାକୁର ଠାକୁରାଣୀ ପୁଅଝିଅ ଦୁଇଜଣଙ୍କୁ ହାଣ୍ଡିଆ ପ୍ରସ୍ତୁତ କରିବାକୁ ବିଭିନ୍ନ ପ୍ରକାର ଚେ଼ର ସଂଗ୍ରହ କରିବା ପାଇଁ ଜଙ୍ଗଲକୁ ପଠାଇଲେ । ଭାଇଭଉଣୀ ଦୁହେଁ ଜଙ୍ଗଲରୁ ଚେ଼ର ସଂଗ୍ରହ କରି ଆଣିଲେ ଏବଂ ଠାକୁର ଠାକୁରାଣୀଙ୍କ ନିର୍ଦ୍ଦେଶ ମତେ ସବୁ ଚେ଼ରଗୁଡ଼ିକୁ ଶୁଖାଇ ଏକତ୍ରିତ କରି ଗୁଣ୍ଡ କଲେ । ସେଥିସହ ଅରୁଆଋଉଳ ଗୁଣ୍ଡ ମିଶାଇ ବାଖର୍ ଗୋଲି ପ୍ରସ୍ତୁତ ହେଲା । ପୁଣି ଠାକୁର ଠାକୁରାଣୀ ସେମାନଙ୍କୁ ଭାତ ରନ୍ଧା କରାଇଲେ । ଭାତ ହୋଇଯିବା ପରେ ତାହାକୁ ଏକ ପଟିଆରେ ଘାଣ୍ଟି ଥଣ୍ଡା କଲେ ଏବଂ ବାଖର୍ ଗୋଲିକୁ ଗୁଣ୍ଡ କରି ସେଥିରେ ମିଶାଇ ହାଣ୍ଡିରେ ଢାଙ୍କୁଣୀ ଘୋଡ଼ାଇ ରଖିଦେଲେ । ଦୁଇତିନିଦିନ ପରେ ଦେଖିଲେ ଯେ, ଭାତ ଓ ବାଖର୍ ମିଶି ପଚିଯାଇ ହାଣ୍ଡିଆ ପ୍ରସ୍ତୁତ ହୋଇଯାଇଛି । ଅକ୍ଷୟତୃତୀୟା ଦିନ

ଧାନ ବୁଣିବା ପୂର୍ବରୁ ସେମାନେ ପୂଜାର୍ଚ୍ଚନା କରି ହାଣ୍ଡିଆ ଭୋଗ ଲଗାଇଲେ । ଠାକୁର ସେହି ହାଣ୍ଡିଆ ଭୋଗ ନିଜେ ଗ୍ରହଣ କରି ଭାଇଭଉଣୀ ଦୁହିଁଙ୍କୁ ପାନ କରିବାକୁ କହିଲେ । ପୁଣି ଠାକୁରଙ୍କ ନିର୍ଦ୍ଦେଶ ଅନୁଯାୟୀ ସେଥିରୁ ରସି ଓ ମେରା ବାହାର କରି ସେବନ କରାଗଲା । ଝିଅ ଓ ପୁଅ ଦୁହେଁ ହାଣ୍ଡିଆ ପିଇ ନିଶାଗ୍ରସ୍ତ ଥିବା ସମୟରେ ଠାକୁର ସେମାନଙ୍କୁ ଉଲଗ୍ନ କରାଇ ଗୋଟିଏ ବିଛଣାରେ ଶୁଆଇ ଦେଇ ସ୍ୱର୍ଗପୁର ଚାଲିଗଲେ । ରାତିରେ ନିଶାଗ୍ରସ୍ତ ଅବସ୍ଥାରେ ଝିଅ ଓ ପୁଅ ଦୁଇଜଣ ଭାଇଭଉଣୀର ସଂପର୍କ ଭୁଲି ସ୍ୱାମୀ -ସ୍ତ୍ରୀ ରୂପରେ ମିଳିତ ହେଲେ । ଫଳରେ ସେହିଠାରୁ ସୃଷ୍ଟି ପ୍ରକ୍ରିୟାର (ମଣିଷ ବଂଶ ବିସ୍ତାର) ଶୁଭାରମ୍ଭ ହେବା ସହିତ ନିଶାଯୁକ୍ତ ପାନୀୟର ଉତ୍ପତ୍ତି ହେଲା ।

ଭୂମିଜ ସଂପ୍ରଦାୟରେ ହାଣ୍ଡିଆ ହେଉଛି ମୁଖ୍ୟ ପାନୀୟ । ଏହା ନିଜେ ପ୍ରସ୍ତୁତ କରନ୍ତି ଏବଂ ନିଜର ସାଧାରଣ ତଥା ସ୍ୱତନ୍ତ୍ର ଜୀବନଧାରା ସହିତ ବେଶ୍ ସହଜ ଓ ଗୁରୁତ୍ୱର ସହ ସାମିଲ୍ କରିନିଅନ୍ତି । ହାଣ୍ଡିଆ କିମ୍ବା ତଦନୁରୂପ ନିଶାଯୁକ୍ତ ପାନୀୟକୁ ବାଦ୍ ଦେଇ ଭୂମିଜ ସଂସ୍କୃତି ସମ୍ବନ୍ଧୀୟ ଆଲୋଚ଼ନା କରିବା ନିରର୍ଥକ ମନେହୁଏ ।

**ବିଭିନ୍ନ ପ୍ରକାର ପାନୀୟ :**

ଭୂମିଜମାନଙ୍କର ମୁଖ୍ୟ ପାନୀୟ ହାଣ୍ଡିଆ(ଇଲି) । ହାଣ୍ଡିଆ ସେମାନେ ବହୁଳ ମାତ୍ରାରେ ପ୍ରସ୍ତୁତ କରନ୍ତି । ଏହାକୁ କେବଳ ପାନୀୟ ଭାବରେ ନୁହେଁ, ଖାଦ୍ୟ, ଭୋଗ ସାମଗ୍ରୀ, ଉପହାର ଓ ଢୋଗିମନା ସ୍ୱରୂପ ମଧ୍ୟ ବ୍ୟବହାର କରିଥାଆନ୍ତି ।

ମଦ(ଆର୍କି) ମଧ୍ୟ ସେମାନେ ନିଜେ ପ୍ରସ୍ତୁତ କରନ୍ତି । କିନ୍ତୁ ଅପେକ୍ଷାକୃତ ହାଣ୍ଡିଆଠାରୁ କମ୍ । ଏହାକୁ ହାଣ୍ଡିଆ ସହିତ କିମ୍ବା ହାଣ୍ଡିଆର ବିକଳ୍ପ ଭାବରେ ଗ୍ରହଣ କରିଥାଆନ୍ତି ।

ଏମଧ୍ୟରୁ ତାଡ଼ି ଓ ବରାଣ୍ଡି କେବଳ ପାନୀୟ ରୂପେ ବ୍ୟବହୃତ ହୁଏ । ହାଣ୍ଡିଆ, ମଦ ଓ ରସି - ପାନୀୟ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ରୂପରେ ବିନିଯୋଗ କରୁଥିବାର ଦୃଷ୍ଟିଗୋଚ଼ର ହୋଇଥାଏ ।

**ସଂଗ୍ରହ ପ୍ରଣାଳୀ :**

ହାଣ୍ଡିଆ, ମଦ, ରସି, ତାଡ଼ି ଓ ବରାଣ୍ଡି ମଧ୍ୟରୁ ହାଣ୍ଡିଆ, ମଦ ଓ ରସି ଭୂମିଜମାନେ ଘରେ ପ୍ରସ୍ତୁତ କରୁଥିବା ବେଳେ ତାଡ଼ି ଓ ବରାଣ୍ଡି ସଂଗ୍ରହ କରନ୍ତି ।

ତାଡ଼ି : ଖଜୁରୀ ଗଛରୁ ସଂଗୃହୀତ ରସକୁ ତାଡ଼ି କୁହାଯାଇଥାଏ । ଏହାକୁ ସଂଗ୍ରହ କରିବା ପାଇଁ ଗୋଟିଏ ଛୋଟ ମାଠିଆ (ଚୁକାଃ), ଶିକା(ଶିକୁଆର୍), ଦଉଡ଼ି(ବାୟାର୍), କୁରାଢ଼ୀ(ଗୁଡ଼ିଆ) ଇତ୍ୟାଦି ବ୍ୟବହୃତ ହୁଏ ।

କୌଣସି ଦିନ ଉପରଓଳି ଖଜୁରୀ ଗଛ (ଖେଜୁର୍ ଦାରୁ) ଉପରକୁ ଚଢ଼ି ଗଛର ଗଣ୍ଡି ଓ ବାହୁଙ୍ଗାର ସଂଯୋଗ ସ୍ଥଳର ନିମ୍ନରେ କୁରାଢ଼ି ଦ୍ୱାରା ଗାତଟିଏ କରାଯାଏ । ମାଠିଆଟିକୁ ଗାତ ମୁହଁରେ ଭଲ ଭାବେ ଭିଡ଼ାଇ ରଖି ଶିକା ସାହାଯ୍ୟରେ ଗଛରେ ବାନ୍ଧି ଦିଅନ୍ତି । କେହି କେହି ଖଣ୍ଡିଏ କନା ଗଛର ଗାତରୁ ଆଣି ମାଠିଆରେ ପକାଇ ଥାଆନ୍ତି । ଏହାଦ୍ୱାରା ଗଛରୁ ରସ ଝରି ମାଠିଆରେ ପଡ଼େ । ଏହିପରି ଗୋଟିଏ ରାତି ରଖାଯାଏ । ତହିଁ ପରିଦିନ ସକାଳେ ପୁଣି ଗଛକୁ ଚଢ଼ି ଝରିଥିବା ଖଜୁରୀ ଗଛର ରସ ଅର୍ଥାତ୍ ତାଡ଼ି ଭରା ମାଠିଆଟିକୁ ଓହ୍ଲାଇ ଆଣି ସେବନ କରିଥାଆନ୍ତି । ଅବଶ୍ୟ ତଟକା ତାଡ଼ି ପାନ କଲେ ସ୍ୱାସ୍ଥ୍ୟ ପକ୍ଷେ ଭଲ, କିନ୍ତୁ ତାହା ରଖିଦେଲେ ନିଶାଯୁକ୍ତ ହୋଇଯାଏ ।

ବରାଣ୍ଡି : ତାଳଗଛ ( ତାଆଲ୍ ଦାରୁ)ରୁ ସଂଗୃହୀତ ରସକୁ ବରାଣ୍ଡି କୁହାଯାଏ । ଏହା ମଧ୍ୟ ଖଜୁରୀ ଗଛରୁତାଡ଼ି ସଂଗ୍ରହ କରାଯାଇଥିବା ପ୍ରଣାଳୀରେ ହିଁ ସଂଗ୍ରହ କରିଥାଆନ୍ତି । ସେହିପରି ଗଛର ଉପର ଅଂଶରେ ଗାତଟିଏ କରି ମାଠିଆ ବାନ୍ଧନ୍ତି । ଗଛରୁ ରସ ଝରି ମାଠିଆରେ ସଂରକ୍ଷିତ ରହେ । ଗୋଟିଏ ରାତି ପରେ ସକାଳେ ଯାଇ ବରାଣ୍ଡି ମାଠିଆକୁ ଓହ୍ଲାଇ ଆଣି ପାନୀୟ ଭାବରେ ବ୍ୟବହାର କରନ୍ତି । ତାଳଗଛର ରସ ବା ବରାଣ୍ଡି ମଧ୍ୟ ତାଜା ପାନ କଲେ ଭଲ କିନ୍ତୁ ରହିଗଲେ ନିଶାଅଂଶ ଆସିଯାଇଥାଏ ।

ଏହି ଦୁଇ ପ୍ରକାର ପାନୀୟ ଭୂମିଜମାନେ ପ୍ରାୟତଃ କମ୍ ବ୍ୟବହାର କରିଥାଆନ୍ତି । କାରଣ ସମସ୍ତଙ୍କୁ ସବୁ ସମୟରେ ଏତେ ଗଛ ଉପଲବ୍ଧ ହୁଏ ନାହିଁ ଏବଂ ଗଛରୁ ରସ ବାହାର କରିନେଲେ ଫଳ ଧରିବାରେ ବାଧା ଉପୁଜିଥାଏ ।

ପ୍ରସ୍ତୁତି ପ୍ରଣାଳୀ:

ଭୂମିଜମାନେ ହାଣ୍ଡିଆ ଓ ମଦ ନିଜେ ପ୍ରସ୍ତୁତ କରନ୍ତି ଓ ଵିଭିନ୍ନ ସମୟରେ ତଥା ବିଭିନ୍ନ ପ୍ରକାରରେ ଏସବୁ ବିନିଯୁକ୍ତ ହୋଇଥାଏ ।

ହାଣ୍ଡିଆ ପ୍ରସ୍ତୁତି ପାଇଁ ଆବଶ୍ୟକ ହେଉ ଥିବା ଉପାଦାନ ଓ ଉପକରଣଗୁଡ଼ିକ ହେଲା-ପାଣି(ଦାଃ), ହାଣ୍ଡି(ଘଟୁ), ଉଷୁନା ଚାଉଳ (ଡିକି ଚାଉଲି), ପଟିଆ (ଜାଟି), କାଠରେ ପ୍ରସ୍ତୁତ ବଡଚଟୁ (ଆନ୍ଦାଃ ଡାଣ୍ଡା), ଢାଙ୍କୁଣୀ(ଦାପାଲ୍), ଚାଲୁଣି (ଚାଲା) ଏବଂ

ବାଖର(ଇଲିରାନ୍ଲୁ) (ବିଭିନ୍ନ ପ୍ରକାର ଚେରର ସମ୍ମିଶ୍ରିତ ଗୁଣ୍ଡକୁ ଗୋଲି କରି ଶୁଖାଇ ରଖାଯାଇଥାଏ) ।

ହାଣ୍ଡିରେ ପାଣିଦେଇ ଚୂଲୀରେ ଗରମ କରାଯାଏ । ପାଣି ଫୁଟିଲେ ଚାଉଳ ପଡ଼େ । ଚାଉଳର ମାପ ଅନୁଯାୟୀ ପାଣି ଦେବାକୁ ହୋଇଥାଏ, ଯେପରି ଭାତ ଭଲ ଭାବରେ ସିଝି ସାରିଲା ବେଳକୁ ପାଣି ଆଉ ହାଣ୍ଡିରେ ନରହେ । ପୁଣି ହାଣ୍ଡିରେ ଭାତ ନ ଲାଗିବାକୁ ମଝିରେ ମଝିରେ ଚ଼ଟୁ ସାହାଯ୍ୟରେ ଘାଣ୍ଟି ଦିଆଯାଉଥାଏ । ଭାତ ଅଧିକ ସିଝି ପାଣି ମରିଗଲେ ଭାତକୁ ପଟିଆ ଉପରେ ଢଳାଯାଏ । ପଟିଆରେ ଭଲ ଭାବରେ ଭାତକୁ ଘାଣ୍ଟି ଦିଆଯାଏ, ଯେପରି ତାହା ଗୋଟା ଗୋଟା ନହୁଏ । ଭାତ ଥଣ୍ଡା ହେଲେ ସେଥିରେ ବାଖର୍ ଗୋଲିକୁ କାଠ ପିଢା ଉପରେ ରଖି ପଥରରେ ଗୁଣ୍ଡ କରି ସମାନ ଭାବରେ ବିଞ୍ଚି ଦିଅନ୍ତି । ଭାତ ଓ ବାଖର୍‌କୁ ଠିକ୍ ରୂପେ ମିଶାଇବା ପାଇଁ ଚ଼ଟୁରେ ଗୋଳାଇ ଥାଆନ୍ତି । ସେହି ମିଶ୍ରଣ ଭାତକୁ ପୁନଶ୍ଚ ହାଣ୍ଡିରେ ପୂରାଇ, ଢାଙ୍କୁଣି ଲଗାଇ ଘର କୋଣରେ ରଖି ଦିଅନ୍ତି । ସେହିପରି ଅବସ୍ଥାରେ ତିନି ଦିନ ରହିଲେ ତାହା ପଚିଯାଇ ହାଣ୍ଡିଆରେ ପରିଣତ ହୋଇଯାଏ । ହାଣ୍ଡିଆରେ ୩ ସେର ଚାଉଳ ପାଇଁ ୩ ଗଣ୍ଡା(୧୨ଟି) ବାଖର ଗୋଲି ଦେଲେ ଭଲ ହୁଏ ।

ତିନିଦିନ ପରେ ହାଣ୍ଡିଆ ହାଣ୍ଡିରେ ଯାହା ଉପରେ ଭାସୁଥାଏ, ତାହା ହିଁ ରସି । ତାହା ଭାରି ସ୍ୱାଦିଷ୍ଟ ତଥା ଉପକାରୀ । କାରଣ ହାଣ୍ଡିଆର ସାର ଅଂଶ ପ୍ରାୟ ସେଥିରେ ଭରି ରହିଥାଏ । ଉପର ଅଂଶକୁ ଅନ୍ୟ ଏକ ପାତ୍ରକୁ ଗଡ଼ାଇ ଆଣି ବା ଚଟୁ କିମ୍ବା ବେଲା ସାହାଯ୍ୟରେ ବାହାର କରି ରସି ଭାବରେ ବ୍ୟବହାର କରିଥାଆନ୍ତି । ହାଣ୍ଡିର ତଳେ ଯେଉଁ ବହଳିଆ ଭାଗ ରହେ ତାହାକୁ ମେରା(ମାୟା) କୁହାଯାଏ । ତଳେ ଗୋଟିଏ ପାତ୍ର ଥୋଇ ସେଗୁଡ଼ିକ ଛଲୁଣୀରେ ରଖି ପାଣି ଅଳ୍ପ ଅଳ୍ପ ଢାଳି ଚ଼କଟି ଦେଲେ ବା ଘାଣ୍ଟି ଦେଲେ ତଳ ପାତ୍ରରେ ସ୍ୱଚ୍ଛ ହାଣ୍ଡିଆ ସଂଗୃହୀତ ହୋଇଯାଏ । ଛଲୁଣୀରେ ରହିଯାଇଥିବା ଖଦଡ଼ିଆ ଅଂଶକୁ ଚ଼କାଃମାୟା କୁହାଯାଏ । ଏହାକୁ ସାଧାରଣତଃ ଖାଆନ୍ତି ନାହିଁ । କେହି କେହି ଖାଆନ୍ତି କିମ୍ବା ପିଲାମାନେ ଖାଆନ୍ତି ଅଥବା ଗୋରୁଗାଈଙ୍କୁ ଦିଅନ୍ତି ନତୁବା ଫୋପାଡ଼ି ଦେଇଥାଆନ୍ତି ।

ମଦ : ମଦ ପ୍ରସ୍ତୁତିରେ ବ୍ୟବହୃତ ହେଉଥିବା ଉପାଦାନ ଓ ଉପକରଣଗୁଡ଼ିକ ହେଲା- ମହୁଲ(ମାଦ୍‌କମ୍), ହାଣ୍ଡି(ଘଟୁ), ପାଣି(ଦାଃ), ବାଖର୍(ଇଲିରାନ୍ଲୁ),

ବାଉଁଶନଳୀ(ମାଦ୍‌ଠଙ୍ଗା), କନା(ଡେଙ୍ଗା), କାଦମାଟି(ଲସର୍ ହାସା) ଓ ବୋତଲ(ବୋତଲ) । (ଏକ ସେର ମହୁଲ, ଏକ ବେଲା ପାଣି ଓ ୪ଟି ବାଖର୍ ଗୋଲି)

ପ୍ରଥମେ ଗୋଟିଏ ହାଣ୍ଡିରେ ମହୁଲ, ପାଣି ଓ ବାଖର୍ ଗୋଳାଇ ୪/୫ ଦିନ ରଖିଦିଆଯାଏ । ତାହା ପଚିଗଲେ ଫୁଟିଲା ଭଳି ଉଡ଼ଭଡ଼ ଶବ୍ଦ ହୁଏ । ଏପରି ହେଲେ ହାଣ୍ଡିଟିକୁ ଆଣି ଚୂଲୀରେ ବସାନ୍ତି ଓ ଆଉ ଗୋଟିଏ ହାଣ୍ଡି ତା' ଉପରେ ଢାଙ୍କି ଦିଆଯାଏ । ସେହି ଢଙ୍କା ଯାଇଥିବା ହାଣ୍ଡିଟିର ଗୋଟିଏ ପାଖରେ କଣାଟିଏ କରାଯାଇଥାଏ । ସେହି କଣାରେ ବାଉଁଶ ନଳୀଟିକୁ ପୁରାଇ ସଂଯୋଗ ସ୍ଥାନରେ କନା ଗୁଡ଼ାଇ କାଦୁଆ ମାଟି ଦ୍ୱାରା ଭଲ ଭାବରେ ବନ୍ଦ କରାଯାଏ, ଯେପରି ହାଣ୍ଡିରୁ ବାଷ୍ପ ବାହାରି ନଯାଏ । ବାଉଁଶ ନଳୀର ଅପର ପାର୍ଶ୍ୱଟି ଚୂଲୀର ଅନତି ଦୂରରେ ଥିବା ଗୋଟିଏ କଣା ଟୁକୁଣାରେ ପଡ଼େ ଏବଂ ଟୁକୁଣାର କଣା ସ୍ଥାନରେ ବୋତଲ ରଖାଯାଇଥାଏ । ପୁଣି ଟୁକୁଣାକୁ ଥଣ୍ଡା ରଖିବା ପାଇଁ ଅଳ୍ପ ଉଚ୍ଚ ସ୍ଥାନରେ ତସଲାରେ ପାଣି ରଖି ନଳୀ ସାହାଯ୍ୟରେ ଟୁକୁଣା ଉପରେ ସଂଯୋଗ କରାଯାଏ । ଚୂଲୀ ଅଧିକ ବେଗରେ ଜଳାଯାଇଥାଏ । ଏହାଦ୍ୱାରା ତଳହାଣ୍ଡିରେ ଥିବା ମହୁଲ, ବାଖର ଓ ପାଣି ଫୁଟି ବାଷ୍ପ ହୋଇ ଉପର ହାଣ୍ଡିକୁ ଆସେ । ଉପର ହାଣ୍ଡିରୁ କଣା ଦେଇ ବାଉଁଶ ନଳୀ ସାହାଯ୍ୟରେ କଣା ଟୁକୁଣା ମଧ୍ୟ ଦେଇ ବୋତଲରେ ମଦ ହୋଇ ପଡ଼େ । କଣା ଟୁକୁଣା ଉପରେ ଥଣ୍ଡା ପାଣି ପଡୁଥିବାରୁ ମଦର ବାଷ୍ପ ଅନାୟାସରେ ଜଳୀୟ ମଦରେ ରୂପାନ୍ତରୀତ ହୋଇ ବୋତଲରେ ସଂରକ୍ଷିତ ହୋଇପାରେ । ଏହି ପ୍ରକ୍ରିୟାର ସମୟ ଅବଧି ମଦର ପରିମାଣ ଏବଂ ତଳ ହାଣ୍ଡିରୁ ବାହାରୁଥିବା ଚିଉଁ ଚିଉଁ ଶବ୍ଦ ଉପରେ ନିର୍ଭର କରିଥାଏ ।

**ପାନୀୟର ବ୍ୟବହାର:**

ଭୂମିଜ ସଂପ୍ରଦାୟରେ ହାଣ୍ଡିଆ, ମଦ ଓ ରସି ପ୍ରଭୃତି ପାନୀୟ ବିଭିନ୍ନ ପ୍ରକାରର ବ୍ୟବହାରରେ ବିନିଯୋଗ କରାଯାଇଥାଏ । ଯଥା- ଭୋଗ ସାମଗ୍ରୀ, ଉପହାର, ମଜୁରୀ ଜୋରିମାନା, ଖାଦ୍ୟ ଓ ପାନୀୟ ଇତ୍ୟାଦି ।

ଭୂମିଜ ସମାଜର ଅଧିକାଂଶ ପାରଂପରିକ ପୂଜାମାନଙ୍କରେ ହାଣ୍ଡିଆରୁ ବାହାରୁଥିବା ରସି ଭୋଗ ସ୍ୱରୂପ ବ୍ୟବହୃତ ହୁଏ । ଇଷ୍ଟଦେବତା (ଘରୋଇ ପୂଜା), ପୂର୍ବପୁରୁଷ (ହାପାଲୁମ୍) ପୂଜା, କରମ୍ ପୂଜା (କରମ୍ ବଙ୍ଗା), ଗ୍ରାମ ଦେବତା(ବୁରୁବଙ୍ଗା(), ଦୂଆରହାରୀ, ଦିଶୁମ୍ ବଙ୍ଗା, ଗେଲେ ଆଦାର୍, ନାଗେଏରା, ବିନ୍ଦିଏର । ଆଦି ପୂଜା ତଥା

ଦେବଦେବୀଙ୍କ ଠାରେ ରସି ଭୋଗ ଲାଗେ । ବାହାଘର, ଶୁଦ୍ଧିକ୍ରିୟା, ପର୍ବପର୍ବାଣି, ଶିଶୁ ଜନ୍ମଦିନ, ଉଠିଆରୀ, ନାମକରଣ ଆଦି ମାନଙ୍କରେ ହେଉଥିବା ପୂଜାପାଠରେ ହାଣ୍ଡିଆ ଭୋଗ ଦିଆଯାଇଥାଏ । ମଦ କେବଳ ଶୀକାର ଦେବତାଙ୍କଠାରେ ଭୋଗ ସ୍ୱରୂପ ବ୍ୟବହୃତ ହୁଏ ।

ବାହାଘର, ଶୁଦ୍ଧିକ୍ରିୟା, ପର୍ବପର୍ବାଣି, ଶିଶୁଜନ୍ମ, ଉଠିଆରୀ, ନାମକରଣ ଇତ୍ୟାଦି ସାମାଜିକ ଉତ୍ସବାନୁଷ୍ଠାନ ମାନଙ୍କରେ ନିମନ୍ତ୍ରିତ ଅତିଥି ତଥା ବନ୍ଧୁବାନ୍ଧବମାନେ ହାଣ୍ଡିଆ, ମଦ ଓ ରସି ଉପହାର ସ୍ୱରୂପ ମଧ ପ୍ରଦାନ କରିଥାଆନ୍ତି । ଶିଶୁଜନ୍ମ ଓ ଉଠିଆରୀରେ ପଡ଼ୋଶୀମାନେ ହାଣ୍ଡିଆ ଉପହାର ଦିଅନ୍ତି । କରମ୍ ପୂଜାରେ ତ ବନ୍ଧୁବାନ୍ଧବମାନେ ନିଶ୍ଚିତ ପାନୀୟ ଉପହାର ଧରି ଯୋଗଦାନ କରିଥାଆନ୍ତି । କନ୍ୟାସୁନା ଦେବା ସମୟରେ ମଧ ହାଣ୍ଡିଆ ଉପହାର ସ୍ୱରୂପ ପ୍ରଦାନ କରାଯାଇଥାଏ । ଏପରିକି କୌଣସି କାର୍ଯ୍ୟ ସଂପାଦନ ପାଇଁ ସହଯୋଗୀ ଶ୍ରମୀମାନଙ୍କୁ ମଧ ପାନୀୟ ଉପହାର ଭାବରେ ସେବନ କରିବାକୁ ଦିଆଯାଇଥାଏ । କେବେ କେବେ ପାରିଶ୍ରମିକ ଭିତ୍ତିରେ କାର୍ଯ୍ୟ କରୁଥିବା ଲୋକକୁ ମଜୁରୀ ଆକାରରେ ହାଣ୍ଡିଆ ଦିଆଯାଉଥିବାର ଦେଖାଯାଏ । ମଦ ଓ ରସିଠାରୁ ହାଣ୍ଡିଆ ଅଧିକ ଉପହାର ଭାବରେ ଭୂମିଜମାନେ ବ୍ୟବହାର କରିଥାଆନ୍ତି ।

ପାନୀୟକୁ ମଧ ଭୂମିଜ ଲୋକେ ଜୋରିମାନା ଆକାରରେ ଆଦାୟ କରନ୍ତି । ଜୋରିମାନା ହିସାବରେ ସାଧାରଣତଃ ହାଣ୍ଡିଆ ହିଁ ଦାବୀ କରାଯାଏ । ଗ୍ରାମରେ କୌଣସି ଗଣ୍ଡଗୋଳ ଉପୁଜିଲେ ଏବଂ ତାହା ଗ୍ରାମସଭାରେ ବିଚାର ହୋଇ ଦୋଷୀ ଚିହ୍ନଟ କରାଗଲେ ଦଣ୍ଡ ସ୍ୱରୂପ ଦୋଷୀଠାରୁ (ଦୋଷର ମାନ /ମାତ୍ରା ଅନୁଯାୟୀ) କେବଳ ହାଣ୍ଡିଆ ବା କିଛି ଅର୍ଥ ସହ ଗୋଟିଏ ହାଣ୍ଡି ହାଣ୍ଡିଆ ଆଦାୟ କରାଯାଇଥାଏ । ସାଧାରଣତଃ ଛୋଟ ଛୋଟ ଦୋଷ ପାଇଁ ହାଣ୍ଡିଆ ଜୋରିମାନା ହୁଏ ।

ଭୂମିଜମାନେ ପାନୀୟକୁ ମୁଖ୍ୟ ବା ସହକାରୀ ଖାଦ୍ୟ ରୂପେ ମଧ ଗ୍ରହଣ କରିଥାଆନ୍ତି । କେବଳ ହାଣ୍ଡିଆ /ନିଶା ସେବନ କରି ସେମାନେ ଦିନେ ଦୁଇଦିନ ରହିଯାଇ ପାରନ୍ତି । ସକାଳେ ଖାଇବାକୁ କିଛି ଖାଦ୍ୟ ନଥିଲେ ହାଣ୍ଡିଆ ପିଇଦେଇ କାମକୁ ବାହାରିଯାଆନ୍ତି ଏବଂ ଦିନର ମଝି ସମୟରେ ମଧ ହାଣ୍ଡିଆ ପୁଣି ପାନ କରିଥାଆନ୍ତି । ସେମାନଙ୍କ ମତରେ ହାଣ୍ଡିଆର ଖାଦ୍ୟମୂଲ୍ୟ ଭାତର ଖାଦ୍ୟ ମୂଲ୍ୟ ସହିତ ସମାନ । ତେଣୁ ହାଣ୍ଡିଆକୁ ଖାଦ୍ୟ ଭାବରେ ଗ୍ରହଣ କରିବାରେ କିଛି ଅସୁବିଧା ନାହିଁ ।

ଭୂମିଜ ସମାଜରେ ପାନୀୟର ବ୍ୟବହାର ବହୁଳ ଭାବରେ ହୋଇଥାଏ । ପ୍ରତ୍ୟେକ ପର୍ବପର୍ବାଣୀ, ସାମାଜିକ ଉତ୍ସବାନୁଷ୍ଠାନ, ସାଂସ୍କୃତିକ କାର୍ଯ୍ୟକ୍ରମ, ପୂଜାପାଠ ସାଧାରଣ ଭାବେ ବଂଧୁ ସତ୍କାର, ନିତ୍ୟ ନୈମିତି ଜୀବନଧାରାର ପ୍ରତ୍ୟେକ ସମୟରେ ପାନୀୟ ଉପରେ ଗୁରୁତ୍ୱ ଆରୋପ କରାଯାଇଥାଏ । ଏତଦ୍‌ଭିନ୍ନ ଋଷ କାର୍ଯ୍ୟରେ ପଛୁଆ ରହିଥିବା କୌଣସି ରୋଗୀକୁ ଡାକ୍ତରଖାନା ନେଲେ, ପ୍ରସବ ସମୟରେ ସ୍ତ୍ରୀ ଲୋକମାନେ ସାହାଯ୍ୟ କଲେ ବିଧବା ସ୍ତ୍ରୀର ଘର ତିଆରି କରିଦେଲେ କିମ୍ବା କେହି ଗୃହ ନିର୍ମାଣ ସମୟରେ ସହାୟତା ଲୋଡ଼ିଲେ, ନୂଆ କୂପ ତଥା ପୋଖରୀ ଖନନରେ ସହଯୋଗ କଲେ, ନୂଆ ଜମିକୁ ଋଷପୋଯେଗୀ କରିବା କିମ୍ବା ବନ୍ଧ ଓ ନାଳ ଆଦି କରିବାରେ ଶ୍ରମ ଦାନ କଲେ ପ୍ରାୟତଃ ଖୁସିରେ ହାଣ୍ଡିଆ ପ୍ରଦାନ କରାଯାଇଥାଏ । ଏହାକୁ ପାରିଶ୍ରମିକ କୁହାନ ଯାଇ ଶ୍ରଦ୍ଧା ଆଖ୍ୟା ଦିଆଯାଇପାରେ । କେହି କେହି ମଦ ମଧ ସେବନ ପାଇଁ ଦିଅନ୍ତି କିମ୍ବା ହାଣ୍ଡିଆ ସହିତ ମଦ ଦେଇପାରନ୍ତି । ମଦ ସହିତ ମାଂସ ଓ ହାଣ୍ଡିଆ ସହିତ ଶାଗଭଜା (ସୁଜନା ଶାଗ /ମୁନ୍‌ଗା ଆଳା) କିମ୍ବା ସାଲ୍‌ମା – ତେନ୍ତୁଳି ପୋଡା ଇତ୍ୟାଦି ମଧ ପ୍ରଦାନ କରୁଥିବାର ଦେଖାଯାଇଥାଏ ।

ବସ୍ତୁତଃ ଭୂମିଜମାନେ ସାଧାରଣ ଜୀବନ ଚ଼ର୍ଯ୍ୟାରେ ପାନୀୟର ଆବଶ୍ୟକତା ବେଶ୍ ଉପଲବ୍ଧି କରନ୍ତି ଓ ତଦନୁସାରେ ବ୍ୟବହାର ମଧ କରିଥାଆନ୍ତି ।

**ସଂରକ୍ଷଣ ପ୍ରଣାଳୀ :**

ପାନୀୟ ସଂରକ୍ଷଣ ପାଇଁ ଭୂମିଜମାନେ ବିଶେଷ କିଛି ଜ୍ଞାନକୌଶଳ ପ୍ରୟୋଗ କରନ୍ତି ନାହିଁ । ତେବେ ହାଣ୍ଡିଆ ସପ୍ତାହେ ପର୍ଯ୍ୟନ୍ତ ସଂରକ୍ଷିତ ରହିପାରେ, ହେଲେ ହାଣ୍ଡିଆରୁ ମେରା ବାହାର କରାଯାଏ ନାହିଁ । ଅର୍ଥାତ୍ ମେରା ସହ ହାଣ୍ଡିଆ ହାଣ୍ଡିରେ ରଖିଲେ, ତାହା ଶୀଘ୍ର ଖରାପ ହୁଏ ନାହିଁ । ମେରା ବାହାର କରିଦେଲେ ହାଣ୍ଡିଆ ୨/୩ ଦିନ ଯାଏଁ ମାତ୍ର ସଂରକ୍ଷିତ ହୋଇରହେ । ହାଣ୍ଡିଆ ହାଣ୍ଡିକୁ ଢାଙ୍କୁଣି ଲଗାଇ ଥଣ୍ଡା ସ୍ଥାନରେ ରଖିବାକୁ ହୁଏ । ହାଣ୍ଡିଆ ରସିକୁ ବୋତଲରେ ଠିପିଦେଇ ରଖିଲେ ୪/୫ ଦିନ ପର୍ଯ୍ୟନ୍ତ ଭଲ ରହେ । କିନ୍ତୁ ବୋତଲକୁ ଥଣ୍ଡା ସ୍ଥାନରେ ରଖିବା ଆବଶ୍ୟକ ।

ସେହିପରି ମଦକୁ ବୋତଲରେ ଠିପି ଦେଇ ଥଣ୍ଡା ଜାଗାରେ ସାଇତିଲେ ତାହା ମାସେ ଯାଏଁ ବେଶ୍ ତାଜା ରହିପାରେ । ତାଡ଼ି ଏବଂ ବରାଣ୍ଡି ୨ ଦିନ ପର୍ଯ୍ୟନ୍ତ ସଂରକ୍ଷଣ

କରାଯାଏ । ତାହାକୁ କିନ୍ତୁ ମାଠିଆରେ ରଖି, ମାଠିଆର ମୁହଁକୁ କନା ସାହାଯ୍ୟରେ ବାନ୍ଧି ବା ବନ୍ଦ କରି ଥଣ୍ଡା ସ୍ଥାନରେ ରଖିବାକୁ ହୁଏ ।

ତେବେ ଭୂମିଜମାନେ ପାନୀୟ ସବୁକୁ ପ୍ରାୟତଃ ଶୀତଋତୁରେ କିଛି ଅଧିକ ଦିନ ସଂରକ୍ଷଣ କରିପାରନ୍ତି । କାରଣ ଖରାଦିନେ ହାଣ୍ଡିଆ ପ୍ରଭୃତି ପାନୀୟ ଉତ୍ତାପ ଯୋଗୁଁ ଶୀଘ୍ର ନଷ୍ଟ ହୋଇଯାଇଥାଏ । ସାଧାରଣତଃ ତାଡ଼ି ଓ ବରାଣ୍ଡି ସେମାନେ ସଂରକ୍ଷଣ କରନ୍ତି ନାହିଁ । କିନ୍ତୁ ହାଣ୍ଡିଆ ଓ ମଦର ଆବଶ୍ୟକତା ବେଶ୍ ଅଧିକ ଥିବାରୁ ସେଗୁଡ଼ିକର ସଂରକ୍ଷଣ କରିଥାଆନ୍ତି ।

## ପାନୀୟର ଖାଦ୍ୟ ମୂଲ୍ୟ, ଉପକାର ଓ ଅପକାରः

ପୂର୍ବରୁ ଉଲ୍ଲେଖ କରାଯାଇଛି ଯେ ଭୂମିଜ ସମାଜରେ ପାନୀୟର ଖାଦ୍ୟ ମୂଲ୍ୟ ଭାତର ଖାଦ୍ୟ ମୂଲ୍ୟ ସହିତ ସମାନ ଏବଂ ଏହି ପାନୀୟ ମୁଖ୍ୟତଃ ହାଣ୍ଡିଆ ବୋଲି ସେମାନେ ବିବେଚନା କରିଥାଆନ୍ତି । କାରଣ ଭାତ ଯେପରି ଚାଉଳରେ ହୁଏ, ହାଣ୍ଡିଆ ମଧ ସେହିପରି ଚାଉଳରୁ ପ୍ରସ୍ତୁତ କରାଯାଇଥାଏ । ହାଣ୍ଡିଆ ପ୍ରସ୍ତୁତିର ମୁଖ୍ୟ ଉପାଦାନ ହେଉଛି ଉଷୁନା ଚାଉଳ । ତେଣୁ ଭାତ ଏବଂ ହାଣ୍ଡିଆ -ଉଭୟ ଉଷୁନା ଚାଉଳରେ ପ୍ରସ୍ତୁତ । ସେଥିରେ ପୁଣି ହାଣ୍ଡିଆରେ ବିଭିନ୍ନ ଚେରମୂଳିରେ ପ୍ରସ୍ତୁତ ବାଖର ମିଶୁଥିବାରୁ ତାହା ଅଧିକ ଶକ୍ତି ପ୍ରଦାନକାରୀ ଖାଦ୍ୟ ମୂଲ୍ୟଭିତ୍ତିକ ହୋଇପାରିଥାଏ । ସେଥିପାଇଁ ସେମାନେ ହାଣ୍ଡିଆ ପିଇ ଖାଦ୍ୟଶକ୍ତି ଆହରଣ କରି ପାରନ୍ତି ଏବଂ ବିନା ଖାଦ୍ୟରେ କେବଳ ହାଣ୍ଡିଆ ପାନ କରି ୨/୩ ଦିନ ଯାଏଁ ବେଶ୍ କାର୍ଯ୍ୟକ୍ଷମ ଥାଆନ୍ତି । ଅବଶ୍ୟ ଅନ୍ୟ କୌଣସି ପାନୀୟ ଖାଦ୍ୟର ବିକଳ୍ପ ବୋଲି ସେମାନେ କହନ୍ତି ନାହିଁ ।

ହାଣ୍ଡିଆ ସେବନ ଦ୍ୱାରା ପ୍ରଥମତଃ ସେମାନେ ଖାଦ୍ୟଶକ୍ତି ଲାଭ କରିଥାଆନ୍ତି । ଏତଦ୍‌ଭିନ୍ନ ହାଣ୍ଡିଆ ପାନ କଲେ ଦେହ ହୃଷ୍ଟପୁଷ୍ଟ ହୁଏ, ରକ୍ତ ପରିଷ୍କାର ହୁଏ, ଦେହ-ମନ ଫୁର୍ତ୍ତି ରହେ, ଭୋକ ନିୟନ୍ତ୍ରଣ କରେ, ପେଟ ବଢ଼େ, ପେଟ ଥଣ୍ଡା ରଖେ, ତୃଷା ମେଣ୍ଟାଏ, ଥକ୍କା ମାରେ, ମନରେ ସାହସ ଆସେ, କଠିନ ପରିଶ୍ରମ କରିବାକୁ ଶକ୍ତି ଯୋଗାଏ, ଦେହହାତ ଘୋଳାବିନ୍ଧା ଭଲ ହୁଏ, ପେଟ ଗରମ ହୋଇ ଲାଙ୍ଗଝାଡ଼ା ହେଉଥିଲେ ତୁରନ୍ତ ଉପଶମ ମିଳେ,ସ୍ନାୟୁରେ ଶିଥିଳତା ଆସେ ନାହିଁ ।

ସେହିପରି ମଦ ପାନ ଦ୍ୱାରା ଭୋକ ବଢ଼େ, ଥକ୍କା ମେଣ୍ଟେ, ଦେହ ହାଲୁକା ଲାଗେ, ଝାଡ଼ା ଭଲ ହୁଏ, ଦେହ ତାଜା ରହେ, ଫୁର୍ତ୍ତି ଆସେ, କାମ କରିବାକୁ ଆଗ୍ରହ ହୁଏ, ଦେହକୁ ଖାଦ୍ୟପ୍ରାଣ ଯୋଗାଏ ।

ତାଡ଼ି ଓ ବରାଣ୍ଡିରେ ମଧ୍ୟ ଖାଦ୍ୟପ୍ରାଣ ଯଥେଷ୍ଟ ଥାଏ। ତାହା ବୃକ୍ଷର ରସ ହୋଇଥିବାରୁ ମଣିଷ ଦେହରେ ପ୍ରାକୃତିକ ଉପାୟରେ ଶକ୍ତି ଯୋଗାଏ। ପେଟ ଥଣ୍ଡା ରଖେ, ଯକୃତକୁ କାର୍ଯ୍ୟକ୍ଷମ କରାଏ।

ସାଧାରଣ ଭାବେ ଆବଶ୍ୟକରୁ ଅଧିକ ଖାଦ୍ୟ କିମ୍ବା ପାନୀୟ ଦେହ ପାଇଁ କ୍ଷତିକାରକ। ମାତ୍ରା ଅଧିକ ହେଲେ ଉପକାର ବଦଳରେ ଅପକାର ହିଁ ହୋଇଥାଏ। ସେହିପରି ଯେ କୌଣସି ପାନୀୟ ମାତ୍ରାଧିକ ସେବନ କଲେ ମଣିଷ ନିଶାଗ୍ରସ୍ତ ହୋଇ ହିତାହିତଜ୍ଞାନଶୂନ୍ୟ ହୋଇଯାଏ। ମଣିଷପଣିଆ ଲୋପପାଏ। ବ୍ୟକ୍ତି-ବ୍ୟକ୍ତି ମଧ୍ୟରେ ଗଣ୍ଡଗୋଳ - ମାଡ଼ପିଟ, ପାରିବାରିକ କଳହ- ଅଶାନ୍ତି, ପଡ଼ୋଶୀ ଓ ସମାଜ ସହିତ ଦ୍ୱନ୍ଦ୍ୱ-ବିଦ୍ୱେଷ ଓ ତଜ୍ଜନିତ ମାମଲା ରୁଜୁ ତଥା ଦଣ୍ଡ ଇତ୍ୟାଦି ଦ୍ୱାରା ନୈତିକ ପତନ ଘଟିବା ସହିତ ମାନସିକ, ଶାରିରୀକ, ସାମାଜିକ, ଆର୍ଥିକ ଇତ୍ୟାଦି ସବୁ ଦୃଷ୍ଟିରୁ କ୍ଷତି ସହିବାକୁ ହୁଏ। ଶେଷରେ ନିଶାଖୋର ହୋଇ ବ୍ୟକ୍ତି ସର୍ବସ୍ୱାନ୍ତ ହୋଇଯାଏ। ଏତଦ୍ ଭିନ୍ନ ନିଶାଯୁକ୍ତ ପାନୀୟର ମାତ୍ରା ଅଧିକ ହେଲେ ଶ୍ୱାସ ରୋଗ, ବାତ-ବାୟୁରୋଗ, ଅମ୍ଳରୋଗ, ଯକ୍ଷ୍ମା, ଦୃଷ୍ଟିହୀନତା, ଲାଳରକ୍ତ ଝାଡ଼ା ଇତ୍ୟାଦି ହୁଏ। ଦେହ ଦୁର୍ବଳ ହୋଇଯାଏ, ସ୍ୱାସ୍ଥ୍ୟହାନୀ ଘଟେ, ଅରୁଚି ବୋଧହୁଏ, ଧାତୁକ୍ଷୟ ହୁଏ, ଗୋଡ-ହାତ-ମୁହଁ ଫୁଲିଯାଏ, ଖାଦ୍ୟପ୍ରତି ବୀତସ୍ପୃହ ଭାବ ଆସେ। ଶେଷରେ ମଣିଷ ନିଜକୁ ନିଜେ ମୃତ୍ୟୁ ମୁଖକୁ ଠେଲି ଦେଇଥାଏ।

**ପାନୀୟ ଓ ଦେବଦେବୀ:**

ଭୂମିଜ ସଂପ୍ରଦାୟରେ ପ୍ରତ୍ୟେକ ପାରଂପରିକ ପୂଜା ତଥା ପର୍ବପର୍ବାଣୀ ଓ ସାମାଜିକ ଉତ୍ସବାନୁଷ୍ଠାନମାନଙ୍କରେ ହେଉଥିବା ପୂଜାପାଠରେ ଦେବଦେବୀମାନଙ୍କୁ ପାନୀୟ ଭୋଗ ସ୍ୱରୂପ ଅର୍ପଣ କରାଯାଇଥାଏ। ଏହି ପ୍ରଥା ସୃଷ୍ଟି ଆରମ୍ଭରୁ ପ୍ରଚଳିତ ଥିବାର ଭୂମିଜ ଲୋକ କାହାଣୀ ସୂଚାଇଥାଏ। ତେଣୁ ଦେବଦେବୀଙ୍କଠାରେ ହାଣ୍ଡିଆ ବା ପାନୀୟ ଭୋଗ ସ୍ୱରୂପ ପ୍ରଦାନ ଭୂମିଜ ସମାଜର ଭିତ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ। ଗ୍ରାମ ଠାକୁରାଣୀ, ବଡ଼ଠାକୁର ସିଂବଙ୍ଗା, କରମ୍ ଦେବତା, ଧର୍ମଦେବତା, ଇଷ୍ଟଦେବତା, ହାପାଲୁମ୍(ପୂର୍ବପୁରୁଷ), ଶୀକାର ଦେବତା, ଗୁହାଳ ଦେବତା, ହଙ୍କାର୍ ଦେବତା, ଦୁଆରହାରୀ, ଦିଶୁମ୍‌ବଙ୍ଗା, ଗେଲେ ଆଦାର୍, ନାଗେଏରା, ବିନ୍ଦିଏରା ପ୍ରଭୃତି ପ୍ରତ୍ୟେକ ଦେବଦେବୀଙ୍କ ଠାରେ ହାଣ୍ଡିଆ, ମଦ ଓ ରସି ଭୋଗ ଲାଗି କରାଯାଏ। ଅବଶ୍ୟ ମଦ କେବଳ ଶୀକାର ଦେବତାଙ୍କୁ ଅର୍ପଣ କରାଯାଉଥିବା ସ୍ଥଳେ ରସି ପ୍ରାୟ ଦେବଦେବୀଙ୍କୁ

ଭୋଗ ଦିଆଯାଏ । ଘରୋଇ ପୂଜା ଗୁଡ଼ିକରେ (ଇଷ୍ଟଦେବତା – ହାପାଲୁମ୍) ପ୍ରାୟତଃ ହାଣ୍ଡିଆ ଭୋଗ ଲାଗେ । ତେଣୁ ଭୂମିଜ ସମାଜର ପ୍ରତ୍ୟେକ ଦେବଦେବୀଙ୍କ ସହିତ ପାନୀୟର ସଂପର୍କ ବେଶ୍ ନିବିଡ଼ । ପାନୀୟ ଭୋଗ ସ୍ୱରୂପ ପ୍ରଦାନ ନକଲେ ଦେବଦେବୀଙ୍କର ଆଶୀର୍ବାଦ ପ୍ରାପ୍ତ ହୁଏନାହିଁ, ବରଂ ସେମାନଙ୍କର କୋପ ଦୃଷ୍ଟିରୁ ଶୀକାର ହେବାକୁ ପଡ଼େ ବୋଲି ଭୂମିଜମାନଙ୍କର ବିଶ୍ୱାସ । ଇଷ୍ଟଦେବତାଙ୍କ ପାଖରେ ହାଣ୍ଡିଆ ଭୋଗ ନଦେଲେ କିମ୍ବା ପୂର୍ବପୁରୁଷଙ୍କ ଉଦ୍ଦେଶ୍ୟରେ ହାଣ୍ଡିଆ ଅର୍ପଣ ନକଲେ ପରିବାରରେ ଅଶାନ୍ତି ଦେଖାଦିଏ, ସମସ୍ତେ ରୋଗବ୍ୟାଧିରେ ପୀଡ଼ିତ ହୁଅନ୍ତି, ଗୃହକୁ ବିପଦ ମାଡ଼ିଆସେ, ଏପରିକି ଗୃହଟି ଲକ୍ଷ୍ମୀ ଛଡ଼ା ହୋଇ ଧ୍ୱଂସ ପାଇଯାଏ । ଦେବଦେବୀଙ୍କ ସହିତ ପାନୀୟର ସମ୍ବନ୍ଧ କେତେ ଗଭୀର – ଏଥିରୁ ଅନୁମିତ ହୋଇଥାଏ ।

**ପାନୀୟ ସେବନ:**

ଭୂମିଜ ସମାଜରେ ମହିଳା କିମ୍ବା ପୁରୁଷମାନଙ୍କ ପାଇଁ ପାନୀୟ ଗ୍ରହଣ କରିବାରେ କୌଣସି ପ୍ରତିବନ୍ଧକ ନାହିଁ । ସ୍ଥାନ,କାଳ, ପାତ୍ର ନିର୍ବିଶେଷରେ ଉଭୟ ମହିଳା ଓ ପୁରୁଷ ସମସ୍ତ ପ୍ରକାର ପାନୀୟ ସେବନ କରିଥାଆନ୍ତି । କେବଳ ପୂଜାପାଠ ପୂର୍ବରୁ ଏବଂ ପୂଜା ପାଠ ସମୟରେ କୌଣସି ମହିଳା ବା ପୁରୁଷ (ପୂଜାରେ ସଂପୃକ୍ତ ଥିବା ପୁରୁଷ ଓ ସ୍ତ୍ରୀ) ପାନୀୟ ଗ୍ରହଣ କରନ୍ତି ନାହିଁ । କିନ୍ତୁ ପୂଜା ଶେଷ ହେଲେ ପାନୀୟ ସେବନ କରିପାରନ୍ତି ।

ସାଧାରଣତଃ ଫାଲଗୁନ ମାସଠାରୁ ଆଷାଢ ମାସ ଯାଏଁ ସର୍ବାଧିକ ପରିମାଣରେ ପାନୀୟ ପ୍ରସ୍ତୁତ କରାଯାଇଥାଏ । ଏହି ସମୟ ମଧ୍ୟରେ ମହୁଲ ଉପଲବ୍ଧ ହେଉଥିବାରୁ ମଦ ପ୍ରସ୍ତୁତ କରିବାରେ ଅସୁବିଧା ହୁଏ ନାହିଁ । କିନ୍ତୁ ଧାନକଟା ପରେ ପରେ ଭୂମିଜମାନେ ଅଧିକ ହାଣ୍ଡିଆ ତିଆରି କରନ୍ତି । ଏହି ସମୟରେ ଉଷୁନା ଚାଉଳର ଅଭାବ ନଥାଏ ।

ସର୍ବାଧିକ ପରିମାଣରେ ପାନୀୟ ସେବନ କରାଯାଇଥାଏ, ବାହାଘର, ଶୁଦ୍ଧିକ୍ରିୟା, ମକରପର୍ବ, କାଳିପୂଜା, ରଜପର୍ବ, ଉଠିଆରୀ(ନାରତା) ଇତ୍ୟାଦି ପୂଜା ଓ ପର୍ବପର୍ବାଣୀମାନଙ୍କରେ ।

ଏହି ସମୟରେ ହାଣ୍ଡିଆ ସହିତ ମଦ ଓ ରସି ମଧ ପ୍ରସ୍ତୁତି ହୁଏ ଓ ପାନ କରିଥାଆନ୍ତି । ରଜ ଏବଂ ମକର ପର୍ବ ୪/୫ କିମ୍ବା ୭/୮ ଦିନ ଚାଲେ । ବନ୍ଧୁବାନ୍ଧବମାନେ ପରସ୍ପର ଘରକୁ ବୁଲିବାକୁ ଯାଆନ୍ତି । ଉପହାର ସ୍ୱରୂପ ହାଣ୍ଡିଆ, ମଦ ନିଅନ୍ତି । କେହି

କାହାରି ଘରକୁ ବୁଲିବାକୁ ଗଲେ । ପାନୀୟ ପ୍ରଦାନ ପୂର୍ବକ ବନ୍ଧୁ ସତ୍କାର କରାଯାଇଥାଏ । ବାହାଘର, ଶୁଦ୍ଧିକ୍ରିୟା କିମ୍ବା ଉଠିଆରୀରେ ସଂପୃକ୍ତ ଗୃହକର୍ତ୍ତା ଏମିତିରେ ତ ବନ୍ଧୁ ଚର୍ଚ୍ଚା ପାଇଁ ପ୍ରଚୁର ପାନୀୟ ପ୍ରସ୍ତୁତ କରିଥାଆନ୍ତି, ସେଥିରେ ପୁଣି ନିମନ୍ତ୍ରିତ ଅତିଥି ଓ ବନ୍ଧୁବାନ୍ଧବମାନେ ହାଣ୍ଡିଆ ଓ ମଦ ଉପହାର ସ୍ୱରୂପ ସାଥିରେ ନେଇ ଉତ୍ସବରେ ଯୋଗ ଦେଇଥାଆନ୍ତି । ବାହାଘର ଓ ଶୁଦ୍ଧିକ୍ରିୟା ଆଦିରେ ସହଯୋଗୀ ଶ୍ରମୀଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ପାନୀୟ ପ୍ରସ୍ତୁତ ହୋଇଥାଏ । ଉଠିଆରୀ (ଶିଶୁଜନ୍ମପରେ -ବାର୍ଣ)ରେ ନବଜାତ ଶିଶୁର ଅଜାଆଇ-ମାମୁଁମାଇଁ ବନ୍ଧୁ ସମ୍ମାନ ଦୃଷ୍ଟିରୁ ହାଣ୍ଡିଆ ଓ ମଦ ନେଇ ଯୋଗ ଦେବାକୁ ଆସନ୍ତି ।

❑❑❑

# କନ୍ୟାସୁନା(ଗନଂ)

ବିବାହ ଏକ ସାମାଜିକ ବିଧିବ୍ୟବସ୍ଥା । ଏହାର କାର୍ଯ୍ୟଧାରାରେ ଭିନ୍ନତା ପରିଲିକ୍ଷିତ ହେଲେହେଁ, ସାମାଜିକ ବନ୍ଧନକୁ ସୁଦୃଢ଼ କରିବା ସହିତ ପୁରୁଷ ଓ ନାରୀର ମିଳନକୁ ନୀତିଗତ ସ୍ୱୀକୃତି ଦେବା ବିବାହର ମୂଳ ଲକ୍ଷ୍ୟ । ଏହାଦ୍ୱାରା ସମାଜ ଶୃଙ୍ଖଳିତ ହୁଏ, ପରିବାରରେ ଶାନ୍ତି ସହାବସ୍ଥାନ କରେ ଏବଂ ମାନସିକ ତଥା ଶାରିରୀକ ସ୍ତରରେ ମଣିଷ ସୁସ୍ଥ ରହେ ।

ବିବାହ ଓ ପ୍ରାକ୍ ବିବାହ କାଳର କେତେକ ନୀତିନିୟମରେ ଅଣଆଦିବାସୀଙ୍କ ଠାରୁ ଆଦିବାସୀମାନେ ଭିନ୍ନ ଥିବା ପରିଲିକ୍ଷିତ ହୁଏ । ଅଣ ଆଦିବାସୀ ଗୋଷ୍ଠୀ ବିବାହ ପୂର୍ବରୁ କନ୍ୟାର ପିତାମାତାଙ୍କ ଠାରେ ଯୌତୁକ ଅର୍ଥ କିମ୍ବା ସାମଗ୍ରୀ ଦାବୀ କରୁଥିବା ସ୍ଥଳେ ଆଦିବାସୀ ସମ୍ପ୍ରଦାୟରେ ବିବାହ ପୂର୍ବରୁ କନ୍ୟାପାଇଁ କନ୍ୟାସୁନା ବା କନ୍ୟାଧନ ବର ପକ୍ଷରୁ ପ୍ରଦାନ କରାଯାଇଥାଏ । ଆଦିବାସୀ ସମାଜରେ ପୁଅ ପରି ଝିଅର ମଧ୍ୟ ଯଥେଷ୍ଟ ଆଦର ଓ ସମ୍ମାନ । ଝିଅକୁ ସେମାନେ କେବେ ବୋଝ ବୋଲି ମଣନ୍ତି ନାହିଁ । ବରଂ ଝିଅଟିକୁ ଧନ ବା ସମ୍ପତ୍ତି ତୁଲ୍ୟ ସ୍ଥାନ କରିଥାଆନ୍ତି । ଏହିପରି ମହନୀୟ ଚିନ୍ତା ଓ ଚେତନାରେ ଆଦିବାସୀ ସମ୍ପ୍ରଦାୟର ପ୍ରଚଳିତ କନ୍ୟାସୁନା ପରମ୍ପରା ପ୍ରଥାସିଦ୍ଧ ଧାରାରେ ଉଦ୍‌ବୁଦ୍ଧ ।

**କନ୍ୟାସୁନା – ଧାରଣା, ଉତ୍ପତ୍ତି, ଇତିବୃତ୍ତ ଓ ପ୍ରଚଳନ :**

ଅଦ୍ୟାବଧି ଭୂମିଜ ସମ୍ପ୍ରଦାୟରେ କନ୍ୟାସୁନା / ଗନଂ / ପଣ ପ୍ରଥା ବିଦ୍ୟମାନ । ପ୍ରତ୍ୟେକ ବିବାହରେ ବର ପକ୍ଷରୁ କନ୍ୟାପାଇଁ ଗନଂ ପ୍ରଦାନ କରାଯାଇଥାଏ । ଏହି ଗନଂ ବା କନ୍ୟାସୁନା ବିଧି ବିବାହର ପ୍ରାକ୍ ପଦକ୍ଷେପ ବା ବିବାହ କର୍ମର ପ୍ରଥମ କାର୍ଯ୍ୟଧାରା । ଏହାଦ୍ୱାରା ପୁଅଝିଅଙ୍କର ବିବାହ ପାଇଁ ଉଭୟ ପକ୍ଷରୁ ଆନୁଷ୍ଠାନିକ ସ୍ୱୀକୃତି ଗୃହୀତ ହୋଇଥାଏ । ଦୁଇ ପରିବାର ମଧ୍ୟରେ ବନ୍ଧୁଭାବର ଖୁଅଟିଏ ଯୋଡି ହୋଇଯାଏ । ଭୂମିଜ ସମାଜରେ କନ୍ୟାସୁନା ପ୍ରଥା ପାରମ୍ପରିକ ଧନୀ, ଗରୀବ ନିର୍ବିଶେଷରେ ଏହାର ଗୁରୁତ୍ୱ ଅକ୍ଷୁର୍ଣ୍ଣ ରହେ । ସେଇଥିପାଇଁ କନ୍ୟାସୁନାର ଉତ୍ପତ୍ତି କାଳରୁ ଅଦ୍ୟାବଧି କନ୍ୟାସୁନାର ପରିମାଣରେ ସ୍ଥିତାବସ୍ଥା ବଜାୟ ରହିଆସିଛି । ସଭ୍ୟତା ଓ ସମୟର ପ୍ରବାହରେ ଏହାର କୌଣସି ପରିବର୍ତ୍ତନ ସମ୍ଭବ ହୋଇପାରିନାହିଁ ।

କନ୍ୟାସୁନା ବା ଗନଂର ଉତ୍ପତ୍ତି ଓ ଇତିହାସ ସମ୍ପର୍କରେ ଭୂମିଜ ସମାଜରେ ଏକ ଲୋକକଥା ଶୁଣିବାକୁ ମିଳେ । ପ୍ରାକ୍ କାଳରେ ଭୂମିଜ ସମ୍ପ୍ରଦାୟରେ ଗନଂ ପ୍ରଥା ପ୍ରଚଳିତ ନଥିଲା । କିଛି ଦେଲେ ବିନିମୟରେ କିଛି ଆଣିବାକୁ ହୁଏ ବୋଲି ସେମାନେ ଜାଣି ନଥିଲେ । ସହଜ, ସରଳ ଜୀବନ ଧାରା ମଧ୍ୟରେ ଏହି ଦେବା-ନେବା (ଦେବାକୁ ହେଲେ ନେବା ବା ନେବା ପାଇଁ ମୂଲ୍ୟ (ସମ୍ମାନ ସୂଚକ) ଦେବାକୁ ହେବ) ପ୍ରକ୍ରିୟାର ଧାରଣା ସେମାନଙ୍କ ମନକୁ କେବେ ଛୁଇଁ ନଥିଲା । ଏକଦା – ପିଲ୍‌ଚୁ ବୁଢାର ବନିରାମ୍ ଓ ଧନୀରାମ୍ ନାମକ ଦୁଇ ପୁଅ ଥିଲେ । ସେମାନେ ଚାଷବାଷ କରି ସୁଖରେ କାଳାତିପାତ କରୁଥିଲେ । ଥରେ ଧନୀରାମ ଚାଷ ଜମିରେ ହଳ କରୁଥିବା ସମୟରେ ହଳର ଫାଳ ଗୋଟିଏ ହଳିଆ / ବଳଦ ଗୋଡରେ ବାଜିଗଲା । ଫଳରେ ବଳଦଟି ଛୋଟା ହୋଇଗଲା, ଆଉ ଚାଲି ପାରିଲା ନାହିଁ । ହଳକାର୍ଯ୍ୟ ବାଧାପ୍ରାପ୍ତ ହେବାରୁ ଧନୀରାମ ଓ ବନିରାମ ଚିନ୍ତାରେ ପଡ଼ିଗଲେ । ଯେତେ ଚେଷ୍ଟା କଲେ ମଧ୍ୟ ଛୋଟା ବଳଦଟି ଠିକ୍ ହୋଇ ପାରିଲା ନାହିଁ । ହଳ ନହେଲେ ଚାଷକାର୍ଯ୍ୟ ହୋଇ ପାରୁ ନଥିବାରୁ ଦୁଇଭାଇ ଆଉ ଗୋଟିଏ ବଳଦ ଯୋଡ଼ କରିବା ପାଇଁ ଖୋଜାଖୋଜି କଲେ । ଯା'ହେଉ ସୌଭାଗ୍ୟବଶତଃ ଜଣକ ପାଖରେ ଯୋଡ ହେବା ଭଳି ଗୋଟିଏ ବଳଦ ପାଇଲେ । ସେ କିନ୍ତୁ ବଳଦ ବିନିମୟରେ ପାଁସୁକା ପଇସା ପ୍ରସଙ୍ଗ ଉଠାଇଲା । କାରଣ ଗୋ, ଭୂମି, କନ୍ୟା ହେଉଛନ୍ତି ଗୃହର ଲକ୍ଷ୍ମୀ । ଲକ୍ଷ୍ମୀଙ୍କୁ ସମ୍ମାନର ସହ ନଦେଲେ କିମ୍ବା ନନେଲେ ଗୃହଲକ୍ଷ୍ମୀ ଛଡା ହୋଇଯାଏ । ତେଣୁ ଗୋ-ଲକ୍ଷ୍ମୀଙ୍କର ସମ୍ମାନାର୍ଥେ ପାଁସୁକା ପଇସା ଦେବାକୁ ହେବ । ଏହା ବଳଦର ମୂଲ୍ୟ ନୁହେଁ ବରଂ ସମ୍ମାନସୂଚକ ପ୍ରତୀକ । ବନିରାମ୍ ଓ ଧନୀରାମ୍ ଦୁଇଭାଇ ଲୋକଟିର କଥାରେ ବେଶ୍ ପ୍ରଭାବିତ ହେଲେ ଏବଂ ପାଁସୁକା (ଟ.୧.୨୫ ପଇସା) ପ୍ରଦାନ କରି ଯୋଡ ବଳଦ ଘେନି ଘରକୁ ବାହୁଡ଼ିଲେ । ଫଳତଃ କନ୍ୟାସୁନା ବା ଗନଂ ପ୍ରଥା ସେହିଦିନଠାରୁ ଆରମ୍ଭ ହେଲା । ଭୂମିଜ ସମ୍ପ୍ରଦାୟ କନ୍ୟା ରୂପୀ ଲକ୍ଷ୍ମୀଙ୍କୁ ଦାନ କରିବା ପାଇଁ କନ୍ୟାସୁନା ସ୍ୱରୂପ ପାଁସୁକା ପଇସା ପ୍ରସଙ୍ଗ ଉଠାଇଲେ ଏବଂ ବରପକ୍ଷରୁ କନ୍ୟାର ସମ୍ମାନସୂଚକ ମୂଲ୍ୟ ମଧ୍ୟ ଆନନ୍ଦରେ ପ୍ରଦାନ କରାଗଲା ।

କନ୍ୟା-ଲକ୍ଷ୍ମୀଙ୍କୁ ଦେବା ଯେପରି ଗୌରବର କଥା, କନ୍ୟା-ଲକ୍ଷ୍ମୀଙ୍କୁ ନେବା ମଧ୍ୟ ସେହିପରି ସୌଭାଗ୍ୟର ବିଷୟ । ତେଣୁ ଲୋକକଥା ଅନୁଯାୟୀ କନ୍ୟାର ସମ୍ମାନ ଭରିକ ମୂଲ୍ୟ ସ୍ୱରୂପ ବିବାହର ସାତଦିନ ପୂର୍ବରୁ ବରଘର ପକ୍ଷରୁ କନ୍ୟାପାଇଁ ପାଁସୁକା

ପଇସା (ଟ.୧.୨୫) କନ୍ୟାସୁନା ବା ଗନଂ ପ୍ରଦାନ କରାଯାଇ ଆସୁଅଛି ଏବଂ କାଳକ୍ରମେ ସେଥିରେ ତିନିଖଣ୍ଡ ଶାଢୀ ପ୍ରଦାନ କରିବାର ବିଧି ବ୍ୟବସ୍ଥା ସଂଯୋଗ ହୋଇଥିବାର ଦୃଷ୍ଟିଗୋଚର ହେଉଛି ।

**କନ୍ୟାସୁନା ପ୍ରଦାନ ରୀତି :**

ଭୂମିଜ ସମାଜରେ ପୁଅ-ଝିଅଙ୍କ ବିବାହ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ କରିବା ପାଇଁ ଜଣେ ମଧ୍ୟସ୍ଥି ଥାଆନ୍ତି । ସେ ଉଭୟ ବର ଓ କନ୍ୟାଙ୍କ ଘରେ ବିବାହ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ମଧ୍ୟସ୍ଥତା କରନ୍ତି । ପ୍ରାକ୍ ବିବାହ କାଳରୁ ବିବାହ କାର୍ଯ୍ୟ ସମ୍ପନ୍ନ ହେବା ପର୍ଯ୍ୟନ୍ତ ସମସ୍ତ ବିବାହ ସମ୍ପର୍କିତ କାର୍ଯ୍ୟଧାରା ମଧ୍ୟସ୍ଥି (ଡୁଲୁଃ /ଦୂତାମ୍‌ଦାର) ମାଧ୍ୟମରେ ହିଁ ହୋଇଥାଏ ।

ମଧ୍ୟସ୍ଥି ମାଧ୍ୟମରେ ପୁଅଝିଅ ଦେଖାଦେଖି ହୁଏ । ଉଭୟ ପକ୍ଷ ସମ୍ମତ ହେଲେ ମଧ୍ୟସ୍ଥି ବରର ପିତାମାତାଙ୍କୁ କନ୍ୟାପକ୍ଷ ବିଷୟରେ ଜଣାନ୍ତି ଏବଂ କନ୍ୟାପଣ ବାବଦରେ ଟ. ୧.୨୫ ପଇସା ତିନି ଖଣ୍ଡ ଶାଢୀ (କନ୍ୟାପାଇଁ ଶାଢୀ –କନ୍ୟା କିଚିରି, କନ୍ୟାର ବୁଢ଼ିମା ପାଇଁ ଶାଢୀ – ଢିଆ ଶାଢୀ, କନ୍ୟାର ମା ପାଇଁ ଶାଢୀ–ଏଙ୍ଗାବାଗେ) ଦେବା କଥା ପ୍ରକାଶ କରାଯାଇଥାଏ । ସ୍ଥାନେ ସ୍ଥାନେ କନ୍ୟାପଣରେ ଥାଏ ଦୁଇ ଖଣ୍ଡ ଶାଢୀ (ଢିଆଶାଢୀ ଓ ଏଙ୍ଗାବାଗେ) ଏବଂ ଶଳା ପାଇଁ ଗୋଟିଏ ଧୋତି (ଶାଳାଧୋତି) । ଏତଦ୍ ଭିନ୍ନ ସକ୍ଷମ ଅନୁସାରେ ଦୁଇଟି ଗହଣା ଝିଅ ପାଇଁ ଦେବାକୁ କୁହାଯାଇଥାଏ । ଏହି ଖବର ବରଘରେ ମଧ୍ୟସ୍ଥି ଜଣାଇବା ପରେ କନ୍ୟାସୁନା ଦେବା–ନେବାର ଦିନ ଧାର୍ଯ୍ୟ କରାଯାଏ । ଉଭୟ ପକ୍ଷଙ୍କ ସହିତ କଥାବାର୍ତ୍ତା କରି ମଧ୍ୟସ୍ଥି ଦିନ ଧାର୍ଯ୍ୟ କରିଥାଆନ୍ତି । ବିବାହର ସାତଦିନ ପୂର୍ବରୁ (ସ୍ଥଳ ବିଶେଷରେ ଦୁଇଦିନ ପୂର୍ବରୁ) କନ୍ୟାସୁନା ଦେଣନେଣ କାର୍ଯ୍ୟ ସମ୍ପାଦିତ ହୁଏ ।

କନ୍ୟାସୁନା ଆଣିବା ପାଇଁ କନ୍ୟାଘର ପକ୍ଷରୁ ବରଘରକୁ ଯିବାକୁ ପଡ଼େ । ପ୍ରାୟତଃ ଗୋଟିଏ ଦଳ ଏଥିପାଇଁ ଯାଆନ୍ତି । ଦଳରେ ଥାଆନ୍ତି କନ୍ୟାର ମାମୁଁ, କକା, ଭାଇ, ଭିଣୋଇ, ମଉସା, ପିଉସା ଏବଂ ଗ୍ରାମର ମୁରବୀ ସ୍ତରର କେତେ ଜଣ ବ୍ୟକ୍ତି । ଏହି ଦଳକୁ "ଗନଂଟାକା ଗଃ" କୁହାଯାଇଥାଏ । ବରଘରକୁ ଯିବାପାଇଁ ଶୁଭବେଳା ସ୍ଥିର କରନ୍ତି ମଧ୍ୟସ୍ଥି । ମଧ୍ୟସ୍ଥି ପ୍ରଥମେ ଘରେ ପୂଜାପାଠ କରନ୍ତି । ଧର୍ମ ଓ ଗ୍ରାମ ଠାକୁରାଣୀଙ୍କୁ ସାକ୍ଷୀ ରଖି କନ୍ୟାସୁନା ଆଣିବା ପାଇଁ ଅନୁକୂଳ ମୁହୂର୍ତ୍ତରେ ଯାତ୍ରା ଆରମ୍ଭ ହୁଏ । ସେମାନେ

ସାଥିରେ ସିନ୍ଦୁର, ଅରୁଆଚାଉଳ, ତୁଳସୀ ପତ୍ର, ଶାଳପତ୍ର, ମିଠାସାମଗ୍ରୀ, ହାଣ୍ଡିଆ ରସି, ହଳଦୀ, ତେଲ ଏବଂ କିଛି ପଇସା ନେଇଥାନ୍ତି ।

ବରଗାଁର ସୀମାରେ ପହଞ୍ଚିଲେ ପୁନର୍ବାର ମଧସ୍ଥି ଧର୍ମ ଓ ସେହି ଗ୍ରାମର ଗାଁ ଠାକୁରାଣୀଙ୍କ ଉଦ୍ଦେଶ୍ୟରେ ପୂଜା ଅର୍ଚ୍ଚନା କରନ୍ତି ଏବଂ ତତ୍‌ପରେ ସିଧାସଳଖ ବରଘରେ ପଦାର୍ପଣ କରିଥାଆନ୍ତି । ସେଠାରେ ବରଘର ପକ୍ଷରୁ ଝିଅବୋହୂମାନେ ସମ୍ମାନର ସହ "ଗନଂଟାକା ଗଃ" ଦଳର ଲୋକମାନଙ୍କର ଗୋଡ଼ ଧୋଇ ଆସନ (ପଟିଆ)ରେ ବସାନ୍ତି । ପ୍ରଥମେ ସେମାନଙ୍କୁ ଦୁକୁତା ଚୂନ ପ୍ରଦାନ କରାଯାଏ ଓ ତା'ପରେ ଖାଦ୍ୟ ପରିବେଷିତ ହୁଏ (ମୁଢ଼ି, ତରକାରୀ) । ଖିଆ ଶେଷ ହେଲେ ହାଣ୍ଡିଆ ରସି ସେବନ କରାଇ ଆପ୍ୟାୟିତ କରାଯାଇଥାଏ । ପୁଣି ସମସ୍ତେ (କନ୍ୟାପକ୍ଷ ଓ ବରପକ୍ଷ) ଆସନ ଗ୍ରହଣ କରନ୍ତି ଏବଂ ଦୁକୁତା ଚୂନ ପାଟିରେ ପଡ଼େ । ସେଠାରେ ବରର ମାମୁଁ, କକା, ମଉସା, ପିଉସା, ଭିଣୋଇ ଓ କେତେ ଜଣ ଗୁରୁଜନ ଶ୍ରେଣୀୟ ଗ୍ରାମବାସୀ ବସନ୍ତି । ବରର ପିତାମାତା ସେହି ସ୍ଥାନରେ ରହନ୍ତି ନାହିଁ । କନ୍ୟାସୁନା ବାବଦରେ ଆଲୋଚନା ଆରମ୍ଭ କରିବାକୁ ଯାଇ ପ୍ରଥମେ ବରପକ୍ଷରୁ ଜଣେ ଗ୍ରାମବାସୀ ମଧସ୍ଥିଙ୍କୁ ପଚାରନ୍ତି – "କୌଣସି ଦିନ ତ ଆମ ଘରକୁ ଆସ ନାହିଁ, ଆଜି କାହିଁକି ଏତେ ଲୋକ ନେଇ ଆସିଛ ?" ମଧସ୍ଥି କହନ୍ତି – "ଆମର ଗୋଟିଏ ବେଯୋଡ଼ ବାଛୁରୀ (ଛଡ଼ା) ଅଛି । ତା'ର ଯୋଡ଼ ଖୋଜିବା ପାଇଁ ଗୋଟିଏ ବଳଦ (ଦାମୁଡିଆ) ସନ୍ଧାନରେ ବାହାରିଥିଲୁ । ଦେଖିଲୁ ଯେ ଆମ ବାଛୁରୀକୁ ଯୋଡ ହେବା ଭଳି ଏକ ବଳଦ ଏଇ ଘରକୁ ପ୍ରବେଶ କଲା । ତେଣୁ ସେହି ବଳଦକୁ ଆମ ବାଛୁରୀ ସହିତ ଯୋଡ କରିବା ପାଇଁ ଏଠାରେ ପହଞ୍ଚିଛୁ ।" ବରପକ୍ଷରୁ ପୁଣି କୁହାଯାଏ, "ଆମ ବଳଦର ତ ଦାମ୍ ବହୁତ, ତୁମେ ନେଇ ପାରିବତ ?" କନ୍ୟାପକ୍ଷରୁ ଉତ୍ତର ଦିଅନ୍ତି (ମୁଖ୍ୟତଃ ମଧସ୍ଥି), "ହଁ – ନବାପାଇଁ ଆସିଛୁ ଯେତେବେଳେ ଦାମ ଦେଇ ନବା " ଏହିପରି ବିଭିନ୍ନ ପ୍ରକାର ଥଟ୍ଟା ପରିହାସ ମଧ୍ୟରେ ଅନେକ ସମୟ ଅତିବାହିତ ହୋଇଯାଏ ।

ପୁଣି ବରପକ୍ଷ ପଚାରନ୍ତି, "ତା'ହେଲେ ତୁମେ କେଉଁ କେଉଁ ରାସ୍ତା ଦେଇ ଚରିବୁଲି ଆସିଛ ?" କନ୍ୟା ପକ୍ଷରୁ କୁହାଯାଏ, "ଆମେ ଜାରଙ୍ଗା, ଜଙ୍ଗ, ହଡ଼ପା ଆଦି ବଂଶ ଦେଇ ଚରି ଚରି ଆସିଛୁଁ । କିନ୍ତୁ ତୁମର ମା' ବଂଶଟା କ'ଣ ? (ଦୁବି ଆଙ୍କାଡ଼ି) ।" ବର ମୁରବୀ ପାଲଟା ପ୍ରଶ୍ନ କରନ୍ତି, "ତୁମେ ଏବେ କେଉଁଠି ପହଞ୍ଚିଛ ?" କନ୍ୟା ପକ୍ଷ

କହନ୍ତି, "ଆମେ ତୁଞ୍ଜୁ ବଂଶରେ ପଦଅଛୁ ।" ବରର ମାମୁଁ କହିଥାଆନ୍ତି, "ତା'ହେଲେ ଆମର ବନ୍ଧୁବାସ ଠିକ୍ ହେବ ଏବଂ ଆମେ ତୁମ ସହିତ ବନ୍ଧୁତା ସ୍ଥାପନ କରିବା" । ପୁଣି କନ୍ୟାପକ୍ଷରୁ ମଧ୍ୟସ୍ଥି କହନ୍ତି, "ତେବେ ତୁମର ବଳଦ (ଦାମୁଡିଆ) ଟିକୁ ବାହାର କର । ଆମେ ଟିକିଏ ଭଲକି ଦେଖିନେବା ଯେ ସେଇଟି ହୃଷ୍ଟପୁଷ୍ଟ କି ନାହିଁ, ଲାଙ୍ଗୁଡ଼ ଛୋଟ କିମ୍ବା ବଡ଼, ଛେଗୁଛି କି – ଇତ୍ୟାଦି", ତା'ପରେ ବର ତା'ର ଭିଣୋଇ ସହିତ ସେହି ସ୍ଥାନକୁ ଆସେ । ଆଗ ଭିଣୋଇଟି ସମସ୍ତଙ୍କୁ ପ୍ରଣାମ କରେ ଏବଂ ପରେ ପରେ ବର ମଧ ସଭିଙ୍କୁ ଦଣ୍ଡବତ ହୁଏ । ମଧ୍ୟସ୍ଥି କନ୍ୟାପକ୍ଷଙ୍କୁ କହେ, "ଏଇଟି ଆମ ଦାମୁଡିଆ, ଭଲକି ଚିହ୍ନିରଖ ।" ଏହାପରେ ବର ପ୍ରସ୍ଥାନ କରେ ଓ ଭୋଜନର ଆୟୋଜନ ହୁଏ । ଖିଆପିଆ ସାରି ପୁଣି ଉଭୟ ପକ୍ଷ ବସି କନ୍ୟାସୁନା / ଗନଂ ବିଷୟରେ ଆଲୋଚନା ଆରମ୍ଭ କରନ୍ତି । ପ୍ରଥମେ ବର ପକ୍ଷରୁ ମଧ୍ୟସ୍ଥିକୁ ପଚରା-ଯାଏ, "କଣ ଗଣ୍ଠି କରିଛ, ଗଣ୍ଠି ଫିଟାଅ," କନ୍ୟାପକ୍ଷ ବରପକ୍ଷ ସାମ୍ନାସାମ୍ନି ବସିଥାଆନ୍ତି । ମଧ୍ୟସ୍ଥି କିନ୍ତୁ କନ୍ୟା ପକ୍ଷର ଲୋକଙ୍କ ମଝିରେ ବସି ଗଣ୍ଠି ଫିଟାଏ ।

ମଧ୍ୟସ୍ଥି – "ଆମର ହଳଦୀ ବାଡ଼ି ଚାଷ କରିବା (ସୁନା ଗହଣା)

ବରପକ୍ଷ – "ଆଉ କ'ଣ ଗଣ୍ଠି ହୋଇଛି"।

ମଧ୍ୟସ୍ଥି – "ହାତରେ ଶିକୁଳି (ବୁଡ଼ି/ବଙ୍କା), ଗୋଡ଼ରେ ଝୁଣ୍ଟିଆ (ପଇଁଜମ୍), ବେକରେ ଫାସ (ହାର) ଏବଂ ଗନଂ ପାଁସୁକା (ଟ.୧.୨୫) । ଏହାବାଦ୍ ତୁମର ବାଡି କେମିତି ସଜାଇବ, ବାଡ଼ କେଉଁଥିରେ ଦେବ, ଖୁଣ୍ଟି-ବତା କେଉଁଥିରେ କରିବ – ଏହା ତମେ ବୁଝିବ । "ପୁଣି ମଧ୍ୟସ୍ଥି ଉଠିଯାଇ ବରର ବାପାମା'ଙ୍କୁ ଦେବାନେବା ବିଷୟରେ ପଚାରି ତାହା ସର୍ବ ସମକ୍ଷରେ ପ୍ରକାଶ କରନ୍ତି । ଏହାପରେ ଯୁକ୍ତିତର୍କ, ଥଟ୍ଟା ପରିହାସ ଚାଲେ । ବର ପକ୍ଷର ଲୋକ କହନ୍ତି-"ଆମେ ଭାରି ଗରୀବ । ପଡିଆ ଜମି ଚାଷ କରିବାକୁ ତ ଆମ ପାଖରେ ହଳ ନାହିଁ, ହଳଦୀ ବାଡି ଚାଷ କରିବୁ କେମିତି । ତେଣୁ ହଳଦୀ ବାଡି ଚାଷ କରିବାକୁ ଆମେ ସକ୍ଷମ ନୋହୁଁ । ଏଥିରେ କନ୍ୟାପକ୍ଷ ଅମଙ୍ଗ ହୁଅନ୍ତି । ଯା'ହେଉ ହଁ-ନାହିଁ ମଧ୍ୟରେ କଥା ଛିଡେ ଯେ ଗୋଡକୁ ଝୁଣ୍ଟିଆ ଓ ପାଣି ପିଇବା ପାଇଁ ଗନଂ ଟ.୧.୨୫ (ପାଁ ସୁକା) ଦେବେ । ପୁଣି କନ୍ୟା ଘର ତରଫରୁ ତିନୋଟି ଲୁଗା, ସଂଘ ବାବଦକୁ କିଛି ଭେଟି, ଝିଅର ସାଙ୍ଗମାନଙ୍କ ଉଦ୍ଦେଶ୍ୟରେ ଭେଟି (ସାଙ୍ଗଛାଡୁଣୀ) ଏବଂ ବର ପକ୍ଷରୁ ଟୁକାପାନ୍ (ପୁଅର ସାଙ୍ଗମାନଙ୍କ ପାଇଁ ଭେଟି) ଇତ୍ୟାଦି କଥା ସ୍ଥିର ହୁଏ ।

ଏସବୁ ଶେଷ ହେବା ପରେ ଝିଅର ମାମୁଁ ଓ ପୁଅର ମାମୁଁ ଉଠିପଡି ପରସ୍ପର ମହା ଆନନ୍ଦରେ କୋଳାଗ୍ରତ ହୁଅନ୍ତି । ସେମାନଙ୍କୁ ପଚରାଯାଏ ଯେ ବାମ ହାତ ଭାଙ୍ଗିଲେ କାହାର ଓ ଡାହାଣ ହାତ ଭାଙ୍ଗିଲେ କାହାର । ସେମାନେ ଉତ୍ତର ଦିଅନ୍ତି – ଡାହାଣ ହାତ (ବର) ଭାଙ୍ଗିଲେ ରାଜାର (ବରର ବାପା ମା') ଓ ବାମ ହାତ (କନ୍ୟା) ଭାଙ୍ଗିଲେ ପ୍ରଜାମାନଙ୍କର (ଗ୍ରାମବାସୀ) । ଡ଼ାହାଣ ହାତ ଭାଙ୍ଗିଲେ ରାଜାକୁ ଟ. ୧୦. ଓ ବାମହାତ ଭାଙ୍ଗିଲେ ପ୍ରଜାଙ୍କୁ ଟ. ୫୧ ଦିଆଯିବ । ତତ୍ ପରେ ସେ ଦୁହେଁ ସମସ୍ତଙ୍କୁ ପ୍ରଣାମ ଜଣାନ୍ତି । ଏହିପରି ରାତି ପାହିଯାଏ । ସକାଳ ହେଲେ କନ୍ୟାପକ୍ଷର ଲୋକଙ୍କୁ ଦାନ୍ତକାଠି, ତେଲ ଇତ୍ୟାଦି ଦେଇ ଗାଧୋଇବା ପାଇଁ ନଦୀ କିମ୍ବା ପୋଖରୀକୁ ନେଇଯାଇ ଥାଆନ୍ତି । ଗାଧୋଇ ଆସିଲେ ସେମାନଙ୍କ ଗୋଡ ଧୋଇ ଖାଇବାକୁ ଦିଅନ୍ତି । ସେମାନେ ଯେଉଁଠି ଖାଇବାକୁ ବସିଥାଆନ୍ତି, ତା'ର ସମ୍ମୁଖ ମଝିବାହାରେ ବରର ଭାଉଜ ଚାଉଳ ଚୂନାରେ (ପିଠଉ) ଚତୁର୍ଭୁଜ ଆକାରର ମାଡ଼ଆ(ଝୁଣ୍ଡି) ପ୍ରସ୍ତୁତ କରନ୍ତି । ସେ ଝୋଟିର ଚାରିକୋଣରେ ଓ ମଝିରେ ସିନ୍ଦୁର ଟିକା ଦେଇ ନିଜେ ଚିତ୍ର ପାଖରେ ବସି ରହନ୍ତି । ବର ପକ୍ଷରୁ ମଧ୍ୟସ୍ତିକୁ ବରର ଭାଉଜମାଇଁ ପଇସା ଦେବାକୁ କୁହାଯାଏ । ମଧ୍ୟସ୍ଥି କନ୍ୟା ପକ୍ଷର ଲୋକଙ୍କଠାରୁ କିଛି ପଇସା ଆଣି ଭାଉଜଙ୍କୁ ଦିଅନ୍ତି ଓ ଭାଉଜ ଯାଇ ବରକୁ ସେହି ସ୍ଥାନକୁ ନେଇ ଆଣିଥାଆନ୍ତି । କନ୍ୟାଦଳ ଆଣିଥିବା ହଳଦୀ, ତେଲ ଆଦି ବରର ସାନ ଭଉଣୀ ବା ଗାଁର କେହି ସମ୍ପର୍କୀୟା ଭଉଣୀ ବରକୁ ମଖାଇ ଦିଅନ୍ତି ଓ କନ୍ୟାପକ୍ଷରୁ ଆସିଥିବା ଖାଦ୍ୟ ସାମଗ୍ରୀ, ହାଣ୍ଡିଆ ରସି ବରକୁ ଖାଇବାକୁ ଦିଆଯାଏ । ଏସବୁ ଶେଷ ହେଲେ ବର ପ୍ରସ୍ଥାନ କରେ । ଅତିଥିମାନଙ୍କ ପାଇଁ ସାମାନ୍ୟ ଜଳଯୋଗ କରାଯାଏ । ତା'ପରେ ଅନେକ ସମୟଯାଏଁ ଗପସପ ହୁଅନ୍ତି । ପୁଣି ଭୋଜନ ପାଇଁ ଭାତ ମାଂସର ଆୟୋଜନ କରାଯାଇଥାଏ । ପାନୀୟର ମଧ୍ୟ ବ୍ୟବସ୍ଥା ହୁଏ । ଖିଆପିଆ ସରିଲେ ସମସ୍ତେ ଏକତ୍ରିତ ହୋଇ ପଟିଆରେ ବସନ୍ତି । ଗୋଟିଏ ଦୋନାରେ (ଶାଳପତ୍ର ଦୋନା) ଟ.୧.୨୫ ପଇସା (ପାଁସୁକା) ରଖି, ଦୋନାକୁ ଏକ ବଡ ଶାଳପତ୍ର ଦ୍ୱାରା ଖଡିକା ଟିପି ବନ୍ଦ କରି ବରଘର ତରଫରୁ ମଧ୍ୟସ୍ଥିକୁ ଦିଆଯାଏ । ଏହି ସମୟରେ ଖୁବ୍ ଥଟ୍ଟା ପରିହାସ ଚାଲେ । କନ୍ୟା ପକ୍ଷରୁ କିଏ କହେ, ଏଥିରେ ବଡ ସାପଟିଏ ଅଛି ନା କ'ଣ ! କିଏ କହେ, ନା – ମୋତେ ତ ବେଙ୍ଗ ଭଳିଆ ଲାଗୁଛି ଇତ୍ୟାଦି । ଯା'ହେଉ ପ୍ରଥମେ ମଧ୍ୟସ୍ତି ଦୋନାଟି ଖୋଲେ ଏବଂ କ୍ରମାନ୍ୱୟରେ ସମସ୍ତେ ତାହା ଦେଖନ୍ତି । ପୁଣି ଦୋନାଟିକୁ ସେହିପରି ବନ୍ଦ କରି ମଧ୍ୟସ୍ତି

ଗଣ୍ଠୁଲିରେ ବାନ୍ଧିଦିଏ । ଗନଂ ଦେବାନେବା ଶେଷ ହେଲେ ଜଳଖିଆର ବନ୍ଦୋବସ୍ତ ହୁଏ । ସମସ୍ତେ ଆନନ୍ଦ ମନରେ ହସଖୁସି ମଧ୍ୟରେ ଥଟ୍ଟା କରୁକରୁ ଖାଇବାକୁ ବସନ୍ତି । ଏହି ସମୟରେ ବର ପକ୍ଷର ଝିଅ ବୋହୂମାନେ ଗୀତ ଗାଆନ୍ତି ।

"ଜମେପେ ବାଲାକ ଜମେପେ
ସିମିକ ଲେଏକା ସକଃର୍ ସକଃର୍
ମାରା ଲେକା ଦନ୍ଦ ଉଦେନ୍‌ପେ"

ଶେଷରେ 'ଗନଂ ଟାକା ଗଃ' ଦଳ କନ୍ୟାସୁନା ବା ଗନଂ ନେଇ ପିନ୍ଧାଣୀ (ଥଲ୍ ସୂତାମ୍) ଦିନ ଧାର୍ଯ୍ୟ କରି ଗୃହକୁ ପ୍ରତ୍ୟାବର୍ତ୍ତନ କରନ୍ତି ।

**ପିନ୍ଧାଣୀ (ଥଲ୍ ସୂତାମ୍) :**

ସମୟାନୁକ୍ରମେ ଭୂମିଜ ସମାଜ ପିନ୍ଧାଣୀ ବା ଥଲ୍ ସୂତାମ୍ ପ୍ରଥା ପରଂପରାଭୂତ କରାଇଥିବା ଜଣାଯାଏ । କନ୍ୟାସୁନା ଦେବାନେବା ଦିନ ଗନଂ ପରିମାଣ (ପାଁ ସୁକା) ବାଦ୍ ଅନ୍ୟାନ୍ୟ ଯେଉଁ ଶାଢ଼ୀ ଏବଂ ଗହଣା କଥା ସ୍ଥିର ହୋଇଥାଏ, ସେସବୁ ଏହି ପିନ୍ଧାଣୀ ଦିନ ବରପକ୍ଷ କନ୍ୟାଘରକୁ ଆସି ପ୍ରଦାନ କରିଥାଆନ୍ତି । ବରଘର ତରଫରୁ ମଧ୍ୟସ୍ଥି ଏବଂ ୨/୩ଜଣ ମୁରବୀ ଶ୍ରେଣୀୟ ଗ୍ରାମବାସୀ କନ୍ୟାପାଇଁ ଗହଣା, ଶାଢ଼ୀ, ମିଠା, ସାମଗ୍ରୀ ଏବଂ ସ୍ଥିର ହୋଇଥିବା କନ୍ୟାର ବୁଢ଼ୀମା' ଓ ମା' ପାଇଁ ଶାଢ଼ୀ ନେଇ କନ୍ୟା ଘରେ ପହଞ୍ଚନ୍ତି । ସେଠାରେ ଗାଁ ଲୋକଙ୍କୁ ଉପଯୁକ୍ତ ସତ୍କାର କରାଯିବା ପରେ କନ୍ୟାର ଭାଉଜ ସେହିପରି ମଝି ଅଗଣାରେ ଚାଉଳ ଚୂନାର ଝୋଟି ଦିଅନ୍ତି ଏବଂ ବରପକ୍ଷରୁ ତାଙ୍କୁ ପଇସା ଦିଆଯାଏ । କନ୍ୟାର ଭାଉଜ ଝୋଟି ଉପରେ ଗୋଟିଏ ଥାଳି ରଖନ୍ତି । ବରପକ୍ଷରୁ ଆଣିଥିବା ସମସ୍ତ ସାମଗ୍ରୀ ଥାଳି ଉପରେ ରଖାଯାଏ । କନ୍ୟାର ଭାଉଜ ସେସବୁକୁ ଗୋଟି ଗୋଟି ଖୋଲି ସମସ୍ତଙ୍କୁ ଦେଖାଇଥାଆନ୍ତି ଏବଂ ତତ୍‌ପରେ ଶାଢ଼ୀ ଗହଣା ଆଦି ଝିଅକୁ ପିନ୍ଧାଇ ସେଠାକୁ ଅଣାଯାଇଥାଏ । ଝିଅଟି ସମସ୍ତଙ୍କୁ ପ୍ରଣାମ କରେ । ଭୋଜନର ଆୟୋଜନ ହୁଏ ଏବଂ ବିବାହ ପାଇଁ ଦିନ ଧାର୍ଯ୍ୟ କରାଯାଇଥାଏ ।

**ବାଟପୂଜା(ଏରେ ବଙ୍ଗା) :**

ବିବାହ ପର୍ଯ୍ୟାୟରେ ଏହି ପୂଜାର ଆବଶ୍ୟକତା ବେଶ୍ ଉପଲବ୍ଧ ହୋଇଥାଏ । ଧର୍ମ ବିଶ୍ୱାସୀ ଭୂମିଜମାନେ ବିଭିନ୍ନ ଦେବଦେବୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ଏହି ବାଟପୂଜାର

ଆୟୋଜନ କରିଥାନ୍ତି । ବିବାହ ପୂର୍ବରୁ ଅନେକଥର ବର ଘର ଲୋକ କନିଆଁ ଘରକୁ ଯାଆନ୍ତି ଓ କନିଆଁ ଘର ଲୋକ ବର ଘରକୁ ଯାଆନ୍ତି କିମ୍ବା ମଧ୍ୟସ୍ଥି(ରାଇବାରିଆ) ଯିବାଆସିବା କରିଥାନ୍ତି । ଏହି ଯିବାଆସିବା ଭିତରେ ଯାହା ଘଟଣା ଅବା ଅଘଟଣ ଦୃଷ୍ଟିଗୋଚ଼ର ହୁଏ, ତାହାହିଁ 'ଏରେ' । ପ୍ରତ୍ୟେକ ଘଟଣା ଓ ଅଘଟଣ (କେଉଁଠାରେ ଗାଈଗୋରୁ ଲଢେଇ ଲାଗିବା, ହିଂସ୍ର ପ୍ରାଣୀ ଦେଖିବା, କାଠ ହାଣିବା, ବିରାଡ଼ି ଦେଖିବା ଇତ୍ୟାଦି) ଉଭୟ ପକ୍ଷ ଲିପିବଦ୍ଧ କରି ରଖିଥାଆନ୍ତି । ଦୁଇପକ୍ଷ ବିଚାର କରି 'ଏରେ'ର ମାତ୍ରା ନିର୍ଦ୍ଧାରଣ କରନ୍ତି । କେଉଁ ପ୍ରକାର ଘଟଣା ଘଟିଥିବାର ଦେଖିଥିଲେ  କି ପ୍ରକାର 'ଏରେ' ହୁଏ ଓ କିପରି ସମାଧାନ କରାଯିବ ତାହା ସ୍ଥିର କରାଯାଏ । ପୂଜାସାମଗ୍ରୀ ଯୋଗାଡ଼ କରି, ନିର୍ଦ୍ଧାରିତ ଦିନରେ ପୂଜାକରାଯାଇଥାଏ । ଏହି ପୂଜା ବରଘର ଓ କନିଆଁ ଘରକୁ ଯୋଗ କରୁଥିବା ରାସ୍ତା ମଧ୍ୟରେ ପୂଜା କରାଯାଇଥାଏ । ସିନ୍ଦୁର, ଅରୁଆଚାଉଳ ଫୁଲ ଇତ୍ୟାଦି ସହିତ 'ଏରେ'ର ମାତ୍ରାନୁଯାୟୀ କୁକୁଡ଼ା, ଛେଳି ଓ ବୋଦା ବଳି ଦିଆଯାଇଥାଏ । ହାଣ୍ଡିଆ ଓ ରସି ମଧ ପୂଜା କରାଯାଇଥାଏ । ପୂଜା ଶେଷରେ ବଳି ଦିଆଯାଇଥିବା ପ୍ରାଣୀର ମାଂସକୁ ରାନ୍ଧି ହାଣ୍ଡିଆ(ଇଲି) ବା ମଦ (ଆରକି) ସହିତ ଉଖୁଣା କରନ୍ତି ଓ ଭାତ ତରକାରୀ କରି ଉଭୟ ପକ୍ଷ ଖାଆନ୍ତି । ବଳକା ଖାଦ୍ୟକୁ ଘରକୁ ଅଣାଯାଏ ନାହିଁ । ଏଥିରେ ମହିଳାମାନଙ୍କୁ ଅଂଶଗ୍ରହଣ କରିବାରେ ସୁଯୋଗ ଦିଆଯାଏ ନାହିଁ । ଉକ୍ତ ପୂଜାରେ ବ୍ୟବହାର କରାଯାଇଥିବା ଜିନିଷ ଯଥା; ଡ଼େକ୍‌ଚି, ପନିକି, କଡ଼େଇ ଇତ୍ୟାଦି ଉଭୟ ପକ୍ଷ ମଧ୍ୟରେ ବଦଳ କରାଯାଇଥାଏ । ପୂଜାରେ ଖର୍ଚ୍ଚ ହୋଇଥିବା ଅର୍ଥ ଉଭୟ ପକ୍ଷ ବହନ କରିଥାନ୍ତି ।

ସୁଖ ସ୍ୱାଚ୍ଛନ୍ଦ୍ୟ ତଥା ନିରୋଗ ଜୀବନଯାପନ, ଦେବଦେବୀଙ୍କ କୋପଦୃଷ୍ଟି ପ୍ରାକୃତିକ ବିପର୍ଯ୍ୟୟ, ଉଭୟ ବରପକ୍ଷ ଓ କନ୍ୟାପକ୍ଷ ତଥା ନବଦମ୍ପତିଙ୍କ ଉପରେ ନପଡୁ ବା ପଡ଼ିଥିଲେ ସର୍ବାରିଷ୍ଟ ଖଣ୍ଡନ ହୋଇଯାଉ- ଏହି ଉଦ୍ଦେଶ୍ୟରେ 'ଏରେ' ବଙ୍ଗା ବା ବାଟପୂଜା କରାଯାଇଥାଏ । ଭୂମିଜ ସମାଜରେ ବିବାହ ସମୟରେ ଏରେବଂଗା ପୂଜା ବହୁ ପୁରାତନ କାଳରୁ ଚଳିଆସୁଛି ।

କନ୍ୟାସୁନା ଆଣିବାକୁ ଯିବା ମଧ ଏକ ଶୁଭ କର୍ମ । ତେଣୁ ସେଥିପାଇଁ ଶୁଭ ବେଳାର ଆବଶ୍ୟକତା ଦୃଷ୍ଟିରୁ ଭୂମିଜମାନେ ଯିବା ସମୟକୁ ନିଜେ ହିଁ ଶୁଭ ବା ମଙ୍ଗଳପ୍ରଦ କରିବାକୁ ଚେଷ୍ଟା କରିଥାଆନ୍ତି । ପ୍ରଥମେ ଘରର ବାହାରେ କନ୍ୟାଘରର ବନ୍ଧୁବାନ୍ଧବ ତଥା

ଗ୍ରାମବାସୀଙ୍କ ଗହଣରେ ମଧ୍ୟସ୍ଥି ଧର୍ମ ଏବଂ ଗ୍ରାମଦେବତୀଙ୍କର ପୂଜା କରନ୍ତି । ପୂଜା ପରେ ଉପସ୍ଥିତ ସମସ୍ତ ଲୋକେ କିଛି ସମୟ ନୀରବ ରହିଥାଆନ୍ତି । କାରଣ କିଛି ଅଘଟଣ ଶବ୍ଦ ଆସୁଛି କି ନାହିଁ ଅନୁଧ୍ୟାନ କରାଯାଇଥାଏ । ଯଦି ସେହି ସମୟରେ ବିରାଡ଼ି ବୋବାଏ କିମ୍ବା କୁକୁର ଭୁକେ କିମ୍ବା ଗାଇଗୋରୁ ହମ୍ବାଳନ୍ତି ତେବେ କନ୍ୟାସୁନା ଆଣିବାକୁ ଯାଆନ୍ତି ନାହିଁ ଏବଂ ସେ ବିବାହ ପ୍ରସ୍ତାବ ନାକଚ ହୋଇଯାଏ । ମଧ୍ୟସ୍ଥି ବରଘରେ ସେ ଖବର ଜଣାଇ ଦିଏ । କିଛି ଅଶୁଭ ସୂଚନା ନଥିଲେ ଧର୍ମ ତଥା ଗ୍ରାମଠାକୁରାଣୀଙ୍କୁ ସାକ୍ଷୀ ରଖି କନ୍ୟାସୁନା ଆଣିବାକୁ ଯାଇଥାଆନ୍ତି । ସ୍ଥଳ ବିଶେଷରେ ଗାଁରୁ କିଛି ବାଟ ଗଲାପରେ ପୁଣି ମଧ୍ୟସ୍ଥି ଧର୍ମ ଓ ଗ୍ରାମଦେବତୀଙ୍କ ଉଦ୍ଦେଶ୍ୟରେ ପୂଜା କରୁଥିବାର ଦେଖାଯାଇଥାଏ । ନଚେତ୍ ବର ଗ୍ରାମର ସୀମାରେ ପହଞ୍ଚିଲେ ଧର୍ମ ଓ ସେଠିକାର ଗ୍ରାମ ଠାକୁରାଣୀଙ୍କ ଉଦ୍ଦେଶ୍ୟରେ ମଧ୍ୟସ୍ଥି ପୂଜା କରି ବରଘରେ ପଦାର୍ପଣ କରିଥାଆନ୍ତି ।

## କନ୍ୟାସୁନାରେ ମଧ୍ୟସ୍ଥିର ଭୂମିକା :

ଭୂମିଜ ସମାଜରେ ବିବାହ ତଥା କନ୍ୟାସୁନା ଦେବାନେବାରେ ମଧ୍ୟସ୍ଥିର ଭୂମିକା ଗୁରୁତ୍ୱପୂର୍ଣ୍ଣ । ମଧ୍ୟସ୍ଥି ବିବାହ ପ୍ରସ୍ତାବ ପୁଅ ତଥା ଝିଅ ଘରେ ଦିଅନ୍ତି । ପୁଅ ଝିଅଙ୍କୁ ଦେଖାଦେଖି କରାଇବାଠାରୁ ଆରମ୍ଭ କରି ପ୍ରତ୍ୟେକ ସ୍ତରରେ ବରଘର ଏବଂ କନ୍ୟାଘର ମଧ୍ୟରେ ଯୋଗସୂତ୍ର ରକ୍ଷା କରନ୍ତି । ମଧ୍ୟସ୍ଥିଙ୍କୁ ବାଦ୍ ଦେଇ ବର ଓ କନ୍ୟାଘରର ଲୋକେ ସିଧାସଳଖ ପ୍ରାୟ କଥାବାର୍ତ୍ତା କରନ୍ତି ନାହିଁ । କନ୍ୟାସୁନା ଦେବାନେବା ସମୟରେ ମଧ୍ୟସ୍ଥିର ଉପସ୍ଥିତି ଅନିବାର୍ଯ୍ୟ । ବରପକ୍ଷ ଯାହା ପଚାରନ୍ତି, କେବଳ ମଧ୍ୟସ୍ଥିଙ୍କୁ ଏବଂ କନ୍ୟାପକ୍ଷରୁ ମୁଖ୍ୟତଃ ସେହି ମଧ୍ୟସ୍ଥି ହିଁ ସବୁ ପ୍ରଶ୍ନର ଉତ୍ତର ଦେଇ ଥାଆନ୍ତି । କନ୍ୟାସୁନା ବିଷୟରେ ଆଲୋଚନା ସମୟରେ ବରର ପିତାମାତା ଅନୁପସ୍ଥିତ ରହୁଥିଲେ ମଧ୍ୟ ମଧ୍ୟସ୍ଥି ସେମାନଙ୍କ ସହିତ କଥାବାର୍ତ୍ତା କରି ସର୍ବ ସମକ୍ଷରେ ପ୍ରକାଶ କରନ୍ତି । ମଧ୍ୟସ୍ଥିଙ୍କୁ ବରଘରେ ତଥା କନ୍ୟାଘରେ ବିବାହ ସଂପର୍କିତ ପ୍ରତ୍ୟେକଟି ଆଳାପ ଆଲୋଚନା ପାଇଁ ଅବାଧ ସ୍ୱାଧିନତା ଦିଆଯାଇଥାଏ । ନିଜର କାର୍ଯ୍ୟ ଦକ୍ଷତା ଓ ବାକ୍ ପଟୁତା ଯୋଗୁ ସେ ଉଭୟ ପକ୍ଷଙ୍କୁ ଆକର୍ଷିତ କରିପାରନ୍ତି । କନ୍ୟାସୁନା ସମ୍ବନ୍ଧୀୟ କମ୍‌ବେଶୀ ବା ସମସ୍ତ ଯୁକ୍ତି ତର୍କକୁ ଚତୁରତାର ସହ ସମାଧାନ କରି ଉଭୟ ପକ୍ଷର ସମ୍ମତି ହାସଲ କରନ୍ତି ଓ ସୁରୁଖୁରୁରେ ବିବାହ କାର୍ଯ୍ୟ ସଂପାଦିତ ହେବାକୁ ଯଥୋରୋନାସ୍ତି ଚେଷ୍ଟା କରନ୍ତି । ଉଲ୍ଲେଖନୀୟ ବିଷୟ ଏହି ଯେ କେବଳ କନ୍ୟାସୁନା ଆଣିବାକୁ ବାହାରିବା ସମୟରେ କିମ୍ବା କନ୍ୟାସୁନା ପାଇଁ

ବର ଘରେ ପହଞ୍ଚିବା ପର୍ଯ୍ୟନ୍ତ ମଧ୍ୟସ୍ଥି ହିଁ ପୂଜା କରିବାର ଅଧିକାର ପାଇଥାଆନ୍ତି । ତେଣୁ ଭୂମିଜ ସମାଜର ବୈବାହିକ ପରଂପରାରେ ମଧ୍ୟସ୍ଥି ଏକ ଅତ୍ୟାବଶ୍ୟକୀୟ ବ୍ୟକ୍ତିବିଶେଷ ।

**କନ୍ୟାସୁନାର ଆବଶ୍ୟକତା :**

ଭୂମିଜ ସଂପ୍ରଦାୟରେ ଝିଅଟିକୁ ଲକ୍ଷ୍ମୀତୁଲ୍ୟ ଜ୍ଞାନ କରିଥାଆନ୍ତି । ତେଣୁ ଲକ୍ଷ୍ମୀପ୍ରତିମା ଝିଅକୁ ବିବାହ କାଳରେ ଦାନ କରିବା ପୂର୍ବରୁ ତା'ର ସମ୍ମାନ ତଥା ଗୌରବକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ କନ୍ୟାପିତା କନ୍ୟାସୁନା ଗ୍ରହଣ କରନ୍ତି ଏବଂ ଅନୁରୂପ ଭାବେ ଲକ୍ଷ୍ମୀଟିକୁ ଘରକୁ ବୋହୂକରି ସମ୍ମାନର ସହ ଆଣିବା ପାଇଁ ବରପକ୍ଷରୁ କନ୍ୟାସୁନା ପ୍ରଦାନ କରାଯାଇଥାଏ । ଏତଦ୍‌ଭିନ୍ନ କନ୍ୟାସୁନା ଶ୍ରଦ୍ଧାର ପ୍ରତୀକ । ତାହା ପ୍ରତିଶ୍ରୁତିର ବାର୍ତ୍ତା ମଧ୍ୟ ବହନ କରିଥାଏ । ଶ୍ରଦ୍ଧା ଓ ଆଦରର ସହିତ କନ୍ୟାଟିକୁ ଘରକୁ ଆଣିବା ପାଇଁ ବରଘର ପକ୍ଷରୁ ପ୍ରତୀକାତ୍ମକ କେବଳ ପାଁସୁକା ପଇସା ଦିଆଯାଏ । ଏ କ୍ଷେତ୍ରରେ ଅର୍ଥର ମୂଲ୍ୟ ନୁହେଁ, ପରନ୍ତୁ ଶ୍ରଦ୍ଧା ଓ ମମତାର ମୂଲ୍ୟ ହିଁ ବଳବତ୍ତର ରହେ । ପିତାମାତାଙ୍କର ଅଲିଅଳ ଝିଅଟିକୁ ଘେନି ଆଣୁଥିବାରୁ ଏବଂ ତାକୁ ସୁଖ-ଶାନ୍ତି, ସ୍ନେହ-ମମତାର ସହ ରଖିବା ପାଇଁ ପ୍ରତିଶ୍ରୁତିବଦ୍ଧ ହେବାକୁ ବରପକ୍ଷରୁ କନ୍ୟାସୁନା ପ୍ରଦାନ କରାଯାଏ । ଅପର ଅର୍ଥରେ କୁହାଯାଇପାରେ ଯେ ଝିଅଟିକୁ ସୁଖର ସଂସାର ଗଢ଼ାଇ ଦେବାର ପ୍ରତିଶ୍ରୁତି ସେମାନେ ଝିଅଟିର ପିତାମାତାଙ୍କ ଠାରେ ଅର୍ପଣ କରିଥାଆନ୍ତି । ତେଣୁ ଭୂମିଜ ସମାଜରେ କନ୍ୟାପାଇଁ କନ୍ୟାସୁନାର ଗୁରୁତ୍ୱ ଯଥେଷ୍ଟ ଅଧିକ ତଥା ମହତ୍ତ୍ୱପୂର୍ଣ୍ଣ ମଧ୍ୟ । ଏହା ସମାଜରେ କନ୍ୟାର ସମ୍ମାନବୋଧ ଏବଂ ଗୁରୁତ୍ୱକୁ ସୂଚାଇ ଦେଇଥାଏ ।

ସାମାଜିକ ଦୃଷ୍ଟିକୋଣରୁ ଭୂମିଜମାନଙ୍କ ପାଇଁ କନ୍ୟାସୁନାର ଯଥେଷ୍ଟ ଗୁରୁତ୍ୱ ରହିଥିବା ଅନୁମେୟ । ଉନ୍ନତ ସାମାଜିକ ବିଧିବ୍ୟବସ୍ଥାର ପ୍ରତୀକ ଭାବରେ କନ୍ୟାପାଇଁ କନ୍ୟାସୁନା ପ୍ରଦାନ କରାଯାଇଥାଏ । ଏଥିରୁ ସ୍ପଷ୍ଟ ହୋଇଯାଏ ଯେ ଅଣ ଆଦିବାସୀମାନଙ୍କ ପରି ଭୂମିଜମାନେ କନ୍ୟା ବା ଝିଅକୁ ବୋଝ ବୋଲି ମଣନ୍ତି ନାହିଁ । ସମାଜରେ ପୁଅର ଯେତିକି ଅଧିକାର, ଝିଅର ତତୋଧିକ ଅଧିକାର ଏବଂ ସମ୍ମାନବୋଧ ରହିଥାଏ । ଅପର ପକ୍ଷରେ କନ୍ୟାସୁନା ସାମାଜିକ ବନ୍ଧନକୁ ସୁଦୃଢ଼ କରିଥାଏ । ବନ୍ଧୁତ୍ୱ ଭାବ ଉଦ୍ରେକ କରାଇବା ସହିତ ଏକତାର ମନ୍ତ୍ର ଶିଖାଏ । ମାନବିକତା ତଥା ଶ୍ରଦ୍ଧା-ପ୍ରେମର ଭାବନା ଜାଗ୍ରତ କରାଇବାରେ ସହାୟକ ହୁଏ । ଫଳତଃ ଅନ୍ୟ ଆଦିବାସୀ ସମାଜ ପରି

ନାରୀ ନିର୍ଯ୍ୟାତନା ଭୂମିଜ ସମାଜରେ ଦୃଷ୍ଟି ଗୋଚର ହୁଏ ନାହିଁ । ସଭ୍ୟତା ଓ ଆଧୁନିକ ଶିକ୍ଷାଠାରୁ କିଛି ପଛରେ ପଡ଼ିଯାଇଥିଲେ ମଧ୍ୟ ଭୂମିଜ ସମାଜ ଉନ୍ନତ ସାମାଜିକ ପରଂପରାର ସାକ୍ଷ୍ୟ ପ୍ରଦାନ କରିବାରେ ସକ୍ଷମ ହୋଇଥାଏ ।

ଏତଦ୍‌ଭିନ୍ନ ଭୂମିଜ ସମାଜରେ ପ୍ରଚଳିତ କନ୍ୟାସୁନା (ପାଁସୁକା) ଅପରିବର୍ତ୍ତିତ ରହି ସାମାଜିକ ସନ୍ତୁଳନ ବଜାୟ ରଖିଥିବା ମନେହୁଏ । ପରିମାଣର ସ୍ୱଳ୍ପତା ଯୋଗୁ ପାରଂପରିକ ପ୍ରଥା ସର୍ବଜନାଦୃତ ହୋଇ ସବୁକାଳରେ ଗ୍ରହଣୀୟ ହୋଇପାରେ । ସେଥିପାଇଁ ଅଦ୍ୟାବଧି ଭୂମିଜ ସମାଜରେ କନ୍ୟାସୁନା ବା ଗନଂ ପ୍ରଥାର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି ।

**ବିବାହର ପ୍ରକାରଭେଦ ଓ କନ୍ୟାସୁନା :**

ଭୂମିଜ ସମାଜରେ ବିଭିନ୍ନ ପ୍ରକାର ବିବାହ ବିଧି ପ୍ରଚଳିତ । ସେ ମଧ୍ୟରୁ ୧- ଆୟୋଜିତ ବା ସାଧାରଣ ବିବାହ(ଆଣ୍ଡି), ୨- ପରିତ୍ୟକ୍ତା ସ୍ତ୍ରୀ ବିବାହ(ସାଙ୍ଗାଓ ଆଣ୍ଡି), ୩-ବିଧବା ସ୍ତ୍ରୀ ବିବାହ (ରାଣ୍ଡି ଆଣ୍ଡି), ୪-ବଳପୂର୍ବକ ବା ସିନ୍ଦୁର ଘସା ବିବାହ (ଗଆଡ୍ କିଆ ଆଣ୍ଡି), ୫-ପ୍ରେମ ବିବାହ (ନାପାମ୍‌ଦପ ଆଣ୍ଡି) ବଳପୂର୍ବକ / ସିନ୍ଦୁରଘସା ବିବାହ ବ୍ୟତୀତ ପ୍ରତ୍ୟେକ ବିବାହ ପାଇଁ ପାରଂପରିକ କନ୍ୟାସୁନାର ପରିମାଣ ମାତ୍ର ପାଁସୁକା ବା ଟ.୧.୨୫ ପଇସା । କିନ୍ତୁ ଆନୁସଙ୍ଗିକ ସାମଗ୍ରୀ ଗୁଡ଼ିକରେ ଭିନ୍ନତା ପରିଲକ୍ଷିତ ହୋଇଥାଏ ।

ଆୟୋଜିତ ବା ସାଧାରଣ ବିବାହରେ କନ୍ୟାସୁନାର ପରିମାଣ ପାଁସୁକା (ଟ୧.୨୫) ଏବଂ ତିନି ଖଣ୍ଡ ଶାଢ଼ୀ ( କନ୍ୟାର ବୁଢ଼ୀ ମା ପାଇଁ-ଜିଆ ଶାଢ଼ୀ,କନ୍ୟାର ମା ପାଇଁ-ଏଙ୍ଗାବାଗେ, କନ୍ୟାପାଇଁ-କନ୍ୟା କିଚିରି କିମ୍ବା କନ୍ୟାର ଭାଇ ପାଇଁ ଧୋତି- (ଶାଳା ଧୋତି) ଏହା ବାଦ୍ ସକ୍ଷମ ଅନୁସାରେ ଗୋଟିଏ କିମ୍ବା ଦୁଇଟି ଅଳଙ୍କାର ।

ପରିତ୍ୟକ୍ତା ସ୍ତ୍ରୀଟିଏ ଭୂମିଜ ସମାଜରେ ପୁନର୍ବିବାହ କରିପାରେ । କେବଳ ପରିତ୍ୟକ୍ତ ପୁରୁଷକୁ ନୁହେଁ, ଯେ କୌଣସି ପୁରୁଷକୁ ବିବାହ କରିବାରେ ତା' ପାଇଁ କୌଣସି ପ୍ରତିବନ୍ଧକ ନଥାଏ । ଏଥିରେ କନ୍ୟାସୁନାର ପରିମାଣ ମଧ୍ୟ ପାଁସୁକା । କିନ୍ତୁ ଆନୁସଂଗିକ ଶାଢ଼ୀ ବା ଲୁଗା କିମ୍ବା ଅଳଙ୍କାର ଆଦି ଦାବୀ କରାଯାଏ ନାହିଁ । ବର ପକ୍ଷରୁ ଖୁସିରେ ଦିଆ ଯାଇପାରେ ନଦେଲେ ମଧ୍ୟ କିଛି ଅଭିଯୋଗ / ଅନୁରୋଧ ଉତ୍ଥାପିତ ହୁଏ ନାହିଁ । ତେବେ ବରଘର ତରଫରୁ ଗ୍ରାମବାସୀଙ୍କୁ ଭୋଜି ଖାଇବାକୁ ଦିଆଯାଇଥାଏ ।

ବିଧବା ସ୍ତ୍ରୀ ମଧ୍ଯ ଯେ କୌଣସି ପୁରୁଷଙ୍କୁ ପୁନର୍ବିବାହ କରିପାରେ । ତା' ପ୍ରତି କୌଣସି ବାରଣ ନ ଥାଏ । ଏ କ୍ଷେତ୍ରରେ କନ୍ୟାସୁନା ସମପରିମାଣରେ ପାଁସୁକା ବା ଟ.୧.୨୫ ପଇସା ପ୍ରଦାନ କରିବାକୁ ହୋଇଥାଏ । ତେବେ ଲୁଗାପଟା, ଗହଣା ଆଦି ଦେବା ନେବାରେ ଗୁରୁତ୍ୱ ଆରୋପ କରାଯାଏ ନାହିଁ । ଦେଲେ ଭଲ ନଦେଲେ ମଧ୍ଯ ଚଳେ । ପରିତ୍ୟକ୍ତା ସ୍ତ୍ରୀ ବିବାହ ଭଳି ଏଥିରେ ଗ୍ରାମବାସୀଙ୍କୁ ଭୋଜିଭାତ ଦିଆଯାଏ ।

ବଳପୂର୍ବକ / ଜବରଦସ୍ତ ବା ସିନ୍ଦୁର ଘଷା ବିବାହ ଭୂମିଜ ସମାଜରେ ବେଶ୍ ପ୍ରଚଳିତ । ଏଥିରେ ପୁଅଟିଏ ଏକତରଫା ଭାବରେ ଝିଅଟି ପ୍ରତି ଆକର୍ଷିତ ହୋଇ ତାକୁ ବଳ ପୂର୍ବକ ବା ଜବରଦସ୍ତ ବିବାହ କରିବାକୁ ଇଚ୍ଛା କରେ ଏବଂ ସମୟ ସୁଯୋଗ ଦେଖି ଝିଅଟିର ମୁଣ୍ଡରେ ସିନ୍ଦୁର ଘଷି ଦିଏ । ସିନ୍ଦୁର ଘଷା ହେଉଛି ଭୂମିଜ ସମାଜରେ ବିବାହର ପ୍ରତୀକ । କିନ୍ତୁ ଜବରଦସ୍ତ ସିନ୍ଦୁର ଘଷିବା ଦ୍ୱାରା ତାହା ବଳପୂର୍ବକ ବିବାହ ଭାବରେ ପରିଗଣିତ ହୁଏ ଏବଂ ପୁଅଟି ସମାଜ ଦୃଷ୍ଟିରେ ଦୋଷୀ ସାବ୍ୟସ୍ତ ହୋଇଥାଏ । ଅନ୍ୟଜାତି ବା ସଂପ୍ରଦାୟର ଝିଅ ହୋଇଥିଲେ ଭୂମିଜ ସମାଜ ତାକୁ ସାମାଜିକ ବାସନ୍ଦ ଦଣ୍ଡ ଦେଇଥାଏ କିନ୍ତୁ ନିଜ ଜାତି ଭିତରେ ହୋଇଥିଲେ ଗ୍ରାମସଭା ପର୍ଯ୍ୟନ୍ତ କଥାଯାଏ ଏବଂ ଗ୍ରାମସଭାର ନିଷ୍ପତ୍ତି ଅନୁଯାୟୀ କନ୍ୟାସୁନାର ପରିମାଣ ଟ୫୦୦(ପାଞ୍ଚ ଶତ ଟଙ୍କା )ରୁ ଅଧିକ ହୁଏ, କିମ୍ବା ଏ କ୍ଷେତ୍ରରେ ଇଚ୍ଛା ଅନୁଯାୟୀ କନ୍ୟାସୁନା ଦାବୀ କରାଯାଇଥାଏ । ଝିଅର ପିତାମାତା ଅଧିକ କନ୍ୟାସୁନା ସହ ଅନ୍ୟାନ୍ୟ ଆନୁସଙ୍ଗିକ ସାମଗ୍ରୀ ଇଚ୍ଛା ମୁତାବକ ଆଦାୟ କରିଥାଆନ୍ତି । ଏହା ବ୍ୟତୀତ ଗ୍ରାମବାସୀଙ୍କ ମାନହାନୀ ପାଇଁ ଗୋଟିଏ ଦୁଇଟି ଛେଳି କିମ୍ବା ମେଣ୍ଢା ଦେବା ସହିତ ଜିଲୁମାଡ଼ି (ମାଂସଭାତ) ମଧ୍ଯ ଦେବାକୁ ବାଧ୍ଯ ହୋଇଥାଆନ୍ତି । ପୁଣି ପୁଅ ଘର ପକ୍ଷରୁ ସବୁ ଶାଢ଼ୀ, ଲୁଗାପଟା, ଅଳଙ୍କାର ଇତ୍ୟାଦି ପ୍ରଦାନ କରାଯାଇ ଥାଏ । ଏପରି ବିବାହ ତୁରନ୍ତ ସଂପାଦିତ ହୋଇଥାଏ ।

ପ୍ରେମ ବିବାହ ଯଦିଓ ଏତେ କ୍ଷତିକାରକ କିମ୍ବା ଅସମ୍ମାନ ସୂଚକ ନୁହେଁ, ତଥାପି ଭୂମିଜ ସମାଜ ଏହାକୁ ଭଲ ଦୃଷ୍ଟିରେ ଦେଖେ ନାହିଁ । ଭୂମିଜ ପୁଅ କିମ୍ବା ଝିଅ ଅନ୍ୟ ଜାତି ବା ସଂପ୍ରଦାୟର ଝିଅ କିମ୍ବା ପୁଅଙ୍କ ସହିତ ପ୍ରେମ ସଂପର୍କ ରଖି ବିବାହ କଲେ ଭୂମିଜ ସମାଜ ସେପରି ବିବାହକୁ ସ୍ୱୀକୃତି ପ୍ରଦାନ କରେ ନାହିଁ, ବଂର ସେ କ୍ଷେତ୍ରରେ ସାମାଜିକ ବାସନ୍ଦ ଦଣ୍ଡ ଲାଗୁ କରାଯାଇଥାଏ । କିନ୍ତୁ ସ୍ୱଜାତିରେ ପ୍ରେମ ବିବାହ ଅନୁଷ୍ଠିତ ହେଲେ ତାହା ଗ୍ରାମ ସଭାର ବିଚାର ପରିସରଭୁକ୍ତ ହୁଏ ଏବଂ ଗ୍ରାମ ସଭାର ନିଷ୍ପତ୍ତି ଅନୁଯାୟୀ

ଉଭୟ ବର ଓ କନ୍ୟା ପକ୍ଷ ଗ୍ରାମବାସୀଙ୍କୁ ଭୋଜି ଖାଇବାକୁ ଦିଅନ୍ତି । ନିଜନିଜ ଗ୍ରାମବାସୀମାନେ ସେମାନଙ୍କ ଠାରୁ ଭୋଜି ପ୍ରାପ୍ତ ହୋଇଥାଆନ୍ତି । ପ୍ରେମ ବିବାହ କ୍ଷେତ୍ରରେ କନ୍ୟାସୁନା ସ୍ୱରୁପ ଟ୧.୨୫ ପଇସା ପ୍ରଦାନ କରାଯାଇଥାଏ । ଅନ୍ୟାନ୍ୟ କିଛି ଆନୁସଂଗିକ ଲୁଗାପଟା କିମ୍ବା ଗହଣା ଆଦି ଦିଆଯାଏ ନାହିଁ । କିନ୍ତୁ ବର ପକ୍ଷରୁ କନ୍ୟା ଗାଁର ଗ୍ରାମ ସଭାକୁ ଟ ୧୦୦ ଏବଂ କନ୍ୟା ପକ୍ଷରୁ ବର ଗାଁର ଗ୍ରାମ ସଭାକୁ ଟ୫୦ ଦେବାର ବିଧି ବ୍ୟବସ୍ଥା ଲାଗୁ କରାଯାଇଥାଏ ।

ତେବେ ଭୂମିଜ ସମାଜରେ ସାଧାରଣ ଆୟୋଜିତ ବିବାହ ଉପରେ ଯେତିକି ଗୁରୁତ୍ୱ ଦିଆ ଯାଇଥାଏ କିମ୍ବା ଏପରି ବିବାହର ବିଧିବ୍ୟବସ୍ଥା ପ୍ରତି ଯେପରି ଆଗ୍ରହ ପ୍ରକାଶିତ ହୁଏ, ଅନ୍ୟ କୌଣସି ପ୍ରକାର ବିବାହରେ ଭୂମିଜମାନେ ଆନନ୍ଦ ଉପଲବ୍ଧି କରନ୍ତି ନାହିଁ କିମ୍ବା ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ କନ୍ୟାସୁନାର ପାରଂପରିକତା ଦିଗରେ ଧ୍ୟାନ ଦେଇ ନଥାଆନ୍ତି ।

**କନ୍ୟାସୁନା ଫେରସ୍ତ ପଦ୍ଧତି :**

ଭୂମିଜ ସମାଜରେ ଆଗରୁ କନ୍ୟାସୁନା ଫେରସ୍ତ ଦେବାର ବିଧିବ୍ୟବସ୍ଥା ପ୍ରଚଳିତ ନଥିଲେ ହେଁ ଏବେକୁ ସ୍ଥଳ ବିଶେଷରେ ତାହା କାର୍ଯ୍ୟକାରୀ ହେଉଥିବାର ଦୃଷ୍ଟିଗୋଚର ହୁଏ । କାରଣ ଶୃଙ୍ଖଳିତ ଭୂମିଜମାନେ ଏପରି ପରିସ୍ଥିତି ସୃଷ୍ଟି କରନ୍ତି ନାହିଁ କିମ୍ବା ଭୂମିଜ କନ୍ୟାଟି ସେପରି ଉଦ୍‌ଭ୍ରାନ୍ତ ହୁଏ ନାହିଁ ଯେ କନ୍ୟାସୁନା ଫେରସ୍ତ କରାଯିବାର ସମ୍ଭାବନା ଆସେ । ପୂର୍ବରୁ ଉଲ୍ଲେଖ କରାଯାଇଛି ଯେ କନ୍ୟା ବା ଝିଅକୁ ଭୂମିଜମାନେ ଲକ୍ଷ୍ମୀ ତୁଲ୍ୟ ଜ୍ଞାନ କରିଥାଆନ୍ତି । ତେଣୁ ଝିଅଟି ଶାଶୁଘରେ ସୁଖରେ କାଳାତିପାତ କରୁଥିବା ଯୋଗୁଁ କନ୍ୟାସୁନା ଫେରସ୍ତ ଦେବାଭଳି ପରିସ୍ଥିତି ଉପୁଜେ ନାହିଁ ।

ତଥାପି ଆଜିକାଲିର ସମୟରେ ଯେପରି ପରିସ୍ଥିତିରେ କନ୍ୟାସୁନା ଫେରସ୍ତ କରାଯିବାର ପ୍ରସଙ୍ଗ ଆସିଥାଏ, ସେଗୁଡ଼ିକ ହେଲା - ସ୍ତ୍ରୀ ଯଦି ସ୍ୱଇଚ୍ଛାରେ ସ୍ୱାମୀକୁ ପରିତ୍ୟାଗ କରେ(ସ୍ୱାମୀ-ସ୍ତ୍ରୀ ମଧ୍ୟରେ ମନୋମାଳିନ୍ୟ ଘଟିଲେ, ସ୍ୱାମୀ ପ୍ରତି ଅନାଦର ଭାବ ଆସିଲେ, ଶାଶୁଘରେ ହଇରାଣ ହରକତ ହେଲେ, ସ୍ୱାମୀର ତ୍ରୁଟି ଯୋଗୁଁ ପିଲାଛୁଆ ନହେଲେ) କିମ୍ବା ସ୍ତ୍ରୀଟି ସ୍ୱାମୀ ଦ୍ୱାରା ପ୍ରତ୍ୟାଖ୍ୟାତ ହେଲେ(ଶାଶୁଘରେ ଅଯୋଗ୍ୟ ବୋହୂ ବା ସ୍ତ୍ରୀ ଭାବରେ ବିବେଚିତ ହେଲେ, ସବୁବେଳେ ରୋଗବ୍ୟାଧି ଲାଗି ରହିଲେ, ବନ୍ଧ୍ୟା ଦୋଷ ଥିଲେ, ଅନ୍ୟ ପୁରୁଷ ପ୍ରତି ଆକର୍ଷିତ ହେଲେ) । ଏପରି କ୍ଷେତ୍ରରେ ମଧ୍ୟସ୍ଥି

ମାଧ୍ୟମରେ କନ୍ୟାସୁନା ଫେରସ୍ତ ଦେବାକୁ କୁହାଯାଇଥାଏ । ମଧ୍ୟସ୍ଥି ସଂପୃକ୍ତ ଗ୍ରାମବାସୀଙ୍କ ସହିତ କନ୍ୟା ଘରକୁ ଯାଆନ୍ତି । ସେଠାରେ ବର ଗାଁର ଗ୍ରାମବାସୀ, ମଧ୍ୟସ୍ଥି ଓ କନ୍ୟାର ପିତାମାତା କନ୍ୟାପକ୍ଷର ଗ୍ରାମ ଲୋକଙ୍କ ସହିତ ବସି ଆଲୋଚନା କରିଥାଆନ୍ତି । ଉଭୟ ପକ୍ଷର ଦୋଷଗୁଣ ଆଲୋଚିତ ହୁଏ । ଯୁକ୍ତି ତର୍କ ମଧ୍ୟରେ ଦୋଷ ଗୁଣର ମାତ୍ରା ଅନୁଯାୟୀ କନ୍ୟାସୁନା ଫେରସ୍ତ ଦେବାର ସିଦ୍ଧାନ୍ତ ଗ୍ରହଣ କରାଯାଏ । ଅବଶ୍ୟ ଗୋଟି ଗୋଟି ସବୁ ଫେରସ୍ତ ଦିଆଯାଏ ନାହିଁ, କେବଳ ସାନ୍ତ୍ୱନା ମୂଳକ ବା ସମ୍ମାନ ରକ୍ଷା ନିମିତ୍ତ କିଛି ଫେରାଇ ଥାଆନ୍ତି । ଆବଶ୍ୟକ ସ୍ଥଳେ ଯଦି ଘରୋଇ ସ୍ତରରେ ଏପରି ସମସ୍ୟା ସମାଧିତ ନ ହୋଇପାରେ, ତେବେ ତାହା ଗ୍ରାମ ସଭାର ବିଚାର ପରିସରଭୁକ୍ତ ହୋଇଥାଏ ଏବଂ ଗ୍ରାମସଭାର ନିଷ୍ପତ୍ତି ଅନୁଯାୟୀ ସଭାପତିଙ୍କ ନିର୍ଦ୍ଦେଶରେ କନ୍ୟାର ପିତା କନ୍ୟାସୁନା ଫେରସ୍ତ ଦେବାକୁ ବାଧ୍ୟ ହୋଇଥାଆନ୍ତି ।

ଭୂମିଜ ସଂପ୍ରଦାୟରେ ବଳପୂର୍ବକ / ଜବରଦସ୍ତ ସିନ୍ଦୁର ଘଷା ବିବାହ କ୍ଷେତ୍ରରେ କନ୍ୟାଘର ପକ୍ଷରୁ ବର ପିତାମାତାଙ୍କଠାରୁ ଇଚ୍ଛା ମୁତାବକ କନ୍ୟାସୁନା ଆଦାୟ କରାଯାଇଥାଏ । ଏପରିକି ଗ୍ରାମ ସଭାରେ ବିଚାର ଆଲୋଚନା କରି ବର ପିତାଙ୍କଠାରେ ବଳପୂର୍ବକ କନ୍ୟାସୁନା ବାବଦରେ ଦାବି ଉପସ୍ଥାପିତ ହୁଏ । କନ୍ୟାସୁନାର ପରିମାଣ ପାଁସୁକା ଥିବା ସ୍ଥଳେ ସିନ୍ଦୁର ଘଷା ବିବାହରେ କନ୍ୟାସୁନାର ପରିମାଣ ଅତି କମରେ ଟ. ୫୦୦ କିମ୍ବା ତଦୁର୍ଦ୍ଧ କିମ୍ବା ଯଥେଷ୍ଟ ଅଧିକ ହୋଇଥାଏ । ସେଥିରେ ପୁଣି ଗ୍ରାମବାସୀଙ୍କ ମାନହାନୀ ବାବଦକୁ ୧/୨ ଛେଳି କିମ୍ବା ମେଣ୍ଢା, ଭୋଜି ଭାତ, ପାନୀୟ ଏବଂ କନ୍ୟା ପାଇଁ ଶାଢ଼ୀ-ଅଳଙ୍କାର, କନ୍ୟାର ମା', ବୁଢ଼ୀ ମା', ଭାଇମାନଙ୍କ ପାଇଁ ଲୁଗାପଟା ସବୁକିଛି ବଳପୂର୍ବକ ଦାବୀ କରାଯାଏ ଏବଂ ବରପକ୍ଷରୁ ସମସ୍ତ ଦାବୀ ସ୍ୱୀକାର କରିବାକୁ ବାଧ୍ୟ ହୋଇଥାଆନ୍ତି ।

ସେହିପରି କନ୍ୟାସୁନା ଫେରସ୍ତ ଦେବା କ୍ଷେତ୍ରରେ ମଧ୍ୟ ଅବସ୍ଥା ବା ପରିସ୍ଥିତି ଅନୁସାରେ କନ୍ୟାସୁନା ବଳପୂର୍ବକ ଆଦାୟ କରାଯାଇଥାଏ । ଯଦି ଜଣେ ସ୍ତ୍ରୀ ଲୋକ ସ୍ୱଇଚ୍ଛାରେ ସ୍ୱାମୀକୁ ପରିତ୍ୟାଗ କରି ପିତ୍ରାଳୟକୁ ଫେରିଯାଏ କିମ୍ବା ଅନ୍ୟ ଜଣେ ପୁରୁଷକୁ ବିବାହ କରେ, ତେବେ ସେ କ୍ଷେତ୍ରରେ କନ୍ୟାସୁନା ବଳପୂର୍ବକ ଦାବୀ କରାଯାଇଥାଏ । ମଧ୍ୟସ୍ଥି ମାଧ୍ୟମରେ ଉଭୟ ଗ୍ରାମର ଗ୍ରାମସଭାକୁ ଜଣାଇ ଦିଆଯାଏ ଏବଂ ସେହି ଅନୁସାରେ କନ୍ୟା ଘରକୁ ସୂଚିତ କରାଯାଇଥାଏ । ଉଭୟ ଗ୍ରାମରେ ଗ୍ରାମ ସଭା ଆହୂତ ହୁଏ । ବର

ଗ୍ରାମର ଗ୍ରାମ ସଭାର ନିଷ୍ପତ୍ତି କନ୍ୟା ଗ୍ରାମର ଗ୍ରାମ ସଭାକୁ ଜଣାଇ ଦିଆଯାଇଥାଏ । ସେହି ଅନୁଯାୟୀ କନ୍ୟା ଗ୍ରାମର ଗ୍ରାମ ସଭା କନ୍ୟାସୁନା ଫେରସ୍ତ ଦେବାର ନିଷ୍ପତ୍ତି ଗ୍ରହଣ କରି ସଂପୃକ୍ତ କନ୍ୟାର ପିତାମାତାଙ୍କୁ ଖବର ଦିଅନ୍ତି ବା ସଭାପତି ତାଙ୍କର ନିର୍ଦ୍ଦେଶ ପ୍ରେରଣ କରନ୍ତି । ତଦନୁସାରେ ବରପକ୍ଷରୁ କିଛି ଗ୍ରାମବାସୀ, ବଂଧୁ ଓ ମଧ୍ୟସ୍ଥି କନ୍ୟାସୁନା ଫେରସ୍ତ ନେବାକୁ କନ୍ୟା ଘରକୁ ଆସିଥାଆନ୍ତି । କିନ୍ତୁ ତା'ପରେ ମଧ୍ୟ ଯଦି କନ୍ୟାପକ୍ଷ କନ୍ୟାସୁନା ଫେରସ୍ତ ଦିଅନ୍ତି ନାହିଁ, ତେବେ ତାଙ୍କୁ ସାମାଜିକ ବାସନ୍ଦ କରାଯାଇଥାଏ । ସେହି ଘରକୁ ନିଆଁ ପାଣି ବନ୍ଦ ହୋଇଯାଏ । ଗ୍ରାମର କୌଣସି ଲୋକ ତାଙ୍କ ସହିତ ସଂପର୍କ ରଖନ୍ତି ନାହିଁ । ଅବଶ୍ୟ ସ୍ତ୍ରୀଟି ସ୍ୱାମୀଙ୍କୁ ପରିତ୍ୟାଗ କରି ପିତ୍ରାଳୟକୁ ଆସିଥିଲେ, ଘଟଣାଟିର ପୁଙ୍ଖାନୁପୁଙ୍ଖ ତର୍ଜମା କରି ଅସଲ କାରଣ ଖୋଜାଯାଏ । ଦୋଷଗୁଣ ବିଷୟରେ ଆଲୋଚନା କରି କନ୍ୟାସୁନା ଫେରସ୍ତ ଦେବା ନଦେବା ବା ବଳପୂର୍ବକ ଦାବି କରିବା ପ୍ରସଙ୍ଗ ଉଠେ କିମ୍ବା ନିଷ୍ପତ୍ତି ଗ୍ରହଣ କରାଯାଏ, କିନ୍ତୁ ସ୍ତ୍ରୀଟି ଯଦି ସ୍ୱାମୀଙ୍କୁ ପରିତ୍ୟାଗ କରି ଅନ୍ୟଜଣେ ପୁରୁଷକୁ ବିବାହ କରେ, ତେବେ ସେ କ୍ଷେତ୍ରରେ ଘଟଣାର ତର୍ଜମା ବା ଆଲୋଚନା କରିବାର ଅବସର ନଥାଏ । ସିଧାସଳଖ ବଳପୂର୍ବକ କନ୍ୟାସୁନା ଦାବି କରିବାର ନିଷ୍ପତ୍ତି ଗ୍ରହଣ କରାଯାଇଥାଏ । ଏଥିରେ କୌଣସି ଦ୍ୱିଧା ଉପୁଜେ ନାହିଁ କିମ୍ବା କୋହଳ ମନୋବୃତ୍ତି ପୋଷଣ କରିବାର ପ୍ରଶ୍ନ ଉଠେ ନାହିଁ ।

## କନ୍ୟାସୁନା : ଅତୀତ ଓ ବର୍ତ୍ତମାନ

କନ୍ୟାସୁନା ବା କନ୍ୟାଧନର ଉତ୍ପତ୍ତି କାଳରୁ ଯେଉଁ ପାଁସୁକା ପଇସାର ପ୍ରଚଳନ ଆରମ୍ଭ ହୋଇଥିଲା ସେହି ପରଂପରା ଭୂମିଜ ସମାଜରେ ବଳବତ୍ତର ରହିଲା ଏବଂ ଅଦ୍ୟାବଧି ତାହା ବିଦ୍ୟମାନ ମଧ୍ୟ । ଏଥିରେ କୌଣସି ପରିବର୍ତ୍ତନ ହୋଇନାହିଁ । କିନ୍ତୁ ସମୟାନୁକ୍ରମେ ପାଁସୁକା ପଇସା ସହ ତିନି ଖଣ୍ଡ ଶାଢ଼ୀ ବା ଦୁଇଖଣ୍ଡ  ଶାଢ଼ୀ ଓ ଖଣ୍ଡିଏ ଧୋତି(କନ୍ୟା କିଚିରି, ଜିଆ ଶାଢ଼ୀ, ଏଙ୍ଗାବାଗେ ଓ ଶାଳା ଧୋତି) କନ୍ୟାସୁନା ସହିତ ପରଂପରାଭୂତ ହୋଇଗଲା । ଏତଦ୍‌ଭିନ୍ନ ସ୍ଥଳ ବିଶେଷରେ ପାଁସୁକା ପଇସା, ତିନିଖଣ୍ଡ ଶାଢ଼ୀ ଏବଂ ତା' ସହିତ ସକ୍ଷମ ଅନୁସାରେ ଗହଣା ମଧ୍ୟ କନ୍ୟାସୁନା ରୂପରେ ପରିଗଣିତ ହେଉଥିବାର ଦୃଷ୍ଟିଗୋଚର ହେଉଛି । ତେବେ ମୂଳ ବା ଅତୀତର କନ୍ୟାସୁନାର ପରିମାଣ (ଟ୧.୨୫ ପଇସା) ଅପରିବର୍ତ୍ତିତ ରହିଥିବାବେଳେ ସେଥିରେ ସଂଶ୍ଳିଷ୍ଟ ଆନୁସଙ୍ଗିକ ସାମଗ୍ରୀଗୁଡ଼ିକର କେବଳ ପରିବର୍ତ୍ତନ ସଂଗଠିତ ହେବାରେ ଲାଗିଛି । ଆଜିକାଲି

ଭୂମିଜମାନେ ସଭ୍ୟ, ଶିକ୍ଷିତ ତଥା ସ୍ୱଚ୍ଛଳ ହୋଇ କନ୍ୟାସୁନା ସହିତ ଶାଢୀ (ଆବଶ୍ୟକତା ଠାରୁ ଅଧିକ), ଅଳଙ୍କାର, ଖାଦ୍ୟସାମଗ୍ରୀ ଓ କନ୍ୟା ପାଇଁ ଅନ୍ୟାନ୍ୟ ପ୍ରସାଧନ ସାମଗ୍ରୀ, ସାୟା, ବ୍ଲାଉଜ ଇତ୍ୟାଦି ପ୍ରଦାନ କରୁଛନ୍ତି । ଅଧିକ ବନ୍ଧୁ ସତ୍କାର କରାଯାଉଛି । କନ୍ୟାର ପିତା ତଥା ଅନ୍ୟାନ୍ୟ ଜ୍ଞାତି କୁଟୁମ୍ବ ସମ୍ମାନାର୍ଥେ ଉପହାର ମାନ ପ୍ରଦତ୍ତ ହେଉଛି । ଅଧିକ ପସନ୍ଦର ଝିଅଟିଏ ମିଳିଲେ ବରପକ୍ଷରୁ ଇଚ୍ଛା ମୁତାବକ ପ୍ରୀତି ଉପହାର ଅର୍ପଣ କରିବାରେ କୁଣ୍ଠା ପ୍ରକାଶ ପାଉନାହିଁ ।

ବର୍ତ୍ତମାନ ସମୟରେ ପରିସ୍ଥିତି ଓ ପରିବେଶର ପ୍ରଭାବରେ କନ୍ୟାସୁନା ସହିତ ଦିଆଯାଉଥିବା ଉପହାର ସାମଗ୍ରୀଗୁଡ଼ିକର ମାନ, ପରିମାଣରେ ବୃଦ୍ଧି ଘଟିଥିଲେ ହେଁ ଅତୀତର ପାରମ୍ପରିକ କନ୍ୟାସୁନାର ପରିମାଣରେ ସ୍ଥିତାବସ୍ଥା ବଜାୟ ରହିଛି । ଉପହାର ସ୍ୱରୂପ ଯାହା କିଛି ଦିଆଯାଇପାରେ, କିନ୍ତୁ ଭୂମିଜ ସମାଜ କନ୍ୟାସୁନା ପାଇଁ ସୁକା ପଇସା ଅପରିବର୍ତ୍ତିତ ରଖିଛି । ଏହା ପରମ୍ପରାଭିତ୍ତିକ ମୂଲ୍ୟବୋଧକୁ ସୂଚାଇ ଥାଏ ।

### କନ୍ୟାସୁନା ଓ ଯୌତୁକ ?

ସାଧାରଣତଃ ବିବାହ କ୍ଷେତ୍ରରେ ବର ପକ୍ଷରୁ ଦାବି କରାଯାଉଥିବା ଅର୍ଥ କିମ୍ବା କୌଣସି ଉପକରଣ / ସାମଗ୍ରୀ ଇତ୍ୟାଦିକୁ ଯୌତୁକ ଭାବରେ ଗ୍ରହଣ କରାଯାଇଥାଏ କିମ୍ବା ବିବାହ କାଳରେ ବରକନ୍ୟାକୁ ପ୍ରଦତ୍ତ ଧନଦ୍ରବ୍ୟ ବା ଉପହାର ସାମଗ୍ରୀକୁ ଯୌତୁକ ଆଖ୍ୟା ଦିଆଯାଇଥାଏ । ଏପରି ଯୌତୁକ ପ୍ରଥା ଆର୍ଯ୍ୟତ ତା ଅଣଆଦିବାସୀ ସମ୍ପ୍ରଦାୟ ଗୁଡ଼ିକରେ ବେଶ୍ ପ୍ରଚଳିତ । କିନ୍ତୁ ଆଦିବାସୀ ଗୋଷ୍ଠୀଙ୍କ ମଧ୍ୟରେ ଏହାର ଓଲଟା ପ୍ରଥା ପାରମ୍ପରିକ ସୂତ୍ରରେ ସମ୍ପାଦିତ ହୋଇଥାଏ । ଯାହାକୁ କନ୍ୟାସୁନା ବା କନ୍ୟାଧନ କୁହାଯାଏ । ଏଥିରେ ବର ପକ୍ଷରୁ ଦାବି କରାଯାଏ ନାହିଁ ବା ସାଧାରଣ ବିବାହରେ କନ୍ୟା ପକ୍ଷରୁ ମଧ୍ୟ ଦାବି କରନ୍ତି ନାହିଁ । ବ୍ୟବସାୟିକ ମନୋବୃତ୍ତିରେ ଅର୍ଥ ଲୋଭ ନଥାଏ କିମ୍ବା ଧନଦ୍ରବ୍ୟ-ସାମଗ୍ରୀ ଆଶା କରାଯାଏ ନାହିଁ । କେବଳ କନ୍ୟାରୂପୀ ଲକ୍ଷ୍ମୀଟିର ସମ୍ମାନ ଓ ମର୍ଯ୍ୟାଦା ଦୃଷ୍ଟିରୁ ପରମ୍ପରା ଭିତ୍ତିରେ ଆଦିବାସୀମାନେ କନ୍ୟାସୁନା ପ୍ରଦାନ କରନ୍ତି କିମ୍ବା ଗ୍ରହଣ କରି ଥାଆନ୍ତି । ତାହାର ପରିମାଣ ମଧ୍ୟ ମାତ୍ର ପାଁ ସୁକା (ଟ. ୧.୨୫ ପଇସା) ପଇସା ଏବଂ ସାମାଜିକ ତଥା ଆଧାତ୍ମିକ ଭିତ୍ତିକ ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ କନ୍ୟାସୁନାକୁ ସମ୍ମାନର ସହ ଗ୍ରହଣ କରିବା ପାଇଁ କନ୍ୟାପକ୍ଷ ପୂଜାପାଠ ପୂର୍ବକ ଶୁଭବେଳା ଦେଖି ବରଘରକୁ ଯାଇଥାଆନ୍ତି । ତତ୍ ଭିନ୍ନ ବରପକ୍ଷ କନ୍ୟାସୁନାକୁ (ପାଁସୁକା) ଯଥୋଚିତ

ବିଧିବ୍ୟବସ୍ଥା ସହିତ ଅତି ଯତ୍ନ ସହକାରେ ଶାଳପତ୍ର (ଆଦିବାସୀଙ୍କ ପାଇଁ ପବିତ୍ର ପତ୍ର) ଦୋନାରେ ରଖି, ଦୋନାକୁ ବଡ ଶାଳପତ୍ରରେ ଭଲ ଭାବରେ ଖଡ଼ିକା ଦ୍ୱାରା ବନ୍ଦକରି କନ୍ୟାପକ୍ଷଙ୍କୁ ଅର୍ପଣ କରିଥାଆନ୍ତି । ଭୂମିଜ ସମାଜରେ ଏହି ପରମ୍ପରା ଅଙ୍ଗୀଭୂତ । କନ୍ୟାସୁନା ପ୍ରଥା ଓ କାର୍ଯ୍ୟଧାରା ସେମାନଙ୍କ ପାଇଁ ବେଶ୍ ଶୁଭ ଓ ପବିତ୍ର କର୍ମ ରୂପେ ବିବେଚିତ ହୋଇଥାଏ ଯାହାକି ଯୌତୁକ ବ୍ୟବସ୍ଥା ସହିତ କୌଣସି ପ୍ରକାର ସାମଞ୍ଜସ୍ୟ ନାହିଁ ।

ଅବଶ୍ୟ ଆଜିକାଲି ଶିକ୍ଷା ଓ ସଭ୍ୟତାର ପ୍ରଭାବରେ ଭୂମିଜ ସମାଜରେ ଯୌତୁକ ପ୍ରଥା ମୁଣ୍ଡ ଟେକୁଥିବା ଅନୁଭୂତ ହେଲାଣି । କିଏ କେମିତି ଧନୀ ଶ୍ରେଣୀୟ ଭୂମିଜମାନେ ଲୁଚାଚୋରା ବର ପାଇଁ ଅର୍ଥ, ଗାଡି ଆଦି ଦେଉଛନ୍ତି । ହେଲେ ତାହା ଭୂମିଜ ସମାଜର ପରମ୍ପରା ବିରୋଧୀ ହୋଇଥିବାରୁ ଲୋକଲୋଚନକୁ ଆସିଲେ ସମାଜର ବିଚାର ଆଲୋଚନା ପରିସରଭୁକ୍ତ ହୋଇ ଦଣ୍ଡିତ ହେବାର ଭୟ ମଧ୍ୟ ରହିଛି । ତେଣୁ ଯାହାକିଛି ଯୌତୁକ ଦେବା ନେବା ଚାଲିଛି, ତାହା ଗୁପ୍ତରେ, ସମାଜ ଆଢୁଆଳରେ, ସହର ବଜାରରେ ।

ତଥାପି ଆଧୁନିକତାର ପ୍ରଚଣ୍ଡ ପ୍ରବାହ ମଧ୍ୟରେ ସୁଦ୍ଧା ଭୂମିଜ ସମାଜରେ କନ୍ୟାସୁନା ପ୍ରଥା ବେଶ୍ ଉଜ୍ଜିବୀତ ରହିପାରିଛି ଏହା କମ୍ ଗୌରବର କଥା ନୁହେଁ ।

❑❑❑

| ଓଡ଼ିଆ,<br>ଭୂମିଜ ଓ<br>ଇଂରାଜୀ ଭାଷାରେ<br>ମାସର ନାମ | "ଭୂମିଜ" ପର୍ବପର୍ବାଣି ସାରଣୀ | | | | | | | |
|---|---|---|---|---|---|---|---|---|
| | ପର୍ବର<br>ନାମ | ନିର୍ଦ୍ଧାରିତ<br>ସମୟ | ସଂପୃକ୍ତ<br>ଦେବାଦେବୀ | ପୂଜାରୀ | ପୂଜୋ-<br>-ପକରଣ | ପୂଜାଉପଚାର,<br>ବ୍ୟକ୍ତିଗତ/ସାମୂହିକ | ସାଂସ୍କୃତିକ କାର୍ଯ୍ୟକ୍ରମ<br>ନାଚଗୀତ | ମନ୍ତବ୍ୟ |
| ବୈଶାଖ<br>ବଇଶାଖ୍<br>ଏପ୍ରିଲ-ମେ | ହେରପୁନା<br>ବାନାପୁଚ୍ | ଧାନବୁଣା ପୂର୍ବରୁ ହେରପୁନା ପର୍ବ ପାଳନକରାଯାଏ । | ଇଷ୍ଟ ଦେବାଦେବୀ ହାପାଡ୍ରମ୍ | ଘରର ମୁଖିଆ ନିଜେ | ଅରୁଆ ଚାଉଳ, ଉପେଯୋଗୀ ଉପକରଣ । | ଧାନ ବୁଣିବା ପୂର୍ବରୁ ପ୍ରତ୍ୟେକ ବ୍ୟକ୍ତି ନିଜ ଘର ଅଗଣାରେ ଏହି ହେରପୁନା ପୂଜା କରିଥାନ୍ତି । ଧାନ ଭଲଭାବରେ ଗଜା ହେବା ପାଇଁ ଏବଂ ରୋଗ ନଲାଗିବା ପାଇଁ ଇଷ୍ଟ ଦେବତା ହାପାଡ୍ରମଙ୍କୁ ଉଦ୍ଦେଶି ଦେଇ ପୂଜା କରିଥାନ୍ତି । ଘରର ମୁଖିଆ ସ୍ନାନ କରି ସଫା ଧଳାଲୁଗା ପରିଧାନ କରି ଗୋବର ମିଶା ଚୂନା ଗୁଣ୍ଡ ଲିପି ହୋଇଥିବା ଗୌଣି, କାଠ ଓ ପାଟିଆ ଉପରେ ଟିକା ମାରି ଗୌଣି କାଠ ମଧ୍ୟରେ କିଛି ବିହନ ଧାନ ରଖାଯାଏ । ହାପାଡ୍ରମଙ୍କୁ ସ୍ମରଣ କରି ଗୌଣିକାଠରେ ସିନ୍ଦୂର ଲଗାଇ ପୂଜା କରାଯାଏ । | ଏହି ପର୍ବ ପାଳନରେ ମୁଖିଆ ପଡ଼ୋଶୀ ଘରର ଲୋକଙ୍କୁ ଡାକି ହାଣ୍ଡିଆ ଭାତ ଦେଇଥାନ୍ତି । ସାଂସ୍କୃତିକ କାର୍ଯ୍ୟକ୍ରମ ନାଚ ଗୀତ ହୁଏନାହିଁ । | ମୁଖିଆ ପୂଜାପରେ ଗୌଣିରେ ଥିବା ଧାନକୁ ଧୋଇ ପୂର୍ବୀର ହାପଡ୍ରମ ଓ ଲକ୍ଷ୍ମୀଙ୍କୁ ସ୍ମରଣ କରି ବିହନକୁ ଜମିରେ ବୁଣିଥାନ୍ତି । |
| ଜ୍ୟେଷ୍ଠ<br>ଜେଠ୍<br>ମେ-ଜୁନ୍ | ରଜପର୍ବ | ଆଷାଢ଼ ମାସ ମିଥୁନ ସଂକ୍ରାନ୍ତିରେ ରଜପର୍ବ ପାଳନ କରାଯାଏ । ଏହା ତିନିଦିନ ଧରି ପାଳନ କରାଯାଏ । | ଇଷ୍ଟ ଦେବତା । ହାପାଡ୍ରମ୍ | ଘରରେ ମୁଖିଆ ନିଜେ । | ଶାଳପତ୍ରର ଦୋନରେ ଉଦ୍ଦେଶି ହାପାଡ୍ରମଙ୍କୁ ପୂଜା କରାଯାଏ । | ଏହି ପର୍ବକୁ ବ୍ୟକ୍ତିଗତ ଭାବରେ ପାଳନ କରିଥାନ୍ତି । ପୂର୍ବପୁରୁଷଙ୍କ ଉଦ୍ଦେଶ୍ୟରେ କରିବା ସହିତ ପିଠାପଣା କରି ମୁର୍ଦ୍ଦ ପଣସ ଭୋଜନ କରିଥାନ୍ତି । ମା ଧରଣୀଙ୍କ ରକ୍ଷା ଓ ବୃଦ୍ଧି ଉଦ୍ଦେଶ୍ୟରେ ୩ଦିନ ଧରି କାମଦାମ ବନ୍ଦ କରି ପୁଅଝିଅମାନେ ଗୀତ ଗାଇ ଦୋଳି ଖେଳନ୍ତି । | ରଜପର୍ବର ରାତିରେ ମହିଳାମାନେ ଗୀତ ଗାଇ ନୃତ୍ୟକରନ୍ତି ପୁରୁଷମାନେ ଗୀତ ଗାଆନ୍ତି ଏବଂ ବାଜା ବଜାନ୍ତି । ଢୋଲ ମାଦଳ ଯୁବକମାନେ ବଜାଇଥାନ୍ତି । | |

| ଓଡ଼ିଆ, ଭୂମିଜ ଓ ଇଂରାଜୀ ଭାଷାରେ ମାସର ନାମ | "ଭୂମିଜ" ପର୍ବପର୍ବାଣି ସାରଣୀ | | | | | | | |
|---|---|---|---|---|---|---|---|---|
| | ପର୍ବର ନାମ | ନିର୍ଦ୍ଧାରିତ ସମୟ | ସଂପୃକ୍ତ ଦେବାଦେବୀ | ପୂଜାରୀ | ପୂଜୋ-ପକରଣ | ପୂଜାଉପଚାର, ବ୍ୟକ୍ତିଗତ/ସାମୂହିକ | ସାଂସ୍କୃତିକ କାର୍ଯ୍ୟକ୍ରମ ନାଚଗୀତ | ମନ୍ତବ୍ୟ |
| ଆଷାଢ଼ ଆଷାଢ଼, ଜୁନ୍-ଜୁଲାଇ | ଜାରଗିସ୍-ଆଷାଢ଼ିଆ ଚିତାଉ ପରବ | ଆଷାଢ଼ ମାସର ପ୍ରଥମ ଦିନରେ ପଡ଼େ ଏବଂ ଅମାବାସ୍ୟା ତିଥିରେ ସକାଳେ ପାଳନ କରାଯାଏ । | ଇଷ୍ଟଦେବୀଦେବୀ ହାପାନୁମ୍ | ପରିବାର ମୁଖିଆ ନିଜେ । | ଅରୁଆଚାଉଳ, ଘିଅ, ଚୂନା, କୁକୁଡ଼ା, ସିନ୍ଦୁର, ଲେଉଟିଆ ଶାଗ,ଶାଳପତ୍ର, ଦୋନା ରସି ତୁଳସୀ । | ଏହି ପର୍ବ ବ୍ୟକ୍ତିଗତ ଭାବରେ ପାଳନ କରାଯାଏ । ଘରର ମୁଖିଆ ଏହିପର୍ବ ପାଳନ କରିଥାଏ । ଇଷ୍ଟଦେବତାଙ୍କୁ ହାପାନୁମଙ୍କୁ ସନ୍ତୁଷ୍ଟ କରିବା ପାଇଁ ପୂଜା ହୁଏ । ତାଳ ପିଠା କରି ହାଣ୍ଡିଆ ପାନ କରନ୍ତି, ଭୋଜିଭାତ ଚିତାଉ ପର୍ବରେ କରିଥାନ୍ତି । | ଚିତାଉ ପର୍ବ ରାତିରେ ଯୁବକଯୁବତୀମାନେ ନାଚଗୀତ କରି ରାତିକଟାଇଥାନ୍ତି । | ମୁଖ୍ୟ ପୂଜାଘରକୁ ଗୋଶିରେ ଥିବା ଧାନକୁ ଧୋଇ ପୂର୍ବଜ ହାପାନୁମ ଓ ଲକ୍ଷ୍ମୀଙ୍କୁ ସ୍ମରଣ କରି ବିହନକୁ ଜମିରେ ବୁଣିଥାନ୍ତି । |
| ଶ୍ରାବଣ ଶିରାବଣ ଜୁଲାଇ-ଅଗଷ୍ଟ | ଗହ୍ମାପର୍ବ | ଶ୍ରାବଣ ମାସରେ ଗହ୍ମାପର୍ବ ପାଳନ କରାଯାଏ । ଶ୍ରାବଣ ମାସରେ ଗହ୍ମାପର୍ବ ପାଳନ କରାଯାଏ । | ଇଷ୍ଟଦେବା-ଦେବୀଙ୍କୁ ପୂଜା ଆରାଧନା କରାଯାଏ। | ପରିବାରର ମୁଖିଆ। | ଶାଳପତ୍ର, ଦୋନା, ରସି । | ସମାଜରେ ସମସ୍ତ ପରିବାରର ଲୋକେ ଏହି ଗହ୍ମା ପର୍ବ ପାଳନକରିଥାନ୍ତି । ପୂର୍ବପୁରୁଷ ଉଦ୍ଦେଶ୍ୟରେ.. ରସିଙ୍କର ପର୍ବ ପୂଜା କରି ପିଠା ପଣା କରିଥାନ୍ତି । ଭାଇଭଉଣୀଙ୍କ ସ୍ନେହ, ମମତା ରଖିବା ପାଇଁ ଏହି ପର୍ବ ପାଳନ କରାଯାଇଥାଏ। ଗେଣ୍ଡାପିଠା, ରେଣ୍ଡାଖେଚୁଡ଼ି ଇତ୍ୟାଦି କରାଯାଏ । ହାଣ୍ଡିଆରସ ପାନ କରନ୍ତି । | ଗହ୍ମାପର୍ବରେ ଯୁବକ-ଯୁବତୀ, ପୁରୁଷ-ସ୍ତ୍ରୀ, ଢୋଲ ମାଦଳ ବଜାଇ ରାତିରେ ନାଚଗୀତ ପରିବେଷଣ କରିଥାନ୍ତି। | - |

| ଓଡ଼ିଆ, ଭୂମିଜ ଓ ବଙ୍ଗଳା ଭାଷାରେ ମାସର ନାମ | "ଭୂମିଜ" ପର୍ବପର୍ବାଣି ସାରଣୀ | | | | | | |
|---|---|---|---|---|---|---|---|
| | ପର୍ବର ନାମ | ନିର୍ଦ୍ଧାରିତ ସମୟ | ସଂପୃକ୍ତ ଦେବାଦେବୀ | ପୂଜାରୀ | ପୂଜୋ- -ପକରଣ | ପୂଜାଉପଚାର, ବ୍ୟକ୍ତିଗତ/ସାମୂହିକ | ସାଂସ୍କୃତିକ କାର୍ଯ୍ୟକ୍ରମ ନାଚଗୀତ | ମନ୍ତବ୍ୟ |
| ଭାଦ୍ରବ ଭାଦର ଅଗଷ୍ଟ ସେପ୍ଟେମ୍ବର | ନୂଆଖିଆ ପର୍ବ ନାଓ୍ୱାଗିନ୍ | ଭାଦ୍ରବ ମାସ ଆସୁଧାନ ପାଚିବା ସମୟରେ ଚନ୍ଦ୍ର ଦର୍ଶନ ପରେ ଏହି ପର୍ବ ପାଳନ କରାଯାଏ । | ଘରର ପୂର୍ବ-ପୁରୁଷଙ୍କୁ ପୂଜା କରାଯାଏ ଏବଂ ବୁରୁବଂଗା ଓ କାରମ ବଂଗାଙ୍କୁ ପୂଜା କରାଯାଏ । | ଘରର ମୁଖିଆ । | ନୂଆ ଆସୁଧାନରୁ ପ୍ରସ୍ତୁତ ଅରୁଆ ଚାଉଳ, ନୂଆ ନିଆଁରେ ପୋଡ଼ା ମକା, କଞ୍ଚାମକା, ରସି, ସିନ୍ଦୁର, ଶାଳପତ୍ର, ଦୋନା ଭାଲିଆପତ୍ର, ଛେଳି କୁକୁଡ଼ା । | ଉକ୍ତ ପର୍ବର ବ୍ୟକ୍ତିଗତ ଭାବରେ ପାଳନ କରାଯାଏ ଏହି ପର୍ବରେ ମୁଖିଆ ସ୍ନାନ କରି ନୂଆ ଧନାଲୁଗା ପିନ୍ଧି ଅନ୍ନଦାନୀ ହୋଇଥିବା ବା ନୂତନ ଶସ୍ୟକୁ ହାପାଡ଼ୁମ, ସୁରୁବଂଗା, କାରମବଂଗାଙ୍କୁ ଭୋଗପିଠା କ୍ଷୀର ଓ ରସି ପୂଜା ଦେଇ ସନ୍ତୁଷ୍ଟ କରିଥାନ୍ତି । ପରିବାରର ସମସ୍ତେ ଭୋଗ ଖାଇଥାନ୍ତି । | ନୂଆଖିଆ ପର୍ବରେ ବାଳକ-ବାଳିକା, ପୁରୁଷ-ସ୍ତ୍ରୀ ମାନେ ରାତିରେ ନୃତ୍ୟଗୀତ ପରିବେଷଣ କରିଥାନ୍ତି । | - |
| ଆଶ୍ୱିନ ଅଶିଣ/ଦାସାଇଁ ସେପ୍ଟେମ୍ବର-ଅକ୍ଟୋବର | ଦାସାଇଁ/ ଦଶହରା ପର୍ବ | ଆଶ୍ୱିନ ମାସରେ ୨ୟ ତିଥିଠାରୁ ଦଶମୀତିଥି ପର୍ଯ୍ୟନ୍ତ ୭ ଦିନ ଧରି ପାଳନ ହୁଏ । | ଦେବୀ ଦୁର୍ଗା | ମୁଖିଆ ନିଜେ । | ଅରୁଆ ଚାଉଳ ସିନ୍ଦୁର, କଖାରୁ, ଶାଳପତ୍ର, ଦୋନା ରସି । | ଏହି ପୂଜା ସାମୂହିକ ଭାବରେ ସମାଜରେ ପାଳନ କରାଯାଏ । ପୁରୁଷମାନେ ଦେବୀଦୁର୍ଗା ବେଶରେ ସାଜି ବିଭିନ୍ନ ପ୍ରକାର ବାଦ୍ୟ ବଜାଇ ନୃତ୍ୟଗୀତ ପରିବେଷଣ କରି ଓ ପ୍ରତ୍ୟେକ ଘର ଦେବୀଙ୍କ ଉଦ୍ଦେଶ୍ୟରେ ଭିକ୍ଷା କରିଥାନ୍ତି । କାପ୍ରକାଚଣ୍ଡୁରୁ ସନ୍ତୁଷ୍ଟ ପାଇଁ ଦେବୀ ଦୁର୍ଗାଙ୍କ ଉଦ୍ଦେଶ୍ୟରେ ପୂଜାଆରଧାନା କରାଯାଏ ଦଶମୀ ଦିନ ହାଣ୍ଡିଆ ରସ ମଦ ପାନ କରନ୍ତି । | ଏହି ପର୍ବରେ ନିତିଦିନ ଧରି ବୁଆଁକ ଥାଳି ଉପରେ ତାଟିଆକୁ ଘସି ବଜାଇ ନୃତ୍ୟଗୀତ ପରିବେଷଣ କରି ପ୍ରତ୍ୟେକ ଗ୍ରାମ ପରିକ୍ରମା କରିଥାନ୍ତି । | ଏହି ପର୍ବରେ କାମ ଓ କାନ୍ତ ଗୁରୁଙ୍କ ଉଦ୍ଦେଶ୍ୟରେ ଗ୍ରାମରେ ଗୁଣିଆ ମନ୍ତ୍ରପାଠ ଶିକ୍ଷା ଆରମ୍ଭ କରି ପୂଜାପାଠ କରିଥାନ୍ତି । ଦେବୀ ଦୁର୍ଗାଙ୍କୁ ମଧ ପୂଜା କରିଥାନ୍ତି । |

| ଓଡ଼ିଆ, ଭୂମିଜ ଓ ଇଂରାଜୀ ଭାଷାରେ ମାସର ନାମ | "ଭୂମିଜ" ପର୍ବପର୍ବାଣି ସାରଣୀ | | | | | | | |
|---|---|---|---|---|---|---|---|---|
| | ପର୍ବର ନାମ | ନିର୍ଦ୍ଧାରିତ ସମୟ | ସଂପୃକ୍ତ ଦେବାଦେବୀ | ପୂଜାରୀ | ପୂଜୋ--ପକରଣ | ପୂଜାରପଦାର, ବ୍ୟକ୍ତିଗତ/ସାମୂହିକ | ସାଂସ୍କୃତିକ କାର୍ଯ୍ୟକ୍ରମ ନାଚଗୀତ | ମନ୍ତବ୍ୟ |
| କାର୍ତ୍ତିକ ନାହାନା ଅକ୍ଟୋବର-ନଭେମ୍ବର | ସଅରାଇ/ ବାନ୍ଦନା ଦୀପାବଳୀ | ଏହି ପର୍ବ କାର୍ତ୍ତିକ ମାସ ଅମାବାସ୍ୟା ତିନିଦିନ ପର୍ଯ୍ୟନ୍ତ ପାଳନ କରାଯାଏ । | ଇଷ୍ଟ ଦେବତାଙ୍କୁ ହାପାତୁମଙ୍କୁ ପୂଜା କରାଯାଏ । | ଘରର ମୁଖିଆ । | ହାଣିଆରସି, ସିନ୍ଦୁର,ଶାଳପତ୍ର, ଦୋନା । | ବ୍ୟକ୍ତିଗତ ପରବାରେ ପ୍ରତ୍ୟେକ ପରିବାରରେ ମୁଖିଆ ଗୁହାଳରେ କୁକୁଡ଼ା ବଳିଦେଇ ପୂଜା କରିଥାନ୍ତି। ରସ ପୂର୍ବପୁରୁଷଙ୍କ ଉଦ୍ଦେଶ୍ୟରେ ପୂଜା କରିଥାନ୍ତି । ପରିବାରର ସୁଖଶାନ୍ତି ପାଇଁ ଗୋରୁଗାଈ ରୋଗ ମୁକ୍ତ ପାଇଁ ଏହି ପୂଜା କରାଯାଏ । ସାମୂହିକ ଭାବରେ ଗୋଠ ପଡ଼ିଆରେ ଗୋବରରେ ଲିପି ସିନ୍ଦୁର, କୁକୁଡ଼ା, ଅଣାରସି ଦେହୁରୀ ପୂଜା କରେ । ଯୁବକଯୁବତୀମାନେ ହାଣିଆ ରସପାନ କରନ୍ତି । ବନ୍ଧୁମାନଙ୍କୁ ନିମନ୍ତ୍ରଣ କରିଥାନ୍ତି । | ଏହି ପର୍ବରେ ଗୋରୁଗାଈ ମୁଖ୍ୟ ପର୍ବ ହିସାବରେ ସନ୍ଧ୍ୟା ସମୟରେ ପୁରୁଷମାନେ ଗାଈଗୋରୁଙ୍କ ସମ୍ମାନ ଉଦ୍ଦେଶ୍ୟରେ ଗୀତ ଗାଇ ବାଦ୍ୟ ବଜାଇ ପ୍ରତ୍ୟେକ ପରିବାରର ଗୁହାଳକୁ ଯାଆନ୍ତି, ପ୍ରତ୍ୟେକ ପରିବାର ସେମାନଙ୍କୁ ହାଣିଆ ରସ ପାନ କରିବାକୁ ଦେଇଥାନ୍ତି । | ଝିଅ ବୋହୂମାନେ ଗୋରୁଗାଈଙ୍କୁ ସମାନ ଉଦ୍ଦେଶ୍ୟରେ ଗୀତଗାଇ ବନ୍ଦାପନା କରିଥାନ୍ତି ।ହାଣିଆ ରସି ସ୍ତ୍ରୀଲୋକ ପାନ କରିଥାନ୍ତି । |
| ମାର୍ଗଶୀର ମୁଗଶର ନଭେମ୍ବର-ଡିସେମ୍ବର | କେଡେ-ବେଢ଼ା (କ୍ଷେତ ବନ୍ଧା) | ଧାନକଟା ଶେଷର ଏହି ପର୍ବ ପାଳନ କରାଯାଏ । | ପୂର୍ବ ପୁରୁଷଙ୍କୁ ପୂଜା କରାଯାଏ । | ଘରର ମୁଖିଆ ଏବଂ ଗ୍ରାମ ଦେହୁରୀ। | ଅରୁଆଚାଉଳ, ଚୂନା, ସିନ୍ଦୁର ତୁଳସୀପତ୍ର, ଶାଳପତ୍ର,ଦୋନା ରସି ଅଣା ଇତ୍ୟାଦି ପ୍ରତ୍ୟେକ ଘରୁ ଗୋଟିଏଗୋଟିଏ ଲେଖାଏଁ କୁକୁଡ଼ା | ପରିବାରର ମୁଖିଆ ପୂଜା ଉପକରଣ ଧରି ଗ୍ରାମ ଜମିକୁ ଯାଇ କଟାଯାଇଥିବା ଧାନଗଛ ମୂଳରେ ପୂଜାପାଠ କରି ଧାନକେରାଏକୁ ଗଛ ସହିତ ଉପାଡ଼ି ଆଣି ମୁଣ୍ଡରେ ମୁଡ଼ାଇ ଖଳାରେ ପିଢ଼ାଉପରେ ଦେଇଥାନ୍ତି । ରସି ସିନ୍ଦୁରରେ ଦେଇ ହାପାଡ଼ମଙ୍କୁ ପୂଜା କରାଯାଇଥାଏ । ତାପରେ ଭାତ ମାଂସ ଖାଇବାକୁ ଦିଆଯାଏ। | କ୍ଷେତବନ୍ଧାଇ ପର୍ବରେ ପଡ଼ୋଶୀମାନଙ୍କୁ ନିମନ୍ତ୍ରଣ କରି ହାଣିଆରସି ପାନ କରିବାକୁ ଦେଇଥାନ୍ତି । କ୍ଷେତ ଉଠାଇ ପର୍ବ ଉଦ୍ଦେଶ୍ୟରେ ହୁଦାହୁଦା ଗୀତ ଗାଇଥାନ୍ତି । | ଲକ୍ଷ୍ମୀ ଦେବୀ ଘରକୁ ପୁନର୍ବାର ପ୍ରବେଶ କଲେ ବୋଲି ଭୂମିଜ କ୍ଷେତ ଉଠାଇ ପର୍ବ ପାଳନ କରିଥାନ୍ତି । |

| ଓଡ଼ିଆ, ଭୂମିଜ ଓ ଇଂରାଜୀ ଭାଷାରେ ମାସର ନାମ | "ଭୂମିଜ" ପର୍ବପର୍ବାଣି ସାରଣୀ | | | | | | | |
|---|---|---|---|---|---|---|---|---|
| | ପର୍ବର ନାମ | ନିର୍ଦ୍ଧାରିତ ସମୟ | ସଂପୃକ୍ତ ଦେବାଦେବୀ | ପୂଜାରୀ | ପୂଜୋ-ପକରଣ | ପୂଜାରପଚାର, ବ୍ୟକ୍ତିଗତ/ସାମୂହିକ | ସାଂସ୍କୃତିକ କାର୍ଯ୍ୟକ୍ରମ ନାଚଗୀତ | ମନ୍ତବ୍ୟ |
| ପୌଷ ପୁଷ ଡିସେମ୍ବର-ଜାନୁଆରୀ | ପୁଷଷ ମକରପର୍ବ | ପୌଷମାସ ସଂକ୍ରାନ୍ତି ଏହି ପର୍ବ ପାଳିତ ହୁଏ। | ହାପାକୁମ୍ ଏବଂ ଗୁହାଳ ଦେବତା। | ଘରର ମୁଖିଆ। ଠାକୁରାଣୀ ଥାନରେ ଦେହୁରୀ ପୂଜା କରେ। | ଅରୁଆ ଚାଉଳ, ସିନ୍ଦୁର, କଳା, ଧଳା, କୁକୁଡ଼ା ଶାଳପତ୍ର ଦୋନାରସି। | ଏହି ପର୍ବରେ ଗୋରୁଗାଈ ମୁଖ୍ୟ ପର୍ବ ହିସାବରେ ସନ୍ଧ୍ୟା ସମୟରେ ପୁରୁଷମାନେ ଗାଈଗୋରୁଙ୍କୁ ସମ୍ମାନ ଉଦ୍ଦେଶ୍ୟରେ ଗୀତ ଗାଇ ବାଦ୍ୟ ବଜାଇ ପ୍ରତ୍ୟେକ ପରିବାରର ଗୁହାଳକୁ ଯାଆନ୍ତି, ପ୍ରତ୍ୟେକ ପରିବାର ସେମାନଙ୍କୁ ହାଣ୍ଡିଆ ରସ ପାନ କରିବାକୁ ଦେଇଥାନ୍ତି। | ଯୁବକ ଯୁବତୀମାନେ ମକର ପର୍ବଉଦ୍ଦେଶ୍ୟରେ ପର୍ବପରଦିନ ନୃତ୍ୟ ଗୀତ ପରିବେଷଣ କରନ୍ତି। | ବାସି ପଖାଳ, ପିଠା ଭଜା, ଗୁଡ଼, ଚୂଡ଼ା ଇତ୍ୟାଦି ପ୍ରତ୍ୟେକ ଲୋକ ଧରି ଗ୍ରାମର ପୂର୍ବପାଖ ରାସ୍ତାର ଛକରେ ଜମା କରି ମକରବୁଢ଼ୀର ପ୍ରତିମୂର୍ତ୍ତୀ ତିଆର କରି ପୂଜା କରିଥାନ୍ତି। |
| ମାଘ ମାଘ୍ ଜାନୁଯାରୀ-ଫେବୃଆରୀ | ମାଘ ବଂଗା (ମାଘ ପୂଜା) | ମାଘ ମାସ ଚନ୍ଦ୍ର ଦର୍ଶନରେ ଏହି ପର୍ବ ପାଳନ କରାଯାଏ। | ହାପାକୁମ୍, ନାରେଏରା, ବିନ୍ଦିଏରା,ଲକ୍ଷ୍ମୀଙ୍କୁ ପୂଜା କରାଯାଏ। | ପଞ୍ଚାୟତର ମୁଖିଆ। | ହାଣ୍ଡିଆ ରସି, ସିନ୍ଦୁର, ଫୁଲ, କଦଳୀ, କଦଳୀଗୁଡ଼, ଚୂନସ୍ତୁଣ୍ଡ, ମେଥିସ୍ତୁଣ୍ଡ, ଶାଳପତ୍ର ଦୋନା ଇତ୍ୟାଦି। | କ୍ଷେତବନ୍ଧାଇ ପର୍ବରେ ପଡ଼ୋଶୀମାନଙ୍କୁ ନିମନ୍ତ୍ରଣ କରି ହାଣ୍ଡିଆରସି ପାନ କରିବାକୁ ଦେଇଥାନ୍ତି। କ୍ଷେତ ଉଠାଇ ପର୍ବ ଉଦ୍ଦେଶ୍ୟରେ ତୁହାତୁହା ଗୀତ ଗାଇଥାନ୍ତି। | | ଏହି ପୂଜା ଜଙ୍ଗଲରୁ କାଠ କାଟିବା ନିଷେଧ କରାଯାଇଥାଏ। ଏହା ବ୍ୟତୀତ କ୍ରମକାର୍ଯ୍ୟ କୌଣସି ଲୋକ ବ୍ୟକ୍ତି ଦ୍ୱାରା ଦେଖାଇଲେ ତାଙ୍କପ୍ରତି କାର୍ଯ୍ୟାନୁଷ୍ଠାନ ସହ ଜୋରିମାନା କରାଯାଏ। |

## "ଭୂମିଜ" ପର୍ବପର୍ବାଣି ସାରଣୀ

| ଓଡ଼ିଆ, ଭୂମିଜ ଓ ଇଂରାଜୀ ଭାଷାରେ ମାସର ନାମ | ପର୍ବର ନାମ | ନିର୍ଦ୍ଧାରିତ ସମୟ | ସଂପୃକ୍ତ ଦେବାଦେବୀ | ପୂଜାରୀ | ପୂଜୋ-ପକରଣ | ପୂଜାଉପଚାର, ବ୍ୟକ୍ତିଗତ/ସାମୂହିକ | ସାଂସ୍କୃତିକ କାର୍ଯ୍ୟକ୍ରମ ନାଚଗୀତ | ମନ୍ତବ୍ୟ |
|---|---|---|---|---|---|---|---|---|
| ଫାଲ୍ଗୁନ୍ ଫଗୁଣ ଫେବୃୟାରୀ-ମାର୍ଚ୍ଚ | ବାଆବଙ୍ଗା (ଫୁଲ ପୂଜା) | ଫଗୁଣ ମାସ ଚନ୍ଦ୍ର ଦର୍ଶନ ଦିନ ଏହି ପର୍ବ ପାଳନ କରା ଯାଇଥାଏ । | ପୂର୍ବ ପୁରୁଷଙ୍କୁ ପୂଜା କରାଯାଏ । | ପରିବାର ମୁଖିଆ । | ଅରୁଆଚାଉଳ ଓ ସିନ୍ଦୁର,ଶାଳପତ୍ର, ଶାଳଫୁଲ,ମହୁଲ, ଆମ୍ବ,କୋଳଥିଆ କୁକୁଡ଼ା(ହନ୍ସେମ୍) ଚୂନା, ରସି ଇତ୍ୟାଦି । | ବାବଙ୍ଗା ପର୍ବ ବ୍ୟକ୍ତିଗତ ଭାବେ ପାଳନ କରାଯାଏ । ଏହି ପୂଜା ଦେବାଳୀଙ୍କ ସନ୍ତୁଷ୍ଟ ଉଦ୍ଦେଶ୍ୟରେ ନିର୍ଦ୍ଧାରିତ ପୂଜାପକରଣ ସହ ଘରର ମୁଖିଆ ପୂଜା ଆରାଧନା କରିଥାନ୍ତି । ପୂଜାପରେ ଆମ୍ବ, ମହୁଲ ଖାଇଥାନ୍ତି । ମାଂସ ଭାତ ହାଣ୍ଡିଆ, ମଦ, ରସି ଉଭୟ ପୁରୁଷ ସ୍ତ୍ରୀ ଭୋଜନକରିଥାନ୍ତି । ଉଦ୍ଭାବଂଗା ପର୍ବ ବ୍ୟକ୍ତିଗତ | - | ବାବଙ୍ଗା ପର୍ବ ପରେ ବଣଜଙ୍ଗଲରେ ଫଳମୂଳ ଖାଇଥାନ୍ତି ଏବଂ ଝରଣାରେ ପାନୀୟ ମଧ ପାନ କରିଥାନ୍ତି । ତାହା ଅଇଁଠା ପାଣି ନୁହେଁ ବୋଲି ବିଶ୍ୱାସ କରନ୍ତି । |
| ଚୈତ୍ର ଚଇତ୍ ମାର୍ଚ୍ଚ-ଏପ୍ରିଲ | ଖାୟବଂଗା, ଉଦ୍ଭାବଂଗା (ଉଡ଼ାପର୍ବ) | ଚଇତ ମାସ ସଂକ୍ରାନ୍ତିଦିନ ଏହି ପର୍ବ ପାଳନ କରାଯାଏ । | - | ଘରର ମୁଖିଆ । | ଅରୁଆ ଚାଉଳ, ସିନ୍ଦୁର, କ୍ଷୀର, ନଡ଼ିଆ,କଦଳୀ, ବେଲପତ୍ର, ନୂଆ ଘଟ । | ଭାବରେ ପାଳନକରାଯାଇଥାଏ । ପରିବାରର ସୁଖଶାନ୍ତି ପାଇଁ ଶିବଙ୍କୁ ଉପାସନା କରି ପୁରୋହିତ ପୂଜାପାଠ କରିଥାନ୍ତି । | | ଶିବଙ୍କ ଆସ୍ଥାନକୁ ଯାଇ ପୂଜାପାଠ ପୁରୋହିତଙ୍କ ଦ୍ୱାରା ସମ୍ପାଦନା କରାଇବା ସହ ସମ୍ପୃକ୍ତ କାର୍ଯ୍ୟକ୍ରମ ସମ୍ପାଦନ କରିଥାନ୍ତି । |

| ଓଡ଼ିଆ ଭୂମିଜ ଇଂରାଜୀ ମାସର ନାମ | ଭୂମିଜ ମାନଙ୍କର କୃଷି ସାରଣୀ | | | | | |
|---|---|---|---|---|---|---|
| | ମାସିକ କୃଷି କାର୍ଯ୍ୟ | ମାସିକ ଶସ୍ୟ ଫଳ | କୃଷି ସଂପର୍କିତ ପର୍ବପର୍ବାଣୀ ଓ | ପୂଜାପାଠ ଓ ନୀତିଘାତ | ବାରଣ/ ନିଷେଧ | ମନ୍ତବ୍ୟ |
| ବୈଶାଖ ବଇଶାଖ୍ ଏପ୍ରିଲ-ମେ | ବୈଶାଖ ମାସରେ ଡାହି ଜମିରେ ଥିବା ବିଭିନ୍ନ ପ୍ରକାର ଅନାବନା ଗଛଗୁଡ଼ିକ ହାଣି ସଫା କରିବା ପରେ ଗୋଟିଏ ସ୍ଥାନରେ ଜମା କରି ଶୁଖିଗଲା ପରେ ନିଆଁରେ ପୋଡ଼ିଥାନ୍ତି । ଜମିକୁ ପ୍ରଥମଥର ଚୋଷ କରିବା ପରେ ଦୋହଳ କରି ପ୍ରସ୍ତୁତ କରିବା ପରେ ପାଗ ଦେଖି ଗହମ ମକା, ବାଜରା ସୁଆଁ ଚାଷ କରିଥାନ୍ତି । ଏତଦ୍‌ବ୍ୟତୀତ ଧାନ ଆଳୁ ମଧ ଚାଷ କରିଥାନ୍ତି । | ଏହି ମାସରେ ଆଶୁଧାନ, ଧାନ, ଗହମ, ମକା, ବୁଣାଯାଏ । ଜହ୍ନି, ବାଇଗଣ, ଭେଣ୍ଡି କାକୁଡ଼ି,ବୋଇତାଳୁ ସମେତ କଖାରୁ ଇତ୍ୟାଦି ଲଗାଯାଏ । | ହେରପୁନା ପର୍ବ ଏହି ମାସରେ ପାଳିତ ହୁଏ । ଧାନ ବୁଣିବା ପୂର୍ବରୁ ହାପାଲ୍‌ମଙ୍କୁ ରସି ଦେଇ ପୂଜାରେ ବଳି ପଡ଼େ ନାହିଁ। | ହେରପୁନା ପର୍ବ ଏହି ମାସରେ ପାଳିତ ହୁଏ । ଧାନ ବୁଣିବା ପୂର୍ବରୁ ହାପାଲ୍‌ମଙ୍କୁ ରସି ଦେଇ ପୂଜାରେ ବଳି ପଡ଼େନାହିଁ। | ପୂଜା ପୂର୍ବରୁ କୌଣସି ଶସ୍ୟ ଜମିରେ ଚାଷ କରାଯାଇ ନ ଥାଏ । | – |
| ଜ୍ୟେଷ୍ଠ ଜେଠ୍ ମେ-ଜୁନ୍ | ଚାଷ ଜମିରୁ ଖତାପାଳ ଦେଇ କଦାଣ କରି ଦୋହଳ କରିଥାନ୍ତି । ଜମିର ଆର୍ଦ୍ରତା ଅବସ୍ଥାରେ ମକା, ବାଜରା ବୁଣାଯାଏ ଏବଂ ଆଶୁଧାନ ବୁଣି ମଇ ଦିଆଯାଏ । ବାଡ଼ିଗୁଡ଼ିକରେ ଭେଣ୍ଡି ମଞ୍ଜି ବୁଣାଯାଏ । ଗୋବରଖତ ଦେଇ ଗହମ ବୁଣି ମଇ ଦ୍ୱାରା ମାଟି ସମାନ କରାଯାଇଥାଏ । ମଧ୍ୟରେ ଜହ୍ନି କଖାରୁ କଲରା କାକୁଡ଼ି ଲଗାଇଥାନ୍ତି । | ନେଇଟିଆ ଶାଗ ପୋଇଶାଗ ଚାଷ ହୋଇଥାଏ । | – | – | ରଜ ପର୍ବ ତିନିଦିନ ଧରି ପାଳନ କରିଥାନ୍ତି । ତା ସହିତ ହଳ କରିବା ନିଷେଧ। | ମାସ ସାରା ସଦାସର୍ବଦା କଠିନ ପରିଶ୍ରମ କରି ସମୟକୁ ଅତିବାହିତ କରିଥାନ୍ତି। |
| ଆଷାଢ଼ ଆଷାଢ୍ ଜୁନ୍-ଜୁଲାଇ | ବର୍ଷାପରେ ହିଡ଼ କରାଯାଇ ପାଣିମଡ଼ାଇ ହଳ କରାଯାଏ, ତାପରଦିନ ୨ଥର ହଳହୋଇଥାଏ ଏହାକୁ ବିହୁଡ଼ା କୁହାଯାଏ । ଗୁଛାଗୁଛଧାନ ଗଛଗୁଡ଼ିକ ଗୋଟି ଗୋଟି କରି ଛିଟାଇ ପକାଯାଏ । ତାହାକୁ ଛିଡ଼ାଣକହନ୍ତି । ଏହାପରେଜମିରେପାଣି ସଦାସର୍ବଦା ଜମା କରାଯାଏ । ପାଣି ନ ରହିଲେ ଜମାରେ ଦୁଣ ସଂଖ୍ୟା ବୃଦ୍ଧି ପାଇଥାଏ । ବାଲି ଯାହି ଜମିରେକନ୍ଦମୂଳ ଚାଷ ଭଲ ହେବାଜାଣି କୁହାଳରେ ହିଡ଼କରି କନ୍ଦମୂଳ ଚାଷ କରାଯାଇଥାଏ । | ପୋଇଶାଗ, ନେଇଟିଆଶାଗ, ଅାମଦାନୀ କରାଯାଏ,କନ୍ଦମୂଳ ଲଗାଯାଇଥାଏ। | ଆଷାଢ଼ିଆ ପୂଜା ବା ଜାହେରିସିମ ପୂଜା ହେଲେ ଜମିରେ ବିହୁଡ଼ା କାର୍ଯ୍ୟ ଆରମ୍ଭ ହୁଏ। ହାପାଲ୍‌ମଙ୍କୁ ରସି ଦେଇ ପୂଜା କରାଯାଇଥାଏ । ରଜ ଓ ଚିତାଉ ପର୍ବ ଏହି ମାସରେ ପଡ଼େ ହାପାଲମଙ୍କୁ ରସି ଦେଇ ପୂଜା କରାଯାଏ। | ଜାହେରସିମ୍ ପୂଜା ହୁଏ । ହାପାଲ୍‌ମଙ୍କୁ ଚିତାଉ ପର୍ବରେ ହାଣ୍ଡିଆ ରସି ଘରମୁଖିଆ ପୂଜା ପାଠ କରିଥାଏ । | ଜାହେରସିମ୍ ପୂଜା ନହେବା ପୂର୍ବରୁ ବିହୁଡ଼ା କାର୍ଯ୍ୟ ବାରଣ କରାଯାଇଥାଏ । ପୋଇସାଗ ନେଇଟିଆଶାଗ ହାଟରେ ବିପଣନ କରାଯାଏ । | – |

| ଓଡ଼ିଆ ଭୂମିଜ ଇଂରାଜୀ ମାସର ନାମ | ଭୂମିଜ ମାନଙ୍କର କୃଷି ସାରଣୀ | | | | | |
|---|---|---|---|---|---|---|
| | ମାସିକ କୃଷି କାର୍ଯ୍ୟ | ମାସିକ ଶସ୍ୟ ଫଳ | କୃଷି ସଂପର୍କିତ ପର୍ବପର୍ବାଣି ଓ | ପୂଜାପାଠ ଓ ନାଚଗୀତ | ବାରଣ/ ନିଷେଧ | ମନ୍ତବ୍ୟ |
| ଶ୍ରାବଣ ଖିରାବଣ ଜୁଲାଇ-ଅଗଷ୍ଟ | ବିହୁଡ଼ାର କିଛିଦିନ ପରେ କିଆରୀ ସମାନ କରିବା ପାଇଁ ମଇ ସାହାଯ୍ୟ ନିଆଯାଇଥାଏ । ମଇ ସାହାଯ୍ୟରେସମାନ ହେବାର ତିନିଦିନ ମଧ୍ୟରେ ଜମିରୁ ପାଣି ନିଷ୍କାସନ କରିଘାସ ବାଛି ପାଣି ବନ୍ଧାଯାଇଥାଏ । ପାଣି ବନ୍ଧାଇବା ପୂର୍ବରୁ ହାତ ଏବଂ ବାପୁଆ ଦ୍ୱାରା ବାଣ୍ଟିଆଛଡ଼ାଇ ଧାନ ଗଛଗୁଡ଼ିକ କିଆରିରେ ସମାନ ଭାବରେ ପକାଇ ଦିଆଯାଏ । ଏହା ଦ୍ୱାରା ଧାନଗଛ ହୃଷ୍ଟପୃଷ୍ଟ ହୋଇ ବଢ଼ିଥାଏ । | ଜହ୍ନି, ଭେଣ୍ଡି, କଖାରୁ, କାକୁଡ଼ି, ଏବଂ ଖଟାଣାଗ (ଜଡଆହାଃ) ଆମଦାନୀ କରାଯାଏ । | ଗହ୍ମା ପର୍ବ ଏହି ମାସରେ ପଡ଼ିଥାଏ । କୌଣସି ପଶୁପକ୍ଷୀର ବଳିପଡ଼େ ନାହିଁ । | ଗହ୍ମା ପର୍ବରେ ହାପାହ୍ରମ୍‌ଙ୍କୁ ଉଷି ଦେଇ ଘର ମୁଖିଆ ପୂଜା ପାଠ କରିଥାନ୍ତି । | ଜଡ ଆହାଃ) ଖଟାଣାଗ, ଜହ୍ନି ଭେଣ୍ଡି, ବାଇଗଣ, ବୋଇତାଳୁ, କାକୁଡ଼ି ଇତ୍ୟାଦି, ପନିପରିବା, ବଜାରରେ ବିପଣନ କରାଯାଏ । | ଘଦ୍‌ମନ୍ ପାଳନ କର୍ଣବା ପରେ ଜମିରେ ଘାସ ବାଛିବା କାର୍ଯ୍ୟ ଆରମ୍ଭ କରାଯାଇଥାଏ । ଗେଣ୍ଡା ପିଠା ସହିତ ଉଷିପାନ କରିଥାନ୍ତି । |
| ଭାଦ୍ରବ ଖିରାବଣ ଅଗଷ୍ଟ ସେପ୍ଟେମ୍ବର | ଏହି ମାସରେ ଆଣୁଧାନ ଅମଳ କରାଯାଏ । ତପରେ ଜମିକୁ ହଳ ତିନିଥର ହଳ କରି ମୁଗ, ବିରି, କୋଳଥ ଇତ୍ୟାଦି ବୁଣାଯାଏ । ଅନ୍ୟାନ୍ୟ ଧାନ ଚାଷ ଜମିରେ ଖତ, ସାର ସମେତ ରୋଗ ନିରାକରଣ ଔଷଧ ପ୍ରୟୋଗ କରିଥାନ୍ତି । ଜହ୍ନି ବାଇଗଣ, ଭେଣ୍ଡି କଖାରୁ ବୋଇତାଳୁ ଇତ୍ୟାଦି ଆମଦାନୀ କରାଯାଇଥାଏ । ପରିବା କ୍ଷେତରେ ବାର୍ଜିଣ ଝଟାରେ ବାଡ଼ ଦିଆଯାଏ । | ଏହି ମାସରେ ମୁଗ, ବିରି, କୋଳଥ, ଫେଶିଷ ବୁଣାଯାଏ । ଜହ୍ନି, ବାଇଗଣ ଭେଣ୍ଡି, କଖାରୁ, ବୋଇତାଳୁ, କାକୁଡ଼ି ଇତ୍ୟାଦି ଅମଳ କରାଯାଏ । ଆଣୁଧାନ ଅମଳ ପରେ ରାଶି ବୁଣାଯାଏ । | (ନାଓ୍ୱାଁ ଜମ୍) ନୂଆଖିଆ ପର୍ବରେ ପାଳନ କରାଯାଏ ଉକ୍ତପର୍ବ ପାଳିତ ହେବା ପରେ ଉତ୍ପାଦିତ ନୂତନ ଶସ୍ୟ ଭୋଜନ କରିଥାନ୍ତି । | (ନାଓ୍ୱାଁଜମ) ନୂଆଖିଆ ପର୍ବରେ ହାପାହ୍ରମଙ୍କୁ ଉଷି ଦେଇ ପୂଜାପାଠ କରିଥାନ୍ତି । | ଜାଉରିସିମ୍ ପୂଜା ନହେବା ପୂର୍ବରୁ ବିହୁଡ଼ା କାର୍ଯ୍ୟ ବାରଣ କରାଯାଇଥାଏ । ପୋଇସାଗ ନେଉଟିଆଣାଗ ହାଟରେ ବିପଣନ କରାଯାଏ । | ନାଓ୍ୱାଁଜମ୍ ନୂଆଖିଆ ପର୍ବ ପାଳନ ପରେ ଉତ୍ପାଦିତ ନୂତନ ଶସ୍ୟ ବ୍ୟବହାର ଏବଂ ଭକ୍ଷଣ କରିପାରିଥାନ୍ତି । |
| ଆଶ୍ୱିନ ଦଶରା/ଅଶିଣ ସେପ୍ଟେମ୍ବର ଅକ୍ଟୋବର | ଦ୍ୱାହି ଜମି ଆଦ୍ରତା ଅବସ୍ଥାରେ ଦୁଇତିନିଥର ହଳ କରିବା ମୁଗ ବିରି କୋଳଥ ଆଦି ବୁଣାଯାଏ । କଖାରୁ ବୋଇତାଳୁ ବାଇଗଣ ଭେଣ୍ଡି ଆଦି ଅମଳ କରାଯାଇଥାଏ । ଉଚ୍ଚ ଜମିରେରାଶି ମଧ ବୁଣାଯାଇଥାଏ । | ରାଶି, ମୁଗ, ବିରି, କୋଳଥ ବୁଣାଯାଏ । କଦଳୀ, ବାଇଗଣ, ବୋଇତାଳୁ ଅମଳ କରାଯାଇଥାଏ । | ଦଶରା ପୂଜାରେ ଘର ମୁଖିଆ ପୂଜା କରିଥାନ୍ତି । | ଦେବୀ ଦୁର୍ଗାଙ୍କ ଉଦ୍ଦେଶ୍ୟରେ ପୁରୁଷମାନେ ବିଭିନ୍ନ ପୋଷାକ ପରିଧାନ କରି ଗାଁ ଗାଁ ଭିକ୍ଷା କରିଥାନ୍ତି । | - | - |

| ଓଡ଼ିଆ ଭୂମିଜ ଇଂରାଜୀ ମାସର ନାମ | ଭୂମିଜ ମାନଙ୍କର କୃଷି ସାରଣୀ | | | | | |
|---|---|---|---|---|---|---|
| | ମାସିକ କୃଷି କାର୍ଯ୍ୟ | ମାସିକ ଶସ୍ୟ ଫଳ | କୃଷି ସଂପର୍କିତ ପର୍ବପର୍ବାଣୀ ଓ | ପୂଜାପାଠ ଓ ନାଚଗୀତ | ବାରଣ/ ନିଷେଧ | ମତବ୍ୟ |
| କାର୍ତ୍ତିକ ସହରାଇ/ ବାନ୍ଦାନା ଅକ୍ଟୋବର-ନଭେମ୍ବର | ଉକ୍ତ ମାସରେ ଡିପ ଜମିରୁ ନଘୁନା ଧାନକଟା ଆରମ୍ଭ କରିଥାନ୍ତି । କଟାଧାନ ଶୁଖିଗଲା ପରେ ବିଡ଼ାବାନ୍ଧି ମୁଣ୍ଡରେ ମୁଣ୍ଡାଇ ଭାରରେ ବୋହି ଖଳାରେଜାମ କରିଥାନ୍ତି । ବୁଣା ଯାଇଥିବା ରାଶି ସୋରିଷ, କାଟି ବିଡ଼ା ବାନ୍ଧି ଘରକୁ ଆଣି ଜମା ରଖନ୍ତି । ଗୁରୁଧାନ ଚାଷ କରାଯାଇଥିବା ଜମିରେ ସାର ଏବଂ ରୋଗ ପ୍ରତିଷେଧକ ଔଷଧ ପ୍ରାକୃତିକ ପ୍ରଣାଳୀରେ ପ୍ରୟୋଗ କରାଯାଇଥାଏ । | ରାଶି,ସୋରିଷ ଏବଂ ଲଘୁଧାନ ଅମଳ କରାଯାଇଥାଏ । | - | ସରାଇ ବା ବାନ୍ଦନା ପୂଜା ହୋଇଥାଏ । ଘର ମୁଖିଆ ବ୍ୟକ୍ତିଗ ଭାବେ ପୂଜା ପାଠ କରିଥାନ୍ତି । | ସରାଇ ବା ବାନ୍ଦନା ପୂଜାରେ ରନ୍ଧା କୁକୁଡ଼ା ବଳି ମାଂସ ସ୍ତ୍ରୀ ଝିଅବୁଅମାନେ ଭକ୍ଷଣ କରିବାକୁ ନିଷେଧ କରାଯାଇଥାଏ । | ଏହି ସଅରାଇ / ବାଦାନୀ ପୂଜା ସନ୍ଧ୍ୟା ସମୟରେ ମହିଳାମାନେ ନିର୍ଦ୍ଧାରିତ ବନ୍ଧଦ ଗାଇକୁ ଯଥାବିଧି ବନ୍ଧାବନ ସହିତ ମିଳାଇ ଗାଡ଼ିଗାଇ କିଛି ବାଟ ଛାଡ଼ନ୍ତି ପୁନର୍ବାର ଘରାଇ ଆଣି ଗୁହାଳରେ ଛାଡ଼ନ୍ତି । |
| ମାର୍ଗଶୀର ମୁର୍ଶିର ନଭେମ୍ବର-ଡିସେମ୍ବର | ଧାନ କାଟି ଅମଳ କରାଯାଇଥାଏ, ଡିପଜମି / ଡାହି ଜମିକୁ ତିନିଥର ହଳ କରି ସମ୍ପୂର୍ଣ୍ଣ ରୂପେ ଶୁଷ୍କ କରାଯାଏ । ତା'ପରେ କୋବି ବିଲାତି, ବାଇଗଣ ଚାରା ସିଆର/ ମନ୍ଦା କରି ଲଗାଯାଇଥାଏ । ଖତ ସାର ଦେଇ ସିଆର କରି ଆଳୁ ଲଗାଇ ପାଣି ଦିଆ ଯାଇଥାଏ । ଜଳଭାବରେ ଶୁଷ୍କ ହୋଇଥିବା ମାଟିର ଜମିରେ ମୁଗ ମଜି ବୁଣାଯାଏ । ଅନ୍ୟାନ୍ୟ ମଧ୍ୟମ କିସମର ଧାନ ଅମଳ କରାଯାଇଥାଏ । | କୋବି,ବାଇଗଣ, ବିଲାତି ଆଳୁ,ମୁଗ ଚାଷ କରାଯାଏ । ଅନ୍ୟାନ୍ୟ ଧାନ ଅମଳ କରାଯାଇଥାଏ । | ଏହି ମାସରେ କ୍ଷେତ ଲଠାପୂର୍ବ ଘରର ମୁଖିଆ ପୂଜା କରନ୍ତି ନାଚଗୀତ ପରିବେଷିତ ହୁଏ | ଗୋରୁଗାଈଙ୍କ ସମ୍ମାନ ଉଦ୍ଦେଶ୍ୟରେ ସ୍ତ୍ରୀପୁରୁଷ ଗୀତ ଗାଇଥାନ୍ତି । | - | - |
| ପୌଷ ପୁଷ ଡିସେମ୍ବର-ଜାନୁୟାରୀ | ଗୁରୁଧାନ ଅମଳ କରାଯାଏ । ବିହନ ପାଇଁ ଏବଂ ଘର ଖର୍ଚ୍ଚ ପାଇଁ ଅଲଗା କରି ରଖାଯାଇଥାଏ । [illegible] ଧାନ ଅଲଗା କରାଯାଏ । ଅଗାଡ଼ି ମିଶା ଧାନକୁ କୁଲାରେ ଉଡ଼ାଇ ଅଗାଡ଼ିରୁ ଧାନକୁ ଅଲଗା କରାଯାଏ । ବିହନ ପାଇଁ ଅଲଗା କରି ଅନ୍ୟ ଧାନ ପୁଡ଼ୁଲୀ କରି ରଖାଯାଇଥାଏ । | ଧାନ ଅମଳ କରାଯାଏ ବାଇଗଣ, ବିଲାତି, ଆଳୁ, ବୋଇତାଳୁ, କଖାରୁ, ଭେଣ୍ଡି ଜହ୍ନି, ଅମଳ କରାଯାଇଥାଏ । | ପୁଷ ପର୍ବରେ ଘର ମୁଖିଆ ଜାପାକ୍ରମଙ୍କ ପୂଜା ପାଠ କରି ନାଚଗୀତ ପରିବେଷଣ କରିଥାନ୍ତି । | ଯଥାବିଧି ଅନୁସାରେ ଇଷ୍ଟାଙ୍କ ମୁଖିଆ ପୂଜା କରନ୍ତି ନାଚଗୀତ ପରିବେଷିତ ହୁଏ । | ବିଲାତି, ବାଇଗଣ, ଆଳୁ, ଜହ୍ନି, ଭେଣ୍ଡି ବଜାରରେ ବିପଣନ କରାଯାଏ । | - |



ସେନ୍‌ଗେ ସୁସୁନ୍



ସେନ୍‌ଗେ ସୁସୁନ୍

# ଭୂମିଜ ମାନଙ୍କର କୃଷି ସାରଣୀ

| ଓଡ଼ିଆ ଭୂମିଜ ଇଂରାଜୀ ମାସର ନାମ | ମାସିକ କୃଷି କାର୍ଯ୍ୟ | ମାସିକ ଶସ୍ୟ ଫଳ | କୃଷି ସଂପର୍କିତ ପର୍ବପର୍ବାଣୀ ଓ | ପୂଜାପାଠ ଓ ନାଚଗୀତ | ବାରଣ/ ନିଷେଧ | ମନ୍ତବ୍ୟ |
|---|---|---|---|---|---|---|
| ମାଘ<br>ମାଘ୍<br>ଜାନୁୟାରୀ-ଫେବୃୟାରୀ | ଖଳାରେ ଜମା କରାଯାଇଥିବା ଧାନ ବେଙ୍ଗଳା ପକାଇ ଅମଳ କରାଯାଇଥାଏ । କୁଟା ଅଲଗା ସ୍ଥାନରେ ଗଦା କରି ଘରଛପର ପାଇଁ ଅଲଗା ସାଇତି ରଖିଥାନ୍ତି । ଘର ଛପର ଏହି ମାସରେ ଆରମ୍ଭ ହୋଇଥାଏ । କୁଲା ସାହାଯ୍ୟରେ ଅଗାଡ଼ିକୁ ଉଡ଼ାଇ ଧାନ ଅଲଗା କରାଯାଏ । ଆଳୁ ଖୋଳି ଅମଳ କରାଯାଏ । ମୂଳା କୋବି ଆଦି ଉପାଡ଼ି ଅମଳ କରାଯାଇଥାଏ । ଢିପ ଓ ବାହି ଜମିକୁ ଥରେ ଦୁଇଥର ହଳ କରାଯାଏ । | ଆଳୁ, ବାଇଗଣ ବିଲାତି, କୋବି ମୂଳା ଅମଳ କରାଯାଏ । | ମାଘ ପୂଜା ଠାକୁର ଠାକୁରାଣୀଙ୍କୁ ଦେହୁରୀ ପୂଜା କରିଥାନ୍ତି । ବାଆବଙ୍ଗା ପର୍ବ ପାଳନ କରିଥାନ୍ତି । | - | କୋବି, ଆଳୁ, ବାଇଗଣ, ବିଲାତି, ମୂଳା ଆଦି ଅମଳ କରି ହାଟବଜାରରେ ବିପଣନ କରାଯାଇଥାଏ । | - |
| ଫାଲଗୁନ୍<br>ଫାଗୁନ୍<br>ଫେବୃୟାରୀ ମାର୍ଚ୍ଚ | ପାଗ ଅନୁକୂଳ ଦେଖି ଢିପ ଓ ଗହୀର ଜମିରେ ହଳ କରାଯାଏ । ଜମିରେ ଥିବା ବଡ଼ ବଡ଼ ଚଢ଼ାକୁ ଗୁଣ କରାଯାଇଥାଏ । ଲଙ୍ଗା ହିଡ଼କୁ ନୂଆ କରି ବାନ୍ଧିଥାନ୍ତି । | ଆଳୁ ବାଇଗଣ ଇତ୍ୟାଦି ଅମଳ କରି ଜହ୍ନି,କଲରା,କଖାରୁ, ବୋଇତାଳୁ ମଞ୍ଜି ଲଗାଯାଇଥାଏ । | ଘର ମୁଖିଆ ଶାଳପତ୍ର ହାଣ୍ଡିଆ ରସି ହାପାଡ଼ୁମ୍‌ଙ୍କୁ ଘରେ ପୂଜା କରିଥାନ୍ତି । | ବାଆବଙ୍ଗାରେ ପଡ଼ୋଶୀ ବନ୍ଧୁବାନ୍ଧବଙ୍କୁ ନିମନ୍ତ୍ରଣ କରି ହାପାଡ଼ୁମ୍‌ଙ୍କୁ ପୂଜାପାଠ କରି ହାଣ୍ଡିଆ ରସିପାନ କରିବାକୁ ଦେଇଥାନ୍ତି । ଘର ସ୍ତ୍ରୀ ପୁରୁଷ ମଧ ପାନ କରି ନାଚଗୀତ ପରିବେଷଣ କରନ୍ତି । | ଏହି ମାଘପୂଜା ପୂର୍ବରୁ ଜଙ୍ଗଲରୁ କାଠ କାଟିବା ନିଷେଧ ହୋଇଥାଏ । ବାଆବଂଗା ପୂର୍ବରୁ କୌଣସି ଫଳ ଜାତୀୟ ଖାଦ୍ୟ ହିସାବରେ ବ୍ୟବହାର କରିବା ନିଷେଧ । | ବାଆ ବଂଗା ପରେ ନୂତନ ଶସ୍ୟ ଭକ୍ଷଣ କରିଥାନ୍ତି । ତଥା ବ୍ୟକ୍ତିଗତ ଓ ସାମୂହିକ ଭାବେ ନୂତନ ଉତ୍ପନ୍ନ ଶସ୍ୟ ଆହାର କରିଥାନ୍ତି। |
| ଚୈତ୍ର<br>ଚଇତ<br>ମାର୍ଚ୍ଚ-ଏପ୍ରିଲ | ଏହି ମାସରେ ବାହି ଜମିରେ ଥିବା ଅନାବନା ଛୋଟ ଗଛଗୁଡ଼ିକ କାଟି ସଫା କରାଯାଏ । ବର୍ଷା ହେଲେ ବାହି ଜମିକୁ ହଳ କରାଯାଏ ଗହୀର ଜମିକୁ କହାଣ କରାଯାଇଥାଏ । ଢିପ ଜମିରେ ଦୁଇତିନିଥର ଚାଷ କରି ଖତ ଦେଇ ବାଇଗଣ ଚାରା, କଲରା, ଭେଣ୍ଡି, କାକୁଡ଼ି ମଞ୍ଜି ଲଗାଯାଇଥାଏ । | ଜହ୍ନି, ଭେଣ୍ଡି କଲରା କାକୁଡ଼ି, କଖାରୁ ବୋଇତାଳୁ ଇତ୍ୟାଦି ଚାଷ କରିଥାନ୍ତି । | ମାଘ ପୂଜା ଠାକୁର ଠାକୁରାଣୀଙ୍କୁ ଦେହୁରୀ ପୂଜା କରିଥାନ୍ତି । ବାଆବଙ୍ଗା ପର୍ବ ପାଳନ କରିଥାନ୍ତି । | - | ବାଇଗଣ ଲାଉ କଖାରୁ, ଭେଣ୍ଡି ତୋଳି ହାଟବଜାରରେ ବିପଣନ କରାଯାଏ | - |

| ଓଡ଼ିଆ, ଭୂମିଜ ଭାଷା ମାସ ନାମ | "ଭୂମିଜ" ବନଜାତ ଦ୍ରବ୍ୟ ସଂଗ୍ରହ ସାରଣୀ | | | | | | |
|---|---|---|---|---|---|---|---|
| | ସଂଗୃହୀତ ବନଜାତ ଦ୍ରବ୍ୟର ନାମ | | ସମ୍ପୃକ୍ତ ପର୍ବପର୍ବାଣୀ | ସଂଗୃହୀତ ବନଜାତ ଦ୍ରବ୍ୟର | | ବିପଣନ | ମନ୍ତବ୍ୟ |
| | ମୁଖ୍ୟ | ଗୌଣ | ଦେବାଦେବୀ | ମୁଖ୍ୟ | ଗୌଣ | | |
| ବୈଶାଖ ବଙ୍ଗଶାଖ୍ ଏପ୍ରିଲ୍-ମେ | ଜାଳେଣୀକାଠ,(ଜୁଲସାନ୍), ଜଙ୍ଗଲ କାଠ, (ନାଗଲଦାର୍), ଜୁଆଳୀ(ଆରାନ)ଲଶ, (ଏଷାଣ୍ଡି), ଖୁଣ୍ଡ (ଖୁଣ୍ଡା) ଘୁର୍ଦ୍ଦିଆ (ଘୁଡ଼ିଆ) ଶିଆଳୀ ପତ୍ର,(ଲାମାଃସାକାମ), ଶାଳପତ୍ର (ଶିଆଳୀ) ଶାରଜମ (ମାକାମ୍) ମହୁ (ଦୁମୁରରାଣେ), ଝୁଣା (ଧୂନା) । | ଦାନ୍ତକାଠି, (ଜାନ୍ତକାଠ) ଆମ୍ବ,(ଉଲି) ପଣସ (କାଣାଟ) କଦଳୀ, (କାଦାଲା) ବେଲ (ବେଲ) କେନ୍ଦୁ (ତିରୁଲ) ରାଜକୋଳି (ରାଜୁଆଡ଼) ଚାର କୋଳି (ତାରବ) ପିତାଶଗ (ମାର୍ଗ ଆଳାଃ) ଖଟାଶାଗ (ନରନବ୍‌କ ଅଳାଃ) ଖଟାଶଗ (ପ୍ରାଠଆଳା ବାଜତା ଚିରୁ) । | ହେରପୁନା ପୂଜା ହୁଏ । ଏହି ପୂଜା ଘରର ମୁଖିଆ ହାପାନୁମ୍‌କୁ ପୂଜା କରାଯାଇଥାଏ । ପୂଜାରେ ଶାଳପତ୍ର ଅାବଶ୍ୟକ ହୋଇଥାଏ । | ଶିଆଳୀପତ୍ର ଏବଂ ଶାଳପତ୍ର ଖଲିଦୋନା ତିଆରି କରିଥାନ୍ତି । ପୂଜାପକରଣ ହସିବାରେ ବ୍ୟବହାର କରାଯାଇଥାଏ । ଲଙ୍ଗଲ, ଜୁଆଳୀ ଚାଷ କାର୍ଯ୍ୟରେ ବ୍ୟବହାର କରାଯାଏ । ଖୁଣ୍ଡ ଶ୍ରେଣୀ ବର୍ଗା ବାଉଁଶ ଘର ନିର୍ମାଣ କାର୍ଯ୍ୟରେ ବ୍ୟବହାର କରିଥାନ୍ତି । ଝୁଣା ପୂଜା ସମୟରେ ମହୁ, ଔଷଧରେ ବ୍ୟବହାର କରାଯାଏ । | ଆମ୍ବ, ପଣସ, କଦଳୀ ବେଲ, କୋଳି, ଚାରକୋଳି ଇତ୍ୟାଦି ଖାଇଥାନ୍ତି । ଶାଳମଞ୍ଜି କଇଥ୍ ମଞ୍ଜି ତେଲ କରିଥାନ୍ତି । ଖଟାଶାଗ ପିତା ଶାଗ ଖାଦ୍ୟ ହିସାବରେ ବ୍ୟବହାର କରିଥାନ୍ତି ॥ | ଖଲି ଦୋନା, ଆମ୍ବପଣସ, ରାଜକୋଳି, ଚାରକୋଳି, ଦାନ୍ତକାଠି, ଲଙ୍ଗଳ, ଇଶ, ଝୁଣା ମହୁ ଇତ୍ୟାଦି ଦ୍ରବ୍ୟ ଗୁଡ଼ିକ ହାଟ ବଜାରରେ ଓ ଦୋକାନରେ ବିପଣନ କରିଥାନ୍ତି । | ଶାଳପତ୍ର, ସିଆଳୀ ପତ୍ର,ଦାନ୍ତ କାଠି,ହାଟ ବଜାରରେ ବିପଣନ କରାଯାଇଥାଏ । |
| ଜ୍ୟେଷ୍ଠ ଜେଟ୍ ମେ- ଜୁନ୍ | (ଡିନ୍‌ସାଙ୍ଗ ବାଚୁଲସାନ୍) ଜାଳେଣୀ କାଠ ଲଙ୍ଗଳକାଠ,(ନାଇଲଦାରୁ) ଇଶ, (ଏଷାଣ୍ଡି) ଖୁଣ୍ଡ (ଖୁଣ୍ଡା), ବାଉଁଶ (ମାଁଦ୍) ଶିଆଳିପତ୍ର (ଲାମାଃ ସାକାମ), ଶାଳପତ୍ର, (ଶାରଜମ୍ ମାକାମ୍, ଲାଖ (ଲାହାଃ) ଝୁଣା, (ଧୂନା), ମହୁ (ଦୁମୁରରାସେ) | ଆମ୍ବ, (ଉଲି),ପଣସ (କାଣାଟ),କଦଳୀ, (କାଦାଲା),ବେଲ (ବେଲ),ଚାରକୋଳି (ତାରବ),ରାଜକୋଳି (ରାଜଆଡ଼),ଦାନ୍ତକାଠି (କାରାବାଦ୍),ରାଇ (ରାଇ), ପିତାଶାଗ (ମାର୍ଗ ଆଳାଃ), ଖଟାସାଗ,(ମଠଆଳା) | ହେରପୁନା ପୂଜା ହେଉଥାଏ, ଶାଳପତ୍ର ପୂଜାରେ ବ୍ୟବହୃତ ହୁଏ । ଘରର ମୁଖିଆ ହାପଡ଼ୁମ୍‌କୁ ପୂଜାକରିଥାନ୍ତି । | ଶାଳପତ୍ର, ଶାଳପତ୍ରରୋ ଖଲିଦୋନ ତିଆରି କରିଥାନ୍ତି । ପୂଜାପକରଣ ଭାବେ ବ୍ୟବହାର କରନ୍ତି । ବାଉଁଶରୁଅ ଘର ତିଆରିରେ ଝୁଣା ପୂଜା ପାଇଁ ମହୁ ଓ ଔଷଧ ଭାବରେ ବ୍ୟବହାର କରାଯାଏ । | କଦଳୀ, ଆମ୍ବ, ପଣସ, ବେଲ, ରାଜକୋଳି, ଚାରକୋଳି ଖାଇଥାନ୍ତି । କରଞ୍ଜ ମଞ୍ଜି,ଶାଳମଞ୍ଜି, କୁସୁମ ମଞ୍ଜି ତେଲ ତିଆରି କରାଯାଇଥାଏ । ଦାନ୍ତକାଠିରେ ଦାନ୍ତ ସଫା କରାଯାଇଥାଏ । ଖଟା ସାଗ , ପିତା ଶାଗକୁ ଖାଇଥାନ୍ତି । | ଦାନ୍ତକାଠି, ଖଲି ଦୋନା, ରାଜକୋଳି, ଚାରକୋଳି, ଲଙ୍ଗଳ,ଇଶ, ଝୁଣା,ମହୁ,ଲାଖ, ଇତ୍ୟାଦି ଦ୍ରବ୍ୟ ଗୁଡ଼ିକ ହାଟ ବଜାରରେ ବିକ୍ରୟ କରିଥାନ୍ତି । | କାଠଖୁରା, ଦାନ୍ତକାଠି, ସିଆଳୀପତ୍ର, ଶାଳପତ୍ର, ହାଟ ବଜାରରେ ବିକ୍ରୟ କରିଥାନ୍ତି । |

| ଓଡ଼ିଆ, ଭୂମିଜ, ଇଂରାଜୀ ଭାଷାରେ ମାସର ନାମ | “ଭୂମିଜ” ବନଜାତ ଦ୍ରବ୍ୟ ସଂଗ୍ରହ ସାରଣୀ | | | | | | |
|---|---|---|---|---|---|---|---|
| | ସଂଗୃହୀତ ବନଜାତ ଦ୍ରବ୍ୟର ନାମ | | ସଂପୃକ୍ତ ପର୍ବପର୍ବାଣୀ | ସଂଗୃହୀତ ବନଜାତ ଦ୍ରବ୍ୟର | | ବିପଣନ | ମନ୍ତବ୍ୟ |
| | ମୁଖ୍ୟ | ଗୌଣ | ଦେବାଦେବୀ | ମୁଖ୍ୟ | ଗୌଣ | | |
| ଆଷାଢ<br>ଆଷାଢ଼<br>ଜୁନ୍-ଜୁଲାଇ | ଶାଳପତ୍ର, ଶିଆଳିପତ୍ର, କାଠ, ଜାଳେଣିକାଠ, ଦାନ୍ତକାଠି, ଆଳୁ, (ଦୁଙ୍ଗା ସାଙ୍ଗା), କଣ୍ଡାଆଳୁ । | ଜାମୁ(କୁଦା), ଆମ୍ବ, ପଣସ, କଦଳୀ, ବିଭିନ୍ନ ଛତୁ ମଧ୍ୟରୁ ବିହୂଡା ଛତୁ (କାଦାଏଭଦ୍), ଭୁଟୁକା (ପୁଟୁକାଃ) । | ରଜପର୍ବ ପଡ଼ିଥାଏ ଏହି ପର୍ବରେ ପଣସ ମୁଢି ପିଠା, ମାଂସ ପିଠା, ମାଂସଭାତ କରି ଖାଇଥାନ୍ତି । ହାଣ୍ଡିଆ ରସି ପାନ କରିଥାନ୍ତି । | ଶିଆଳିପତ୍ର, ଶାଳପତ୍ରରେ ଖଲି ଦୋନ ତିଆରି କରିଥାନ୍ତି । ଜାଳେଣିକାଠ, ଲଙ୍ଗଳ, କୁଆଳୀ ଇଷ ତିଆରି କରି ବ୍ୟବହାର କରିଥାନ୍ତି । ଶିଆଳୀଗଛର ତନ୍ତୁରେ ଦଉଡ଼ି ତିଆରି କରିଥାନ୍ତି । କଣ୍ଡାଆଳୁ ଜଙ୍ଗଲି ଆଳୁ ଇତ୍ୟାଦି ଖାଇଥାନ୍ତି । ମହୁ ଔଷଧରେ ବ୍ୟବହାର କରିଥାନ୍ତି । ଝୁଣା ପୂଜା ପାଇଁ ବ୍ୟବହାର କରିଥାନ୍ତି । | ଆମ୍ବ, ପଣସ, ବେଲ, ରାଜକୋଳି, ଚାରିକୋଳି ଓ ବିଭିନ୍ନ ପ୍ରକାର ଛତୁ ଜାତୀୟ ଦ୍ରବ୍ୟ ଖାଇଥାନ୍ତି । | ବିଭିନ୍ନ ପ୍ରକାର ଛତୁ, ଜାମୁ, ଦାନ୍ତକାଠି ଖଲି, ଦୋନା ଓ ଜାଳେଣି କାଠ ବଜାରରେ ବିକ୍ରୟ ହୋଇଥାଏ । | ରଜପର୍ବ ପର୍ଯ୍ୟନ୍ତ ବର୍ଷା ନ ହେଲେ କୁଟାଣିଣୀ ବିରାପୋଟ ଠାକୁରାଣୀଙ୍କ ପୂଜା ଆରାଧନା କରିଥାନ୍ତି । |
| ଶ୍ରାବଣ<br>ଶିରାବଣ<br>ଜୁଲାଇ-ଅଗଷ୍ଟ | ଦାନ୍ତକାଠି, ଶାଳପତ୍ର, ଶିଆଳିପତ୍ର, ଜାଳେଣିକାଠ, ଜଙ୍ଗଲିଆଳୁ, କଣ୍ଡାଆଳୁ । | ଟସରପୋକ, (ଲୁଙ୍ଗାମଟିକୁ), ବୁରୁଡୁଫଳ (ଭୁଦ୍‌ରୁଜାଠ), ମୟୂରପର (ମାରରଏଇଲ) । | ଗହ୍ମାପୂର୍ବ (ଗହ୍ମା ପରବ) ଏହି ମାସରେ ପଡ଼େ ମାଂସ ଭାତ, ଗେଣ୍ଡାପିଠା, ହାଣ୍ଡିଆ ଇତ୍ୟାଦି ହୁଏ । | ଶାଳପତ୍ରରେ ଖାଲିଦୋନା ତିଆରି କରିଥାନ୍ତି । ଜାଳେଣିକାଠ, ଲଙ୍ଗଳକାଠ କୁଆଳୀ ବ୍ୟବହାର କରିଥାନ୍ତି । ଜଙ୍ଗଲଆଳୁ, (ଦୁଙ୍ଗାମାଙ୍ଗା) କଣ୍ଡାଆଳୁ ଖାଇଥାନ୍ତି । ଶିଆଳିତନ୍ତୁରେ ଦଉଡ଼ି ତିଆରି କରିଥାନ୍ତି । | ଭୁରୁଡ଼ଫଳ ଖାଇଥାନ୍ତି ଟସର ପୋକ ସୂତା ତିଆରି କରିଥାନ୍ତି । ମୟୂର ପର ପଗଡ଼ିରେ ବ୍ୟବହାର କରିଥାନ୍ତି ଏବଂ ମୟୂରର ଦେଣା ପରରେ ଶର ପଛଭାଗରେ କାଟି ବାନ୍ଧିଥାନ୍ତି । | ଟସର, ଛତୁ, ଶିଆଳିପତ୍ରର ଖଲି, ଶାଳପତ୍ରର ଖଲି ଦୋନା ଦାନ୍ତକାଠି ଇତ୍ୟାଦି ବଜାରରେ ବିକ୍ରି ହୋଇଥାଏ । | - |

| ଓଡ଼ିଆ, ଭୂମିଜ, ଇଂରାଜୀ ଭାଷାରେ ମାସର ନାମ | "ଭୂମିଜ" ବନଜାତ ଦ୍ରବ୍ୟ ସଂଗ୍ରହ ସାରଣୀ | | | | | | |
|---|---|---|---|---|---|---|---|
| | ସଂଗୃହୀତ ବନଜାତ ଦ୍ରବ୍ୟର ନାମ | | ସମ୍ପୃକ୍ତ ପର୍ବପର୍ବାଣୀ | ସଂଗୃହୀତ ବନଜାତ ଦ୍ରବ୍ୟର | | ବିପଣନ | ମନ୍ତବ୍ୟ |
| | ମୁଖ୍ୟ | ଗୌଣ | ଦେବାଦେବୀ | ମୁଖ୍ୟ | ଗୌଣ | | |
| ଭାଦ୍ରବ ଭଦ୍ ଅଗଷ୍ଟ-ସେପ୍ଟେମ୍ବର | ଶାଳପତ୍ର, ଶିଆଳିପତ୍ର, ଦାନ୍ତକାଠି ଓ ଜାଳେଣିକାଠ । | ପିତାଆଳୁ । | ନୂଆଖିଆ ପର୍ବ (ନାଅଜମ୍ ପରବ) ପାଳନ କରିଥାନ୍ତି । ହାଣ୍ଡିଆ, ମଦ ପାନ କରିଥାନ୍ତି । ଶାଳପତ୍ର ଦୋନା ଶିଳଅଳି ପତ୍ରରେପୂଜାପକରଣ ଦେଇ ହାପାଳୁମଙ୍କୁ ପୂଜାପାଠ କରାଯାଇଥାଏ । | ଶାଳପତ୍ର ଦୋନାଖଲି, ଶିଆଳିପତ୍ର ଖଲି,ଏବଂ ଛଣ ତିଆରି କରି ବ୍ୟବହାର କରିଥାନ୍ତି । ଜାଳେଣିକାଠ, ଲଙ୍ଗଳ, ଖୁଣ୍ଟ, ରୁଅ ବାର୍ଗଣ ବ୍ୟବହାର କରିଥାନ୍ତି । ଦାନ୍ତସଫା ପାଇଁ ଦାନ୍ତକାଠି ବ୍ୟବହାର କରିଥାନ୍ତି । | ପିତାଆଳୁ, ମହୁକୁ ଔଷଧ ହିସାବରେ ବ୍ୟବହାର କରନ୍ତି । | ଜାଳେଣିକାଠ ଲଙ୍ଗଳ ଲଷ ଜୁଆଳୀ ଶାଳପତ୍ର ଦନାଖଲି ଶିଆଳୀ ପତଖଲି ଇତ୍ୟାଦି ବଜାର ହାଟ ଗ୍ରାମରେ ବିପଣନ କରିଥାନ୍ତି । | - |
| ଆଶ୍ୱିନ ଅଶିଣ ସେପ୍ଟେମ୍ବର-ଅକ୍ଟୋବର | ଶାଳପତ୍ର, ଶିଆଳିପତ୍ର, ଜାଳେଣି କାଠ ଓ ଦାନ୍ତକାଠି । | ଶାଳପତ୍ର,ଶିଆଳିପତ୍ର, କଖାରୁ । | ଦାସଇଁ ବଙ୍ଗା ହୋଇଥାଏ । ଦେବୀ ଦୁର୍ଗାଙ୍କୁ କସିକଖାରୁ ବଳିଦିଆଯାଏ । | ଲଙ୍ଗଳ ଜାଳେଣୀ କାଠ, ଶାଳପତ୍ର, ଦୋନା ଖଲି ବ୍ୟବହାର କରନ୍ତି । | ଦାନ୍ତକାଠି ଜାଳେଣୀକାଠ ଓ ଦୋନାରେ ହାଟ ବଜାରରେ ବିପଣନ କରାଯାଏ । | - | - |
| କାର୍ତ୍ତିକ ସଆଲେ ଅକ୍ଟୋବର-ନଭେମ୍ବର | ଶାଳପତ୍ର, ଶିଆଳିପତ୍ର, ଜାଳେଣିକାଠ । | ଲଙ୍ଗଳ, କୁଆଁରି, ଜାଳେଣି କାଠ, ମହୁ, ପାଳୁଅ । | ଗୋଠପୂଜା (ବଦଂଙ୍ଗା), ଦେହରା ପୂଜା କରିଥାଏ । (ଗଣା ବଙ୍ଗା) ବୁଢ଼ାଳ ପୂଜା ପର ମୁଖିଆ କରିଥାନ୍ତି । ଗୋଠପୂଜାରେ ଠାକୁର ଠାକୁରାଣୀ ପୂଜା କରାଯାଏ । ବୁଢ଼ାଳ ଦେବାଦେବୀଙ୍କୁ ବୁଢ଼ାଳରେ ପୂଜା କରାଯାଏ । କୁକୁଡ଼ା ବଳି ହୁଏ, ଅଣ୍ଡା ଗୋଠପୂଜାରେ ଲାଗେ । | ବାର୍ଗଣ, ଜାଳେଣି, ଲଷ ଲଙ୍ଗଳ, ଶାଳପତ୍ର, ଖଲିଦୋନା ଶିଆଳିପତ୍ର ଖଲି ତିଆରି କରିଥାନ୍ତି । ଦାନ୍ତକାଠି ପାଳୁଅ ମହୁ ଝୁଣା ଲାଖ, ଆଳୁ ସଂଗ୍ରହ କରିଥାନ୍ତି । | ରୋଷେଇ ପାଇଁ ଜାଳେଣି କାଠ, ଚାଷକାର୍ଯ୍ୟରେ ଲଷ ଲଙ୍ଗଳ ବ୍ୟବହାର କରିଥାନ୍ତି । ଦାନ୍ତଘଷିବା ପାଇଁ ଦାନ୍ତକାଠି ବ୍ୟବହାର କରିଥାନ୍ତି । | ଜାଳେଣକାଠ ଲଙ୍ଗଳ ଲଷ, ଖଲିଦୋନା ପତ୍ର ମହୁ ଲାଖ ଖଟଖୁର । ଦାନ୍ତକାଠି, ଗ୍ରାମ ଦୋକାନ ହାଟ ବଜାରରେ ବିପଣନ କରିଥାନ୍ତି । | - |

| ଓର୍ଦ୍ଦିଆ, ଭୂମିଜ, ଇଂରାଜୀ ଭାଷାରେ ମାସର ନାମ | "ଭୂମିଜ" ବନଜାତ ଦ୍ରବ୍ୟ ସଂଗ୍ରହ ସାରଣୀ | | | | | | |
|---|---|---|---|---|---|---|---|
| | ସଂଗୃହୀତ ବନଜାତ ଦ୍ରବ୍ୟର ନାମ | | ସଂପୃକ୍ତ ପର୍ବପର୍ବାଣି | ସଂଗୃହୀତ ବନଜାତ ଦ୍ରବ୍ୟର | | ବିପଣନ | ମନ୍ତବ୍ୟ |
| | ମୁଖ୍ୟ | ଗୌଣ | ଦେବାଦେବୀ | ମୁଖ୍ୟ | ଗୌଣ | | |
| ମାର୍ଗଶିର<br>ମୁଗଶୁର<br>ନଭେମ୍ବର-<br>ଡ଼ିସେମ୍ବର | ଶାଳପତ୍ର, ଶିଆଳିପତ୍ର, କେନ୍ଦୁପତ୍ର, ଜାଳେଣି କାଠ ଓ ଦାନ୍ତକାଠି । | ମହୁ, ପାଳୁଅ, ଝୁଣା ଓ ଛଣ । | କ୍ଷେତ ବଙ୍ଗାପୂଜା (ରୋଇଥାଦେର ବଂଗା) ନାଗେ ଏରା, ବିଦ୍ଧିଏରା ବିଲ ବା ଚାଷ ଜମିରେ ଘରର ମୁଖିଆ କରିଥାନ୍ତି । କ୍ଷେତ ଆଣି ଖଳାରେ ରଖିବା ପରେ ହାପାହ୍ନମ୍‌କୁ ପୂଜା ପାଠ ମୁଖିଆ କରିଥାନ୍ତି । ଏହି ପୂଜାରେ ଶାଳପତ୍ର ବ୍ୟବହାର କରାଯାଇଥାଏ । | ଶିଆଳିପତ୍ରରେ ଖଲି ଶାଳପତ୍ରରେ ଖଲିଦୋନା ତିଆରି କରିଥାନ୍ତି । ଲଙ୍ଗଳ କୁଆଳି ଇଷ ତିଆରି କରି ଚାଷକାର୍ଯ୍ୟରେ ବ୍ୟବହାର କରାଯାଏ । ବାର୍ଦ୍ଧଣ ଘରକାମରେ ବ୍ୟବହାର କରିଥାନ୍ତି । | ପତାବରୀବୃକ୍ଷ, ମହୁ ଔଷଧ ରୂପେ ବ୍ୟବହାର କରାଯାଇଥାଏ । ଝୁଣା ପୂଜା ସମୟରେ ବ୍ୟବହାର କରିଥାନ୍ତି । ଛଣ ଝାଡୁ ତିଆରି କରିଥାନ୍ତି । ଲଙ୍ଗଳ ଇଷ ଚାଷ କାର୍ଯ୍ୟରେ ବ୍ୟବହାର କରିଥାନ୍ତି । | ଖଲିମାନପତ୍ର ଖଲି ଦୋନା ତିଆରି କରି ହାଟଦୋନା ତିଆରି କରି ହାଟବଜାରରେ ବିକ୍ରି କରିଥାନ୍ତି । ଦାନ୍ତକାଠି, ଲଙ୍ଗଳ, ଇଷ, ହାଟବଜାରରେ ବିକ୍ରି କରିଥାନ୍ତି । | - |
| ପୌଷ<br>ପୁଷସୁ<br>ଡିସେମ୍ବର-<br>ଜାନୁୟାରୀ | ଜାଳେଣୀ କାଠ, ଶାଳପତ୍ର, ଶିଆଳୀପତ୍ର, ଦାନ୍ତକାଠି । | ଗାଈ ସମରା, ଶତାବାରୀ ବୃକ୍ଷ, ମହୁ, ପାଳୁଅ ଔଷଧ ହିସାବରେ ବ୍ୟବହାର କରାଯାଇଥାଏ । | ମକର ସଂକ୍ରାନ୍ତିକୁ ମକର ପର୍ବ (ପୁଷସୁ) ପଦେ । ଶାଳପତ୍ର ପୂଜାରେ ଆବଶ୍ୟକ କରିଥାନ୍ତି । ଘରର ମୁଖିଆ ମକର ପବରେ ଇଷ୍ଟଦେବାଦେବୀଙ୍କୁ ପୂଜା କରିଥାନ୍ତି । | ଝୁଣା ପୂଜାରେ ବ୍ୟବହାର କରିଥାନ୍ତି । ଦାନ୍ତକାଠିରେ ଦାନ୍ତକାଠିରେ ଦାନ୍ତଘର୍ଷ ଥାନ୍ତି । ଜାଳେଣୀକାଠ ରୋଷଇ କାର୍ଯ୍ୟରେ ବ୍ୟବହାର କରିଥାନ୍ତି । | ମହୁ ଔଷଧ ରୂପେ ବ୍ୟବହାର କରିଥାନ୍ତି, ଶତାବରୀ ବୃକ୍ଷ ଔଷଧୀୟ ବୃକ୍ଷଭାବେ ପରିଚିତ । ଝୁଣା ପୂଜା ସମୟରେ ଆବଶ୍ୟକ ହୋଇଥାଏ । | ଲଙ୍ଗଳ, ଇଷ, ଦାନ୍ତକାଠି, ଜାଳେଣୀ କାଠ, ଖଲି ଦୋନା ବଜାରରେ ବିପଣନ କରିଥାନ୍ତି । | - |
| ମାଘ<br>ମାଘ୍<br>ଜାନୁୟାରୀ<br>ଫେବୃୟାରୀ | ମହୁ, ଝୁଣା, ଛଣ ଗାଈ ସମରା । | କଣାଆଳୁ, ଝୁଣା, ଲାଖ, ଗାଈ ସମର ଇତ୍ୟାଦି । | ମାଘ ପୂଜା(ମାଘବଂଗା), ଠାକୁରଠାକୁରାଣୀଙ୍କୁ ଦେହୁରୀ ପୂଜା କରିଥାନ୍ତି । | ଦାନ୍ତ ଘଷିବାରେ ଦାନ୍ତ ଦାଯ ଝୁଣା, ଲକା ଜଙ୍ଗଲରୁ କାଠି ବ୍ୟବହାର କରିଥାନ୍ତି ସଂଗ୍ରହ କରିଥାନ୍ତି । ଝୁଣା ଲଙ୍ଗଳ ଇଷ ତିଆରି ମହୁ ଓ ଔଷଧ ବ୍ୟବହାର କରିଥାନ୍ତି । ଝୁଣା, ଲାକ, ସଂଗ୍ରହ କରିଥାନ୍ତି । | ଝୁଣା, ଲାଖ, ଜଙ୍ଗଲରୁ ସଂଗ୍ରହ କରିଥାନ୍ତି । ଝୁଣା ମହୁ ଔଷଧରେ ବ୍ୟବହାର କରିଥାନ୍ତି । | ଝୁଣା,ଲାଖ ଲଙ୍ଗଳ ଇଷ, ଖଟଖୁରା ହାଟ ବଜାରରେ ଏବଂ ଗ୍ରାମରେ ବିପଣନ କରିଥାନ୍ତି । | - |

| ଓର୍ଦ୍ଦିଆ, ଭୂମିଜ, ଇଂରାଜୀ ଭାଷାରେ ମାସର ନାମ | "ଭୂମିଜ" ବନଜାତ ଦ୍ରବ୍ୟ ସଂଗ୍ରହ ସାରଣୀ | | | | | | |
|---|---|---|---|---|---|---|---|
| | ସଂଗୃହୀତ ବନଜାତ ଦ୍ରବ୍ୟର ନାମ | | ସଂପୃକ୍ତ ପର୍ବପର୍ବାଣୀ | ସଂଗୃହୀତ ବନଜାତ ଦ୍ରବ୍ୟର | | ବିପଣନ | ମନ୍ତବ୍ୟ |
| | ମୁଖ୍ୟ | ଗୌଣ | ଦେବାଦେବୀ | ମୁଖ୍ୟ | ଗୌଣ | | |
| ଫାଲଗୁନ୍ ଫଗୁଣ/ଫାଗୁନ୍ ଫେବୃୟାରୀ-ମାର୍ଚ୍ଚ | ଦାନ୍ତକାଠି, ଶାଳଫୁଲ, (ଶାରଜମବାଆ), ଆମ୍ବ (ଉଲି) । | କୋଳି, ପିତାଶାଗ, ଖଟାଶାଗ, (ମିଠାଆଳୁ), | ଫୁଲପୂଜା(ବାଆଙ୍ଗା) ଏହି ମାସରେ ହୋଇଥାଏ । | ଶାଳପତ୍ର ଶିଆଳିପତ୍ର ପୂଜାରେ ବ୍ୟବହାର କରାଯାଏ । କାର୍ଡ଼ିଶ ବୃଥ ଶ୍ରେଣୀ ଗୃହକାର୍ଯ୍ୟରେ ବ୍ୟବହାର କରାଯାଏ । | ଗାଇସମର, ଶତାବରୀ ବୃକ୍ଷଔଷଧ ହିସାବରେ ବ୍ୟବହାର କରାଯାଏ । ମହୁଲ ଫୁଲ ଆସିଯାଇଥିଆଯାଏ । | ଖଲି ଦୋନା ତିଆରି କରି ହାଟରେ ବିପଣନ କରିଥାଆନ୍ତି । | ଏହି ଫୁଲ ପୂଜା ବାଆଙ୍ଗା ପୂର୍ବରୁ ଇଙ୍ଗଲ ବ୍ୟବହାର କରିଥାନ୍ତି । |
| ଚୈତ୍ର ଚଇତ୍ ମାର୍ଚ୍ଚ-ଏପ୍ରିଲ୍ | ଜାଳେଣିକାଠ, କେନ୍ଦୁ, ପଣସ, କୁସୁମ ଦାନ୍ତକାଠି, ସଂଗ୍ରହ କରିଥାନ୍ତି । | ଚରକୋଳି, ଝୁଣା, ଲାଖ ସଂଗ୍ରହ କରିଥାନ୍ତି । | ଫୁଲପୂଜା(ବାଆଙ୍ଗା) ଏହି ମାସରେ ହୋଇଥାଏ । ଇଷ୍ଟଦେବତା ଗ୍ରହ୍ମଦେବଙ୍କୁ ବ୍ରହ୍ମମୁଖ୍ୟ ପୂଜା କରିଥାନ୍ତି । ଇଷ୍ଟଦେବତା (ଅପମୁଣ୍ଡା) କୁକୁଡ଼ା ବଳି ଦିଆଯାଏ । | ଶାଳ ଓ ଶିଆଳିପତ୍ରର ଖଲିଦୋନା ତିଆରି କରିଥାନ୍ତି । ଜାଳେଣିକାଠ ଇଙ୍ଗଳ ଇଷ କାଠ, ଖଟ, ଖୁରା, ଆମ୍ବ କେନ୍ଦୁ, ଚାରକୋଳି ଇତ୍ୟାଦି ସଂଗ୍ରହ କରିଥାନ୍ତି । | ରାଇଫୁଲ ଚାରକୋଳି ଆମ୍ବ କେନ୍ଦୁ ଝୁଣା, ଲାଖ, ଇଙ୍ଗଳ ଇଷ, ନୁଆଳି ତିଆରି କରିଥାନ୍ତି । | ଇଙ୍ଗଳ ନୁଆଳୀ ଇଷ, ଝୁଣା ଝାଡ଼ୁ ହାଟ ବଜାରରେ ବିକ୍ରି କରିଥାନ୍ତି । | - |

# ଶ୍ରମ ସମବାୟ
## (ଶାଜାରୀ ବା କାମି ଦେଂଗା)

ଯାଯାବରୀୟ ଜୀବନଧାରାକୁ ପରିହାର କରି ମଣିଷ ଯେବେଠାରୁ ସଂଘବଦ୍ଧ ଭାବରେ ବସବାସ କରି ଶିଖିଲା, ସେହିଦିନ ସେ ସମାଜର ଭିତ୍ତି ସ୍ଥାପନ ସହିତ ନିଜକୁ ଏକ ସାମାଜିକ ପ୍ରାଣୀ ଭାବରେ ପରିଚିତ କରାଇବାକୁ ଚେଷ୍ଟିତ ହେଲା ଏବଂ ସେପରି ଉଦ୍ୟମର ମଧ୍ୟ ଆଉ ଅନ୍ତ ହେଲା ନାହିଁ ।

ବସ୍ତୁତଃ ମଣିଷ ସମାଜର, ସମାଜ ପାଇଁ ଏବଂ ସମାଜ ଦ୍ୱାରା – ଏହିପରି ଏକ ଅପୂର୍ବ ମାନସିକତାରେ ଆଜିର ମଣିଷ ଉଦ୍‌ବୁଦ୍ଧ । ସମାଜକୁ ଏକତାର ସୂତ୍ରରେ ବାନ୍ଧିରଖିବାର ମୂଳମନ୍ତ୍ରଟି ହେଲା ସହଯୋଗ । ସହଯୋଗ ଭିତ୍ତିରେ ହିଁ ପୃଥିବୀର କାର୍ଯ୍ୟଧାରା ଗତିଶୀଳ । ବ୍ୟକ୍ତିଗତ, ପାରିବାରିକ, ସାମାଜିକ, ପ୍ରାଦେଶିକ, ରାଷ୍ଟ୍ରୀୟ ତଥା ଆନ୍ତର୍ଜାତିକ – ପ୍ରତିଟି ସ୍ତରରେ ସହଯୋଗର ଆବଶ୍ୟକତା ଅପରିହାର୍ଯ୍ୟ ।

ଅନୁରୂପଭାବେ ସାମ୍ପ୍ରଦାୟିକ ସ୍ତରରେ ମଧ୍ୟ ସହଯୋଗର ଅପରିତେଜ୍ୟ ଭୂମିକା ଅନୁଭୂତ ହୋଇଥାଏ । ଶ୍ରମ ସହଯୋଗୀତା ଯୋଗୁଁ ସାମାଜିକ ବ୍ୟବସ୍ଥା ବା ଚଳଣୀ ସୁଶୃଙ୍ଖଳିତ ଓ ସହଜ ଭାବରେ ଗଡ଼ିଚାଲେ । କର୍ମ କରିବାର ଆଗ୍ରହ ତଥା ସହଯୋଗ ମନୋବୃତ୍ତି ଜନିତ ସହଯୋଗୀ ଶ୍ରମ ହିଁ ଅସମ୍ଭବକୁ ସମ୍ଭବ କରିବାରେ ସକ୍ଷମ ହୋଇପାରେ ।

**ଭୂମିଜମାନଙ୍କ ଦୃଷ୍ଟିରେ ଶ୍ରମ ସମବାୟ :**

ସହଯୋଗ ଭିତ୍ତିରେ କୌଣସି କାର୍ଯ୍ୟ ସମ୍ପାଦିତ ହେଲେ ତାହା ସହଯୋଗୀ ଶ୍ରମ ବିନିମୟ କର୍ମ ବୋଲି ବୁଝାଯାଇଥାଏ । ଏପରି କ୍ଷେତ୍ରରେ କାର୍ଯ୍ୟଗୁଡିକୁ ମିଳିମିଶି କରାଯାଉଥିବାରୁ ସହଜ, ସୁବିଧା ଓ ଶୀଘ୍ର ହୋଇପାରେ । କଠିନ କାମ ମଧ୍ୟ ହାଲୁକା ମନେହୁଏ । ଅସମ୍ଭବ ଲାଗୁ ଥିଲେ ସମ୍ଭବ ହୋଇଯାଏ ।

ପୁଣି ସହଯୋଗୀ ଶ୍ରମକୁ ଶାରିରୀକ ଓ ମାନସିକ ଦୃଷ୍ଟିକୋଣରୁ ବିଚାର କରାଯାଇପାରେ । କାରଣ କୌଣସି କାର୍ଯ୍ୟରେ ସାଫଲ୍ୟ ଅର୍ଜନ କରିବା ପାଇଁ ବୟସ୍କ ତଥା ଅଭିଜ୍ଞ ବ୍ୟକ୍ତିର ପ୍ରଜ୍ଞା ଏବଂ ଯୁବକର ଶକ୍ତି ଅନିର୍ବାର୍ଯ୍ୟ । ଜଣେ ମାନସିକ ଶ୍ରମ ଦାନ

କଲେ ଅନ୍ୟ ଜଣେ ଶାରୀରୀକ ଶ୍ରମ ପ୍ରଦାନ ପୂର୍ବକ କାର୍ଯ୍ୟଧାରାକୁ ତ୍ୱରାନ୍ୱିତ କରିଥାଏ । ଯୁଗେ ଯୁଗେ ଏହା ପ୍ରମାଣସିଦ୍ଧ ।

ଭୂମିଜମାନେ ସହଯୋଗୀ ଶ୍ରମ କହିଲେ ପ୍ରାୟତଃ କେବଳ ଶାରିରୀକ ଶ୍ରମ ଦାନକୁ ହିଁ ବୁଝିଥାଆନ୍ତି ଏବଂ ସେଥିପାଇଁ ପାରିଶ୍ରମିକ ବ୍ୟବସ୍ଥା ଅନୁସୃତ ହୁଏ ନାହିଁ । ଏହାକୁ ଭୂମିଜ ଭାଷାରେ ଶାଜାରୀ ବା କାମିଦେଙ୍ଗା କୁହାଯାଏ । ଏଥିରେ ଜଣେ ଲୋକକୁ କୌଣସି କାର୍ଯ୍ୟ ପାଇଁ ତା'ର ଜାତିଭାଇ ବା ପଡୋଶୀ ଲୋକେ ବିନା ପାରିଶ୍ରମିକରେ ଶ୍ରମ ଦାନ କରି କାର୍ଯ୍ୟଟିକୁ ସମ୍ପାଦନ କରିବାରେ ସହାୟତା କରିଥାଆନ୍ତି । ଶ୍ରମ ସହଯୋଗୀତା ର ଧାରା ଭୂମିଜ ସମାଜରେ ବେଶ୍ ପ୍ରଚଳିତ । ଏଥିପାଇଁ ଭୂମିଜ ମାନଙ୍କର ସହଯୋଗ ମନୋବୃତ୍ତି ଖୁବ୍ ପ୍ରଶଂସନୀୟ । ଅବଶ୍ୟ ଏପରି ଉନ୍ନତ ମାନସିକତା ଭୂମିଜ ମାନଙ୍କର ଆଜିର ନୁହେଁ, ପରନ୍ତୁ ସୃଷ୍ଟି କାଳରୁ ଏହାର ଉଦ୍ଭବ ଓ ଉତ୍ତରଣ । ଭୂମିଜ ଲୋକକଥା ଓ ଲୋକକାହାଣୀ ଗୁଡିକୁ ଅନୁଧ୍ୟାନ କଲେ, ସତ୍ୟତା ସ୍ପଷ୍ଟ ହୋଇଯାଏ ।

ଭୂମିଜ ସମ୍ପ୍ରଦାୟରେ ସାଧାରଣତଃ ଜଣେ ବ୍ୟକ୍ତି ଅସୁବିଧାରେ ପଡିଲେ କିମ୍ବା କାର୍ଯ୍ୟ ସମ୍ପାଦନ ପାଇଁ ସାହାଯ୍ୟ ଲୋଡିଲେ ଗ୍ରାମର ପ୍ରତ୍ୟେକ ପରିବାରରୁ ଜଣେ ଲେଖାଏଁ ଉପସ୍ଥିତ ରହି ସମ୍ପୃକ୍ତ ବ୍ୟକ୍ତିକୁ ଶ୍ରମ ଦାନ ପୂର୍ବକ ସହଯୋଗ କରିଥାଆନ୍ତି । ଏହା ନିଜର ଜାତିଭାଇଙ୍କ ମଧ୍ୟରେ ହୋଇଥାଏ । ବିଶେଷ କରି ଆର୍ଥିକ କିମ୍ବା ଶାରିରୀକ ଅସୁସ୍ଥତା ଯୋଗୁଁ ଜଣେ ଚାଷକାର୍ଯ୍ୟରେ ପଛରେ ପଡିଗଲେ ପ୍ରତ୍ୟେକ ପରିବାରରୁ ଜଣେ ଲେଖାଏଁ ଯାଇ ତା'ର ଚାଷକାମ ସମାପ୍ତ କରନ୍ତି । ଏଥିପାଇଁ କେହି ପାରିଶ୍ରମିକ ନିଅନ୍ତି ନାହିଁ । ଗୃହ ନିର୍ମାଣ ପାଇଁ କୌଣସି ଲୋକ ଯଦି ଶାଜାରୀ ଡାକେ ବା ଲୋଡ଼େ, ତେବେ ପ୍ରତ୍ୟେକ ପରିବାରରୁ ଜଣେ ଲେଖାଏଁ ଯାଇ ତାକୁ କାମରେ ସହଯୋଗ କରନ୍ତି । ଜଙ୍ଗଲରୁ ଗୃହ ନିର୍ମାଣ ଉପକରଣ ଆଣିବାଠାରୁ ଘର ପ୍ରସ୍ତୁତିକରଣରେ ମଧ୍ୟ ବିନା ପାରିଶ୍ରମିକରେ ଶ୍ରମ ଦାନ କରିଥାଆନ୍ତି । କେହି ଯଦି ବଡ ଗଛ ଗଣ୍ଡି ଗଡାଇବାକୁ ଚାହେଁ, ତେବେ ପ୍ରାୟତଃ ପରିବାରରୁ ଜଣେ ଜଣେ ଯାଇ ତାକୁ ସହଯୋଗ କରନ୍ତି । କୌଣସି ବ୍ୟକ୍ତିର ପରିବାରରେ ଗୁରୁତର ରୋଗବ୍ୟାଧି ବା ଜ୍ୱର ହେଲେ କିମ୍ବା କେହି ମୃତ୍ୟୁ ମୁଖରେ ପଡିଲେ ପ୍ରତ୍ୟେକ ପରିବାରରୁ ଜଣେ ଲେଖାଏଁ ଉପସ୍ଥିତ ରହି ସମ୍ପୃକ୍ତ ବ୍ୟକ୍ତିକୁ ବିଭିନ୍ନ କାର୍ଯ୍ୟରେ ସହାୟତା ପ୍ରଦାନ କରିଥାଆନ୍ତି । ରୋଗୀକୁ ଡାକ୍ତରଖାନା ନେବା, ସେବା ଶୁଶ୍ରୂଷା କରିବା, ରାତିରେ ଜଗିବସିବା, ଶବଦାହ ଇତ୍ୟାଦି କାର୍ଯ୍ୟ

ସମସ୍ତେ ମିଳିମିଶି ସମ୍ପାଦନ କରନ୍ତି । ପୁତ୍ରହୀନ ବିଧବା ସ୍ତ୍ରୀକୁ ପ୍ରତ୍ୟେକ କାମରେ ଗ୍ରାମର ସମସ୍ତ ପରିବାର ସହଯୋଗ କରିବାକୁ ଆଗେଇ ଆସନ୍ତି । ଏପରିକି ଶୀକାରରୁ ମାଂସ ଆଣିଲେ କିଛି ଅଂଶ ବିଧବା ସ୍ତ୍ରୀକୁ ଦେଇଥାଆନ୍ତି । ବିବାହ, ଶୁଦ୍ଧିକ୍ରିୟାରେ ମଧ୍ୟ ଅନୁରୂପ ଭାବେ ଗ୍ରାମର ପ୍ରତିଟି ପରିବାରରୁ କେହି ନା କେହି ଉପସ୍ଥିତ ରହି କାମକାର୍ଯ୍ୟକୁ ତ୍ୱରାନ୍ୱିତ ଓ ଶୃଙ୍ଖଳିତ କରି ଥାଆନ୍ତି । ଏସବୁ ଶ୍ରମ ପାଇଁ କୌଣସି ପାରିଶ୍ରମିକ ପ୍ରଦତ୍ତ ହୁଏ ନାହିଁ । କେବଳ ଭୋଜିଭାତ ହେଲେ ଖାଇବାକୁ ଦିଆଯାଏ, ନଚେତ୍ ଉତ୍ସବାନୁଷ୍ଠାନରେ ନିମନ୍ତ୍ରଣ କରାଯାଇଥାଏ । ଭୂମିଜ ସମାଜରେ ପ୍ରତ୍ୟେକ ବ୍ୟକ୍ତିର କାମକାର୍ଯ୍ୟରେ ଗ୍ରାମର ସମସ୍ତ ପରିବାର କୌଣସି ଦିଗରେ ମଧ୍ୟ ସହଯୋଗୀ ଶ୍ରମ ପ୍ରଦାନ କରନ୍ତି । ତେବେ କାହାର କେଉଁ କାମରେ ପରିବାରରୁ କିଏ ଯିବ, ତାହା ସମ୍ପୃକ୍ତ ଗୃହକର୍ତ୍ତା / ଗୃହକର୍ତ୍ତୀ ନିର୍ଦ୍ଧାରଣ କରିଥାଆନ୍ତି । କାରଣ ଗୃହ ନିର୍ମାଣ ପାଇଁ ବେଶ୍ ଶାରିରୀକ ଶକ୍ତିର ଆବଶ୍ୟକତା ରହିଥାଏ । ସ୍ତ୍ରୀ ପ୍ରସବ ସମୟରେ ବା ନବଜାତ ଶିଶୁର ଉଠିଆରୀ(ନାରଣ) କର୍ମ ପାଇଁ ପରିବାରରୁ ଅଭିଜ୍ଞ ବୟସ୍କା / ବୁଢ଼ି ଲୋକମାନେ ଯାଆନ୍ତି । ସେମାନେ ସ୍ତ୍ରୀଟିର ପ୍ରସବ ବେଦନା ଉପଶମ ପାଇଁ ଯତ୍ ପରୋନାସ୍ତି ଚେଷ୍ଟା କରିବା ସହିତ ଶିଶୁକୁ ଜନ୍ମ କରାଇବାରେ ମଧ୍ୟ ବିଭିନ୍ନ ଉପାୟ ଅବଲମ୍ବନ କରିଥାଆନ୍ତି । ସେହିପରି ଉଠିଆରୀ କର୍ମପାଇଁ ବିଧିବ୍ୟବସ୍ଥା ସହ ଗୃହକର୍ତ୍ତୀଙ୍କୁ ପ୍ରତ୍ୟେକ କାର୍ଯ୍ୟରେ ସହଯୋଗ କରନ୍ତି । ଏ କ୍ଷେତ୍ରରେ ସେମାନେ ଅଭିଜ୍ଞ ହୋଇଥିବାରୁ ସ୍ତ୍ରୀ ପ୍ରସବ କିମ୍ବା ଉଠିଆରୀ କର୍ମରେ ଅସୁବିଧା ରହେ ନାହିଁ । କରମ୍ ପୂଜା ପାଇଁ ଗୃହକର୍ତ୍ତାଙ୍କୁ ନିମନ୍ତ୍ରଣ କରାଯାଏ । ସେ ବିଧି ଅନୁସାରେ ପୂଜାପାଠ ସମ୍ପନ୍ନ କରିବାରେ ସହାୟତା ପ୍ରଦାନ କରନ୍ତି । କାଠ ଗଣ୍ଡି କାଟିବା କିମ୍ବା ଘରକୁ ଆଣିବା ପାଇଁ ଏବଂ ପାଣିପମ୍ପ୍ ସ୍ଥାନାନ୍ତର କରିବାକୁ ପରିବାରର ଯୁବକମାନଙ୍କୁ ସ୍ମରଣ କରାଯାଇଥାଏ । ଯେଉଁ କାର୍ଯ୍ୟରେ ମୁଖ୍ୟତଃ ଶାରିରୀକ ଶ୍ରମର ଆବଶ୍ୟକତା ରହିଥାଏ, ସେଠାକୁ ପରିବାରର ଯୁବକମାନଙ୍କୁ ହିଁ ଗୃହମୁଖ୍ୟ ପ୍ରେରଣ କରିଥାଆନ୍ତି । ଶୁଦ୍ଧିକ୍ରିୟାରେ ଗୃହକର୍ତ୍ତାମାନେ ନିମନ୍ତ୍ରିତ ହେଉଥିଲେ ହେଁ ଯେଉଁମାନେ ଶବଦାହରେ ଯୋଗ ଦେଇଥିଲେ, ସେମାନଙ୍କୁ ଶୁଦ୍ଧିକ୍ରିୟାରେ ନିଶ୍ଚିତ ଡକାଯାଇଥାଏ । ସେମାନେ ମଧ୍ୟ ବେଶ୍ ଉତ୍ସାହର ସହ ଶ୍ରମ ଦାନ କରନ୍ତି । ସେହିପରି ବିବାହ ଉତ୍ସବକୁ ମୁଖ୍ୟତଃ ଗୃହକର୍ତ୍ତା ଯାଉଥିଲେ ହେଁ ଶାରିରୀକ ଶ୍ରମଦାନ ପାଇଁ ପରିବାରର ଯୁବ ଶ୍ରେଣୀୟ ବ୍ୟକ୍ତିମାନଙ୍କର ଆବଶ୍ୟକତା ପଡ଼ିଥାଏ । ଗୃହକର୍ତ୍ତା ବା ମୁରବୀ ସ୍ତରୀୟ ବ୍ୟକ୍ତିମାନେ ଅତିଥିଙ୍କ ସହିତ ବାର୍ତ୍ତାଳାପ କରନ୍ତି,

କାର୍ଯ୍ୟଧାରାକୁ ତଦାରଖ କରନ୍ତି, ବିବାହର ବିଧିବ୍ୟବସ୍ଥା ବିଷୟରେ ସମ୍ପୃକ୍ତ ଗୃହକର୍ତ୍ତାଙ୍କୁ ସହଯୋଗ କରନ୍ତି, କୌଣସି ପ୍ରକାର ଗଣ୍ଡଗୋଳ ଉପୁଜିଲେ ସମାଧାନ କରନ୍ତି ଓ କନ୍ୟାବିଦା କାମ ସାରିଥାଆନ୍ତି । ବସ୍ତୁତଃ ବିବାହ ସମୟରେ ଗୃହକର୍ତ୍ତାମାନେ ଶାରିରୀକ ଶ୍ରମଠାରୁ ଅଧିକ ମାନସିକ ଶ୍ରମ ସହଯୋଗ କରୁଥିବାର ଦେଖାଯାଏ । କିନ୍ତୁ ଯୁବକ / ଯୁବତୀମାନେ ବେଶ୍ ଶାରିରୀକ ଶ୍ରମଦାନ କରି ବିବାହ କାର୍ଯ୍ୟଟି ଉଠାଇ ନିଅନ୍ତି । ତେବେ ଭୂମିଜ ସମାଜରେ ପ୍ରତ୍ୟେକ ପରିବାରରୁ କେବଳ ନିର୍ବାଚିତ ବ୍ୟକ୍ତିମାନେ ଜଣକ ପାଇଁ ଶ୍ରମ ଦାନ କରିବାର ସେପରି ନିୟମ ନାହିଁ, କିନ୍ତୁ ଅନ୍ୟର କୌଣସି କାମପାଇଁ ପରିବାରର ପ୍ରାୟତଃ ଅଭିଜ୍ଞ – ବୟସ୍କ ବ୍ୟକ୍ତି, ସ୍ତ୍ରୀ ଲୋକ ଏବଂ ଯୁବକମାନେ ସହଯୋଗ ଭିତ୍ତିରେ ଶ୍ରମଦାନ କରିଥାଆନ୍ତି ।

**ବଂଶଓ୍ୱାରୀ ଶ୍ରମଦାନ :**

ଶୁଦ୍ଧିକ୍ରିୟା ଏବଂ ବାହାଘର ମାନଙ୍କରେ ସାଧାରଣତଃ ପ୍ରତ୍ୟେକ ବଂଶରୁ ବୟସ୍କ ବ୍ୟକ୍ତିମାନେ ଆସି ଅଂଶଗ୍ରହଣ କରନ୍ତି । ସେମାନେ ଶ୍ରମଦାନ କରିବା ସହିତ କାର୍ଯ୍ୟଧାରାକୁ ଗତିଶୀଳ ତଥା ଶୃଙ୍ଖଳିତ କରାଇଥାଆନ୍ତି । ବିଧି ନିୟମ ସମ୍ବନ୍ଧୀୟ ପରାମର୍ଶ ମଧ୍ୟ ଗୃହକର୍ତ୍ତାଙ୍କୁ ଦିଅନ୍ତି । ବଂଶଭିତ୍ତିକ ସହଯୋଗ ଶ୍ରମ ଦାନ କରିବାକୁ ଆସିଲେ ସେମାନେ ପ୍ରାୟତଃ ନୂଆହାଣ୍ଡି, ପାଛିଆ, ହାଣ୍ଡିଆ, ଚାଉଳ ଆଦି ଆଣନ୍ତି । କେହି କେହି ଶୁଦ୍ଧି କ୍ରିୟାରେ ୫ ହାତି ଥାନ ଲୁଗା ମଧ୍ୟ ଆଣୁ ଥିବାର ଦେଖାଯାଏ । ସେହିପରି ବାହାଘରରେ ଯୋଗଦେବା ପାଇଁ ୧୦ ହାତର ଧୋତି ବା ଶାଢ଼ୀ ଆଣିଥାଆନ୍ତି । ଭୂମିଜ ସମାଜରେ ଗୋତ୍ର ଅନୁଯାୟୀ ବଂଶ ଧରାଯାଇଥାଏ– ତଞ୍ଜୁ, ଜାରଙ୍ଗା, ସିଲସ, ବିରିଗାମ୍, ଗଣ୍ଡଃପ, ସାରଜମ୍, ଦଆଲୁ, କୁରକୁଟା, ବୁରୁଡ଼ି, ସୁନ୍ଦୁରୁବ୍ ଇତ୍ୟାଦି ଅନେକ ଗୋତ୍ର ଓ ଅନେକ ବଂଶ ଥିବା ଜଣାଯାଏ । ସାମାଜିକ ବିଧି ଅନୁସାରେ ପ୍ରତ୍ୟେକ ବଂଶରୁ କାମକାର୍ଯ୍ୟ ଗୁଡ଼ିକରେ ପ୍ରତିନିଧିତ୍ୱ କରାଯାଇଥାଏ । ପ୍ରାୟତଃ ଏକାର୍ଯ୍ୟ ଗୃହକର୍ତ୍ତା ବା ବଂଶର ବୟୋଜ୍ୟେଷ୍ଠ ବ୍ୟକ୍ତି ହିଁ କରିଥାଆନ୍ତି ।

**ଘରଓ୍ୱାରୀ ଶ୍ରମଦାନ :**

ଭୂମିଜ ସମାଜରେ ପ୍ରତ୍ୟେକ ଘରୁ ଜଣେ ଯୁବକ ଜଣକ ପାଇଁ କାମ କରିବାର ସେପରି କୌଣସି ନିର୍ଦ୍ଦିଷ୍ଟ ନିୟମ ନଥିଲେ ହେଁ କୌଣସି କାର୍ଯ୍ୟ ପାଇଁ ଆବଶ୍ୟକ ହେଲେ ଘରର ଏକ ବା ଏକାଧିକ ଯୁବକ ଶ୍ରମଦାନ କରିବାକୁ ଆଗେଇ ଆସିଥାଆନ୍ତି । କାରଣ

ଯୁବକମାନେ ହିଁ ଶକ୍ତିର ପ୍ରତୀକ । ଯେ କୌଣସି ଅସମ୍ଭବ କାମକୁ ସେମାନେ ଏକତ୍ରିତ ହୋଇ ସମ୍ଭବରେ ପରିଣତ କରାଇ ପାରନ୍ତି । ସାମୁହୀକ କାର୍ଯ୍ୟ ପାଇଁ ତ ଯୁବଗୋଷ୍ଠୀଙ୍କର ଆବଶ୍ୟକତା ଅନିବାର୍ଯ୍ୟ । ଗ୍ରାମର ରାସ୍ତା ନିର୍ମାଣ / ମରାମତି, କୂପ ଖନନ, ଆଖଡ଼ା ଘରର ଯତ୍ନ ଓ ମରାମତି ଉଦ୍ଧାର, ଗ୍ରାମ ସଫେଇ ଇତ୍ୟାଦି ପ୍ରତ୍ୟେକ ସାମୁହୀକ କାମ ପାଇଁ ଗ୍ରାମର ଯୁବକମାନେ ସହଯୋଗୀ ଶ୍ରମ ପ୍ରଦାନ କରିଥାଆନ୍ତି । ପର୍ବପର୍ବାଣୀ କିମ୍ବା ଗ୍ରାମର ମଙ୍ଗଳ ନିମନ୍ତେ ସାମୂହୀକ ପୂଜାପାଠ ଅନୁଷ୍ଠିତ ହେଲେ ଯୁବକମାନଙ୍କର ସହଯୋଗ ଲୋଡାଯାଇଥାଏ । ଏତଦ୍ ଭିନ୍ନ ଚାଷକାମରେ କେହି ସହଯୋଗ ଲୋଡିଲେ ଯୁବକ ମାନେ ତାଙ୍କୁ ଶସ୍ୟ ବୁଣିବା, ହୁଡ଼ା ଟେକିବା, ପାଣି ମଡ଼ାଇବା, ବିଡା ବୋହିବା, ଧାନ କାଟିବା ଆଦି ସମୟରେ ସହଯୋଗ କରନ୍ତି । ଅନ୍ୟର ଗୃହ ନିର୍ମାଣ ସମୟରେ ଯୁବକମାନେ ଜଙ୍ଗଲରୁ ଗୃହ ନିର୍ମାଣ ଉପକରଣ ଆଣିବା, କାଦ ଚକଟିବା, କାନ୍ଥ ଦେବା, ଏପରିକି ଛପର କରିବା କାର୍ଯ୍ୟରେ ମଧ ଶ୍ରମଦାନ କରିଥାଆନ୍ତି । ବିବାହୋତ୍ସବ ମାନଙ୍କରେ ଯୁବକମାନେ ଯାବତୀୟ ଶ୍ରମଭିତ୍ତିକ କର୍ମ ସମ୍ପାଦନ ସହିତ ଅତିଥି ଅଭ୍ୟାଗତଙ୍କୁ ବ୍ୟଞ୍ଜନାଦି ପରିବେଷଣ ପୂର୍ବକ ସହଯୋଗୀ ଶ୍ରମ ପ୍ରଦାନ କରନ୍ତି । ଶାରିରୀକ ଅସୁସ୍ଥତା ପାଇଁ ଗ୍ରାମରେ କାହାକୁ ଡାକ୍ତରଖାନା ନେବାକୁ ହେଲେ ଏହି ଯୁବକମାନେ ହିଁ ଆଗଭର ହୋଇ ବାହାରି ପଡନ୍ତି । ପୁତ୍ରହୀନା କିମ୍ବା ଅନାଥ ବିଧବା ବୁଢୀକୁ ପ୍ରାୟତଃ ଯୁବଗୋଷ୍ଠୀ ଦୟାଳୁ ଚିତ୍ତରେ ସବୁ ମତେ ସାହାଯ୍ୟ କରନ୍ତି । ତା'ର ଗୃହ ନିର୍ମାଣ, ଗୃହ ମରାମତି ଓ ନିତିଦିନିଆ କର୍ମରେ ସହଯୋଗୀ ଶ୍ରମ ପ୍ରଦାନ କରିଥାଆନ୍ତି । ବ୍ୟକ୍ତିଗତ ଭାବରେ ହେଉ ବା ସାମୂହୀକ, ଚାଷ ଜମି ପାଇଁ କେନାଲ ଖୋଳିବା ପାଇଁ ଯୁବଗୋଷ୍ଠୀ ବେଶ୍ ସକ୍ରିୟ । ବସ୍ତୁତଃ ପରିବାରର କେବଳ ଜଣେ ନୁହେଁ, ପ୍ରତ୍ୟେକ ଯୁବକ ସମସ୍ତ ସାମାଜିକ, ବ୍ୟକ୍ତିଗତ, ଗୋଷ୍ଠୀଗତ କ୍ରିୟା ଅନୁଷ୍ଠାନମାନଙ୍କରେ ସକ୍ରିୟ ଭୂମିକାରେ ଅବତୀର୍ଣ୍ଣ ହେବାର ଦୃଷ୍ଟିଗୋଚର ହୁଏ ।

**ଶ୍ରମ ସମବାୟ ମାଧ୍ୟମରେ ସଂପାଦିତ କାର୍ଯ୍ୟ :**

ବିଭିନ୍ନ ସମୟରେ ବିଭିନ୍ନ ପ୍ରକାର କାର୍ଯ୍ୟ ସହଯୋଗୀ ଶ୍ରମ ଦ୍ୱାରା ସଂପାଦନ କରାଯାଇଥାଏ । ବିବାହୋତ୍ସବରେ, ଶିଶୁ ଜନ୍ମକାଳ ବା ଦିବସରେ, ଶିଶୁର ନାମକରଣ ଓ ଉଠିଆରୀ ଉତ୍ସବରେ, କୌଣସି ବ୍ୟକ୍ତିର ଶାରୀରିକ ଅସୁସ୍ଥତା ସମୟରେ ବା ମୃତ୍ୟୁ ଘଟିଲେ, ବ୍ୟକ୍ତିଗତ ବା ସାମୁହିକ ପୂଜାପାଠ କଲେ, ପର୍ବପର୍ବାଣି ଦିନମାନଙ୍କରେ, ଗୃହ

ନିର୍ମାଣ ଓ ମରାମତି ସମୟରେ, ଚାଷକାର୍ଯ୍ୟରେ, ରାସ୍ତା ମରାମତି ଓ ନିର୍ମାଣ ହେଲେ, କୂପ ଖନନ, ପୋଖରୀ ଖନନ ଓ ପଙ୍କ ଉଦ୍ଧାର, କେନାଲ ପ୍ରସ୍ତୁତ, ଗ୍ରାମ ସଫେଇ, ଗଛ କଟା, ଆଗଡା ଗୃହର ଯତ୍ନ ଓ ମରାମତି ପ୍ରଭୃତି ଯାବତୀୟ କାର୍ଯ୍ୟ ସହଯୋଗୀ ଶ୍ରମ ଦ୍ୱାରା ହିଁ ସମ୍ପାଦିତ ହୋଇଥାଏ । ସ୍ତ୍ରୀର ପ୍ରସବ କାଳରେ ଗ୍ରାମର ଅଭିଜ୍ଞା ମହିଳାମାନେ ଆଶ୍ୱାସନା ଦେବା, ପ୍ରସବ ଯନ୍ତ୍ରଣା ଲାଘବ କରାଇବା ପାଇଁ ଚେରମୂଳି ଔଷଧ ଦେବା, ଶିଶୁ ଜନ୍ମ ହେବାରେ ସହାୟତା କରିବା, ଶିଶୁର ନାହି କାଟିବା ଓ ଗାଧୋଇଦେବା ଇତ୍ୟାଦି କାର୍ଯ୍ୟରେ ଶ୍ରମ ଦାନ କରନ୍ତି । ଶିଶୁର ଉଠିଆରୀ ଓ ଏକୋଇଶାରେ ସେହିପରି ଗୃହକର୍ମରେ ଘରର କର୍ତ୍ତାଙ୍କୁ ଗ୍ରାମର ସ୍ତ୍ରୀ ଲୋକ ସହାୟତା ପ୍ରଦାନ କରିଥାଆନ୍ତି । ବିବାହୋତ୍ସବରେ ଗ୍ରାମର ପ୍ରତିଟି ପରିବାର ପ୍ରାୟ ଚଳଚଞ୍ଚଳ ଥାଆନ୍ତି । ସ୍ୱତନ୍ତ୍ର ଭାବରେ ପରିବାରର କର୍ତ୍ତା ନିମନ୍ତ୍ରିତ ହେଉଥିଲେ ହେଁ ସ୍ତ୍ରୀଲୋକ, ଯୁବକ-ଯୁବତୀମାନେ ମଧ୍ୟ ବେଶ୍ ଉତକଣ୍ଠାର ସହ ସହଯୋଗୀ ଶ୍ରମଦାନ କରୁଥିବାର ଦେଖାଯାଇଥାଏ । ରୋଷେଇ ପାଇଁ ଜାଳେଣୀ କାଠ ସଂଗ୍ରହ, ହାଣ୍ଡିଆ ପ୍ରସ୍ତୁତି, ଦୂରଦୂରାନ୍ତ ବନ୍ଧୁବାନ୍ଧବଙ୍କୁ ନିମନ୍ତ୍ରଣ, ହାଟ ସଉଦା କରିବା, ଖଲିଦୋନା ଟିପିବା, ସଙ୍ଗୀତ ଗାନ ପୂର୍ବକ ବରକୁ ସ୍ୱାଗତ କରିବା, ବର-କନ୍ୟାଙ୍କୁ ଗାଧୋଇଦେବା, ଅତିଥି ଅଭ୍ୟାଗତଙ୍କୁ ସତ୍କାର କରିବା, ଶୃଙ୍ଖଳାର ସହିତ କାର୍ଯ୍ୟ ସମ୍ପାଦନ ପାଇଁ ଦୃଷ୍ଟିଦେବା, ବିଧି ନିୟମ ଅନୁସାରେ କର୍ମ କରିବାକୁ ଗୃହକର୍ତ୍ତା / କର୍ତ୍ତୀଙ୍କୁ ପରାମର୍ଶ ଦେବା, ପ୍ରଥା ଅନୁଯାୟୀ ସ୍ଥଳ ବିଶେଷରେ ସଙ୍ଗୀତ ଗାନ ଓ ନାଚ, କନ୍ୟାବିଦା, କନ୍ୟା ସହିତ ବରଘରକୁ ଗମନ ଇତ୍ୟାଦି ପ୍ରତ୍ୟେକ କାମରେ ସମସ୍ତେ ସମସ୍ତଙ୍କୁ ସହଯୋଗୀ ଶ୍ରମ ପ୍ରଦାନ ପୂର୍ବକ ସହାୟତା କରିଥାଆନ୍ତି । ସେହିପରି ଚାଷକର୍ମରେ କେହି ପଛୁଆ ହୋଇଗଲେ ସମସ୍ତେ ମିଳିମିଶି ତା'ର ଜମିରେ ହଳ କରିବା, ଖତସାର ପ୍ରୟୋଗ କରିବା, ଶସ୍ୟ ବୁଣିବା, ଘାସ ବାଛିବା, ହିଡ ସଜାଡିବା, ପାଣି ମଡାଇବା, ଧାନ କାଟିବା, ବିଡା ବୋହିବା ଆଦି ଯାବତୀୟ କାମ କରି ଚାଷ ସମାପ୍ତି କରାଇ ଦିଅନ୍ତି । ସାଧାରଣତଃ ଏହା ବିଶେଷ ଭାବରେ ଅତ୍ୟନ୍ତ ଗରୀବ ଶ୍ରେଣୀର ଜାତିଭାଇ କିମ୍ବା ଅନାଥ ବିଧବା ବୃଦ୍ଧାଙ୍କ କ୍ଷେତ୍ରରେ ହୋଇଥାଏ । ଗ୍ରାମରେ କେହି ସାଂଘାତିକ ଭାବରେ ପୀଡିତ ହେଲେ ସମସ୍ତେ ତାକୁ ସହଯୋଗ କରନ୍ତି । ତା'ର ସେବା ଶୁଶ୍ରୂଷା କରିବା ସହିତ ଆବଶ୍ୟକ ହେଲେ ଡାକ୍ତରଖାନା ନେଇଯାଆନ୍ତି । କୌଣସି ପରିବାରରେ କାହାରି ମୃତ୍ୟୁ ଘଟିଲେ ମୁଖ୍ୟତଃ ପରିବାରର କର୍ତ୍ତାମାନେ ଉପସ୍ଥିତ ରହି ଶବଦାହର ଆୟୋଜନ କରିବା ସଙ୍ଗେ ସଙ୍ଗେ ଶବବୋହି ଦାହ କରିବାକୁ ଯାଆନ୍ତି । ସେହିପରି ଶୁଦ୍ଧିକ୍ରିୟା ମଧ୍ୟ ସମସ୍ତଙ୍କର

ସହଯୋଗୀ ଶ୍ରମ ଦ୍ୱାରା ସୁରୁଖୁରୁରେ ସମ୍ପାଦିତ ହୁଏ । ଭୂମିଜ ସମ୍ପ୍ରଦାୟରେ ପ୍ରାୟତଃ ପ୍ରତ୍ୟେକ କର୍ମରେ ଶ୍ରମ ସହଯୋଗୀତା ଆବଶ୍ୟକ ହୁଏ ।

**ସହଯୋଗୀ ଶ୍ରମ ପ୍ରତିବଦଳରେ ପାଉଣା :**

ଭୂମିଜ ସମ୍ପ୍ରଦାୟରେ ସହଯୋଗୀ ଶ୍ରମ ପ୍ରତିବଦଳରେ ପ୍ରାୟତଃ ପାରିଶ୍ରମିକ ବାବଦରେ କିଛି ପ୍ରଦାନ କରାଯାଇନଥାଏ । କେବଳ ଖୁସିରେ କୃତଜ୍ଞତା ସ୍ୱରୂପ କେବେ କେବେ କିମ୍ବା ପ୍ରାୟତଃ ଖାଦ୍ୟ ଏବଂ ପାନୀୟର ବ୍ୟବସ୍ଥା ହୁଏ । ନତୁବା ପୂଜାପାର୍ବଣରେ ସ୍ୱତନ୍ତ୍ର ଭାବରେ ନିମନ୍ତ୍ରଣ କରାଯାଇ ଖାଦ୍ୟ, ପାନୀୟ ଦେଇ ଥାଆନ୍ତି । ବିବାହୋତ୍ସବ, ଶୁଦ୍ଧିକ୍ରିୟା, ଶିଶୁଜନ୍ମ, କୃଷିକର୍ମ, ଉଠିଆରୀ, ନାମକରଣ, ପୂଜାପାଠ, ଗୃହ ନିର୍ମାଣ / ମରାମତି, ପୀଡ଼ିତ ରୋଗୀକୁ ଡାକ୍ତରଖାନା ନେବା, ଶବଦାହ ଇତ୍ୟାଦି କ୍ଷେତ୍ରରେ ଶ୍ରମ ସହଯୋଗୀତା ପାଇଁ ଗୃହକର୍ତ୍ତା ମୁଖ୍ୟତଃ ହାଣ୍ଡିଆ ସେବନ କରିବାକୁ ଦିଅନ୍ତି କିମ୍ବା ତା ସହିତ ଭାତ, ମାଂସ ମଦ ମଧ୍ୟ ଦିଆଯାଇଥାଏ । ଏହାକୁ ଭୂମିଜମାନେ ପାରିଶ୍ରମିକ ବୋଲି ବିବେଚନା କରନ୍ତି ନାହିଁ । ସହଯୋଗ ଭିତ୍ତିରେ ଶ୍ରମ ଦାନ କରିଥିବା ଏବଂ ସେଥିପାଇଁ କାମକାର୍ଯ୍ୟ ଗୁଡିକ ସହଜ, ସୁବିଧା ଓ ଶୀଘ୍ର ହୋଇ ପାରିଥିବାରୁ କୃତଜ୍ଞତା ଜଣାଇବା ପୂର୍ବକ ଏସବୁ ଖୁସିରେ ପ୍ରଦାନ କରାଯାଏ । ଘରେ କୌଣସି ଉତ୍ସବାନୁଷ୍ଠାନ କଲେ ଯେଉଁମାନେ ଆବଶ୍ୟକ ସମୟରେ ସହଯୋଗ ଓ ସହାୟତା କରିଥାଆନ୍ତି । ସେମାନଙ୍କୁ ସ୍ୱତନ୍ତ୍ର ଭାବରେ ନିମନ୍ତ୍ରଣ କରି ଖାଇବାକୁ ଦିଆଯାଇଥାଏ । ପାନୀୟ ମଧ୍ୟ ଦିଅନ୍ତି । ଗ୍ରାମର ଉନ୍ନତି ପାଇଁ ସାମୂହିକ କର୍ମରେ ସହଯୋଗ କଲେ ଗ୍ରାମ ମୁଖ୍ୟଙ୍କ ତରଫରୁ ପାନୀୟର ବ୍ୟବସ୍ଥା ହୋଇପାରେ ।

**ଶ୍ରମ ସମବାୟ ସଦସ୍ୟମାନଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା :**

ବିବାହୋତ୍ସବରେ ସହଯୋଗୀ ଶ୍ରମୀମାନଙ୍କ ପାଇଁ ଉଷୁନା ଚାଉଳର ଭାତ, କୁକୁଡା / ଛେଳି ମାଂସ, କିମ୍ବା ପୋଖରୀ - ଗଡିଆର ମାଛ (ଏହା କମ୍) ବ୍ୟବସ୍ଥା ହୁଏ । ଏତଦ୍ ବ୍ୟତୀତ ହାଣ୍ଡିଆ କିମ୍ବା ମଦ ମଧ୍ୟ ଦିଆଯାଏ । ବିବାହ କର୍ମବିଧି ସମାପ୍ତି ପରେ ବିବାହ କାର୍ଯ୍ୟରେ ସହଯୋଗ କରିଥିବା ଶ୍ରମୀମାନଙ୍କୁ ନିମନ୍ତ୍ରଣ କରି ସ୍ୱତନ୍ତ୍ର ଭାବରେ ଭୋଜିଭାତ ଦିଆଯାଇଥାଏ । ଏଥିରେ ପ୍ରଚୁର ହାଣ୍ଡିଆ ଓ ମଦ ବ୍ୟବହୃତ ହୁଏ । ଶୁଦ୍ଧି କ୍ରିୟାରେ ସହଯୋଗ କରିଥିବା ବ୍ୟକ୍ତିମାନଙ୍କ ପାଇଁ କୁକୁଡା / ଛେଳି / ମେଣ୍ଢାମାଂସ, ଭାତ ଓ ହାଣ୍ଡିଆ / ମଦର ଆୟୋଜନ କରାଯାଇଥାଏ । ସ୍ତ୍ରୀର ପ୍ରସବ

କାଳରେ ସହଯୋଗ କରିଥିବା ସ୍ତ୍ରୀଲୋକମାନଙ୍କ ପାଇଁ ପ୍ରଥମେ ହାଣ୍ଡିଆ / ମଦ ବ୍ୟବସ୍ଥା ହୁଏ ଏବଂ ତା'ପରେ ସେମାନଙ୍କୁ ସାଧାରଣ ଭାବେ ଭାତ, ତରକାରୀ ଦିଆଯାଏ । ଭାଇ-ଭାଇ ମଧ୍ୟରେ ଗଣ୍ଡଗୋଳ ହୋଇଥିଲେ, ଯେଉଁମାନେ ସହଯୋଗ ଭିତ୍ତିରେ ସମାଧାନ କରିଥାଆନ୍ତି, ସେମାନଙ୍କ ପାଇଁ ଭାତ ସହିତ କୁକୁଡ଼ା / ଛେଳି / ମେଣ୍ଢା ମାଂସ ଓ ପାନୀୟର ବ୍ୟବସ୍ଥା ହୁଏ । ଗ୍ରାମର କୌଣସି ଅନାଥ ଯୁବତୀର ବିବାହ କର୍ମରେ ସହଯୋଗ ପାଇଁ ସମସ୍ତ ସହଯୋଗୀ ଶ୍ରମୀଙ୍କୁ କେବଳ ହାଣ୍ଡିଆ କିମ୍ବା ମଦ ଦିଆଯାଏ । ତାହା ପୁଣି ଗ୍ରାମ ମୁଖ୍ୟ ଓ କେତେକ ମୁରବୀ ଶ୍ରେଣୀୟ ଗ୍ରାମବାସୀଙ୍କ ଦ୍ୱାରା ସ୍ଥିରୀକୃତ ହୁଏ ଏବଂ ସେହିମାନେ ହିଁ ହାଣ୍ଡିଆ / ମଦର ବ୍ୟବସ୍ଥା କରିଥାଆନ୍ତି ।

କୌଣସି କାର୍ଯ୍ୟ ଶୀଘ୍ର ଶେଷ କରିବା ପାଇଁ ବା ଠିକ୍ ସମୟ ଅବଧି ମଧ୍ୟରେ ସମ୍ପାଦନ କରିବାକୁ ସହଯୋଗୀ ଶ୍ରମୀମାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା କରାଯାଇଥାଏ । ଅବଶ୍ୟ ଏପରି ସହଯୋଗୀ ଶ୍ରମ ମୂଲିଆ ବା ମଜୁରିଆଙ୍କଠାରୁ ଆଦାୟ କରାଯାଏ, ଯେଉଁମାନଙ୍କୁ ପାରିଶ୍ରମିକ ସହିତ ଖାସ୍ କାମ କରିବାକୁ ଡ଼କାଯାଇଥାଏ । ମୂଲିଆମାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା କରାଯାଇ ବା ପ୍ରତିଦ୍ୱନ୍ଦିତାର ମନୋବୃତ୍ତି ସୃଷ୍ଟି କରାଇ ବା ଅଧିକ ମଜୁରୀର ଲୋଭ ଦେଖାଇ ମାଲିକ ଶୀଘ୍ର ଶୀଘ୍ର କାମ ଉଠାଇ ନେଇଥାଆନ୍ତି । ପ୍ରତିବଦଳରେ ଶ୍ରମୀମାନଙ୍କୁ ଅଧିକ ମଜୁରୀ ସହିତ ହାଣ୍ଡିଆ ପ୍ରଦାନ କରାଯାଏ । କେହି କେହି ଚାଖଣା ପାଇଁ ମାଂସ ମଧ୍ୟ ବ୍ୟବସ୍ଥା କରିଥାଆନ୍ତି । କେହିବା ଗାମୁଛା, ଗଞ୍ଜି ମଧ୍ୟ ପୁରସ୍କାର ବା ଉପହାର ସ୍ୱରୂପ ପ୍ରଦାନ କରନ୍ତି । ଏହିପରି ପ୍ରତିଦ୍ୱନ୍ଦିତା ଏବଂ ତତ୍‌ଜନିତ ଉପହାର ବା ପୁରସ୍କାର ବ୍ୟବସ୍ଥା ପ୍ରାୟତଃ ଚାଷକାର୍ଯ୍ୟ ସମୟରେ ହିଁ ଅନୁସୃତ ହୋଇଥାଏ ।

ଭୂମିଜମାନଙ୍କ ମଧ୍ୟରେ ସହଯୋଗୀ ଶ୍ରମ ମନୋବୃତ୍ତି ଯଥେଷ୍ଟ ଅଧିକ । କାରଣ ସେମାନେ ଅପେକ୍ଷାକୃତ ସଭ୍ୟ ହୋଇଥିବାରୁ ସେମାନଙ୍କ ଚିନ୍ତାଧାରା ମଧ୍ୟ ଉନ୍ନତ । ସେମାନେ ଜାଣନ୍ତି ଯେ ସହଯୋଗ ଭିତ୍ତିରେ କର୍ମ କଲେ ଅସମ୍ଭବ କାମଟି ଅନାୟାସରେ ସମ୍ଭବ ହୋଇପାରେ । କଷ୍ଟ କାମଟି ଶୀଘ୍ର, ସହଜ ଓ ସୁବିଧାରେ ହୋଇଯାଏ । ଏହା ବାଦ୍ କୌଣସି କାର୍ଯ୍ୟ ପାଇଁ ଅନ୍ୟକୁ ସହଯୋଗ / ସହାୟତା ପ୍ରଦାନ କରିଥିଲେ ସାମାଜିକ ମଣିଷ ଭାବରେ ଆବଶ୍ୟକ ସ୍ଥଳେ ଅନ୍ୟର ସହଯୋଗୀ ଶ୍ରମ ପ୍ରାପ୍ତ ହୋଇପାରେ । ସମାଜରେ ରହିବାକୁ ହେଲେ ସହଯୋଗୀ ଶ୍ରମର ଆଦାନ ପ୍ରଦାନ ଯେ ନିତାନ୍ତ ଜରୁରୀ-ଏହା ଭୂମିଜମାନେ ବିଶ୍ୱାସ କରନ୍ତି । ସେଥିପାଇଁ ତ ଭୂମିଜ ସମାଜରେ

ମୁକ୍ତ ବା ପାରିଶ୍ରମିକ ବିହୀନ ଶ୍ରମ ସହଯୋଗୀତା ବେଶ୍ ପ୍ରଚଳିତ । ଏତଦ୍‌ଭିନ୍ନ ସହଯୋଗୀ ଶ୍ରମ ଦ୍ୱାରା ଭୂମିଜମାନେ ଆନନ୍ଦଲାଭ କରିଥାଆନ୍ତି । କାରଣ ଏହା ଏକତାର ମନ୍ତ୍ର ଶିଖାଏ, ଭାତୃଭାବ ଉଦ୍ରେକ କରେ । ପରସ୍ପର ମଧ୍ୟରେ ହସଖୁସି, ମନଖୋଲା କଥାବାର୍ତ୍ତା ତଥା ଭାବର ଆଦାନ ପ୍ରଦାନ ହେବାକୁ ସୁଯୋଗ ମିଳେ । ଏହାଦ୍ୱାରା ଅନେକ ସମୟରେ ବ୍ୟକ୍ତିଗତ, ପାରିବାରିକ ଓ ଗୋଷ୍ଠୀଗତ ସମସ୍ୟାଗୁଡ଼ିକ ଦୂରୀଭୂତ ହୋଇପାରେ । ସୁରୁଖୁରୁରେ କାର୍ଯ୍ୟ ସଂପାଦିତ ହେବା ସହିତ ସହଯୋଗୀ ଶ୍ରମ ପ୍ରଦାନ-ଗ୍ରହଣ ଦ୍ୱାରା ସେମାନେ ବିଭିନ୍ନ ଦୃଷ୍ଟି କୋଣରୁ ଉପକୃତ ହୋଇଥାଆନ୍ତି । ସମାଜରେ ଏକତା ଓ ସଂହତି ପ୍ରତିଷ୍ଠା କରିବା ବା କରାଇବାରେ ସକ୍ଷମ ହୋଇପାରନ୍ତି । ଏହି ପରି ଉତ୍ତମ ମନୋବୃତ୍ତିର ଅଧିକାରୀ ଭୂମିଜମାନେ ।

**ବର୍ତ୍ତମାନର ଶ୍ରମ ସମବାୟ ପଦ୍ଧତି :**


ଅଦ୍ୟାବଧି ଭୂମିଜ ସମାଜରେ ସହଯୋଗ ମନୋବୃତ୍ତି ବେଶ୍ ସୁଦୃଢ଼ । ସେହିପରି ପ୍ରତ୍ୟେକ ବ୍ୟକ୍ତିଗତ, ସାମାଜିକ ଓ ଗ୍ରାମସ୍ତରୀୟ କାର୍ଯ୍ୟଗୁଡ଼ିକ ସହଯୋଗୀ ଶ୍ରମ ମାଧ୍ୟମରେ ସଂପାଦନ କରାଯାଉଛି । ଶ୍ରମଦାନ କ୍ଷେତ୍ରରେ ସହଯୋଗ ମନୋବୃତ୍ତି ଭୂମିଜ ସମାଜରେ ପ୍ରତ୍ୟାହୃତ ହୋଇନାହିଁ । ବର୍ତ୍ତମାନ ମଧ୍ୟ ଭୂମିଜ ଗ୍ରାମଗୁଡ଼ିକରେ ଗ୍ରାମ ସଭା ବ୍ୟବସ୍ଥା ପ୍ରଚଳିତ । ସେହି ସହଯୋଗ ମନୋବୃତ୍ତି ପାଇଁ ହିଁ ଗ୍ରାମ ସଭା ପ୍ରଥା ଉଜ୍ଜୀବିତ । ସେହିପରି ଶ୍ରମ ସହଯୋଗୀତା ମୁକ୍ତ ବା ମାଗଣାରେ ପ୍ରଦତ୍ତ ହେଉଛି । କେବେ କେବେ ଖାଦ୍ୟ, ପାନୀୟର ଆୟୋଜନ ମଧ୍ୟ କରାଯାଉଛି । ତଥାପି ପୂର୍ବବତ୍ ସବୁ ଠିକ୍ ଚାଲିଥିଲେ ହେଁ ପରିବର୍ତ୍ତନର ସ୍ରୋତ ଆସି ଦ୍ୱାର ନିକଟରେ ଉପଗତ । କାରଣ ଗ୍ରାମର ଉନ୍ନତି ପାଇଁ କୂପ, ପୋଖରୀ ଆଦି ଖନନ, ପୋଖରୀରୁ ପଙ୍କ ଉଦ୍ଧାର, ରାସ୍ତାଘାଟ ନିର୍ମାଣ ଓ ମରାମତି, ଗ୍ରାମର ପରିଷ୍କାର ପରିଚ୍ଛନ୍ନତା ପ୍ରଭୃତି ସାମୂହୀକ କାର୍ଯ୍ୟଗୁଡ଼ିକ ନିଜ ନିଜ ମଧ୍ୟରେ ଶ୍ରମ ସହଯୋଗୀତା ଦ୍ୱାରା ସମ୍ପାଦିତ ହେଉଥିବା ସ୍ଥଳେ ବର୍ତ୍ତମାନ ସେସବୁ କାର୍ଯ୍ୟ ସରକାରଙ୍କ ତରଫରୁ ଠିକାଦାର ନିଯୁକ୍ତ ହୋଇ ସମ୍ପାଦନ କରାଯାଉଛି । ଏଥିପାଇଁ ଆଗରୁ କୌଣସି ପାଉଣା ବା ପାରିଶ୍ରମିକର ବ୍ୟବସ୍ଥା ନଥିବା ସ୍ଥଳେ ଏବେ ସରକାର ସମସ୍ତ ସହଯୋଗୀ ଶ୍ରମୀଙ୍କୁ ଶ୍ରମ ବିନିମୟରେ ଅର୍ଥ ପ୍ରଦାନ କରୁଛନ୍ତି । ଫଳତଃ ଭୂମିଜମାନଙ୍କ ମଧ୍ୟରେ ଥିବା ସହଯୋଗ ମନୋବୃତ୍ତି ହ୍ରାସ ପାଇବାର ସମ୍ଭାବନା ଆସିଛି । ସହଯୋଗଭିତ୍ତିକ କର୍ମ (ବିନା ପାଉଣାରେ) ପ୍ରତି ଆଦର କମୁଛି । ଅର୍ଥ ଲାଳସା ବଢିବା

ଯୋଗୁଁ ସ୍ୱାର୍ଥପରତା ମୁଣ୍ଡ ଟେକିଛି । ସଭ୍ୟତା, ଆଧୁନିକତା ସେମାନଙ୍କର ଏକତା ଓ ସଂହତିର ଭାବକୁ ଭୁଲାଇ ଦେଉଛି । ସରକାରଙ୍କର କାମ ବିନିମୟରେ ଅର୍ଥନୀତି, ପଡେଶୀ ପ୍ରଜାତିଗୋଷ୍ଠୀ ତଥା ସଭ୍ୟ ଶିକ୍ଷିତ ସମାଜର କ୍ରମୋନ୍ନତି ଏବଂ ତାହାର କାରଣ ମାନ ଅବହିତ ହୋଇ ଭୂମିଜମାନେ ବେଶ୍ ଅର୍ଥ ସଚେତନ ହୋଇଗଲେଣି । ତେଣୁ ଯେଉଁ ଯେଉଁ ବ୍ୟକ୍ତିଗତ, ସାମାଜିକ, ଗ୍ରାମ୍ୟସ୍ତରୀୟ ସହଯୋଗୀ ଶ୍ରମ ଦ୍ୱାରା ବେଶ୍ ସୁରୁଖୁରୁରେ ଆନନ୍ଦ ଉଲ୍ଲାସ ମଧ୍ୟରେ ସମ୍ପାଦିତ ହୋଇପାରୁଥିଲା ସେଗୁଡିକ ସେପରି ଆଉ ସମ୍ପୂର୍ଣ୍ଣ ଏକତା ଓ ସହଯୋଗ ଭିତ୍ତିରେ ହୋଇପାରୁ ନାହିଁ । ଲୋକମାନଙ୍କର ମାନସିକତାରେ ପରିବର୍ତ୍ତନ ହେବା ସହିତ ସହଯୋଗୀ ଶ୍ରମ କ୍ରମରେ ମଧ୍ୟ ପରିବର୍ତ୍ତନ ଆସିଛି । ଲୋକେ ପ୍ରତ୍ୟେକ କାମ ପାଇଁ ମୂଲିଆ ଲଗାଇ ପାରିଶ୍ରମିକ ସହ କର୍ମ ସମ୍ପାଦନ କରୁଛନ୍ତି । ବିନା ପାଉଣାରେ ଶ୍ରମ ସହଯୋଗ ପାଇଁ ଆଗ୍ରହ ନାହିଁ । ଅବଶ୍ୟ ଏଥିପାଇଁ ଏବେର ସରକାରୀ ନୀତି, ଶିକ୍ଷା ଓ ସଭ୍ୟତାର ପ୍ରଭାବ । ଅନେକାଂଶରେ ଦାୟୀ ବୋଲି ମତପ୍ରକାଶ ପାଇଛି ।

❑❑❑



ଧାନ ଅମଲ



ଯାଦେବୀ

# ଗ୍ରାମସଭା (ଦୁବ୍‌ହୁଣ୍ଡି)

## ପାରମ୍ପରିକ ଗ୍ରାମସଭା :

ଭୂମିଜ ସମାଜରେ ପାରମ୍ପରିକ ଗ୍ରାମସଭା ସମ୍ପର୍କରେ ଧାରଣା ଦିନକର ନୁହେଁ ଅତି ପୁରାତନ – ଅର୍ଥାତ୍ ସଭ୍ୟତା ପ୍ରାରମ୍ଭରୁ । ଭୂମିଜ ଲୋକ କାହାଣୀ କହେ ଯେ ପୂର୍ବରୁ ସ୍ୱର୍ଗ ଓ ପାତଳପୁର ଥିଲା, କିନ୍ତୁ ମର୍ତ୍ତ୍ୟ / ପୃଥିବୀ ନଥିଲା । ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ଥିଲା ଜଳମୟ / ସମୁଦ୍ର । ସମୁଦ୍ରରେ କେବଳ ଭରି ରହିଥିଲା ପଦ୍ମବନ । ଏକଦା ସ୍ୱର୍ଗପୁରରେ ଥିବା ଠାକୁର – ଠାକୁରାଣୀ ସମୁଦ୍ରରେ ସ୍ନାନ ସାରି ନିଜ ଶରୀରରୁ ଦୁଇଟି ହଂସ-ହଂସୁଲୀ ତିଆରି କରି ସେମାନଙ୍କୁ ଜୀବଦାନ ଦେଲେ । କିଛି ଦିନ ପରେ ହଂସ ଓ ହଂସୁଲୀ ବଡ଼ ହୋଇଗଲେ । ହଂସୁଲୀ ଦୁଇଟା ଡିମ୍ବ ଦେଲା ଏବଂ ଡିମ୍ବରୁ ଦୁଇଟି ମଣିଷ ଛୁଆ ବାହାରିଲେ । ସେମାନଙ୍କର କ୍ରନ୍ଦନ – ଧ୍ୱନି ଠାକୁର – ଠାକୁରାଣୀଙ୍କ କର୍ଣ୍ଣଗୋଚର ହେବାରୁ, ସେମାନେ ଦୁଇଜଣ କାମଦୁଣୀ ପଠାଇ ପିଲା ଦୁହିଁଙ୍କୁ ଘେନି ଆସିଲେ ଏବଂ ସ୍ୱର୍ଗପୁରରେ ଲାଳନ-ପାଳନ କଲେ । ପିଲା ଦୁଇଟି ଯେତେବେଳେ ବାର ବର୍ଷର ହୋଇଗଲେ, ଠାକୁର ଠାକୁରାଣୀ ସେମାନଙ୍କ ପାଇଁ ମର୍ତ୍ତ୍ୟପୁର /ପୃଥିବୀ ସୃଷ୍ଟି କରିବାକୁ ଆବଶ୍ୟକ ମଣିଲେ । କିନ୍ତୁ ମର୍ତ୍ତ୍ୟପୁର ତିଆରି କରିବା ପାଇଁ ମାଟି କେଉଁଠୁ ପାଇବେ – ସେହି ଚିନ୍ତାରେ ସେମାନେ ସ୍ୱର୍ଗ ଲୋକରେ ରହୁଥିବା ପାଞ୍ଚ ପଣ୍ଡିତ ଓ ନଅ ମନ୍ତ୍ରୀଙ୍କୁ ଡକାଇ ମାଟି ଆଣିବାର ଉପାୟ ପଚାରିଲେ । ସେମାନେ ବହୁତ ଚିନ୍ତାକରି କଙ୍କଡା ରାଜା ପାତାଳପୁରରୁ ମାଟି ଉଠାଇ ଆଣିପାରିବ ବୋଲି ପ୍ରକାଶ କରନ୍ତେ, ଠାକୁର ଠାକୁରାଣୀ କଙ୍କଡା ରାଜାକୁ ଡକାଇ ମାଟି ଆଣିବାକୁ ନିର୍ଦ୍ଦେଶ ଦେଲେ । କଙ୍କଡା କିନ୍ତୁ ମାଟି ଆଣିବାରେ ଅସଫଳ ହେବାରୁ ପୁଣି ଠାକୁର ଠାକୁରାଣୀ ପାଞ୍ଚ ପଣ୍ଡିତ ଓ ନଅମନ୍ତ୍ରୀଙ୍କ ପରାମର୍ଶ କ୍ରମେ କଚ୍ଛପ ରାଜାଙ୍କୁ ପାତାଳପୁରକୁ ପଠାଇଲେ । କଚ୍ଛପ ମଧ୍ୟ ମାଟି ଆଣିବାରେ ଅକୃତକାର୍ଯ୍ୟ ହେବା ଯୋଗୁଁ ଠାକୁର ଠାକୁରାଣୀ ତୃତୀୟଥର ପୁଣି ପାଞ୍ଚ ପଣ୍ଡିତ – ନଅ ମନ୍ତ୍ରୀଙ୍କ ଉପଦେଶ କ୍ରମେ କେଞ୍ଚୁଆ ରାଜାକୁ ମାଟି ଆଣିବାକୁ ପାତାଳପୁରକୁ ପଠାଇଲେ ଏବଂ କେଞ୍ଚୁଆ କାର୍ଯ୍ୟରେ ସଫଳ ହେଲା । ତା'ପରେ ଠାକୁର ଠାକୁରାଣୀ ପୃଥିବୀ ସର୍ଜନା ସହିତ ଆବଶ୍ୟକ ଅନୁଯାୟୀ ପଶୁ-ପକ୍ଷୀ, କୀଟ-ପତଙ୍ଗ ଏବଂ ପାଞ୍ଚ ପଣ୍ଡିତ, ନଅ ମନ୍ତ୍ରୀଙ୍କ ପରାମର୍ଶ କ୍ରମେ ଗଛ, ଲତା, ଘାସ-ପତ୍ର, ବିହନ ଆଦି ସୃଷ୍ଟି କରି ମଣିଷ ବଂଶ ବିସ୍ତାରିତ କରାଇଲେ । ଏହା ଭୂମିଜ କିମ୍ବଦନ୍ତୀ ଭିତ୍ତିକ ସୃଷ୍ଟିତତ୍ତ୍ୱରେ ବିଦ୍ୟମାନ ।

ପରେ ପରେ ଜନସଂଖ୍ୟା ବଢିବା ସହିତ ବିଶୃଙ୍ଖଳା ଦେଖା ଦେଲା । କେହି କାହାରି କଥା ମାନିଲେ ନାହିଁ । ଫଳରେ ବସତି–ଗ୍ରାମ–ନଗର ଆଦି ସୃଷ୍ଟି ହୋଇ ସମସ୍ତଙ୍କ ବିଚାରରେ ଜଣେ ମୁଖିଆ ନିର୍ବାଚିତ ହେଲେ, ଯାହାଙ୍କୁ ରାଜା କୁହାଗଲା । ବସତି / ଗ୍ରାମ ସ୍ତରୀୟ ଶୃଙ୍ଖଳା ରକ୍ଷା ନିମନ୍ତେ ମଧ୍ୟ ସେହି କ୍ରମରେ ଏକ ଏକ ମୁଖିଆ ନିଯୁକ୍ତ ହୋଇ ଗ୍ରାମସଭା ଗଠିତ ହେଲା । ମୁଖିଆ / ସଭାପତି / ମୁଣ୍ଡାଙ୍କୁ କାର୍ଯ୍ୟରେ ସହାୟତା ପ୍ରଦାନ କରିବା ପାଇଁ ଉପସଭାପତି / ମାଣକୀ ଏବଂ ଛାଟିଆ ନିର୍ବାଚିତ ହେବା ସହିତ ଗ୍ରାମ–ପ୍ରଶାସନକୁ ଅଧିକ ସହଜ ସୁବିଧା ତଥା ସାର୍ବଜନୀନ କରିବା ସକାଶେ ଗ୍ରାମର ପ୍ରତ୍ୟେକ ପରିବାରର ମୁଖ୍ୟମାନେ ଗ୍ରାମସଭାର ସାଧାରଣ ସଦସ୍ୟ ଭାବରେ ରହିଲେ । ଗ୍ରାମସଭା ଗୁଡିକ  ରାଜା ତଥା ରାଜ ପାରିଷଦ ସହିତ ସଂଯୋଗ ରକ୍ଷା ପୂର୍ବକ ଗ୍ରାମରେ ଶାନ୍ତି ପ୍ରତିଷ୍ଠା କଲେ । ଗ୍ରାମର ସର୍ବାଙ୍ଗୀନ ଉନ୍ନତି ହେବା ସଂଗେ ସଂଗେ ଗ୍ରାମରେ ଶୃଙ୍ଖଳା–ସଂହତି ସୁରକ୍ଷିତ ରହିଲା । ଏହି କ୍ରମରେ ଭୂମିଜ ଗ୍ରାମସଭା ଅଦ୍ୟାବଧି ବର୍ତ୍ତମାନ ।

ଭୂମିଜ ସମ୍ପ୍ରଦାୟର ପାରମ୍ପରିକ ଗ୍ରାମସଭାର ଚିନ୍ତନ ଧାରା ବା ମୂଳ ଭିତ୍ତି ପୃଥିବୀ-ମନୁଷ୍ୟ ସୃଷ୍ଟି ପୂର୍ବରୁ ସର୍ବମୟ କର୍ତ୍ତା ଠାକୁର-ଠାକୁରାଣୀଙ୍କ ଠାରେ ଉଦ୍ରେକ ହୋଇ ସାରିଥିଲା । ସେଥିପାଇଁ ସେମାନେ କାର୍ଯ୍ୟକାଳରେ ବାରମ୍ବାର ପାଞ୍ଚ ପଣ୍ଡିତ-ନଅମନ୍ତ୍ରୀଙ୍କୁ ସ୍ମରଣ କରୁଥିଲେ । ଅର୍ଥାତ୍ କାର୍ଯ୍ୟର ସୁବିଧା ଦୃଷ୍ଟିରୁ ତାଙ୍କ ପାଖରେ ପାରିଷଦଟିଏ ଥିବା ଅନୁମେୟ । ମନୁଷ୍ୟମାନଙ୍କୁ ସେହିପରି ଶୃଙ୍ଖଳିତ ରଖି ଶାସନ ପ୍ରକ୍ରିୟାକୁ ସୁଗମ କରିବା ପାଇଁ ରାଜ୍ୟ-ରାଜା-ମନ୍ତ୍ରୀ ପାରିଷଦ ଏବଂ ଗ୍ରାମସଭା (ହୁବହୁଣ୍ଡି) ମାନ ଉତ୍ପତ୍ତି ହୋଇଥିଲା ।

ଗ୍ରାମସଭାଗୁଡିକୁ ଲୋକପ୍ରିୟ କରାଇବା ପାଇଁ ସମସ୍ତ ଗ୍ରାମବାସୀ ସଂଶ୍ଳିଷ୍ଟ ହେଲେ, କର୍ମକର୍ତ୍ତା ନିର୍ବାଚନ କଲେ ବା ସର୍ବସମ୍ମତ କ୍ରମେ ବଛାଗଲା । ତାଙ୍କ ହୁକୁମରେ ସମସ୍ତ ଲୋକ ରହିଲେ । ଅପରାଧ ପାଇଁ ଦଣ୍ଡ ବ୍ୟବସ୍ଥା ହେଲା । ଫଳରେ ଦଣ୍ଡ ଭୟରେ ଲୋକେ ଅପରାଧ କରିବାକୁ ଡ଼ରିଲେ । ଗ୍ରାମରେ ସାମୂହିକ ଉନ୍ନତି ମାନ ସଂଘଟିତ ହେଲା । ସହଯୋଗ ଭିତ୍ତିରେ କର୍ମ ସମ୍ପାଦିତ ହୋଇ ବ୍ୟକ୍ତି, ପରିବାର, ଗ୍ରାମ ପ୍ରତ୍ୟେକ କ୍ଷେତ୍ରରେ ଶାନ୍ତି ବିରାଜମାନ କଲା ।

**ପାରମ୍ପରିକ ଗ୍ରାମସଭାର ଗଠନ :**

ଭୂମିଜ ଗ୍ରାମସଭା ଗୁଡିକ ପାରମ୍ପରିକ ପଦ୍ଧତିରେ ଗଠନ କରାଯାଏ । ଏଥିରେ ଜଣେ ସଭାପତି (ମୁଣ୍ଡା), ଜଣେ ଉପସଭାପତି (ମାଣ୍କି), ଜଣେ ଛାଟିଆ ଏବଂ ଗ୍ରାମର

ପ୍ରତ୍ୟେକ ପରିବାରର ମୁଖ୍ୟମାନେ ସାଧାରଣ ସଦସ୍ୟ ଭାବରେ ରହନ୍ତି । ସଭାପତି, ଉପସଭାପତି ଓ ଛାଟିଆ ଗ୍ରାମସଭା ପାଇଁ ନିର୍ବାଚିତ ହେଉଥିବା ସ୍ଥଳେ ସାଧାରଣ ସଦସ୍ୟ ଭାବରେ ପରିବାର ମୁଖ୍ୟମାନଙ୍କ ପାଇଁ କୌଣସି ପ୍ରକାର ନିର୍ବାଚନ ପ୍ରକ୍ରିୟା ଅନୁଷ୍ଠିତ ହୁଏ ନାହିଁ । ସେମାନେ ପରିବାରର ମୁଖ୍ୟଭାବେ ଆପଣାଛାଏଁ ଗ୍ରାମସଭାର ସଦସ୍ୟତା କରିଥାଆନ୍ତି କିମ୍ବା ସ୍ୱତଃ ନିୟମର ଧାରାରେ ଗ୍ରାମସଭାରେ ସଦସ୍ୟ ପଦ ଅଧିକାର କରନ୍ତି । ପାରମ୍ପରିକ ଗ୍ରାମସଭାରେ ସମସ୍ତ ନିର୍ବାଚିତ ତଥା ସାଧାରଣ ସଦସ୍ୟମାନେ ନିଜ ନିଜ ସ୍ଥାନରେ ଅବସ୍ଥାପିତ ହୋଇ ଗ୍ରାମସଭା ପରିଚାଳନାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ଜଣାଯାଏ ।

ଗ୍ରାମରେ ବସବାସ କରୁଥିବା ସମସ୍ତ ଜାତି / ଗୋଷ୍ଠୀ / ସମ୍ପ୍ରଦାୟ ଅନ୍ତର୍ଗତ ପରିବାର – ମୁଖ୍ୟ ଗ୍ରାମସଭାର ସାଧାରଣ ସଦସ୍ୟ ହେବା ପାଇଁ ଯୋଗ୍ୟତା ହାସଲ କରିଥାଏ । କିନ୍ତୁ ଭୂମିଜ ଗ୍ରାମସଭାର ସଭାପତି, ଉପସଭାପତି ଓ ଛାଟିଆ ପ୍ରଭୃତି ନିର୍ବାଚିତ ସଦସ୍ୟ ହେବା ପାଇଁ ଅନ୍ୟ ପଡୋଶୀ ପ୍ରଜାତି ଗୋଷ୍ଠୀଙ୍କର ଅଧିକାର ନଥାଏ । ସେଗୁଡିକ କେବଳ ଭୂମିଜ ସମ୍ପ୍ରଦାୟର ବ୍ୟକ୍ତି ହିଁ ଅକ୍ତିଆର କରନ୍ତି କିମ୍ବା କେବଳ ଭୂମିଜ ଲୋକେ ହିଁ ସେହି ପଦବୀଗୁଡିକ ଅଳଙ୍କୃତ କରିପାରନ୍ତି ।

ସଭାପତି, ଉପସଭାପତି ଓ ଛାଟିଆମାନଙ୍କୁ ନିର୍ବାଚିତ କରିବା ପାଇଁ ପ୍ରଥମେ ସମସ୍ତ ଗ୍ରାମବାସୀ କୌଣସି ଖୋଲା ସ୍ଥାନରେ ଏକତ୍ରିତ ହୁଅନ୍ତି । ସମସ୍ତେ ତଳେ ବସି ସଭାକାର୍ଯ୍ୟ ଆରମ୍ଭ କରିଥାଆନ୍ତି । ସଭା ପରିଚାଳନା କରିବା ପାଇଁ ସେଠାରେ ଏକତ୍ରିତ ହୋଇଥିବା ବ୍ୟକ୍ତିଙ୍କ ମଧ୍ୟରେ କୌଣସି ଜଣେ ବୟସ୍କ ବ୍ୟକ୍ତିଙ୍କୁ ଅସ୍ଥାୟୀ ସଭାପତି ଭାବରେ କାର୍ଯ୍ୟ ତୁଲାଇବାକୁ ଅନୁରୋଧ କରାଯାଏ । ତା'ପରେ ଆରମ୍ଭ ହୁଏ ନିର୍ବାଚନ ଧାରା । ପ୍ରଥମେ ସଭାପତି ପଦ ପାଇଁ କୌଣସି ଜଣେ ଗ୍ରାମବାସୀ ଜଣକ ନାମ ଛିଡାହୋଇ ପ୍ରସ୍ତାବ ଦିଅନ୍ତି ଏବଂ ସେହି ପ୍ରସ୍ତାବଟି ଅନ୍ୟ ଜଣେ କିମ୍ବା ଦୁଇଜଣଙ୍କ ଦ୍ୱାରା ସମର୍ଥିତ ହୁଏ । ତତ୍‌ପରେ ପ୍ରସ୍ତାବିତ ବ୍ୟକ୍ତିଙ୍କ ସପକ୍ଷରେ ସମସ୍ତ ଗ୍ରାମବାସୀଙ୍କ ଠାରୁ ମତ ଗ୍ରହଣ କରାଯାଇଥାଏ । ଏଥିରେ ହାତଟେକା ନୀତି ଅନୁସୃତ ହୁଏ । ଉପସ୍ଥିତ ଥିବା ଅର୍ଦ୍ଧାଧିକ ବ୍ୟକ୍ତି ଯଦି ସଭାପତି ପଦ ପାଇଁ ପ୍ରସ୍ତାବିତ ବ୍ୟକ୍ତିଙ୍କ ସପକ୍ଷରେ ହାତ ଟେକନ୍ତି, ତେବେ ସେ ନିର୍ଦ୍ୱନ୍ଦରେ ସଭାପତି ଭାବରେ ନିର୍ବାଚିତ ହୋଇଥାଆନ୍ତି । ଏହି ପ୍ରକ୍ରିୟାରେ ଅବଶ୍ୟ ପ୍ରତିଦ୍ୱନ୍ଦିତା ହେଉଥିବାର ଦୃଷ୍ଟିଗୋଚର ହୁଏ ନାହିଁ । ସାଧାରଣତଃ ସଭାପତି ପଦ ପାଇଁ ଏପରି ବ୍ୟକ୍ତିଙ୍କ ନାମ ପ୍ରସ୍ତାବ ଦିଆଯାଇଥାଏ ଯେ ଗ୍ରାମବାସୀ ତାଙ୍କୁ

ବିରୋଧ କରନ୍ତି ନାହିଁ କିମ୍ବା ସଂଖ୍ୟାଲଘୁ ଯଦି କେତେ ଜଣ ବିରୋଧି ଥାଆନ୍ତି ମଧ୍ୟ, ତେବେ ସଂଖ୍ୟାଗରିଷ୍ଠ ସମର୍ଥକଙ୍କ ପାଖରେ ସେମାନେ ନୀରବ ରହିବାକୁ ବାଧ୍ୟ ହୁଅନ୍ତି । ନିର୍ବାଚନ ପରେ ନିର୍ବାଚିତ ହୋଇଥିବା ସଭାପତିଙ୍କ ନାମ ଆନୁଷ୍ଠାନିକ ଭାବରେ ସେତେବେଳର ଅସ୍ଥାୟୀ ସଭାପତି ଘୋଷଣା କରିଥାଆନ୍ତି ।

ତା'ପରେ ଗ୍ରାମସଭା ପାଇଁ ଉପସଭାପତି (ମାଣ୍ଡ୍କି)ଙ୍କ ନାମ ପ୍ରସ୍ତାବ ଦିଆଯାଏ ଏବଂ ସେ ମଧ୍ୟ ଅନୁରୂପ ପ୍ରଣାଳୀରେ ନିର୍ବାଚିତ ହୁଅନ୍ତି । ଶେଷରେ ଛାଟିଆଙ୍କ ନିର୍ବାଚନ ତଦନୁରୂପ ଧାରାରେ ସମ୍ପାଦିତ ହୁଏ ।

ନିର୍ବାଚିତ ଗ୍ରାମସଭାର ସଭାପତିଙ୍କର, ସଭାପତି ପଦବୀ ପାଇଁ କୌଣସି କାର୍ଯ୍ୟକାଳ ନିର୍ଦ୍ଧାରିତ ହୋଇନଥାଏ । ସେ ମୃତ୍ୟୁ ପର୍ଯ୍ୟନ୍ତ ଉକ୍ତ ପଦବୀରେ ରହି ପାରନ୍ତି । କିନ୍ତୁ ତାଙ୍କ ବିରୁଦ୍ଧରେ ଯଦି କେହି କେବେ ସ୍ୱର ଉତ୍ତୋଳନ କରେ, ତେବେ ସମ୍ପୃକ୍ତ ବ୍ୟକ୍ତିଟି ଛାଟିଆଙ୍କ ସହାୟତାରେ ସମଗ୍ର ଗ୍ରାମବାସୀଙ୍କର ଏକ ସଭା ଆହୂତ କରିପାରେ । ଉକ୍ତ ସଭାରେ ସଭାପତିଙ୍କ ସପକ୍ଷରେ ମତ ସଂଗ୍ରହ କରାଯାଏ । ସପକ୍ଷରେ ଯଦି ଅର୍ଦ୍ଧାଧିକ ଗ୍ରାମବାସୀ ହାତ ଟେକନ୍ତି, ତେବେ ସଭାପତି ନିଜ ପଦବୀରେ ପୂର୍ବବତ୍ ଅଧିଷ୍ଠିତ ରହନ୍ତି ତଥା ବିରୋଧୀ ବ୍ୟକ୍ତିଙ୍କୁ ଭର୍ତ୍ସନା କରାଯାଇଥାଏ । ବ୍ୟକ୍ତିଗତ ସ୍ୱାର୍ଥପାଇଁ ସେ ସଭାପତିଙ୍କୁ ଅସମ୍ମାନିତ କରିଥିବା ଯୋଗୁଁ ଗ୍ରାମବାସୀଙ୍କ ଦ୍ୱାରା ନିନ୍ଦିତ ହୁଏ । ବୈଠକରେ ସଭିଏଁ ତାକୁ ଏପରି କାର୍ଯ୍ୟର ପୁନରାବୃତ୍ତି ନକରିବାକୁ ସତର୍କ କରାଇ ଦେଇ ଥାଆନ୍ତି । କିନ୍ତୁ ଯଦି ଉକ୍ତ ବୈଠକରେ ସଭାପତିଙ୍କ ସପକ୍ଷରେ ଅର୍ଦ୍ଧାଧିକ ସମର୍ଥନ ମିଳେ ନାହିଁ, ତେବେ ଗ୍ରାମସଭାର ସଭାପତିଙ୍କୁ ନିଜର ପଦ ତ୍ୟାଗ କରିବାକୁ ପଡ଼େ । ସେଥିସହ ସେହି ସମୟରେ ଉପସ୍ଥିତ ଥିବା ଗ୍ରାମବାସୀଙ୍କ ଦ୍ୱାରା ପୁନଃ ସଭାପତି ନିର୍ବାଚନ ଅନୁରୂପ ପ୍ରଣାଳୀରେ ଅନୁଷ୍ଠିତ ହୁଏ ଏବଂ ତା' ପରଠାରୁ ନୂତନ ସଭାପତି ଗ୍ରାମସଭା ପରିଚାଳନା କରନ୍ତି ।

ସେହିପରି ଉପସଭାପତି (ମାଣ୍ଡ୍କି)ଙ୍କର କାର୍ଯ୍ୟକାଳ, ପୁନଃ ନିର୍ବାଚନ ପଦ୍ଧତି ମଧ୍ୟ ଅନୁସୃତ ହୋଇଥାଏ । ଛାଟିଆଙ୍କର କାର୍ଯ୍ୟକାଳ କିନ୍ତୁ ଗୋଟିଏ ବର୍ଷ । ପ୍ରତ୍ୟେକ ବର୍ଷ ଛାଟିଆ ଗ୍ରାମସଭା ଦ୍ୱାରା ବଛା ହୁଅନ୍ତି । ଗ୍ରାମସଭାର ଅର୍ଦ୍ଧାଧିକ ସଭ୍ୟଙ୍କ ସମର୍ଥନରେ ଯେକୌଣସି ବ୍ୟକ୍ତି ଛାଟିଆ ପଦରେ ରହିପାରନ୍ତି କିମ୍ବା ଅବସ୍ଥାପିତ ଥିବା ଛାଟିଆ ମଧ୍ୟ ପୁନଃ ମନୋନୀତ ହୋଇଥାଆନ୍ତି । ଛାଟିଆଙ୍କର କାର୍ଯ୍ୟଦକ୍ଷତା ଉପରେ ତାହା ନିର୍ଭର କରେ ।



ମୁରବୀ



ଏଇ ଆମ ସଂସାର

ଗ୍ରାମସଭାର ସଭାପତି (ମୁଣ୍ଡା) ଓ ଉପସଭାପତି (ମାଣ୍କି) ପଦବୀ ଅବୈତନିକ ଥିବା ସ୍ଥଳେ ଛାଟିଆ ଗ୍ରାମବାସୀଙ୍କଠାରୁ ସଂଗୃହୀତ ଯତକିଞ୍ଚିତ୍ ଅର୍ଥ ପାଉଣା ସ୍ୱରୂପ ପାଇଥାଏ । ଏମାନେ ସମସ୍ତେ ଗ୍ରାମସଭାର ସାଧାରଣ ସଦସ୍ୟ (ପରିବାରର ମୁଖ୍ୟ) ମାନଙ୍କ ମିଳିତ ସହଯୋଗରେ ଗ୍ରାମସଭାର ପରିଚାଳନା କରିବା ସହିତ ଗ୍ରାମର ସର୍ବାଙ୍ଗୀନ ଉନ୍ନତି କଳ୍ପେ ଉତ୍ସର୍ଗୀକୃତ ହୋଇ କାର୍ଯ୍ୟ ସମ୍ପାଦନ କରିଥାଆନ୍ତି ।

ଗ୍ରାମସଭା ସଦସ୍ୟମାନଙ୍କର ବ୍ୟକ୍ତିତ୍ୱ:

ଗ୍ରାମସଭାର ମୁଖ୍ୟ ସଦସ୍ୟ ହେଉଛନ୍ତି ସଭାପତି (ମୁଣ୍ଡା), ଯିଏକି ଗ୍ରାମବାସୀଙ୍କ ଦ୍ୱାରା ସିଧା-ସଳଖ ଭାବରେ ସର୍ବସମ୍ମତ କ୍ରମେ ନିର୍ବାଚିତ ହୋଇଥାଆନ୍ତି । ସମସ୍ତ ଗ୍ରାମବାସୀଙ୍କର ସମ୍ମତ ଲାଭ କରିଥିବାରୁ ସେ ଜଣେ ନ୍ୟାୟବନ୍ତ, ସଚ୍ଚୋଟ, ପରୋପକାରୀ, ଧାର୍ମିକ ପ୍ରକୃତିର ଲୋକ ନିଶ୍ଚିତ ହୋଇଥାଆନ୍ତି - ଏହା ସ୍ପଷ୍ଟ । ପ୍ରକାଶ ଥାଉକି ଭୂମିଜ ମାନଙ୍କର ଗ୍ରାମ ସଭାର ସଭାପତି ହେଉଛନ୍ତି ଗ୍ରାମ ମୁଖ୍ୟ ଏବଂ ଅନେକ ସ୍ଥଳରେ ସେ ଗ୍ରାମର ମୁଖ୍ୟ ଦେହୁରୀ (ଧର୍ମୀୟ କର୍ମକର୍ତ୍ତା) ଭାବରେ ପରିଗଣିତ ହେବା ସଂଗେ ସଂଗେ ସାମୂହିକ ପୂଜାକର୍ମମାନ ସମ୍ପାଦନ କରିଥାଆନ୍ତି । ତେଣୁ ଏକକାଳୀନ ଜଣେ ସଭାପତି, ଗ୍ରାମ ମୁଖ୍ୟ ଏବଂ ମୁଖ୍ୟ ଦେହୁରୀ ପଦବୀ ଅଳଙ୍କୃତ କରୁଥିବାରୁ ତାଙ୍କର ବ୍ୟକ୍ତିତ୍ୱ, ପୃଷ୍ଠଭୂମି ଓ ଅନ୍ୟାନ୍ୟ ଗୁଣ ସମୂହ ସମ୍ପର୍କରେ ଆଲୋଚନା କରିବା ନିରର୍ଥକ ମନେହୁଏ । ସେ ଜଣେ ବିବାଦଶୂନ୍ୟ ପୁରୁଷ ନିଶ୍ଚୟ । ସମସ୍ତଙ୍କର ଆଦରଣୀୟ, ବଳିଷ୍ଠ ବ୍ୟକ୍ତିତ୍ୱର ଅଧିକାରୀ ହେବା ସଂଗେ ସଂଗେ ଉନ୍ନତ ମାନବିକତା ସମ୍ପନ୍ନ, ଅଟଳ, ସ୍ଥିରଚିତ୍ତ, ସିଦ୍ଧାନ୍ତ ନିର୍ମାଣକର୍ତ୍ତା ତଥା ଆଧାତ୍ମବାଦୀ ମଣିଷଟିଏ ହୋଇଥାଆନ୍ତି । ସ୍ୱଜାତି / ସମ୍ପ୍ରଦାୟର ପାରମ୍ପରିକ ବିଧି-ପ୍ରଥା ସମ୍ପର୍କରେ ଜ୍ଞାନ ତଥା ଅଭିଜ୍ଞତା ଥାଏ । ଏତଦ୍ ଭିନ୍ନ ସଭାପତି କର୍ମକୁଶଳୀ ବାକ୍ ସଂଯମୀ, ସାଂଗଠନିକ ଦକ୍ଷତା ସମ୍ପନ୍ନ, ବାକ୍ ପଟୁ, ଚତୁର, ବୁଦ୍ଧିମାନ, ତ୍ୟାଗୀ, ନିଃସ୍ୱାର୍ଥପର ଏବଂ ପରମ୍ପରା ରକ୍ଷକ ଭାବରେ ଭୂମିଜ ଗ୍ରାମ, ଗ୍ରାମସଭା ତଥା ପାରମ୍ପରିକ ପୂଜାବିଧିକୁ ସୁରକ୍ଷିତ ରଖନ୍ତି । ଗ୍ରାମର ମର୍ଯ୍ୟାଦା ଅକ୍ଷୁର୍ଣ୍ଣ ରଖିବାକୁ କାୟମନୋବାକ୍ୟରେ ପ୍ରତିଶ୍ରୁତିବଦ୍ଧ ହୋଇଥାଆନ୍ତି । ଗ୍ରାମ, ଗ୍ରାମସଭା ଏବଂ ପରମ୍ପରାର ମହତ୍ୱ ନିର୍ଭର କରେ ମୁଖିଆ - ସଭାପତି - ଦେହୁରୀଙ୍କ ମହାନତା ଉପରେ । ତେଣୁ ଗ୍ରାମ ସଭାର ସଭାପତି ଯେ ଜଣେ ଉଚ୍ଚକୋଟୀର ମହତ୍ ଗୁଣବତ୍ତାପୂର୍ଣ୍ଣ ବ୍ୟକ୍ତିବିଶେଷ - ଏଥିରେ ସନ୍ଦେହ ନାହିଁ ।

ଗ୍ରାମ ସଭାର ଉପସଭାପତି (ମାଣ୍ଡ୍‌କି) ମଧ୍ୟ ଅନୁରୂପ ମହତ୍ ଗୁଣର ଅଧିକାରୀ ହୋଇଥିବା ଦେଖାଯାଏ । କାରଣ ସେ ସେହିପରି ଗ୍ରାମବାସୀଙ୍କ ସମ୍ମତ କ୍ରମେ ନିର୍ବାଚିତ ହୋଇ ଉପସଭାପତି ଆସନ ଅଳଙ୍କୃତ କରିଥାଆନ୍ତି ଏବଂ ସଭାପତିଙ୍କର ଅନୁପସ୍ଥିତିରେ ତାଙ୍କୁ ସଭାପତିଙ୍କ କାର୍ଯ୍ୟ ତୁଲାଇବାକୁ ହୋଇଥାଏ । ତେଣୁ ସ୍ୱତଃ ସେ ଜଣେ ପରୋପକାରୀ, ତ୍ୟାଗୀ, ସଚ୍ଚୋଟ, ବୁଦ୍ଧିମାନ, କର୍ମକୁଶଳୀ, ନିଃସ୍ୱାର୍ଥପର ତଥା ନ୍ୟାୟବନ୍ତ ଓ ବଳିଷ୍ଠ ବ୍ୟକ୍ତିତ୍ୱ ସମ୍ପନ୍ନ ବ୍ୟକ୍ତି ହିଁ ହୋଇଥାଆନ୍ତି ।

ଗ୍ରାମସଭାର ଅନ୍ୟତମ ନିର୍ବାଚିତ ସଦସ୍ୟ ହେଉଛନ୍ତି ଛାଟିଆ, ସେ ସାଧାରଣ ବେତନଭୋଗୀ କର୍ମଚାରୀ ରୂପେ ଗ୍ରାମସଭାର ବିଭିନ୍ନ ଧରଣର କାର୍ଯ୍ୟ ତୁଲାଇ ଥାଆନ୍ତି । ସମସ୍ତଙ୍କର ଆଦେଶ ପାଳନକାରୀ ଭାବରେ ସେ ପରିଚିତ । ଗ୍ରାମସଭା ଆହ୍ୱାନ କରିବା, ସଦସ୍ୟ ମାନଙ୍କ ପାଖରେ ବାର୍ତ୍ତା ପହଞ୍ଚାଇବା, ମାମଲାରେ ଅଭିଯୋଗକାରୀ ଓ ଅଭିଯୁକ୍ତଙ୍କୁ ଡାକିବା, ସଭାପତି, ଉପସଭାପତି ତଥା ସାଧାରଣ ସଦସ୍ୟମାନଙ୍କର ଡାକ - ହାକ ଶୁଣିବା ଆଦି ସମସ୍ତ ଛୋଟମୋଟ କାର୍ଯ୍ୟ ଛାଟିଆ ଦ୍ୱାରା ସମ୍ପାଦିତ ହୁଏ । ତେଣୁ ଛାଟିଆଟି ନିଶ୍ଚିତ ଭାବରେ ଜଣେ ଭଦ୍ର, ମାର୍ଜିତ, ନମ୍ର, ଶାନ୍ତ, ସରଳ ତଥା ଆଦେଶ ପାଳନକାରୀ ଗୁଣର ଅଧିକାରୀ ହୋଇଥାଆନ୍ତି । ଅତି ଅମାୟିକ ଢଙ୍ଗରେ ସେ ସମସ୍ତ କାର୍ଯ୍ୟ ଆନନ୍ଦ ଚିତ୍ତରେ ଆଗ୍ରହର ସହ ତୁଲାଇ ପାରନ୍ତି । ଗ୍ରାମସଭାର କାର୍ଯ୍ୟଧାରା ଅନେକ ସମୟରେ ଛାଟିଆ ଉପରେ ହିଁ ନିର୍ଭର କରିଥାଏ ।

ସର୍ବୋପରି ଗ୍ରାମସଭାର ସାଧାରଣ ସଦସ୍ୟ ଭାବରେ ଗ୍ରାମର ପ୍ରତ୍ୟେକ ପରିବାରର ମୁଖ୍ୟମାନେ ସ୍ୱତଃ ଆସି ଥାଆନ୍ତି । ଏମାନଙ୍କ ପାଇଁ ନିର୍ବାଚନ ପଦ୍ଧତି ଅନୁସୃତ ହୁଏ ନାହିଁ । ଏପରି ଶୈଳୀରେ ଭିନ୍ନ ଭିନ୍ନ ପରିବାରରୁ ବିଭିନ୍ନ ପ୍ରକୃତି ବା ଗୁଣର ବ୍ୟକ୍ତି ସଦସ୍ୟତା କରିବା ସ୍ୱାଭାବିକ । ଏମାନଙ୍କର ବ୍ୟକ୍ତିତ୍ୱ, ପୃଷ୍ଠଭୂମି ବା ଗୁଣବର୍ତ୍ତା ସଂପର୍କରେ କୌଣସି କିଛି ନିର୍ଦ୍ଦିଷ୍ଟ ଭାବରେ କୁହାଯାଇ ନପାରେ । ତଥାପି ଏମାନେ ସମସ୍ତେ ପରିବାରର ମୁଖ୍ୟ / ମୁରବୀ ହୋଇ ପରିବାର ତଥା ଗୃହକୁ ଶାନ୍ତି ଶୃଙ୍ଖଳାର ସହିତ ପରିଚାଳିତ କରୁଥିବାରୁ ସାଧାରଣ ସଦସ୍ୟଙ୍କଠାରୁ ମହତ ଗୁଣାବଳୀ ଆଶା କରାଯାଇଥାଏ । ପରିବାରର ସମସ୍ତ ପ୍ରକାର ସମସ୍ୟା, ଅଭାବ, ଅଭିଯୋଗ ତଥା କାର୍ଯ୍ୟଧାରା ମୁଖିଆ /ମୁରବୀମାନେ ହିଁ ଧୈର୍ଯ୍ୟର ସହିତ ତୁଲାଇଥାଆନ୍ତି । ତେଣୁ ସେହିପରି ବୁଦ୍ଧି, ବିବେକ, ଜ୍ଞାନ ତଥା ସହନଶୀଳ ଭଳି ମହତ୍ ଗୁଣ ନେଇ ପରିବାରର ମୁଖ୍ୟମାନେ

ଗ୍ରାମସଭାର ସଦସ୍ୟ ହେବା ସହିତ ଗ୍ରାମସଭାର ମର୍ଯ୍ୟାଦା ବଜାୟ ରଖନ୍ତି । ପ୍ରକାଶ କରାଯାଇପାରେ ଯେ, ଭୂମିଜ ଗ୍ରାମରେ ବସବାସ କରୁଥିବା ସମସ୍ତ ପ୍ରଜାତି ଗୋଷ୍ଠୀର ପରିବାର ମୁଖ୍ୟମାନେ ମଧ୍ୟ ଗ୍ରାମ ସଭାରେ ସଦସ୍ୟତା କରିଥାଆନ୍ତି । ତେଣୁ ଜାତି-ଧର୍ମ-ବର୍ଣ୍ଣ-ଗୋଷ୍ଠୀ ନିର୍ବିଶେଷରେ ସମସ୍ତେ ସାଂପ୍ରଦାୟିକ ଭେଦଭାବ ଭୁଲି ସ୍ୱଗ୍ରାମରେ ଶାନ୍ତି ଅବ୍ୟାହତ ରଖିବାକୁ ଚେଷ୍ଟା କରନ୍ତି ।

**ଗ୍ରାମସଭାର ସଦସ୍ୟମାନଙ୍କର କାର୍ଯ୍ୟକଳାପ :**

ସଭାପତି ହେଉଛନ୍ତି ଗ୍ରାମ ସଭାର ମୁଖ୍ୟ, ଗ୍ରାମ ସଭାର ବୈଠକଗୁଡ଼ିକ ତାଙ୍କରି ସଭାପତିତ୍ୱରେ ଅନୁଷ୍ଠିତ ହୁଏ । ସମସ୍ତ ପ୍ରକାର ବିଚାର ଆଲୋଚନା, ପକ୍ଷ-ପ୍ରତିପକ୍ଷଙ୍କର ଶୁଣାଣୀ ଏବଂ ସଦସ୍ୟ ମାନଙ୍କର ମତାମତ ଗ୍ରହଣ ପୂର୍ବକ ସେ ପ୍ରତ୍ୟେକ ମାମଲାରେ ନିଷ୍ପତ୍ତି ଗ୍ରହଣ କରିଥାଆନ୍ତି । ମାମଲାର ଶେଷ ସିଦ୍ଧାନ୍ତ ବା ନ୍ୟାୟ ଘୋଷଣା ସେ କରନ୍ତି । ଦୋଷୀକୁ ଦଣ୍ଡ ବା କ୍ଷମା ପ୍ରଦାନ କ୍ଷମତା ସଭାପତିଙ୍କର ଥାଏ । ଦଣ୍ଡର ପରିମାଣ ବା ପରିସୀମା ମଧ୍ୟ ତାଙ୍କରି ଦ୍ୱାରା ନିର୍ଦ୍ଧାରିତ ହୁଏ । ଗ୍ରାମର ଦୁଃଖ-ସୁଖ, ହାନି-ଲାଭ, ସୁବିଧା-ଅସୁବିଧା ସବୁ ତାଙ୍କରି ଉପରେ ନିର୍ଭର କରେ । ବ୍ୟକ୍ତିଗତ ଭାବରେ ସେ ପ୍ରତ୍ୟେକ ଗ୍ରାମବାସୀଙ୍କୁ ସହାୟତା ପ୍ରଦାନ କରନ୍ତି । କୌଣସି ପରିବାରରେ କେହି ମୃତ୍ୟୁବରଣ କଲେ ସଭାପତି ଉପସ୍ଥିତ ରହି ସମବେଦନା ଜ୍ଞାପନ ପୂର୍ବକ ଶବଦାହର ଆୟୋଜନ କରାଇ ଥାଆନ୍ତି । ବ୍ୟକ୍ତିଗତ ଭାବେ କେହି ବିପଦରେ ପଡିଲେ ସଭାପତି ତାଙ୍କୁ ସାନ୍ତ୍ୱନା ଦେବା ସଙ୍ଗେ ସଙ୍ଗେ ସହଯୋଗ ତଥା ସହାୟତାର ହାତ ବଢାଇ ଦିଅନ୍ତି । କୌଣସି ପରିବାରରେ ଗଣ୍ଡଗୋଳ ଉପୁଜିଲେ ସଭାପତିଙ୍କୁ ତୁରନ୍ତ ସ୍ମରଣ କରାଯାଇଥାଏ । ସମ୍ପୃକ୍ତ ଘଟଣାଟି ଗ୍ରାମସଭାରେ ବିଚାର ଆଲୋଚନା ନ ହୋଇ ମଧ୍ୟ ସଭାପତି ସ୍ୱକୀୟ ବୁଦ୍ଧିମତ୍ତା ଦ୍ୱାରା ତାହା ସମାଧାନ କରିପାରନ୍ତି । ଗ୍ରାମରେ କୌଣସି ଆକସ୍ମିକ ବିପତ୍ତି ପଡିଲେ ସଭାପତି ଗ୍ରାମସଭାର ବିନା ପରାମର୍ଶରେ ସୁଦ୍ଧା ଆଶୁ ନିଷ୍ପତ୍ତି ଗ୍ରହଣ କରନ୍ତି ଏବଂ ତଦନୁଯାୟୀ କାର୍ଯ୍ୟାନୁଷ୍ଠାନ ପାଇଁ ଆବଶ୍ୟକ ପଦକ୍ଷେପ ନେଇ ଥାଆନ୍ତି । ଗ୍ରାମରେ ରୋଗବ୍ୟାଧି ବ୍ୟାପିଲେ, ଶତ୍ରୁ ଆଗମନ କଲେ, ସାମୂହିକ ଉନ୍ନତି ପାଇଁ କୌଣସି କାମ କରିବାକୁ ହେଲେ ସଭାପତି ତୁରନ୍ତ ଗ୍ରାମସଭା ଡକାଇ ସଦସ୍ୟମାନଙ୍କ ସହିତ ଆଲୋଚନା ପୂର୍ବକ ସିଦ୍ଧାନ୍ତ ଗ୍ରହଣ ଓ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ପ୍ରଦାନ କରିଥାଆନ୍ତି । ସାମୂହିକ କାର୍ଯ୍ୟଗୁଡିକ ସଭାପତିଙ୍କର ତତ୍ତ୍ୱାବଧାନରେ ହିଁ ସମ୍ପାଦିତ ହୁଏ । ସମସ୍ତ ଗ୍ରାମବାସୀ ତାଙ୍କୁ

ସମ୍ମାନ ପ୍ରଦର୍ଶନ କରନ୍ତି । ତାଙ୍କର ଆଦେଶ, ଅନୁରୋଧ ବା ନିର୍ଦ୍ଦେଶ କେବେ କାହାରି ଦ୍ୱାରା ପ୍ରତ୍ୟାଖ୍ୟାତ ହୁଏ ନାହିଁ । ବ୍ୟକ୍ତିଗତଭାବେ ଘରୋଇ ପୂଜାପାଠ କିମ୍ବା ପର୍ବପର୍ବାଣୀ ଦିନ ମାନଙ୍କରେ ତାଙ୍କୁ ନିମନ୍ତ୍ରଣ କରାଯାଇଥାଏ । ସ୍ୱତନ୍ତ୍ର ଭାବରେ ଖାଦ୍ୟ-ପାନୀୟରେ ଆପ୍ୟାୟିତ କରନ୍ତି । ସଭାପତି ପ୍ରତ୍ୟେକ ଗ୍ରାମବାସୀଙ୍କର ପ୍ରିୟ ହୋଇଥିବାରୁ ସେ ସର୍ବସମ୍ମତ ପ୍ରକ୍ରିୟାରେ ନିର୍ବାଚିତ ହୋଇପାରନ୍ତି । ତେଣୁ ସଭାପତି ନିଃସ୍ୱାର୍ଥପର ଓ ସେବାର ପ୍ରତୀକ ସ୍ୱରୂପ ଗ୍ରାମରେ ସଭିଙ୍କର ମଙ୍ଗଳ ସକାଶେ ନିଜର ଜୀବନକୁ ଉତ୍ସର୍ଗ କରିଥାଆନ୍ତି ।

ଅଧିକନ୍ତୁ ଗ୍ରାମସଭାର ସଭାପତି ଗ୍ରାମ ମୁଖ୍ୟ ସହିତ ଗ୍ରାମର ମୁଖ୍ୟ ଦେହୁରୀ ହୋଇଥିଲେ ସମସ୍ତ ପାରମ୍ପରିକ ସାମୂହୀକ ପୂଜାପାଠଗୁଡ଼ିକ ତାଙ୍କରି ଦ୍ୱାରା ହିଁ ସମ୍ପାଦିତ ହୁଏ । ବ୍ୟକ୍ତି ଏବଂ ଗ୍ରାମ ତରଫରୁ ସେ ଦେବଦେବୀଙ୍କ ଠାରେ ସମସ୍ତଙ୍କ ପାଇଁ ଆଶୀର୍ବାଦ ଭିକ୍ଷା କରନ୍ତି । ଗ୍ରାମକୁ ଯେକୌଣସି ପ୍ରକାର ବିପତ୍ତି ପଡ଼ିଲେ ସେ ଏକକାଳୀନ ସଭାପତି, ଗ୍ରାମମୁଖ୍ୟ ଓ ଦେହୁରୀ ଭାବରେ ପୂଜାପାଠ ସହିତ ଆବଶ୍ୟକୀୟ କର୍ମପନ୍ଥା ନିର୍ଦ୍ଧାରଣ କରନ୍ତି । ତେଣୁ ଭୂମିଜ ସମାଜରେ ଗ୍ରାମସଭାର ସଭାପତି ବହୁମୁଖୀ କ୍ଷମତା । ଦାୟିତ୍ୱର ଅଧିକାରୀ ହୋଇଥିବାରୁ, ତାଙ୍କର କାର୍ଯ୍ୟଧାରାର ପରିସୀମା ପରିବ୍ୟାପ୍ତ ।

ଗ୍ରାମସଭାର ଦ୍ୱିତୀୟ ମୁଖ୍ୟ ହେଉଛନ୍ତି ଉପସଭାପତି (ମାଣ୍ଡ୍କି) । ପ୍ରତ୍ୟକ୍ଷ ଭାବରେ କୌଣସି ଗୁରୁ ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ ନଥିଲେ ହେଁ ସଭାପତିଙ୍କ ଅନୁପସ୍ଥିରେ ସେ ସଭାପତିଙ୍କର ସମସ୍ତ ଦାୟିତ୍ୱ ସୁଚାରୁ ରୂପେ ତୁଲାଇବା ସହିତ ପ୍ରତ୍ୟେକଟି କ୍ଷମତାର ଅଧିକାରୀ ହୋଇ ଥାଆନ୍ତି । ସଭାପତି କୌଣସି କାରଣରୁ ଗ୍ରାମସଭାରେ ଉପସ୍ଥିତ ରହିବାକୁ ଅକ୍ଷମ ହେଲେ ଉପସଭାପତି ବୈଠକରେ ସଭାପତିତ୍ୱ କରନ୍ତି । ସେହିପରି ବିଚାର ଆଲୋଚନା ପୂର୍ବକ ମାମଲାରେ ନିଷ୍ପତ୍ତି ଗ୍ରହଣ କରିଥାଆନ୍ତି । ଏତଦ୍ ଭିନ୍ନ ଗ୍ରାମ ସଭା ପରିଚାଳନା ସମୟରେ ସେ ସଭାପତିଙ୍କୁ ସହଯୋଗ କରିବା ସହିତ ବିଚାର ପଦ୍ଧତିକୁ ପ୍ରଭାବିତ କରିଥାଆନ୍ତି । ସାଧାରଣ ସଦସ୍ୟମାନେ ମାମଲା ସମ୍ପର୍କରେ ଉପସଭାପତିଙ୍କ ସହିତ ଖୋଲାଖୋଲି ଆଲୋଚନା କରି ନିଜସ୍ୱ ମତମାନ ପ୍ରଦାନ କରନ୍ତି । ଗ୍ରାମସଭା ବାହାରେ ଉପସଭାପତି(ମାଣ୍ଡ୍କି) ପ୍ରତ୍ୟେକ କାର୍ଯ୍ୟରେ ମଧ୍ୟ ସଭାପତିଙ୍କୁ ସହାୟତା ପ୍ରଦାନ କରୁଥିବାର ଦେଖା ଯାଇଥାଏ । ସଭାପତି କୌଣସି

କାର୍ଯ୍ୟପାଇଁ ଯେଉଁଠିକୁ ଯାଆନ୍ତି, ମାଣ୍‌କି ତାଙ୍କ ସହିତ ଯୋଗ ଦିଅନ୍ତି । କାର୍ଯ୍ୟକ୍ରମରେ ସହଯୋଗ କରନ୍ତି ।

ଗ୍ରାମସଭାର ଅନ୍ୟତମ ନିର୍ବାଚିତ ସଦସ୍ୟ ହେଲେ ଛାଟିଆ । ସେ ଗ୍ରାମ ସଭା ଆହ୍ୱାନ କରି ଥାଆନ୍ତି । ଆବଶ୍ୟକ ସ୍ଥଳେ ସଭାପତି, ଉପସଭାପତି, ସାଧାରଣ ସଦସ୍ୟ କିମ୍ବା ଯେ କୌଣସି ଗ୍ରାମବାସୀଙ୍କ ନିର୍ଦ୍ଦେଶ ବା ଅନୁରୋଧ କ୍ରମେ ଛାଟିଆ ଗ୍ରାମସଭା ଆହ୍ୱାନ କରିବା ସଂଗେ ସଂଗେ ଗ୍ରାମ ସଭାର ସମସ୍ତ ସଦସ୍ୟ, ସଭାପତି, ଉପସଭାପତି ଏବଂ ମାମଲା ସମ୍ପର୍କୀତ ପ୍ରତିପକ୍ଷ ଲୋକଙ୍କୁ ଗ୍ରାମସଭା ପାଇଁ ନିର୍ଦ୍ଧାରିତ ଦିବସ ତଥା ସମୟ ଜଣାଇଥାଆନ୍ତି । ଗ୍ରାମସଭାର ବୈଠକ ପ୍ରାୟତଃ ଉପରବେଳା ବା ସନ୍ଧ୍ୟା ସମୟରେ ଆହୂତ ହୁଏ । କାରଣ ସମସ୍ତେ ଦିନ ତମାମର କାମଦାମ ସମାପ୍ତ ପରେ ବୈଠକରେ ଯୋଗ ଦେଇ ପାରନ୍ତି । ବୈଠକ ଚାଲୁଥିବା ସମୟରେ ଆବଶ୍ୟକ ଅନୁଯାୟୀ ସମସ୍ତ କାର୍ଯ୍ୟ ଛାଟିଆଙ୍କ ଦ୍ୱାରା ହୋଇଥାଏ । ମାମଲାର ବିଚାର ଆଲୋଚନା ବା ଶୁଣାଣୀ କାଳରେ କୌଣସି ସାକ୍ଷୀମାନଙ୍କର ଉପସ୍ଥିତି ଆବଶ୍ୟକ ପଡିଲେ ଛାଟିଆ ସେମାନଙ୍କୁ ଯାଇ ଡାକି ଆଣନ୍ତି । ବୈଠକରେ ସ୍ତ୍ରୀ ଲୋକମାନଙ୍କର ଉପସ୍ଥିତି ଅନିବାର୍ଯ୍ୟ ମନେ ହେଲେ, ସମ୍ପୃକ୍ତ ସ୍ତ୍ରୀ ଲୋକ ଛାଟିଆ ସହିତ ଯିବା ଆସିବା କରିଥାଆନ୍ତି । ବୈଠକରେ ଛାଟିଆ ପିଇବା ପାଇଁ ପାଣି ଯୋଗାନ୍ତି । ସମସ୍ତଙ୍କର ନିର୍ଦ୍ଦେଶ ମାନି ସବୁକାର୍ଯ୍ୟ କରନ୍ତି । ଏତଦ୍ ଭିନ୍ନ ଗ୍ରାମସଭା ବୈଠକ ପରିଚାଳନା ପୂର୍ବରୁ ପ୍ରଥମେ ସଭାପତି ସଭା ଡକାଇବାର ଉଦ୍ଦେଶ୍ୟ ଛାଟିଆଙ୍କୁ ପଚାରନ୍ତି ଏବଂ ଛାଟିଆ କେଉଁ ବ୍ୟକ୍ତି, କାହିଁକି ବୈଠକ ଆହ୍ୱାନ କରାଇବାକୁ ଚାହିଁଛନ୍ତି, ସେ ବିଷୟ ଗୃହକୁ ଜଣାଇଥାଆନ୍ତି । ତା'ପରେ ଯାଇ ଆଲୋଚନା ଚାଲେ । ଗ୍ରାମସଭା ବାହାରେ ଛାଟିଆ ପ୍ରତ୍ୟେକ କାର୍ଯ୍ୟରେ ସଭାପତିଙ୍କୁ ସହାୟତା ପ୍ରଦାନ କରନ୍ତି ।

ଶେଷରେ ରହିଲେ ସ୍ୱତଃ ନିର୍ବାଚିତ ଗ୍ରାମସଭାର ସାଧାରଣ ସଦସ୍ୟ, ଯେଉଁମାନେ କି ଗ୍ରାମର ସମସ୍ତ ପରିବାରର ମୁଖ୍ୟ । ସେମାନେ ଗ୍ରାମସଭା ପରିଚାଳନାରେ ପୂର୍ଣ୍ଣ ସହଯୋଗ କରିବା ସହିତ ମାମଲା ବିଚାର ଧାରାକୁ ପ୍ରଭାବିତ କରିଥାଆନ୍ତି । କୌଣସି ମାମଲା ଗ୍ରାମସଭା ବୈଠକରେ ଉପସ୍ଥାପିତ ହେଲେ ତତ୍ ସମ୍ପର୍କୀୟ ସମସ୍ତ ପ୍ରକାର ଆଲୋଚନା ନିଜ ନିଜ ମଧ୍ୟରେ କିମ୍ବା ଉପସଭାପତିଙ୍କ ସହିତ ଖୋଲାଖୋଲି ଭାବେ କରନ୍ତି । ପକ୍ଷ-ପ୍ରତିପକ୍ଷ ଏବଂ ଉଭୟଙ୍କ ସାକ୍ଷୀଙ୍କୁ ପ୍ରଶ୍ନ ମଧ କରିପାରନ୍ତି । ଶେଷରେ

ନିଜସ୍ୱ ମତ ସଭାପତିଙ୍କ ଠାରେ ଉପସ୍ଥାପିତ ପୂର୍ବକ ମାମଲାର ନିଷ୍ପତ୍ତି ଧାରାରେ ଗୁରୁତ୍ୱ ଭୂମିକା ଗ୍ରହଣ କରିଥାଆନ୍ତି । ନିଷ୍ପତ୍ତି ନେବାକୁ ସଭାପତିଙ୍କୁ ପ୍ରଭାବିତ କରନ୍ତି । ଦଣ୍ଡର ପରିମାଣ କିମ୍ବା ପରିସୀମା ସମ୍ପର୍କରେ ମଧ୍ୟ ନିଜସ୍ୱ ମତ ସଭାପତିଙ୍କୁ ଶୁଣାଇ ଥାଆନ୍ତି । ସିଦ୍ଧାନ୍ତ ଗ୍ରହଣ ବା ଦଣ୍ଡ ଦେବାର କ୍ଷମତା କେବଳ ସଭାପତିଙ୍କର ଥିଲେ ମଧ୍ୟ ଏହି ସାଧାରଣ ସଦସ୍ୟ ମାନେ ସଭାପତିଙ୍କର ମାନସିକତାକୁ ପରିବର୍ତ୍ତନ କରିବାପାଇଁ ଚେଷ୍ଟା କରନ୍ତି । କୌଣସି ଗର୍ହିତ ଦୋଷ ଯୋଗୁଁ ଯଦି କୌଣସି ଅପରାଧୀକୁ ଦିଆଯାଇଥିବା ଦଣ୍ଡ କୋହଳ / କମ୍ ହେଲା ବୋଲି ସଦସ୍ୟମାନେ ଅନୁଭବ କରନ୍ତି, ତେବେ ସେମାନେ ମିଳିତ ଭାବରେ ଦଣ୍ଡର ପରିମାଣ ବୃଦ୍ଧି ନିମନ୍ତେ ସଭାପତିଙ୍କୁ କାରଣ ଦର୍ଶାଇ ଅନୁରୋଧ କରିଥାଆନ୍ତି । ଏତଦ୍ ଭିନ୍ନ ଗ୍ରାମସଭାରେ ତଥା ଗ୍ରାମସଭା ବାହାରେ ସାଧାରଣ ସଦସ୍ୟମାନେ ସଭାପତି ଓ ଉପସଭାପତିଙ୍କୁ ପ୍ରତ୍ୟେକ ସାମୂହିକ କର୍ମରେ ସାହାଯ୍ୟ – ସହଯୋଗ କରନ୍ତି । ଯେକୌଣସି ସମୟରେ ସଭାପତି କୌଣସି ସଦସ୍ୟଙ୍କୁ କିଛି ସମସ୍ୟା ପାଇଁ ଆଲୋଚନା କରିବାକୁ ସ୍ମରଣ କଲେ ତୁରନ୍ତ ସେ ସଭାପତିଙ୍କ ନିର୍ଦ୍ଦେଶ ଗ୍ରହଣ ପୂର୍ବକ ସହାୟତା ପ୍ରଦାନ କରିଥାଆନ୍ତି । ଗ୍ରାମସଭାର ବୈଠକରେ ଶାନ୍ତିଶୃଙ୍ଖଳା ରକ୍ଷା କରି କାର୍ଯ୍ୟଧାରାକୁ ତ୍ୱରାନ୍ୱୀତ କରିପାରନ୍ତି ।

ବସ୍ତୁତଃ ଗ୍ରାମସଭା ସମସ୍ତ ସଦସ୍ୟମାନଙ୍କ ସହଯୋଗ ଭିତ୍ତିରେ ହିଁ ପରିଚାଳିତ ହୁଏ । ସମସ୍ତେ ପାରମ୍ପରିକ ଗ୍ରାମସଭାର ମର୍ଯ୍ୟାଦା ଅକ୍ଷୁର୍ଣ୍ଣ ରଖିବା ପାଇଁ ଚେଷ୍ଟା କରିଥାଆନ୍ତି ।

## ଗ୍ରାମସଭାରେ ନିଷ୍ପତ୍ତି କରାଯାଉଥିବା ବିଭିନ୍ନ ପ୍ରକାର ମାମଲା :

ଭୂମିଜ ମାନଙ୍କର ପାରମ୍ପରିକ ଗ୍ରାମସଭାରେ ସମସ୍ତ ପ୍ରକାର ମାମଲାଗୁଡିକ ବିଚାର ପରିସରଭୁକ୍ତ ହୋଇପାରେ । ଗ୍ରାମ ମଧ୍ୟରେ କେହି ଯଦି କାହାରି ଘରୁ କିମ୍ବା ବାଡିବଗିଚାରୁ କୌଣସି ସାମଗ୍ରୀ, ଛେଳି, କୁକୁଡା, ମେଣ୍ଢା, ଗୋ-ସମ୍ପଦ କିମ୍ବା ଉତ୍ପାଦିତ ଶସ୍ୟ-ଫଳ-ପନିପରିବା ଆଦି ଚୋରୀ କରେ, ତେବେ ତାହା ଗ୍ରାମସଭାର ଦୃଷ୍ଟି ଆକର୍ଷିତ କରାଯାଏ ଏବଂ ଦୋଷୀକୁ ଉପଯୁକ୍ତ ଦଣ୍ଡ ଦିଆଯାଇଥାଏ । ଭାଇ-ଭାଇ ମଧ୍ୟରେ ଭାଗବଣ୍ଟାରେ ଗଣ୍ଡଗୋଳ ଉପୁଜିଲେ, ତାହା ଗ୍ରାମସଭା ଦ୍ୱାରା ମୀମାଂସା କରାଯାଏ କିମ୍ବା ସମ୍ପୃକ୍ତ ଘରେ ନିଜେ ସଭାପତି ଉପସ୍ଥିତ ରହି ନିଜର ଚାତୁର୍ଯ୍ୟପୂର୍ଣ୍ଣ ବୁଦ୍ଧି ବଳରେ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହିତ ସମାଧାନ କରିବାକୁ ଚେଷ୍ଟା କରନ୍ତି । ଗ୍ରାମର କୌଣସି ଝିଅ ଯଦି ନିଜର ଇଚ୍ଛାରେ ସ୍ୱାମୀଙ୍କୁ ତ୍ୟାଗ କରି

ସ୍ୱଗୃହକୁ ବାହୁଡି ଆସେ କିମ୍ବା ଗ୍ରାମର କୌଣସି ବୋହୂ ସ୍ୱଇଚ୍ଛାରେ ଶ୍ୱଶୁରାଳୟ ପରିତ୍ୟାଗ କରେ, ତେବେ ସେ କ୍ଷେତ୍ରରେ କନ୍ୟାସୁନା(ଗନଂ) ଫେରସ୍ତ ବା ଆଦାୟର ପ୍ରଶ୍ନ ଉଠେ । ତାହା ସୁରୁଖୁରୁରେ କାର୍ଯ୍ୟକାରୀ ନହୋଇ ପାରିଲେ ଗ୍ରାମସଭାର ଦୃଷ୍ଟି ଆକର୍ଷଣ କରାଯାଏ ଏବଂ ଗ୍ରାମସଭା ମାଧ୍ୟମରେ ହିଁ କନ୍ୟାସୁନା ଫେରସ୍ତ ଦିଆଯାଏ କିମ୍ବା ଆଦାୟ କରାଯାଇଥାଏ । କୌଣସି ପ୍ରକାର ପାରିବାରିକ ଗଣ୍ଡଗୋଳ (ଝଗଡା, ମରାମରି, ସ୍ତ୍ରୀ ନିର୍ଯ୍ୟାତନା, ପୁତ୍ର ବୃଦ୍ଧ ପିତାମାତାଙ୍କର ଦାୟିତ୍ୱ ନନେବା ଇତ୍ୟାଦି) ମଧ୍ୟ ଗ୍ରାମସଭାର ଆଲୋଚନା ପରିସରଭୁକ୍ତ ହୁଏ । ଗ୍ରାମର କୌଣସି ଯୁବକ ଯଦି ଅନ୍ୟ ଝିଅ - ବୋହୂଙ୍କ ପ୍ରତି ଅଶ୍ଳୀଳ ଇଙ୍ଗିତ ପ୍ରଦର୍ଶନ କରେ, ତେବେ ସେ ବିଷୟରେ ଗ୍ରାମସଭାରେ ବିଚାର କରାଯାଇ ସମ୍ପୃକ୍ତ ଯୁବକକୁ ଦଣ୍ଡ ପ୍ରଦାନ କରାଯାଏ । କୌଣସି ଯୁବକ ସ୍ୱଜାତିର କୌଣସି ଯୁବତୀ / ବାଳିକାକୁ ଅପହରଣ କଲେ, ତାହା ଯଦି ନିଜ ମଧ୍ୟରେ ସମାଧାନ ହୋଇପାରେ ନାହିଁ, ତେବେ ସେ ବିଷୟରେ ଗ୍ରାମସଭା ନିଷ୍ପତ୍ତି ନିଏ । କିନ୍ତୁ ଏ କ୍ଷେତ୍ରରେ ଯଦି ପୁଅ ଏବଂ ଝିଅ ଭିନ୍ନ ଭିନ୍ନ ଗୋଷ୍ଠୀର ହୋଇ ଥାଆନ୍ତି, ତେବେ ମାମଲାଟି ଗମ୍ଭୀର / ଗୁରୁତର ହୋଇଯାଏ । ଭୂମିଜ ବ୍ୟତୀତ ଉଭୟେ ପଡୋଶୀ ପ୍ରଜାତି ଗୋଷ୍ଠୀର ହୋଇଥିଲେ ମାମଲାଟିକୁ ସମ୍ପୃକ୍ତ ଗୋଷ୍ଠୀଙ୍କ ହାତରେ ଛାଡିଦେଉଥିବା ବେଳେ ସେ ମଧ୍ୟରୁ ଝିଅ କିମ୍ବା ପୁଅ ଯଦି ଭୂମିଜ ସମ୍ପ୍ରଦାୟର ହୋଇଥାଆନ୍ତି ତେବେ ତାହା ଭୂମିଜ ଗ୍ରାମସଭା ତଥା ଭୂମିଜ ଗ୍ରାମରେ ଉତ୍ତେଜନା ସୃଷ୍ଟି କରିଥାଏ । ଏଥିରେ ଗ୍ରାମସଭା କସ୍ମିନ କାଳେ କୋହଳ ନୀତି ଅବଲମ୍ବନ କରେ ନାହିଁ । ଅନୁରୂପ ଧର୍ଷଣ ମାମଲା । ଏହା ଗ୍ରାମସଭାରେ ବିଚାର ତ ହୁଏ କିନ୍ତୁ ଏହା ଦ୍ୱାରା ଭୂମିଜମାନେ ସାମ୍ପ୍ରଦାୟିକ ଭିତ୍ତିରେ ଭାରି କଠୋର ହୋଇଯାଆନ୍ତି । ତେବେ ଧର୍ଷଣ ଭଳି ଅତି ଗର୍ହିତ ମାମଲା ଏଯାଏଁ ସ୍ୱଗୋଷ୍ଠୀ କିମ୍ବା ପ୍ରଜାତି ଗୋଷ୍ଠୀଙ୍କ ସହିତ ଉପୁଜିଥିବାର ଦୃଷ୍ଟାନ୍ତ ନାହିଁ ବୋଲି ଭୂମିଜମାନେ କହନ୍ତି । ହେଲେ କି ପ୍ରକାର ପରିସ୍ଥିତି ଆସିବ, ତାହା କହିହେବ ନାହିଁ । ତେବେ ଏ ବାବଦରେ ସମସ୍ତେ ସତର୍କ ଥାଆନ୍ତି । ପ୍ରେମ ବ୍ୟାପାର ମଧ୍ୟ ସେହିପରି ସ୍ୱଜାତି ମଧ୍ୟରେ ସମାଧାନ ହୋଇପାରେ କିମ୍ବା ଗ୍ରାମସଭା ନିଷ୍ପତ୍ତି ଗ୍ରହଣ କରେ, ହେଲେ ଭୂମିଜ ପୁଅ-ଝିଅଙ୍କ ସହିତ ଅନ୍ୟ ଗୋଷ୍ଠୀ ସଂଶ୍ଳିଷ୍ଟ ହୋଇଥିଲେ ଭୂମିଜ ଗ୍ରାମସଭା ଭାରି କଠୋର ହୋଇଯାଏ । ଏତଦ୍ ଭିନ୍ନ ଗ୍ରାମରେ ପରସ୍ପର ମଧ୍ୟରେ ମାଡ ମରାମରି ହେଲେ, କେହି କାହାକୁ ଗାଳିଗୁଲଜ କଲେ, ଜଣେ ଅନ୍ୟଜଣଙ୍କ ଠାରୁ ଟଙ୍କା ଧାର-କରଜ ନେଇ ବାରମ୍ବାର ମାଗିବା

ସତ୍ତ୍ୱେ ଫେରସ୍ତ ନ ଦେଲେ, ପ୍ରଜାତି ଗୋଷ୍ଠୀର ଲୋକଙ୍କ ଠାରୁ ଶ୍ରମ ଆଦାୟ କରି ଉପଯୁକ୍ତ ପାଉଣା ନଦେଲେ, ଖାଦ୍ୟ - ପାନୀୟ ଗ୍ରହଣ କରୁନଥିବା ପ୍ରଜାତି ଗୋଷ୍ଠୀଙ୍କ ଘରେ କୌଣସି ଭୂମିଜ ବ୍ୟକ୍ତି ଖାଦ୍ୟ - ପାନୀୟ ଗ୍ରହଣ କରିଥିବା ଜଣା ପଡିଲେ, କୌଣସି ପଡୋଶୀ ପ୍ରଜାତିକ ଗୋଷ୍ଠୀର ବ୍ୟକ୍ତି ଭୂମିଜମାନଙ୍କର ପାରମ୍ପରିକ ପୂଜାପାଠ ପାଇଁ ଚାନ୍ଦା ନଦେବା ସହିତ ପୂଜା କର୍ମରେ ଅସହଯୋଗ କଲେ, ଗୋଷ୍ଠୀ - ଗୋଷ୍ଠୀ ମଧ୍ୟରେ ଉତ୍ତେଜନା ସୃଷ୍ଟି କରିବାକୁ କେହି କୌଣସି ଉପାୟରେ ଚେଷ୍ଟିତ ଥିଲେ, କେହି କାହାରି ଧର୍ମକୁ ଅବମାନନା / ଅସମ୍ମାନ ପ୍ରଦର୍ଶନ କଲେ ପ୍ରଭୃତି ପ୍ରତ୍ୟେକଟି ମାମଲା ଭୂମିଜ ଗ୍ରାମସଭାରେ ବିଚାର ଆଲୋଚନା ହୋଇଥାଏ । ହତ୍ୟା ମାମଲା ମଧ୍ୟ ଗ୍ରାମସଭା ବିଚାର ପରିସରଭୁକ୍ତ । ତେବେ ଭୂମିଜ ଗ୍ରାମଗୁଡିକରେ ପ୍ରାୟତଃ ଏଯାଏଁ ହତ୍ୟାଭଳି ଜଘନ୍ୟ ଅପରାଧ ସଂଘଟିତ ହୋଇଥିବା ଦୃଷ୍ଟିଗୋଚର ହୋଇନାହିଁ । ଅବଶ୍ୟ ଆଗରୁ ଏତେ ପ୍ରକାର ମାମଲା / ଗଣ୍ଡଗୋଳ ସୃଷ୍ଟି ହେଉନଥିଲା । ଭୂମିଜମାନେ ଅନ୍ୟ ପଡୋଶୀ ପ୍ରଜାତି ଗୋଷ୍ଠୀଙ୍କ ସହିତ ଭାଇ ଭଳି ଶାନ୍ତିରେ କାଳାତିପାତ କରୁଥିଲେ । କିନ୍ତୁ ସମୟକ୍ରମେ ପରିସ୍ଥିତି ଜଟିଳ ହୋଇ ପଡୁଥିବାରୁ ଜଟିଳ ମାମଲା ମଧ୍ୟ ସୃଷ୍ଟି ହେଉଛି । ତେଣୁ ମାମଲା ଗୁଡିକ ଅସମାଧିତ ହେଲେ ନିଜ ନିଜର ଗାମୁଛା ପକାଇ ତାହା ବର୍ତ୍ତମାନ ଗ୍ରାମସଭା ମାଧ୍ୟମରେ ପଞ୍ଚାୟତ ଓ ଥାନା କୋର୍ଟ କଚେରୀ ପର୍ଯ୍ୟନ୍ତ ଯାଉଛି ।

**ମାମଲା ନଂ-୧ :** ଏବେ ଏଇ ୧୫ ଦିନ ତଳେ ପାଟଶାଣୀପୁର ଗ୍ରାମରେ ପ୍ରଥମଥର ପାଇଁ ଗୋଟିଏ ହତ୍ୟା ଘଟଣା ସଂଘଟିତ ହୋଇଛି । ଘଟଣାଟି ଜଣା ପଡିବା ମାତ୍ରେ ତୁରନ୍ତ ଗ୍ରାମସଭା ଏବଂ ପଞ୍ଚାୟତର କର୍ମକର୍ତ୍ତାମାନେ ଏକତ୍ରିତ ହୋଇ ମାମଲାଟିକୁ ପୋଲିସ ହାତରେ ସମର୍ପଣ କରିଛନ୍ତି । ହେଲେ ସମଗ୍ର ପାଟଶାଣୀପୁର ଗ୍ରାମରେ ଏ ଯାଏଁ କାହାରକୁ ରାତିରେ ନିଦ ନାହିଁ କି ଦିନରେ ଭୋକ ନାହିଁ । କାମଦାମ ଛାଡି ସଭିଏଁ ସେହି ଜଘନ୍ୟ ଘଟଣା (ବୃଦ୍ଧ ବ୍ୟକ୍ତିଙ୍କ ମତରେ ତାଙ୍କ ଜୀବନକାଳ ମଧ୍ୟରେ ସ୍ୱଗ୍ରାମରେ ଏହା ପ୍ରଥମ ହତ୍ୟା ଘଟଣା) ବିଷୟରେ ଚିନ୍ତିତ ଏବଂ ଆଲୋଚନାରତ । ପୋଲିସ୍‌ର ବାରମ୍ବାର ପଚରାଉଚୁରା ମଧ୍ୟ ସେମାନଙ୍କୁ ଅଧିକ ବ୍ୟସ୍ତ ବିବ୍ରତ କରୁଛି । ସେମାନେ ଭାବୁଛନ୍ତି ଯେ ସମୟ ଆସି କେଉଁଠି ପହଞ୍ଚିଲା ଯେ ନିଜ ଗ୍ରାମରେ ସେମାନେ ହତ୍ୟା ଭଳି ଜଘନ୍ୟ ଘଟଣା ଘଟିବାର ଦେଖିଲେ ।

### ଗ୍ରାମସଭାର ସଦସ୍ୟମାନଙ୍କ ବୈଠକ ପରିଚାଳନା ଓ ନିଷ୍ପତ୍ତି ପ୍ରକ୍ରିୟା:

ଭୂମିଜ ପାରମ୍ପରିକ ଗ୍ରାମସଭା ସାଧାରଣତଃ ଗ୍ରାମ ମଧ୍ୟରେ ଥିବା କୌଣସି ବିଶାଳ ବୃକ୍ଷ ତଳେ ହିଁ ଆୟୋଜିତ ହୁଏ । ସଦସ୍ୟମାନଙ୍କ ପାଇଁ ବସିବାକୁ କୌଣସି ଗୃହ ନଥାଏ କିମ୍ବା ଆସନର ବ୍ୟବସ୍ଥା ହୁଏ ନାହିଁ । ସମସ୍ତେ ଭୂଇଁ ଉପରେ ତଳେ ବସନ୍ତି କିମ୍ବା କିଏ କେମିତି ନିଜ ନିଜର ଗାମୁଛା ପକାଇ ବସିଥାଆନ୍ତି । ସଭାପତି ଓ ଉପସଭାପତି ଗଛ ମୂଳରେ ବସୁଥିବା ବେଳେ ସଦସ୍ୟମାନେ ସେ ଦୁହିଁଙ୍କୁ ସାମ୍ନାକରି ବିପରୀତ ଦିଗରେ ବସନ୍ତି । ଛାଟିଆକୁ ବସିବାର ଆବଶ୍ୟକତା ନଥାଏ ବା ବସିବାକୁ ଇଚ୍ଛାକଲେ ଉଭୟଙ୍କ ମଝି ଅଂଶରେ କେଉଁଠିବି ବସିଯାଏ । ଉପସ୍ଥିତ ସାଧାରଣ ଲୋକ (ପକ୍ଷ - ପ୍ରତିପକ୍ଷ କିମ୍ବା ଅନ୍ୟ କେହି) ସଦସ୍ୟମାନଙ୍କର ପାର୍ଶ୍ୱଦେଶରେ ସେମାନଙ୍କ ଆଡକୁ ମୁହଁକରି ବସନ୍ତି । ସଭାକାର୍ଯ୍ୟ ଆରମ୍ଭ ପୂର୍ବରୁ ପ୍ରଥମେ ସଭାପତି ଛାଟିଆକୁ ବୈଠକ ଆହ୍ୱାନର ଉଦ୍ଦେଶ୍ୟ ପଚାରନ୍ତି । ଛାଟିଆ କେଉଁ ବ୍ୟକ୍ତି, କାହିଁକି ଗ୍ରାମସଭା ଆହୂତ କରାଇବାକୁ ଅନୁରୋଧ କରିଛନ୍ତି ସମସ୍ତ ବିବରଣୀ ପ୍ରଦାନ କରନ୍ତି । ତା'ପରେ ପାରମ୍ପରିକ ପଦ୍ଧତିରେ ଆନୁଷ୍ଠାନିକ ସଭାକାର୍ଯ୍ୟ ଆରମ୍ଭ ହୁଏ । ସଭାପତି ପ୍ରଥମେ ଅଭିଯୋଗ ଆଣିଥିବା ବ୍ୟକ୍ତିଙ୍କୁ ଅଭିଯୋଗର କାରଣ ଓ କାରକ ସମ୍ବନ୍ଧରେ ପ୍ରଶ୍ନ କରନ୍ତି । ସମ୍ପୃକ୍ତ ବ୍ୟକ୍ତିଟି ଛିଡାହୋଇ ସଭାପତି ଉପସଭାପତି ଓ ସଦସ୍ୟମାନଙ୍କ ଆଡକୁ ସାମ୍ନା କରି ସମସ୍ତ ଘଟଣା ବର୍ଣ୍ଣନା କରିବା ସହିତ ଅଭିଯୁକ୍ତ ବା ସନ୍ଦେହ କରୁଥିବା କାରକଙ୍କ ନାମ ପ୍ରକାଶ କରିଥାଆନ୍ତି । ପୁଣି ସଭାପତି ଅଭିଯୁକ୍ତଙ୍କୁ ନିଜର ନିର୍ଦ୍ଦୋଷତା ପ୍ରମାଣ କରିବା ପାଇଁ ସୁଯୋଗ ଦିଅନ୍ତି । ଆବଶ୍ୟକ ସ୍ଥଳେ ସାକ୍ଷୀମାନଙ୍କଠାରୁ ଶୁଣାଣି କରାଯାଏ । ସାକ୍ଷୀ ଯଦି ସେଠାରେ ଉପସ୍ଥିତ ଥାଆନ୍ତି ତ ଭଲ, ନଚେତ୍ ଛାଟିଆ ସେମାନଙ୍କୁ ଡାକି ଆଣନ୍ତି । ସମସ୍ତ ସାକ୍ଷୀ - ଗ୍ରହଣ ପରେ ସଦସ୍ୟ - ସଦସ୍ୟ, ସଦସ୍ୟ - ଉପସଭାପତି (ମାଣ୍‌କୀ), ସଭାପତି (ମୁଣ୍ଡା)- ଉପସଭାପତିଙ୍କ ମଧ୍ୟରେ ଆଲୋଚନା କରାଯାଇଥାଏ । ସମସ୍ତେ ନିଜସ୍ୱ ମତ ଉପସ୍ଥାପନ କରିପାରନ୍ତି । ତାହା ସଭାପତିଙ୍କ ସନ୍ମୁଖରେ ଉପସଭାପତି କିମ୍ବା ସଦସ୍ୟମାନେ ମଧ୍ୟ ସାକ୍ଷୀମାନଙ୍କୁ ଜେରା କରନ୍ତି । ଯା'ହେଉ ସଦସ୍ୟମାନଙ୍କର ମତାମତ ଜାଣି ସାରିବା ପରେ ସଭାପତି ମାଣକୀଙ୍କ ସହିତ ମାମଲା ବିଷୟରେ ଆଲୋଚନା କରିଥାଆନ୍ତି । ସେ ଦୁହିଁଙ୍କର ଆଲୋଚନା ପରେ ସଭାପତି ସ୍ଥିର ଚିତ୍ତ ଓ ନିଜସ୍ୱ ବିଚାର ବୁଦ୍ଧି ବଳରେ ଦୋଷାଦୋଷ ନିର୍ଣ୍ଣୟ ପୂର୍ବକ ନ୍ୟାୟ ଘୋଷଣା କରି ଦୋଷୀକୁ ଉପଯୁକ୍ତ ଦଣ୍ଡ ପ୍ରଦାନ କରନ୍ତି । ସଭାପତିଙ୍କର ନିଷ୍ପତ୍ତିକୁ କେହି ବିରୋଧ କରନ୍ତି ନାହିଁ । କିନ୍ତୁ ଗର୍ହିତ ଅପରାଧ ପାଇଁ ଯଦି ସଭାପତିଙ୍କର ଦଣ୍ଡ

କୋହଳ ହେଉଥିବାର ସଦସ୍ୟ ମାନଙ୍କ ଦ୍ୱାରା ହୃଦବୋଧ ହୁଏ, ତେବେ ସେମାନେ ସମ୍ମିଳିତ ଭାବେ ଦଣ୍ଡ ବ୍ୟବସ୍ଥା ବା ଦଣ୍ଡର ପରିମାଣ / ପରିସୀମାକୁ ବୃଦ୍ଧି କରିବା ପାଇଁ ସଭାପତିଙ୍କୁ ଅନୁରୋଧ କରି ଥାଆନ୍ତି । ସଭାପତି ଉଚିତ ମନେ କଲେ ଦଣ୍ଡ ବ୍ୟବସ୍ଥା ଅଧିକ ହୁଏ । କୌଣସି କ୍ଷେତ୍ରରେ ମଧ୍ୟ ଅପରାଧୀର ଆର୍ଥିକ ଓ ମାନସିକ ଅବସ୍ଥାକୁ ଲକ୍ଷ୍ୟ କରି ସଦସ୍ୟମାନେ ଦଣ୍ଡ ବ୍ୟବସ୍ଥାର କୋହଳ ନୀତି ଗ୍ରହଣ କରିବାକୁ ସଭାପତିଙ୍କୁ ଅନୁରୋଧ କରିପାରନ୍ତି । ଅବଶ୍ୟ ଛୋଟ ମୋଟର ଦୋଷ କ୍ଷେତ୍ରରେ ଏପରି ହୋଇଥାଏ । ସଦସ୍ୟ ମାନଙ୍କଠାରୁ ଯେକୌଣସି ପ୍ରକାର ପ୍ରସ୍ତାବ ଆଗତ ହେଲେ ମଧ୍ୟ ସଭାପତି ମାଣକୀଙ୍କ ସହିତ ପରାମର୍ଶ କରନ୍ତି ଏବଂ ତା'ପରେ ନିଷ୍ପତ୍ତି ଘୋଷଣା କରାଯାଏ । ସଭାପତିଙ୍କର ଦୋଷୀକୁ କ୍ଷମା ଦେବାର ଅଧିକାର ଥାଏ । କୌଣସି ସାଧାରଣ ଅପରାଧ ପାଇଁ ସେ ଦୋଷୀକୁ କେବଳ ସତର୍କ କରାଇଦେବା ସହିତ ପ୍ରଥମ ଥର ପାଇଁ କ୍ଷମା କରିଦିଅନ୍ତି । ତଥାପି କେବେ କେବେ କ୍ଷମା ଦେବାକୁ ସଭ୍ୟମାନେ ବିରୋଧ କଲେ ବା ଅସନ୍ତୋଷ ପ୍ରକାଶ କଲେ ସଭାପତି ସମ୍ପୃକ୍ତ ଅପରାଧୀକୁ ସାମାନ୍ୟ ଧରଣର ଦଣ୍ଡ ଦେବାକୁ ବାଧ୍ୟ ହୁଅନ୍ତି । ଦଣ୍ଡର ପରିମାଣ / ଧରଣକୁ ପ୍ରଭାବିତ କରିବା ପାଇଁ ପ୍ରାୟ ସଭ୍ୟ ସଭାପତିଙ୍କୁ ପ୍ରଭାବିତ କରିବାକୁ ଚେଷ୍ଟା କରନ୍ତି । ସଭାପତି କିନ୍ତୁ ପାତର ଶୂନ୍ୟ ଭାବରେ ନିଜର ବିବେକ ବୁଦ୍ଧି ପ୍ରୟୋଗ କରି ଦୋଷୀକୁ ଉପଯୁକ୍ତ ଶାସ୍ତି ବିଧାନ କରିଥାଆନ୍ତି । ସଦସ୍ୟମାନଙ୍କ ମଧ୍ୟରେ ଅନେକ ସମୟରେ ମତାନ୍ତର ଦେଖା ଯାଉଥିଲେ ହେଁ ସଭାପତି ଓ ଉପସଭାପତି ଅତି ଚତୁରତାର ସହିତ କୌଣସି ପ୍ରକାର ଗଣ୍ଡଗୋଳର ଆଶଙ୍କାକୁ ଏଡାଇ ଦିଅନ୍ତି । ବିଭିନ୍ନ ପ୍ରଜାତି ଗୋଷ୍ଠୀର ଲୋକେ ଗ୍ରାମ ସଭାରେ ସଦସ୍ୟତା କରୁଥିବାରୁ ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟି ହେବାର ସମ୍ଭାବନା ଥାଏ । ତେଣୁ ସମସ୍ତେ ଏଥିପ୍ରତି ସତର୍କ ଥାଆନ୍ତି । ଗୋଷ୍ଠୀ – ଗୋଷ୍ଠୀ ମଧ୍ୟରେ କୌଣସି ଗଣ୍ଡଗୋଳ ପାଇଁ ଗ୍ରାମସଭାରେ ମାମଲା ରୁଜୁ ହୋଇଥିଲେ ଉଭୟ ଗୋଷ୍ଠୀର ସଦସ୍ୟମାନଙ୍କ ଉପରେ ସମାନ ଗୁରୁତ୍ୱ ଆରୋପ କରାଯାଏ । କିନ୍ତୁ ଗୋଟିଏ ଗୋଷ୍ଠୀ ମଧ୍ୟରେ ଯଦି ପୁଅ-ଝିଅଙ୍କ ପ୍ରେମ ବ୍ୟପାର ବା କନ୍ୟା ଅପହରଣ, କନ୍ୟାସୁନା ଫେରସ୍ତ । ପାରମ୍ପରିକ ସାମାଜିକ ବା ଧର୍ମଧାରା ବିଷୟକ କୌଣସି ମାମଲା ଗ୍ରାମସଭାରେ ବିଚାର ପାଇଁ ଆଗତ ହୋଇଥାଏ, ତେବେ ସମ୍ବେଦନଶୀଳ କାରଣ ଯୋଗୁଁ ସେଥିପାଇଁ ସମ୍ପୃକ୍ତ ଗୋଷ୍ଠୀ ହାତରେ ନିଷ୍ପତ୍ତି ନେବାର ଦାୟିତ୍ୱ ଅର୍ପଣ କରାଯାଏ କିମ୍ବା ସେମାନଙ୍କର ପରମ୍ପରାକୁ ଦୃଷ୍ଟି ସମକ୍ଷରେ ରଖି ବିଚାର ଆଲୋଚନା କରାଯିବା ପୂର୍ବକ ନ୍ୟାୟ ଘୋଷଣା କରାଯାଇଥାଏ । ହେଲେ କୌଣସି ପଡୋଶୀ ପ୍ରଜାତି

ଗୋଷ୍ଠୀର ପୁଅ କିମ୍ବା ଝିଅ ଯଦି ଭୂମିଜ ସମ୍ପ୍ରଦାୟର ଝିଅ କିମ୍ବା ପୁଅ ସହିତ ପ୍ରେମ ବ୍ୟାପାରରେ ସଂଶ୍ଳିଷ୍ଟ ହୋଇ ଲୋକଲୋଚନକୁ ଆସନ୍ତି, କିମ୍ବା ଅନ୍ୟ ଗୋଷ୍ଠୀ ପୁଅ ଭୂମିଜ ଜାତିର ଝିଅକୁ ଅପହରଣ କରେ କିମ୍ବା ଭୂମିଜ ପୁଅଟିଏ ପ୍ରଜାତି ଗୋଷ୍ଠୀର ଝିଅକୁ ନେଇ ପଳାୟନ କରେ, ତେବେ ପରିସ୍ଥିତି ଖୁବ୍ ଜଟିଳ ହୋଇଯାଏ । ଗ୍ରାମସଭାରେ ସେଥିପାଇଁ ଉତ୍ତେଜନା ସୃଷ୍ଟି ହୁଏ । ଯେହେତୁ ଭୂମିଜ ଗ୍ରାମ, ଭୂମିଜ ଗ୍ରାମସଭା, ଭୂମିଜ କର୍ମକର୍ତ୍ତା ଓ ଅର୍ଦ୍ଧାଧିକ ବା ମାତ୍ରାଧିକ ଭୂମିଜ ଜାତିର ଲୋକ ଗ୍ରାମସଭାରେ ସାଧାରଣ ସଦସ୍ୟ, ସେହି ହେତୁ ଭୂମିଜମାନେ ପ୍ରାଧାନ୍ୟ ବିସ୍ତାର କରି ସମ୍ପୃକ୍ତ ଗୋଷ୍ଠୀ ବିରୁଦ୍ଧରେ ବିଷଦୋଗାର କରିଥାଆନ୍ତି । ତତ୍ ସହିତ ଗ୍ରାମସଭାରେ ବିଚାର ଆଲୋଚନା ହୋଇ ସମ୍ପୃକ୍ତ ଗୋଷ୍ଠୀର ପରିବାରକୁ ଗ୍ରାମରୁ ବହିଷ୍କାର କରାଯାଇଥାଏ । ଏଥିରେ କୌଣସି ପ୍ରକାର ବା କୌଣସି ପରିସ୍ଥିତିରେ କୋହଳ ମନୋବୃତ୍ତି ଅନୁସୃତ ହୁଏ ନାହିଁ । ଭୂମିଜ ପୁଅଟିଏ ପ୍ରଜାତି ଗୋଷ୍ଠୀର ଝିଅକୁ ନେଇ ପଳାୟନ କରିବା କ୍ଷେତ୍ରରେ କିନ୍ତୁ ଭୂମିଜ ପରିବାର ବହିଷ୍କୃତ ହୁଏ ନାହିଁ, ପରନ୍ତୁ ସମ୍ପୃକ୍ତ ପରିବାରଟି ନିଜର ପୁତ୍ରକୁ ତ୍ୟାଜ୍ୟପୁତ୍ର କରିଥାଏ । ସେ ଆଉ ଗ୍ରାମକୁ କିମ୍ବା ଘରକୁ ଆସିପାରେ ନାହିଁ । ପରିବାର ପକ୍ଷରୁ ତା' ସହିତ ସମସ୍ତ ସମ୍ପର୍କ ଛିନ୍ନ କରାଯାଇଥାଏ । ଏପରି ନକଲେ ଭୂମିଜ ପରିବାରଟି ପ୍ରତି ମଧ୍ୟ ସାମାଜିକ ବାସନ୍ଦ ବ୍ୟବସ୍ଥା ଲାଗୁ କରାଯାଏ । ଭୂମିଜ ଗ୍ରାମସଭାର ଏହିପରି କଠୋର ନୀତି ଯୋଗୁଁ ପ୍ରାୟ ସମସ୍ତ ଗୋଷ୍ଠୀର ଲୋକେ ପ୍ରେମ ସମ୍ପର୍କିତ ବ୍ୟାପାରରେ ସତର୍କ ରହି ଥାଆନ୍ତି । କାରଣ ଏଥିପାଇଁ ସାମ୍ପ୍ରଦାୟିକ ସଦ୍‌ଭାବ ପ୍ରତିହିତ ହେବା ସଂଗେ ସଂଗେ ଗ୍ରାମ୍ୟଶାନ୍ତି ବ୍ୟାହତ ହୁଏ ।

**ବିଭିନ୍ନ ପ୍ରକାର ଶପଥ ଓ ପରୀକ୍ଷା :**

ସାଧାରଣତଃ ଆଦିବାସୀ ସମ୍ପ୍ରଦାୟର ଲୋକମାନେ ଭାରି ଧର୍ମବିଶ୍ୱାସୀ ଓ ଧର୍ମଭୀରୁ । ଧର୍ମ-ଅସ୍ତ୍ର ପ୍ରୟୋଗ କରି ସେମାନଙ୍କଠାରୁ ସମସ୍ତ ପ୍ରକାର କାର୍ଯ୍ୟ ହାସଲ କରାଯାଇପାରେ । ଧର୍ମର ଦୁହାଇ ଦେଲେ ସେମାନେ ସତ୍ୟ ପ୍ରକାଶ କରନ୍ତି ଏବଂ କୌଣସି ପ୍ରକାର ଦୋଷ / ପାପ ନକରିବାକୁ ପ୍ରତିଜ୍ଞାବଦ୍ଧ ହୋଇଥାଆନ୍ତି । ସେଥିପାଇଁ ପାରମ୍ପରିକ ଗ୍ରାମସଭାରେ ଅନେକ ସମୟରେ ଅପରାଧୀକୁ ଦେବଦେବୀଙ୍କ ନାମରେ ପାଣି, ତମ୍ବା ପଇସା ଓ ତୁଳସୀ ପତ୍ର ଛୁଆଇଁ ଅନୁରୂପ ଦୋଷ ନ କରିବା ପାଇଁ ଶପଥ କରାଯାଇ ଥାଏ । ଦେବଦେବୀଙ୍କ ନାମରେ ଶପଥ କରିବା ଦ୍ୱାରା ସେମାନେ ପୁଣି ସେପରି ଭୁଲ କରିବାକୁ ସାହସ କରନ୍ତି ନାହିଁ । କାରଣ ସେମାନଙ୍କର ଧାରଣା ଯେ ପ୍ରତିଜ୍ଞା ଭଙ୍ଗ କଲେ

ଦେବଦେବୀ ଅସନ୍ତୁଷ୍ଟ ହୋଇ ମଣିଷର ପ୍ରଚଣ୍ଡ କ୍ଷତି ସାଧନ କରନ୍ତି । ସେମାନଙ୍କୁ ଶାନ୍ତିରେ ରହିବାକୁ ଦିଅନ୍ତି ନାହିଁ । ବିପତ୍ତି ପରେ ବିପତ୍ତି ମାଡି ଆସେ । ରୋଗବ୍ୟାଧିରେ ଛଟପଟ ହେବାକୁ ପଡେ । ଗୃହ - ପରିବାର ସବୁ କିଛି ଧ୍ୱଂସ ପାଇଯାଏ । ବ୍ୟକ୍ତି ନିସ୍ୱଃ - କାଙ୍ଗାଳ ହୋଇ ରାସ୍ତାର ଭିକାରୀ ସାଜେ । ତେଣୁ କୌଣସି ପ୍ରକାର କଠୋର ପରୀକ୍ଷାର ସମ୍ମୁଖୀନ ହୋଇ ସେମାନେ ଶପଥ ଭଙ୍ଗ ପୂର୍ବକ ବିପର୍ଯ୍ୟସ୍ତ ହେବାକୁ ଚାହାଁନ୍ତି ନାହିଁ ।     ଏତଦ୍‌ବ୍ୟତୀତ ଠାକୁରାଣୀ ଥାନ ବା ଜାହିରାରେ ଦୋଷୀକୁ ମଧ୍ୟ ଦେହୁରୀଙ୍କ ଦ୍ୱାରା ଶପଥ ପାଠ କରାଯାଇଥାଏ । ଜାହିରା ଆଦିବାସୀ ମାନଙ୍କର ଦେବୀପୀଠ ବା ବେଦୀ ସ୍ଥଳୀ । ଏଠାରେ ଥରେ ଅପରାଧ ନକରିବା ପାଇଁ ଶପଥ କରିଦେଲେ ସମ୍ପୃକ୍ତ ଅପରାଧୀଟି ପୁନର୍ବାର ସେପରି ଦୋଷ କରିବାର ଦେଖାଯାଏ ନାହିଁ । ସମଗ୍ର ଆଦିବାସୀ ସଂପ୍ରଦାୟ ପାଇଁ ଏପରି ପ୍ରତିଜ୍ଞା ବା ଶପଥ କଠୋର ପରୀକ୍ଷା ତୁଲ୍ୟ ବିବେଚିତ ହୁଏ । ଏଥିରେ ସବୁବେଳେ ସେମାନେ ଉତ୍ତୀର୍ଣ୍ଣ ରହିବାକୁ ଚେଷ୍ଟା କରିଥାଆନ୍ତି । ତେଣୁ ଭୂମିଜମାନଙ୍କର ପାରଂପରିକ ସଭାଗୃହ ଏପରି ଅମୋଘ କାର୍ଯ୍ୟଧାରା ଅନୁସରଣ କରିଥାଏ । ଏହାବାଦ୍ ଦୋଷୀ ଯଦି ନିଜର ଦୋଷ ସ୍ୱୀକାର କରିବାକୁ କୁଣ୍ଠିତ ହୁଏ କିମ୍ବା ଦୋଷ କରି ମଧ୍ୟ ଅସ୍ୱୀକାର କରେ, ତେବେ ଅନୁରୂପ ପ୍ରତିଜ୍ଞା ବା ଶପଥ ବ୍ୟବସ୍ଥା ଗ୍ରହଣ କରାଯାଇଥାଏ । ତଦ୍ୱାରା ଅପରାଧୀ ବିନା ଧମକ ଚମକରେ ଦେବଦେବୀ / ଠାକୁର ଠାକୁରାଣୀଙ୍କ ଭୟରେ ନିଜର ଦୋଷ ଅନାୟାସରେ ସ୍ୱୀକାର କରିଯାଏ ।

ଆଦିବାସୀ ସଂପ୍ରଦାୟରେ ପ୍ରଚଣ୍ଡ ଧର୍ମ ବିଶ୍ୱାସ ଯୋଗୁଁ ହିଁ ଅପରାଧ ପାଇଁ ପ୍ରତିଜ୍ଞା ପଦ୍ଧତି କାର୍ଯ୍ୟକାରୀ ହୋଇପାରେ, ତେବେ ଛୋଟ ଧରଣର ଅପରାଧରେ ଏହା ଅନୁସୃତ ହୁଏ ।

**ବିଭିନ୍ନ ଦଣ୍ଡବିଧାନ :**

ଭୂମିଜ ଗ୍ରାମସଭା ଦୋଷୀ ବା କୌଣସି ପ୍ରକାର ଅପରାଧ ପାଇଁ ଶାରିରୀକ ଦଣ୍ଡ ପ୍ରଦାନ କରେ ନାହିଁ କିମ୍ବା ସେମାନଙ୍କର ଶାରୀରିକ ଦଣ୍ଡ ବ୍ୟବସ୍ଥା ପ୍ରଚଳନ ନାହିଁ ।

**ଆର୍ଥିକ ଦଣ୍ଡ :**

ଅପରାଧର କାରଣ, ପରିମାଣ ଏବଂ ଅପରାଧ ଦ୍ୱାରା ଅନ୍ୟର କିପରି ତଥା କେତେ ପରିମାଣରେ କ୍ଷତି ହୋଇଥାଏ, ପ୍ରତ୍ୟେକ ଦିଗକୁ ତର୍ଜମା କରି ଗ୍ରାମ ସଭାରେ ଆର୍ଥିକ ଦଣ୍ଡ ବ୍ୟବସ୍ଥା ଗ୍ରହଣ କରାଯାଏ । ସାଧାରଣ ଅପରାଧ ପାଇଁ ସାଧାରଣତଃ ଆର୍ଥିକ

ଦଣ୍ଡ ପ୍ରଦତ୍ତ ହୁଏ ଏବଂ ପ୍ରାୟ ଅପରାଧ ଏହି ପର୍ଯ୍ୟାୟଭୁକ୍ତ ହୋଇଥିବା ଦେଖାଯାଏ । ଛୋଟମୋଟର ଚୋରୀ, ମାଡ଼-ପିଟ, ଗାଳିଗୁଲଜ ପାଇଁ ପ୍ରାୟତଃ ଟ ୫୦ରୁ ଟ୧୦୦ ମଧ୍ୟରେ ଆର୍ଥିକ ଦଣ୍ଡ ହୁଏ ଏବଂ ତା ସହିତ ଗ୍ରାମସଭାର ସଦସ୍ୟମାନଙ୍କୁ ଏକ ଛୋଟ ଧରଣର ଭୋଜି ଦେବାକୁ ପଡ଼େ । ଗୋଷ୍ଠୀ ଭିତରେ କୌଣସି ପୁଅ କୌଣସି ଝିଅକୁ ଜବରଦସ୍ତ ବିବାହ କଲେ ପୁଅଘର ପକ୍ଷରୁ ଟ ୧୦୦/- ଓ ଭୋଜି ଗ୍ରାମସଭାକୁ ଦେବାପାଇଁ ହୁଏ । ସେଥିସହ କନ୍ୟାଘରର ସମ୍ମାନ ହାନୀ ହୋଇଥିବା ଯୋଗୁଁ କନ୍ୟାର ପିତାମାତା ଇଚ୍ଛା ଅନୁଯାୟୀ କନ୍ୟାସୁନା ବାବଦରେ ଅର୍ଥ ଓ ଗୋସଂପଦ ଆଦାୟ କରନ୍ତି । ପ୍ରେମ ବିବାହ ଅନୁଷ୍ଠିତ ହେଲେ ବରପକ୍ଷରୁ ଟ ୧୦୦/- ଏବଂ କନ୍ୟା ପକ୍ଷରୁ ଟ ୫୦/- ଗ୍ରାମ ସଭାକୁ ଦେବାପାଇଁ ପଡ଼େ । ପୁଣି ଗ୍ରାମ ସଭାର ସଦସ୍ୟମାନଙ୍କ ପାଇଁ ଭୋଜି ବ୍ୟବସ୍ଥା କରାଯାଇଥାଏ । ଗୋଷ୍ଠୀ ମଧ୍ୟରେ ଯଦି କୌଣସି ଧର୍ଷଣ ମାମଲା ଗ୍ରାମ ସଭାରେ ବିଚାର କରାଯାଏ, ତେବେ ସେଥିରେ ମାନହାନୀ ବାବଦରେ ଟ.୫୦୦/-ରୁ ଉର୍ଦ୍ଧ ଅର୍ଥଦଣ୍ଡ ପ୍ରଦାନ କରାଯିବା ସହିତ ଝିଅଟିକୁ ସଂପୃକ୍ତ ଯୁବକ ବିବାହ କରିବାକୁ ବାଧ୍ୟ ହୁଏ ଓ ତତ୍‌ସଂଗେ ସଂଗେ କନ୍ୟାପକ୍ଷକୁ ଦାବୀ ମୁତାବକ କନ୍ୟାସୁନା ଦେବାକୁ ହୋଇଥାଏ । ଯଦି କନ୍ୟାପକ୍ଷ ବିବାହ ପ୍ରସ୍ତାବରେ ରାଜି ନହୁଅନ୍ତି, ତେବେ ସେମାନଙ୍କ ଚାହିଦା ଅନୁସାରେ ଅର୍ଥଦଣ୍ଡର ବ୍ୟବସ୍ଥା ହୁଏ ଓ ଗ୍ରାମବାସୀଙ୍କୁ ଭୋଜି ଦେବାକୁ ପଡ଼େ । ସେହିପରି ଗ୍ରାମ ସଭାର ନିଷ୍ପତ୍ତିକୁ ଅବମାନନା କଲେ ଟ ୫୦୦/- ପର୍ଯ୍ୟନ୍ତ ଅର୍ଥଦଣ୍ଡ ଭୋଗିବାକୁ ହୋଇଥାଏ । ଏତଦ୍‌ଭିନ୍ନ କେତେକ କ୍ଷେତ୍ରରେ ସିଧାସଳଖ ଅର୍ଥଦଣ୍ଡ ପ୍ରଦାନ କରା ନଯାଇ ପରୋକ୍ଷରେ କେବଳ ଭୋଜି ଆଦାୟ କରାଯାଏ । ପାରିବାରିକ ଗଣ୍ଡଗୋଳ, ଭାଇ-ଭାଇ ମଧ୍ୟରେ ସଂପତ୍ତି ଭାଗବଣ୍ଟା, ପଡ଼ୋଶୀମାନଙ୍କ ମଧ୍ୟରେ ବାଡ଼ ବା ସୀମା ବିବାଦ ପ୍ରଭୃତି ମାମଲାଗୁଡ଼ିକରେ ସମସ୍ୟାର ସମାଧାନ କରାଯାଇ ଉଭୟ ପକ୍ଷରୁ କେବଳ ମାଂସ-ଭାତ-ପାନୀୟ ଭୋଜି ଆଦାୟ ହୁଏ । ଅବଶ୍ୟ ଗ୍ରାମସଭା ଦ୍ୱାରା ଦିଆଯାଉଥିବା ଭୋଜି ଦଣ୍ଡ ବା ପରୋକ୍ଷ ଅର୍ଥଦଣ୍ଡ ସହିତ ହାଣ୍ଡିଆ ସବୁବେଳେ ଜଡ଼ିତ ହୋଇଥାଏ । ଭୋଜିର ଅର୍ଥ ମାଂସ-ଭାତ ଓ ହାଣ୍ଡିଆ ।

### ନୈତିକ/ସାମାଜିକ ଦଣ୍ଡ :

ଭୂମିଜ ପାରଂପରିକ ଗ୍ରାମସଭା ମୁଖ୍ୟତଃ ଦୁଇପ୍ରକାର ଦଣ୍ଡରେ ଦୋଷୀମାନଙ୍କୁ ଦଣ୍ଡିତ କରିଥାଏ । ଗୋଟିଏ ହେଉଛି ଆର୍ଥିକ ଦଣ୍ଡ ଏବଂ ଅନ୍ୟଟି ନୈତିକ ବା ସାମାଜିକ

ଦଣ୍ଡ । ଯାହାକି ଅପରାଧୀର ନୈତିକ ମାନଦଣ୍ଡକୁ ଦୋହଲାଇ ଦେଇ ଥାଏ । ସମାଜ ଦୃଷ୍ଟିରେ ସେ ଅଭ୍ୟାସଗତ ଅପରାଧୀ ବା ଅସାମାଜିକ ପତିତ ଭାବରେ ବିବେଚିତ ହୁଏ । ସାଧାରଣତଃ ଗ୍ରାମସଭାର ନିଷ୍ପତ୍ତିକୁ ସମସ୍ତେ ଗ୍ରହଣ କରିବା ପାଇଁ ବାଧ ହୋଇଥାଆନ୍ତି । ଏଥିରେ କେହି ଖିଲାପ କଲେ ପ୍ରଥମେ ଟ.୫୦୦/- ପର୍ଯ୍ୟନ୍ତ ଅର୍ଥଦଣ୍ଡ ଦିଆଯାଏ । କିନ୍ତୁ ତାହା ମଧ ଗ୍ରହଣ ନକଲେ ସଂପୃକ୍ତ ବ୍ୟକ୍ତିଟିକୁ ସାମୟିକ କାଳ ପାଇଁ ବାସନ୍ଦ କରାଯାଏ ଏବଂ ଏହି ସମୟ ମଧରେ ସେ ଯଦି ନୈତିକ ବଳଶୂନ୍ୟ ହୋଇ ହାଣ୍ଡିଆ ଓ କୁକୁଡ଼ା ଗ୍ରାମ ସଭାକୁ ପ୍ରଦାନ କରେ, ତେବେ ତା ଉପରୁ ବାସନ୍ଦ ବ୍ୟବସ୍ଥା ପ୍ରତ୍ୟାହାର କରିନିଆଯାଏ । ହେଲେ ସେ ଯଦି ତାହା ମଧ ନଦିଏ, ତେବେ ବାସନ୍ଦ ଦଣ୍ଡର ସମୟସୀମା ବଢ଼ି ଚାଲିଥାଏ । ଏତଦ୍‌ଭିନ୍ନ କେତେକ କ୍ଷେତ୍ରରେ ଗ୍ରାମ ସଭା କଠୋର ସାମାଜିକ ବାସନ୍ଦ ଦଣ୍ଡରେ ଅପରାଧୀକୁ ଦଣ୍ଡିତ କରୁଥିବାର ଦେଖାଯାଏ । ନିଜର ବଂଶ ମଧରେ କୌଣସି ପୁଅ-ଝିଅ ପ୍ରେମ ବିବାହ କଲେ କିମ୍ବା ଗାଁ-ସାହି-ପଡ଼ିଶାରେ ନିକଟ ସଂପର୍କୀୟା ଝିଅ / ସ୍ତ୍ରୀଙ୍କ (ମାଉସୀ, ପିଉସୀ, ମାଇଁ, ଭଉଣୀ, ଭାଣିଜୀ ଇତ୍ୟାଦି) ସହିତ ଅବୈଧ ପ୍ରେମ ସଂପର୍କ ରଖିଲେ - ସେ ସବୁ ଘଟଣା ଗ୍ରାମ ସଭାରେ ବିଚାର କରାଯାଇ ଦୋଷୀକୁ କଠୋରତାର ସହ ସାମାଜିକ ବାସନ୍ଦ କରାଯାଏ । କାରଣ ଏ ପ୍ରକାର ସଂପର୍କ ଭୂମିଜ ସଂପ୍ରଦାୟର ପରଂପରା ବିରୋଧୀ । ଭୂମିଜ ସମାଜ ଏପରି ଅବୈଧ ସମ୍ବନ୍ଧକୁ ଘୃଣା ଚକ୍ଷୁରେ ଦେଖେ । କୌଣସି ପରିସ୍ଥିତିରେ ମଧ ଏହା ସାମାଜିକ ସ୍ୱୀକୃତି ଲାଭ କରିପାରେ ନାହିଁ । ଏହି ପରିବାରଗୁଡ଼ିକ ସବୁଦିନ ପାଇଁ ସମାଜରୁ ବାସନ୍ଦ ହୋଇଯାଆନ୍ତି । ଭୂମିଜ ଜାତିର ପୁଅ ଯଦି ଅନ୍ୟ ପ୍ରଜାତି ଗୋଷ୍ଠୀର ଝିଅକୁ ପ୍ରେମ ବିବାହ କରେ ବା ଝିଅକୁ ଘେନି ପଳାୟନ କରେ, ତେବେ ସଂପୃକ୍ତ ପରିବାର ପ୍ରତି ସାମାଜିକ ବାସନ୍ଦ ବ୍ୟବସ୍ଥା ଲାଗୁ କରାଯାଇଥାଏ । କିନ୍ତୁ ସେହି ପରିବାରଟି ଯଦି ନିଜର ପୁତ୍ରକୁ ସବୁଦିନ ପାଇଁ ତେଜ୍ୟ କରି, ତା ସହିତ ସମସ୍ତ ସଂମ୍ପର୍କ ଛିନ୍ନ କରନ୍ତି, ତେବେ ପରିବାରଟି ପ୍ରତି କୋହଳ ମନୋଭାବ ପୋଷଣ କରାଯାଏ । ତେବେ ପୁଅଟି ଆଉ ନିଜ ଘରକୁ କିମ୍ବା ଗ୍ରାମକୁ ଆସିପାରେ ନାହିଁ । ସେହିପରି ଭୂମିଜ ଝିଅ ସହିତ ଅନ୍ୟ କୌଣସି ପ୍ରଜାତି ଗୋଷ୍ଠୀର ପୁଅ ପ୍ରେମ ସଂମ୍ପର୍କ ରଖିଲେ କିମ୍ବା ଜବରଦସ୍ତ ବିବାହ କଲେ ଭୂମିଜ ଗ୍ରାମସଭା ଅତି ନିର୍ମମ ଭାବରେ ପ୍ରଜାତି ଗୋଷ୍ଠୀର ପରିବାର ପ୍ରତି ବହିଷ୍କାର ଦଣ୍ଡ ଲାଗୁ କରିଥାଏ । ଫଳତଃ ସଂପୃକ୍ତ ପରିବାରଟିକୁ ତୁରନ୍ତ ଗ୍ରାମ ପରିତ୍ୟାଗ କରି ଅନ୍ୟତ୍ର ପଳାଇ ଯିବାକୁ ପଡ଼େ । ଏଥିରେ ଅବଶ୍ୟ ସାଂପ୍ରଦାୟିକ ସଦ୍‌ଭାବନା ବାଧାପ୍ରାପ୍ତ ହୋଇଥାଏ । ସେଥିପାଇଁ

ପ୍ରେମ ସଂମ୍ପର୍କିତ ବ୍ୟାପାରରେ ସମସ୍ତ ଗୋଷ୍ଠିର ଲୋକେ ବେଶ୍ ସତର୍କତାର ସହ ଚଳିଥାଆନ୍ତି । ପୁନଶ୍ଚ ଗୁରୁତର ଅପରାଧ ପାଇଁ ଗ୍ରାମସଭା ନେଇଥିବା ନିଷ୍ପତିକୁ ଯଦି କେହି ଅବମାନନା କରେ, ସେକ୍ଷେତ୍ରରେ ମଧ୍ୟ ସାମାଜିକ ବାସନ୍ଦ ଦଣ୍ଡ ପ୍ରଦାନ କରାଯାଇଥାଏ । ସେ ପ୍ରଥା-ପରମ୍ପରା-ସମାଜ ବିରୋଧୀ ରୂପେ ପରିଗଣିତ ହୋଇଥାଏ । ସେହିପରି ସାନ୍ତାଳ ଗୋଷ୍ଠିର କୌଣସି ବ୍ୟକ୍ତିଙ୍କ ଘରେ ଯଦି କେହି ଭୂମିଜ ଲୋକ ଖାଦ୍ୟ-ପାନୀୟ ଗ୍ରହଣ କରିଥିବାର ଜଣାପଡ଼େ, ତେବେ ସଂପୃକ୍ତ ବ୍ୟକ୍ତିଟିକୁ ସମାଜରୁ ବହିଷ୍କାର କରାଯାଏ ଅର୍ଥାତ୍ ତାପାଇଁ ମଧ୍ୟ ସାମାଜିକ ବାସନ୍ଦ ବ୍ୟବସ୍ଥା ଅନୁସୃତ ହୁଏ । କାରଣ ଭୂମିଜମାନେ ମାଝି ବା ସାନ୍ତାଳ ଘରେ ଖାଇବା ପରମ୍ପରା ବିରୋଧୀ କାର୍ଯ୍ୟ । ଘୁଷୁରି ମାଂସ ଖାଇବା ମଧ୍ୟ ପ୍ରଥା ବିରୋଧି ହୋଇଥିବାରୁ ସାମାଜିକ ବାସନ୍ଦ ଦଣ୍ଡ ପ୍ରଦାନ କରାଯାଇଥାଏ ।

ଏସବୁ କାରଣରୁ ସାମାଜିକ ବାସନ୍ଦ ଦଣ୍ଡ ପ୍ରଦର ହେବା ଯୋଗୁଁ ବ୍ୟକ୍ତି ବା ପରିବାର ନୈତିକ ଦୃଷ୍ଟିରୁ ଦୁର୍ବଳ ହୋଇପଡ଼େ ଯାହାକୁ ଅନ୍ୟଅର୍ଥରେ ନୈତିକ ଦଣ୍ଡ ମଧ୍ୟ କୁହାଯାଇପାରେ । ଭୂମିଜ ସମାଜରେ ନୈତିକ ବା ସାମାଜିକ ବାସନ୍ଦ ଦଣ୍ଡ ଅପେକ୍ଷାକୃତ ଅଧିକ ଯନ୍ତ୍ରଣା ଦାୟକ ଓ କଷ୍ଟସାଧ୍ୟ ମଧ୍ୟ ।

## ପାରମ୍ପରିକ ଗ୍ରାମସଭାର ଅତୀତ ଓ ବର୍ତ୍ତମାନ :

ଭୂମିଜ ବସତିରେ ପାରମ୍ପରିକ ଗ୍ରାମସଭାର ଗଠନ ଶୈଳୀ ପୂର୍ବବତ୍ ରହିଥିବା ଜଣାଯାଏ । ଅତୀତରେ ଯେଉଁପରି ଗ୍ରାମସଭା ଗଠିତ ହେଉଥିଲା । ଜଣେ ସଭାପତି (ମୁଣ୍ଡା), ଜଣେ ଉପସଭାପତି(ମାତକୀ), ଜଣେ ଛାଟିଆ ଏବଂ ଗ୍ରାମର ପ୍ରତ୍ୟେକ ପରିବାରର ମୁଖ୍ୟଙ୍କୁ ସାଧାରଣ ସଦସ୍ୟ ଭାବରେ ନେଇ, ବର୍ତ୍ତମାନ ମଧ୍ୟ ସେହିପରି ତିନିଜଣ ରହୁଛନ୍ତି ନିର୍ବାଚିତ ସଦସ୍ୟ (ମୁଣ୍ଡା, ମାଣ୍କୀ, ଛାଟିଆ) ଏବଂ ଗ୍ରାମର ସମସ୍ତ ପରିବାରର ମୁଖ୍ୟ ସାଧରଣ ସଦସ୍ୟ । ଏଥିରେ କୌଣସି ପରିବର୍ତ୍ତନ ହୋଇନାହିଁ । ତତ୍ ସହିତ ନିର୍ବାଚିତ ପ୍ରତିନିଧିମାନଙ୍କର ନିର୍ବାଚନ ପ୍ରଣାଳୀ ମଧ୍ୟ ଅନୁରୂପ ରହିଛି । ଅତୀତ ପରି ତିନିଜଣଯାକ ଗ୍ରାମବାସୀଙ୍କ ଦ୍ୱାରା ନିର୍ବାଚିତ ହେଉଛନ୍ତି ଏବଂ ପରିବାରର ମୁଖ୍ୟମାନେ ସ୍ୱତଃ ଗ୍ରାମସଭାରେ ସାଧରଣ ସଦସ୍ୟଭୁକ୍ତ ହେବାର ଯୋଗ୍ୟତା ଆପଣାଛାଏଁ ପ୍ରାପ୍ତ ହୋଇପାରୁଛନ୍ତି । ଏଥିରେ ମଧ୍ୟ କୌଣସି ପରିବର୍ତ୍ତନ ଲକ୍ଷ୍ୟ କରାଯାଇନାହିଁ ।

ଗ୍ରାମସଭାର ବୈଠକ ସେହିପରି କୌଣସି ବିଶାଳକାୟ ଦ୍ରୁମ ତଳେ ହିଁ ଅନୁଷ୍ଠିତ ହେଉଛି । ଏଥିପାଇଁ ଏବେ ସୁଦ୍ଧା କୌଣସି ସଭାଗୃହର ବ୍ୟବସ୍ଥା କରାଯାଇ ନାହିଁ । ସମସ୍ତେ ଭୂମି ଉପରେ ତଳେ ବସୁଛନ୍ତି କିମ୍ବା ନିଜ ନିଜର ଗାମୁଛା ପକାଇ ବସୁଥିବାର ଦେଖାଯାଉଛି । ସଭାପତି କିମ୍ବା ଉପସଭାପତିଙ୍କ ପାଇଁ କୌଣସି ପ୍ରକାର ଆସନ ବ୍ୟବସ୍ଥା ଗ୍ରହଣ କରିନାହାନ୍ତି । ବସିବାର ଶୈଳୀ ମଧ୍ୟ ସେହିପରି ସଭାପତି ଓ ଉପସଭାପତିଙ୍କୁ ସାମ୍ନାକରି ସାଧାରଣ ସଭ୍ୟମାନେ ବିପରିତ ଦିଗରେ ବସି ସଭାକାର୍ଯ୍ୟରେ ଅଂଶଗ୍ରହଣ କରୁଛନ୍ତି । ଗ୍ରାମସଭାର ପରିଚାଳନା ପଦ୍ଧତି ମଧ୍ୟ ଅତୀତର ଅନୁରୂପ । ଛାଟିଆଙ୍କ ଦ୍ୱାରା ଗ୍ରାମସଭାର ବୈଠକ ଆହୂତ ହେଉଛି । ଛାଟିଆ ସମସ୍ତଙ୍କୁ ଗ୍ରାମସଭାର ଦିବସ ଓ ସମୟ ବିଷୟରେ ଅବଗତ କରାଉଛି । ସଭାପତିଙ୍କ ପ୍ରଶ୍ନରେ ଛାଟିଆ ପ୍ରଥମେ ବୈଠକର ଆଭିମୁଖ୍ୟ ସମ୍ବନ୍ଧରେ ଗୃହକୁ ଜଣାଉଛି । ତା'ପରେ ମାମଲାର ପକ୍ଷ-ପ୍ରତି-ପକ୍ଷଙ୍କ ଠାରୁ ସମସ୍ତ ବିବରଣୀ ଶୁଣିସାରିବା ପରେ ସାକ୍ଷୀଙ୍କ ଠାରୁ ସାକ୍ଷ୍ୟ ଗ୍ରହଣ କରାଯାଉଛି । ଆଲୋଚନା - ବିଚାର - ବିମର୍ଷ କରି ସମସ୍ତ ସଦସ୍ୟ ସଭାପତିଙ୍କୁ ନିଜସ୍ୱ ମତାମତ ଜଣାଇବା ସହିତ ବିଚାର ଧାରାକୁ ପ୍ରଭାବିତ କରିବା ପାଇଁ ଚେଷ୍ଟା କରୁଛନ୍ତି । ସଭାପତି ଶେଷରେ ଉପସଭାପତିଙ୍କ ସହିତ ଆଲୋଚନା ପୂର୍ବକ ନିଜର ବିଚାର ବୁଦ୍ଧି ଦ୍ୱାରା ନିଷ୍ପତ୍ତି ବା ନ୍ୟାୟ ଘୋଷଣା କରୁଛନ୍ତି । ଅପରାଧୀର ଅପରାଧ ଅନୁସାରେ ସଭାପତି ଦଣ୍ଡ କିମ୍ବା କ୍ଷମା ପ୍ରଦାନ କରି ପାରୁଛନ୍ତି । ଗ୍ରାମସଭା ବାହାରେ ମଧ୍ୟ ସେହିପରି ସଭାପତି, ଉପସଭାପତି ଓ ସାଧାରଣ ସଦସ୍ୟମାନେ ଗ୍ରାମର ସର୍ବାଙ୍ଗୀନ ଉନ୍ନତି ପାଇଁ ସାମୂହିକ କାର୍ଯ୍ୟମାନ ସହଯୋଗ ଭିତ୍ତିରେ କରାଉଥିବା ବେଳେ ବ୍ୟକ୍ତିଗତ ସ୍ତରରେ ଗ୍ରାମସଭାର କର୍ମକର୍ତ୍ତା ଭାବରେ ସମସ୍ତଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ସାହାର୍ଯ୍ୟ - ସହାୟତା ପ୍ରଦାନ କରୁଛନ୍ତି । ଛାଟିଆ ମଧ୍ୟ ସେହିପରି ସଭିଙ୍କର ନିର୍ଦ୍ଦେଶ ପାଳନ କରି ଚାଲିଛି । ପାରମ୍ପରିକ ଗ୍ରାମସଭାର ଅତୀତ ଓ ବର୍ତ୍ତମାନ ମଧ୍ୟରେ କୌଣସି କ୍ଷେତ୍ରରେ କିଛି ହେଲେ ପରିବର୍ତ୍ତନ ଘଟିନାହିଁ । ଗଠନ ଓ କାର୍ଯ୍ୟକଳାପ ସବୁ ସମାନ ରହିଛି ।

କିନ୍ତୁ ସମୟ ଓ ସଭ୍ୟତାର ବହୁଳ ପରିବର୍ତ୍ତନ ହୋଇଥିବା ଯୋଗୁଁ ଭୂମିଜ ତଥା ତାଙ୍କର ପଡୋଶୀ ପ୍ରଜାତି ଗୋଷ୍ଠୀ ପାରମ୍ପରିକ ସାମାଜିକ, ଆର୍ଥିକ, ଧାର୍ମିକ ଓ ମନସ୍ତାତ୍ତ୍ୱିକ ବା ମାନସିକ ସ୍ତରରେ ଖୁବ୍ ବେଶୀ ପରିବର୍ତ୍ତିତ ହୋଇଥିବା ଜଣାଯାଏ । ବର୍ତ୍ତମାନର ସମସ୍ତ ପ୍ରକାର ସୁବିଧା ସୁଯୋଗ ହାସଲ କରିବା ପାଇଁ ସେମାନେ ଖୁବ୍ ବ୍ୟସ୍ତ । ପାରମ୍ପରିକ

ବାସଗୃହ ବର୍ତ୍ତମାନ ପରିପ୍ରେକ୍ଷୀରେ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାତ ହେବା – ଏହା ଜ୍ୱଳନ୍ତ ଉଦାହରଣ । ତେଣୁ ଏପରି ଉନ୍ନତମୁଖୀ ଭୂମିଜ ସମାଜଠାରୁ ପୂର୍ଣ୍ଣତଃ ଅତୀତ ଆଶା କରିବା ନିରର୍ଥକ । ସେଥିପାଇଁ ବର୍ତ୍ତମାନ ପାରମ୍ପରିକ ଗ୍ରାମସଭା ଅଛି, ତାର ଗଠନ ଓ କାର୍ଯ୍ୟକଳାପ ମଧ୍ୟ ଅନୁରୂପ ରହିଛି, ହେଲେ ପୂର୍ବର ଗୁରୁତ୍ୱ / ମହତ୍ତ୍ୱ ଆଉ ଉପଲବ୍ଧ ହେଉନାହିଁ । ଗ୍ରାମସଭା ପ୍ରତି ସେପରି ସମ୍ମାନବୋଧ ନାହିଁ । ଗ୍ରାମସଭାର ସଭାପତି, ଉପସଭାପତିଙ୍କ ପ୍ରତି ଆନୁଗତ୍ୟ, ଆଦର, ସମ୍ମାନ ମଧ୍ୟ ହ୍ରାସ ପାଇଛି । ଗ୍ରାମସଭାର ନିଷ୍ପତ୍ତିକୁ ସର୍ବତୋ ଭାବରେ କିମ୍ବା ବିନା ଦ୍ୱିଧାରେ ଗ୍ରହଣ କରିନେବାର ମନୋଭାବ ଲୋକଙ୍କ ମଧ୍ୟରେ ନାହିଁ । ତେଣୁ ଅନେକ ସମୟରେ ସେମାନେ ଗ୍ରାମସଭାର ନିଷ୍ପତ୍ତିରେ ଅସନ୍ତୁଷ୍ଟ ହୋଇ ପଞ୍ଚାୟତରେ ଫେରାଦ ହେଉଛନ୍ତି । ସମସ୍ତ ପ୍ରଜାତିଗୋଷ୍ଠୀ ମଧ୍ୟ ବେଶ୍ ଚତୁର, ଶିକ୍ଷିତ ଓ ସ୍ୱଚ୍ଛଳ ହୋଇଥିବା ଯୋଗୁଁ ସେମାନେ ଭୂମିଜମାନଙ୍କର ଆଧିପତ୍ୟକୁ ସ୍ୱୀକାର କରିବା ପାଇଁ ପ୍ରସ୍ତୁତ ନୁହଁନ୍ତି । ସେଥିପାଇଁ ଗ୍ରାମସଭାର ବୈଠକ ପରିଚାଳନା, ନିଷ୍ପତ୍ତି ଗ୍ରହଣ ଓ ଦଣ୍ଡ ବ୍ୟବସ୍ଥା କ୍ଷେତ୍ରରେ ସତର୍କତା ଅବଲମ୍ବନ କରିବାର ଆବଶ୍ୟକତା ପଡୁଛି । ହତ୍ୟା, ବଳାତ୍କାର, ଚୋରୀ, ଆତ୍ମହତ୍ୟା, ଅପମୃତ୍ୟୁ ଆଦି ନାହିଁ ନଥିବା ଘଟଣା ଘଟୁଥିବାରୁ ସେ ମାମଲାଗୁଡିକର ଜଟିଳତା ଉପଲବ୍ଧି କରି ଗ୍ରାମସଭା ପଞ୍ଚାୟତକୁ ଏବଂ ପଞ୍ଚାୟତ ଥାନାକୁ ପଠାଇ ଦେଉଛି କିମ୍ବା ପଞ୍ଚାୟତ ଓ ଗ୍ରାମସଭାର ମିଳିତ ବୈଠକରେ ଥାନା ବା ପୋଲିସ ହାତରେ ମାମଲାଗୁଡ଼ିକ ଅର୍ପଣ କରିବାର ନିଷ୍ପତ୍ତି ଗ୍ରହଣ କରାଯାଉଛି । ଗ୍ରାମସଭାର କଠୋର ନୀତିକ୍ଷେତ୍ର ବିଶେଷରେ କୋହଳ ହେବାରେ ଲାଗିଛି । ଯେପରି କିଏ କେମିତି ଲୁଚାଚୋରା ସାନ୍ତାଳ ଘରେ ଖାଦ୍ୟ-ପାନୀୟ ମଧ୍ୟ ଗ୍ରହଣ କଲେଣି । ଏକଥା ଭୂମିଜ ସମାଜର କେତେକ ନେତୃ ସ୍ଥାନୀୟ ବ୍ୟକ୍ତି ସ୍ୱୀକାର କରିଛନ୍ତି । ଦଣ୍ଡ ପାଇଁ ଭୋଜି ବ୍ୟବସ୍ଥା ମଧ୍ୟ ହ୍ରାସ ପାଇଛି । ଭୂମିଜ କିମ୍ବା ପଡୋଶୀ ପ୍ରଜାତି ଗୋଷ୍ଠୀଙ୍କ ମଧ୍ୟରେ ଅନେକ ଶିକ୍ଷା ଲାଭ କରି ଚାକିରୀ / ବ୍ୟବସାୟ ପାଇଁ ଗ୍ରାମ ବାହାରେ ବା ସହରାଞ୍ଚଳରେ ବସବାସ କରୁଥିବାରୁ ସେମାନେ ପୁଣି ଗ୍ରାମ୍ୟ ବ୍ୟବସ୍ଥାର ଅଣନିଃଶ୍ୱାସୀ ବାତାବରଣକୁ ବାହୁଡିବା ପାଇଁ ଚାହୁଁ ନାହାନ୍ତି କିମ୍ବା ପରମ୍ପରା ଭିତରେ ଆବଦ୍ଧ ହୋଇ ରହିବାର ଆଗ୍ରହ ନାହିଁ । ସମସ୍ତେ ପ୍ରାୟ ଆର୍ଥିକ ଦିଗରେ ସ୍ୱଚ୍ଛଳ ହୋଇଥିବାରୁ ସହଯୋଗୀ ମନୋଭାବ ଦୂରେଇ ଯାଇ ଅହଂକାରୀ, ସ୍ୱାର୍ଥପର, ପରଶ୍ରୀକାତର ଓ ବ୍ୟକ୍ତିସର୍ବସ୍ୱ ହୋଇ ଯାଉଛନ୍ତି । ଏପରି ସ୍ଥଳେ ପାରମ୍ପରିକ ଗ୍ରାମସଭାର ଅତୀତକୁ ଅନୁରୂପ ଆଶା କରିବା ବିଡମ୍ବନା ।

❑ ❑ ❑

# ଯାଦୁ-ଧର୍ମୀୟ କାର୍ଯ୍ୟନିର୍ବାହୀ
## (ଦିହୁରୀ - ଦେଓଣା)

ଧର୍ମର ଭିତ୍ତି ଉପରେ ଭାରତୀୟ ସଂସ୍କୃତି ପ୍ରତିଷ୍ଠିତ। ସର୍ବଧର୍ମ ସମନ୍ୱୟର ଭାରତବର୍ଷ ବିଭିନ୍ନ ଧର୍ମାବଲମ୍ବୀମାନଙ୍କୁ ନିଜ କୋଳରେ ସ୍ଥାନ ଦେଇ ଆସିଛି। ଏଠି ପ୍ରତ୍ୟେକ ସଂପ୍ରଦାୟ ସ୍ୱଧର୍ମର ଧ୍ୱଜା ଉଡାଇ ସୁଖରେ କାଳାତିପାତ କରୁଛନ୍ତି। ଆଦିବାସୀ ଗୋଷ୍ଠୀ ମଧ୍ୟ ଧର୍ମର ମହାସ୍ରୋତରୁ ବିଚ୍ୟୁତ ହୋଇ ନାହାନ୍ତି। ସମସ୍ତେ ସ୍ୱକୀୟ ଧର୍ମଭିତ୍ତିକ ସଂସ୍କୃତିରେ ଭାସ୍ୱର।

ତୁଳନାତ୍ମକ ଭାବେ ଆଦିବାସୀ ସଂପ୍ରଦାୟ ଅତ୍ୟନ୍ତ ଧର୍ମଭୀରୁ। ଜୀବନ ପ୍ରକ୍ରିୟାର ପ୍ରତି ପାହାଚରେ ସେମାନେ ଈଶ୍ୱର / ଦେବଦେବୀଙ୍କର ଆଶୀଷ କାମନା କରନ୍ତି। ଭାରି ସୁଦୃଢ଼ ଏବଂ ଶୃଙ୍ଖଳିତ ସେମାନଙ୍କର ଧର୍ମୀୟ ଚେତନା। ସ୍ୱତନ୍ତ୍ର ଭାବରେ ଧର୍ମୀୟ କର୍ମକର୍ତ୍ତାଙ୍କ ଦ୍ୱାରା ପୂଜାବିଧି ଅନୁଷ୍ଠିତ ହୋଇଥାଏ। ପୂଜକ, ବ୍ୟକ୍ତି-ପରିବାର-ଗ୍ରାମ-ସ୍ୱଗୋଷ୍ଠୀ ସର୍ବୋପରି ସମଗ୍ର ଆଦିବାସୀ ସଂପ୍ରଦାୟ ପାଇଁ ଈଶ୍ୱରଙ୍କଠାରେ କଲ୍ୟାଣ ଭିକ୍ଷା କରନ୍ତି। ସଂସ୍କୃତି ସଂପନ୍ନ ଭୂମିଜ ଜନଜାତି ମଧ୍ୟ ଏହି ଧର୍ମୀୟ ଚିନ୍ତା-ଚେତନାରେ ବେଶ୍ ଉଦ୍‌ବୁଦ୍ଧ। ଧର୍ମ-ପୂଜାପାଠ-ଈଶ୍ୱର ଆରାଧନା ବ୍ୟତିରେକ, ସେମାନଙ୍କ ଜୀବନଧାରଣ ଯେ ଅସମ୍ଭବ, ଏହା ଭୂମିଜମାନେ ମୁକ୍ତ କଣ୍ଠରେ ସ୍ୱୀକାର କରନ୍ତି।

### ଗ୍ରାମ / ଗୋଷ୍ଠୀ ସ୍ତରରେ ଧର୍ମୀୟ କାର୍ଯ୍ୟନିର୍ବାହୀ :

ଭୂମିଜ ସଂପ୍ରଦାୟରେ ଗ୍ରାମ ସ୍ତରୀୟ ଦୁଇ ପ୍ରକାର ଧର୍ମୀୟ କର୍ମକର୍ତ୍ତା ଆଥାନ୍ତି। ଜଣେ ଦେହୁରୀ (ଦିହୁରୀ) ଓ ଅନ୍ୟଜଣେ ଗ୍ରାମ ଦେହୁରୀ (ହାତୁ ଦିହୁରୀ)।

ଯେଉଁଠାରେ ଦେବୀଙ୍କର ଆଦେଶ / ନିର୍ଦ୍ଦେଶ କ୍ରମେ ଦେହୁରୀ ନିଯୁକ୍ତ ହୋଇଥାଆନ୍ତି, ସେଠାରେ ଶବର ଜାତିର ଲୋକ ଦେହୁରୀ ପଦବୀ ଉତ୍ତରାଧିକାରୀ ସୂତ୍ରରେ ପ୍ରାପ୍ତ ହୁଅନ୍ତି। ତାଙ୍କ ଦ୍ୱାରା କେବଳ ଜାହିରାରେ (ଜାୟାରା) ଆଷାଢ଼ିଆ, ଧୂଳିଆ ଓ ନୂଆଖିଆ (ନାଓ୍ୱାଜମ୍) ଆଦି ସାମୂହିକ ପୂଜାମାନ ଅନୁଷ୍ଠିତ ହୁଏ। ସେ ଭୂମିଜ ଗ୍ରାମରେ ଜାହିରା ପୂଜା କରିବା ସଙ୍ଗେ ସଙ୍ଗେ ସମଗ୍ର ପଞ୍ଚାୟତରେ ବସବାସ କରୁଥିବା

ସମସ୍ତ ଆଦିବାସୀ ଗୋଷ୍ଠୀଙ୍କର ଜାହିରା ପୂଜା ମଧ୍ୟ ସଂପାଦନ କରିଥାଆନ୍ତି। ତେଣୁ ତାଙ୍କୁ ପଞ୍ଚାୟତ ସ୍ତରୀୟ ଧର୍ମୀୟ କର୍ମକର୍ତ୍ତା ମଧ୍ୟ କୁହାଯାଇପାରେ । ତେବେ ଦେହୁରୀଙ୍କର ବାସସ୍ଥାନ ଭୂମିଜ ଗ୍ରାମରେ ଏବଂ ପୂଜା-ପୀଠ-ଜାହିରା, ଭୂମିଜ ଗ୍ରାମ-ସମୀପରେ ହିଁ ଥାଏ । ଦେହୁରୀ ଭୂମିଜ ଗ୍ରାମର ବୈଦ୍ୟ ଭାବରେ ମଧ୍ୟ ପ୍ରତିଷ୍ଠିତ ହୋଇଥାଆନ୍ତି । ପୁରୁଷାନୁକ୍ରମେ ସେ ଭୂମିଜ ଗ୍ରାମକୁ ଆୟୁର୍ବେଦ ତଥା ଆଧ୍ୟାତ୍ମିକ ଚିକିତ୍ସା ଦ୍ୱାରା ସୁସ୍ଥ ଓ ଶାନ୍ତିରେ ରଖନ୍ତି ।

କିନ୍ତୁ ଯଦି ଦୈବ ନିର୍ଦ୍ଦେଶ କ୍ରମେ କୌଣସି ଦେହୁରୀ ଅବସ୍ଥାପିତ ହୋଇ ନଥାନ୍ତି, ତେବେ ସାଧାରଣ ଭାବେ ଜଣେ ଭୂମିଜ ସଂପ୍ରଦାୟର ବ୍ୟକ୍ତି ଦେହୁରୀ ଭାବରେ ନିଯୁକ୍ତ ହୋଇ ସମସ୍ତ ପୂଜାକର୍ମ ସଂପାଦନ କରନ୍ତି । କିମ୍ବା ଯଦି ଭୂମିଜ ବସତିଟି ଆୟତନରେ ଅଧିକ ହୋଇଥାଏ ତେବେ ସେଠାରେ ପଡ଼ା /ସାହି ଅନୁଯାୟୀ ଜଣେ ଲେଖାଏଁ ଦେହୁରୀ ନିର୍ବାଚିତ ହୋଇଥାଆନ୍ତି । ସ୍ଥଳ ବିଶେଷରେ ଗ୍ରାମର ମୁଖ୍ୟ /ଗ୍ରାମସଭାର ସଭାପତି ମଧ୍ୟ ଗ୍ରାମ ଦେହୁରୀ ପଦବୀ ଅଳଙ୍କୃତ କରୁଥିବାର ଦେଖାଯାଇଥାଏ ।

ଗ୍ରାମ ଦେହୁରୀ (ହାତୁଦିହୁରୀ) ଭୂମିଜ ସଂପ୍ରଦାୟର ବ୍ୟକ୍ତି ହିଁ ହୋଇଥାଆନ୍ତି । ସେ ଗ୍ରାମର ମଧ୍ୟ ସ୍ଥଳରେ ଥିବା ଦେବୀପୀଠ / ପୂଜାସ୍ଥାନ / ଜାହିରାରେ ସାମୂହିକ ଭାବରେ କେବଳ ଗୋପୂଜା (ଜାର୍ଗିସିମ୍) ଓ ମାଘପୂଜା (ମାଗ୍‌ବଙ୍ଗା) କରନ୍ତି ।

ପ୍ରକାଶ ଥାଉକି, ଧର୍ମୀୟ କର୍ମକର୍ତ୍ତା ବିଷୟକ ବୃତ୍ତାନ୍ତ ସଂଗୃହୀତ ଭୂମିଜ ଗ୍ରାମ (ପାଟଶାଣୀପୁର)ର ପ୍ରଥା ଅନୁଯାୟୀ ଏଠାରେ ବିବରଣୀ ଉପସ୍ଥାପନ କରାଗଲା । ପାଟଶାଣୀପୁର ପଞ୍ଚାୟତର ମୁଖ୍ୟ କାର୍ଯ୍ୟାଳୟ ହେଉଛି ପାଟଶାଣୀପୁର ଗ୍ରାମ । ଏହା ସର୍ବବୃହତ୍ ଅଧ୍ୟୁଷିତ ବସତି /ଗ୍ରାମ ଭାବରେ ସମଗ୍ର ମୟୂରଭଂଜ ଜିଲ୍ଲାରେ ସୁବିଦିତ । ଏଠାରେ ପଞ୍ଚାୟତସ୍ତରୀୟ ଦେହୁରୀ(ଦିହୁରୀ) ଗ୍ରାମ ଜାହିରା ପୀଠର ପୂଜକ ଏବଂ ଗ୍ରାମ ଦେହୁରୀ (ହାତୁଦିହୁରୀ) ଗ୍ରାମ ମଧ୍ୟସ୍ଥଳ ଜାହିରାର ଧର୍ମୀୟ କର୍ମକର୍ତ୍ତା ଭାବରେ ପୂଜାକାର୍ଯ୍ୟ ସଂପାଦନ କରନ୍ତି ।

**ମନୋନୟନ ପଦ୍ଧତି (ନିର୍ବାଚିତ, ମନୋନୀତ ଓ ବଂଶଗତ) :**

ଗ୍ରାମ ବା ବସତିର ପାର୍ଶ୍ୱସ୍ଥିତ ଜାହୀରା / ଦେବୀପୀଠର ପୂଜକ ପୁରୁଷାନୁକ୍ରମେ ଦେହୁରୀ ଭାବରେ ଅବସ୍ଥାପିତ ହୋଇଥିବା ଜଣାଯାଏ । ସେ କେବେ ଓ କିପରି ଭୂମିଜ

ବସତିର ଗ୍ରାମ ଠାକୁରାଣୀଙ୍କର ପୂଜକ ହେଲେ, ସେ ବିଷୟରେ ଏକ ଜୀବନ୍ତ କାହାଣୀ ସ୍ୱୟଂ ଦେହୁରୀଙ୍କ ମୁଖରୁ ସଂଗ୍ରହ କରାଯାଇଛି । ତାହା ହେଲା -

ପାଟଶାଣୀପୁର ସନ୍ନିକଟ ଛିମିଳିପାଳ ପର୍ବତ ଅନ୍ତର୍ଗତ ଶବଳା ପାହାଡ଼ର ମଧ୍ୟଦେଶରେ ବିରାଟପୁର ଠାକୁରାଣୀ ଆବିର୍ଭୂତା ହୋଇ ଶବର ଜାତିର ଲୋକଙ୍କ ଦ୍ୱାରା ପୂଜିତା ହେଉଥିଲେ । ଏକଦା ପୂଜକ ଗୁରୁବାରିଆ ଦେହୁରୀ ଶବଳା ପାହାଡ଼ରେ ଦେବୀଙ୍କର ପୂଜାଅର୍ଚ୍ଚନା ସାରି ଭୂଲବଶତଃ ପୂଜାସ୍ଥାନରେ ନିଜର ଟଙ୍ଗିଆ ଓ ନୋଟା ଛାଡ଼ି ଗୃହାଭିମୁଖୀ ହେଲେ । କିନ୍ତୁ ଅଧା ବାଟରେ ତାଙ୍କ ମନେ ପଡ଼ିବାରୁ ସେ ଟାଙ୍ଗିଆ ଓ ନୋଟା ଆଣିବା ପାଇଁ ଦେବୀ ପୀଠକୁ ଫେରିଲେ । ପାହାଡ଼ର ନିକଟବର୍ତ୍ତୀ ହେବା ସମୟରେ ଜଣେ ଅଲୌକିକ ଶକ୍ତିସଂପନ୍ନ ବ୍ୟକ୍ତି ତାଙ୍କ ସମ୍ମୁଖରେ ଆବିର୍ଭୂତ ହୋଇ ଠାକୁରାଣୀଙ୍କ ସ୍ଥାନକୁ ଯିବାପାଇଁ ବାରଣ କଲେ । ତାହା ଦେବୀଙ୍କର ଭୋଜନ ସମୟ ଏବଂ ସେତେବେଳେ ଦେହୁରୀ ଗଲେ କିଛି ଅଘଟଣା ଘଟିପାରେ । ତେଣୁ ସେ ଦେହୁରୀଙ୍କୁ କହିଲେ- "ତୁମେ ଏଠାରୁ ଫେରିଯାଅ । ତୁମର ଟାଙ୍ଗିଆ ଓ ନୋଟା ଯେଉଁ ସ୍ଥାନରେ ପାଇବ, ସେହିଠାରେ ଦେବୀଙ୍କୁ ପୂଜା କରିବ । ଏଠାକୁ ଆଉ ଆସିବ ନାହିଁ ।" ଦେହୁରୀ ବିଷାଦ ମନରେ ଘରକୁ ବାହୁଡ଼ି ଯାଇ ରାତିରେ ଶୋଇଥିବା ଅବସ୍ଥାରେ ସ୍ୱପ୍ନ ଦେଖିଲେ ଯେ, ବିରାଟପାଟ ଠାକୁରାଣୀ କହୁଛନ୍ତି - "ତୁମର ନୋଟା ପାଟଶାଣୀପୁର ଗ୍ରାମର ଉପର ମୁଣ୍ଡ(ପଶ୍ଚିମ ଦିଗ)ରେ ପଡ଼ିଛି ଏବଂ ଟାଙ୍ଗିଆ ତଳସାହି ବନ୍ଧ (ପୂର୍ବଦିଗ) ପାଖରେ ପଡ଼ିଛି । ନୋଟା ପଡ଼ିଥିବା ସ୍ଥାନରେ ବିରାଟପାଟ ଠାକୁରାଣୀଙ୍କୁ ପୂଜା କରିବ ଏବଂ ଟାଙ୍ଗିଆ ପଡ଼ିଥିବା ସ୍ଥାନରେ କୁଟାଶୁଣୀ ଦେବୀ ପୂଜିତା ହେବେ ।" ସକାଳେ ଦେହୁରୀ ଯାଇ ଦେଖିଲେ ଯେ ସ୍ୱପ୍ନ ଅନୁଯାୟୀ ନୋଟା ଓ ଟାଙ୍ଗିଆ ଯଥା ସ୍ଥାନରେ ପଡ଼ିଛି । ସେହି ଦିନଠାରୁ ନୋଟା ପଡ଼ିଥିବା ସ୍ଥାନଟି ଗ୍ରାମଦେବୀ ବିରାଟପାଟଙ୍କର ଆସ୍ଥାନ(ଜାହିରା) ହୋଇ ଶବର ଜାତିର ଦେହୁରୀଙ୍କ ଦ୍ୱାରା ବିରାଟପାଟ ଠାକୁରାଣୀ ପୂଜିତା ହେଲେ ଏବଂ ଟାଙ୍ଗିଆ ପଡ଼ିଥିବା ସ୍ଥାନରେ ଗ୍ରାମଦେବୀ କୁଟାଶୁଣୀଙ୍କୁ ଗ୍ରାମ ଦେହୁରୀ (ହାତୁଦିହୁରୀ) ପୂଜାଅର୍ଚ୍ଚନା କଲେ । ବସତିର ମୁଖ୍ୟ ଜାହିରାରେ ପୂଜିତା ବିରାଟପାଟ ଠାକୁରାଣୀଙ୍କ ନାମାନୁସାରେ ଗ୍ରାମର ନାମ ପାଟଶାଣୀପୁର ହେଲା । ସେବେଠାରୁ ଗ୍ରାମ ଦେବତୀ ବିରାଟ ପାଟଙ୍କ ପୂଜାବିଧି ଶବର ଜାତିର ଲୋକଙ୍କ ଦ୍ୱାରା ବଂଶାନୁକ୍ରମିକ / ଉତ୍ତରାଧିକାରୀ ସୂତ୍ରରେ ହୋଇ ଆସୁଛି । ଏଥିରେ କୌଣସି ପ୍ରକାର ନିର୍ବାଚନ ପଦ୍ଧତି ଅନୁସୃତ ହେବାର ପ୍ରଶ୍ନ ଉଠେ ନାହିଁ । ପିତାଙ୍କ ଅନ୍ତେ ଦେହୁରୀଙ୍କର ଜ୍ୟେଷ୍ଠପୁତ୍ର ଦେହୁରୀ ପଦବୀ ଅଳଙ୍କୃତ କରେ କିମ୍ବା ତାଙ୍କର ପୁତ୍ର ନଥିଲେ ସେହି ବଂଶରେ କୌଣସି ବ୍ୟକ୍ତିଙ୍କୁ ଦେହୁରୀ ହେବାକୁ

ସିଦ୍ଧାନ୍ତ କରି ଗ୍ରାମକୁ ଜଣାଇ ଦିଆଯାଏ । ଏ କ୍ଷେତ୍ରରେ ଦେହୁରୀ ବଂଶ ବ୍ୟତୀତ ବାହାର ଲୋକ ହସ୍ତକ୍ଷେପ କରନ୍ତି ନାହିଁ ।

ପୁଣି ଗ୍ରାମ ଦେହୁରୀଙ୍କୁ (ହାତୁଦିହୁରୀ) ପଡ଼ା /ସାହି କ୍ରମରେ ବଛା ଯାଇଥାଏ । (ଉପରସାହି / ତଳସାହି) ସାହିରେ ପ୍ରତ୍ୟେକ ପରିବାରର ମୁଖ୍ୟମାନେ ଏକତ୍ରିତ ହୋଇ ଆଲୋଚନା ମାଧ୍ୟମରେ ଜଣକୁ ଦେହୁରୀ ଭାବରେ ବାଛନ୍ତି । ଏଥିରେ କୌଣସି ବିଶେଷ ଧରଣର ନିର୍ବାଚନ ପଦ୍ଧତି ଅନୁସୃତ ହୁଏ ନାହିଁ । କେବଳ ମୌଖିକ କଥାବାର୍ତ୍ତାରେ ଜଣକୁ ସ୍ଥିର କରାଯାଏ । ଏହା ବଂଶାନୁକ୍ରମିକ ନୁହେଁ । ଦେହୁରୀଙ୍କର ବାର୍ଦ୍ଧକ୍ୟଜନିତ ଅପାରଗତା ବା ମୃତ୍ୟୁ ଘଟିଲେ ପଡାରେ ପୁଣି ପରିବାର ମୁଖ୍ୟମାନେ ଏକତ୍ରିତ ହୋଇ ଦେହୁରୀ ବାଛିଥାଆନ୍ତି । କିନ୍ତୁ ଯଦି ଦେହୁରୀଙ୍କ ପୁତ୍ର ପୁଣି ଦେହୁରୀ ପଦରେ ରହୁ ବୋଲି ପଡାବାସୀ ଚାହାଁନ୍ତି, ତେବେ ତାଙ୍କ ପୁଅ ଦେହୁରୀ ହୋଇପାରନ୍ତି, ନଚେତ୍ ଯେକୌଣସି ବ୍ୟକ୍ତିଙ୍କୁ ବଛାଯାଇପାରେ ।

ଯେଉଁଠାରେ ଗ୍ରାମମୁଖ୍ୟ ବା ଗ୍ରାମସଭାର ସଭାପତି ଦେହୁରୀ ପଦରେ ଥାଆନ୍ତି, ସେଠାରେ ମଧ୍ୟ ସେହିପରି ସାଧାରଣ ଆଲୋଚନା ମାଧ୍ୟମରେ ଗ୍ରାମବାସୀ ଗ୍ରାମମୁଖ୍ୟଙ୍କୁ ଦେହୁରୀ ପଦବୀରେ ଅଭିଷିକ୍ତ କରନ୍ତି । ଗ୍ରାମମୁଖ୍ୟ /ଗ୍ରାମସଭାର ସଭାପତି ଜଣେ ଉଚ୍ଚକୋଟୀର ଧର୍ମପରାୟଣ ବ୍ୟକ୍ତି ହୋଇଥିବାରୁ ଦେହୁରୀ ଭାବରେ ନିର୍ବାଚିତ ହେବାପାଇଁ କୌଣସି ବିରୋଧାଭାସ ସୃଷ୍ଟି ହୁଏ ନାହିଁ । ଏହାଙ୍କର କାର୍ଯ୍ୟକାଳରେ ସମୟସୀମା ନିର୍ଦ୍ଧାରଣ ହୋଇନଥାଏ । ସେ ଦେହୁରୀ ଭାବରେ ସୂଚାରୁ ରୂପେ କାର୍ଯ୍ୟ ସମ୍ପାଦନ କରିପାରୁଥିଲେ ମୃତ୍ୟୁ ପର୍ଯ୍ୟନ୍ତ ରହିପାରନ୍ତି, କିନ୍ତୁ ବଂଶାନୁକ୍ରମିକ ନୁହେଁ । ତାଙ୍କର ମୃତ୍ୟୁପରେ ପୁଣି ଗ୍ରାମବାସୀଙ୍କ ଦ୍ୱାରା ଦେହୁରୀ ନିର୍ବାଚନ ଅନୁଷ୍ଠିତ ହୁଏ ।

## ଧର୍ମୀୟ କାର୍ଯ୍ୟନିର୍ବାହୀମାନଙ୍କ ବ୍ୟକ୍ତିତ୍ୱ:

ଗ୍ରାମରେ ଜାହିରା ପୀଠର ପୂଜକ / ଧର୍ମୀୟ କର୍ମକର୍ତ୍ତା / ଦିହୁରୀ, ଦେବୀଙ୍କର ନିର୍ଦ୍ଦେଶ କ୍ରମେ ଦେବୀ ଆଶୀର୍ବାଦଯୁକ୍ତ ହୋଇ ଦେହୁରୀ ଭାବେ ଅବସ୍ଥାପିତ ହୋଇଥିବାରୁ ତାଙ୍କର ବ୍ୟକ୍ତିତ୍ୱ, ପୃଷ୍ଠଭୂମି ବା ସ୍ୱତନ୍ତ୍ର ଗୁଣବତ୍ତା ସଂପର୍କରେ ଆଲୋଚନା କରିବା ଧୃଷ୍ଟତା ହେବ ବୋଧହୁଏ । ତଥାପି ଏତିକି କୁହାଯାଇପାରେ ଯେ, ସେ ଜଣେ ଧର୍ମପରାୟଣ, ନୈଷ୍ଠିକ, ସେବାପରାୟଣ ତଥା ଆଧ୍ୟାତ୍ମିକ ଶକ୍ତି ସଂପନ୍ନ ବ୍ୟକ୍ତି ହୋଇଥାଆନ୍ତି । ପୂଜାବିଧି ଅନୁସରଣ ପୂର୍ବକ ସେ ନିସ୍ୱାର୍ଥପର ଭାବରେ ସଭିଙ୍କର ମଙ୍ଗଳ ସକାଶେ

ଦେବଦେବୀଙ୍କର ଆଶୀଷ ଭିକ୍ଷା କରନ୍ତି। ସେ ପୁଣି ଗ୍ରାମ୍ୟ ବୈଦ୍ୟ ହୋଇଥିବାରୁ ଭାରି ସମ୍ବେଦନଶୀଳ ହୃଦୟରେ ଲୋକମାନଙ୍କୁ ପୂଜାପାଠ ତଥା ଚିକିତ୍ସା ମାଧ୍ୟମରେ ଶାରୀରିକ ଏବଂ ମାନସିକ ସୁସ୍ଥତା ପ୍ରଦାନ କରିଥାଆନ୍ତି। ଦେହୁରୀ ପୁନଶ୍ଚ ଗ୍ରାମସଭାର ଜଣେ ସାଧାରଣ ସଦସ୍ୟ ଭାବେ ଗ୍ରାମର ସାମୂହୀକ ଉନ୍ନତି କଳ୍ପେ ଯତ୍ପରୋନାସ୍ତି ଉଦ୍ୟମ କରୁଥିବାର ଜଣାଯାଏ। ବହୁମୁଖୀ ପ୍ରତିଭା ତଥା ଧର୍ମଭିତ୍ତିକ ସ୍ୱତନ୍ତ୍ର ଗୁଣବତ୍ତା ଯୋଗୁଁ ହିଁ ସେ ଏକାଧିକ କ୍ଷମତାର ଅଧିକାରୀ ହୋଇ ପାରିଥାଆନ୍ତି। ବଳିଷ୍ଠ ବ୍ୟକ୍ତିତ୍ୱ ଏବଂ ଦୈବୀଶକ୍ତି ସଂପନ୍ନ ପୃଷ୍ଠଭୂମି ଥିବାରୁ ଜାହିରା ପୀଠର ଶବର ଦେହୁରୀ ଭୂମିଜ ସଂପ୍ରଦାୟର ଧର୍ମୀୟ କର୍ମକର୍ତ୍ତା ଭାବରେ ପୂଜାକର୍ମ ସଂପାଦନ କରନ୍ତି।

ଗ୍ରାମ ଦେହୁରୀମାନେ ସେହିପରି ଧର୍ମପରାୟଣ ବ୍ୟକ୍ତି ହୋଇଥିବାରୁ ଗ୍ରାମବାସୀଙ୍କ ଦ୍ୱାରା ଚୟନ ହୋଇ ପାରିଥାଆନ୍ତି। ପୃଷ୍ଠଭୂମି ସେମାନଙ୍କର ଯାହା ଥାଉନା କାହିଁକି, ହେଲେ ପାରମ୍ପରିକ ପୂଜାବିଧି ସଂପର୍କରେ ଯଥେଷ୍ଟ ଜ୍ଞାନଥାଏ। ଉତ୍ତମ ବ୍ୟବହାର, ଆକର୍ଷଣୀୟ ବ୍ୟକ୍ତିତ୍ୱ ଓ ଧର୍ମଚିନ୍ତନକାରୀ ବ୍ୟକ୍ତିଟିଏ ହୋଇଥାଆନ୍ତି ସେ। ମୁଖ୍ୟତଃ ପ୍ରଗାଢ଼ ଈଶ୍ୱରବିଶ୍ୱାସୀ, ପୂଜା କର୍ମରେ ସିଦ୍ଧହସ୍ତ ଓ ଉଦ୍ରେଚିତ ବ୍ୟବହାର ଯୁକ୍ତ ହୋଇଥିବାରୁ ଲୋକମାନଙ୍କର ଭରସାର ପାତ୍ର ତଥା ପ୍ରିୟଜନ ଭାବରେ ଦେହୁରୀ ପଦରେ ଆସୀନ ହୁଅନ୍ତି।

ଗ୍ରାମ ମୁଖ୍ୟ ଯେଉଁଠାରେ ଗ୍ରାମ ଦେହୁରୀ ହୋଇଥାଆନ୍ତି, ସେଠାରେ ଦେହୁରୀଙ୍କର ବ୍ୟକ୍ତିତ୍ୱ ପ୍ରଶ୍ନ ଶୂନ୍ୟ। କାରଣ ଉତ୍ତମ ସ୍ୱଭାବ, ବଳିଷ୍ଠ ବ୍ୟକ୍ତିତ୍ୱ, ଧର୍ମପରାୟଣ, ସେବା ମନୋଭାବ, ବୁଦ୍ଧିମାନ, ଜ୍ଞାନୀ, ଗୁଣୀ, ଈଶ୍ୱରବିଶ୍ୱାସୀ, ପାରମ୍ପରିକ ପୂଜାକର୍ମରେ ସିଦ୍ଧହସ୍ତ, ସରଳ, ନିଷ୍କପଟ, ଶାନ୍ତ, ଭଦ୍ର, ମାର୍ଜିତ, ପରୋପକାରୀ, ନିସ୍ୱାର୍ଥପର, ଧୀଶକ୍ତି ସଂପନ୍ନ ହୋଇଥିବାରୁ ହିଁ ସେ ନିର୍ଦ୍ୱନ୍ଦ୍ୱରେ ସର୍ବସମ୍ମତକ୍ରମେ ଗ୍ରାମର ମୁଖିଆ, ଗ୍ରାମସଭାର ସଭାପତି ଏବଂ ଦେହୁରୀ ପଦବୀ ଅଳଙ୍କୃତ କରିବାକୁ ଯୋଗ୍ୟ ବିବେଚିତ ହୁଅନ୍ତି।

ଜାହିରା ପୀଠର ଶବର ଦେହୁରୀ ସେ ବୟସାନୁକ୍ରମେ ନିଜର ପିତା / ପିତୃବ୍ୟଙ୍କଠାରୁ ପୂଜାବିଧି ସମ୍ପର୍କରେ ସମସ୍ତ ଜ୍ଞାନ କୌଶଳ ଶିକ୍ଷା ଲାଭ କରିଥାନ୍ତି। ଏହି ଦେହୁରୀ ପ୍ରଥା ବଂଶାନୁକ୍ରମିକ ହୋଇଥିବାରୁ ସେ ପିଲାବେଳୁ ପିତାଙ୍କ ପାଖେ ପାଖେ ରହି ପୂଜାର ସମସ୍ତ କାର୍ଯ୍ୟଧାରା ଶୃଙ୍ଖଳିତ ଭାବରେ ଆହରଣ କରନ୍ତି। ବୟସ ବଢ଼ିବା ସଙ୍ଗେ ସଙ୍ଗେ ଆଧାତ୍ମିକ ଶକ୍ତିକୁ ହୃଦୟଙ୍ଗମ - ଅନୁଭବ କରି ସେ ନିଜକୁ ପକ୍ୱ, ଅଭିଜ୍ଞ, ଦକ୍ଷ

ଭାବରେ ଗଢି ତୋଳନ୍ତି । ପୁଣି ଦେହୁରୀ ବଂଶ ପ୍ରତି ଦେବୀଙ୍କର ପ୍ରଚ୍ଛନ୍ନ ଆଶୀଷ ଥାଏ । ନିଜର ଅଭିଜ୍ଞତା ଓ ଧର୍ମଚିନ୍ତନ / ଈଶ୍ୱରବିଶ୍ୱାସ ହିଁ ତାଙ୍କୁ ଜଣେ ସ୍ୱତନ୍ତ୍ର ତାଲିମ ପ୍ରାପ୍ତ ଦେହୁରୀ ଭାବରେ ପ୍ରତିଷ୍ଠିତ କରିଦିଏ ।

ପଡା ଦେହୁରୀ କିମ୍ବା ଗ୍ରାମ ଦେହୁରୀ ସେପରି ସ୍ୱତନ୍ତ୍ର ଭାବରେ ତାଲିମ ନିଅନ୍ତି ନାହିଁ । କେବଳ ଗ୍ରାମର / ଗ୍ରାମ ବାହାରେ କୌଣସି ପୁରୁଖା ଦେହୁରୀଙ୍କ ଠାରୁ ପୂଜାବିଧି ସଂପର୍କରେ ଜ୍ଞାନ ଅର୍ଜନ କରିଥାଆନ୍ତି । ଆବଶ୍ୟକ ସ୍ଥଳେ ଏମାନେ ଜାହିରା ପୀଠର ଶବର ଦେହୁରୀଙ୍କଠାରୁ ପରାମର୍ଶ ଲୋଡିଥାଆନ୍ତି । ତେବେ ନିଜର ଜିଜ୍ଞାସା ବଳରେ ଏହି ଦେହୁରୀ ନିଜକୁ ପୂଜାକର୍ମ ସଂପର୍କରେ ଦକ୍ଷ ତଥା ଅଭିଜ୍ଞ କରାଇ ନେଇଥାଆନ୍ତି । ଈଶ୍ୱରବିଶ୍ୱାସ ଓ ବୁଦ୍ଧି-ଜ୍ଞାନ ଯୋଗୁଁ ଏମାନେ ଆପଣାଛାଏଁ ପାରମ୍ପରିକ ପୂଜାପାଠରେ ସିଦ୍ଧହସ୍ତ ହୁଅନ୍ତି ।

**ଗୋଷ୍ଠୀ ଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟାବଳୀ :**

ଗ୍ରାମରେ ଦୁଇଟି ଜାହିରା ପୀଠ ବା ପୂଜାପୀଠ । ଗୋଟିଏ ଗ୍ରାମର ପୂର୍ବ ଦିଗରେ ଓ ଅନ୍ୟଟି ପଶ୍ଚିମ ଦିଗରେ । ଗ୍ରାମ ସ୍ତରୀୟ ଜାହିରାଟି ଗ୍ରାମର ପୂର୍ବଭାଗ ମଧ୍ୟସ୍ଥଳରେ ଏବଂ ଗ୍ରାମ / ପଞ୍ଚାୟତସ୍ତରୀୟ ଦେବୀ ପୀଠଟି ଗ୍ରାମର ପଶ୍ଚିମ ପାଖ ଶେଷ ମୁଣ୍ଡରେ ରହେ । ସଂପୂର୍ଣ୍ଣ ଗ୍ରାମ ଜାହିରାରେ ବିଭିନ୍ନ ପ୍ରକାର ଛୋଟବଡ ବୃକ୍ଷ ରହିଥିବା ସ୍ଥଳେ ଗ୍ରାମ / ପଞ୍ଚାୟତସ୍ତରୀୟ ଜାହିରାଟି ଅନାବନା ଗଛଲତା ସହ ମୂଲ୍ୟବାନ ବୃକ୍ଷର ସମାହାରରେ ଶୋଭିତ । ସେଠାରେ ଶାଳ ଗଛ ନିଶ୍ଚିତ ଭାବରେ ରହେ । ଗ୍ରାମ ପୂଜାସ୍ଥଳୀର ଗ୍ରାମଦେବତୀ କୁଟାଶୁଣୀ ଏବଂ ମୁଖ୍ୟ ଜାହିରାର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି ବିରାଟପାଟ ଠାକୁରାଣୀ ।

ଗ୍ରାମ ଦେହୁରୀ ଗ୍ରାମର ପୂର୍ବପାଖ ଜାହିରାରେ ମାଘପୂଜା ଓ ଗୋଠପୂଜା ସାମୂହିକ ଭାବେ କରନ୍ତି । ମାନସିକ ଥିଲେ ଲୋକମାନେ ସେଠାରେ ଗ୍ରାମ ଦେହୁରୀଙ୍କ ଦ୍ୱାରା କରାଇଥାଆନ୍ତି । ମାଘପୂଜା ଓ ଗୋଠପୂଜା କରି ଦେହୁରୀ ଗ୍ରାମକୁ ରୋଗବ୍ୟାଧି କବଳରୁ ରକ୍ଷା କରିବା ସହିତ ଗୋରୁଗାଈମାନଙ୍କୁ ଘାତକ ବ୍ୟାଧି ନ ହେବା ପାଇଁ ଦେବୀଙ୍କଠାରେ ଗୁହାରୀ ଜଣାନ୍ତି । ଆଧ୍ୟାତ୍ମିକ ମାର୍ଗରେ ଗ୍ରାମର ବ୍ୟକ୍ତି, ପରିବାରକୁ ସୁରକ୍ଷା ପ୍ରଦାନ କରନ୍ତି । ଗ୍ରାମବାସୀଙ୍କର ସୁଖ-ଦୁଃଖରେ ସହାୟକ ହୁଅନ୍ତି । କୌଣସି ବ୍ୟକ୍ତି ଭୂତ-ପ୍ରେତ ବା ଦୁଷ୍ଟ ଶକ୍ତିଙ୍କ ପ୍ରଭାବରୁ ରୋଗଗ୍ରସ୍ତ ହୋଇପଡିଲେ ଦେହୁରୀ ତେଲଖଡି, ଝଡା-ଫୁଙ୍କା

କିମ୍ବା ପୂଜାପାଠ କରି ଡାହାଣୀ ଛଡାଇ ଥାଆନ୍ତି । ପରିବାରର ମୁଖ୍ୟ ଭାବରେ ଗ୍ରାମସଭାର ସଦସ୍ୟ ଥିବାରୁ ଗ୍ରାମସଭା ପରିଚାଳନା, ମାମଲା ବିଷୟରେ ବିଚାର ଆଲୋଚନା, ଗ୍ରାମର ସାମୂହିକ ଉନ୍ନତି ପାଇଁ ସହଯୋଗ ପ୍ରଦାନ କରନ୍ତି । ପୁଣି ଗ୍ରାମସଭାର ସଭାପତି ଦେହୁରୀ ହୋଇଥିଲେ ଗ୍ରାମର ଯାବତୀୟ ଭଲମନ୍ଦ ତାଙ୍କରି ଉପରେ ନ୍ୟସ୍ତ ଥାଏ । ଆଧାତ୍ମିକ ମାର୍ଗ ହେଉ କିମ୍ବା ବିଚାର ଦିଗ ହେଉ, ପ୍ରତ୍ୟେକଟି କାର୍ଯ୍ୟରେ ସମତା ରକ୍ଷା କରି ତାଙ୍କୁ ପରିସ୍ଥିତିର ମୁକାବିଲା କରିବାକୁ ହୁଏ । ବ୍ୟକ୍ତିଗତ ଭାବରେ ଦେହୁରୀ ଗ୍ରାମବାସୀଙ୍କର ପର୍ବପର୍ବାଣୀ, ଉତ୍ସବାନୁଷ୍ଠାନ ମାନଙ୍କରେ ଉପସ୍ଥିତ ରହି ଶାରୀରିକ ଓ ମାନସିକ ସ୍ତରରେ ସହାୟତା ଦେଇଥାଆନ୍ତି ।

ମୁଖ୍ୟ ଜାହିରା ପୀଠରେ ଶବର ଦେହୁରୀ ଆଷାଢିଆ, ଧୂଳିଆ ଓ ନୂଆଖିଆ ପୂଜା କରନ୍ତି । କୃଷି ଭିତ୍ତିକ ମଙ୍ଗଳ ସକାଶେ ଏହି ପୂଜାମାନ ଅନୁଷ୍ଠିତ ହୁଏ । ଭଲ ବର୍ଷା ହେବା ପାଇଁ, ଭଲ ଶସ୍ୟ ହେବା ପାଇଁ, ଗ୍ରାମବାସୀ ସୁଖ ଶାନ୍ତିରେ ରହିବା ଉଦ୍ଦେଶ୍ୟରେ ଦେହୁରୀ ଗ୍ରାମ ଦେବତୀଙ୍କଠାରେ ଗୁହାରୀ ଜଣାନ୍ତି । ଏଠାରେ ମାନସିକ ପୂଜା ମଧ୍ୟ ଦେହୁରୀଙ୍କ ଦ୍ୱାରା ହୁଏ । ଏହି ଦେହୁରୀ ଭୂମିଜ ଗ୍ରାମବାସୀଙ୍କ ପାଇଁ ଏଠାରେ ଜାହିରା ପୂଜା କରିବା ସହିତ ସମଗ୍ର ପଞ୍ଚାୟତରେ ବସବାସ କରୁଥିବା ସମସ୍ତ ଆଦିବାସୀ ସଂପ୍ରଦାୟଙ୍କର ଜାହିରା ପୂଜା ମଧ୍ୟ ଏହିଠାରେ ହିଁ କରନ୍ତି । ସେ ବ୍ୟକ୍ତି, ପରିବାର, ଗ୍ରାମ, ଗୋଷ୍ଠୀ / ସଂପ୍ରଦାୟ କ୍ରମରେ ସମସ୍ତଙ୍କର ମଙ୍ଗଳ କାମନା କରି ଦେବୀ ବିରାଟପାଟଙ୍କଠାରେ ପୂଜାଅର୍ଚ୍ଚନା କରିଥାଆନ୍ତି । ସମସ୍ତଙ୍କ ପାଇଁ ଆଶୀଷ ଭିକ୍ଷା କରନ୍ତି । କେହି କୌଣସି ପ୍ରକାର ଅସୁବିଧାରେ ପଡ଼ିଲେ ଦେହୁରୀଙ୍କୁ ଡକାଯାଇଥାଏ । ସେ ବ୍ୟକ୍ତିଗତ ଭାବରେ ପରିବାରରେ ଉପସ୍ଥିତ ରହି ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରନ୍ତି । ଗ୍ରାମ କିମ୍ବା ପରିବାରରେ କିଛି ପ୍ରକାର ଗଣ୍ଡଗୋଳ ଉପୁଜିଲେ ଅଣଆନୁଷ୍ଠାନିକ ଭାବରେ ଦେହୁରୀଙ୍କୁ ଲୋଡାଯାଇଥାଏ । ସେ ଜଣେ ମାନ୍ୟ ତଥା ଆଧାତ୍ମିକ ସଂପନ୍ନ ବ୍ୟକ୍ତି ସ୍ୱରୂପ ଘଟଣାର ଆଶୁ ସମାଧାନ କରିଥାଆନ୍ତି । ଯେକୌଣସି ଭଲମନ୍ଦ ସମୟରେ ସମଗ୍ର ପଞ୍ଚାୟତ ଅଧିବାସୀ ଦେହୁରୀଙ୍କର ପରାମର୍ଶ ଲୋଡନ୍ତି । ସେଥିରେ ପୁଣି ଏ ଦେହୁରୀ ଗ୍ରାମ୍ୟ ବୈଦ୍ୟ । ଶାରିରୀକ, ମାନସିକ, ପାରିବାରିକ ତଥା ଗ୍ରାମୀଣ ଅସୁବିଧା / ଅସୁସ୍ଥତା, ଭୂତପ୍ରେତ-ଡାହାଣୀ -ଦୁଷ୍ଟଶକ୍ତିଙ୍କ ପ୍ରଭାବ / ଆକ୍ରମଣରୁ ହୋଇଥାଏ ବୋଲି ଭୂମିଜମାନେ ବିଶ୍ୱାସ କରୁଥିବାରୁ ଗ୍ରାମରେ ଦେହୁରୀଙ୍କ ଗୁରୁତ୍ୱ ଯଥେଷ୍ଟ ଅଧିକ । ସେ ଔଷଧ କିମ୍ବା

ପୂଜାପାଠ କିମ୍ବା ଉଭୟ ମାର୍ଗ ଅବଲମ୍ବନ ପୂର୍ବକ ସମସ୍ତଙ୍କୁ ସୁସ୍ଥ କରିବା ସଙ୍ଗେ ସଙ୍ଗେ ଶାନ୍ତିରେ କାଳାତିପାତ ପାଇଁ ପ୍ରତ୍ୟେକ ଦିଗରୁ ସୁରକ୍ଷା ପ୍ରଦାନ କରନ୍ତି। ପୁନଶ୍ଚ ଦେହୁରୀ ଗ୍ରାମ ସଭାର ସାଧାରଣ ସଦସ୍ୟ ହୋଇଥିବାରୁ ସଭାକାର୍ଯ୍ୟରେ ସହଯୋଗ କରିବା ସହିତ ଗ୍ରାମର ଉତ୍ତରୋତ୍ତର ଉନ୍ନତି ସାଧନରେ ଚେଷ୍ଟିତ ରହନ୍ତି। ଏକା ଧାରରେ ସେ ଦେହୁରୀ / ପୂଜକ, ବୈଦ୍ୟ ଓ ଗ୍ରାମ ସଭା ସଦସ୍ୟ। ତେଣୁ ଜଣେ ସମ୍ମାନନୀୟ ବ୍ୟକ୍ତି ଭାବରେ ଦେହୁରୀ ଭୂମିଜମାନଙ୍କର ସର୍ବାଙ୍ଗୀନ ମଙ୍ଗଳ କରିଥାଆନ୍ତି। ଆଧ୍ୟାତ୍ମିକ ଶକ୍ତିସଂପନ୍ନ ହୋଇଥିବା ଯୋଗୁଁ ସେ ପ୍ରତ୍ୟେକ ପଦବୀ ପାଇଁ ନ୍ୟାୟ ପ୍ରଦାନ କରିପାରନ୍ତି।

## କାର୍ଯ୍ୟନିର୍ବାହୀମାନଙ୍କର ବିଧି ନିଷେଧ :

ଭୂମିଜ ସଂପ୍ରଦାୟରେ ସମସ୍ତ କର୍ମକର୍ତ୍ତାଙ୍କ ପାଇଁ ଖାଦ୍ୟ ଓ ପାନୀୟରେ କୌଣସି ପ୍ରକାର ବାରଣ ନଥାଏ। ସମସ୍ତେ ସବୁପ୍ରକାର ଖାଦ୍ୟ ସାଧାରଣ ଜୀବନ ଚଳଣୀରେ ଖାଇ ପାରନ୍ତି। ମାତ୍ର କାଳ ବିଶେଷରେ କିଛିଟା ବ୍ୟତିକ୍ରମ ଘଟେ ବା ଖାଦ୍ୟ-ପାନୀୟକୁ ନିଷେଧ କରିଥାଆନ୍ତି। ପ୍ରତ୍ୟେକ ପୂଜା ପାଠ ଦିନ ଦେହୁରୀ ପୂଜା ଶେଷ ନହେବା ପର୍ଯ୍ୟନ୍ତ କୌଣସି ପ୍ରକାର ଖାଦ୍ୟ କିମ୍ବା ପାନୀୟ ଗ୍ରହଣ କରନ୍ତି ନାହିଁ। ନୂଆଖିଆ ପୂର୍ବରୁ ନବାନ୍ନ ଭକ୍ଷଣ କରନ୍ତି ନାହିଁ। ବାଆବଙ୍ଗା ପୂଜା ପୂର୍ବରୁ କୌଣସି ପୁଷ୍ପ ଖାଦ୍ୟ ରୂପେ ସେବନ କରିନଥାଆନ୍ତି। ବିଶେଷ କରି ଶାଳଫୁଲ ସ୍ପର୍ଶ ସୁଦ୍ଧା କରିବାକୁ ନିଷେଧ ଥାଏ। କାହାରି ଘରେ ଛୁତିକା କିମ୍ବା ଅଶୁଦ୍ଧିଆ ହୋଇଥିଲେ, ସେପରି ଘରୁ ଖାଦ୍ୟ-ପାନୀୟ ଗ୍ରହଣ କରିବାରେ ନିବୃତ ରହନ୍ତି। ଦେହୁରୀଙ୍କ ଘର ଛୁତିକା ଓ ଅଶୁଦ୍ଧିଆ ଜନିତ କାରଣରୁ ଅପବିତ୍ର ହୋଇଥିଲେ ସେ ପୂଜାପାଠ କରନ୍ତି ନାହିଁ। ସେହିପରି ପ୍ରତ୍ୟେକ ପୂଜାର ପୂର୍ବଦିନ ଓ ପୂଜାଦିନ ଦେହୁରୀ ସ୍ତ୍ରୀ ସହବାସ ବର୍ଜନ କରିଥାଆନ୍ତି। ପୂଜା ପୂର୍ବଦିନ ସେ ଶୁଦ୍ଧପୂତ ଭାବରେ ଅଲଗା ସ୍ଥାନ ଓ ବିଛଣାରେ ରାତ୍ରିଯାପନ କରନ୍ତି ଓ ପୂଜାଦିନ କାୟମନବାକ୍ୟରେ ଶୁଦ୍ଧ ହୋଇ ତାଙ୍କୁ ପୂଜାରେ ନିଷ୍ଠାର ସହ ବସିବାକୁ ହୁଏ। ଏହାଦ୍ୱାରା ଏକାଗ୍ରତା ଆସେ।

## କାର୍ଯ୍ୟନିର୍ବାହୀମାନଙ୍କ ପ୍ରତି ଲୋକମାନଙ୍କର ମନୋଭାବ:

ସାଧାରଣ ଭାବେ ଲୋକମାନଙ୍କର ଧର୍ମୀୟ କର୍ମକର୍ତ୍ତାଙ୍କ ଉପରେ ପ୍ରଗାଢ ବିଶ୍ୱାସ ଓ ଭରସା ରହିଥାଏ। ସେଥିରେ ପୁଣି ଆଦିବାସୀ ସଂପ୍ରଦାୟର ଲୋକେ

ଅତ୍ୟନ୍ତ ଧର୍ମଭୀରୁ / ଧର୍ମବିଶ୍ୱାସୀ ହୋଇଥିବାରୁ ଧର୍ମୀୟ କର୍ମକର୍ତ୍ତାଙ୍କୁ ସେମାନେ ଦେବତୁଲ୍ୟ ସ୍ଥାନ କରିଥାଆନ୍ତି। ସାମାଜିକ, ବ୍ୟକ୍ତିଗତ, ପାରିବାରିକ କିମ୍ବା ଗ୍ରାମୀଣ ସ୍ତରରେ ପ୍ରତ୍ୟେକଟି ସୁବିଧା - ଅସୁବିଧାରେ ଧର୍ମୀୟ କର୍ମକର୍ତ୍ତାଙ୍କର ସହାୟତା / ପରାମର୍ଶ ଲୋଡା ଯାଇଥାଏ। ତେଣୁ ଲୋକେ ସେମାନଙ୍କ ପ୍ରତି କୋମଳ / ସଦୟ ମନୋବୃତ୍ତି ପୋଷଣ କରିଥାଆନ୍ତି। କୌଣସି ପରିସ୍ଥିତିରେ ମଧ୍ୟ ସେମାନଙ୍କ ପ୍ରତି କଠୋର ମନୋଭାବ ପ୍ରଦର୍ଶନ କରାଯାଏ ନାହିଁ। ଉତ୍ତମ ବ୍ୟବହାର ଦ୍ୱାରା ଦେହୁରୀଙ୍କୁ ସମସ୍ତେ ସନ୍ତୁଷ୍ଟ ରଖିବାକୁ ଚାହାଁନ୍ତି। କାରଣ ଦେହୁରୀ ପୂଜାପାଠ ଦ୍ୱାରା ସମସ୍ତଙ୍କର ମଙ୍ଗଳ କରିବା ସହିତ ସମସ୍ତଙ୍କ ପାଇଁ ଦେବଦେବୀଙ୍କଠାରେ ଆଶୀଷ ଭିକ୍ଷା କରିଥାଆନ୍ତି। ଦେହୁରୀଙ୍କର ଆଧ୍ୟାତ୍ମିକ ଶକ୍ତି ଓ ବିଶ୍ୱାସ ଯୋଗୁଁ ଗ୍ରାମବାସୀ ସୁଖ, ସୁସ୍ଥ ତଥା ଶାନ୍ତିରେ କାଳାତିପାତ କରନ୍ତି। କୌଣସି ବିପଦ ପଡିଲେ ଉପଯୁକ୍ତ ପରାମର୍ଶ ଦେବା ସଙ୍ଗେ ସଙ୍ଗେ ନିରାକରଣ ପାଇଁ ପୂଜାବିଧିର ଆୟୋଜନ କରିଥାଆନ୍ତି। ମାନସିକ ପୂଜାକରିବା ଦ୍ୱାରା ସମସ୍ତେ ମାନସିକ ସ୍ତରରେ ଶାନ୍ତି ପାଆନ୍ତି। ଦୈବକୃପା ପ୍ରାପ୍ତ ଯୋଗୁଁ ଭଲ ବର୍ଷା ହୁଏ। ତଦ୍ୱାରା ଶସ୍ୟ ମଧ୍ୟ ବେଶ୍ ଆମଦାନୀ ହୋଇପାରେ। ଖାଦ୍ୟାଭାବ ଦୂର ହୁଏ। ବିଶେଷ ରୋଗବ୍ୟାଧି ଆକ୍ରମଣ କରେ ନାହିଁ। ତେଣୁ ଗ୍ରାମବାସୀଙ୍କର ସ୍ୱତଃ ଦେହୁରୀଙ୍କ ପ୍ରତି ଶ୍ରଦ୍ଧା, ସମ୍ମାନ ବୋଧ, ଭକ୍ତି ଉଦ୍ରେକ ହୋଇଥାଏ। ସମସ୍ତେ ପୂଜାରୀଙ୍କ ପରାମର୍ଶ ସାଦରେ ଗ୍ରହଣ କରନ୍ତି। ଦେହୁରୀ କୌଣସି ବ୍ୟକ୍ତିବିଶେଷଙ୍କ ଘରକୁ ଗଲେ ଉପଯୁକ୍ତ ସମ୍ମାନ ପ୍ରଦର୍ଶନ ପୂର୍ବକ ଯଥୋଚିତ ସତ୍କାର କରାଯାଇଥାଏ। ବସିବାକୁ ଆସନ ଦିଅନ୍ତି। ଖାଦ୍ୟ-ପାନୀୟ କିମ୍ବା କେବଳ ଦୁକ୍ତା-ଚୂନ ଓ ହାଣ୍ଡିଆରେ ଆପ୍ୟାୟିତ କରାଯାଏ। ପର୍ବପର୍ବାଣୀ ଏବଂ ଉତ୍ସବାନୁଷ୍ଠାନ ମାନଙ୍କରେ ଲୋକେ ତାଙ୍କୁ ନିମନ୍ତ୍ରଣ କରି ମଧ୍ୟ ମାଂସଭାତ ଏବଂ ହାଣ୍ଡିଆ ଖାଇବାକୁ ଦେଇଥାଆନ୍ତି। ତେଣୁ ବସ୍ତୁତଃ ଧର୍ମୀୟ କର୍ମକର୍ତ୍ତାଙ୍କ ପ୍ରତି ଭୂମିଜ ସମାଜରେ ଯଥେଷ୍ଟ ଶ୍ରଦ୍ଧା, ସମ୍ମାନ, ଭକ୍ତି, ଆଦର ଓ ପ୍ରିୟଭାବ ରହିଥାଏ। ମୁଖ୍ୟ ଜାହିରା ପୀଠର ପୂଜକ ଶବର ଜାତିର ହେଲେ ମଧ୍ୟ ସେ ଭୂମିଜ ବ୍ୟକ୍ତି ତଥା ପରିବାରରେ ଅତି ଆପଣାର। ଭୂମିଜ ଘରେ ତାଙ୍କୁ ଦେଖିଲେ, ବିଶ୍ୱାସ କରି ହୁଏନି ଯେ, ସେ ଭୂମିଜ ନୁହଁନ୍ତି, ଭିନ୍ନ ଗୋଷ୍ଠୀର ବ୍ୟକ୍ତି ବୋଲି। ସମସ୍ତ ଧର୍ମୀୟ କର୍ମକର୍ତ୍ତା ଭୂମିଜ ସମାଜରେ କେତେ ଆଦରଣୀୟ ତାହା ପ୍ରତ୍ୟକ୍ଷଦର୍ଶୀ ହିଁ କହିବ।

ସାଧାରଣ ଭାବେ ପୂଜକ ବା ଧର୍ମୀୟ କର୍ମକର୍ତ୍ତାମାନେ ଗାମୁଛା, ଲୁଙ୍ଗି, ଗଞ୍ଜି କିମ୍ବା ଧୋତି କୁର୍ତ୍ତା ମଧ ପିନ୍ଧନ୍ତି। ସେଗୁଡିକ ଯେକୌଣସି ରଙ୍ଗର ହୋଇପାରେ। କିନ୍ତୁ ପୂଜାପାଠ ଦିନ ଦେହୁରୀ ଶୁଦ୍ଧ ଧଳା ଧୋତି କଛା ମାରି ପିନ୍ଧନ୍ତି ଓ ଧଳା ଗଞ୍ଜି ପରିଧାନ କରିଥାଆନ୍ତି। ଛୋଟ ନାଲି ଗାମୁଛାଟିଏ ଉପରେ ପଡେ। କେହିବା କେବେ କେବେ ଗଞ୍ଜି ନ ପିନ୍ଧି ଧୋତି ସହ କେବଳ ଗାମୁଛାଟିଏ ବେକରେ ଗୁଡାଇ ଝୁଲାଇ ଦିଅନ୍ତି। ଅନେକ ସମୟରେ ଦେହୁରୀଙ୍କୁ ଧୋତି ପରିବର୍ତ୍ତେ ଗାମୁଛା ପିନ୍ଧି ପୂଜାରେ ବସିଥିବା ଦେଖାଯାଇଥାଏ।

ସାଧାରଣ ପୂଜାପାଠ ପାଇଁ ଧର୍ମୀୟ କର୍ମକର୍ତ୍ତାଙ୍କୁ କୌଣସି ପ୍ରକାର ପାଉଣା ଦିଆଯାଏ ନାହିଁ। କେବଳ ପୂଜାରେ ବ୍ୟବହୃତ ଭୋଗ ଏବଂ ବଳିମାଂସ ଭାଗ ଦେହୁରୀଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ରହେ। ବଳିର ମୁଣ୍ଡଟି ପକାଇ ଦେହୁରୀଙ୍କ ଲାଗି ସ୍ୱତନ୍ତ୍ର ଖେଚୁଡି ପ୍ରସ୍ତୁତ କରାଯାଏ। ଯାହାକି କେବଳ ପୂଜକ ହିଁ ଖାଆନ୍ତି। ଏହାବାଦ୍ ଯଦି ବ୍ୟକ୍ତିଗତ ଭାବରେ କେହି ଦେହୁରୀଙ୍କ ଦ୍ୱାରା ପୂଜାପାଠ କରାନ୍ତି, ତେବେ ସେମାନେ କେବେ କେବେ ଟଙ୍କା ପଇସା, ଚାଉଳ, କୁକୁଡା ଆଦି ଖୁସିରେ ଉପହାର ସ୍ୱରୂପ ଦେଇ ଥାଆନ୍ତି। ଦେହୁରୀଙ୍କ ପାଇଁ ଖାଦ୍ୟ - ପାନୀୟର ମଧ ବ୍ୟବସ୍ଥା କରାଯାଏ। କିନ୍ତୁ ପୁରୁଷାନୁକ୍ରମେ ଗ୍ରାମଦେବୀ ବିରାଟପାଟଙ୍କର ପୂଜା କରୁଥିବା ଶବର ଦେହୁରୀଙ୍କୁ ଗ୍ରାମ / ପଞ୍ଚାୟତ ତରଫରୁ ୧୫ଗୁଣ୍ଠ ଜମି ପ୍ରଦାନ କରାଯାଇଥିବାର ସ୍ୱୟଂ ଦେହୁରୀ କହନ୍ତି। ବଂଶାନୁକ୍ରମିକ ଭାବେ ସେହି ଜମି ସେମାନଙ୍କ ଦ୍ୱାରା ଭୋଗ ହୋଇ ଆସୁଛି ବୋଲି ସେ ସ୍ୱୀକାର କରନ୍ତି।

ବିଭିନ୍ନ ପ୍ରକାର ମାମଲାରେ ସେପରି ନିଷ୍ପତ୍ତି ନେବାର ଭୂମିକା ପ୍ରାୟତଃ ଦେହୁରୀମାନଙ୍କର ନଥାଏ। କିନ୍ତୁ ସେମାନେ ଗ୍ରାମସଭାର ସାଧାରଣ ସଦସ୍ୟ ହୋଇଥିବାରୁ ବିଚାର ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିବା ସହିତ ଧର୍ମ ବା ପୂଜା ସଂପର୍କିତ ମାମଲାଗୁଡିକର ନିଷ୍ପତ୍ତି ଗ୍ରହଣ କରିବାରେ ପ୍ରମୁଖ ଭୂମିକାରେ ଅବତୀର୍ଣ୍ଣ ହୋଇଥାଆନ୍ତି। ପ୍ରାୟତଃ ଧର୍ମ ସମ୍ବନ୍ଧୀୟ ନିଷ୍ପତ୍ତିର ଧାରା ସେହିମାନଙ୍କ ଉପରେ ଛାଡିଦିଆଯାଇଥାଏ। ଗ୍ରାମସଭାର ସଭାପତି ଯଦି ଦେହୁରୀ ପଦବୀରେ ଅଧିଷ୍ଠିତ ହୋଇଥାଆନ୍ତି, ତେବେ ପ୍ରତ୍ୟେକଟି ମାମଲାର ସିଦ୍ଧାନ୍ତ ତାଙ୍କରି ଉପରେ ହିଁ ନ୍ୟସ୍ତ ଥାଏ। ତେବେ ଗ୍ରାମର କୌଣସି ସାଧାରଣ ଗଣ୍ଡଗୋଳ ଉପୁଜିଲେ ଅଣଆନୁଷ୍ଠାନିକ ଭାବରେ ଦେହୁରୀ ସମାଧାନ କରିପାରନ୍ତି।

ପାରିବାରିକ ଏବଂ ବ୍ୟକ୍ତିଗତ ସ୍ତରରେ ଧର୍ମୀୟ କାର୍ଯ୍ୟନିର୍ବାହୀ :

ବ୍ୟକ୍ତିଗତ ଭାବେ ପରିବାରର ମୁଖ୍ୟ ହେଉଛନ୍ତି ଧର୍ମୀୟ କର୍ମକର୍ତ୍ତା । ସମସ୍ତ ପ୍ରକାର ଘରୋଇ ପୂଜାଗୁଡ଼ିକ ତାଙ୍କରି ଦ୍ୱାରା ହିଁ ସଂପାଦିତ ହୋଇଥାଏ । ସେ କରମ୍ ପୂଜା, ଇଷ୍ଟ ଦେବତା / ପୂର୍ବପୁରୁଷ (ହାପାଲମ୍ ବଙ୍ଗା), ଦ୍ୱାରହାରୀ, ଦିଶୁମ୍ ବଙ୍ଗା, କାଳୀପୂଜା (ସହରାଇ) ନୂଆଖିଆ (ନାଓ୍ୱାଇମ୍), ବାଆ ବଙ୍ଗା, ହେଟ୍‌ପୁନା ପ୍ରଭୃତି ପୂଜାପାଠ ଘରୋଇ ଭାବରେ ନିଜେ ଘରେ କରନ୍ତି । ପୂଜକଙ୍କ ଘରେ ଇଷ୍ଟଦେବତା / ପୂର୍ବପୁରୁଷ ହେଉଛନ୍ତି ମୁଖ୍ୟ ଆରାଧ୍ୟ ଦେବତା । ପ୍ରତ୍ୟେକ ପୂଜାପାର୍ବଣ, ପର୍ବପର୍ବାଣୀ, ବିବାହୋତ୍ସବ, ଶୁଦ୍ଧିକ୍ରିୟା ଆଦି ସମସ୍ତ ସାମାଜିକ ଅନୁଷ୍ଠାନମାନଙ୍କରେ ପରିବାରର ମୁଖ୍ୟ ଇଷ୍ଟଦେବତାଙ୍କଠାରେ ନିଶ୍ଚିତ ରୂପେ ପୂଜାଅର୍ଚ୍ଚନା କରନ୍ତି । ଏହି ପୂଜା ଇଶାଣରେ ଏବଂ ଘର ବାହାରେ ମଧ୍ୟ ଅନୁଷ୍ଠିତ ହୁଏ । ପୂର୍ବପୁରୁଷଙ୍କୁ ସନ୍ତୁଷ୍ଟ ରଖିଲେ ପରିବାରରେ ସୁଖଶାନ୍ତି ବିରାଜମାନ କରେ ବୋଲି ଭୂମିଜମାନେ ବିଶ୍ୱାସ କରନ୍ତି । କେତେକ ସାମୂହୀକ ପୂଜାଦିନ ମଧ୍ୟ ଘରୋଇ ପୂଜକ ଜାହିରା ପୂଜା ସମାପ୍ତି ପରେ ପୁଣି ଘରେ ଇଷ୍ଟଦେବତାଙ୍କ ଠାରେ ନୈବେଦ୍ୟ ଅର୍ପଣ କରିଥାଆନ୍ତି । ତେଣୁ ପାରିବାରିକ ସ୍ତରରେ ମୁଖ୍ୟ ପୂଜକ ହେଉଛନ୍ତି ପରିବାର ମୁଖ୍ୟ । ବଂଶାନୁକ୍ରମିକ ରୀତିରେ ସେ ସ୍ୱତଃ ପୂଜାପାଠର ଦାୟିତ୍ୱ ବହନ କରନ୍ତି । ସାଧାରଣତଃ ପରିବାରର ଜ୍ୟେଷ୍ଠପୁତ୍ରଙ୍କୁ ପୂଜା କରିବାରେ ଅଗ୍ରାଧିକାର ଦିଆଯାଇଥାଏ । କିନ୍ତୁ ଯଦି ସେ କାମ ଯୋଗୁଁ ବିଦେଶରେ ବସବାସ କରୁଥାଆନ୍ତି, ତେବେ ଅନୁଜ ମଧ୍ୟ ଏହି ପୂଜା ଭାର ଗ୍ରହଣ କରିପାରନ୍ତି । ଯଦି ପରିବାରରେ ପୁତ୍ର ସନ୍ତାନ ନଥାଆନ୍ତି, ତେବେ ଗୃହକର୍ତ୍ତୀ ମଧ୍ୟ ଘରୋଇ ପୂଜାପାଠ କରିଥାଆନ୍ତି । କେବଳ କାରାମ୍ ପୂଜା, ଦିଶୁମ୍ ବଙ୍ଗା ଓ ଦ୍ୱାରହାରୀ ପୂଜା ଗୃହକର୍ତ୍ତୀ କରିପାରନ୍ତି ନାହିଁ । ସେହି ପୂଜାଗୁଡିକ ସ୍ୱବଂଶର କୌଣସି ବ୍ୟକ୍ତିଙ୍କ ଦ୍ୱାରା ସଂପାଦିତ ହୁଏ ।

ପରିବାରର ମୁଖ୍ୟ ଭାବରେ ଘରୋଇ ପୂଜକମାନେ ଧାର୍ମିକ, ନ୍ୟାୟବନ୍ତ, ଧୈର୍ଯ୍ୟଶୀଳ, ପରୋପକାରୀ, କଷ୍ଟସହିଷ୍ଣୁ ହୋଇଥାଆନ୍ତି । ଗୃହର ସମସ୍ତ ଦାୟିତ୍ୱ ତାଙ୍କରି ହାତରେ ନ୍ୟସ୍ତ ଥିବାରୁ ସେ ପରିବାରର ସୁଖଶାନ୍ତି ପାଇଁ ଇଷ୍ଟଦେବତା, ସମସ୍ତ ଦେବାଦେବୀମାନଙ୍କୁ ପୂଜାପାଠ ମାଧ୍ୟମରେ ସନ୍ତୁଷ୍ଟ ରଖିବାକୁ ଯତ୍‌ପରୋନାସ୍ତି ଚେଷ୍ଟାକରନ୍ତି । ସେମାନଙ୍କର ଧାରଣା ଯେ ଦେବାଦେବୀଙ୍କର ଆଶୀର୍ବାଦ ପ୍ରାପ୍ତ ହେଲେ ସାଂସାରୀକ ଜୀବନ ସୁଖମୟ ହୁଏ । ସମସ୍ତ ପ୍ରକାର ବିପଦ ସ୍ୱତଃ ଟଳିଯାଇଥାଏ । ତେଣୁ ସେମାନେ ନିଷ୍ଠାର ସହିତ ଈଶ୍ୱରବିଶ୍ୱାସୀ ହୋଇ ପୂଜାପାଠମାନ ସଂପାଦନ କରନ୍ତି । ପୁଣି ପରିବାରର ମୁଖ୍ୟମାନେ

ଗ୍ରାମସଭାର ସାଧାରଣ ସଦସ୍ୟ ଥିବାରୁ ସାମୂହିକ ଭାବରେ ଗ୍ରାମର ସମସ୍ତଙ୍କର ମଙ୍ଗଳ ଚିନ୍ତା କରନ୍ତି । ଧୈର୍ଯ୍ୟର ସହ ପ୍ରତ୍ୟେକ ପରିସ୍ଥିତିର ମୁକାବିଲା କରିପାରନ୍ତି ।

ଗୃହର ପୂଜକମାନେ କୌଣସି ପ୍ରକାର ସ୍ୱତନ୍ତ୍ର ତାଲିମପ୍ରାପ୍ତ ହୋଇନଥାଆନ୍ତି କିମ୍ବା ପୂଜାପାଠ ପାଇଁ ତାଲିମ ନେବାର ଆବଶ୍ୟକତା ନଥାଏ । ଘରୋଇ ଭାବରେ ସେମାନେ ନିଜର ପିତା / ପିତୃବ୍ୟଙ୍କଠାରୁ ପୂଜାବିଧିର ସମସ୍ତ ଜ୍ଞାନକୌଶଳ ଆହରଣ କରିଥାଆନ୍ତି । ପିଲାବେଳୁ ପୂଜାର ପ୍ରଥା ବିଧି ଦେଖି - ଶିଖି ନିଜକୁ ଆପଣାଛାଏଁ ଅଭିଜ୍ଞ କରାଇ ନିଅନ୍ତି ଏବଂ ପିତାଙ୍କ ଅନ୍ତେ ଘରେ ସମସ୍ତ ପୂଜାପାଠ ତାଲିମପ୍ରାପ୍ତ ପୂଜକ ଭାବରେ ସମାପନ କରିବାକୁ ଦକ୍ଷ ହୋଇଯାଇଥାଆନ୍ତି । ଆବଶ୍ୟକ ସ୍ଥଳେ ଅଭିଜ୍ଞ ପଡୋଶୀ କିମ୍ବା ଦେହୁରୀଙ୍କର ପରାମର୍ଶ ଲୋଡନ୍ତି ।

**ନିର୍ଦ୍ଧାରିତ କାର୍ଯ୍ୟାବଳୀ:**

ପାରିବାରିକ ସ୍ତରରେ ଧର୍ମୀୟ କର୍ମକର୍ତ୍ତାମାନେ ସମସ୍ତ ଘରୋଇ ପାରମ୍ପରିକ ପୂଜାମାନ ସଂପାଦନ କରନ୍ତି । ଘରେ ସେମାନେ କରମ୍ ପୂଜା, ଇଷ୍ଟଦେବତା / ପୂର୍ବପୁରୁଷ (ହାପାଲ୍ମ୍ ବଙ୍ଗା), କାଳୀପୂଜା (ସହରାଇ), ନୂଆଖିଆ (ନୱାଜମ୍), ଫୁଲ ପୂଜା (ବାଆବଙ୍ଗା), ଦିଶୁମ୍ ବଙ୍ଗା, ଦ୍ୱାରହାରୀ, ହେର୍‌ପୁନା ଆଦି ପୂଜାଗୁଡିକ ନିଜେ କରିଥାଆନ୍ତି । ଇଷ୍ଟ ଦେବତା ବା ପୂର୍ବପୁରୁଷ ହେଉଛନ୍ତି ସେମାନଙ୍କର ମୁଖ୍ୟ ଆରାଧ ଦେବତା । ତାଙ୍କୁ ଈଶାଣରେ ଏବଂ ଘର ବାହାରେ ମଧ୍ୟ ପୂଜା କରାଯାଏ । ଇଷ୍ଟଦେବତାଙ୍କ ଆଶୀର୍ବାଦ ଦ୍ୱାରା ପରିବାରର ସମସ୍ତ ବିପତ୍ତି ଦୂରେଇ ଯାଇ ସୁଖ - ଶାନ୍ତି ବିରାଜିତ ହୁଏ । ଏମାନେ ଅନେକ ଗୁଣିଆ କାମ ମଧ୍ୟ ଜାଣିଥାଆନ୍ତି । ଘରୋଇ ଭାବରେ ଝଡାଫୁଙ୍କା ଏବଂ ପଡୋଶୀ ପିଲାମାନଙ୍କୁ ଦୃଷ୍ଟି ନଜର ଲାଗିଲେ ସୁସ୍ଥ କରିପାରନ୍ତି । ପୁଣି ପରିବାରର ମୁଖ୍ୟମାନେ ଗ୍ରାମସଭାର ସାଧାରଣ ସଦସ୍ୟ ହୋଇଥିବାରୁ ସଭାକାର୍ଯ୍ୟରେ ସହଯୋଗ ପ୍ରଦାନ କରିବା ସଙ୍ଗେ ସଙ୍ଗେ ଗ୍ରାମର ସାମୂହାିକ ଉନ୍ନତି ପାଇଁ ସହାୟତା କରିଥାଆନ୍ତି ।

ଭୂମିଜ ସମାଜରେ ପରିବାରର ଧର୍ମୀୟ କର୍ମକର୍ତ୍ତାମାନଙ୍କ ପାଇଁ ଖାଦ୍ୟ-ପାନୀୟରେ କୌଣସି ବାରଣ ନଥାଏ । ସାଧାରଣ ଭାବେ ସେମାନେ ସବୁ ପ୍ରକାର ଖାଦ୍ୟ ଓ ପାନୀୟ ଗ୍ରହଣ କରିପାରନ୍ତି । କିନ୍ତୁ ଦେହୁରୀଙ୍କ ପରି ନୂଆଖିଆ ପୂଜା ପୂର୍ବରୁ ନବାନ୍ନ ଭକ୍ଷଣ କରନ୍ତି ନାହିଁ । ବାଆବଙ୍ଗା ପୂଜା ପୂର୍ବରୁ ନବାନ୍ନ ଭକ୍ଷଣ କରନ୍ତି ନାହିଁ । ବାଆବଙ୍ଗା ପୂଜା ପୂର୍ବରୁ ବିଶେଷ କରି ଶାଳଫୁଲ ସ୍ପର୍ଶ ସୁଦ୍ଧା କରିନଥାଆନ୍ତି । କାରଣ ସେହି ପୂଜାରେ

ଶାଳଫୁଲ ପୂଜାସାମାଗ୍ରୀ ଭାବରେ ବ୍ୟବହୃତ ହୋଇଥାଏ। ଗୃହରେ କେହି ମୃତ୍ୟୁବରଣ କରିଥିଲେ ଶୁଦ୍ଧକ୍ରିୟା ନଯିବା ପର୍ଯ୍ୟନ୍ତ ଏବଂ ଛୁତିକା ହୋଇଥିଲେ ଗୃହ-ପରିବାର ପବିତ୍ରୀକୃତ ନହେବା ଯାଏଁ ସେମାନେ କୌଣସି ଘରୋଇ ପୂଜା କର୍‌ନ୍ତି ନାହିଁ। ଏପରିକି ଗ୍ରାମର ସାମୂହୀକ ପୂଜା ଅନୁଷ୍ଠାନରେ ଅଂଶଗ୍ରହଣ କରିବାକୁ ନିଷେଧ ଥାଏ। ପୂଜାଦିନ ଏବଂ ପୂଜା ପୂର୍ବଦିନ ଗୃହକର୍ତ୍ତା ସ୍ତ୍ରୀ ସଂସର୍ଗ ରଖନ୍ତି ନାହିଁ। ଶୁଦ୍ଧପୂତ ତଥା ନିଷ୍ଠାର ସହ ପୂଜା କରିବାକୁ ଏମାନେ ପସନ୍ଦ କରନ୍ତି। ଏହାଦ୍ୱାରା ଈଶ୍ୱାରାନୁଚିନ୍ତା ସ୍ଥିର ରହେ ଏବଂ ପୂଜାବିଧିରେ ପବିତ୍ରତା ସୁରକ୍ଷିତ ରହେ। ଗୃହକର୍ତ୍ତାଙ୍କୁ ଯେଉଁଠି ପୂଜାପାଠ କରିବାକୁ ହୁଏ, ସେ ରଜୋବତୀ କାଳରେ ପୂଜା କରିବା ପାଇଁ ନିଷେଧ ଥାଏ। ଘରୋଇ ପୂଜା ମଧ୍ୟରେ ଗୃହକର୍ତ୍ତୀ କରମ୍ ପୂଜା, ଦିଶୁମ୍ ବଙ୍‌ଗା ପୂଜା ଓ ଦ୍ୱାରହାରୀ ପୂଜା କରନ୍ତି ନାହିଁ। ସେତେବେଳେ ସ୍ୱବଂଶର କୌଣସି ବ୍ୟକ୍ତିଙ୍କ ଦ୍ୱାରା ପୂଜାବିଧି ସଂପାଦିତ ହୋଇଥାଏ।

ପରିବାର ବା ସାମାଜିକ ସ୍ତରୀୟ ଧର୍ମୀୟ କର୍ମକର୍ତ୍ତାମାନେ ସଭିଏଁ ସ୍ୱଗ୍ରାମର ସାଧାରଣ ଅଧିବାସୀ। କେବଳ ନିଜ ନିଜ ପରିବାରରେ ସେମାନେ ଧର୍ମୀୟ କର୍ମକର୍ତ୍ତା ବା ପୂଜକ ଭାବରେ ପୂଜା କାର୍ଯ୍ୟ ସମ୍ପାଦନ କରନ୍ତି। ସମସ୍ତେ ପୁଣି ଗ୍ରାମସଭାର ସାଧାରଣ ସଦସ୍ୟ। ତେଣୁ ସମସ୍ତଙ୍କର କାର୍ଯ୍ୟଧାରା ସମାନ ହୋଇଥିବାରୁ ସଭିଏଁ ପରସ୍ପରକୁ ଶ୍ରଦ୍ଧା ଓ ସମ୍ମାନ ଜଣାଇଥାଆନ୍ତି। ସମସ୍ତଙ୍କର ମନୋଭାବ ସମସ୍ତଙ୍କ ପ୍ରତି ବନ୍ଧୁଭାବାପନ୍ନ। ଭାଇଭାଇ ହୋଇ ଚଳନ୍ତି। ସୁଖଦୁଃଖରେ ସାଥି ହୁଅନ୍ତି। ବିପଦ ସମୟରେ ସଭିଏଁ ଏକତ୍ରିତ ହୋଇ ପରିସ୍ଥିତିର ମୁକାବିଲା କରନ୍ତି। ଗ୍ରାମସଭାର ମର୍ଯ୍ୟଦାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ସୁପରିଚାଳନାରେ ସହଯୋଗ / ସହାୟତା ପ୍ରଦାନ କରିଥାଆନ୍ତି। ପରିବାରର ମୁଖ୍ୟ, ଧର୍ମୀୟ କର୍ମକର୍ତ୍ତା / ପୂଜକ ଓ ଗ୍ରାମସଭାରେ ସଦସ୍ୟତା କରୁଥିବାରୁ ଅନ୍ୟାନ୍ୟ ପ୍ରତ୍ୟେକ ଗ୍ରାମବାସୀମାନେ ସେମାନଙ୍କୁ ଯଥୋଚିତ ସମ୍ମାନ ପ୍ରଦର୍ଶନ କରୁଥିବା ଦେଖାଯାଏ। ପୂଜାକର୍ମରେ ମଧ୍ୟ ପଡୋଶୀମାନଙ୍କ ସହିତ ସହାୟତାର ଆଦାନପ୍ରଦାନ ହୁଏ। ପୂଜାପାଠ, ପର୍ବପର୍ବାଣୀ କିମ୍ବା କୌଣସି ସାମାଜିକ ଉତ୍ସବାନୁଷ୍ଠାନ, ଶୁଦ୍ଧିକ୍ରିୟା, ଗୃହ ପ୍ରତିଷ୍ଠା, ଉଠିଆରୀ, ଶିଶୁର ନାମକରଣ ଓ ବିବାହୋତ୍ସବ ମାନଙ୍କରେ ପ୍ରତ୍ୟେକ ପରସ୍ପରକୁ ନିମନ୍ତ୍ରଣ ଜଣାଇ ଯଥାରୀତି ସତ୍କାର କରନ୍ତି ଏବଂ ସମସ୍ତେ ସମସ୍ତଙ୍କର କର୍ମକାର୍ଯ୍ୟରେ ସହାୟତା ପ୍ରଦାନ କରିବା ପାଇଁ ଅକୁଣ୍ଠିତ ଚିତ୍ତରେ ଆଗେଇ ଆସିଥାଆନ୍ତି। ସାଧାରଣ ଭାବରେ କେହି କାହାରି ଘରକୁ ବୁଲିବା ପାଇଁ

ଗଲେ ବାସିବା ପାଇଁ ପଟିଆ କିମ୍ବା ଖଟ ଦିଆଯାଏ । ଦୂକ୍ତା ଚୂନ ଓ ପାନୀୟ (ହାଣ୍ଡିଆ)ର ମଧ୍ୟ ବ୍ୟବସ୍ଥା ହୁଏ । ବସ୍ତୁତଃ ଗୃହମୁଖ୍ୟମାନଙ୍କ ପ୍ରତି ଗ୍ରାମବାସୀଙ୍କର ମନୋଭାବ ତଥା ବ୍ୟବହାର ବେଶ୍ ସୌହାର୍ଦ୍ଦପୂର୍ଣ୍ଣ ।

ପରିବାର ସ୍ତରୀୟ ପୂଜକ / ଧର୍ମୀୟ କର୍ମକର୍ତ୍ତାମାନେ ସ୍ୱଗୃହରେ ଯାବତୀୟ କାର୍ଯ୍ୟ କିମ୍ବା ସମସ୍ୟାଗୁଡ଼ିକର କେବଳ ନିଷ୍ପତ୍ତି ନେଇଥାଆନ୍ତି । କିନ୍ତୁ ଗ୍ରାମ ବା ଗୋଷ୍ଠୀ ସ୍ତରରେ କୌଣସି ମାମଲାରେ ନିଷ୍ପତ୍ତି ନେବାର ଭୂମିକା ତାଙ୍କର ନଥାଏ । ଅବଶ୍ୟ ଗ୍ରାମସଭାର ସାଧାରଣ ସଦସ୍ୟ ଭାବରେ ପ୍ରତ୍ୟେକ ମାମଲାର ବିଚାର ଆଲୋଚନା କରିବାର ଅଧିକାର ସେମାନଙ୍କର ଥାଏ । ନିଷ୍ପତ୍ତି ପ୍ରକ୍ରିୟାକୁ ପ୍ରଭାବିତ କରିବା ପାଇଁ ମଧ୍ୟ ସେମାନେ ଚେଷ୍ଟା କରନ୍ତି । କିନ୍ତୁ ନିଷ୍ପତ୍ତି ନେବାର କ୍ଷମତା କେବଳ ନ୍ୟସ୍ତ ଥାଏ ସଭାପତିଙ୍କ ହାତରେ । ତେବେ ଗ୍ରାମରେ ଜଣେ ଜଣେ ବୟସ୍କ, ଅଭିଜ୍ଞ ଓ ଧର୍ମଭାବାପନ୍ନ ସମ୍ମାନନୀୟ ବ୍ୟକ୍ତି ସ୍ୱରୂପ ସାଧାରଣ ଛୋଟମୋଟ ଗଣ୍ଡଗୋଳ ହେଲେ ଅଣଆନୁଷ୍ଠାନିକ ଭାବେ ସମାଧାନ ପୂର୍ବକ ନିଷ୍ପତ୍ତି ଗ୍ରହଣ କରିପାରନ୍ତି । ଆବଶ୍ୟକ ସ୍ଥଳେ ଅନ୍ୟମାନେ ପରାମର୍ଶ ମଧ୍ୟ ଲୋଡନ୍ତି ।

## ଗ୍ରାମସ୍ତରରେ ଧର୍ମୀୟ କାର୍ଯ୍ୟନିର୍ବାହୀ ସହାୟକ :

ଭୂମିଜ ସମାଜରେ ଗ୍ରାମ ଗୋଷ୍ଠୀ ସ୍ତରରେ ଧର୍ମୀୟ କର୍ମକର୍ତ୍ତାଙ୍କ ପାଇଁ କୌଣସି ସହାୟକ ନିଯୁକ୍ତ ହୋଇ ନଥାଆନ୍ତି । ସ୍ୱତନ୍ତ୍ର ପୂଜା ସହାୟକ ପ୍ରଥା ଭୂମିଜମାନଙ୍କର ନାହିଁ । ପୂଜାପାଠ ସମୟରେ ଦେହୁରୀଙ୍କୁ ଗ୍ରାମର ଯେକୌଣସି ଲୋକ ସହାୟତା ପ୍ରଦାନ କରିପାରନ୍ତି । ସେଥିରେ କୌଣସି ବାରଣ ନଥାଏ । ସାମୂହୀକ ପୂଜାମାନଙ୍କରେ ପ୍ରାୟତଃ ପରିବାର ମୁଖ୍ୟମାନେ ପୂଜାସ୍ଥଳୀରେ ଉପସ୍ଥିତ ରହି ପୂଜା କର୍ମରେ ସକ୍ରିୟ ଅଂଶଗ୍ରହଣ କରିଥାଆନ୍ତି । ତେଣୁ ସେମାନଙ୍କ ମଧ୍ୟରୁ କେହି ଦେହୁରୀଙ୍କ ପାଖେ ପାଖେ ରହି ତାଙ୍କ ନିର୍ଦ୍ଦେଶ ମୁତାବକ ପୂଜାକାର୍ଯ୍ୟରେ ସହାୟତା ପ୍ରଦାନ କରନ୍ତି ।

## ତାନ୍ତ୍ରିକ ବା ଗୁଣିଆ (ଦେଓଣା) (ଯାଦୁ ଧର୍ମୀୟ କାର୍ଯ୍ୟନିର୍ବାହୀ):

ଭୂମିଜ ସଂପ୍ରଦାୟରେ ତାନ୍ତ୍ରିକ ବା ଗୁଣିଆମାନଙ୍କର ଗୁରୁତ୍ୱ ଯଥେଷ୍ଟ ଅଧିକ । ସେମାନଙ୍କର ଗୁଣିଆମାନଙ୍କୁ ଓ ଗୁଣିଆଙ୍କ କାମରେ ଅଗାଧ ବିଶ୍ୱାସ । ଯେକୌଣସି ପ୍ରକାର ଶାରୀରିକ ଅସୁସ୍ଥତାକୁ ସେମାନେ ଗୁଣି / ତନ୍ତ୍ରର ପ୍ରଭାବ ବୋଲି ମନେ କରି

ଥାଆନ୍ତି। ତେଣୁ କୌଣସି ରୋଗରେ ଆକ୍ରାନ୍ତ ହେଲେ ପ୍ରଥମେ ଗୁଣିଆର ସହାୟତା ଲୋଡା ଯାଇଥାଏ। ଗୁଣିଆ ସେମାନଙ୍କୁ ଝଡାଫୁଙ୍କା ବା ତନ୍ତ୍ରପୂଜା ମାଧ୍ୟମରେ ସୁସ୍ଥ କରିପାରନ୍ତି। ଅବଶ୍ୟ ଏବେ କେତେକ ଭୂମିଜ ଶିକ୍ଷିତ ହୋଇ ଡାକ୍ତରଙ୍କ ଦ୍ୱାରା ଚିକିତ୍ସିତ ହେଉଛନ୍ତି, ତଥାପି ଚିକିତ୍ସା ସାଥେ ସାଥେ ଗୁଣିଆଙ୍କର ଆଶ୍ରୟ ମଧ୍ୟ ଲୋଡୁଥିବାର ଦେଖାଯାଉଛି। ଆଗରୁ କିନ୍ତୁ ଭୂମିଜମାନଙ୍କର ତାନ୍ତ୍ରିକ ଓ ଗ୍ରାମ ବୈଦ୍ୟ ହିଁ ସର୍ବସ୍ୱ ଥିଲେ। ଯେକୌଣସି ପ୍ରକାର ରୋଗବ୍ୟାଧିରୁ ଏମାନଙ୍କ ଦ୍ୱାରା ମୁକ୍ତ ହୋଇପାରୁଥିଲେ। ତାନ୍ତ୍ରିକ ଓ ତନ୍ତ୍ରର ପ୍ରଭାବ / ବିଶ୍ୱାସ ଭୂମିଜ ସମାଜରେ କେତେ ଅଧିକ, ତାହା ଜଣେ ପ୍ରତ୍ୟକ୍ଷଦର୍ଶୀ ହିଁ କହିପାରେ। ତେଣୁ ପ୍ରାୟ ଭୂମିଜ ବ୍ୟକ୍ତି ଅଳ୍ପ ବହୁତେ ତନ୍ତ୍ର ବିଦ୍ୟା ବା ଗୁଣିଆ କାମ ଶିଖିଥାଆନ୍ତି। କିଛି ନହେଲେ ଘରୋଇ ଝଡାଫୁଙ୍କା ପାଇଁ ତାହା ବ୍ୟବହାର କରାଯାଇଥାଏ।

ଗ୍ରାମରେ ଦୁଇ / ତିନି ଜଣ ଗୁଣିଆ ରହିଥାଆନ୍ତି। ସେ ମଧ୍ୟରୁ ଯିଏ ତନ୍ତ୍ର ବିଦ୍ୟାରେ ଅଧିକ ସିଦ୍ଧି ଲାଭ କରିଥାଏ, ତାକୁ ମୁଖ୍ୟ ଗୁଣିଆ ଭାବରେ ଅଭିହିତ କରନ୍ତି। ଗ୍ରାମରେ ତାଙ୍କର ଗୁରୁତ୍ୱ ଏତେ ବେଶି ଯେ, ସେ ଅସମ୍ଭବ ପ୍ରକାର କାର୍ଯ୍ୟ ସାଧନ କରିପାରନ୍ତି ବୋଲି ସମସ୍ତଙ୍କର ବିଶ୍ୱାସ।

**ମନୋନୟନ :**

ଗୁଣିଆ(ଦେଓଣା)ମାନଙ୍କ ପାଇଁ କୌଣସି ପ୍ରକାର ବଛାବଛି କିମ୍ବା ନିର୍ବାଚନ ପଦ୍ଧତି କିମ୍ବା ଉତ୍ତରାଧିକାରୀ ସୂତ୍ରରେ ଅଧିକାର କରିବା ପରଂପରା ଅନୁସୃତ ହୁଏ ନାହିଁ। ଯେ ତନ୍ତ୍ର ବିଦ୍ୟା ଶିକ୍ଷା କରି ଗୁଣିଆ କାମ କଲା, ସେ ଦେଓଣା ହେଲା। ଯେ ତନ୍ତ୍ର ବିଦ୍ୟାରେ ଅଧିକ ସିଦ୍ଧି ଲାଭ କରି ସଫଳତାର ସହ ଅଲୌକିକ କାର୍ଯ୍ୟମାନେ ସଂପାଦନ କରିପାରିଲା ସେ ମୁଖ୍ୟ ଗୁଣିଆ ବା ମୁଖ୍ୟ ଦେଓଣା ହେଲା। ଉତ୍ତରାଧିକାରୀ ସୂତ୍ରରେ କେହି ଗୁଣିଆ ହୋଇଯାଏ ନାହିଁ। ଏଥିପାଇଁ ତନ୍ତ୍ରବିଦ୍ୟା ଆହରଣ ଆବଶ୍ୟକ।

ତନ୍ତ୍ର ବିଦ୍ୟାକୁ ଯେ, ଯେତେ ଅଧିକ ଭାବରେ ଆହରଣ ପୂର୍ବକ ସିଦ୍ଧି ଲାଭ କରିପାରନ୍ତି, ସେ ସେତେ ଉଚ୍ଚକୋଟୀର ଗୁଣିଆ ଭାବେ ପ୍ରତିଷ୍ଠିତ ହୁଅନ୍ତି। ଏମାନେ ସାଧାରଣତଃ ଜ୍ଞାନୀ, ଗୁଣୀ, ବାକ୍‌ସଂଯମୀ, ପରୋପକାରୀ, ଧାର୍ମିକ, ନିର୍ଲୋଭୀ ଓ ସେବାଭାବ ସଂପନ୍ନର ବ୍ୟକ୍ତି ହୋଇଥାଆନ୍ତି। ଏହିସବୁ ଗୁଣର ଅଧିକାରୀ ନହେଲେ ଜଣେ ପ୍ରତିଷ୍ଠିତ, ପ୍ରିୟ ଓ ବିଶ୍ୱସ୍ତ ଗୁଣିଆ ହୋଇପାରେ ନାହିଁ। ଗୁଣିଆ ବାକ୍ ସଂଯମ

ନକଲେ ତାଙ୍କର ଅଭିଶାପ ଦ୍ୱାରା ଅନ୍ୟର ପ୍ରଭୂତ କ୍ଷତି ସାଧିତ ହୋଇଥାଏ । କାରଣ ସିଦ୍ଧି ପ୍ରାପ୍ତ ତାନ୍ତ୍ରିକର ବାକ୍ୟ ଅକାଟ୍ୟ ବୋଲି ଭୂମିଜମାନେ ବିଶ୍ୱାସ କରନ୍ତି । ପୁଣି ଲୋଭ ଗୁଣ ରହିଲେ ତନ୍ତ୍ର ବିଦ୍ୟା ହରଣ ହୋଇଯିବାର ଧାରଣା ସେମାନଙ୍କର । ତନ୍ତ୍ର ବିଦ୍ୟାର ଉପକାରିତା ଯେତିକି ଅପକାର ଶକ୍ତି ତତୋଧିକ । ତେଣୁ ପ୍ରତିଶୋଧପରାୟଣ ମନୋଭାବ ରଖି ସେ ତନ୍ତ୍ର ପ୍ରୟୋଗ କଲେ ଅନ୍ୟଜଣେ ମୃତ୍ୟୁବରଣ କରିବାର ସମ୍ଭାବନା ଥାଏ । ସେଥିପାଇଁ ଗୁଣିଆଙ୍କୁ ସରଳ, ଶାନ୍ତ, ଧୈର୍ଯ୍ୟଶୀଳ ତଥା ସଂଯମୀ ଗୁଣର ଅଧିକାରୀ ହେବା ଅପରିହାର୍ଯ୍ୟ । ନିଜର ଜ୍ଞାନଶକ୍ତି ବଳରେ ସେ ସମସ୍ତଙ୍କୁ ଯନ୍ତ୍ରଣାମୁକ୍ତ କରନ୍ତି । ସର୍ବୋପରି ଈଶ୍ୱରବିଶ୍ୱାସୀ – ଧାର୍ମିକ ହୋଇଥିବା ଯୋଗୁଁ ଦେଓଣାମାନେ ଯାଦୁ / ତନ୍ତ୍ରବିଦ୍ୟା ହାସଲ କରିବାରେ ସକ୍ଷମ ହୋଇଥାଆନ୍ତି ।

**ତାଲିମ :**

ଗୁଣିଆ ଓ ଦେଓଣା ହେବାପାଇଁ ସ୍ୱତନ୍ତ୍ର ତାଲିମର ଆବଶ୍ୟକତା ଜରୁରୀ । ଭୂମିଜ ଦେଓଣାମାନଙ୍କୁ କୌଣସି ବୃଦ୍ଧ ଗୁଣିଆ / ଗୁଣ ବିଶାରଦଙ୍କଠାରୁ ବର୍ଷାଧିକ କାଳ ତନ୍ତ୍ର ବିଦ୍ୟା ଶିକ୍ଷା କରିବାକୁ ପଡେ । ତନ୍ତ୍ର ଓ ତାନ୍ତ୍ରିକକୁ ଚିହ୍ନିବା ଉପାୟ, ତନ୍ତ୍ରର ପରିମାଣ – ପରିସୀମା, ତନ୍ତ୍ରର ପ୍ରଭାବ ପ୍ରତିହତ ପାଇଁ ମାର୍ଗ ଏବଂ ତନ୍ତ୍ର ପ୍ରୟୋଗ କରିବାର ଧାରା – ମନ୍ତ୍ରାଦି ସେମାନେ ଗୁରୁଙ୍କ ଠାରୁ ଶିକ୍ଷା କରନ୍ତି । ଯେକୌଣସି ଜାତିର ତନ୍ତ୍ର – ଗୁରୁଙ୍କ ଠାରୁ ତନ୍ତ୍ର ବିଦ୍ୟା ଶିକ୍ଷା ଲାଭ କରିବାରେ କିଛି ବାଧା ନଥାଏ । ତନ୍ତ୍ର ବିଦ୍ୟାର ବିଷୟବସ୍ତୁ ଗୁଡିକ ହେଲା – ଛତାଣ (ଛାତାଅ) ତେଲଖଡି (ସୁନୁମ୍ ଲେଲ୍), କାଠିମାପ (ଚାରିଃ ଲେଲ୍), ବେତ ଖଡିରେ ମାପ (ବେଁତ୍ତାଣ୍ଡାଃତେ ଲେଲ୍), ବଣ ଛାଞ୍ଚୁଣିରେ ଝାଡିବା (ବୁରୁଜନଃତେ ଲେଲ୍ ଆର୍ ଜଅଃ), ଏବଂ ଛଣରେ ଝାଡିବା (କଇ୍କମ୍ ଜନଃତେ ଜଅଃ) ଇତ୍ୟାଦି । ମନ୍ତ୍ର ମଧ୍ୟରେ ସେହିପରି ଥାଏ, ସୋରିଷ ମନ୍ତ୍ର (ମାନି ମନ୍ତର) ତୁଳସୀ ପତ୍ରକୁ ଜଳରେ ପକାଇ ମନ୍ତ୍ର (ଝଟିନି ମନ୍ତର) । ଏ ସବୁ ମନ୍ତ୍ର – ତନ୍ତ୍ର ଶିକ୍ଷା ସମାପ୍ତ କରିବାକୁ ସାଧାରଣତଃ ବର୍ଷେରୁ ଉର୍ଦ୍ଧ୍ୱ କାଳ ଲାଗିଯାଏ । ସମସ୍ତ ବିଷୟରେ ଉପଯୁକ୍ତ ତାଲିମ ଗ୍ରହଣ ପରେ ଶିଷ୍ୟ ତାଙ୍କର ଗୁରୁ ଓ ଗୁରୁପତ୍ନୀଙ୍କୁ ଗୋଟିଏ ଲେଖାଏଁ ନବବସ୍ତ୍ର ଉପହାର ସ୍ୱରୂପ ପ୍ରଦାନ କରିଥାଆନ୍ତି । ତା'ପରେ ସେମାନେ ତନ୍ତ୍ରକାର୍ଯ୍ୟ ବା ଗୁଣିଆ କାମ କରୁକରୁ ଅଭିଜ୍ଞ ସଂପନ୍ନ ହୋଇପାରନ୍ତି । ଗ୍ରାମର ଅନ୍ୟ ଲୋକମାନେ ଏମାନଙ୍କ (ତାଲିମ ପ୍ରାପ୍ତ) ପାଖରୁ ଅଳ୍ପ ଅଳ୍ପ ତନ୍ତ୍ର ବିଦ୍ୟା ହାସଲ କରିବାକୁ ଚେଷ୍ଟା କରିଥାଆନ୍ତି ।

ନିର୍ଦ୍ଧାରିତ କାର୍ଯ୍ୟାବଳୀ :

ଦେଓଣା / ଯାଦୁଧର୍ମୀୟ କର୍ମକର୍ତ୍ତାମାନେ ମୁଖ୍ୟତଃ କେବଳ ଗୁଣିଆ / ତନ୍ତ୍ର କାର୍ଯ୍ୟ କରନ୍ତି। ଗ୍ରାମରେ କୌଣସି ବ୍ୟକ୍ତିଙ୍କୁ ଜ୍ୱର-ବ୍ୟାଧି ହେଲେ ପ୍ରଥମେ ଗୁଣିଆକୁ ଡକାଯାଏ। ସେ ତେଲଖଡି / କାଠିମାପ କିମ୍ବା ବେତବାଡି ଧରି ନାଟିକା ଚିପି ଜାଣିପାରନ୍ତି ଯେ ସଂପୃକ୍ତ ବ୍ୟକ୍ତିଟି କି ପ୍ରକାର ଭୂତ – ପ୍ରେତ – ଦୁଷ୍ଟଶକ୍ତିଙ୍କର ଆକ୍ରମଣର ଶୀକାର ହୋଇଛି। ପ୍ରଥମେ ଗୁଣିଆ ମନ୍ତ୍ର ମାଧମରେ ଝଡାଫୁଙ୍କା କରି ରୋଗୀର ଶରୀରରୁ ପ୍ରେତାତ୍ମାକୁ ଦୂରେଇ ଦେବାକୁ ଚେଷ୍ଟା କରନ୍ତି। ମନ୍ତ୍ରଟି ଏହି ମତେ ବୋଲାଯାଏ –

"ହାରେ ନଜର୍ ନଜର୍ ଭୂତ୍ ନଜର୍, ପ୍ରେତ୍ ନଜର୍,
ଏ ନଜର୍, କେ କାଟେ, ଗୁରୁ କାଟେ, ଈଶ୍ୱର ପାର୍ବତୀରେ
ଦ୍ୱାହିରେ କାଟେ।"

ଏହି ମନ୍ତ୍ରଟିକୁ ୭ ଥର ଉଚ୍ଚ ସ୍ୱରରେ କହି ୭ ଥର ରୋଗୀକୁ ଜୋରଜୋର ଫୁଙ୍କାଯାଏ। ଏହାଦ୍ୱାରା ଶରୀରରୁ ଭୂତ-ପ୍ରେତ ବିତାଡିତ ହୁଅନ୍ତି। କେହି ଯଦି ରାତିରେ ଡରୁଛି, ଶୋଇପାରୁନି, ତେବେ ଗୁଣିଆ ସୋରିଷ ମନ୍ତୁରାଇ ଦିଅନ୍ତି। ସେହି ମନ୍ତୁରା ସୋରିଷ ଲୋକଟି ବିଛଣାରେ ରଖି ଶୋଇଲେ ଆଉ ଭୂତ-ପ୍ରେତଙ୍କ ଭୟ ରହେ ନାହିଁ। ଶାନ୍ତିରେ ସେ ନିଦ୍ରାଯାଏ। ବେଳେବେଳେ ଫୁଙ୍କିବା ସମୟରେ ଗୁଣିଆ ରୋଗୀର ଦେହକୁ ଝାଞ୍ଚୁଣୀ ଦ୍ୱାରା ଝାଡନ୍ତି କିମ୍ବା କୁଟାଖଣ୍ଡିଏ ଦେହଯାକ ବୁଲାଇଥାଆନ୍ତି। ଝାଞ୍ଚୁଣୀ ଏବଂ କୁଟାକୁ ଭୂତଙ୍କର ଭାରି ଭୟ ବୋଲି ସେମାନଙ୍କର ତନ୍ତ୍ରବିଦ୍ୟା କହେ। ଯଦି ଝଡାଫୁଙ୍କାରେ ଭୂତ ଶରୀର ଛାଡି ଯାଏ ନାହିଁ କିମ୍ବା ରୋଗୀ ଆରୋଗ୍ୟ ଲାଭ କରିନଥାଏ, ତେବେ ଗୁଣିଆ ଛଡାଣ ପୂଜା କରନ୍ତି, ଛଡାଣ ପୂଜା ହେଉଛି ଭୂତ-ପ୍ରେତ- ଅପଶକ୍ତିଙ୍କ ପାଇଁ ଅବ୍ୟର୍ଥ ଉପାୟ। ଏହାଦ୍ୱାରା ସେମାନେ ମଣିଷ ଶରୀର ପରିତ୍ୟାଗ କରିବାକୁ ବାଧ ହୋଇଥାଆନ୍ତି। ଗୁଣିଆ ସଂପୃକ୍ତ ବ୍ୟକ୍ତିର ପରିବାରକୁ କୁକୁଡା (ସିମ୍), ଅରୁଆ ଚାଉଳ (ଆଦଆ ଚାଉଳି), ସିନ୍ଦୁର (ସିନ୍ଦୁରୀ), ଅଙ୍ଗାର ଗୁଣ୍ଡ (ଅଙ୍ଗାରା ଗୁଣ୍ଡା), ଇଟାଗୁଣ୍ଡ (ଇଟା ଗୁଣ୍ଡା), ପାଉଁଶ (ଏରଏଃ), ସଳିତା (ସାଲିତା), ଝୁଣା (ଧୁନା), କଳାକନା, କେନ୍ଦୁପତ୍ର, ତୁଳସୀ ପତ୍ର ଆଦି ସଂଗ୍ରହ କରିବାକୁ ନିର୍ଦ୍ଦେଶ ଦିଅନ୍ତି। ସମସ୍ତ ପୂଜା ଉପକରଣ ସହିତ ଦେଓଣା ପ୍ରଥମେ ବ୍ୟକ୍ତିଟିର ଘରେ ପୂଜା କରନ୍ତି ଓ ତତ୍‌ପରେ ଗ୍ରାମର ଏକ ନିଛାଟିଆ ଛକସ୍ଥାନରେ ପୁଣି ଯଥାବିଧି ପୂଜା କରି ଭୂତ-ପ୍ରେତ କିମ୍ବା

ଦୃଷ୍ଟଶକ୍ତିକୁ ଘଉଡାଇ ଦେଇଥାଆନ୍ତି। ତଦ୍ୱାରା ରୋଗୀଟି ନିଶ୍ଚିତ ଭାବରେ ଆରୋଗ୍ୟ ଲାଭ କରିଥାଏ।

ଦେଓଣା ମଧ୍ୟ ପରିବାରର ମୁଖ୍ୟ ଭାବରେ ଗ୍ରାମସଭାର ସାଧାରଣ ସଦସ୍ୟ ରହନ୍ତି। ଗ୍ରାମସଭାରେ ଯଦି ମନ୍ତ୍ର-ତନ୍ତ୍ର ବା ଗୁଣିଗାରେଡି ବାବଦରେ କୌଣସି ମାମଲା ଆଗତ ହୋଇଥାଏ, ତେବେ ତାହାର ଯଥାରୀତ ନିଷ୍ପତ୍ତି ନେବାର ଦାୟିତ୍ୱ ସଂପୂର୍ଣ୍ଣ ରୂପେ ଦେଓଣାଙ୍କ ଉପରେ ନ୍ୟସ୍ତ କରାଯାଏ। ଦେଓଣା ଭୂମିଜ ଗ୍ରାମରେ ଅତ୍ୟାବଶ୍ୟକୀୟ ବ୍ୟକ୍ତିବିଶେଷ।

ଦେଓଣାମାନଙ୍କ ଖାଦ୍ୟରେ କୌଣସି ପ୍ରକାର ବାରଣ ନଥାଏ। ସେମାନେ ଉପାସରେ କିମ୍ୱା ଖାଦ୍ୟ ଗ୍ରହଣ ପରେ ମଧ୍ୟ ତନ୍ତ ପୂଜା ଝଡାଫୁଙ୍କା କାର୍ଯ୍ୟ କରିପାରନ୍ତି। କୌଣସି ଦିନ କିମ୍ୱା କୌଣସି ପରିସ୍ଥିତିରେ ସେମାନେ ଖାଦ୍ୟ-ପାନୀୟରେ ନିଷେଧ ବ୍ୟବସ୍ଥା ଲାଗୁ କରନ୍ତି ନାହିଁ। ଗୁରୁବାର ଓ ସୋମବାର ଦିନ ଝଡାଫୁଙ୍କା, ମନ୍ତ୍ରପାଠ, ତେଲଖଡି, କାଠିମାପ ସମେତ ଛଡାଣ ପୂଜା କରିନଥାଆନ୍ତି। ଗୁଣିଆର ସ୍ତ୍ରୀ ଗର୍ଭବତୀ ହୋଇଥିଲେ ପୂଜାରେ ବଳି ଦିଆଯାଉଥିବା କୁକୁଡା ମାଂସ ଗୁଣିଆ ଖାଆନ୍ତି ନାହିଁ। ସାଧାରଣ ଭାବେ ଛଡାଣ ପୂଜାରେ ବ୍ୟବହୃତ ତିନି ରଙ୍ଗ (କଳା, ଧଳା, ବାରବର୍ଣ୍ଣିଆ)ର କୁକୁଡା ମଧ୍ୟରୁ କଳାକୁକୁଡାର ଗଣ୍ଡିଟି କେବଳ ଗୁଣିଆ ଖାଆନ୍ତି। ଅନ୍ୟ ଗୁଡିକ ପରିବାରେ ସମସ୍ତେ ଖାଇପାରନ୍ତି। ସ୍ତ୍ରୀ ସଂସର୍ଗ ରଖିବାରେ ଗୁଣିଆଙ୍କ ପାଇଁ କିଛି ବାରଣ ନାହିଁ।

ଦେଓଣାମାନେ ଭୂମିଜ ଗ୍ରାମ, ପରିବାର ଓ ବ୍ୟକ୍ତିଙ୍କୁ ତନ୍ତ୍ର ଶକ୍ତି ବଳରେ ସୁରକ୍ଷା ପ୍ରଦାନ କରୁଥିବାରୁ ସମସ୍ତ ଗ୍ରାମବାସୀଙ୍କର ଶ୍ରଦ୍ଧା ଓ ସମ୍ମାନର ଅଧିକାରୀ ହୋଇଥାଆନ୍ତି। ଲୋକମାନଙ୍କର ମନୋଭାବ ସେମାନଙ୍କ ପ୍ରତି ଯଥେଷ୍ଟ ବିଶ୍ୱାସନୀୟ, ଶ୍ରଦ୍ଧାଯୁକ୍ତ ଓ ଆଦରଣୀୟ ଥାଏ। ଲୋକେ ଦେଓଣାଙ୍କୁ ଅତି ଆପଣାର ବୋଲି ମନେ କରିଥାଆନ୍ତି। ଯେ କୌଣସି ବିପତ୍ତି କିମ୍ୱା ରୋଗବ୍ୟାଧି ହେଲେ ଦେଓଣାଙ୍କୁ ଆଗ ସ୍ମରଣ କରାଯାଇଥାଏ। ଦେଓଣାଙ୍କ ଦ୍ୱାରା ଯଥେଷ୍ଟ ଉପକୃତ ହେଉଥିବାରୁ ଗ୍ରାମବାସୀ ସମସ୍ତେ ତାଙ୍କୁ ବେଶ୍ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିଥାଆନ୍ତି। ପୁଣି ଦେଓଣାଙ୍କ ପ୍ରତି ଲୋକମାନଙ୍କର ଭୟ ମଧ୍ୟ ଥାଏ। କାରଣ ତାଙ୍କ ସହିତ ଶତ୍ରୁତା କଲେ, ସେ ତନ୍ତ୍ର ଶକ୍ତି ବଳରେ କ୍ଷତି ମଧ୍ୟ ସାଧନ କରିପାରନ୍ତି। ତେଣୁ ଶ୍ରଦ୍ଧା ଓ ଭୟ ଉଭୟ ଦିଗରୁ ଦେଓଣା ସମସ୍ତଙ୍କର ପ୍ରିୟପାତ୍ର ହୋଇଥାଆନ୍ତି କିମ୍ୱା ତାଙ୍କର ସୁଦୃଷ୍ଟିରେ ସମସ୍ତ ରହିବାକୁ ଚାହାଁନ୍ତି। ପ୍ରତ୍ୟେକ ପୂଜାଅନୁଷ୍ଠାନ,

ପର୍ବପର୍ବାଣୀ କିମ୍ବା ସାମାଜିକ ଉତ୍ସବାନୁଷ୍ଠାନମାନଙ୍କରେ ଏହି ଦେଓଣାମାନେ ଗ୍ରାମବାସୀଙ୍କ ଦ୍ୱାରା ସ୍ୱତନ୍ତ୍ର ଭାବରେ ନିମନ୍ତ୍ରିତ ହୋଇଥାଆନ୍ତି। ସମସ୍ତେ ତାଙ୍କୁ ଭୋଜିଭାତ ତଥା ପାନୀୟ ପ୍ରଦାନ ପୂର୍ବକ ଆପ୍ୟାୟିତ କରନ୍ତି। ସାଧାରଣ ଭାବେ କାହାରି ଘରକୁ ଗୁଣିଆ ବୁଲିବାକୁ ଗଲେ ମଧ୍ୟ ଯଥୋଚିତ ସମ୍ମାନ ପ୍ରଦର୍ଶିତ ହୁଏ। ବସିବା ପାଇଁ ଖଟ, ଗୋଡ ଧୋଇବା ପାଇଁ ନୋଟାପାଣି ଏବଂ ଖାଦ୍ୟ ନହେଲେ ପାନୀୟ (ହାଣ୍ଡିଆ)ର ବ୍ୟବସ୍ଥା କରାଯାଏ। ତାଙ୍କ ସହିତ ପରିବାର ଲୋକେ ମଧୁର ଆଳାପ କରନ୍ତି। ଯାହା ଘରେ ତନ୍ତ୍ର କାମ କରନ୍ତି, ସେଠାରେ ମଧ୍ୟ ସେ ଯଥେଷ୍ଟ ସମ୍ମାନ ସହ ପ୍ରଶଂସା ଲାଭ କରନ୍ତି। ରୋଗବ୍ୟାଧିରୁ ମୁକ୍ତ ହୋଇଗଲେ ଲୋକେ ତାଙ୍କର ପ୍ରଶଂସାରେ ଶତମୁଖ ହୋଇଥାଆନ୍ତି।

କିନ୍ତୁ ଦେଓଣାଙ୍କ କାର୍ଯ୍ୟଧାରା ପାଇଁ ଅନେକ ସମୟରେ କୌଣସି ଗୁଣିଆଙ୍କୁ ତିରସ୍କୃତ ହେବାକୁ ପଡିଥାଏ। କାରଣ ତନ୍ତ୍ରବିଦ୍ୟା ବଳରେ ଯଦି ସେ କାହାରିକୁ ତନ୍ତ୍ର ପ୍ରୟୋଗ, ପେଷଣ ଆଦି କରି କ୍ଷତି କରିବାକୁ ଚେଷ୍ଟା କରନ୍ତି, ତେବେ ଲୋକେ ତାଙ୍କୁ ଘୃଣା ଚକ୍ଷୁରେ ଦେଖନ୍ତି ଓ ଗାଳିଗୁଲଜ ମଧ୍ୟ କରିଥାଆନ୍ତି। ଏପରିକି ସେ ସବୁ କ୍ଷେତ୍ରରେ ମାମଲା ଗ୍ରାମସଭା ପର୍ଯ୍ୟନ୍ତ ଯାଇଥାଏ। ଗ୍ରାମସଭାରେ ସଂପୃକ୍ତ ଦେଓଣାଙ୍କୁ ମଧ୍ୟ ଦଣ୍ଡ ପ୍ରଦାନ କରାଯାଇପାରେ। ଅବଶ୍ୟ ଭୂମିଜ ଗ୍ରାମରେ ନିଷ୍ପାପର ଦେଓଣାଙ୍କ କ୍ଷେତ୍ରରେ ଏପରି ଅମାନବିକତାର କାର୍ଯ୍ୟ ପ୍ରାୟତଃ ହୁଏ ନାହିଁ କିମ୍ବା ଦେଖାଯାଇ ନାହିଁ। ସେ ସମସ୍ତଙ୍କର ବିଶ୍ୱାସ ଓ ଭରସାକୁ ସମ୍ମାନ ଜଣାଇ ନିଜର ତନ୍ତ୍ର ଶକ୍ତି / ବିଦ୍ୟାକୁ ଯଥୋଚିତ ମାର୍ଗରେ ପ୍ରୟୋଗ କରିଥାଆନ୍ତି। ସେଥିପାଇଁ ଅନୁରୂପ ସମ୍ମାନର ମଧ୍ୟ ଅଧିକାରୀ ହୋଇପାରନ୍ତି।

ସାଧାରଣ ଭାବେ ଦେଓଣା ଯେ କୌଣସି ପ୍ରକାର ଧୋତି, ଲୁଙ୍ଗି, ଗାମୁଛା, ଗଞ୍ଜି, କୁର୍ତ୍ତା ଆଦି ପରିଧାନ କରିପାରନ୍ତି। କିନ୍ତୁ ଛତାଣ ପୂଜା ସମୟରେ ସେ ଧଳା ରଙ୍ଗର ଦଶହାତ ଧୋତି କଛା ମାରି ପିନ୍ଧି, ଧୋତିର ଗୋଟିଏ ପାଖକୁ (କାନି) ବେକରେ ଗୁଡାଇ ଦେଇଥାଆନ୍ତି। ପାଞ୍ଚ ହାତରେ ଖଣ୍ଡିଏ ନାଲି ଗାମୁଛା ବେକରେ ଝୁଲୁଥାଏ। ତିନି ହାତ ଲମ୍ବର ଖଣ୍ଡିଏ ଧଳା ଗାମୁଛାକୁ ମଧ୍ୟ ମୁଣ୍ଡରେ ପଗଡି ଆକାରରେ ବନ୍ଧାଯାଏ। ପୂଜା ସମୟରେ ଦେଓଣା ସବୁବେଳେ ପୂର୍ବକୁ ସାମନା କରି ବାମ ଆଣ୍ଠୁ ମାଡି ବସନ୍ତି। ହାତରେ ଗୋଟିଏ ବେତବାଡି ଧାରଣ କରିଥାଆନ୍ତି। ତଦନୁଯାୟୀ ସେ ପୂଜାଉପକରଣ

ସାହାଯ୍ୟରେ ଯଥାବିଧି ପୂଜାକାର୍ଯ୍ୟ ସମାପନ କରନ୍ତି। ଝଡାଫୁକା ସମୟରେ କିନ୍ତୁ ପୋଷାକ ପରିଚ୍ଛଦରେ କୌଣସି ପ୍ରକାର ପ୍ରଭେଦ ପରିଲକ୍ଷିତ ହୁଏ ନାହିଁ।

**ପାରିଶ୍ରମିକ ତଥା ଉପହାର :**

ସାଧାରଣତଃ ଭୂମିଜ ଗ୍ରାମରେ ଗୁଣିଆମାନଙ୍କୁ ଝଡାଫୁକା ପାଇଁ କିଛି ପାଉଣା ଦିଆଯାଏ ନାହିଁ। କେବଳ ଆଦରର ସହ ଖାଦ୍ୟ-ପାନୀୟର ବ୍ୟବସ୍ଥା କରାଯାଏ। କିନ୍ତୁ ଦେଓଣା ଛଡାଣ ପୂଜା କଲେ ତାଙ୍କୁ ୫/୧୦ ଟଙ୍କା ପାଉଣା ସ୍ୱରୂପ ଦିଆଯାଇଥାଏ। ପେଷଣ ଦ୍ୱାରା ଲୋକର ଗୋଡହାତ ଅଚଳ ହୋଇଥିଲେ କିମ୍ବା ମସ୍ତିଷ୍କ ବିକୃତି ଘଟିଥିଲେ କିମ୍ବା ବାକ୍‌ଶକ୍ତି ହରାଇଥିଲେ ଗୁଣିଆ ଛଡାଣ ପୂଜା କରି ତାଙ୍କୁ ସୁସ୍ଥ କରିଦିଅନ୍ତି। ଏ କ୍ଷେତ୍ରରେ ଲୋକର ଆର୍ଥିକ ପରିସ୍ଥିତି ବିଶେଷରେ ଦେଓଣାଙ୍କୁ ଏକ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ମଧ୍ୟ ପାଉଣା / ଉପହାର ସ୍ୱରୂପ ପ୍ରଦାନ କରାଯାଇଥାଏ। ଏପରିକି ସମସ୍ତ ପ୍ରକାର ଚିକିତ୍ସା ପରେ ମଧ୍ୟ ଲୋକ ସୁସ୍ଥ ହୋଇ ନପାରି ଗୁଣିଆ ଦ୍ୱାରା ଉପକୃତ ହୋଇ ଟ.୫୦୦୦ ପର୍ଯ୍ୟନ୍ତ ପାଉଣା /ଉପହାର ପ୍ରଦାନ କରାଯାଇଥିବା ପ୍ରକାଶ। ଏହାବାଦ୍ ଦେଓଣାଙ୍କୁ ପୂଜା ପାର୍ବଣ, ପର୍ବପର୍ବାଣୀ, ସାମାଜିକ ଉତ୍ସବାନୁଷ୍ଠାନ ମାନଙ୍କରେ ସ୍ୱତନ୍ତ୍ର ଭାବରେ ନିମନ୍ତ୍ରଣ କରି ମାଂସଭାତ ଓ ପାନୀୟରେ ଆପ୍ୟାୟିତ କରାଯାଏ। ସାଧାରଣ ଭାବରେ ମଧ୍ୟ ଏମାନେ ଲୋକମାନଙ୍କ ଦ୍ୱାରା ସମ୍ମାନିତ ହୋଇଥାଆନ୍ତି। କେହି ବା ଖୁସିରେ ନବବସ୍ତ୍ର (ଧୋତି, ଗଞ୍ଜି) ଉପହାର ସ୍ୱରୂପ ଦେଇ ଦେଓଣାଙ୍କୁ ସନ୍ତୁଷ୍ଟ କରିବାକୁ ଚେଷ୍ଟା କରନ୍ତି। କେହି କେହି ଉପକୃତ ହୋଇ କୁକୁଡା ମଧ୍ୟ ଉପହାର ଦେଉଥିବାର ଜଣାଯାଏ। ତେବେ ଗ୍ରାମ / ଗୋଷ୍ଠୀ ସ୍ତରରେ ଏମାନଙ୍କ ପାଇଁ କୌଣସି ସ୍ୱତନ୍ତ୍ର ଉପହାର ବା ପାଉଣାର ବ୍ୟବସ୍ଥା ହୁଏ ନାହିଁ।

ଅନେକ ସମୟରେ ଲୋକେ ଛଡାଣ ପୂଜା ଦ୍ୱାରା ସୁସ୍ଥ ହୋଇସାରିବା ପରେ, ଭବିଷ୍ୟତରେ ସେପରି ଭୂତ-ପ୍ରେତ, ଦୁଷ୍ଟଶକ୍ତି, ପେଷଣ ଆଦିର କବଳରୁ ନିଜକୁ ସୁରକ୍ଷିତ ରଖିବା ପାଇଁ କିମ୍ବା ନିଜର ଭୟ ଦୂର କରିବା ପାଇଁ ଦେଓଣାଙ୍କ ଦ୍ୱାରା ବର୍ଷଶେଷରେ ସଂପୃକ୍ତ ବ୍ୟକ୍ତିଙ୍କ ପାଇଁ ତନ୍ତ୍ରଭିତ୍ତିକ ମାନସିକ ପୂଜା ଅନୁଷ୍ଠିତ କରନ୍ତି। ଏଥିପାଇଁ ବ୍ୟକ୍ତିଟି ସ୍ୱତନ୍ତ୍ର ଭାବରେ ଗୁଣିଆଙ୍କୁ ଧଳା ରଙ୍ଗର ଦଶହାତି ଧୋତି ଓ ଧଳା ଗଞ୍ଜି ଏବଂ କୋଡିଏ (୨୦) ଟଙ୍କା ପ୍ରଦାନ କରିଥାଏ। ଛଡାଣ ପୂଜାରେ ବ୍ୟବହୃତ ସମସ୍ତ ବଳି କୁକୁଡା ଦେଓଣା ନିଜ ଘରକୁ ନେଇ ଥାଆନ୍ତି। ପୁଣି ପୂଜାପାଠପରେ ତାଙ୍କୁ ଆନନ୍ଦରେ ସମ୍ମାନସୂଚକ

ହାଣ୍ଡିଆ ରସି /ମଦ ଅର୍ପଣ କରାଯାଇଥାଏ। ଛତାଣ ପୂଜାର (ଛାତାଅ ବଙ୍ଗା) ଅଲୌକିକତା ପାଇଁ ଦେଓଣା ସ୍ୱତନ୍ତ୍ର ସମ୍ମାନର ଅଧିକାରୀ ହୋଇପାରନ୍ତି।

**ସ୍ୱତନ୍ତ୍ର ଉତ୍ସବ କାର୍ଯ୍ୟନିର୍ବାହୀ :**

ଭୂମିଜ ସମାଜରେ ବ୍ରାହ୍ମଣ, ବାରିକ, ଧୋବା ପ୍ରଥା ପ୍ରଚଳିତ ଥିବାରୁ ସେମାନେ ନିଜକୁ ଅନ୍ୟ ଆଦିବାସୀ ସଂପ୍ରଦାୟ ମଧ୍ୟରେ ଉନ୍ନତ /ଉଚ୍ଚ ବୋଲି ମନେ କରନ୍ତି। ଭୂମିଜମାନଙ୍କର ବିବାହ ଏବଂ ରିଷ୍ଟ ଖଣ୍ଡନ ପୂଜାଗୁଡ଼ିକ ବ୍ରାହ୍ମଣ ଦ୍ୱାରା ସଂପାଦିତ ହୋଇଥାଏ। ଏମାନେ ପୁଣି ଓଡ଼ିଆ ବ୍ରାହ୍ମଣ। ଭୂମିଜ ବସତିରେ ଯଦି ବ୍ରାହ୍ମଣ ଜାତିର ଲୋକ ବସବାସ କରୁଥାଆନ୍ତି ତ ଭଲ, ନଚେତ୍ ସେମାନେ ଉପରୋକ୍ତ ଦୁଇପ୍ରକାର ପୂଜାପାଠ ପାଇଁ ଦୂର ଗ୍ରାମରୁ ବ୍ରାହ୍ମଣଙ୍କୁ ଡକାଇ ଆଣନ୍ତି। ବ୍ରାହ୍ମଣ ବିନା ବିବାହ ଏବଂ ରିଷ୍ଟ ଖଣ୍ଡନ ପୂଜା କରିନଥାନ୍ତି। ବ୍ରାହ୍ମଣ ବିବାହ ବେଦୀ ନିକଟରେ ବସି ସଂସ୍କୃତ ଶ୍ଳୋକ ମାଧ୍ୟମରେ ଓଡ଼ିଆ-ଭୂମିଜ ମିଶ୍ରିତ ଶୈଳୀରେ ପୂଜା କରନ୍ତି। ବେଦୀକାମ ନିମ୍ନମତେ ହୁଏ।

୧. ହାତଗଣ୍ଠି ପଡେ । (ବରକନ୍ୟାଙ୍କର)
୨. ସିନେଇ ବଦଲ (ପୂର୍ବରୁ ବର-କନ୍ୟାଙ୍କଠାରୁ ସଂଗ୍ରହ କରାଯାଇଥିବା ରକ୍ତଭିଜା ତୁଳା)
୩. ସିନ୍ଦୁରୀ ଦାନ (ବର କନ୍ୟାକୁ ସିନ୍ଦୁର ପିନ୍ଧାଏ)
୪. ଧର୍ମ ଭୂଇଁରେ ପୂଜା (ଧର୍ମକୁ ସାକ୍ଷୀରଖି ବ୍ରାହ୍ମଣର ପୂଜା)
୫. ଖଇପୋଡା (ଅବନ୍ଧା କୁଲା ବରକନ୍ୟା ଧରନ୍ତି ଓ ବରର ଶଳା ସେଇ କୁଲାରେ ଖଇ ଦିଏ। ସେମାନେ ଦୁହେଁ ତାହା ନିଆଁକୁ ଫିଙ୍ଗନ୍ତି)

ଗୃହ ଉପରେ ପେଚା ବସିଲେ, ତାହା ଗୃହ ଧ୍ୱଂସର ଲକ୍ଷଣ ବୋଲି ଭୂମିଜମାନେ ବିଶ୍ୱାସ କରନ୍ତି। ଏହାଦ୍ୱାରା ଘରୁ ଧାନଚାଉଳ ଉଭାନ ହେଲା ଭଳି ଲାଗେ, ଖାଦ୍ୟ ଦ୍ରବ୍ୟ ନିଅଣ୍ଟ ପଡେ ଅର୍ଥାତ୍ ଯେତେ ରୋଷେଇ କଲେ ମଧ ସମସ୍ତଙ୍କୁ କୁଲାଏ ନାହିଁ। ଗୋ ସଂପଦ ନଷ୍ଟ ହୋଇଯାଏ। ସେଥିପାଇଁ ଭୂମିଜମାନେ ବ୍ରାହ୍ମଣ କିମ୍ବା ନାଇକ ମାନଙ୍କର ପରାମର୍ଶ ଲୋଡି ବ୍ରାହ୍ମଣ ଦ୍ୱାରା ରିଷ୍ଟ ଖଣ୍ଡନ ପୂଜା(ଅତାଃ ପିଲାକଟାଅଃ) କରାଇଥାଆନ୍ତି।

ପୂଜକ ବ୍ରାହ୍ମଣ ଭୂମିଜ ସଂପ୍ରଦାୟର ହୋଇ ନଥିବାରୁ, ସେମାନଙ୍କ ଠାରେ କୌଣସି ପ୍ରକାର ପାରମ୍ପରିକ ବିଧି-ନିୟମ ଅନୁସୃତ ହୁଏ ନାହିଁ। ଆବଶ୍ୟକ ସ୍ଥଳେ

ଯେକୌଣସି ଆର୍ଯ୍ୟ ବ୍ରାହ୍ମଣଙ୍କ ଦ୍ୱାରା ପୂଜାକାର୍ଯ୍ୟ ସଂପାଦିତ ହୁଏ। ପାଉଣା ହିସାବରେ କେବଳ ଚାଉଳ ଓ ଟଙ୍କା ଦିଆଯାଇଥାଏ। ଭୂମିଜମାନେ ତାଙ୍କୁ ଆଦରର ସହ ଡାକନ୍ତି ଏବଂ ସମ୍ମାନର ସହିତ ପାଉଣା ଦେଇ ବିଦାୟ ଦିଅନ୍ତି। ବ୍ରାହ୍ମଣ ଭୂମିଜ ଘରେ କୌଣସି ପ୍ରକାର ଖାଦ୍ୟ ପାନୀୟ କିମ୍ବା ଜଳ ସୁଦ୍ଧା ସ୍ପର୍ଶ କରନ୍ତି ନାହିଁ। ଓଡିଆ ବ୍ରାହ୍ମଣ ଏଠାରେ କେବଳ ଶ୍ଳୋକ ମାଧ୍ୟମରେ ପୂଜା କର୍ମ କରିବା ବ୍ୟତୀତ ତାଙ୍କର ଆଉ କୌଣସି ଦିଗରେ କୌଣସି ପ୍ରକାର ଭୂମିକା ନଥାଏ କିମ୍ବା ସେ ଭୂମିଜ ପରମ୍ପରା ଅନୁଯାୟୀ କୌଣସି ନିୟମ ଅବଧି ଭିତରେ ରହି ପୂଜକ ହୋଇନଥାଆନ୍ତି। ସେ ଆର୍ଯ୍ୟ ବ୍ରାହ୍ମଣ ଭାବରେ ନିଜର ସ୍ୱାତନ୍ତ୍ର ବଜାୟ ରଖି, କେବଳ ପୂଜାକାର୍ଯ୍ୟ ସଂପାଦନ କରନ୍ତି ମାତ୍ର, ଅତିଥି ରୂପେ ଆସନ୍ତି, ସମ୍ମାନର ସହ ଯାଆନ୍ତି।

### ମହିଳା ଯାଦୁ ଧର୍ମୀୟ କାର୍ଯ୍ୟନିର୍ବାହୀ :

ଭୂମିଜ ସମାଜରେ କାଁ ଭାଁ କେଉଁଠି କେମିତି ମହିଳା ଯାଦୁ - ଧର୍ମୀୟ କର୍ମକର୍ତ୍ତା ଦେଖାଯାଇଥାଆନ୍ତି। ସେମାନେ ନିର୍ବାଚିତ ହୁଅନ୍ତି ନାହିଁ କିମ୍ବା ଉତ୍ତରାଧିକାରୀ ସୂତ୍ରରେ ପ୍ରାପ୍ତ ହୋଇ ନଥାଆନ୍ତି। ଘରେ କେହି ଗୁଣିଆ କାମ ଶିଖିଥିଲେ ବା ପରିବାରରେ କେହି ଗୁଣିଆ ଥିଲେ ସେମାନେ ଇଚ୍ଛାକୃତ ଭାବେ କିଛି ମନ୍ତ୍ର-ତନ୍ତ୍ର ଶିଖିଥାଆନ୍ତି। ଏମାନଙ୍କ ପାଖରେ ସେଭଳି ସ୍ୱତନ୍ତ୍ର ଗୁଣବତ୍ତା କିଛି ନଥାଏ ଏବଂ ଏମାନେ ଖାସ୍ ବଳିଷ୍ଠ ବ୍ୟକ୍ତିତ୍ୱର ଅଧିକାରୀ ହୋଇନଥାଆନ୍ତି। ସାଧାରଣ ଭୂମିଜ ମହିଳା ଭାବରେ କଳାତିପାତ କରନ୍ତି। କାର୍ଯ୍ୟ ମଧ୍ୟରେ କେବଳ ତେଲଖଡି ଦେଖି ନଜର ହୋଇଥିଲେ ଝଡାଫୁଙ୍କା କରିଥାଆନ୍ତି। ଛୋଟ ଛୋଟ ପିଲାମାନଙ୍କୁ ଦୃଷ୍ଟି ନଜର ହୋଇଥିଲେ ସାଧାରଣତଃ ଏମାନଙ୍କୁ ଡକା ଯାଇଥାଏ। ଝଡାଫୁଙ୍କା ସହିତ ପିଲାମାନଙ୍କୁ ଏମାନେ ଚେର ମୂଳି ଜଡିବୁଟି ମଧ୍ୟ ଦେଇଥାଆନ୍ତି। ମହିଳା ଯାଦୁଧର୍ମୀୟ କର୍ମକର୍ତ୍ତା ବା ମହିଳା ଗୁଣିଆମାନେ ଛତାଣ ପୂଜା (ଛାତାଅ ବଂଗା) କରନ୍ତି ନାହିଁ। ଏମାନଙ୍କ ପାଇଁ ଖାଦ୍ୟରେ କିଛି ବାରଣ ନଥାଏ। ସାଧାରଣ ଭାବେ ଏମାନେ ଧଳାଶାଢୀ ପରିଧାନ କରନ୍ତି। କୌଣସି ପ୍ରକାର ନିଷ୍ପତ୍ତି ନେବାର ଭୂମିକା ଏମାନଙ୍କର ନାହିଁ। ଝଡାଫୁଙ୍କା ପାଇଁ ପାଉଣା ବ୍ୟବସ୍ଥା ନଥାଏ। କେବଳ ହାଣ୍ଡିଆ ସେବନ କରିବାକୁ ଦିଆଯାଇଥାଏ। ପର୍ବପର୍ବାଣୀ ହେଲେ ବ୍ୟକ୍ତିଗତ ଭାବରେ ଲୋକେ ନିମନ୍ତ୍ରଣ କରନ୍ତି। ଏମାନଙ୍କୁ ଲୋକେ ଖରାପ ଦୃଷ୍ଟିରେ ଦେଖନ୍ତି ନାହିଁ। ତେବେ ଏମାନଙ୍କ ପ୍ରତି ବ୍ୟବହାର କିମ୍ବା ମନୋଭାବରେ କୌଣସି ସ୍ୱାତନ୍ତ୍ର୍ୟ

ପରିଲକ୍ଷିତ ହୁଏନାହିଁ। ମହିଳା ଗୁଣିଆଙ୍କ ପାଇଁ କୌଣସି ପ୍ରକାର ସ୍ୱତନ୍ତ୍ର ଉପହାର, ପାଉଣା, ସୁଯୋଗ ଆଦି ବ୍ୟକ୍ତିଗତ କିମ୍ବା ଗ୍ରାମ / ଗୋଷ୍ଠୀ ସ୍ତରରେ ନଥାଏ।

ଭୂମିଜ ସମାଜରେ ଅନେକ ସମୟରେ ଗୃହକର୍ତ୍ତୀଙ୍କୁ ପରିବାର / ସାମାଜିକ ସ୍ତରରେ ଧର୍ମୀୟ କର୍ମକର୍ତ୍ତା ହେବାକୁ ପଡିଥାଏ। ପରିବାର ମୁଖ୍ୟ ଯଦି ମୃତ୍ୟୁବରଣ କରନ୍ତି ଏବଂ ତାଙ୍କର କୌଣସି ପୁତ୍ର ସନ୍ତାନ ନଥାଆନ୍ତି, ତେବେ ଘରୋଇ ପାରମ୍ପରିକ ପୂଜାପାଠରେ ଦାୟିତ୍ୱ ଗୃହକର୍ତ୍ତୀଙ୍କୁ ସମ୍ଭାଳିବାକୁ ପଡିଥାଏ। ସେ କାରାମ୍ ପୂଜା ଓ ଦ୍ୱାରହାରୀ ପୂଜା ବ୍ୟତୀତ ଅନ୍ୟାନ୍ୟ ସବୁ ପାରିବାରିକ / ବ୍ୟକ୍ତିଗତ ପୂଜାକର୍ମ ସମ୍ପାଦନ କରିପାରନ୍ତି। ଉପରୋକ୍ତ ଦୁଇଟି ପୂଜା ବଂଶର କୌଣସି ଲୋକଙ୍କ ଦ୍ୱାରା କରାଇ ନିଅନ୍ତି। ବ୍ୟକ୍ତିଗତ ଭାବେ ତାଙ୍କର କୌଣସି ସ୍ୱାତନ୍ତ୍ର ବା ଗ୍ରାମସ୍ତରରେ କୌଣସି ପ୍ରକାର ଭୂମିକା / ଗୁରୁତ୍ୱ ନଥିଲେ ହେଁ ବ୍ୟକ୍ତିଗତ ପରିବାର / ସାମାଜିକ ଧର୍ମୀୟ କର୍ମକର୍ତ୍ତା ଭାବରେ ନିଜର କର୍ତ୍ତବ୍ୟ ସୂଚାରୁ ରୂପେ ସମ୍ପାଦନ କରିଥାଆନ୍ତି। ତଦ୍ୱାରା ସ୍ୱାମୀଙ୍କର ଅନୁପସ୍ଥିତିରେ ମଧ୍ୟ ସେ ଗୃହ / ପରିବାରଟିକୁ ଶାନ୍ତି / ଶୃଙ୍ଖଳା/ ସୁସ୍ଥତାର ସହିତ ପରିଚାଳିତ କରାଇପାରନ୍ତି। ଇଷ୍ଟଦେବତା ତଥା ଦେବଦେବୀଙ୍କର ଆଶୀର୍ବାଦରୁ ପରିବାର ସୁରକ୍ଷିତ ରହେ।

**ପୂଜାସାମଗ୍ରୀ :**

ଭୂମିଜମାନେ ଦେବଦେବୀଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ପ୍ରକାର ସାମଗ୍ରୀ ବ୍ୟବହାର କରିଥାଆନ୍ତି। ତେବେ ଦେବଦେବୀ ବିଶେଷରେ ପୂଜାକର୍ମରେ ପ୍ରଭେଦ ପରିଲକ୍ଷିତ ହୋଇଥାଏ। ମୋଟାମୋଟି ଭାବେ ଯେଉଁ ଦ୍ରବ୍ୟ / ପଶୁପକ୍ଷୀ ବ୍ୟବହୃତ ହୋଇଥାଏ, ତାହା ହେଲା ସିନ୍ଦୁର, ଅରୁଆ ଚାଉଳ, ନଡିଆ, କଦଳୀ, ଘୋଡାହାତୀର ମୃଣ୍ମୟ ମୂର୍ତ୍ତି, ମୃଣ୍ମୟ ମଣିଷ ପିତୁଳା, ଘିଅ, ତେଲ, କ୍ଷୀର, ଧୂପ, ଝୁଣା, ତୁଳସୀ ପତ୍ର, ପଞ୍ଚବର୍ଣ୍ଣ, ପିଠା, ଚାଉଳ ଚୂନା, ଇଟା ଗୁଣ୍ଡ, ଅଙ୍ଗାର ଗୁଣ୍ଡ, ପାଉଁଶ, ଶାଳପତ୍ର, କେନ୍ଦୁପତ୍ର, ଦୀପ, ଶିଆଡୀ ପତ୍ର, ଶାଳପତ୍ର ଦୋନା, ଖଳି, ଡାଲି, ଗୋବର, କଞ୍ଚି କଖାରୁ, ମକା, ପୋଡାମକା, ନେଉଟିଆ ଶାଗ, ଫୁଲ, ହଳଦି ଗୁଣ୍ଡ, ମେଥିଗୁଣ୍ଡ, କୋଳିପତ୍ର, ଦୂବ ଘାସ, ଶାଳ ଫୁଲ, ମହୁଲ, ଆମ୍ବ, ବେଲପତ୍ର, ନୂଆଘଟ, କୁଲା, ଅଣ୍ଡା, ହାଣ୍ଡିଆ ରସି, ମଦ, କୁକୁଡା, ଛେଳି, ବୋଦା, ମେଣ୍ଢା, ବତକ, ପାରା, ଅଣ୍ଡା ଇତ୍ୟାଦି। ପରମ୍ପରା ବା ପ୍ରଥା ଅନୁଯାୟୀ କେଉଁ ଦ୍ରବ୍ୟ ବା ପଶୁପକ୍ଷୀ କେଉଁ ପୂଜାରେ ଲାଗିବ ତାହା ଭିନ୍ନ କଥା। କିନ୍ତୁ ଭୂମିଜମାନେ

ପୂଜାସାମଗ୍ରୀ ଭାବରେ ଉପରୋକ୍ତ ଦ୍ରବ୍ୟ ଏବଂ ପଶୁପକ୍ଷୀ ଦେବଦେବୀ ଉଦ୍ଦେଶ୍ୟରେ ବ୍ୟବହାର କରିଥାଆନ୍ତି। ଇଷ୍ଟଦେବତା / ପୂର୍ବପୁରୁଷ (ହାପାଲୁମ୍) ପୂଜାରେ ସିନ୍ଦୂର ଲାଗେ ନାହିଁ। ବାହାଘର ଚଉଠି (ବାଇରୁଆଳ) ପୂଜାରେ ଏବଂ କେହି ମରିଗଲେ ତା'ର ପ୍ରେତାତ୍ମାକୁ ବାହାର କରିବା ପାଇଁ (ହାଙ୍କାରବଙ୍ଗା) ଉଦ୍ଦିଷ୍ଟ ପୂଜାରେ ନାଚଗୀତ ମାଧ୍ୟମରେ ମେଣ୍ଢା ବଳି ଦିଆଯାଇଥାଏ। ତେବେ ପୁରୁଷ ପ୍ରେତାତ୍ମାର ବିତାଡନ ପାଇଁ ମେଣ୍ଢା ବଳି ଦିଆଯାଉଥିବା ବେଳେ ସ୍ତ୍ରୀ ଲୋକର ପ୍ରେତାତ୍ମା ପାଇଁ ତିନୋଟି କୁକୁଡା ବଳି ଦିଆଯାଏ। ଗୋରୁଗାଈ ତଥା ପରିବାରର ମଙ୍ଗଳ ଉଦ୍ଦେଶ୍ୟରେ ମାନସିକ ରଖି ବୁରୁବଙ୍ଗାଙ୍କୁ ପୂଜାଅର୍ଚ୍ଚନା କଲେ ପାରା ବଳି ଦେବାକୁ ହୁଏ। ଶିକାର ପୂଜାରେ ମଦ ବ୍ୟବହୃତ ହେଉଥିବା ସ୍ଥଳେ ଅନ୍ୟାନ୍ୟ ସମସ୍ତ ପୂଜାପାଠରେ ହାଣ୍ଡିଆ ରସି ଭୋଗ ସ୍ୱରୂପ ପ୍ରଦାନ କରାଯାଇଥାଏ। ଅଷାଳିଆ (ଜାର୍ଗିସିମ୍) ପୂଜା ଅର୍ଚ୍ଚନାରେ ପିଠା ଓ ନେଉଟିଆ ଶାଗ ଭୋଗ ଲାଗେ। ନୂଆଖିଆ (ନୱାଜମ୍)ରେ ନବଶସ୍ୟ ଅର୍ଥାତ୍ ନୂଆ ଚାଉଳ, ନୂଆ ମକା, ଶାଳପତ୍ର, ଭାଲିଆ ପତ୍ର ଇତ୍ୟାଦି ପୂଜା ଦ୍ରବ୍ୟ ଅନ୍ତର୍ଭୁକ୍ତ ହେଉଥିବାବେଳେ ଦାସାଇଁ (ଦେବୀଦୁର୍ଗା) ପୂଜାରେ ଅନ୍ୟାନ୍ୟ ସାମଗ୍ରୀ ସହିତ କଷି କଖାରୁ ଭୋଗ ଦିଆଯାଏ। ବାଆବଙ୍ଗା (ଫୁଲ ପୂଜା) ପୂଜାର ବିଶେଷତ୍ୱ ହେଉଛି ଯେ, ଏଥିରେ ଶାଳଫୁଲ ସହ ମହୁଲ, ଆମ୍ବ, ଶାଳପତ୍ର, କୁଳଥିଆ କୁକୁଡା ଆଦି ଦେବତା ଉଦ୍ଦେଶ୍ୟରେ ଅର୍ପଣ କରାଯାଏ। ବଳି ଦିଆଯାଉଥିବା କୁକୁଡାର ରଙ୍ଗ ମଧ୍ୟ ପୂଜା କିମ୍ବା ଦେବଦେବୀ ବିଶେଷରେ ପ୍ରଭେଦ ଦେଖାଯାଇଥାଏ। ଯେପରି ସହରାଇ(କାଳୀପୂଜା) ପୂଜାରେ କଳା ଧଳା ଓ କୁଳ୍‌ଥିଆ ରଙ୍ଗର କୁକୁଡା (ହଲେଃସିମ୍) ବଳି ପଡୁଥିବା ବେଳେ ବାଆବଙ୍ଗାରେ କେବଳ କୁଳ୍‌ଥିଆ ରଙ୍ଗର କୁକୁଡା ବଳି ଦିଆଯାଇପାରେ। ବୁରୁବଙ୍ଗାଙ୍କ ପାଖରେ ନାଲି କୁକୁଡା ବଳି ପଡେ। ସେହିପରି ଗୁଣିଆମାନେ ଛଡାଣ ପୂଜାରେ କଳା, ଧଳା ଓ କୁଳଥିଆ ତିନିପ୍ରକାର କୁକୁଡା ବଳି ଦିଅନ୍ତି। କଳା କୁକୁଡାର ମାଂସ କେବଳ ଗୁଣିଆ ଖାଇପାରେ, ଅନ୍ୟ କେହି ନୁହେଁ। ଏହି ଛଡାଣ ପୂଜାରେ ମଧ୍ୟ ଇଟାଗୁଣ୍ଡ, ଅଙ୍ଗାର ଗୁଣ୍ଡ ଓ ପାଉଁଶ ବ୍ୟବହୃତ ହୋଇଥାଏ। ବତକ ମଧ୍ୟ କେବଳ ଛଡାଣ ପୂଜାରେ ହିଁ ବଳି ଦିଆଯାଇପାରେ। ଆଉ ଅନ୍ୟାନ୍ୟ ପୂଜା ସାମଗ୍ରୀଗୁଡିକ ସାଧାରଣ ଭାବରେ ପ୍ରତ୍ୟେକ ଦେବଦେବୀଙ୍କ ଉଦ୍ଦେଶ୍ୟରେ ଅର୍ପଣ କରାଯିବା ସଙ୍ଗେ ସଙ୍ଗେ ବଳି କୁକୁଡାର ରଙ୍ଗ ମଧ୍ୟ ଯେକୌଣସି ପ୍ରକାର ହେଲେ ଚଳେ। ସେହି ପରି ଜାହିରା (ଗରାମ୍‌ଥାନ୍ / ଜାୟାରା) ପୂଜାରେ ମାଟିର ଘୋଡା ହାତୀ ଠାକୁରାଣୀଙ୍କ ଉଦ୍ଦେଶ୍ୟରେ ଅର୍ପଣ କରାଯାଉଥିବା ସ୍ଥଳେ ଛଡାଣ ପୂଜାରେ ମୃଣ୍ମୟ ମଣିଷ ପିତୁଳା ଗଢି ପୂଜାକର୍ମରେ ସ୍ଥାନିତ କରାଯାଏ। ଜାହିରା ପୂଜା ବା ଗ୍ରାମଦେବତୀଙ୍କ

ଠାରେ ପିତ୍ତଳ ନିର୍ମିତ ହାତୀ-ଘୋଡା ମଧ ପ୍ରଦତ୍ତ ହେଉଥିବାର ଦେଖାଯାଇଥାଏ। ସାଧାରଣ ପାରମ୍ପରିକ ପୂଜାରେ ଘିଅସଳିତା ବ୍ୟବହାର କରାଯାଏ କିନ୍ତୁ ଛଡାଣ ପୂଜାରେ ବ୍ୟବହୃତ ହୁଏ ତେଲ ସଳିତା। ଈଶାଣରେ ପୂର୍ବପୁରୁଷଙ୍କ ଉଦ୍ଦେଶ୍ୟରେ ବଳି ମାଂସରେ ପ୍ରସ୍ତୁତ ପତୁଆ ମଧ ଭୋଗ ସ୍ୱରୂପ ଦିଆଯାଏ। ଏହା ମୁଖ୍ୟତଃ ସହରାଇ / ସଅରାଇ ବଙ୍ଗା ପୂଜା ଏବଂ ଗୃହ ପ୍ରତିଷ୍ଠା ପୂଜାରେ ବ୍ୟବହୃତ ହୁଏ। ଗଣା ହାଙ୍କାରଙ୍କଠାରେ କଳା ଷଣ୍ଢ ଏବଂ ଗଣାଉତରଙ୍କ ପାଖରେ କଳା କାଟୁଳି ସଅରାଇ ପୂଜା ସମୟରେ ସମର୍ପଣ କରାଯାଇଥାଏ। ସେହିପରି ମହୁଲ ଡାଳ ମଧ ଏହି ସହରାଇ ପୂଜାରେ ବ୍ୟବହୃତ ହୁଏ। କେବଳ ଗୋଠପୂଜା ଓ ସସବଙ୍ଗାପୂଜା ସମୟରେ ଅଣ୍ଡା ବ୍ୟବହାର କରାଯାଏ। ପ୍ରତ୍ୟେକ ପୂଜା ପୂର୍ବରୁ ଭୂମିଜମାନେ ପୂଜା ସ୍ଥାନକୁ ଗୋବରରେ ଲିପି ତୁଳସୀ ପତ୍ର ପାଣି ସିଞ୍ଚି ପବିତ୍ର କରିଥାଆନ୍ତି। କରମ୍ ପୂଜାରେ କିନ୍ତୁ ନୂଆ କୁଲା / ଡଲା, ଘଟ ଇତ୍ୟାଦି ବ୍ୟବହୃତ ହୁଏ। ନୂଆ କୁଲାରେ ଧାନ, ମୁଗ, ବିରି, କୋଳଥ ଆଦି ଶସ୍ୟ ଗଜା କରି ପୂଜା ସ୍ଥାନରେ ରଖନ୍ତି। ନୂଆ ଡଲାରେ ଝିଅମାନେ ବାଲି ଉଠାଇ ଜାଗରଣ କରନ୍ତି। ଉକ୍ତ ପୂଜାରେ କେବଳ ବେଲପତ୍ର ବ୍ୟବହାର କରାଯାଏ।

ତେବେ ପ୍ରାୟତଃ ପ୍ରତ୍ୟେକ ପୂଜାରେ ବା ପ୍ରତ୍ୟେକ ଦେବଦେବୀଙ୍କଠାରେ ଅରୁଆ ଚାଉଳ, ଧୂପ, ଝୁଣା, ସିନ୍ଦୂର (ପୂର୍ବପୁରୁଷଙ୍କ ବ୍ୟତୀତ), ଦୀପ, ତୁଳସୀପତ୍ର, ନୋଟାପାଣି, ଫୁଲ, ଫଳ, ମିଷ୍ଟାନ୍ନ, ହାଣ୍ଡିଆ ରସି, ପଞ୍ଚବର୍ଣ୍ଣୀ, କ୍ଷୀର, ଘିଅ, ନଡିଆ, କଦଳୀ ଆଦି ପୂଜା ସାମଗ୍ରୀ ଭାବରେ ବ୍ୟବହୃତ ହୋଇଥାଏ। କ୍ଷେତ ବନ୍ଧା, ମକର ପର୍ବ, ହେର୍‌ପୁଲା, ରଜପର୍ବ, ଚିତଉ, ଗହ୍ମା, ଦାସାଇଁ ପ୍ରଭୃତି ପୂଜାପାର୍ବଣରେ ପଶୁପକ୍ଷୀ ବଳି ଦିଆଯାଏ ନାହିଁ।

## କର୍ମକର୍ମାଣୀ ପଦ୍ଧତି :

ଭୂମିଜ ସମାଜରେ ବାର ମାସରେ ତେର ପର୍ବ ପାଳନ କରାଯାଏ। ସେ ସବୁ ବ୍ୟକ୍ତିଗତ / ପରିବାର / ସାମାଜିକ ଭାବରେ କିମ୍ବା ଗ୍ରାମ / ଗୋଷ୍ଠୀ ସ୍ତରରେ ସାମୂହୀକ ଭାବେ ଅନୁଷ୍ଠିତ ହୋଇଥାଏ। ସାମୂହିକ ପୂଜାପାଠର ପୂଜକ ଦେହୁରୀ / ଗ୍ରାମ ଦେହୁରୀ / ସାହି ଦେହୁରୀ ହୋଇଥିବା ସ୍ଥଳେ ବ୍ୟକ୍ତିଗତ ପୂଜାକର୍ମ ଗୃହକର୍ତ୍ତାଙ୍କ ଦ୍ୱାରା ସଂପାଦିତ ହୁଏ। ପୁଣି ତନ୍ତ୍ର ପୂଜା (ଛଡାଣ ପୂଜା) ଗୁଣିଆ / ତାନ୍ତ୍ରିକ ବା ଯାଦୁ ଧର୍ମୀୟ କର୍ମକର୍ତ୍ତାମାନେ କରିଥାଆନ୍ତି। ପ୍ରତ୍ୟେକ ପୂଜାର ପଦ୍ଧତି ଭିନ୍ନ ଭିନ୍ନ। ପୂଜା ଉପକରଣରେ ମଧ ପ୍ରଭେଦ ପରିଲକ୍ଷିତ ହୁଏ।

## ଗୋଠପୂଜା (ଗଟ୍‌ବଙ୍ଗା) :

ଏହି ପୂଜା ଭୂମିଜମାନେ କାଳୀପୂଜା ପୂର୍ବଦିନ (କେତେକ ସ୍ଥାନରେ କାଳୀପୂଜା ଦିନ) ପାଳନ କରନ୍ତି। ଏହା ସାମୂହୀକ ଭାବରେ ଗ୍ରାମ ଦେହୁରୀ (ହାତୁ ଦିହୁରୀ)ଙ୍କ ଦ୍ୱାରା ସଂପାଦିତ ହୋଇଥାଏ। ଏଥିରେ ଗ୍ରାମ ଠାକୁରାଣୀଙ୍କ ସହିତ ଧର୍ମଦେବତା ବାଉତି, ସୁନୁମ୍ ବାଉତୀ ଆଦି ଦେବଦେବୀ ପୂଜିତ ହୁଅନ୍ତି। ଗୋଠପୂଜାରେ ଗୋରୁଗାଈଙ୍କର ଖଲିଆ, ଫାଟୁଆ, ବେଙ୍ଗା, ଖୁରା, ଜ୍ୱର, ଝାଡା, ବଜବଜା, ଥରଥରାବାତ, ଗଳାଶୋଧ, ହାତୀଆ, ବସନ୍ତ ଓ ଅଢିଆ ରୋଗର ନିରାକରଣ ପାଇଁ ପ୍ରାର୍ଥନା କରାଯାଏ। ଗୋଠପୂଜା ଗ୍ରାମ ମଧ୍ୟରେ ଥିବା ଖୋଲା ପଡିଆରେ ସକାଳେ କିମ୍ବା ଦ୍ୱିପହରରେ ହୁଏ। ସେଦିନ ଗ୍ରାମବାସୀମାନେ ସମସ୍ତଙ୍କ ଘରୁ ଗୋଟିଏ ଲେଖାଏଁ କୁକୁଡା / ଛେଳି ଓ କିଛି କିଛି ଚାଉଳ ସଂଗ୍ରହ କରି, ପୂଜା ଉପକରଣ ଧରି ଦେହୁରୀ ସହିତ ପୂଜାସ୍ଥଳୀକୁ ଆସିଥାଆନ୍ତି। ସେଠାରେ ଗୋଟିଏ ସ୍ଥାନକୁ ପ୍ରଥମେ ଗୋବରରେ ଲିପି ପରିଷ୍କାର କରାଯାଏ। ସେଥିରେ ଚାଉଳ ଚୂନାରେ ଗୋଟିଏ ମଣ୍ଡଳ ତିଆରି ହୁଏ। ମଣ୍ଡଳ ଭିତରେ ଦେବଦେବୀଙ୍କ ନାମରେ ବାରଟି ସିନ୍ଦୂର ଟୋପା ଦିଆଯାଇ ତା' ଉପରେ ଅରୁଆ ଚାଉଳ ମୁଠାଏ ଲେଖାଏଁ ରଖନ୍ତି। ସେ ମଧ୍ୟରୁ ଗୋଟିଏ ସିନ୍ଦୂର ବିନ୍ଦୁରେ ଥିବା ଚାଉଳ ଉପରେ ଅଣ୍ଡାଟିଏ ରହେ। ପୁଣି ଦୁଇଟି ଶାଳପତ୍ରରେ ସିନ୍ଦୂର ପୁଟୁଳା କରି ମଣ୍ଡଳ ଭିତରେ ରଖାଯାଏ।

ତା'ପରେ ସଂଗୃହୀତ କୁକୁଡା କିମ୍ବା ଛେଳିମାନଙ୍କ ମଥାରେ ହଳଦୀ, ସିନ୍ଦୂର ଲଗାଇ ସେହି ମଣ୍ଡଳରେ ଥିବା ଅରୁଆ ଚାଉଳ କିଛି ଖିଆ କରାନ୍ତି। ଅଳ୍ପ ଅଳ୍ପ ଖାଇବା ପରେ ସମସ୍ତଙ୍କୁ ସେହି ପୂଜାସ୍ଥାନରେ ବଳି ଦିଆଯାଏ ଏବଂ ମୁଣ୍ଡଗୁଡିକୁ ମଣ୍ଡଳ ଭିତରେ ରଖାଯାଇଥାଏ। ତହିଁ ଉତାରୁ ମୁଣ୍ଡ ଗୁଡିକ ଅରୁଆ ଚାଉଳ ସହିତ ମିଶାଇ ସ୍ୱତନ୍ତ୍ର ଖେଚୁଡି (ଲେଠେ) ପ୍ରସ୍ତୁତ କରି କେବଳ ଦେହୁରୀ ଓ ଉପବାସ ଥିବା ଗ୍ରାମର ଅନ୍ୟ ମୁଖିଆ ଲୋକମାନେ ଖାଆନ୍ତି। ଚାଣ୍ଡି ମାଂସରେ ପ୍ରସ୍ତୁତ ଖେଚୁଡି ଅନ୍ୟାନ୍ୟ ସମସ୍ତେ ଖାଇ ଥାଆନ୍ତି। ଗୋରୁ ଜଗୁଆଳୀମାନଙ୍କୁ ମଧ୍ୟ ଖେଚୁଡି ଖାଇବାକୁ ଦିଆଯାଇଥାଏ। ପୁଣି ସେହିଦିନ ଉପରଓଳି ଗାଁର ସମସ୍ତଙ୍କ ଗୋରୁଗାଈଙ୍କୁ ପୂଜାସ୍ଥାନକୁ ଅଣାଯାଇ ମଣ୍ଡଳ ଉପରେ ଅଡାଇ ନିଅନ୍ତି। ପୂଜାସ୍ଥାନ ଅତିକ୍ରମ କରିବା ସମୟରେ ଯାହାର ଗୋରୁ / ଗାଈ ପୂଜା ପତ୍ର ଖାଏ ବା ଅଣ୍ଡା ଭାଙ୍ଗିଦିଏ, ସେହି ଗୋରୁର କପାଳରେ ସିନ୍ଦୂର ଘଷି ତା'ର ମାଲିକ /ଖାଉନ୍ଦକୁ ଆନନ୍ଦରେ କାନ୍ଧେଇ ମାଦଳ ବଜାଇ ନାଚଗୀତ ମଧ୍ୟରେ ଗ୍ରାମବାସୀମାନେ ଘରକୁ ନେଇଯାଆନ୍ତି। ଘରେ ଝିଅ-ବୋହୂମାନେ କାନ୍ଧରେ ବସିଥିବା

ଅବସ୍ଥାରେ ତାଙ୍କର ଗୋଡ ଧୋଇଦେବା ସଙ୍ଗେ ସଙ୍ଗେ ଯେଉଁମାନେ ମାଲିକକୁ କାନ୍ଧେଇ ଥାଆନ୍ତି ଓ ଉପସ୍ଥିତ ଥିବା ଗ୍ରାମବାସୀଙ୍କର ଗୋଡ ଧୋଇ ଦେଇ ଖାଦ୍ୟ - ପାନୀୟର ଆୟୋଜନ କରନ୍ତି। ପୁଣି ଯାହାର ଗୋରୁ ପୂଜାପତ୍ର ଖାଇଥାଏ ତାକୁ ତହିଁ ପରବର୍ଷ ଗୋଠପୂଜା ସମୟରେ ଗୋଟିଏ ନାଲି କୁକୁଡା ଗଞ୍ଜା ଏବଂ ଗୋଟିଏ ହାଣ୍ଡି ହାଣ୍ଡିଆ (୫ ସେର କିମ୍ବା ୩ ସେର ଚାଉଳରେ ପ୍ରସ୍ତୁତ) ଦେବାକୁ ହୁଏ। କାରଣ ଠାକୁର ସେହିବର୍ଷ ତାଙ୍କଠାରେ ପ୍ରସନ୍ନ ହୋଇଥିବାର ଭୂମିଜମାନଙ୍କର ବିଶ୍ୱାସ। ଏହିପରି ସେହି ଲୋକର ଗୋରୁଗାଈ ଲଗାତର ତିନି ବର୍ଷ ଯଦି ପୂଜାପତ୍ର ଖାଏ କିମ୍ବା ଅଣ୍ଡା ଭାଙ୍ଗେ, ତେବେ ତା'ର ଖୁବ୍ ଶୁଭ ସମୟ ବୋଲି ମନେ କରାଯାଇଥାଏ। ତେଣୁ ତାକୁ ଗୋଟିଏ ନାଲି ବୋଦା ଓ ଏକ ହାଣ୍ଡି ହାଣ୍ଡିଆ ଦେବାକୁ ପଡେ। ପୂଜାଦିନ ଗ୍ରାମବାସୀ ମାନେ ରାତିଯାକ ଜାଗରଣ କରି ଠାକୁରାଣୀଙ୍କ ଉଦ୍ଦେଶ୍ୟରେ ସଂକୀର୍ତ୍ତନ (ଜାହାଲି) ପୂର୍ବକ ଘରେ ଘରେ ବୁଲି ଚାଉଳ, କୁକୁଡା, ପନିପରିବା, ହାଣ୍ଡିଆ ଇତ୍ୟାଦି ମାଗଣ କରନ୍ତି। ଜାହାଲି ଗୀତ ଏହିମତେ ବୋଲାଯାଏ।

"କଂରେ କଂରେ  କଂରେ କଂରେ
ନେ ମୁଣ୍ଡା କଥାଃ ସାଲିମାରେ
ନେ ମୁଣ୍ଡା କଥାଃ ରାଚାରେ
କଂ ବାବା ବା ବାଆଲୋନାକ ମେନେୟା କଂରେ
କଂ ଚାଉଳି ଗେଲେ ଗେଲେ ଲେନାକ ମେନେୟା କଂରେ
କାଞ୍ଜି ହିଳିୟା ମେତାମ୍ କାଞ୍ଜି ଲାବାଲାଃ
କଂ ବାବା ବା ବାଆଲୋନାକ ମେନେୟଙ୍କରେ
କଂ ଚାଉଲି ଗେଲେ ଗେଲେ ଲେନାକ ମେନେୟା କଂରେ।"

ଅର୍ଥ –ଏଇ ମୁଣ୍ଡାମାନଙ୍କ ଚାଳରେ ତଥା ଅଗଣାରେ ଧାନଫୁଲ ଫୁଟିଥିଲା ଏବଂ ଚାଉଳର କେରା ଫଳିଥିଲା ବୋଲି ଲୋକେ କହନ୍ତି। ଏହି କଥାଟି କହିବାରେ ମୁଁ କାହାକୁ ଭୁଲାଉ ନାହିଁ କିମ୍ବା କାହାକୁ ଠକାଉ ନାହିଁ।

ଏହି ମାଗୁଣିଆମାନେ ପ୍ରତ୍ୟେକ ଘରେ ପହଞ୍ଚିବା ପରେ ଘରଲୋକ ସେମାନଙ୍କର ଗୋଡ ଧୋଇ ଦେଇ କିଛି ଖାଦ୍ୟ-ପାନୀୟ ମଧ ଦେଇଥାଆନ୍ତି। ଏହିପରି ଭାବରେ ଜାହାଲି ଗୀତ, ବାଦ୍ୟ ଓ ନାଚ ସହିତ ରାତି ପାହିଯାଏ। ସଂଗୃହୀତ ଚାଉଳ, କୁକୁଡା ଓ

ପନିପରିବା ଗୁଡିକୁ ମାଗୁଣିଆ ମାନେ ଭାଗ କରି ନିଅନ୍ତି କିମ୍ବା ଦେହୁରୀଙ୍କ ଘରେ ଭୋଜି କରି ଖାଇଥାଆନ୍ତି। ସେଦିନ ପୁଣି ପାଳିତ ହୁଏ ସହରାଇ ବଂଗା (ବନ୍ଦାଣ ପୂଜା / କାଳୀପୂଜା)

**ସହରାଇ / ସଅରାଇ ବଙ୍ଗା (ବନ୍ଦଣା ପୂଜା/ କାଳୀପୂଜା):** ଏହି ଦିନ ସକାଳେ ଘରଦ୍ୱାର ଲିପାପୋଛା କରିବା ସଙ୍ଗେ ସଙ୍ଗେ ଗୋରୁ ଗୁହାଳ ମଧ୍ୟ ଲିପି ପରିଷ୍କାର କରାଯାଏ। ଗୁହାଳ ଦ୍ୱାର ଠାରୁ ଦାଣ୍ଡ ତାଟି ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ଧରଣର ଝୋଟି ଦିଆଯାଏ। ଝୋଟିର ସ୍ଥାନେ ସ୍ଥାନେ ଗୋବର ଗୋଲି ରଖି ତା' ଉପରେ ଅପମାରଙ୍ଗ ଡାଳ ପୋତି ଦିଆଯାଇଥାଏ। ତା' ତଳେ ସିନ୍ଦୂର ଟୋପା ମାରି ଗେଣ୍ଡୁ ଫୁଲ ରଖାଯାଏ। ଏହାର କାରଣ ପୁରାଣ ଯୁଗରେ ଗୋରୁଗାଈମାନଙ୍କୁ ସୁସ୍ଥ ରଖିବା ପାଇଁ ଗୋବର୍ଦ୍ଧନ ପାହାଡରୁ ଔଷଧ ଅଣାଯାଉଥିଲା। ସେହି ଘଟଣାକୁ ମନେ ରଖିବା ପାଇଁ ଦାଣ୍ଡ ପର୍ଯ୍ୟନ୍ତ ଝୋଟି କାଟି ଗୋବର୍ଦ୍ଧନ ପାହାଡ ସଦୃଶ ଗୋବର ଗୋଲି ରଖାଯାଇ ତା'ଉପରେ ଔଷଧ ବୃକ୍ଷ ସଦୃଶ ଅପମାରଙ୍ଗ ଡାଳ ପୋତାଯାଇଥାଏ। ଗୃହକର୍ତ୍ତା ନିର୍ଦ୍ଦିଷ୍ଟ ସମୟରେ ଗୁହାଳରେ ପୂଜା ଆରମ୍ଭ କରନ୍ତି। ପୂଜା ପାଠ ପୂର୍ବରୁ ମହୁଲ କାଠର ଏକ ଖୁଣ୍ଟକୁ ଖାପି କରି ଗୁହାଳରେ ପୋତିଥାଆନ୍ତି। ଏହି ଖୁଣ୍ଟ ହିଁ ଗରେୟା ଦେବୀଙ୍କ ପ୍ରତୀକ ଭାବରେ ପୂଜିତ ହୁଅନ୍ତି। ଉକ୍ତ ଖୁଣ୍ଟରେ ଗୋଟିଏ କେରା ଧାନ ଓ ଧଳାକଇଁ ଫୁଲ ଗରେୟା ଦେବୀଙ୍କ ସିନ୍ଥି ଭଳି ବନ୍ଧାଯାଏ। ଧୂପ, ଦୀପ, ସିନ୍ଦୂର, ଘିଅ ସଳିତା, ଦୁବଘାସ, ଅରୁଆ ଓ ଉଷୁନା ଚାଉଳ, ଦୁଧ ଓ ଧଳା, କଳା, ନାଲି ଏବଂ ବାରବର୍ଣ୍ଣିଆ କୁଳ୍‌ଥିଆ କୁକୁଡା ପୂଜାରେ ବ୍ୟବହୃତ ହୁଏ। ଏହି ସବୁ ପୂଜା ଉପକରଣ ଗୃହକର୍ତ୍ତା ନିଜେ ସଜାଡି ସ୍ୱାମୀଙ୍କୁ ଦିଅନ୍ତି। ଗୋରୁଗାଈମାନଙ୍କୁ ବିଭିନ୍ନ ରଙ୍ଗର ଟୋପାରେ ସଜେଇ ଦିଆଯାଇଥାଏ। ସେମାନଙ୍କୁ  ବାହାରକୁ ଛାଡନ୍ତି ନାହିଁ। ଘରେ ବାନ୍ଧି ଖାଇବାକୁ ଦେଇଥାଆନ୍ତି। ପୂଜା ଆରମ୍ଭରେ ଗୃହକର୍ତ୍ତା କହନ୍ତି-"ହେ ମା' ଗରେୟା! ତୁ ମୋ ଗୋରୁ ଗାଈମାନଙ୍କର ରକ୍ଷାକର୍ତ୍ତା। ତୋତେ ଆଜି ପୂଜା କରି ଘିଅପିଠା ଏବଂ ତୋର ଆନନ୍ଦ ପାଇଁ ଧୂପ, ଦୀପ, ଘିଅ ସଳିତା, ଦୁବଘାସ ଏବଂ ଧଳାକଇଁ ଫୁଲ ସଜାଇ ରଖିଛୁ। ତେଣୁ ମା' ! ଗୋରୁଗାଈଙ୍କ ଉପରେ ନିଘା ରଖିଥା।"

ଏଥିରେ କ୍ରମାନ୍ୱୟରେ ଧର୍ମଦେବତା, ଗ୍ରାମ ଦେବତୀ, ଗରେୟା, ବୁରୁବଙ୍ଗା, ହାପାଳୁମ୍ ବଙ୍ଗା, ଗଣା ହାଙ୍କାର ବଙ୍ଗା, ଗଣା ମାହାରା, ଗଣା ଉତରା, ଚନ୍ଦନ ଦେଉଳି

ବା ଲେଦା ଦେଉଳୀ ବଙ୍ଗା, ବାଗାଲ୍ ବଙ୍ଗା, ବାଗୁଡି ବଙ୍ଗା ଇତ୍ୟାଦିଙ୍କୁ ପୂଜା କରାଯାଇଥାଏ। ଗରେୟା ଖୁଣ୍ଟର ଖାପିରେ ତିନୋଟି ଘିଅପିଠା ଲଗାଇ ଆଉ ତିନୋଟି ସେଠାରେ ତଳେ ରଖାଯାଏ। ଗେଣ୍ଡୁ ଫୁଲରେ ପୂଜା ହୁଏ। ସେହି ପିଠାଗୁଡିକ ଉପରେ ସିନ୍ଦୂର, ଅରୁଆ ଚାଉଳ ଲଗାଇ ଥାଆନ୍ତି। ତା'ପରେ କୁକୁଡାମାନଙ୍କ ମୁଣ୍ଡରେ ସିନ୍ଦୁର, ଅରୁଆ ଚାଉଳ ଦେଇ ଗରେୟା ଖୁଣ୍ଟ ନିକଟରେ ବଳି ଦିଅନ୍ତି। ଧର୍ମ ଦେବତାଙ୍କ ପାଖରେ ଧଳା କୁକୁଡା, ବୁରୁବଙ୍ଗା ଓ ଗ୍ରାମ ଠାକୁରାଣୀଙ୍କଠାରେ ରଙ୍ଗିଆ ବା ନାଲି କୁକୁଡା, ଗଣା ହାଙ୍କାରଙ୍କୁ କଳା ଷଣ୍ଢା, ଗଣା ଉଉରାଙ୍କୁ କଳା କାଟୁଲି ଏବଂ ବାଗାଲଙ୍କୁ କୁଲ୍‌ଥିଆ / ବାର ବର୍ଣ୍ଣିଆ କୁକୁଡା ଅର୍ପଣ କରାଯାଇଥାଏ। ପୁଣି କୁକୁଡାର ମୁଣ୍ଡ ଗୁଡିକ ପତୁଆ କରାଯାଇ ପିଠା ଓ ହାଣ୍ଡିଆ ରସି ସହିତ ଈଶାଣରେ ପୂର୍ବପୁରୁଷଙ୍କ ଉଦ୍ଦେଶ୍ୟରେ ଭୋଗ ଅର୍ପଣ କରିଥାଆନ୍ତି। ଗରେୟା ଦେବୀଙ୍କ ଠାରେ ଲାଗିଥିବା କୁକୁଡାର ମୁଣ୍ଡଟିକୁ ଉଷୁନା ଚାଉଳ ସହିତ ପତୁଆ କରି ଘରର ବୋହୂମାନେ ଗୁହାଳ ଘରେ ପୁଣି ଭୋଗ ଲଗାନ୍ତି। ସେହି ଭୋଗ କେବଳ ଘରର ବୋହୂ, ଝିଅମାନେ ଖାଇଥାଆନ୍ତି। ବାଗାଲ୍ ବୁରୁବଙ୍ଗା, ଗ୍ରାମ ଠାକୁରାଣୀଙ୍କ ବଳି ଭୋଗ ସ୍ତ୍ରୀ ଲୋକମାନେ ଖାଇବାକୁ ବାରଣ ଥାଏ। ସନ୍ଧ୍ୟାରେ ଗ୍ରାମବାସୀମାନଙ୍କୁ ନିମନ୍ତ୍ରଣ କରାଯାଏ। ଘରର ବୋହୂ ଏବଂ ସାହିପଡିଶାର ବୋହୂମାନେ ମିଶି ଗୋରୁଗାଈଙ୍କୁ ବନ୍ଦାପନା କରନ୍ତି। ସେ ସମୟରେ ଯେ କୌଣସି ଗୋଟିଏ ଗୋରୁ ବା ଗାଈର ମୁଣ୍ଡରେ ଧାନଫୁଲ ବା ଧାନ କେରାକୁ ସିନ୍ଥି ଭଳି ବନ୍ଧାଯାଏ। ବୋହୂମାନେ ସମସ୍ତେ ନବବସ୍ତ୍ର ପରିଧାନ କରି ପ୍ରତ୍ୟେକ ଗୋଟିଏ ଲେଖାଏଁ ଥାଳିଆରେ ଦୀପ, ଦୁବଘାସ, ଧଳାଧାନ, ଗୋବର ଗୋଳି, ଚୂନା ଗୋଳି ନେଇ ଧାନଫୁଲ ବନ୍ଧା ହୋଇଥିବା ଗାଈ/ଗୋରୁଟିକୁ ବନ୍ଦାପନା କରନ୍ତି। ପ୍ରଥମେ ସଂପୃକ୍ତ ଘରର ବୋହୂ ଦୀପ ପ୍ରଭୃତି ରଖାଯାଇଥିବା ଥାଳିଆକୁ ତିନିଥର ଗାଈ ମୁହଁ ସାମନାରେ ବୁଲାଇ ଆଣି ତଳେ ରଖନ୍ତି, ଏବଂ ଦୀପର ଅଗ୍ନିଶିଖାକୁ ଦୁଇ ହାତରେ ଚୁମାଣା(ଗାଈ ମୁହଁ ଆଡକୁ) ଦେଇଥାଆନ୍ତି। ତା'ପରେ ଗୋଟିଏ ହାତରେ ଗୋବର ଗୋଳିକୁ ଗୁହାଳ ଭିତରକୁ ଏବଂ ଚୂନା ଗୋଳିକୁ ପଛପଟେ ଅର୍ଥାତ୍ ଗୁହାଳ ଦ୍ୱାର ଆଡେ ବାହାରକୁ ଫୋପାଡି ଦିଅନ୍ତି। ଶେଷରେ ଦୁଇ ହାତରେ ଗୋଟିଏ ଗୋଟିଏ ଧାନ ସହିତ ଦୁବଘାସ ଧରି ଗାଈର ମୁହଁ, ଆଖି ଓ ମଥାର ତିନି ଜାଗାକୁ ତିନିଥର ଲେଖାଏଁ ଛୁଅନ୍ତି। ଠିକ୍ ସେହିପରି କ୍ରମାନ୍ୱୟରେ ଅନ୍ୟ ବୋହୂମାନେ ବନ୍ଦାପନା କରିଥାଆନ୍ତି। ଏହାକୁ ଭୂମିଜମାନେ "ଗାଈ ଚୁମାଣା" କହନ୍ତି। ବନ୍ଦାପନା ସମୟରେ ପୁଅ ପିଲାମାନେ ଗୀତଗାଇ ମାଦଳ ବଜାନ୍ତି।

"ଅକୟେ ଚୁମାଣେ ଝିଲିମିଲି ଗରେୟା
ଅକୟେ ଚୁମାଣେ ଉରିଃ ଗାଇରେ
ହାରିଓରେ ଅକୟେ ଚୁମାଣେ ଉରି ଗାଇରେ
ଅକୟେ ଚୁମାଣେ ଲୁତୁରରେୟାଃ ସାମତାମ୍
ଅକୟେ ଅମେଉରିଃ ସିନ୍ଦୁରିବ
ହାରିଓରେ ଅକୟେ ଅମେ ଉରିଃ ସିନ୍ଦୁରିବ
ମାଏ ଚୁମାଣେ ତାନା ଝିଲିମିଲି ଗରେୟା
କିମିନେ ଚୁମାଣେ ଉରିଃ ଗାଇରେ
ହାରିଓରେ କିମିନେ ଚୁମାଣେ ଭରିଃ ଗାଇରେ
ଅଲାରେଲ ହନ୍‌କାଲା ଅମପିୟାଃ ସିନ୍ଦୁରୀ
ମିଶିଏ ଚୁମାଣେ ଲୁତୁର ସାମନମ
ହରିଓରେ ଚୁମାଣେ ଲୁତୁର ସାମନମ୍ ।"
ଅର୍ଥ – "କିଏ ବନ୍ଦପନା କରୁଅଛି ସୁସଜ୍ଜିତ ଗରେୟାଙ୍କୁ
କିଏ ବନ୍ଦପନା କରୁଅଛି ଗୋରୁଗାଈଙ୍କୁ
କିଏ ବନ୍ଦାପନା କରୁଅଛି କାନର ସୁନା ଅଳଙ୍କାରକୁ
କିଏ ଦେଉଛି ବଳଦକୁ ସିନ୍ଦୁର ଟୋପାଟିଏ
ମା' ବନ୍ଦାପନା କରୁଅଛି ସୁସଜ୍ଜିତ ଗରେୟା ଦେବୀଙ୍କୁ
ବୋହୂ ବନ୍ଦାପନା କରୁଅଛି ଗୋରୁଗାଈଙ୍କୁ
ଘର ପୁତ୍ର ଦେଉଅଛି ଗୋରୁଗାଈଙ୍କୁ ସିନ୍ଦୁରଟୋପା
ଭଉଣୀ ବନ୍ଦାପନା କରୁଅଛି କାନର ସୁନା ଅଳଙ୍କାରକୁ"

ବୋହୂମାନଙ୍କ ଦ୍ୱାରା ବନ୍ଦାପନା ସରିବା ପରେ ବନ୍ଦାପନା କରାଯାଇଥିବା ଗାଈଟିକୁ ବାହାରକୁ ଛଡା ଯାଇଥାଏ। ସେତିକିବେଳେ ଘରର ବୋହୂ ଗାଈ ଲଗାଇଥିବା ଧାନକେରା ସିନ୍ଦୁଟିକୁ ଟାଣି ଛିଡାଇ ରଖେ। ଗାଈଟିକୁ ଦାଣ୍ଡ ପର୍ଯ୍ୟନ୍ତ ନେଇ ଫେରାଇ ଅଣାଯାଏ। ଏହି ସମୟରେ ଘରର ବୋହୂ ଗାଈ ପଛେ ପଛେ ଝାଡୁରେ ଓଳାଇ ନେଇ ଦାଣ୍ଡ ଦ୍ୱାର ବାହାରେ ଏକ ଖପରା ନିଆଁକୁ ଆହୂତି ଦେଇ ପୁଣି ଝାଡୁରେ ଖରକି ଖରକି ଗୁହାଳ ପର୍ଯ୍ୟନ୍ତ ଆସନ୍ତି। ଏତିକିରେ ବନ୍ଦାଣ ପୂଜା ଶେଷ ହୁଏ ଏବଂ ଗୃହକର୍ତ୍ତା ଉପସ୍ଥିତ ସମସ୍ତ ଗ୍ରାମବାସୀ ଓ ବୋହୂମାନଙ୍କୁ ଖାଦ୍ୟ ଓ ପାନୀୟରେ ଅପ୍ୟାୟିତ କରିଥାଆନ୍ତି।

ବ୍ୟକ୍ତିଗତ ଭାବେ ଏହି ବନ୍ଦାଣ ପୂଜା ସମସ୍ତେ ନିଜର ସୁବିଧା ଅନୁଯାୟୀ ପାଳନ କରନ୍ତି ଏବଂ ଏଥିରେ ପ୍ରତ୍ୟେକ ଗ୍ରାମବାସୀ ପରସ୍ପରକୁ ସାହାଯ୍ୟ ସହଯୋଗ କରୁଥିବାର ଦେଖାଯାଏ।

**ଛଡାଣ ପୂଜା (ଛାଡାଅ ବଙ୍ଗା) :**

ଏହି ପୂଜା ଗୁଣିଆ / ତାନ୍ତ୍ରିକ / ଯାଦୁ ଧର୍ମୀୟ କର୍ମକର୍ତ୍ତା (ଦେଓଣା)ଙ୍କ ଦ୍ୱାରା ସମ୍ପାଦିତ ହୁଏ। ଦେଓଣା ତେଲ ଖଡି, କାଠିମାପ ବା ନାଡ଼ି ଚିପି କୌଣସି ବ୍ୟକ୍ତିକୁ ଭୂତପ୍ରେତ ଆକ୍ରମଣ ବା କୌଣସି ଦୁଷ୍ଟ ଗୁଣିଆ ଦ୍ୱାରା ଭୂତପ୍ରେତ ପେଷଣ ହୋଇଥିବାର ଜାଣିପାରନ୍ତି। ସେଥିପାଇଁ ବ୍ୟକ୍ତିଟି ଦେହରୁ ପ୍ରେତାତ୍ମା ବିତାଡନ କରିବା ପାଇଁ ଦେଓଣା ଛଡାଣ ପୂଜା କରିଥାଆନ୍ତି। ଦୁଷ୍ଟ ଶକ୍ତି ଦେହରୁ ଅପସରି ଗଲେ ବ୍ୟକ୍ତିଟି ସୁସ୍ଥ ହୋଇଉଠେ କିମ୍ୱା କୌଣସି ଔଷଧ ତା ଶରୀରରେ କାର୍ଯ୍ୟକ୍ଷମ ହୋଇପାରେ। ନଚେତ୍ ଯେତେ ଚେଷ୍ଟା କଲେ ମଧ୍ୟ ଔଷଧର ସୁଫଳ ମିଳେ ନାହିଁ।

ଛଡାଣ ପୂଜାରେ ତିନୋଟି କୁକୁଡା (କଳା, ଧଳା ଓ ବାରବର୍ଣ୍ଣିଆ), କଳା କପଡା, ମାଟିର ମଣିଷ ପିତୁଳା, ସିନ୍ଦୁର, ଅରୁଆ ଚାଉଳ, ଝୁଣା, ତୁଳସୀ ପତ୍ର, ତେଲ ସଳିତା, ପାଉଁଶ, ଅଙ୍ଗାର ଗୁଣ୍ଡ, ଇଟାଗୁଣ୍ଡ, ନୋଟାପାଣି, ଶାଳପତ୍ର ଓ ଖଣ୍ଡିଏ ବେତବାଡି ବ୍ୟବହୃତ ହୋଇଥାଏ। ପ୍ରଥମେ ସଂପୃକ୍ତ ବ୍ୟକ୍ତିର ଘରେ ଦେଓଣା ଗୋଟିଏ ଚତୁର୍ଭୁଜାକାର ପରିଧି କାଟନ୍ତି। ଆଗ ପାଉଁଶ, ତା' ଉପରେ ଇଟାଗୁଣ୍ଡ ଏବଂ ଇଟାଗୁଣ୍ଡ ଉପରେ ଅଙ୍ଗାର ଗୁଣ୍ଡ ପଡେ। ମଝିରେ ରହେ ସିନ୍ଦୁର ଟୋପା ଏବଂ ତା ଉପରେ ଅରୁଆ ଚାଉଳ ରଖିଥାଆନ୍ତି। ତୁଳସୀ ପତ୍ର ପାଣି ସିଞ୍ଚି ପବିତ୍ର କରାଯାଏ।

ଅସୁସ୍ଥ ଲୋକଟି ପାଖରେ ବସନ୍ତି। ଦେଓଣା ଚତୁର୍ଭୁଜ ଭିତରେ ଥିବା ଅରୁଆଚାଉଳକୁ କୁକୁଡାମାନଙ୍କୁ ଖୁଆଇଦିଅନ୍ତି। ତେଲ ସଳିତାକୁ ପାଖରେ ରଖି ଝୁଣା ଗୁଣ୍ଡ ମନ୍ତୁରାଇ ସଳିତା ନିଆଁ ଉପରକୁ ତିନିଥର ଛାଟିଥାଆନ୍ତି। ରୋଗୀ ଉପରେ ଅରୁଆ ଚାଉଳ ପକାଯାଏ। ସେ ସମୟରେ ଯେତିକି ଅରୁଆ ଚାଉଳ ତଳେ ପଡେ, ସେଗୁଡିକୁ ପୁଣି କୁକୁଡାମାନଙ୍କୁ ଖୁଆଇଦିଅନ୍ତି। ତା'ପରେ ଦେଓଣା ଚତୁର୍ଭୁଜ ଭିତରେ ମାଟି ପିତୁଳାଟି ରଖି ପିତୁଳା ଉପରେ ସିନ୍ଦୁର, ଅରୁଆ ଚାଉଳ ଦେଇ ପୁନର୍ବାର ସେହି ଚାଉଳକୁ କୁକୁଡାମାନଙ୍କୁ ଖାଇବାକୁ ଦିଅନ୍ତି। ଶେଷରେ ଚତୁର୍ଭୁଜର୍ ସମସ୍ତ ସାମଗ୍ରୀକୁ ଚତୁର୍ଭୁଜରେ ବ୍ୟବହୃତ ଗୁଣ୍ଡଗୁଡିକ ସହ ଗୋଟାଇ ଆଣି ଶାଳପତ୍ର ଖଲିରେ ରଖାଯାଏ। ସେହି ଖଲିଟିକୁ

ଧରି ଦେଓଣା ଏକ ନିଶ୍ୱାସରେ ରୋଗୀର ଚାରିପଟେ ତିନିଥର ବୁଲି ଆସି ପୂଜା ସ୍ଥାନରୁ ବୁଢା ଓ ବିଶି ଆଙ୍ଗୁଳି ଦ୍ୱାରା ଅଳ୍ପ ମାଟି ଉଠାଇ ଖଲିରେ ରଖିଥାଆନ୍ତି। ଖାଲ ସ୍ଥାନଟି ପାଣି ଦେଇ ସମାନ କରାଯାଏ। ଦେଓଣା ସମସ୍ତ ଜିନିଷ ସହ କୁକୁଡାମାନଙ୍କୁ ଧରି ଘରୁ ବାହାରି ଆସନ୍ତି। ଠିକ୍ ସେହି ସମୟରେ ପରିବାରର ଜଣେ ପୁରୁଷ ଲୋକ ପୂଜା ସ୍ଥାନରୁ ଗୋଟିଏ ଛାଞ୍ଚୁଣୀ ଗୁଣିଆ ଆଡକୁ ଛାଟି ଦେଇ କବାଟ କିଳି ଦେଇଥାଆନ୍ତି। ଗୁଣିଆକୁ ଗାଁର ଏକ ନିଛାଟିଆ ଛକ ସ୍ଥାନରେ ପୁଣି ପୂଜା କରିବାକୁ ହୁଏ। ସେଠାରେ ପ୍ରଥମେ ଦେଓଣା ପୂର୍ବ ଆଡକୁ ମୁହଁ କରି ବାମ ଗୋଡ ଆଣ୍ଠୁମାଡି ବସି ଖଲିରେ ଆଣିଥିବା ସମସ୍ତ ସାମଗ୍ରୀ ବାହାର କରନ୍ତି, ଏବଂ ଭୂମିରେ ପୂର୍ବପରି ଗୋଟିଏ ଚତୁର୍ଭୁଜ ପ୍ରସ୍ତୁତ କରିଥାଆନ୍ତି। ଚତୁର୍ଭୁଜ ଭିତରେ ମଣିଷ ମୂର୍ତ୍ତିଟି ରଖି ସିନ୍ଦୂର ଅରୁଆଚାଉଳ ଦିଆଯାଏ। ପିତୁଳା ସାମ୍ନାରେ ତୁଳସୀ ପତ୍ର ଓଲଟାଇ ରଖି ସେଥିରେ ସିନ୍ଦୂର ଟୋପା ଏବଂ ଅରୁଆ ଚାଉଳ ରଖିଥାଆନ୍ତି। ଦେଓଣା ପ୍ରଥମେ ସେହି ଅରୁଆ ଚାଉଳ କଳା କୁକୁଡାଟିକୁ ଖିଆ କରାଇ ତା' ବେକ ମୋଡି ଦିଅନ୍ତି। ସେହି କ୍ରମରେ ବାଗବର୍ଣ୍ଣିଆ ଏବଂ ଧଳା କୁକୁଡାର ବେକ ମୋଡାଯାଇଥାଏ। କୁକୁଡାମାନଙ୍କର ମୁଣ୍ଡଗୁଡିକ ମୂର୍ତ୍ତି ଆଗରେ ଥୋଇ ତା'ର ରକ୍ତ ପୂଜାସ୍ଥାନର ସର୍ବତ୍ର ପକାଇଥାଆନ୍ତି। ଦେଓଣା କୌଣସି କଣ୍ଟା ସାହାଯ୍ୟରେ ନିଜ ଦେହରୁ ଟିକିଏ ରକ୍ତ ବାହାର କରି ମଣିଷ ପିତୁଳା ପାଖରେ ଦିଅନ୍ତି। ଏଇଠି ପୂଜା ଶେଷ ହୁଏ। କୁକୁଡା ମୁଣ୍ଡ ଗୁଡିକ ସେହିପରି ସେଠାରେ ମୂର୍ତ୍ତି ପାଖରେ ପଡିରହିଥାଏ। ଦେଓଣା କେବଳ କୁକୁଡାମାନଙ୍କର ଗଣ୍ଡିଗୁଡିକ ଧରି ଘରମୁହାଁ ହୁଅନ୍ତି। ସେତିକିବେଳେ ପୂଜାସ୍ଥାନର ଅଳ୍ପ ଦୂରରେ ଦେଓଣା ନିଜ ବାମ ହାତର ଅନାମିକା ଆଙ୍ଗୁଳି ଦ୍ୱାରା ରାମ, ଲକ୍ଷ୍ମଣ, ସୀତା ନାମରେ ତିନୋଟି ଗାର ଟାଣି ସିଧା (ପଛକୁ ନ ଚାହିଁ) ନିଜ ଘରକୁ ଯାଆନ୍ତି। ଛଡାଣ ପୂଜାର ଭୋଗ ମାଂସ ଗୁଣିଆ ପରିବାର ବ୍ୟତୀତ ଆଉ କେହି ଖାଆନ୍ତି ନାହିଁ। ସେ ମଧ୍ୟରୁ ପୁଣି କଳା କୁକୁଡାର ଗଣ୍ଡିଟି ଏକା ଗୁଣିଆ ଖାଇ ଥାଆନ୍ତି, ପରିବାରର ଅନ୍ୟ କେହି ନୁହେଁ।

ଛଡାଣ ପୂଜା ପରେ ରୋଗଗ୍ରସ୍ତ ଲୋକଟି ଧିରେ ଧିରେ ସୁସ୍ଥ ହୋଇ ଉଠେ। ଯେ କୌଣସି ପ୍ରକାର ପେଷଣ କିମ୍ବା ପ୍ରେତାତ୍ମାର ପ୍ରଭାବରେ ବ୍ୟକ୍ତିର ଶରୀରଟି ମୁକ୍ତ ହୋଇଯାଏ। ଏହି ଛଡାଣ ପୂଜା ଭୂମିଜ ସଂପ୍ରଦାୟର ଏକ ଅବ୍ୟର୍ଥ ଯାଦୁଧର୍ମୀୟ ପୂଜାକର୍ମ।

**ସାମ୍ପ୍ରତିକ ଧାରା ଓ ବିବର୍ତ୍ତନ :**

ସମୟାନୁକ୍ରମେ ଭୂମିଜ ସଂପ୍ରଦାୟ ଶିକ୍ଷା ଓ ଆଧୁନିକ ସଭ୍ୟତାର ପ୍ରଭାବରେ ସାମାଜିକ, ଆର୍ଥିକ, ରାଜନୈତିକ, ମାନସିକ ଆଦି ପ୍ରତ୍ୟେକଟି ଦିଗରୁ ଯଥେଷ୍ଟ ପରିବର୍ତ୍ତିତ ହୋଇଥିଲେ ହେଁ ଧର୍ମୀୟ ଚେତନାଟି କେବଳ ସ୍ଥିର ରହିଛି । ଧର୍ମ ହେଉ ଅବା ଯାଦୁଧର୍ମ ହେଉ - ଏ ଉଭୟ ସ୍ତରରେ ସେମାନେ ପ୍ରଚଣ୍ଡ ଭାବେ ଦୁର୍ବଳ । ସେଥିପାଇଁ ଅଦ୍ୟାବଧି ଭୂମିଜ ସମାଜରେ ଧର୍ମୀୟ କର୍ମକର୍ତ୍ତା ଓ ଯାଦୁଧର୍ମୀୟ କର୍ମକର୍ତ୍ତା ଏବଂ ସେମାନଙ୍କର କାର୍ଯ୍ୟଧାରାର ଗୁରୁତ୍ୱ ଅତୁଟ ରହିଛି । ପୁରୁଷ-ପୁରୁଷ ଧରି ପାରମ୍ପରିକ ପୂଜା, ପୂଜା ଉପଚାର, ପୂଜା ପଦ୍ଧତିମାନ ଅନୁରୂପ ଭାବେ ଅନୁସୃତ ହୋଇ ଆସୁଛି । ଏଥିରେ କୌଣସି ପରିବର୍ତ୍ତନ ନାହିଁ କିମ୍ବା ବ୍ୟତିକ୍ରମ ମଧ୍ୟ ଘଟିଥିବାର ପରିଲକ୍ଷିତ ହେଉ ନାହିଁ । ଈଶ୍ୱର ବିଶ୍ୱାସ ସହିତ ତନ୍ତ୍ର-ଗୁଣ ବିଶ୍ୱାସ ମଧ୍ୟ ଭୂମିଜମାନଙ୍କର ଯଥାରୀତି ରହିଛି । ଏବେ ସୁଦ୍ଧା କୌଣସି ଶାରିରୀକ ଅସୁସ୍ଥତା ତନ୍ତର ପ୍ରଭାବରୁ ହୋଇଥାଏ ବୋଲି ସେମାନେ ବିଶ୍ୱାସ କରନ୍ତି । ସେଥିପାଇଁ ଆଗ ଝଡାଫୁଙ୍କା, ଛଡାଣ ପୂଜାର ଆବଶ୍ୟକତା ପଡେ ।

ଦେବଦେବୀ ତଥା ପୂର୍ବପୁରୁଷ / ଇଷ୍ଟଦେବତାଙ୍କ ଆଶୀଷ ବିନା ସେମାନଙ୍କର ଜୀବନ ଧାରଣ ଯେ ଅସମ୍ଭବ - ଏହା ସେମାନେ ମୁକ୍ତ କଣ୍ଠରେ ସ୍ୱୀକାର କରନ୍ତି । ବସ୍ତୁତଃ, ଧର୍ମୀୟ ଚିନ୍ତା ଓ ଚେତନା ଭୂମିଜ ସମାଜରେ ସ୍ଥିର ରହିଥିବାରୁ ଧର୍ମଭିତ୍ତିକ କାର୍ଯ୍ୟଧାରାର ଗତି ଓ ପରିବର୍ତ୍ତନର ପ୍ରଶ୍ନ ଉଠେ ନାହିଁ ।

❑❑❑

# ବସତି

ଆର୍ଯ୍ୟମାନଙ୍କର ଭାରତ ଆଗମନ ସମୟରେ ମୁଣ୍ଡାମାନେ ସିନ୍ଧୁ ନଦୀର ଉପତ୍ୟକାରେ ବସବାସ କରୁଥିଲେ। ଆର୍ଯ୍ୟମାନେ ମୁଣ୍ଡା ସଂପ୍ରଦାୟର ଏହି ଲୋକମାନଙ୍କୁ କୃଷି କାର୍ଯ୍ୟରେ ଲିପ୍ତ ରହୁଥିବାର ଦେଖି ସମ୍ଭବତଃ ଭୂମିଜ ଆଖ୍ୟା ଦେଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଭୂମିଜ ସଂପ୍ରଦାୟ ଆର୍ଯ୍ୟକର୍ତ୍ତୃକ ବିତାଡିତ ହୋଇ ପଶ୍ଚିମବଙ୍ଗ ଏବଂ ମାନଭୂମ୍ ଅଞ୍ଚଳରେ ବସତି ସ୍ଥାପନ କଲେ। ଅଧିକାଂଶ ମୁଣ୍ଡା / ଭୂମିଜ ସମୟକ୍ରମେ ସୁବର୍ଣ୍ଣରେଖାର ଦୁଇ ତଟ, ଲୋହାରଡାଗା, ହଜାରିବାଗ, ଛୋଟନାଗପୁରର ମାଳି ଅଞ୍ଚଳରୁ ନିଜର ବସତି ସଂପ୍ରସାରିତ କରିଥିଲେ।

ଭୂମିଜ ଜନଜାତି ଓଡିଶାର ମୟୂରଭଂଜ, ସୁନ୍ଦରଗଡ, କେନ୍ଦୁଝର ତଥା ବାଲେଶ୍ୱର ଜିଲ୍ଲା ସମୂହରେ ବିକ୍ଷିପ୍ତ ଭାବରେ ବସବାସ କରୁଥିବା ଜଣାଯାଏ। ଅପେକ୍ଷାକୃତ ଅଧିକ ଭୂମିଜ ବସତି ମୟୂରଭଂଜ ଜିଲ୍ଲାରେ ହିଁ ସ୍ଥାପିତ ହୋଇଥିବାର ଦୃଷ୍ଟିଗୋଚର ହୁଏ।

**ଧାରଣା :**

ଲୋକ ଇତିହାସ କହେ ଯେ, ତାମାଲ୍ ରାଜ୍ୟର ଭୂମିଜ ରାଜାଙ୍କର ତିନି ପୁତ୍ର ଥିଲେ। ତନ୍ମଧ୍ୟରୁ ମଧ୍ୟମ ପୁତ୍ରଟି ଅତ୍ୟନ୍ତ ଖଳ ପ୍ରକୃତିର ହୋଇଥିବାରୁ ରାଜା ତାକୁ ରାଜ୍ୟରୁ ବିତାଡ଼ିତ କଲେ। ଫଳରେ ସେ ସପରିବାରେ ଆସି ମାଜାରଭାଗ (ମୟୂରଭଞ୍ଜ) ଅଞ୍ଚଳରେ ବସବାସ କରି ରହିଲା। କ୍ରମଶଃ ତା'ର ପରିବାର ଓ ବଂଶର ଲୋକସଂଖ୍ୟା ଅତ୍ୟଧିକ ବଢିଯିବାରୁ ସେ ବୁରୁଡି, ଜାରଙ୍ଗା, କୁରକୁଟା, ଇଚା, ତୁଣ୍ଡୁ, ବିରଗାମ୍, ସୁନ୍ଦୁରୁବ୍, ଗାଡା, ଟିମ୍ପୁର୍, ପାଣ୍ଡରାଣୀ ପ୍ରଭୃତି ବିଭିନ୍ନ ପ୍ରକାର ବଂଶର ନାମ ଦେଇ ସେମାନଙ୍କୁ ଭିନ୍ନ ଭିନ୍ନ ଅଂଚଳକୁ ବସବାସ ପାଇଁ ପଠାଇଦେଲା। ସେଥିପାଇଁ ମୟୂରଭଂଜ ଜିଲ୍ଲାର ପ୍ରାୟ ଅଞ୍ଚଳରେ ଭୂମିଜ ବସତିମାନ ଗଢି ଉଠିଥିବାର ଦେଖାଯାଏ। ସେ ମଧ୍ୟରେ ଉଦଳା ବ୍ଲକ ଅନ୍ତର୍ଗତ ପାଟଣାଣୀପୁର ଗ୍ରାମ ପଞ୍ଚାୟତଟି ଏକ ଭୂମିଜ ବହୁଳ ଅଞ୍ଚଳ। ପ୍ରାୟତଃ କେବଳ ଭୂମିଜ ସଂପ୍ରଦାୟକୁ ନେଇ ପାଟଣାଣୀପୁର ଗ୍ରାମଟି ସ୍ଥାପିତ। ଅନ୍ୟ ପ୍ରଜାତି ଗୋଷ୍ଠୀର ଲୋକେ ବସବାସ କରୁଥିଲେ ହେଁ ଭୂମିଜମାନଙ୍କର ପ୍ରତିପତ୍ତି ବେଶ୍ ସ୍ପଷ୍ଟ।

ସାଧାରଣତଃ ଭୂମିଜ ସଂପ୍ରଦାୟର ଆଦିବାସୀମାନେ ଜଙ୍ଗଲ, ପାହାଡ, ଝରଣା, ନଦୀ, ନାଳ ପ୍ରଭୃତିର ନିକଟବର୍ତ୍ତୀ ଅଞ୍ଚଳରେ ବସବାସ କରିବାକୁ ଅଧିକ ପସନ୍ଦ କରନ୍ତି।

କାରଣ ସେମାନେ ପ୍ରକୃତି କୋଳରୁ ଜୀବନ ନିର୍ବାହ ପାଇଁ ସମସ୍ତ ଉପାଦାନ ସଂଗ୍ରହ କରିବା ସହିତ ସେମାନଙ୍କର ମୁଖ୍ୟ ଜୀବିକା କୃଷିକାର୍ଯ୍ୟ ସହଜ-ସୁଗମ ହୋଇଥାଏ। ଜଙ୍ଗଲ ପାହାଡରୁ ଯାବତୀୟ ଗୃହନିର୍ମାଣ ସରଞ୍ଜାମ, ଗୃହୋପକରଣ, କୃଷି ସହ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ, ଅର୍ଥ ଉପାର୍ଜନର ଭିତ୍ତିଭୂମି, ଖାଦ୍ୟ-ପାନୀୟରେ ବ୍ୟବହାର ଉପଯୋଗୀ ପଦାର୍ଥାଦି, ଔଷଧୀୟ ବୃକ୍ଷ, ଗୁଳ୍ମ, ତୃଣ ଓ ଲତା ପ୍ରଭୃତି ଅତ୍ୟାବଶ୍ୟକ ଦ୍ରବ୍ୟ ସମୂହ ସହଜରେ ଉପଲବ୍ଧ ହୋଇଥାଏ। ବିନା ଖର୍ଚ୍ଚରେ ସେମାନେ ସବୁକିଛି ହାତ ପାଆନ୍ତାରେ ପାଇଯାଆନ୍ତି। ପୁଣି ନଦୀ, ନାଳ, ଝରଣା ସେମାନଙ୍କୁ କୃଷି କାର୍ଯ୍ୟରେ ସହାୟତା ପ୍ରଦାନ କରିଥାଏ। ଭୂମିଜମାନଙ୍କର ମୁଖ୍ୟ ଜୀବିକା କୃଷି ହୋଇଥିବାରୁ, ଜଳର ଆବଶ୍ୟକତା ନିତାନ୍ତ ଜରୁରୀ। ତେଣୁ ତାଙ୍କର ବସତିର ପାଖେ ପାଖେ ପ୍ରାୟତଃ ଜଳଉତ୍ସ ନିଶ୍ଚିତ ରହିଥାଏ। ସେଗୁଡିକ ପୁଣି ପାନୀୟ ଜଳ ଯୋଗାଇବା ସହିତ ଚାଷଜମିକୁ ଉର୍ବର କରି ରଖେ। ଫଳତଃ କୃଷି ପ୍ରିୟ ଭୂମିଜ ଜନଜାତି ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ପ୍ରକାର ଶସ୍ୟ, ଫଳମୂଳ ଓ ପନିପରିବା ଆଦି ଚାଷ କରି ନିଜର ଗୁଜୁରାଣ ମେଣ୍ଟାଇବା ସହିତ ଅର୍ଥ ଉପାର୍ଜନ ପୂର୍ବକ ସ୍ୱଚ୍ଛଳ ଜୀବନ ବିତାଇବାରେ ସକ୍ଷମ ହୋଇଥାଆନ୍ତି।

ପାଟଣାଣୀପୁର ଗ୍ରାମଟିରେ ଶତକଡା ନବେ ଭାଗ ଲୋକ ଭୂମିଜ ସଂପ୍ରଦାୟର। ଗାଁର ଦୈର୍ଘ୍ୟ ୨ କି.ମି. ଏବଂ ପ୍ରସ୍ଥ ପ୍ରାୟତଃ ୧ କି.ମି. ମଧ୍ୟରେ। ଲୋକସଂଖ୍ୟା ୧୧୦୦ ଏବଂ ଭୂମିଜ ଜନଜାତିଙ୍କ ସଂଖ୍ୟା ସେ ମଧ୍ୟରୁ ପ୍ରାୟତଃ ୯୦୦। ଭୂମିଜ ପରିବାର ଏଠାରେ ୨୫୦/୩୦୦ ଭିତରେ ବସବାସ କରନ୍ତି। ଅନ୍ୟାନ୍ୟ ପ୍ରଜାତିକ ଗୋଷ୍ଠୀ କିଛି ରହିଥିଲେ ହେଁ, ସେମାନେ ସଂଖ୍ୟାନ୍ୟୁନ। ତେଣୁ ପ୍ରଭାବଶାଳୀ ଭୂମିଜ ଜନଜାତି ଏଠାରେ ନିଜର ପ୍ରାଧାନ୍ୟ ଜାହିର କରି ଏହି ଗ୍ରାମକୁ ଭୂମିଜ ବସତି ଭାବରେ ପ୍ରତିଷ୍ଠିତ କରାଇଛନ୍ତି।

ପାରମ୍ପରିକ ପ୍ରଥା ଅନୁଯାୟୀ ଭୂମିଜ ସମାଜ ବସତିସ୍ଥାପନ ସମୟରେ ଆନୁଷ୍ଠାନିକ ଭାବେ ପୂଜାବିଧି ଅନୁସରଣ କରିଥାଏ। ପୂଜାବିଧିର ଶୁଭାଶୁଭ ଉପରେ ବସତି ସ୍ଥାପନ ନିର୍ଭର କରେ।

ନିର୍ଦ୍ଧାରିତ କ୍ଷେତ୍ରରେ ବିଭିନ୍ନ ସ୍ଥାନରେ ଗୋଲ ଗୋଲ ଆକାରରେ ଗୋବର ଦ୍ୱାରା ଲିପି ପରିଷ୍କାର କରାଯାଏ। ଧର୍ମକୁ ସାକ୍ଷୀ ରଖି ସେଥିରେ ତିନିଟୋପା ଲେଖାଏଁ ସିନ୍ଦୁର ଦେଇ ସିନ୍ଦୁର ଉପରେ ଛଅଯୋଡା ଲେଖାଏଁ ଧଳା ଧାନ ରଖାଯାଇଥାଏ। ଧାନ

ସାତ ଯୋଡା କିମ୍ବା ପାଞ୍ଚ ଯୋଡା ମଧ୍ୟ ହୋଇପାରେ। ସବୁ ମଣ୍ଡଳଗୁଡିକ ପାଛିଆରେ ଘୋଡେଇ ଦିଅଯାଏ। ଏହାପରେ ସମଗ୍ର କ୍ଷେତ୍ରର ମଝି ସ୍ଥାନରେ ଗୋବରରେ ମଣ୍ଡଳାକୃତିରେ ଲିପି ତହିଁରେ ତିନୋଟି ସିନ୍ଦୂର ଟୋପା ଗ୍ରାମ ଠାକୁରାଣୀ କୁଟାଶୁଣୀଙ୍କ ଉଦ୍ଦେଶ୍ୟରେ ଲଗାଯାଇଥାଏ। ସିନ୍ଦୂର ଟୋପାଗୁଡିକ ଉପରେ ଅରୁଆ ଚାଉଳ ରଖାଯାଏ। ପୁଣି ସେହି ଗୋବର ମଣ୍ଡଳ ଭିତରେ ଗୋଟିଏ କିଲା ପୋତି, ତହିଁରେ ଗୋଟିଏ କୁଲଥିଆ କୁକୁଡାକୁ ସିନ୍ଦୂର ଉପରେ ଥିବା ଚାଉଳକୁ ଖୁଆଇ ବାନ୍ଧିଦିଅନ୍ତି। କୁକୁଡାର ମୁଣ୍ଡରେ ସିନ୍ଦୂର ଲଗାଯାଇ ଧଳା ସୂତାରେ ବନ୍ଧାଯାଇଥାଏ।

କୁକୁଡା ସହିତ ଗୋବର ମଣ୍ଡଳଟିକୁ ମଧ୍ୟ ଭଲଭାବେ ପାଛିଆରେ ଢାଙ୍କି ଦେଇଥାଆନ୍ତି। ତହିଁ ପରଦିନ ଭୋରରୁ ଯାଇ ସମଗ୍ର କ୍ଷେତ୍ରରେ ରଖିଥିବା ମଣ୍ଡଳିରୁ ଢଙ୍କା ଖୋଲି ଦେଖନ୍ତି ଯେ, ଯୋଡିକିଆ ଧାନରୁ କେଉଁଟି ହଜିଛି କି ନାହିଁ। କୌଣସି ମଣ୍ଡଳିରୁ ଯଦି ଯୋଡିକିଆ ଧାନରୁ ଗୋଟିଏ ବି ହଜିଥାଏ, ତେବେ ତାହା ଅଶୁଭ ଲକ୍ଷଣ ବୋଲି ଗ୍ରହଣ କରାଯାଏ। ପୁଣି ଦେଖନ୍ତି ଢଙ୍କା ହୋଇଥିବା କୁକୁଡାଟି ବଞ୍ଚିଛି କି ମରିଛି। ଯଦି କୌଣସି ସ୍ଥାନରୁ ଧାନ ହଜିଥାଏ କିମ୍ବା କୁକୁଡା ମୃତ୍ୟୁବରଣ କରିଥାଏ, ତେବେ ତାହା ବସତି ସ୍ଥାପନ ପାଇଁ ସଂପୂର୍ଣ୍ଣ ଅନୁପଯୁକ୍ତ ବୋଲି ପ୍ରମାଣିତ ହୁଏ ଏବଂ ପୁଣି ଏକ ଭିନ୍ନ କ୍ଷେତ୍ର ବସତି ପାଇଁ ନିର୍ଦ୍ଧାରଣ କରାଯାଇଥାଏ। ଯଦି କୁକୁଡା ଏବଂ ଧାନ ସବୁ ଠିକ୍‌ଥାଏ, ତେବେ ତାହା ବସତି ଉପଯୋଗୀ ଶୁଭସ୍ଥାନ ରୂପେ ବିବେଚନା କରି କୁକୁଡାଟିକୁ ବନ୍ଧା ହୋଇଥିବା ମଣ୍ଡଳ ଭିତରେ ଧର୍ମ ଓ କୁଟାଶୁଣୀ ଦେବୀଙ୍କ ଉଦ୍ଦେଶ୍ୟରେ ବଳି ଦିଆଯାଏ। ତା'ପରେ ବସତି ସ୍ଥାପନ ବା ବାସଗୃହ ନିର୍ମାଣର ଅୟମାରମ୍ଭ ହୋଇଥାଏ।

ପାଟଣାଣୀପୁର ଚତୁଃପାର୍ଶ୍ୱରେ ଅନେକ ଆଦିବାସୀ ଗ୍ରାମ ରହିଛି। ସେ ମଧ୍ୟରୁ ଅଧା କିଲୋମିଟର ମଧ୍ୟରେ ବରହମ୍‌ପୁର, ଲାଙ୍ଗଡିଗି, ଭାଲୁଘରା ଆଦି ଗ୍ରାମ ରହିଥିବା ସ୍ଥଳେ ଏକ କି.ମି. ମଧ୍ୟରେ ଆଦିପୁର, ଜଙ୍ଗଡିହି, ଖଲାଡି, ନେତ୍ରଗଣ୍ଡ, ବାରାଡିହି, ଦୁଇ କି.ମି. ମଧ୍ୟରେ ଦାଙ୍ଗାସାହି, ଝରଣା ସାହି, ବାଉଁଶ ସାହି, ବାଲିଡାହି, ଥୁଙ୍ଗୁଡିହି, ଚୂନ୍‌ହାଟି, ଗରାସାହି, ତିନି କି.ମି. ମଧ୍ୟରେ କୁମ୍ଭାରସାହି, ଗଳିସାହି, ପିତାମୁଣ୍ଡା, ମାତକମ୍‌ତଲା, ଗଡ୍‌ହୀ, ଲଆଦା, ପାଟପୁର, ଚାରି କି.ମି. ମଧ୍ୟରେ ଦଦରାସଲ୍‌, ତନ୍ତଡା, ପାଞ୍ଚ କି.ମି. ମଧ୍ୟରେ ହାତୀକୁଟ୍‌, କାଶୀକୁଣ୍ଡଳା, ବଣିଆ ଘର ପ୍ରଭୃତି ଆଦିବାସୀ ଅଧ୍ୟୁଷିତ ଗ୍ରାମମାନ ରହିଛି। ପୁଣି ପାଟଣାଣୀପୁର, ବରହମ୍‌ପୁର, ଜଙ୍ଗଡିହି, ହାତୀକୁଟ୍‌, ଚୂନ୍‌ହାଟି, ଲଆଦା,

ତନ୍ତତା, ଲାଭଘରା, ନେତ୍ର ଗଣ୍ଡ ଆଦି ଗ୍ରାମଗୁଡ଼ିକରେ ସଂଖ୍ୟାଧିକ ଭୂମିଜ ପରିବାର ବସବାସ କରନ୍ତି। ଭୂମିଜ ବ୍ୟତୀତ ସେହି ଗ୍ରାମଗୁଡ଼ିକରେ ସାନ୍ତାଳ, କୋହ୍ଲ, ଲୋଧା, ବାଥୁଡ଼ି, ମାହାଲୀ, ମହାନ୍ତ, ତନ୍ତୀ, ବିନ୍ଧାଣୀ, କମାର, କୁମ୍ଭାର, ବାରିକ, ଧୋବା ପ୍ରଭୃତି ଜନଜାତିର ଲୋକେ ବସବାସ କରୁଥିବା ଦେଖାଯାଏ। ସେ ମଧ୍ୟରୁ ଅନେକ ଜନଜାତିର ପରିବାରକୁ ସରକାରଙ୍କ ତରଫରୁ ଇନ୍ଦିରା ଆବାସ ବାସଗୃହ ମଧ୍ୟ ଯୋଗାଇ ଦିଆଯାଇଛି। ବିଶେଷକରି ଲୋଧା ସଂପ୍ରଦାୟର ଲୋକେ ଅଧିକ ସରକାରୀ ବାସଗୃହ ପ୍ରାପ୍ତ ହୋଇଛନ୍ତି। ପାଟଣାଣୀପୁର ଠାରୁ ୨/୩ କି.ମି. ଦୂରରେ ରହିଛି ବିଖ୍ୟାତ ଶିମିଳିପାଳ ପର୍ବତ। ଏହା ଗ୍ରାମର ପଶ୍ଚିମାଞ୍ଚଳକୁ ଘେରି ରହିଛି। ପର୍ବତର ପାଦଦେଶ ପର୍ଯ୍ୟନ୍ତ ଆଦିବାସୀମାନଙ୍କର ବସତି ଦେଖାଯାଏ। ଲୋଧାମାନେ ସଂପୂର୍ଣ୍ଣ ପର୍ବତର ଦ୍ୱାରଦେଶରେ ଅବସ୍ଥାନ କରିଥାଆନ୍ତି। ପାଟଣାଣୀପୁର ଗ୍ରାମଠାରୁ ଶିମିଳିପାଳ ପର୍ବତର ଦୃଶ୍ୟ ଅତୀବ ମନୋରମ। ପଶ୍ଚିମ ଦିଗରେ ସାମାନ୍ୟ ଉତ୍ତରକୁ ଢଳି ରହିଛି ବିରାଟ ପାଟଠାକୁରାଣୀଙ୍କର ମୂଳ ଆସ୍ଥାନ ଶାବଳା ପାହାଡ଼। ଗ୍ରାମର ଚତୁର୍ଦ୍ଦିଗରେ ଭରି ରହିଛି ବିସ୍ତୀର୍ଣ୍ଣ କୃଷି କ୍ଷେତ। ସେଠାରେ ଭୂମିଜମାନେ ଧାନଚାଷ ବ୍ୟତୀତ ମୁଗ, ବିରି, କୋଳଥ, ଜୀରା, ଗୁନ୍ଦୁଲ୍ ଆଦି ଚାଷ କରନ୍ତି। ବିଭିନ୍ନ ପ୍ରଜାତିର ବୃକ୍ଷର ସମାହାରରେ ସ୍ଥାପିତ ହୋଇଛି ଗ୍ରାମର ଶେଷ ଭାଗରେ ଭୂମିଜମାନଙ୍କର ପୂଜାପୀଠ ଜାହିରା। ଏଠାରେ ଭୂମିଜମାନେ ଜାହିରା ପୂଜା କରିବା ସଙ୍ଗେ ସଙ୍ଗେ ଆଖପାଖ ଅଞ୍ଚଳର ଆଦିବାସୀ ଗ୍ରାମଗୁଡ଼ିକରେ ବସବାସ କରୁଥିବା ସମସ୍ତ ସମ୍ପ୍ରଦାୟ ଜାହିରା ପୂଜା କରିଥାଆନ୍ତି। ଜାହିରାର ଅଧିଷ୍ଠାତ୍ରୀ ଦେବୀ ବିରାଟ ପାଟ ସେ ଅଞ୍ଚଳର ସଭିଙ୍କର ଆରାଧ୍ୟ ଠାକୁରାଣୀ। ଗ୍ରାମର ସମୀପବର୍ତ୍ତୀ ସ୍ଥାନରେ ରହିଛି ଗୋଟିଏ ଯାତ୍ରା ମଣ୍ଡପ। ତାହାର ତଳ ଅଂଶ କଙ୍କ୍ରିଟ୍ ପକ୍କା ଏବଂ କଙ୍କ୍ରିଟ୍ ଖୁଣ୍ଟ ଉପରେ ଛାତ ପଡ଼ିଛି। ଚାରିକଡ଼ ଖୋଲା। ପାଖଆଖ ଗ୍ରାମବାସୀମାନେ ଏକତ୍ରିତ ହୋଇ ସେଠାରେ ରଜପର୍ବ ଉପଲକ୍ଷେ ଯାତ୍ରା କରିଥାଆନ୍ତି। ଦୁର୍ଗାପୂଜା ସମୟରେ ସେଠାରେ ଖୋଲା ପଡ଼ିଆରେ ହୁଏ ଫୁଟବଲ ପ୍ରତିଯୋଗୀତା। ବିଭିନ୍ନ ଅଞ୍ଚଳରୁ ଫୁଟବଲ ଖେଳାଳୀମାନେ ସେଥିରେ ଅଂଶଗ୍ରହଣ କରନ୍ତି। ଗ୍ରାମର ଉତ୍ତରରେ ବହୁଛି ଢିଆଣି ନାଳ, ଯାହାକି ନାହୁଆ ନଦୀର ଅଂଶବିଶେଷ। ନାହୁଆ ନଦୀଟି ଗ୍ରାମର ଉତ୍ତର-ପଶ୍ଚିମ ଦିଗ ଅନତିଦୂରରେ ପ୍ରବାହିତ ହେଉଥିବା ସ୍ଥଳେ ନିକଟ ଉତ୍ତରରେ ସଞ୍ଜ ନଦୀ ପ୍ରବାହିତ। ଆଦିପୁର ନିକଟରେ ଏକ ଆଡ଼ିବନ୍ଧ ହେବା ସଙ୍ଗେ ସଙ୍ଗେ ସେଠାରେ ଏକ ବିରାଟ ପଥର ଖଣ୍ଡ ମଧ୍ୟରୁ ଝରଣାଟିଏ ଆସି ପାଟଣାଣୀପୁରର କୃଷି କ୍ଷେତକୁ ଉର୍ବର କରୁଛି। ଗ୍ରାମରୁ ଦୁଇ କି.ମି.

ଦୂର ଦକ୍ଷିଣକୁ ପ୍ରବାହିତ ବାଲିଘାଟ ନଦୀ ଓ ଏକ ବିରାଟ ପୋଖରୀ ରହିଛି। ବାଲିଘାଟ ନଦୀରେ ଗୋଟିଏ କ୍ରସ୍ ବନ୍ଧ ରହିଛି। ଯାହାର ଜଳ ଚାଷକାର୍ଯ୍ୟରେ ବ୍ୟବହୃତ ହୁଏ। କ୍ଷେତକୁ ପାଣି ମଡାଇବା ପାଇଁ ମାହାରା ହୋଇଛି। ଗ୍ରାମର ଚତୁଃପାର୍ଶ୍ୱରେ ଥିବା ସରକାରୀ ଖୋଲା ସ୍ଥାନମାନଙ୍କରେ ପାଟଣାଣୀପୁରର ଗ୍ରାମବାସୀମାନେ ଶବସତ୍କାର କରନ୍ତି। କାରଣ ଏମାନଙ୍କର ଶବସତ୍କାର ପାଇଁ କୌଣସି ନିର୍ଦ୍ଦିଷ୍ଟ ଶ୍ମଶାନ ନଥାଏ। ଏହାବାଦ୍ ସମତଳ ଚାଷଜମି ବ୍ୟତୀତ ଗ୍ରାମର ଚତୁଃପାର୍ଶ୍ୱରେ ରହିଛି ତଳିଆ ଜମି, ଢିପ ଜମି ଯେଉଁଠାରେ ଗରୁଧାନ, ଇଲାଟଧାନ, ଲଘୁନା, କାକାରୀ ଧାନ ଆଦି ଚାଷ ହୁଏ। କେହି କେହି ବିଭିନ୍ନ ପ୍ରକାର ଡାଲିଜାତୀୟ ଶସ୍ୟ, ମକା ମଧ୍ୟ ଚାଷ କରିଥାଆନ୍ତି। ଗ୍ରାମର ଚତୁଃପାର୍ଶ୍ୱରେ ପୁଣି ବିଭିନ୍ନ ଗ୍ରାମକୁ ଯାତାୟାତ ପାଇଁ କଚାରାସ୍ତାମାନ ପଡିଛି। ରାସ୍ତାଗୁଡ଼ିକର ଅବସ୍ଥା ସେତେ ଭଲ ନଥିଲେ ହେଁ ସେମାନେ ସେଥିରେ ଅଭ୍ୟସ୍ତ ହୋଇଥିବା ପରି ମନେ ହୁଏ। କେଉଁ କେଉଁ ଗାଁକୁ କେବଳ ପାଦଚଲା ରାସ୍ତା ମଧ୍ୟ ଦେଖାଯାଏ। ଅବଶ୍ୟ ଅନ୍ୟ ଦିନମାନଙ୍କରେ କାମ ଚଳେ, କିନ୍ତୁ ବର୍ଷା ଋତୁରେ ଅବସ୍ଥା ଗୁରୁତର ହୋଇପଡେ। ବସ୍ତୁତଃ ପାଟଣାଣୀପୁର ଗ୍ରାମର ଚତୁଃପାର୍ଶ୍ୱ ପାହାଡ-ପର୍ବତ-ଜଙ୍ଗଲ ଏବଂ ଗ୍ରାମ କୋଳାହଳରେ ପରିପୂର୍ଣ୍ଣ।

ବସତିର ମୁଖ୍ୟରାସ୍ତା ଦୁଇପାର୍ଶ୍ୱରେ ଭୂମିଜ ସଂପ୍ରଦାୟର ଲୋକେ ଧାଡି ଧାଡି ବାସଗୃହ ନିର୍ମାଣ କରିଥାଆନ୍ତି। ଗୃହଗୁଡିକ ପ୍ରାୟତଃ ଉନ୍ନତ ମାନର। ପାରଂପରିକ ବାସଗୃହ ଦୃଷ୍ଟିଗୋଚର ହୁଏ ନାହିଁ। ଅଧିକାଂଶ ଭୂମିଜମାନଙ୍କର ବାସଗୃହ ଟାଇଲ କିମ୍ବା ନଡା ଛପର ହୋଇଥାଏ। ଅନେକ କଂକ୍ରିଟ୍ ଛାତ ଘର ମଧ୍ୟ ଦେଖାଯାଏ। ସମସ୍ତଙ୍କ ଘରକୁ ଲାଗି ଗୋରୁଗୁହାଳ, ଛେଳି ଗୁହାଳ ଓ କୁକୁଡା ଭାଡି ରହିଛି। ଗ୍ରାମରେ ସମସ୍ତେ ଚାଷ କରନ୍ତି। ସମସ୍ତଙ୍କର ଅଳ୍ପ ବହୁତେ କୃଷି ଜମି ରହିଛି। ତେଣୁ ଗୃହ ସଂଲଗ୍ନ ଖଳା ଓ ଖଳାରେ କୁଟା ପୁଞ୍ଜି ରହିଥାଏ। କେତେକ ଗୃହବାଡିରେ ଖଳା ନକରି ପାର୍ଶ୍ୱସ୍ଥିତ କ୍ଷେତ୍ରସ୍ଥାନରେ ବାଡ ଦେଇ ଖଳା କରିଥାଆନ୍ତି। ସେହିଠାରେ ଧାନ ପୁଞ୍ଜି ଦିଆଯାଏ ଏବଂ ପତୁଳି ହୁଏ। ଯାହାର ଅଧିକ ବଳଦ ନଥାଆନ୍ତି, ସେମାନେ ପଡୋଶୀ ବଳଦଙ୍କ ଦ୍ୱାରା ପତୁଳି କାର୍ଯ୍ୟ କରନ୍ତି। ଗୋରୁ ଗୁହାଳଗୁଡିକ ସାଧାରଣତଃ ବାସଗୃହ ସମ୍ମୁଖ ଭାଗରେ ହୋଇଥାଏ। ଏହାଦ୍ୱାରା ଗୃହ-ପରିବାରର ମଙ୍ଗଳ ହୁଏ ବୋଲି ସେମାନେ ବିଶ୍ୱାସ କରନ୍ତି। ଅନେକ ଗୋରୁଗୁହାଳ ଭିତରେ ଛେଳିମାନଙ୍କ ପାଇଁ ସ୍ୱତନ୍ତ୍ର କୋଠରୀ ବାହାର କରିଥାଆନ୍ତି। ଗୋରୁଗୁହାଳ ଗୁଡିକରେ ପ୍ରାୟତଃ କବାଟ ନଥାଏ। କେତେକ କାନ୍ଥ ମଧ୍ୟ ଦେଇ ନଥାଆନ୍ତି। ସମସ୍ତଙ୍କ ବାସଗୃହରେ ରୋଷେଇ ଘର, ଶୋଇବା ଘର ଓ ଭଣ୍ଡାର

ଘର ଜଗୁର ଥାଏ। ତା' ବାଦ୍ ନିଜର ସୁବିଧା ଅନୁଯାୟୀ ଅଧିକ କୋଠରୀ ଗଢ଼ିଥିବା ଦୃଷ୍ଟିଗୋଚର ହୁଏ। ଯୁଗ୍ମ ପରିବାରଗୁଡ଼ିକ ବେଶ୍ ବଡ଼ ଘର ମଧ୍ୟ କରିଥାଆନ୍ତି। ପ୍ରତ୍ୟେକ ବାସଗୃହ ପୂର୍ବ-ପଶ୍ଚିମ ଦିଗରେ ହୋଇଥାଏ। ଭୂମିଜମାନେ ଉତ୍ତର-ଦକ୍ଷିଣ ମୁହାଁ ଘର କରନ୍ତି ନାହିଁ। କାରଣ ସୂର୍ଯ୍ୟ ସିଧାସଳଖ ଘର ଉପର ଦେଇ ଗମନାଗମନ କଲେ ତାହା ସୂର୍ଯ୍ୟଡିଆଁ ଘର ହୁଏ ଏବଂ ସୂର୍ଯ୍ୟଡିଆଁ ଘର ଭୂମିଜମାନଙ୍କ ପାଇଁ ଶୁଭକାରୀ ନୁହେଁ ବୋଲି ବିଶ୍ୱାସ। ପୁଣି ଝରକା ଉତ୍ତର ଦକ୍ଷିଣ ଦିଗକୁ ରହିଲେ ମୁକ୍ତ ବାୟୁ ଚଳାଚଳ କରିପାରେ। ପ୍ରତ୍ୟେକ କୋଠରୀରେ ଗୋଟିଏ ଲେଖାଏଁ ଦ୍ୱାର ଓ ଗୋଟିଏ କିମ୍ବା ଦୁଇଟି ଝରକା ଥାଏ। କେତେକଙ୍କ ଘରେ ଦେଖାଯାଏ ଯେ କୋଠରୀକୁ ପ୍ରବେଶ କରିବା ପାଇଁ ଦ୍ୱାରବନ୍ଧଗୁଡ଼ିକ ଉଚ୍ଚରେ ବସାଇଥାଆନ୍ତି। ଅର୍ଥାତ୍ କୋଠରୀର ବାହାର ଏବଂ ଭିତର ପାଖ ସମାନ ରହେ। କିନ୍ତୁ ଠିକ୍ ଦ୍ୱାର ସ୍ଥାନଟିକୁ ଉଚ୍ଚ କରି କୋଠରୀ ଭିତରକୁ ଡେଇଁ ଯାଇଥାଆନ୍ତି। ସମସ୍ତଙ୍କ ଘର ଗୋଟି ଗୋଟିକିଆ ଛାଡ଼ିଛାଡ଼ି ହୋଇଥାଏ। କାରଣ ସମସ୍ତଙ୍କର ଘରବାଡ଼ି, ଖଳା ଆଦି ରହିଥିବାରୁ ବାସଗୃହଗୁଡ଼ିକ ଖେତ୍ରରେ ପଡ଼ କିମ୍ବା ମଝି ସ୍ଥାନରେ ରହେ। ଚାରିକଡ଼ କଣ୍ଟାଝଟାର ବାଡ଼ ଦିଆଯାଇଥାଏ। କେହି ବା ପାଚେରୀ କରିଥିବାର ଦେଖାଯାଏ। ଖୁବ୍ କମ୍ ଲୋକଙ୍କର ପୁର ପଦ୍ଧତିର ବାସଗୃହ ଥାଏ, ନଚେତ୍ ସମସ୍ତଙ୍କର ଡାଣ୍ଡି ଘର। ଅବଶ୍ୟ କୋଠରୀ ସଂଖ୍ୟା ବଢ଼ାଇବା ପାଇଁ ଡାଣ୍ଡି ଘରର ଗୋଟିଏ ପାଖକୁ ଅଧିକ ଗୃହ ନିର୍ମାଣ କରିଥାଆନ୍ତି। ପକ୍କା ଘର କରିଥିବା ଭୂମିଜମାନେ ଚଟାଣରେ ସିମେଣ୍ଟକୁ ରଙ୍ଗବେରଙ୍ଗ କରି ଚିତ୍ର କରିଥିବାର ଦୃଷ୍ଟିଗୋଚର ହୁଏ। କୌଣସି ବାସଗୃହ ବିଶୃଙ୍ଖଳିତ ଭାବେ ଏଣେତେଣେ ହେବାର ଦେଖାଯାଏ ନାହିଁ। ସମସ୍ତେ ରାସ୍ତା କଡ଼େ କଡ଼େ ଧାଡ଼ିଧାଡ଼ି ଘର କରିଥାଆନ୍ତି। ପ୍ରତ୍ୟେକଙ୍କ ଘର ଚାରିପଟେ ବାଡ଼ ଦିଆଯାଇ ସମ୍ମୁଖ ଭାଗରେ ଫାଟକ କିମ୍ବା ତାଟି ଲାଗିଥାଏ। ତାଟି ଗୁଡ଼ିକ କଣ୍ଟାଝଟା, ବାଉଁଶ କିମ୍ବା କାଠରେ ହୁଏ। ଫାଟକ ମଧ୍ୟ କାଠରେ ସୁନ୍ଦର ଭାବେ କରିଥାଆନ୍ତି। କେହି କେହି ଲୁହା (ଗ୍ରିଲ୍) ଫାଟକ ଲଗାଇଥିବାର ଦେଖାଯାଇଥାଏ। କେତେକ ଲୋକଙ୍କ ଘର ବାହାରେ (ସମ୍ମୁଖ ଭାଗର ଗୋଟିଏ ପାର୍ଶ୍ୱକୁ) ଅଣ୍ଟା ପର୍ଯ୍ୟନ୍ତ କାନ୍ଥ ଉଠାଇ ନଡ଼ା ଛପର କରିଥିବା ଗୋଟିଏ ଲେଖାଏଁ ଛୋଟ ଘର ଦେଖିବାକୁ ମିଳେ। ତା' ଭିତରେ ମାଟିର ଗୋଟିଏ ଲମ୍ବା ପିଣ୍ଡିଥାଏ। ପିଣ୍ଡିର ଗୋଟିଏ ପାର୍ଶ୍ୱରେ ତୁଳସୀ ଗଛଟିଏ ରହେ। ଅନ୍ୟ ପାଖଟି ଫାଙ୍କା ଥାଏ। କିମ୍ବା କେହି ତ୍ରିଶୂଳଟିଏ ପୋତି ଥାଆନ୍ତି। ତୁଳସୀ ଗଛକୁ ପୂଜା କରନ୍ତି ଓ ଘରୋଇ ପୂଜାମାନ ସେହିଠାରେ ଅନୁଷ୍ଠିତ ହୁଏ। ତ୍ରିଶୂଳ ପ୍ରସଙ୍ଗରେ ପଚାରିବାରୁ ଜଣେ

[illegible]

[illegible]

ଭୂମିଜ ସଂପ୍ରଦାୟର ଲୋକେ ମୂଳ ଚାଷୀ [illegible] । [illegible] ଭୂମିରୁ ଜାତ ହୋଇଥିବାରୁ ଭୂମିଜ ନାମରେ ପରିଚିତ । ତେଣୁ ଭୂମି ସହିତ ସେମାନଙ୍କର ସଂପର୍କ ଅତୀବ ନିବିଡ଼ । କୃଷି କାର୍ଯ୍ୟ କରିବାକୁ ବେଶ୍ ପସନ୍ଦ ଓ ଆଗ୍ରହ କରନ୍ତି । ସେଥିପାଇଁ ପ୍ରତ୍ୟେକ ଭୂମିଜ ଲୋକଙ୍କର ନିଜସ୍ୱ ଚାଷଜମି ଅଳ୍ପ-ବହୁତେ ନିଶ୍ଚିତ ଥାଏ । ସେଥିରୁ ସେମାନେ ବିଭିନ୍ନ ପ୍ରକାର ଶସ୍ୟାଦି ଉତ୍ପନ୍ନ କରିଥାଆନ୍ତି । କେହି କେହି ନଦୀ ସଂଲଗ୍ନ ଚାଷଜମିକୁ ଗଡି ଭାବରେ ବ୍ୟବହାର କରି ପନିପରିବା ମଧ୍ୟ ଆମଦାନୀ କରନ୍ତି । ଏତଦ୍ ଭିନ୍ନ ସମସ୍ତ ଭୂମିଜ ଲୋକଙ୍କର ବାସଗୃହ ସଂଲଗ୍ନ ବାଡିବଗିଚା ରହିଥାଏ । ଗୃହ ସାଧାରଣତଃ କ୍ଷେତର ପଛ କିମ୍ବା ମଝି ଅଂଶରେ ନିର୍ମାଣ କରି ଚତୁର୍ଦିଗକୁ କଣ୍ଟାଟଟା ବାଡ ଘେରାଇ ଦେଇଥାଆନ୍ତି । ସେଥିରେ ଯାବତୀୟ ପନିପରିବା, ମକା, ଝିଙ୍ଗଡା, ଶାଗ, ଫଳ ଆଦି ଚାଷ କରାଯାଏ । ପରିବା ମଧ୍ୟରେ ବାଇଗଣ, ଭେଣ୍ଡି, ନାତୁକା, ଟକଭେଣ୍ଡି, କଲରା, ଜହ୍ନି, କଖାରୁ, ଲାଉ, ବୋଇତାଳୁ, ବିଲାତି ବାଇଗଣ, କୁନ୍ଦୁରୀ, ଖମ୍ୱଆଳୁ, ପପୟା, ଲଙ୍କା, କନ୍ଦମୂଳ (ବେଙ୍ଗଲା, ଭଣ୍ଡ, ନାଲ୍‌କା, ଜଳଭଣ୍ଡ, କାର୍ଲା, ଝିଙ୍ଗା, ପାଣେୟା, ଲାଉଆ, କାକାରୁ, ବିଲାତି ବେଙ୍ଗାଳା, କୁନ୍ଦୁରୀ, ରଆସାଙ୍ଗା, ପପେୟା, ମୁର୍ଚି, କନ୍ଦମୂଳ) ଇତ୍ୟାଦି ଘରବାଡି ବଗିଚାର ଚାଷ କରିଥାଆନ୍ତି । ଭୂମିଜମାନେ ପ୍ରାୟତଃ କୋବି ଚାଷ କରୁଥିବାର ଦୃଷ୍ଟିଗୋଚର ହୁଏନାହିଁ । ପନିପରିବା ବ୍ୟତୀତ ସେମାନେ ବିଭିନ୍ନ ପ୍ରକାର ଶାଗ ଚାଷ କରିବା ଏବଂ ଖାଇବାରେ ମଧ୍ୟ ବେଶ୍ ଆଗ୍ରହୀ । କାରଣ ଭୂମିଜମାନଙ୍କ ମୁଖ୍ୟ ସହକାରୀ ଖାଦ୍ୟ ହେଉଛି ଶାଗ । ପଖାଳ ସହିତ ଶାଗ ଭଜା ସେମାନଙ୍କର ଖୁବ୍ ପ୍ରିୟ

ଖାଦ୍ୟ। ସଜନା ଶାଗ (ମୁନ୍‌ଗା ଆଳାଃ) ଗଛ ତ ସମସ୍ତଙ୍କ ବାଡିରେ ନିଶ୍ଚୟ ଗୋଟିଏ / ଯୋଡିଏ ଥାଏ। ଏହାବାଦ୍ ସେମାନେ ନେଉଟିଆ ଶାଗ (ଲେପେର୍ ଆଳାଃ), କୋଶଳା ଶାଗ (କଶ୍‌ଲା ଆଳାଃ), ପିତା ଶାଗ (ହାଳାଦ୍ ଆଳାଃ), ପାଳଙ୍ଗ ଶାଗ (ପାଳଙ୍ଗ ଆଳାଃ), କଳମ ଶାଗ (କୁଲ୍ମି ଆଳାଃ) ପ୍ରଭୃତି ଚାଷ କରିବା ସଙ୍ଗେ ସଙ୍ଗେ ବୋଇତାଲୁ ଶାଗ (କାକାରୁ ଆଳାଃ), କଖାରୁ ଶାଗ (ପାଣ୍ଡେଆ ଆଳାଃ), କୁନ୍ଦୁରୀ ଶାଗ (କୁନ୍ଦୁରୀ ଆଳାଃ), ଟକଭେଣ୍ଡି ଶାଗ (ଜଜରଣ୍ଡ ଆଳାଃ), ଲାଉ ଶାଗ (ଲାଉଆ ଆଳାଃ) ଆଦି ବାଡିବଗିଚାରୁ ଆଣି ଶାଗ ତରକାରୀ ଭାବରେ ବ୍ୟବହାର କରିଥାଆନ୍ତି। ଅନେକେ ଘରବାଡିରେ ହରଡ (ରାହାଳି), ମୁଗ (ମୁଗି), ବିରି (ରାମ୍ବାଲା), ଢାରା (ଘଙ୍ଗରା) ଆଦି ଶସ୍ୟ ଜାତୀୟ ଖାଦ୍ୟ ଏବଂ ପିଆଜ (ପିଆଜି), ରସୁଣ (ରାସୁଣୀ), ହଳଦୀ (ସାସାଂ) ପ୍ରଭୃତି ଚାଷ କରୁଥିବାର ଦେଖାଯାଏ। ଆମ୍ବ (ଉଲି), ପଣସ (କାଣ୍ଟାଳା), ପିଜୁଳି (ପେଲା), ତାଳ (ତାଆଲ୍), କମଳା (ଢାମ୍ବିରା), କଦଳୀ (କାଦାଲା) ପ୍ରଭୃତି ଫଳ ଗଛ ମଧ୍ୟ ଘରବାଡିରେ ଥାଏ। ପ୍ରାୟ ଭୂମିଜଙ୍କ ବାଡିରେ ତେନ୍ତୁଳି ଗଛ ଦୃଷ୍ଟିଗୋଚର ହୁଏ। ଫୁଲ ମଧ୍ୟରେ ପ୍ରାୟତଃ ସମସ୍ତଙ୍କ ବାଡିରେ ନାଲିମନ୍ଦାର ଗଛ ରହିଛି। ଏହା ବାଦ୍ ଟଗର ଓ ଶୀତ ଋତୁରେ ପ୍ରଚୁର ଗେଣ୍ଡୁଫୁଲ ଗଛ ଭୂମିଜମାନେ ଲଗାଇଥାଆନ୍ତି। ବିଶେଷ ଭାବରେ ପ୍ରତ୍ୟେକ ଭୂମିଜ ଲୋକଙ୍କ ଘର ପଛପଟେ ବାଉଁଶ ଗଛର ବହୁଳତା ନଜରକୁ ଆସେ। ଗୃହ ସଂଲଗ୍ନ ବାଡିବଗିଚାରେ ସେମାନେ ନିଜେ ଚାଷ କରିଥାଆନ୍ତି। ଯେଉଁମାନେ କେବଳ କୃଷି ଉପରେ ନିର୍ଭର କରି ଚଳନ୍ତି, ସେମାନେ ଗୃହ ବଗିଚା, କୃଷି କ୍ଷେତ୍ର ଓ ଗଡିରେ ବିଭିନ୍ନ ପ୍ରକାର ଶସ୍ୟ, ପନିପରିବା ଫଳ ଆଦି ଚାଷ କରିବାରେ ଅଧିକ ସମୟ, ଶ୍ରମ ବିନିଯୋଗ କରନ୍ତି। ଅମଳ ହେଉଥିବା ଦ୍ରବ୍ୟାଦି ବିକ୍ରୟ କରି ସେମାନଙ୍କର ଗୁଜୁରାଣ ମେଣ୍ଟାଇ ଥାଆନ୍ତି।

### ଅନ୍ୟାନ୍ୟ ପ୍ରଜାତିକ ଗୋଷ୍ଠୀମାନଙ୍କର ବସତି :

ଆଗରୁ ଉଲ୍ଲେଖ କରାଯାଇଛି ଯେ, ଭୂମିଜ ସଂପ୍ରଦାୟର ଲୋକେ ନିଜର ଦୈନନ୍ଦିନ ଜୀବନ ଧାରାକୁ ସହଜ-ସୁବିଧା କରିବା ପାଇଁ ସେମାନଙ୍କ ପାଖରେ ମୁଖ୍ୟତଃ ବାରିକ, ଧୋବା, ମାହାଲୀ, ବିନ୍ଧାଣୀ, କୁମ୍ଭାର, କମାର, ତନ୍ତୀ, ଡୋମ ପ୍ରଭୃତି ପ୍ରଜାତିକ ଗୋଷ୍ଠୀର ଲୋକଙ୍କୁ ବସବାସ କରିବାକୁ ସୁଯୋଗ ଦିଅନ୍ତି କିମ୍ବା ଉପରୋକ୍ତ ଗୋଷ୍ଠୀର ଗୋଟିଏ ଲେଖାଏଁ ପରିବାରକୁ ଦୂର ଅଞ୍ଚଳରୁ ଅଣାଇ ବସବାସର ସୁବିଧା କରାଇଥାଆନ୍ତି।

ଏହା ବାଦ୍ ଆଉ କୌଣସି ଗୋଷ୍ଠୀର ଲୋକଙ୍କୁ ସେମାନେ ନିଜ ବସତି ମଧ୍ୟରେ ରହିବାକୁ ଅନୁମତି ଦିଅନ୍ତି ନାହିଁ କିମ୍ବା ପସନ୍ଦ କରିନଥାଆନ୍ତି। କିନ୍ତୁ ଭୂମିଜମାନେ ସଂପୃକ୍ତ ଅଞ୍ଚଳରେ ବସତି ସ୍ଥାପନ ପୂର୍ବରୁ ଯଦି ଅନ୍ୟ ପ୍ରଜାତି ଗୋଷ୍ଠୀର ଲୋକେ ବସବାସ କରୁଥାଆନ୍ତି, ତେବେ ସେତିକି ମାତ୍ର ରହିପାରନ୍ତି। ବିଶେଷକରି ସେମାନେ ସାନ୍ତାଳମାନଙ୍କ ପ୍ରତି ଅଧିକ ବିଦ୍ୱେଷ ଭାବ ପୋଷଣ କରିଥାଆନ୍ତି। ତଥାପି ପାଟଶୁଣୀପୁର ଗ୍ରାମରେ ସାନ୍ତାଳ ଗୋଷ୍ଠୀର ଲୋକେ ଦୃଷ୍ଟିଗୋଚର ହୁଅନ୍ତି। ସେମାନଙ୍କର ବସତି ଗ୍ରାମର ପୂର୍ବ-ଦକ୍ଷିଣ ଦିଗକୁ। ଭୂମିଜମାନେ ଏଠାରେ ବସତି ସ୍ଥାପନ ପୂର୍ବରୁ ଜଣେ ସାନ୍ତାଳ ଲୋକ ଘଞ୍ଚ ଅରଣ୍ୟ ମଧ୍ୟରେ ଏକାକୀ ବସବାସ କରୁଥିବାର ଭୂମିଜମାନେ କହନ୍ତି। ଏବେ ତା'ର ପରିବାର ବଢି ୧୦/୧୫ ରେ ପହଞ୍ଚିଛି। ତେବେ ଆଖପାଖ ଗ୍ରାମଗୁଡିକରେ ସାନ୍ତାଳ ବସତିମାନ ରହିଛି। ସାନ୍ତାଳ ବ୍ୟତୀତ ପାଟଶାଣୀପୁର ଗ୍ରାମରେ ବସବାସ କରୁଥିବା ଅନ୍ୟପ୍ରଜାତି ଗୋଷ୍ଠୀଗୁଡିକ ହେଲେ କୁମ୍ଭାର, କମାର, ମାହାଲୀ, ତନ୍ତୀ, ବାରିକ, ଡୋମ ଓ ବିନ୍ଧାଣୀ। ଗ୍ରାମ ମଧ୍ୟରେ ଏଗୁଡିକ ପ୍ରାୟ ଗୋଟିଏ, ଯୋଡିଏ ପରିବାର ଅଛନ୍ତି। ସାନ୍ତାଳ ବ୍ୟତୀତ ସମସ୍ତ ପ୍ରଜାତିକ ଗୋଷ୍ଠୀଙ୍କର ବାସଗୃହଗୁଡିକ ପ୍ରାୟତଃ ସମାନ। ଅବଶ୍ୟ ସେମାନେ ସମସ୍ତେ ଭୂମିଜ ବସତିରେ ଦୀର୍ଘଦିନ ଧରି ବସବାସ କରୁଥିବାରୁ ଭୂମିଜମାନଙ୍କ ଦ୍ୱାରା ବେଶ୍ ପ୍ରଭାବିତ ହୋଇଥିବା ଅନୁମେୟ। ସାନ୍ତାଳମାନଙ୍କର ବସତି ସ୍ଥାନ ଭୂମିଜ ମାନଙ୍କଠାରୁ ଭିନ୍ନ, ଅଲଗା ଗୋଟିଏ ସାହି / ପଡା। ସେମାନଙ୍କର ଗୃହ ନିର୍ମାଣ ପଦ୍ଧତିରେ ବିଶେଷ ପ୍ରଭେଦ ନଥିଲେ ହେଁ ଘରର କାନ୍ଥକୁ ରଂଗବେରଙ୍ଗ ମାଟିରେ ଥାକଥାକ କରି ଲିପି ନିଜର ସ୍ୱାତନ୍ତ୍ର ସ୍ପଷ୍ଟ କରିଥାଆନ୍ତି। ତାଙ୍କର କାନ୍ଥ ବିଭିନ୍ନ ଚିତ୍ର ବିଚିତ୍ର ମଧ୍ୟ ହୋଇଥାଏ। କାନ୍ଥଗୁଡିକର କଳା, ଧଳା, ନାଲି ଓ ହଳଦିଆ ରଙ୍ଗ କ୍ରମ ଅନୁସାରେ ଓଲଟା ବାଗରେ ସିଧାସିଧା ଲିପାଯାଏ। ଯାହାକି ଭୂମିଜମାନଙ୍କର ବାସଗୃହରେ ଜମାରୁ ଦେଖାଯାଏ ନାହିଁ। ଭୂମିଜମାନେ କାନ୍ଥରେ ଧଳା ରଙ୍ଗର ମାଟି ବ୍ୟତୀତ କୌଣସି ପ୍ରକାର ରଙ୍ଗ ବ୍ୟବହାର କରନ୍ତି ନାହିଁ। ତାହା ପୁଣି ଅର୍ଦ୍ଧ ଚନ୍ଦ୍ରାକୃତି କ୍ରମରେ ଲିପା ଯାଇଥାଏ। ଏହା ବାଦ୍ ଆଉ କୌଣସି ଫରକ ନଥାଏ। ସାନ୍ତାଳମାନେ ମଧ୍ୟ ରାସ୍ତା ପାର୍ଶ୍ୱରେ ଧାଡି ଧାଡି ଗୋଟିକିଆ ଘର କରିଥାଆନ୍ତି। ଚର୍ତୁପାର୍ଶ୍ୱରେ ବାଡ ଦେଇ ଚାଷପାଇଁ ସ୍ଥାନ ସଂରକ୍ଷିତ ଥାଏ। ସେମାନେ ମଧ୍ୟ ବିଭିନ୍ନ ପ୍ରକାର ଚାଷ ଘରବାଡିରେ କରନ୍ତି। ତେବେ ଗ୍ରାମ ମଧ୍ୟରେ ଘରର କାନ୍ଥ ଦେଖି ସାନ୍ତାଳ ଗୋଷ୍ଠୀଙ୍କୁ ଚିହ୍ନିତ କରାଯାଇପାରେ। ଅନ୍ୟ ପ୍ରଜାତିକ

ଗୋଷ୍ଠୀଙ୍କର ବାସଗୃହ ଦେଖି ସେମାନେ କେଉଁ ସମ୍ପ୍ରଦାୟର ଲୋକ ହୋଇଥାଇପାରନ୍ତି କହିବା ମୁସ୍କିଲ।

ପାଟଶାଣୀପୁର ଗ୍ରାମ ମଧ୍ୟକୁ ଆସିବା ପାଇଁ ମୁଖ୍ୟ ରାସ୍ତାରୁ ତିନୋଟି ପଥ ରହିଛି। ସେ ମଧ୍ୟରୁ ଗୋଟିଏ ଅପେକ୍ଷାକୃତ ଉନ୍ନତ। ଗ୍ରାମ ମଧ୍ୟରେ ବିଭିନ୍ନ ଦିଗକୁ ରାସ୍ତାମାନ ଲମ୍ବିଛି। ରାସ୍ତାଗୁଡ଼ିକ ଓସାର ପ୍ରାୟତଃ ୫/୬ ଫୁଟ ହେବ। ରାସ୍ତାର ଉଭୟ ପାର୍ଶ୍ୱରେ ଗ୍ରାମବାସୀମାନଙ୍କର ଘର ବାଡ଼ିର ବାଡଗୁଡ଼ିକ ଲାଗି ରହିଛି। ବାଡ଼ି ଭିତରକୁ ପ୍ରବେଶ ପଥର ପାର୍ଶ୍ୱରେ କାହାର ବାସଗୃହ ତ କେହି ବାଡ଼ିର ପଛପଟକୁ ଘର କରି ସମ୍ମୁଖ ଭାଗରେ ପନିପରିବା ଚାଷ କରିଛନ୍ତି। ଯାହାର ଯେମିତି ବାଡ଼ି ଭିତରେ ଗୁହାଳ, କୂଅ, ଖଳା, ବଗିଚା, ବାଉଁଶ ନଟି, ନାନାଦି ବୃକ୍ଷଲତା ରହିଛି। ସମ୍ମୁଖ ଭାଗରେ ଟାଟି କିମ୍ବା ଫାଟକ ସଭିଙ୍କର। କୌଣସି ଗୋଟିଏ ହେଲେ ବାସଗୃହ ଲଗାଲଗି ହୋଇନାହିଁ। ସାଧାରଣତଃ ଘରଗୁଡ଼ିକ ଦାଣ୍ଡି ଏବଂ ପୂର୍ବ-ପଶ୍ଚିମ କୋଣିଆ ହୋଇ ରହିଛି। ଗ୍ରାମକୁ ମୁଖ୍ୟ ସଡକରେ ଆସି ପ୍ରବେଶ କଲେ ପ୍ରଥମେ ଦେଖାଯାଏ ପାଟଶାଣୀପୁର ହାଇସ୍କୁଲ। ଫୁଲ ବଗିଚାରେ ଆଚ୍ଛାଦିତ ହାଇସ୍କୁଲଟି ବେଶ୍ ମନୋରମ ପ୍ରତୀୟମାନ ହୁଏ। ସ୍କୁଲ ଚାରିପାଖେ ଅଳ୍ପ ଉଚ୍ଚର ପକ୍କା ପାଚେରୀ ରହିଛି। ପାଚେରୀ ମଧ୍ୟରେ ଛାତପକା, ଟାଇଲ ଓ ଆଜବେସ୍‌ଟାସ ଛପର ଥିବା ଘର ଦେଖାଯାଏ। ହାଇସ୍କୁଲର ଠିକ୍ ବିପରୀତ ଦିଗକୁ ଅଳ୍ପ ଦୂରରେ ଅବସ୍ଥିତ ପାଟଶାଣୀପୁର ୟୁ.ପି. ସ୍କୁଲ। ତାହା ମଧ୍ୟ ପକ୍‌କା ପାଚେରୀ ଦ୍ୱାରା ଆବୃତ। ସେଠାରେ ଟାଇଲ ଏବଂ ଛାତଘର ରହିଛି। ଫୁଲ ଫଳ ସହ ପନିପରିବା ମଧ୍ୟ ସ୍କୁଲ ପରିସର ମଧ୍ୟରେ ଚାଷ କରାଯାଏ। ଉଭୟ ସ୍କୁଲର ମୁଖ୍ୟ ଦ୍ୱାରରେ ଲୁହା ଫାଟକ ଲାଗିଛି। ସେହି ରାସ୍ତାରେ ୫୦/୬୦ ଫୁଟ ଆଗେଇ ଗଲେ ପଞ୍ଚାୟତ ଅଫିସ / କାର୍ଯ୍ୟାଳୟ। ଏହା ଦୁଇ ମହଲା ବିଶିଷ୍ଟ କୋଠାଘର। ପାଖକୁ ଲାଗି ରହିଛି ପାଟଶାଣୀପୁର ବଜାର। ଛୋଟ ଛୋଟ କେତେକ ଦୋକାନର ସମାହାରରେ ଏଠିକାର ବଜାର ପ୍ରତିଷ୍ଠିତ। ସବୁଗୁଡ଼ିକ ପ୍ରାୟତଃ ନଡ଼ାଛପର ଘର। ଏହି ବଜାରରେ ସମସ୍ତ ଗ୍ରାମବାସୀଙ୍କର ଆତଯାତ। ଏହି ବଜାର ଅଞ୍ଚଳରେ ପ୍ରତ୍ୟେକ ଶନିବାର ଦିନ ସାପ୍ତାହିକ ହାଟ ବସେ। ପାଖଆଖ ଗ୍ରାମରୁ ବିକାଳୀମାନେ ବିଭିନ୍ନ ପ୍ରକାର ଦ୍ରବ୍ୟମାନ ଏଠାରେ ମେଲାଇ ବସନ୍ତି। ଏଠାରେ ଛୋଟ ଛୋଟ ଚାଳିଆ ମଧ୍ୟ ଅଛି। ପଞ୍ଚାୟତ କାର୍ଯ୍ୟାଳୟଠାରୁ ୨୦/୨୫ ଫୁଟ ଦୂରରେ ପ୍ରବାହିତ ଜିଆଣୀ ନାଳ। ଗ୍ରାମ ମଧ୍ୟରେ ସଂଯୋଗ ରକ୍ଷା ଲାଗି ଏହି ନାଳ ଉପରେ ଗୋଟିଏ କାଲଭାର୍ଟ (ଗଡାଣି ଚଟାଣ) ନିର୍ମିତ ହୋଇଛି। ଏହି ଜିଆଣୀ ନାଳ ପର୍ଯ୍ୟନ୍ତ

ଗ୍ରାମଟି ଢାଲୁ। ସେହିଠାରୁ ଗ୍ରାମର ଉଚ୍ଚତା ପ୍ରାୟତଃ ପାଖାପାଖି ୨୦/୨୫ ଫୁଟ ହେବ। ସିଧାସଳଖ ଉପରକୁ ରାସ୍ତା ରହିଛି। ତା'ପରେ ବହୁଳ ଭାବରେ ଗ୍ରାମବାସୀମାନଙ୍କର ବାସଗୃହ। ଜିଆଣୀ ନାଳଠାରୁ ଉପରକୁ ଉଠିଗଲେ ରାସ୍ତା ବିପରୀତ ଦିଗକୁ ଦୁଇଭାଗ ହୋଇଯାଇଛି। ରାସ୍ତାର ଉଭୟ ପାର୍ଶ୍ୱରେ ଭୂମିଜମାନଙ୍କର ଘର। ଗୋଟିଏ ଦିଗରେ (ପୂର୍ବ) କିଛି ବାଟ ଗ୍ରାମ ଭିତରକୁ ଗଲେ ଗ୍ରାମ ଠାକୁରାଣୀ କୁଟାଶୁଣୀଙ୍କର ଆସ୍ଥାନ (ଜାହିରା) ପୁଣି ପଶ୍ଚିମ ଦିଗରେ ଗଲେ ଗ୍ରାମର ଶେଷ ମୁଣ୍ଡରେ ଅବସ୍ଥିତ ଗ୍ରାମ ଠାକୁରାଣୀ ବିରାଟପାଟଙ୍କର ପୂଜାପୀଠ(ଜାହିରା) ଗ୍ରାମ ମଧ୍ୟ ସ୍ଥଳରେ ପୁଣି ରହିଛି ଭୂମିଜମାନଙ୍କର ଗୋଷ୍ଠୀ ଗୃହ, ଯୁବକସଂଘ, ଅଙ୍ଗନବାଡି କେନ୍ଦ୍ର। ଧାନ କୁଟା ବିଦ୍ୟୁତଚାଳିତ ହଲର ଗୋଟିଏ ଅଛି। ସରକାରୀ ଭାବେ ୩ଟି କୂପ ଓ ବେସରକାରୀ ବା ଗ୍ରାମ୍ୟ ସ୍ତରରେ ୧୦ଟି କୂପ ଖୋଳାଯାଇ ଜଳ ବ୍ୟବହୃତ ହେଉଛି। ସରକାର ଏଠାରେ ୪ଟି ଟ୍ୟୁବ୍‌ଏଲ ମଧ୍ୟ ଖୋଳାଇଛନ୍ତି। ବଡ ପୋଖରୀ ଦୁଇଟି ଅଛି। ଯାହାକୁ ଗାଧୁଆ ଓ ମାଛଚାଷ ପାଇଁ ବ୍ୟବହାର କରାଯାଏ। ଭଡା ସୂତ୍ରରେ ଜଣକ ଘରେ ଡାକଘର ଚାଲିଛି ଏବଂ ଯାହାଙ୍କ ଘର ଭଡା ନିଆଯାଇଛି ସେହି ଘରର ମୁଖିଆ ସେଠିକାର ପୋଷ୍ଟମାଷ୍ଟର ଭାବରେ କାର୍ଯ୍ୟରତ। ଗ୍ରାମର ଦେହୁରୀ, ଦେଓଣା(ଗୁଣିଆ) ସମସ୍ତଙ୍କର ବାସସ୍ଥାନ ଗ୍ରାମ ମଧ୍ୟରେ। ଗ୍ରାମ ସମୀପବର୍ତ୍ତୀ ଅଞ୍ଚଳରେ ଗୋଟିଏ ଯାତ୍ରା ମଣ୍ଡପ ରହିଛି। ଯେଉଁଠାରେ ଆଖପାଖ ସମସ୍ତ ଗ୍ରାମର ଲୋକେ ଏକତ୍ରିତ ହୋଇ ରଜପର୍ବ ଉପଲକ୍ଷେ ଯାତ୍ରା / ନାଟକ ମଞ୍ଚସ୍ଥ କରିଥାଆନ୍ତି। ପଞ୍ଚାୟତ କାର୍ଯ୍ୟାଳୟ ସଂଲଗ୍ନ ଗୋଟିଏ ଭୋଜି କେନ୍ଦ୍ର ମଧ୍ୟ ଅଛି। ସେଠାରେ ଗାଁ ଭୋଜି, ଯୁବକ ସଂଘ ଭୋଜି ଆୟୋଜିତ ହୁଏ। ସମସ୍ତ ପ୍ରଜାତିକ ଗୋଷ୍ଠୀ ଭୂମିଜମାନଙ୍କ ବାସଗୃହ ପାଖାପାଖି ବସବାସ କରୁଥିଲେ ହେଁ କେବଳ ସାନ୍ତାଳ ଗୋଷ୍ଠୀ ଭିନ୍ନ ଏକ ସାହିରେ ଅଲଗା ଭାବେ ବାସଗୃହ ନିର୍ମାଣ କରି ରହିଛନ୍ତି। ଗ୍ରାମ ମଧ୍ୟରେ ଚାଷଜମି ନାହିଁ। ସବୁ ଗ୍ରାମକୁ ଲାଗି ଗ୍ରାମ ବାହାରେ ରହିଛି। ଗ୍ରାମର ଆୟତନ ପ୍ରାୟତଃ ଲମ୍ବରେ ୨ କି.ମି. ଏବଂ ପ୍ରସ୍ଥ ୧ କି.ମି. ମଧ୍ୟରେ ହେବ। ଏହାର ଲୋକସଂଖ୍ୟା ୧୧୦୦। ସେ ମଧ୍ୟରୁ ଭୂମିଜମାନଙ୍କର ସଂଖ୍ୟା ୯୦୦/୮୫୦ ଭୂମିଜ ପରିବାର ୨୫୦/ ୩୦୦ ମଧ୍ୟରେ ଅଛି। ପାଟଣାଣୀପୁର ଗ୍ରାମକୁ ଆସିଥିବା ରାସ୍ତା ବା ଗ୍ରାମ ମଧ୍ୟରେ ଥିବା ରାସ୍ତାଗୁଡିକ ଭାରି ପଥୁରିଆ। ଅର୍ଥାତ୍ ଛୋଟ ବଡ ପଥରରେ ଭରି ଯାଇଥାଏ। ସେଥିରେ ପୁଣି କିଛି ଅଂଶ ସରକାରୀ ପିଚୁରାସ୍ତା କରିବାକୁ ଯାଇ, ନା - ପିଚୁ ହୋଇ ପାରିଛି, ନା କଚା ଅବସ୍ଥାରେ ଅଛି। ରାସ୍ତାଗୁଡିକରେ ଗେଟି ବାହାରକୁ ବାହାରି ରହିଛି। ଛୋଟବଡ

ଗୋଲ ଗୋଲ ପ୍ରାକୃତିକ ପଥର ସହିତ ସରକାରୀ ଗେଟିର ସମାହାର, ଗ୍ରାମବାସୀମାନଙ୍କୁ ଯାତାୟାତରେ ହଟହଟା କରୁଥିବା ପ୍ରକାଶ।

ଗ୍ରାମ ମଧ୍ୟରେ ଥିବା ଅନ୍ୟାନ ଗୃହ:

ପାଟଣାଣୀପୁର ଗ୍ରାମରେ ଏକ ଗୋଷ୍ଠୀ ଗୃହ ରହିଛି, ଯାହାକି ସେଠିକାର ସରପଞ୍ଚଙ୍କ ଦ୍ୱାରା ନିର୍ମିତ ହୋଇଥିବା ପ୍ରକାଶ। ଗୃହଟି ଦୁଇ କୋଠରୀ ବିଶିଷ୍ଟ ଓ ଗ୍ରାମର ମଧ୍ୟସ୍ଥଳରେ, ଛିଆଣୀ ନାଳ ପାର୍ଶ୍ୱରେ ଅବସ୍ଥିତ। ଗୃହଟିର ଛପର ଆଜ୍‌ବେସ୍‌ଟାସ୍ ଏବଂ କାନ୍ଥ ପକ୍‌କା। ଘରଟି ବେଶ୍ ଉନ୍ନତ ମାନର। ୪ ଫୁଟ ଓସାରର ପିଣ୍ଡା ମଧ୍ୟ ଅଛି। ଦୁଇଟି କୋଠରୀ ମଧ୍ୟରୁ ଗୋଟିଏ ଗୋଷ୍ଠୀ ଗୃହ ଭାବରେ ବ୍ୟବହୃତ ହେଉଥିବା ସ୍ଥଳେ ଅନ୍ୟଟି ଯୁବକସଂଘ ଗୃହ ଭାବରେ ସେମାନେ ବ୍ୟବହାର କରନ୍ତି। କିନ୍ତୁ ଦେଖାଯାଏ ଯେ, ମୁଖ୍ୟତଃ ତାହା ଗ୍ରାମର ଯୁବକମାନଙ୍କ ଦ୍ୱାରା ହିଁ ପରିଚାଳିତ ହୁଏ। ସେଠାରେ ଟିଭି, ଛୋଟ ପାଠାଗାର, ବଲ୍, ଭଲିବଲ୍, ନେଟ୍ ଆଦି ଖେଳ ସାମଗ୍ରୀ ସବୁ ରହିଛି। ଏହି ଉପକରଣଗୁଡ଼ିକ ସରକାରୀ ଅନୁଦାନ ଏବଂ ଗ୍ରାମ ସ୍ତରରୁ ଚାନ୍ଦା ଆଦାୟ କରି ଯୁବକମାନେ କ୍ରୟ କରିଛନ୍ତି। ଟିଭି କିନ୍ତୁ ସରକାର ତରଫରୁ ଯୋଗାଇ ଦିଆଯାଇଛି। ଗ୍ରାମର ଯୁବକମାନେ ସେଠାରେ ଖେଳାଖେଳି କରନ୍ତି। ଗ୍ରାମର ସୁଖ-ଦୁଃଖ, ଉନ୍ନୟନ ବିଷୟରେ ଆଲୋଚନା କରିଥାଆନ୍ତି। ରାଜନୈତିକ ଚର୍ଚ୍ଚା ମଧ୍ୟ ସରଗରମ ଭାବେ ଚାଲେ। ଗୋଷ୍ଠୀ ସ୍ତରୀୟ କେବଳ ଲକ୍ଷ୍ମୀପୂଜା ସେଠାରେ ଅନୁଷ୍ଠିତ ହୋଇଥାଏ। ସମସ୍ତ ଗ୍ରାମବାସୀ ଏକତ୍ରିତ ହୋଇ ଲକ୍ଷ୍ମୀପୂଜା ମହାସମାରୋହରେ ପାଳନ କରନ୍ତି। ଗୋଷ୍ଠୀ ଗୃହ ସମ୍ମୁଖ ଭାଗରେ ଖୋଲା ସ୍ଥାନ ରହିଛି। ଯୁବକମାନେ ସେଠାରେ ଖେଳକୁଦ କରିଥାଆନ୍ତି। ଗୃହଟିର ପଛପଟକୁ ଜାଙ୍ଗଲିକ ପରିବେଶ ଓ ଛିଆଣୀ ନାଳ। ଗୃହର ଆଗପାଖ ଆଜ୍‌ବେସ୍‌ଟାସ୍‌ରେ ବିରାଟପାଟ ଯୁବକ ସଂଘ ନାମରେ ଏକ ଫଳକ ଝୁଲୁଥିବାର ଦେଖାଯାଇଥାଏ।

ଭୂମିଜ ସଂପ୍ରଦାୟରେ ବା ଭୂମିଜ ଗ୍ରାମରେ ତନ୍ତ୍ର କାର୍ଯ୍ୟ ପାଇଁ ସ୍ୱତନ୍ତ୍ର ଗୃହ ନଥାଏ କିମ୍ବା ଧର୍ମ କାର୍ଯ୍ୟ /ପୂଜାପାଠ ପାଇଁ ସ୍ୱତନ୍ତ୍ର ଭାବରେ ଗୃହ ନିର୍ମାଣ କରାଯାଏ ନାହିଁ। ସେମାନଙ୍କର ମୁଖ୍ୟ ପୂଜାପୀଠ ବା ଧର୍ମପୀଠ ହେଉଛି ଜାହିରା / ଗରାମ୍‌ଥାନ୍ ଏବଂ ତନ୍ତ୍ରପୂଜା ବ୍ୟକ୍ତିଙ୍କ ଘରେ ତଥା ଖୋଲା ସ୍ଥାନରେ ହୁଏ।

ଦେବପୀଠ : ଦେବପୀଠ ବା ଜାହିରା ହେଉଛି ଭୂମିଜମାନଙ୍କର ପ୍ରଧାନ ପୂଜାସ୍ଥଳୀ। ଏଠାରେ ସମସ୍ତ ପ୍ରକାର ପାରମ୍ପରିକ ପୂଜାମାନ ଅନୁଷ୍ଠିତ ହୋଇଥାଏ। ଏହା ଗ୍ରାମ ଠାକୁରାଣୀଙ୍କର ଆସ୍ଥାନ, ଯିଏକି ଗ୍ରାମର ସର୍ବାଙ୍ଗୀନ ମଙ୍ଗଳ ପୂର୍ବକ ସୁରକ୍ଷା ପ୍ରଦାନ କରନ୍ତି। ବିଭିନ୍ନ ପ୍ରକାର ବୃକ୍ଷର ସମାହାରରେ ଜାହିରା ପୀଠ ହୋଇଥାଏ। ଶାଳ, ମହୁଲ, ପଳାଶ, ଅଶନ, କୁରୁମ, ତିନ୍ଦୁକ ପ୍ରଭୃତି ଓ ଅନାବନା ଗଛଲତା ପ୍ରଭୃତି ଜାହିରା ପିଠକୁ ଘେରି ରହିଥାଏ। କୌଣସି ପରିସ୍ଥିତିରେ ମଧ କେହି ଏଠାରୁ ବୃକ୍ଷ କାଟନ୍ତି ନାହିଁ କିମ୍ବା କାଟିବାକୁ ଅନୁମତି ଦିଆଯାଏ ନାହିଁ। ଏହି ଦେବପୀଠରେ କୌଣସି ଗୃହ ନିର୍ମାଣ ହୋଇନଥାଏ। ଗଛମୂଳରେ ହିଁ ପୂଜାକାର୍ଯ୍ୟ ସଂପାଦିତ ହୁଏ। କେବଳ କେତେଗୁଡ଼ିଏ ମୃଣ୍ମୟ ହାତୀ ଘୋଡା ମୂର୍ତ୍ତି ଦୃଷ୍ଟିଗୋଚର ହୁଏ। ଅବଶ୍ୟ ପାଟଶୁଣୀପୁର ଗ୍ରାମର ମୁଖ୍ୟ ଜାହିରା ସ୍ଥଳୀରେ ପିତଳ ନିର୍ମିତ ହାତୀଘୋଡା ଥିବାର ଦେହୁରୀଙ୍କ ଠାରୁ ପ୍ରକାଶ। କିନ୍ତୁ ଏହି ପ୍ରତ୍ୟକ୍ଷଦର୍ଶୀ ତାହା ଦେଖିବାର ସୌଭାଗ୍ୟରୁ ବଞ୍ଚିତ ହୋଇଛି।

ପାଟଶୁଣୀପୁର ଗ୍ରାମରେ ଦୁଇଟି ଦେବପୀଠ / ଦେବାଳୟ / ଜାହିରା ସ୍ଥାନ। ଗ୍ରାମ ମୁଣ୍ଡରେ(ପଶ୍ଚିମ) ଥିବା ମୁଖ୍ୟ ଜାହିରା ପୀଠରେ ଗ୍ରାମଦେବତୀ ବିରାଟପାଟ ଅଧିଷ୍ଠାତ୍ରୀ ଦେବୀ ଭାବରେ ପୂଜିତା ହେଉଥିବା ସ୍ଥଳେ ଗ୍ରାମର ପୂର୍ବ ଭାଗ ମଧ୍ୟସ୍ଥଳରେ ଥିବା ଦେବପୀଠରେ ଅଧିଷ୍ଠାତ୍ରୀ ଦେବୀ କୁଟାଶୁଣୀ ଗ୍ରାମଠାକୁରାଣୀ ରୂପେ ପୂଜା ପାଇଥାଆନ୍ତି। ଏହି ଦୁଇଟି ଜାହିରା ପୀଠ ସମ୍ବନ୍ଧରେ ଏକ ରୋମାଞ୍ଚକର ସତ୍ୟ କାହାଣୀ ରହିଛି। ଯାହା ଧର୍ମୀୟ କର୍ମକର୍ତ୍ତାଙ୍କ ନିର୍ବାଚନ ପ୍ରକ୍ରିୟାରେ ଲିପିବଦ୍ଧ ତଥାପି ଏଠାରେ ତାହାର ସମ୍ୟକ୍ ସୂଚନା ଦିଆଯାଇପାରେ। ବିରାଟପାଟ ଠାକୁରାଣୀ ଶିମିଳିପାଳ ଅଭୟାରଣ୍ୟ / ପର୍ବତସ୍ଥିତ ଶାବଳା ପାହାଡରେ ଶବର ଜାତିର ପୂଜକ / ଦେହୁରୀ ଦ୍ୱାରା ପୂଜିତା ହେଉଥିଲେ। ଏକଦା ପୂଜକ ଦେବୀଙ୍କର ପୂଜା ଅର୍ଚ୍ଚନା ପରେ ଭୁଲବଶତଃ ତାଙ୍କର ଟାଙ୍ଗିଆ ଏବଂ ନେଟା ଠାକୁରାଣୀଙ୍କ ଆସ୍ଥାନ ନିକଟରେ ଛାଡିଆସିଲେ। ପୁଣି ବାଟରେ ମନେ ପଡିବାରୁ ସେଗୁଡିକ ଆଣିବା ପାଇଁ ପୂଜକ ପୂଜାସ୍ଥାନକୁ ଫେରିଯାଉଥିଲେ। କିନ୍ତୁ ସେ ଯେତେବେଳେ ଶାବଳା ପାହାଡର ପାଦ ଦେଶରେ ପହଞ୍ଚିଲେ ଅକସ୍ମାତ୍ ଜଣେ ବ୍ୟକ୍ତି ତାଙ୍କ ସମ୍ମୁଖରେ ଉଭା ହୋଇ ତାଙ୍କୁ ଠାକୁରାଣୀ ଆସ୍ଥାନକୁ ଯିବାପାଇଁ ବାରଣ କଲେ ଓ କହିଲେ – "ଫେରିଯାଅ ! ତୁମର ନେଟା ଟାଙ୍ଗିଆ ଯେଉଁଠି ପଡିଛି, ସେହିଠାରେ ଦେବୀଙ୍କର ପୂଜା କରିବ, ଏଠାକୁ ଆଉ ଆସିବ ନାହିଁ।" ଦେହୁରୀ ଦୁଃଖ ମନରେ ଘରକୁ ବାହୁଡିଲେ। ସେହିଦିନ ରାତିରେ ତାଙ୍କୁ ବିରାଟପାଟ ଠାକୁରାଣୀ ସ୍ୱପ୍ନରେ କହିଲେ

ତୁମର ନୋଟା ତୁମ ଗ୍ରାମର ପଶ୍ଚିମ ଦିଗରେ ପଡିଛି ଏବଂ ଟାଙ୍ଗିଆ ପୂର୍ବଦିଗ ତଳସାହି ବନ୍ଧ ପାଖରେ ପଡିଛି । ନୋଟା ପଡିଥିବା ସ୍ଥାନରେ ତୁମେ ଦେବୀ ବିରାଟପାଟଙ୍କୁ ପୂଜା କରିବ ଏବଂ ଟାଙ୍ଗିଆ ପଡିଥିବା ସ୍ଥାନଟିରେ ଦେବୀ କୁଟାଶୁଣୀ ଗ୍ରାମଦେବତୀ ରୂପେ ପୂଜିତା ହେବେ ।" ତହିଁ ପରଦିନ ଭୋରରୁ ଦେହୁରୀ ଯାଇ ଦେଖିଲେ ତାଙ୍କର ସ୍ୱପ୍ନ ସତ୍ୟ ହୋଇଛି । ସେହି ଦିନଠାରୁ ବିରାଟପାଟ ଠାକୁରାଣୀ ଗ୍ରାମଦେବୀ ଭାବରେ ପାଟଶାଣୀପୁର ଗ୍ରାମର ପଶ୍ଚିମ ପଟରେ ପୂଜା ପାଇଲେ ଏବଂ ଦେବୀ କୁଟାଶୁଣୀ ପୂର୍ବପାଖରେ ଗ୍ରାମଦେବତୀ ରୂପେ ପ୍ରତିଷ୍ଠିତ ହେଲେ । ଉଭୟ ସ୍ଥାନ ଗ୍ରାମଦେବୀଙ୍କର ଆସ୍ଥାନ ଜାହିରା ହେଲା । ବିରାଟପାଟ ଠାକୁରାଣୀଙ୍କ ପୂଜାସ୍ଥାନ ମୁଖ୍ୟ ଜାହିରାର ପୂଜକ ହେଲେ ଶବର ଜାତିର ଦେହୁରୀ ଏବଂ ତାଙ୍କଦ୍ୱାରା ସେଠାରେ ଭୂମିଜମାନଙ୍କର ଆଷାଢିଆ, ଧୂଳିଆ ଓ ନୂଆଖିଆ ପ୍ରଭୃତି ସାମୂହୀକ ପୂଜାମାନ ସଂପାଦିତ ହେଲା । ବିରାଟପାଟ ଭାରି ପ୍ରତ୍ୟକ୍ଷ ଦେବୀ । ତାଙ୍କରି ନାମାନୁସାରେ ମୟୂରଭଂଜ ମହାରାଜାଙ୍କ ଦ୍ୱାରା ଗ୍ରାମର ନାମ ହେଲା ପାଟଶାଣୀପୁର । ଏହି ଜାହିରାରେ କେବଳ ଭୂମିଜ ବା ପାଟଶାଣୀପୁର ଗ୍ରାମବାସୀଙ୍କର ଜାହିରା ପୂଜା ଅନୁଷ୍ଠିତ ହୁଏନାହିଁ, ପରନ୍ତୁ ସେ ଅଞ୍ଚଳର ଆଖପାଖ ସମସ୍ତ ଆଦିବାସୀ ସଂପ୍ରଦାୟଗୁଡିକ ସେଠାରେ ଜାହିରା ପୂଜା କରାଇଥାଆନ୍ତି ।

ପୁଣି ପୂର୍ବପାଖ ଜାହିରାର ପୂଜକ / ଦେହୁରୀ ହେଉଛନ୍ତି ଭୂମିଜ ସଂପ୍ରଦାୟର ଲୋକ ତଥା ପାଟଶାଣୀପୁର ଗ୍ରାମବାସୀ । ସେଠାରେ ସେ ସାମୂହୀକ ଭାବେ କରନ୍ତି ଗୋଠପୂଜା ଓ ମାଘପୂଜା । ଏହି ଜାହିରାଟି ଝିଆଣୀ ନାଳ ତଟରେ ଏକ ଆରଣ୍ୟକ ପରିବେଶ ମଧ୍ୟରେ ଅବସ୍ଥିତ । ସ୍ଥାନଟି ଛୋଟବଡ ବହୁ ଅନାବନା ଗଛରେ ଭରପୁର । ଏଠାରେ ଗୋଟିଏ / ଯୋଡିଏ ହାତୀ ଘୋଡ଼ା ମୂର୍ତ୍ତି ରହିଥାଏ । ଜାହିରା ପୀଠରେ ଯଦିଓ ଶାଳଗଛ ରହିବା ଅନିବାର୍ଯ୍ୟ । ଏଠାରେ କିନ୍ତୁ ଶାଳବୃକ୍ଷ ଦୃଷ୍ଟି ଗୋଚର ହେଲାନାହିଁ । ମୁଖ୍ୟ ଜାହିରାରେ ଅବଶ୍ୟ ଶାଳବୃକ୍ଷ ସହ ବହୁ ମୂଲ୍ୟମାନ ତଥା ଅନାବନା ଗଛଲତା ଭରି ରହିଛି । ହାତୀ ଘୋଡାର ପ୍ରତିମା ଗଦା ହୋଇଛି । ଏବେ ଗ୍ରାମବାସୀମାନେ ସେଠାରେ ଗୋଟିଏ ପକ୍କା ପିଣ୍ଡିର କାର୍ଯ୍ୟ ଆରମ୍ଭ କରିଥିବାର ଦେଖାଗଲା । ଭୂମିଜମାନଙ୍କର ଧର୍ମୀୟ ଚେତନା ବେଶ୍ ସୁଦୃଢ ଥିବାରୁ ସେମାନେ ପ୍ରକୃତିର ଦେବାଳୟ / ଦେବପୀଠ / ଜାହିରା ଉପରେ ଅଧିକ ଗୁରୁତ୍ୱ ଆରୋପ କରୁଥିବା ସ୍ପଷ୍ଟ ।

ଗ୍ରାମର ସମୀପବର୍ତ୍ତୀ ଅଂଚଳରେ ଗୋଟିଏ ପକ୍କା ମଣ୍ଡପ ନିର୍ମାଣ କରାଯାଇଛି। କଂକ୍ରିଟ୍ ଖୁଣ୍ଟ ଉପରେ କେବଳ କଂକ୍ରିଟ ଛାତ ପଡିଛି। ଚତୁଃପାର୍ଶ୍ୱ ଖୋଲା। ଆଖପାଖ ଗ୍ରାମବାସୀ ଏକତ୍ରିତ ହୋଇ ଏଠାରେ ନାଟକ ମଞ୍ଚସ୍ଥ କରନ୍ତି। ପୁଣି ଦୁର୍ଗାପୂଜା ସମୟରେ ଏଠାକାର ପଡିଆରେ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୁଏ। ବିଭିନ୍ନ ଅଞ୍ଚଳରୁ ଫୁଟବଲ ଖେଳାଳୀମାନେ ଏଥିରେ ଅଂଶଗ୍ରହଣ କରନ୍ତି। ମଣ୍ଡପ ଉପରେ ବସି କର୍ମକର୍ତ୍ତାମାନେ ଡାକବାଜି ଯନ୍ତ୍ର ସାହାଯ୍ୟରେ ବିଭିନ୍ନ ପ୍ରକାର କୌତୁକିଆ ଢଙ୍ଗରେ ଫୁଟବଲ ଖେଳର ଧାରାବିବରଣୀ ପ୍ରଚାର କରିଥାଆନ୍ତି। ଏହା ତିନିଦିନ ଧରି ଚାଲେ। ଶେଷଦିନ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥାଏ। ନିମନ୍ତ୍ରିତ ଅତିଥିମାନଙ୍କ ଗହଣରେ ଗ୍ରାମବାସୀମାନେ ସହଯୋଗ ପୂର୍ବକ ମଜ୍ଜା ଉଠାନ୍ତି।

## ଗ୍ରାମ ମଧ୍ୟରେ ଥିବା ବିଭିନ୍ନ ପାନୀୟ ଜଳର ଉତ୍ସ :

ଗ୍ରାମ ମଧ୍ୟରେ ସମୁଦାୟ ୧୩ଟି କୂପ ରହିଛି। ସେ ମଧ୍ୟରୁ ତିନୋଟି ସରକାରଙ୍କ ତରଫରୁ ଖୋଳାଯାଇଥିବା ସ୍ଥଳେ ୧୦ଟି ବେସରକାରୀ ଭାବରେ ଗ୍ରାମବାସୀମାନେ ଖନନ କରିଛନ୍ତି। ପୁଣି ୪ଟି ସରକାରୀ ଟ୍ୟୁବ୍‌ୱେଲ ରହିଛି। ଏହି ସବୁ ଉତ୍ସର ଜଳ ଗ୍ରାମବାସୀମାନେ ପାନୀୟ ଜଳ ରୂପେ ବ୍ୟବହାର କରିଥାଆନ୍ତି। ତେବେ ପାନୀୟ ଜଳର ସ୍ୱଚ୍ଛତା ଉପରେ ଭୂମିଜମାନେ ବିଶେଷ ଗୁରୁତ୍ୱ ଦେଉନଥିବାର ମନେହୁଏ। ଏତେ ଉନ୍ନତ ତଥା ଶିକ୍ଷିତ ହୋଇ ମଧ୍ୟ ପାନୀୟ ଜଳର ପାତ୍ରକୁ ଘୋଡାଇ ରଖିବାର ଅଭ୍ୟାସ ସେମାନଙ୍କର ଜମାରୁ ନାହିଁ। ଯଦିଓ ପାଟଶାଣୀପୁର ଅଞ୍ଚଳର ପାନୀୟ ଜଳ ମ୍ୟାଲେରିଆ ଜୀବାଣୁର ବାହକ ବୋଲି ସମସ୍ତେ ଜାଣନ୍ତି।

## ଗ୍ରାମକୁ ଆସିଥିବା ମୁଖ୍ୟ ରାସ୍ତା :

ଉଦଳାରୁ ୯ କି.ମି. ବାରିପଦା ରାସ୍ତାରେ ଗଲେ ବାମ ପଟକୁ (ବୃନ୍ଦାବନ ଚନ୍ଦ୍ରପୁର / ଜାରାନଟା) ଯେଉଁ ରାସ୍ତାଟି ପଡିଛି, ତାହା ପାଟଶାଣୀପୁରକୁ ସିଧାସଳଖ ସଂଯୋଗ କରିଛି। ମୁଖ୍ୟରାସ୍ତାରୁ ୨୦ କି.ମି. ଗଡିଗାଁ ଯାଏଁ ପିଚୁ ରାସ୍ତା ଏବଂ ଗଡିଗାଁରୁ ପାଟଶାଣୀପୁର ଯାଏଁ କଚ୍ଚା ବା ମାଟି ରାସ୍ତା। ବର୍ଷାଦିନେ ସେହି କଚ୍ଚା ରାସ୍ତାଟିର ଅବସ୍ଥା ଶୋଚନୀୟ ହୋଇପଡେ। ତେବେ ଗଡିଗାଁ ପାଖରୁ କେନାଲ ଧାରେ ଧାରେ ଗୋଟିଏ ପାଦଚଲା ରାସ୍ତା କିଛିବାଟ ଲମ୍ବିଛି, ଯାହାକି ଅପେକ୍ଷାକୃତ ଉନ୍ନତ। ମୁଖ୍ୟରାସ୍ତାରୁ ପାଟଶାଣୀପୁର ଯାଏଁ ମୁଖ୍ୟତଃ ଗଡିଗାଁ, ଦେଉଳା, ଆନନ୍ଦପୁର, ଗୋବିନ୍ଦପୁର, ବରହମପୁର

ପ୍ରଭୃତି ଗ୍ରାମଗୁଡ଼ିକୁ ଅତିକ୍ରମ କରିବାକୁ ପଡ଼ିଥାଏ। ଏହାବାଦ୍ ମୁଖ୍ୟରାସ୍ତାରୁ ବୃନ୍ଦାଗଡ଼ି ବାଟରେ ଆଉ ଗୋଟିଏ ରାସ୍ତା ପାଟଶାଣୀପୁର ପର୍ଯ୍ୟନ୍ତ ପଡ଼ିଛି। ଏହି ରାସ୍ତାର ଅବସ୍ଥା ସେତେ ଭଲ ନୁହେଁ। ସ୍ଥାନୀୟ ଅଧିବାସୀଙ୍କର ଉଦ୍ୟମ ତଥା ସରକାରୀ ଯୋଜନାର ସଫଳ ରୂପାୟନ ହୋଇ ପାରିଲେ ଏହି ରାସ୍ତାଟି ଏକ ଉତ୍ତମ ଯୋଗାଯୋଗର ମାଧ୍ୟମ ହୋଇପାରନ୍ତା।

ମୁଖ୍ୟ ରାସ୍ତାରୁ ଆଉ ଗୋଟିଏ ପାଦଚଲା ରାସ୍ତା ବୃନ୍ଦାଗଡ଼ିରୁ ପାଟଶାଣୀପୁର ପର୍ଯ୍ୟନ୍ତ ରହିଛି। ସେ ପଟେ ଆସିଲେ ଅଣ୍ଡିଆମୁଣ୍ଡି, ଦଶରାପଦା, ହାଟସାହି, ମାଟିହୁଡ଼ି, ପାଟପୁର, ନେତ୍ରଗଣ୍ଡ ପ୍ରଭୃତି ଗ୍ରାମ ଅତିକ୍ରମ କରିବାକୁ ହୁଏ। ପଥରେ ପ୍ରଚୁର ଖାଲ, ଢିପ, ନାଳ ଏବଂ କୁଲୁରାନଦୀ ପାରି ହେବାକୁ ପଡ଼େ।

ଗ୍ରାମରୁ ପାହାଡ଼କୁ ଯିବାପାଇଁ ପାଦଚଲା ଗଳିରାସ୍ତାରେ ଯିବାକୁ ହୁଏ। କିଛି ବାଟ ଅତିକ୍ରମ କଲାପରେ ଉଭୟ ପାର୍ଶ୍ୱ ଜାଙ୍ଗଲିକ ପରିବେଶରେ ଭରପୁର। ସେ ମଧ୍ୟରେ ମାତ୍ର ଗୋଟିଏ ଗାଁ ଅମ୍ବିକାଦେଇପୁର ଅଛି। ତା'ପରେ ସଂପୂର୍ଣ୍ଣ ଜଙ୍ଗଲ ଏବଂ ପାଦଚଲା ଗଳିରାସ୍ତା ବା କେଉଁଠାରେ ରାସ୍ତା ନଥାଏ, ଲତାପତ୍ର ଆଡେଇ ଯିବାକୁ ହୁଏ। ସେଥିପାଇଁ ସାଧାରଣତଃ ଭୂମିଜ ବା ଅନ୍ୟ ଆଦିବାସୀ ଲୋକେ ବର୍ଷାଋତୁରେ ଜଙ୍ଗଲ ଯାଆନ୍ତି ନାହିଁ।

**ଅନ୍ୟାନ୍ୟ ଆକର୍ଷଣୀୟ ସ୍ଥଳୀ :**

ଗ୍ରାମ ମଧ୍ୟରେ ଗୋଟିଏ ସରକାରୀ ଅଙ୍ଗନବାଡ଼ି କେନ୍ଦ୍ର ରହିଛି। ଏଥିପାଇଁ ଜଣେ ଶିକ୍ଷୟତ୍ରୀ ନିଯୁକ୍ତି ପାଇଛନ୍ତି। ଏହା ଦୁଇ କୋଠରୀ ବିଶିଷ୍ଟ କଂକ୍ରିଟ ଛାତପକା ଗୃହ। ଗୋଟିଏ କୋଠରୀରେ ରୋଷେଇ ହୁଏ। ଜଣେ ସହାୟିକା ରହିଛନ୍ତି ଯିଏକି ସେଠାରେ ଭାତ, ଡାଲମା ରୋଷେଇ କରି ଅଙ୍ଗନବାଡ଼ିରେ ପାଠ ପଢ଼ୁଥିବା ପିଲାମାନଙ୍କୁ ଖାଇବାକୁ ଦିଅନ୍ତି। ଖାଦ୍ୟ ସାମଗ୍ରୀ ସରକାର ତରଫରୁ ଯୋଗାଇ ଦିଆଯାଇଥାଏ। ଘରଟିରେ ବାରଣ୍ଡା ରହିଛି, ଯେଉଁଠି ପିଲାମାନେ ବସି ଖାଦ୍ୟ ସେବନ କରନ୍ତି। ଖାଇବା ପାଇଁ ବାସନ ଘରୁ ଆଣିଥାଆନ୍ତି। ଅନ୍ୟ କୋଠରୀଟିରେ ଶିକ୍ଷୟତ୍ରୀ ଛୋଟ ଛୋଟ ପିଲାମାନଙ୍କୁ ପାଠ ପଢାଇବା ସଙ୍ଗେ ସଙ୍ଗେ ଗୀତ, ନାଚ, ଖେଳ ଶିକ୍ଷା ଦିଅନ୍ତି। ସେ ଗ୍ରାମବାସୀଙ୍କୁ ମ୍ୟାଲେରିଆ ପିଲ୍ ମଧ୍ୟ ବିତରଣ କରନ୍ତି। ଗ୍ରାମରେ ଗୋଟିଏ ବିଦ୍ୟୁତ୍ ଚାଳିତ ହଲର (ଧାନ ଶସ୍ୟାଦି କୁଟିବା ଯନ୍ତ୍ର) ଅଛି, ଯଦ୍ୱାରା ଢିଙ୍କିର ଆବଶ୍ୟକତା ପଡ଼େ ନାହିଁ।

**ଗ୍ରାମର ବାହ୍ୟ ସଂରଚନା :**

ଗ୍ରାମଠାରୁ ୨/୩ କି.ମି. ଦୂରରେ ଅବସ୍ଥିତ ପ୍ରଖ୍ୟାତ ଶିମିଳିପାଳ ଅଭୟାରଣ୍ୟ ଓ ପର୍ବତ। ତରଙ୍ଗାୟିତ ଭାବେ ଏହା ଗ୍ରାମର ପଶ୍ଚିମାଞ୍ଚଳକୁ ଘେରି ରହିଛି। ଶିମିଳିପାଳ ପର୍ବତ ସଂଲଗ୍ନ ପୁଣି ବହୁ ଛୋଟ ବଡ ପାହାଡମାନ ସ୍ଥିତପ୍ରଜ୍ଞ ଋଷି ସମ ବିଦ୍ୟମାନ। ସେ ମଧ୍ୟରୁ ଐତିହାସିକ ଶାବଳା ପାହାଡ ଅନ୍ୟତମ, ଯାହାକି ପାଟଣାଣୀପୁର ଗ୍ରାମଦେବୀ ବିରାଟପାଟ ଠାକୁରାଣୀଙ୍କର ମୂଳ ଆସ୍ଥାନ। ପ୍ରତ୍ୟକ୍ଷ ଦେବୀ ବିରାଟପାଟ ସ୍ୱଇଚ୍ଛାରେ ପାଟଣାଣୀପୁର ଗ୍ରାମରେ ଜାହିରା ପୀଠର ଅଧିଷ୍ଠାତ୍ରୀ ଗ୍ରାମଦେବତୀ ହୋଇ ପୂଜା ପାଉଛନ୍ତି। ପୁଣି ତାଙ୍କରି ନିର୍ଦ୍ଦେଶ କ୍ରମେ ସେ କପ୍ତିପଦା ରାଜପ୍ରାସାଦରେ ଆରାଧ୍ୟଦେବୀ ରୂପେ ପ୍ରତିଷ୍ଠିତ ହୋଇଥିବା ସତ୍ୟଭିତ୍ତିକ କିମ୍ବଦନ୍ତୀରୁ ଜଣାଯାଏ। ଏକଦା କପ୍ତିପଦା ରାଜା ଶିମିଳିପାଳ ପର୍ବତକୁ ହାତୀ ଶୀକାର ପାଇଁ ଆସି ଦେବୀଙ୍କ ଆସ୍ଥାନ ନିକଟବର୍ତ୍ତୀ ହାତୀକୁଟଠାରେ ରାତ୍ରିଯାପନ କରିଥିଲେ। ରାତିରେ ରାଜାଙ୍କୁ ସ୍ୱପ୍ନାଦେଶ ହେଲା ଯେ, ବିରାଟପାଟ ଠାକୁରାଣୀଙ୍କର ପୂଜାଅର୍ଚ୍ଚନା କଲେ ଯାଇ ରାଜା ହାତୀ ଶୀକାର କରିପାରିବେ। ତଦନୁଯାୟୀ ରାଜା ଦେବୀଙ୍କର ପୂଜାପାଠ ପୂର୍ବକ ହାତୀ ଶୀକାର କରି ବାହୁଡିଗଲେ। ସେହିଦିନଠାରୁ କପ୍ତିପଦା ରାଜା ପ୍ରତ୍ୟେକ ବର୍ଷ ଶିମିଳିପାଳ ପର୍ବତକୁ ଆସି ବିରାଟପାଟ ଠାକୁରାଣୀଙ୍କର ପୂଜାଅର୍ଚ୍ଚନା କରିଚାଲିଲେ। ରାଜାଙ୍କର କୌଣସି ପୁତ୍ର ସନ୍ତାନ ନଥିବାରୁ ସେ ଦୁଃଖ ବିଗଳିତ ହୃଦୟରେ ନିଜର ମନକଥା ଦେବୀଙ୍କୁ ଜଣାନ୍ତେ ଠାକୁରାଣୀ ବିରାଟପାଟ ତାଙ୍କୁ ସ୍ୱପ୍ନରେ ନିର୍ଦ୍ଦେଶ ଦେଲେ ଯେ ଦେବୀଙ୍କୁ ପର୍ବତ ଗୁହାରୁ ନେଇ ରାଜପ୍ରାସାଦରେ ପ୍ରତିଷ୍ଠା ପୂର୍ବକ ପୂଜାଅର୍ଚ୍ଚନା କରିବାକୁ। ସ୍ୱପ୍ନାଦେଶ କ୍ରମେ ରାଜା ଶିମିଳିପାଳ ପର୍ବତ ଅନ୍ତର୍ଗତ ଶାବଳା ପାହାଡରୁ ଦେବୀଙ୍କୁ ନେଇ ପ୍ରାସାଦରେ ପ୍ରତିଷ୍ଠା କଲେ ଓ ସେହିଦିନଠାରୁ ବିରାଟପାଟ ଠାକୁରାଣୀ କପ୍ତିପଦା ରାଜପ୍ରାସାଦ ମନ୍ଦିରରେ ପୂଜିତା ହେବା ସଙ୍ଗେ ସଙ୍ଗେ ପାଟଣାଣୀପୁର ଅଞ୍ଚଳରୁ ବିଭିନ୍ନ ପ୍ରକାର ଭୋଗ ଓ ବଳି ସାମଗ୍ରୀ ପ୍ରତ୍ୟେକ ବର୍ଷ ସେଠାରେ ଦେବୀଙ୍କ ଉଦ୍ଦେଶ୍ୟରେ ଅର୍ପିତ ହେଲା। ପାଟଣାଣୀପୁର ସ୍ଥିତ ଜାହିରାପୀଠରେ ବିରାଟପାଟ ଠାକୁରାଣୀଙ୍କୁ ପୂଜା କରୁଥିବା ଶବର ଦେହୁରୀଙ୍କୁ ରାଜାଙ୍କ ତରଫରୁ ଜାଗିରି ମିଳିଲା। ଶୁଣାଯାଏ, ଶାବଳା ପାହାଡରେ ଦେବୀଙ୍କର ପିତ୍ତଳ ପ୍ରତିମା ଥିଲା, ଯାହାକୁ କପ୍ତିପଦା ରାଜା ନିଜ ପ୍ରାସାଦରେ ପ୍ରତିଷ୍ଠା କରିଥିଲେ ଏବଂ ସେଥିପାଇଁ ଦେବୀଙ୍କର ପ୍ରତୀକ ସ୍ୱରୂପ ପାଟଣାଣୀପୁର ଜାହିରାରେ ପିତ୍ତଳ ନିର୍ମିତ ହାତୀ-ଘୋଡା ପୂଜା ପାଉଛନ୍ତି। ପୁଣି ପ୍ରତ୍ୟକ୍ଷ ଦେବୀ ବିରାଟପାଟଙ୍କ ଆଶୀର୍ବାଦରୁ କପ୍ତିପଦା ରାଜା ପୁତ୍ର ସନ୍ତାନ ମଧ୍ୟ ପ୍ରାପ୍ତ ହୋଇଥିବା ଜଣାଯାଏ।

ଇତିହାସ ବିଶ୍ରୁତ ଶିମିଳିପାଳ ପର୍ବତ ପାଟଣାଣୀପୁର ଅଞ୍ଚଳରେ ପ୍ରାକୃତିକ ଶୋଭାକୁ ଦ୍ୱିଗୁଣିତ କରିଥାଏ। ଭୂମିଜମାନେ ସେଠାରୁ ବିଭିନ୍ନ ପ୍ରକାର ବନ୍ୟଜାତ ଦ୍ରବ୍ୟାଦି ସଂଗ୍ରହ ସହିତ ଶୀକାର ମଧ୍ୟ କରିଥାଆନ୍ତି। ଶିମିଳିପାଳ ଅଭୟାରଣ୍ୟରେ ବାଘ, ଭାଲୁ, ହାତୀ, ହରିଣ, କୁଟାରୀ, ମାଙ୍କଡ, ମୟୂର, ବଣ କୁକୁଡା, ବଣ ଚଢେଇ, ବାରହା ଆଦି ଅନେକ ପ୍ରକାରର ପଶୁ-ପକ୍ଷୀ ନିର୍ଭୟରେ ବିଚରଣ କରୁଥିଲେ ହେଁ କେବେ କେବେ ଆଦିବାସୀମାନଙ୍କ ଆକ୍ରମଣର ଶୀକାର ମଧ୍ୟ ହୁଅନ୍ତି।

ପାଟଣାଣୀପୁର ଗ୍ରାମାଞ୍ଚଳର ଅନତିଦୂରରେ ପୁଣି ଇତିହାସ ପ୍ରସିଦ୍ଧ ଦେବକୁଣ୍ଡ ଜଳପ୍ରପାତ ବହମାନ, ଯେଉଁଠି ମୟୂରଭଂଜ ମହାରାଜାଙ୍କ ଦ୍ୱାରା ଦେବୀ ଅମ୍ବିକାଙ୍କ ମନ୍ଦିର ପ୍ରତିଷ୍ଠିତ। ଏହା ଶିବ ଏବଂ ଶକ୍ତିଙ୍କର ମହାମିଳନସ୍ଥଳୀ ରୂପେ ପରିଚିତ।

ଜଳ ଉତ୍ସ :

ଗ୍ରାମର ଉତ୍ତରକୁ ସଞ୍ଜ ନଦୀ, ଉତ୍ତର-ପଶ୍ଚିମକୁ ଆଦିପୁର ବନ୍ଧ ଏବଂ ନାହୁଆ ନଦୀ ପ୍ରବାହିତ। ନାହୁଆ ନଦୀରେ ଗୋଟିଏ ବନ୍ଧ ମଧ୍ୟ ବିଦ୍ୟମାନ। ଆଦିପୁରସ୍ଥିତ ବିରାଟ ପଥର ଖଣ୍ଡ ମଧ୍ୟରୁ ଏକ ଝରଣା ବାହାରି ପାଟଣାଣୀପୁର ଅଞ୍ଚଳ ଦେଇ ବହି ଯାଉଛି। ଗ୍ରାମରୁ ଦୁଇ କି.ମି. ଦୂର ଦକ୍ଷିଣ ଦିଗକୁ ବାଲିଘାଟ ନଦୀ ଓ କୁସ ବନ୍ଧ। ଖଲାଡି ପୋଖରୀ ନାମରେ ବଡ ପୋଖରୀଟିଏ ଅଛି। ଗ୍ରାମ ସଂଲଗ୍ନ ଅନ୍ୟ ଆଦିବାସୀ ଗ୍ରାମଗୁଡିକରେ କୂଅ, ଟ୍ୟୁବଲ ମଧ୍ୟ ରହିଛି। ପାଟଣାଣୀପୁର ଗ୍ରାମକୁ ପ୍ରବେଶ ପଥରେ (ଗ୍ରାମ ବାହାରେ) ମଧ୍ୟ ଗୋଟିଏ ସରକାରୀ ଟ୍ୟୁବଲ ଦେଖାଯାଏ, ଯାହାକି ପାଖଆଖ ଲୋକ ସମସ୍ତେ ବ୍ୟବହାର କରିଥାଆନ୍ତି। ଗ୍ରାମ ମଧ୍ୟରେ ଏକାଧିକ ପାନୀୟ ଜଳର ଉତ୍ସ ଥିବାରୁ ପାଟଣାଣୀପୁର ବାସିନ୍ଦା ପ୍ରାୟତଃ ପାନୀୟ ଜଳ ସଂଗ୍ରହ ପାଇଁ ଗ୍ରାମ ବାହାରକୁ ଆସନ୍ତି ନାହିଁ।

ଆଦିପୁରସ୍ଥିତ ଝରଣାଟି ପାଟଣାଣୀପୁର ଅଞ୍ଚଳ ଦେଇ ବହମାନ ହେଉଥିଲେ ହେଁ, ତାହାର ସ୍ରୋତ କ୍ଷୀଣ ଥିବାରୁ, ଜଳ ପ୍ରାୟତଃ ନିତ୍ୟବ୍ୟବହାର୍ଯ୍ୟ କାର୍ଯ୍ୟରେ ବ୍ୟବହୃତ ହୁଏ ନାହିଁ। ତାହା କେବଳ ପାଟଣାଣୀପୁରର ଚାଷ କ୍ଷେତକୁ ଉର୍ବର କରିବାରେ ସହାୟକ ହୋଇଥାଏ। କିନ୍ତୁ ନାହୁଆ ନଦୀରୁ ବାହାରିଥିବା ଜିଆଣୀ ନାଳଟିର ଜଳ ମୁଖ୍ୟତଃ ଗ୍ରାମବାସୀମାନେ ବ୍ୟବହାର କରିଥାଆନ୍ତି, ଗାଧୁଆ, ବାସନକୁସନ – ଲୁଗାପଟା ଧୁଆଧୋଇ ପ୍ରାୟ ପ୍ରତ୍ୟେକ କାମ ସେହିଠାରେ ହୁଏ। କେହି ନଦୀକୁ ମାଛ ଧରିବା ପାଇଁ ଗଲେ

ନଦୀରେ ଗାଧୋଇ ଆସନ୍ତି। ନଚେତ୍ ଗ୍ରାମ ପୋଖରୀ ମଧ୍ୟ ଏହି ସବୁ କାମ ପାଇଁ ବ୍ୟବହୃତ ହୋଇଥାଏ। ଗାଧୁଆ ଓ ଧୁଆଧୋଇ କରିବାକୁ ଗ୍ରାମ ମଧ୍ୟରେ ଯଥେଷ୍ଟ ସୁବିଧା ଥିବାରୁ ସେମାନଙ୍କୁ ଗ୍ରାମ ବାହାରକୁ ଆସିବାର ଆବଶ୍ୟକତା ପଡେ ନାହିଁ। ତେବେ ଗ୍ରାମ ବାହାର ନଦୀ କିମ୍ବା ପୋଖରୀରେ ଧୋବା ଲୁଗା କାଚେ। ଶୁଦ୍ଧିକ୍ରିୟା କିମ୍ବା ଉଠିଆରୀ ଆଦିରେ ଗ୍ରାମ ବାହାରେ ଥିବା ନଦୀ - ପୋଖରୀର ଜଳ ବିଶେଷ ଭାବରେ ବ୍ୟବହୃତ ହୁଏ। ଧୁଆଧୋଇ ସ୍ନାନ ମଧ୍ୟ ସମସ୍ତଙ୍କର ନିଜସ୍ୱ ଘରେ ଥାଏ। ସେମାନେ ପାଣି ଆଣି ଘରେ ଧୁଅନ୍ତି କିମ୍ବା ଜିଆଣୀ ନାଳରେ ଧୁଆଧୋଇ କରିଥାଆନ୍ତି।

**ପୂଜାସ୍ଥଳୀ ଓ ଦେବୀପୀଠ :**

ପାଟଣାଣୀପୁର ଗ୍ରାମରେ ଦୁଇଟି ସାମୂହୀକ ପୂଜାସ୍ଥଳୀ /ବେଦୀପୀଠ/ ଦେବସ୍ଥାନ (ଜାହିରା) ରହିଛି। ଗୋଟିଏ ପୂର୍ବପଟ ଜାହିରା, ଯେଉଁଠାରେ ଗ୍ରାମଦେବତୀ କୁଟାଶୁଣୀ ଗ୍ରାମ ଦେହୁରୀ (ହାତୁ ଦେହୁରୀ)ଙ୍କ ଦ୍ୱାରା ପୂଜା ପାଆନ୍ତି ଏବଂ ଅନ୍ୟଟି ପଶ୍ଚିମ ଦିଗରେ ଜାହିରା, ଯେଉଁଠି ଗ୍ରାମଦେବୀ ବିରାଟପାଟ ଠାକୁରାଣୀଙ୍କୁ ଶବର ଦେହୁରୀ (ଦିହୁରୀ) ପୂଜା ଅର୍ଚ୍ଚନା କରିଥାଆନ୍ତି। ପୂର୍ବପାଖ ଜାହିରାରେ ଦେହୁରୀ ଗୋଠପୂଜା (ଗଟ୍‌ବଙ୍ଗା) ଓ ମାଘପୂଜା (ମାଗ୍‌ବଙ୍ଗା) କରୁଥିବା ସ୍ଥଳେ ପଶ୍ଚିମ ପଟ ଜାହିରାରେ ଆଷାଢିଆ, ଧୂଳିଆ ଓ ନୂଆଖିଆ (ନଓ୍ୱାଜମ୍) ପୂଜା ଶବର ଦେହୁରୀଙ୍କ ଦ୍ୱାରା ସଂପାଦିତ ହୋଇଥାଏ। ଗୋଠପୂଜା ଓ ମାଘପୂଜା ଗ୍ରାମ, ଗ୍ରାମବାସୀ ତଥା ସେମାନଙ୍କର ଗୋସଂପଦଙ୍କ ସୁଖ, ସୁସ୍ଥତା ଏବଂ ଶାନ୍ତି ପାଇଁ ଅନୁଷ୍ଠିତ ହୁଏ। ସେହିପରି ଆଷାଢିଆ, ଧୂଳିଆ ଓ ନୂଆଖିଆ ପୂଜାମାନ ଆୟୋଜନ ହୁଏ ଭଲ ବର୍ଷା ତଥା ଭଲ ଫସଲ ହେବା ସକାଶେ। ପୂଜାସାମଗ୍ରୀ, ଭୋଗ, ବଳି ଆଦି ଅର୍ପଣ କରି ଦେହୁରୀ ଗ୍ରାମବାସୀଙ୍କ ପାଇଁ ଦେବୀଙ୍କଠାରୁ ଆଶୀଷ ଭିକ୍ଷା କରନ୍ତି। ଏହାଦ୍ୱାରା ଦେବଦେବୀଙ୍କ କୃପାରୁ ଭୂମିଜମାନେ ଶାନ୍ତିରେ କାଳାତିପାତ କରିପାରୁଥିବାର ବିଶ୍ୱାସ କରାଯାଏ। ଏତଦ୍ ଭିନ୍ନ ପୂଜାସ୍ଥଳୀ ଭାବରେ ପ୍ରତ୍ୟେକ ପରିବାରରେ ଈଶାଣ ରହିଥାଏ। ସେଠାରେ ମୁଖ୍ୟ ଦେବଦେବୀ ହେଉଛନ୍ତି ପୂର୍ବପୁରୁଷ ବା ସେମାନଙ୍କ ଇଷ୍ଟ ଦେବତା। ଗୃହକର୍ତ୍ତା ସ୍ୱୟଂ ପୂଜକ / ଧର୍ମୀୟ କର୍ମକର୍ତ୍ତା ଭାବରେ ସମସ୍ତ ପୂଜାପାଠ ସଂପନ୍ନ କରିଥାଆନ୍ତି। ଗୃହ-ପରିବାରର ସୁରକ୍ଷା ଉଦ୍ଦେଶ୍ୟରେ ଗୃହକର୍ତ୍ତା ପୂର୍ବପୁରୁଷଙ୍କୁ ପୂଜାଅର୍ଚ୍ଚନାରେ ସନ୍ତୁଷ୍ଟ କରି, ସେମାନଙ୍କର ଆଶୀଷ ଲାଭ କରନ୍ତି। ଘରୋଇ ପୂଜାଗୁଡିକ ଈଶାଣ ଏବଂ ଘର ବାହାରେ ମଧ୍ୟ ଅନୁଷ୍ଠିତ ହୁଏ। ଈଶାଣ ସ୍ଥାନଟି ଭୂମିଜମାନଙ୍କର ଭଣ୍ଡାର ଘରେ ଥାଏ। ସେଠାରେ ସିନ୍ଦୂର ବ୍ୟତୀତ ସମସ୍ତ

ପ୍ରକାର ପୂଜାସାମଗ୍ରୀ, ହାଣ୍ଡିଆ ରସି ଏବଂ ବଳି ଇଷ୍ଟଦେବତାଙ୍କଠାରେ ଅର୍ପଣ କରାଯାଏ। ପୂର୍ବପୁରୁଷ ସନ୍ତୁଷ୍ଟ ହେଲେ ସେମାନଙ୍କର ଗୃହ-ପରିବାର ସୁରକ୍ଷିତ ରହେ ବୋଲି ଭୂମିଜମାନଙ୍କର ଦୃଢ଼ ବିଶ୍ୱାସ। ତେଣୁ ଘରୋଇ ଭାବରେ ଗୃହକର୍ତ୍ତା କରମ୍ ପୂଜା, ଇଷ୍ଟଦେବତା (ହାପାଲୁମ୍), ଦ୍ୱାରହାରୀ, ସଅରାଇ, ହେରପୁନା, ବାଆବଙ୍ଗା ପ୍ରଭୃତି ଅନେକ ପ୍ରକାର ପୂଜାପାଠମାନ ଘରେ କରନ୍ତି। ଏହା ବାଦ୍ କେତେକ ସାମୂହୀକ ପୂଜାଦିନ ମଧ୍ୟ ଜାହିରା ପୂଜା ପରେ ଗୃହକର୍ତ୍ତା ଘର ଈଶାଣରେ ପୁଣି ପୂଜାବିଧି ସହିତ ଭୋଗସାମଗ୍ରୀ ପୂର୍ବପୁରୁଷଙ୍କ ଉଦ୍ଦେଶ୍ୟରେ ଅର୍ପଣ କରିଥାଆନ୍ତି। ଶୁଦ୍ଧିକ୍ରିୟା, ଉଠିଆରୀରେ ମଧ୍ୟ ଏଠାରେ ପୂଜାକର୍ମ ଅନୁଷ୍ଠିତ ହୁଏ। ତେବେ ପ୍ରତ୍ୟେକ ପୂଜାପାର୍ବଣ ବା ପର୍ବପର୍ବାଣୀରେ ଇଷ୍ଟଦେବତାଙ୍କୁ ଭୂମିଜମାନେ ଭୋଗରାଗ ନିଶ୍ଚିତ ଭାବରେ ଦିଅନ୍ତି। କୌଣସି ନୂଆ ଖାଦ୍ୟ (ଚାଉଳ, ଫଳ, ପନିପରିବା, ଶସ୍ୟାଦି) ସେବନ ପୂର୍ବରୁ ଆଗ ଇଷ୍ଟଦେବତାଙ୍କୁ ସମର୍ପଣ କରାଯାଏ। ଏତଦ୍ ଭିନ୍ନ ଯାଦୁଧର୍ମୀୟ କର୍ମକର୍ତ୍ତା / ଗୁଣିଆ (ଦେଓଣା)ମାନେ ଛଡାଣ ପୂଜା ବ୍ୟକ୍ତିର ଘରେ ଏବଂ ରାସ୍ତାର ନିଛାଟିଆ ଛକ ସ୍ଥାନମାନଙ୍କରେ କରିଥାଆନ୍ତି।

ଶବସତ୍କାର ପାଇଁ ଗ୍ରାମରେ କୌଣସି ନିର୍ଦ୍ଦିଷ୍ଟ ସ୍ଥାନ ନାହିଁ। ପୁଣି ଭୂମିଜମାନଙ୍କର ଶବସତ୍କାର ପଦ୍ଧତିରେ ମଧ୍ୟ କୌଣସି ନିର୍ଦ୍ଦିଷ୍ଟତା ନଥାଏ। ଶବକୁ ପୋଡି ଦିଅନ୍ତି କିମ୍ବା ପୋତି ପାରନ୍ତି। ଯିଏ କାଠ ବନ୍ଦୋବସ୍ତ କରି ପାରେ ନାହିଁ, ସେ ପ୍ରାୟତଃ ପୋତିଦିଏ। ଏଥିପାଇଁ ଗ୍ରାମର ନିକଟବର୍ତ୍ତୀ କୌଣସି ସରକାରୀ ଖୋଲା ସ୍ଥାନ ବ୍ୟବହୃତ ହୁଏ।

ଜନସଂଖ୍ୟା ବୃଦ୍ଧି ହେତୁ ପାଟଶାଣୀପୁର ଅଞ୍ଚଳରେ ଆବାଦୀ ଚାଷଜମି ଓ ବସତିମାନ ଗଢିଉଠିବା ଫଳରେ ଗୋଚର ଭୂମି ହ୍ରାସ ପାଇବାରେ ଲାଗିଛି। ଯାହା କିଛି କିଛି ସେଗୁଡିକରେ ପ୍ରାୟ ଖେଳକୁଦ କିମ୍ବା ସମୟ ବିଶେଷରେ ଯାନିଯାତ୍ରା ଆଦିର ଆୟୋଜନ କରାଯାଉଛି। ସେଥିପାଇଁ ଗୋରୁଗାଈଙ୍କୁ ଚରାଇବା ପାଇଁ ସ୍ୱତନ୍ତ୍ର ଗୋରୁଜଗାଳୀ ସେମାନଙ୍କୁ ନେଇ ପର୍ବତ-ପାହାଡାଦି ଅଞ୍ଚଳକୁ ଯାଇଥାଏ।

ବ୍ୟକ୍ତିଗତ ଭାବରେ ତଳିଆ ଜମି ପ୍ରାୟତଃ ୨୦/୨୫ ଏକର ରହିଛି। ସେଥିରେ ମୁଖ୍ୟତଃ ଗରୁଧାନ ଚାଷକରି ଲୋକେ ଭଲ ଫସଲ ଆମଦାନୀ କରିଥାଆନ୍ତି। ତଳିଆ ଜମିକୁ ଭୂମିଜମାନେ ଅଧିକ ପସନ୍ଦ କରନ୍ତି। କାରଣ ଏହାର ମାଟି ବର୍ଷଯାକ ଓଦା ରହୁଥିବାରୁ ଚାଷ କରିବାରେ କୌଣସି ଝିନ୍‌ଝଟ୍ ହୁଏ ନାହିଁ।

ଗ୍ରାମବାସୀଙ୍କର ପ୍ରାୟତଃ ୨୦ ଏକର ମଧ୍ୟରେ ଢିପ ଜମି ରହିଛି। ଏଗୁଡ଼ିକରେ ସେମାନେ ଇଲାଟ ଧାନ, ଲଘୁନା ଧାନ, କାକିରି ଧାନ ଚାଷ କରିବା ସହିତ ଘରବାଡ଼ି ପାଖାପାଖି ହୋଇଥିଲେ ମକା, ମୁଗ, ବିରି, କୋଳଥ ଓ ପନିପରିବା ମଧ୍ୟ ଚାଷ କରିଥାଆନ୍ତି। ଢିପ ଜମିରେ ୩ ମାସ ମଧ୍ୟରେ ଧାନ ପଚିଯାଏ। ତେଣୁ ବର୍ଷରେ ଥରେ ସେପରି ସୁଯୋଗ ସେମାନେ ଛାଡନ୍ତି ନାହିଁ।

**ପାରମ୍ପରିକ ସୁରକ୍ଷା ବ୍ୟବସ୍ଥା :**

ଗ୍ରାମର ସୁରକ୍ଷା ପାଇଁ ଗ୍ରାମର ପୂର୍ବ-ପଶ୍ଚିମ ଦିଗରେ ଥିବା ଗ୍ରାମ ଠାକୁରାଣୀଙ୍କ ଉପରେ ଭୂମିଜମାନେ ଗଭୀର ବିଶ୍ୱାସ ତଥା ଭରସା ରଖିଥାଆନ୍ତି। ସେମାନଙ୍କର ଧାରଣା ଯେ ଗ୍ରାମଦେବତୀଙ୍କ କୃପାରୁ ତାଙ୍କର ଗ୍ରାମ ସୁରକ୍ଷିତ ରହିଛି। ସେଥିପାଇଁ ଦେହୁରୀ ମାଧ୍ୟମରେ ସେମାନେ ଗ୍ରାମଦେବୀଙ୍କର ଆଶୀଷ ଲାଭ କରିବାକୁ ଯତ୍‌ପରୋନାସ୍ତି ଚେଷ୍ଟା କରନ୍ତି। ନିଷ୍ଠାର ସହିତ ସାମୂହୀକ ପୂଜାମାନ ଅନୁଷ୍ଠିତ ହୁଏ। ହାଣ୍ଡିଆ ରସି, ଭୋଗସାମଗ୍ରୀ, ପୂଜାଦ୍ରବ୍ୟାଦି ତଥା ପଶୁ-ପକ୍ଷୀଙ୍କୁ ବଳି ପ୍ରଦାନ ପୂର୍ବକ ଦେବୀଙ୍କୁ ସନ୍ତୁଷ୍ଟ କରାଯାଇଥାଏ। କୌଣସି ଦିଗରୁ ଗ୍ରାମ ପ୍ରତି ବିପଦ ଆଶଙ୍କା କରାଗଲେ, ଗ୍ରାମବାସୀ ମାନସିକ କରି ଦେବୀଙ୍କର ପୂଜାଅର୍ଚ୍ଚନା କରିଥାଆନ୍ତି। ଆଧ୍ୟାତ୍ମିକ ସଂପନ୍ନ ଭୂମିଜ ସଂପ୍ରଦାୟ ଗ୍ରାମର ସୁରକ୍ଷା ଦାୟିତ୍ୱ ପାରମ୍ପରିକ ଭାବରେ ଗ୍ରାମ ଠାକୁରାଣୀଙ୍କ ହାତରେ ସମର୍ପଣ କରି ନିର୍ଭୟରେ କାଳାତିପାତ କରନ୍ତି। ଏବେ ଅବଶ୍ୟ ପାଟଶାଣୀପୁର, ଅମ୍ବିକାଦେଇପୁର, ଆଦିପୁର, ବରହମ୍ପୁର, ଖଇାଡି ଓ ତେନ୍ତେଡା ପ୍ରଭୃତି ଗ୍ରାମ ପାଇଁ ଜଣେ ଗ୍ରାମରକ୍ଷୀ ସରକାରୀ ଭାବରେ ନିଯୁକ୍ତି ଦିଆଯାଇଛି। ସେ ଗ୍ରାମର ସୁରକ୍ଷା ଦିଗରେ ସଜାଗ ଥାଆନ୍ତି। ଆବଶ୍ୟକ ପଡ଼ିଲେ ୫/୬ କି.ମି. ଦୂର କୁଣ୍ଡାବାଇ ଫାଣ୍ଡିର ସହାୟତା ନିଆଯାଏ।

ବସତି ରକ୍ଷକ ମୁଖ୍ୟତଃ ଗ୍ରାମଦେବୀ। ପାଟଶାଣୀପୁର ଗ୍ରାମର ପୂର୍ବ ପଟେ କୁଟାଶୁଣୀ ଦେବୀ ଏବଂ ପଶ୍ଚିମ ଦିଗରେ ପ୍ରତ୍ୟକ୍ଷ ବିରାଟପାଟ ଠାକୁରାଣୀ ଭୂମିଜ ବସତିକୁ ସୁରକ୍ଷା ପ୍ରଦାନ କରୁଥିବାର ଗ୍ରାମବାସୀମାନଙ୍କର ଦୃଢ଼ ବିଶ୍ୱାସ। ଯେକୌଣସି ପ୍ରକାର ବିପଦର ଆଶଙ୍କା କରାଗଲେ ଦେବୀଙ୍କଠାରେ ପୂଜାଅର୍ଚ୍ଚନା ହୁଏ। ଗ୍ରାମ ପ୍ରତି ଶତ୍ରୁ ଆକ୍ରମଣ କିମ୍ବା ସଂକ୍ରାମକ ରୋଗବ୍ୟାଧିର ସୂଚନା ମିଳିଲେ ଜରୁରୀକାଳୀନ ଭିତ୍ତିରେ ଗ୍ରାମସଭାର ବୈଠକ ଆହ୍ୱାନ କରାଯାଏ ଏବଂ ସଭାର ନିଷ୍ପତ୍ତି ଅନୁଯାୟୀ ସଭାପତିଙ୍କ ନିର୍ଦ୍ଦେଶରେ ସମସ୍ତ ଗ୍ରାମବାସୀ ଏକତ୍ରିତ ହୋଇ ଶତ୍ରୁର ମୁକାବିଲା କରିବା ପାଇଁ ପ୍ରସ୍ତୁତ ହୋଇଯାଆନ୍ତି। ପୁଣି ରୋଗବ୍ୟାଧି ପାଇଁ ଦେହୁରୀଙ୍କ ଦ୍ୱାରା ପୂଜାପାଠରେ ଆୟୋଜନ

କରାଯାଇଥାଏ। ଘାତକ ରୋଗବ୍ୟାଧି ଜନିତ କାରଣରୁ ଗୋସଂପଦ ନଷ୍ଟ ହେଲେ ମଧ୍ୟ ଗ୍ରାମଦେବୀଙ୍କଠାରେ ପୂଜାପାଠ ପୂର୍ବକ ମାନସିକ କରନ୍ତି। ସାମୂହୀକ ଭାବେ ସମସ୍ତ ଗ୍ରାମବାସୀ ଏକତ୍ରିତ ହୋଇ ନିଷ୍ଠାର ସହିତ ଦେବୀଙ୍କ ପୂଜାରେ ଅଂଶ ଗ୍ରହଣ କରିଥାଆନ୍ତି। ଦେହୁରୀ ନିଜର ପୂଜାମନ୍ତ ଓ ଆଧାତ୍ମିକ ଶକ୍ତି ବଳରେ ଗ୍ରାମର ମଙ୍ଗଳ ସକାଶେ ଦେବୀଙ୍କଠାରେ ଆଶୀଷ ଭିକ୍ଷା କରୁଥିବା ଜଣାଯାଏ ଏବଂ ଦେହୁରୀଙ୍କ ମାଧ୍ୟମରେ ଗ୍ରାମବାସୀ ଦେବୀ କୃପା ଲାଭ କରି ସମସ୍ତ ବିପତ୍ତିକୁ ଟାଳି ଦେଇ ପାରନ୍ତି। ଗ୍ରାମର ରୋଗବ୍ୟାଧି ଦୂରେଇ ଯାଇ ଶାନ୍ତି ସହାବସ୍ଥାନ କରେ। ସେଥିପାଇଁ ମାନସିକ ପୂଜା ମଧ୍ୟ ହୁଏ। ଆବଶ୍ୟକ ସଂଖ୍ୟକ ବଳି ଚଢାଯାଏ। ଏବେ ଅବଶ୍ୟ ବସତି ସୁରକ୍ଷା ପାଇଁ ପାରମ୍ପରିକ ପଦ୍ଧତି ସହିତ ଆଧୁନିକ ଚିକିତ୍ସା ମଧ୍ୟ ଗ୍ରହଣ କରାଯାଉଛି। କୁଣ୍ଡାବାଇ ଓ ଶ୍ରୀଦାମଚନ୍ଦ୍ରପୁରଠାରେ ଥିବ ଡାକ୍ତରଖାନାର ସହାୟତା ଲୋଡ଼ୁଛନ୍ତି କିମ୍ବା ଆବଶ୍ୟକ ସ୍ଥଳେ ସହରାଞ୍ଚଳ ଡାକ୍ତରଖାନାକୁ ଯାଉଛନ୍ତି। ଦୂରଦୂରାନ୍ତରୁ ଛୋଟକାଟିଆ ଔଷଧ ବିକାଳୀମାନେ ଗ୍ରାମକୁ ଆସି ଖୁଚୁରା ଔଷଧ ବିକ୍ରି କରୁଥିବାର ମଧ୍ୟ ଦେଖାଯାଉଛି। ଅଙ୍ଗନବାଡି ଶିକ୍ଷୟତ୍ରୀ ମାଲେରିଆ ବଟିକା ବିତରଣ କରୁଛନ୍ତି। ଏହା ବ୍ୟତୀତ ଗ୍ରାମରେ ସରକାରୀ ନିଯୁକ୍ତ ଜଣେ N.M. ଅଛନ୍ତି। ସେ ଖୁଚୁରା ଔଷଧ ଦେବା ସଙ୍ଗେ ସଙ୍ଗେ ପୋଲିଓ ଓ ସ୍କୁଲ ପିଲାମାନଙ୍କୁ ଟିଟାନାସ୍ ଇଞ୍ଜେକସନ୍ ମଧ୍ୟ ଦେଉଛନ୍ତି। ସେ ଗ୍ରାମଗୁଡିକରେ ଜନ୍ମମୃତ୍ୟୁର ବିବରଣୀ ରଖନ୍ତି ଏବଂ ସନ୍ତାନ ପ୍ରସବରେ ଅସୁବିଧା ହେଲେ ସେ ସହାୟତା ପ୍ରଦାନ କରିଥାଆନ୍ତି।

ପୁଣି ବସତିକୁ ରକ୍ଷା କରିବାରେ ଗୁଣିଆ / ଦେଓଣାଙ୍କ ଭୂମିକା ମଧ୍ୟ କିଛି କମ୍ ନୁହେଁ। କାରଣ ଭୂମିଜମାନେ ମନ୍ତ୍ର-ତନ୍ତ୍ର, ଗୁଣିଗାରେଡିକୁ ଭାରି ବିଶ୍ୱାସ କରନ୍ତି। ଧର୍ମ ସହିତ ଯାଦୁଧର୍ମ ପଥ ଅନୁସରଣ ପୂର୍ବକ ଗୁଣିଆ ଦ୍ୱାରା ଗ୍ରାମ ସୀମାନ୍ତ କିଳାଯାଏ। ଗୁଣିଆ ତନ୍ତ୍ର ପ୍ରୟୋଗ କରି ମନ୍ତୁରା ସୋରିଷ ଏବଂ ଲୁହା କଣ୍ଟା ଗ୍ରାମ ଚତୁଃପାର୍ଶ୍ୱରେ ବୁଣିଦିଅନ୍ତି କିମ୍ବା ପୋତି ଦେଇଥାଆନ୍ତି। ତଦ୍ୱାରା ସମସ୍ତ ପ୍ରକାର ଅପଶକ୍ତି / ଦୁଷ୍ଟ ଦେବଦେବୀଙ୍କ ପ୍ରଭାବରୁ ଗ୍ରାମଟି ସୁରକ୍ଷିତ ରହେ। ବସ୍ତୁତଃ ପ୍ରତ୍ୟେକ ଗ୍ରାମବାସୀ ନିଜର ବସତି ସୁରକ୍ଷା ଦିଗରେ ବେଶ୍ ସଚେତନ।

ଭୂମିଜ ସଂପ୍ରଦାୟ ନିଜର ବସତି ପଦ୍ଧତିଠାରୁ ବସତିର ସୁରକ୍ଷା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟଧାରାରେ ଧର୍ମ ତଥା ଯାଦୁଧର୍ମ (ତନ୍ତ୍ର) ଉପରେ ବେଶ୍ ଗୁରୁତ୍ୱ ଆରୋପ କରୁଥିବାର ଏଥିରୁ ସ୍ପଷ୍ଟ ହୋଇଥାଏ।

❑ ❑ ❑

# ବାସଗୃହ (ଅଡାଃ)

ସାମାଜିକ ମଣିଷର ଜୀବନ ଧାରଣ ପାଇଁ ଖାଦ୍ୟ ବସ୍ତ୍ର ପରି ବାସଗୃହର ଆବଶ୍ୟକତା ଅପରିହାର୍ଯ୍ୟ । ସେଥିପାଇଁ ଯେବେଠାରୁ ମଣିଷ ଯାଯାବର ଜୀବନ ପରିହାର କରି ସମାଜ ଗଠନ ପୂର୍ବକ ବସତି ସ୍ଥାପନର ପରିକଳ୍ପନା କଲା, ଆପଣାଛାଏଁ ବାସଗୃହ ପ୍ରସଙ୍ଗ ଉତ୍‌ଥାପିତ ହୋଇଗଲା ।

ସଂପ୍ରଦାୟ ଭିତ୍ତିରେ ବାସଗୃହ ନିର୍ମିତ ହୋଇଥାଏ । ସ୍ଥାନ, କାଳ, ପାତ୍ର ଅନୁଯାୟୀ ଏହାର ନିର୍ମାଣ ଶୈଳୀରେ ଭିନ୍ନତା ପରିଲକ୍ଷିତ ହୁଏ ଏବଂ ତଦନୁଯାୟୀ ତାହା ବ୍ୟବହାର କରାଯାଇଥାଏ ।

ଭୂମିଜ ସଂପ୍ରଦାୟ ଚର୍ଚ୍ଚିତ ମୁଣ୍ଡା ଗୋଷ୍ଠୀ ଅନ୍ତର୍ଭୁକ୍ତ ହୋଇଥିବାରୁ ଏମାନଙ୍କର ବାସଗୃହ ନିର୍ମାଣ କଳା ଅତି ପ୍ରାଚୀନ ତଥା ଶୈଳୀ ଅପେକ୍ଷାକୃତ ଉଚ୍ଚ ମାନର । ଭୂମିଜ ମାନଙ୍କର ବସତି ସ୍ଥାନ ସାଧାରଣତଃ ଜଙ୍ଗଲ-ପାହାଡ ସମୀପବର୍ତ୍ତୀ ଅଂଚଳରେ ଥାଏ ଏବଂ ସେମାନଙ୍କର ମୁଖ୍ୟ ଜୀବିକା କୃଷି । ସେହି ଦୃଷ୍ଟିରୁ ଭୂମିଜ-ବାସଗୃହଗୁଡିକ ମୁଖ୍ୟତଃ ଜଙ୍ଗଲରୁ ସଂଗୃହୀତ ତଥା ସ୍ଥାନୀୟ ଉପକରଣ ସହାୟତାରେ ହିଁ ଗଠିତ ହୋଇଥାଏ ।

**ପାରଂପରିକ ବାସଗୃହର ଦୃଶ୍ୟ :**

ଭୂମିଜମାନଙ୍କର ବାସଗୃହ ଝାଟିମାଟିରେ ନିର୍ମିତ ହୋଇ ନଡା /କୁଟା ଛପରରେ ବ୍ୟବହୃତ ହୁଏ । ପାରଂପରିକ ବାସଗୃହରେ ତିନୋଟି କୋଠରୀ ଓ ଦାଣ୍ଡିଘର ଥାଏ । ଝରକା ରହେ ନାହିଁ । ଦ୍ୱାରଗୁଡିକରେ କେବଳ ତାଟି ଲଗାଇ ଥାଆନ୍ତି । ଘରଗୁଡିକ ପୂର୍ବ-ପଶ୍ଚିମ ଦିଗ ଅନୁଯାୟୀ କରାଯାଏ । ସମ୍ମୁଖଭାଗ ଦକ୍ଷିଣକୁ ଥାଏ, କାରଣ ଉତ୍ତର-ଦକ୍ଷିଣ ଘର ହେଲେ ସୂର୍ଯ୍ୟ ଘର ଉପର ଦେଇ ଯାଉଥିବାରୁ, ଏହାକୁ ସୂର୍ଯ୍ୟ ଡିଆଁ ଘର କୁହାଯାଏ । ଏହା ଦ୍ୱାରା ଗୃହ-ପରିବାରକୁ ପୀଡା ହୁଏ ବୋଲି ଭୂମିଜମାନଙ୍କର ବିଶ୍ୱାସ । ଘର ଗୁଡିକରେ ପିଣ୍ଡା ପ୍ରାୟତଃ ନଥାଏ । ନତୁବା ଚାଖଣ୍ଡେ /ଦିଚାଖଣ୍ଡ ଓସାରରେ ପିଣ୍ଡା କରାଯାଇଥାଏ । ଏହାର ଉଚ୍ଚତା ବେଶୀ ହେଉନଥିବାରୁ ଘର ଭିତରକୁ ପ୍ରବେଶ କରିବା ସମୟରେ ଚାଳ ପ୍ରାୟତଃ ମୁଣ୍ଡରେ ଲାଗେ । ତେଣୁ ଅଣ୍ଟ ନଇଁ ଯିବାକୁ ହୁଏ । ବସ୍ତୁତଃ କୋଠରୀର ଆକାର ଛୋଟ ହେଉଥିବାରୁ ବାସଗୃହ ଗୁଡିକ ସ୍ୱଳ୍ପ ପରିମିତ ସ୍ଥାନରେ କରାଯାଇଥାଏ ।

**ବାସଗୃହର ଗଠନ :**

ପାରଂପରିକ ଭୂମିଜ-ବାସଗୃହର ଉଚ୍ଚତା ହାରାହାରି ୧୦/୧୧ ଫୁଟ ହୋଇଥାଏ। ଅଧିକ ଉଚ୍ଚ କଲେ ଝଡ଼ବତାସର କ୍ଷତିଗ୍ରସ୍ତ ହେବାର ଧାରଣା ଏମାନଙ୍କର ଥାଏ। ପ୍ରକୋଷ୍ଠ ସଂଖ୍ୟା ତିନୋଟି ହୁଏ । ପ୍ରକୋଷ୍ଠ ଗୁଡ଼ିକ ଧାଡ଼ିଧାଡ଼ି ଲଗାଲଗି ହୋଇ ରହିଥାଏ। ଦାଣ୍ଡି ବାଗରେ ନିର୍ମାଣ କରାଯାଏ । ପୂରଘର ହୁଏ ନାହିଁ । ପ୍ରକୋଷ୍ଠ ଗୁଡ଼ିକର ଦୈର୍ଘ୍ୟ ୬/୭ ହାତ ଓ ପ୍ରସ୍ଥ ୪/୫ ହାତ କିମ୍ବା ଅଧିକ କମ୍ ମଧ୍ୟ ହୋଇପାରେ । କୋଠରୀର ଆକାରରେ କୌଣସି ପ୍ରଭେଦ ପରିଲକ୍ଷିତ ହୁଏ ନାହିଁ । ପ୍ରତ୍ୟେକ ପ୍ରକୋଷ୍ଠରେ ଗୋଟିଏ ଲେଖାଁଏ ଦ୍ୱାର ରହେ । ଏଗୁଡ଼ିକ ଗୃହର ସମ୍ମୁଖ ଭାଗକୁ ହୋଇଥାଏ । କୋଠରୀ କୋଠରୀ ମଧ୍ୟରେ ଦ୍ୱାର ରହେ ନାହିଁ । ସବୁ ଦ୍ୱାର ବାହାରକୁ ହୁଏ । ଦ୍ୱାର ବନ୍ଦ ପାଇଁ ଅନାବନା କାଠ ବା ବାଉଁଶ ବ୍ୟବହୃତ ହୋଇଥାଏ । ଏଥିରେ କବାଟ ଲାଗେ ନାହିଁ । ବାଉଁଶରେ ନିର୍ମିତ ତାଟି ଲଗାଯାଏ । ବାଉଁଶକୁ ଫାଳ କରି ଧାଡ଼ିଧାଡ଼ି ରଖି ପୁଣି ବାଉଁଶ କୁଣି ସାହାଯ୍ୟରେ ତା' ଉପରେ ବାଉଁଶ ବାନ୍ଧନ୍ତି । ସେହି ତାଟିକୁ ଦ୍ୱାରବଂଧ ସହିତ ବାଉଁଶ କୁଣି ଦ୍ୱାରା ବାନ୍ଧି ଦିଆଯାଏ। ଏଗୁଡ଼ିକର ଲମ୍ବ ସାଧାରଣତଃ ୩/୪ ହାତ ଓ ଓସାର ୧/୨ ହାତ ହୁଏ । ଏକ ପାଖିଆ ତାଟି କରାଯାଏ । ଏହାର ପ୍ରତ୍ୟେକଟି ଅଂଶ ବାଉଁଶରେ ହିଁ ହୁଏ । କଣ୍ଟା କିମ୍ବା ତାର ଲାଗେ ନାହିଁ । କେହି କେହି ବାଉଁଶ ସହିତ ଅନାବନା ଗଛର ଝଂଗ ମଧ୍ୟ ଲଗାଇ ଥାଆନ୍ତି । ସବୁ ଦ୍ୱାର ପାଇଁ ଗୋଟିଏ ଲେଖାଁଏ ତାଟି ବ୍ୟବହୃତ ହୋଇଥାଏ ।

ପ୍ରକୋଷ୍ଠ ଗୁଡ଼ିକରେ ଝରକା ବ୍ୟବସ୍ଥା ହୋଇ ନଥାଏ । ସେ ମଧ୍ୟରୁ ଦୁଇଟି ପ୍ରକୋଷ୍ଠରେ ମଣିଷେ ଉଚ୍ଚର ଗୋଟିଏ ଲେଖାଏଁ ଛୋଟ ଗୋଲାକୃତି କଣା କରିଥାଆନ୍ତି । ସେଗୁଡ଼ିକ ବନ୍ଦ କରାଯାଏ ନାହିଁ, ଖୋଲା ରହେ । କେବଳ ଭଣ୍ଡାର ଘର ବା ଧାନ ଘରଟିରେ କଣା ରଖାଯାଏ ନାହିଁ । ରୋଷେଇ ଘର ଓ ଶୋଇବା ପ୍ରକୋଷ୍ଠ ଗୁଡ଼ିକରେ କଣା ରଖାଯାଇ ଥାଏ । ଏହି କଣା ଗୁଡ଼ିକ ଗୃହର ପଛ ପଟକୁ କରାଯାଏ। ତେଣୁ ଭୂମିଜ ମାନଙ୍କର ପାରଂପରିକ ବାସଗୃହ ଗୁଡ଼ିକ ଅନ୍ଧାରୁଆ ବୋଧହୁଏ ।

**ବାସଗୃହ ନିର୍ମାଣ :**

ବାସଗୃହ ନିର୍ମାଣ ପାଇଁ ପ୍ରଥମେ ଉପଯୁକ୍ତ ବା ପସନ୍ଦ ମୁତାବକ ସ୍ଥାନ ନିରୂପିତ ହୁଏ। ସ୍ଥାନ ନିରୂପଣ ପରେ ସଂପୃକ୍ତ ସ୍ଥାନର କୌଣସି ଅଂଶକୁ ଗୋବରରେ ଲିପି ଦିଅନ୍ତି

ଏବଂ ସେଠାରେ ଗୋଟିଏ ନୋଟାରେ ପାଣି ପୂର୍ଣ୍ଣ କରି ଧର୍ମ ଦେବତାଙ୍କୁ ସାକ୍ଷୀ ରଖି ଥୋଇଦିଆଯାଏ। ଜଳପୂର୍ଣ୍ଣ ନୋଟାଟିକୁ ଭଲ ଭାବରେ ଘୋଡାଇ ଦେଇଥାଆନ୍ତି। ତହିଁ ପରଦିନ ସକାଳେ ତାହା ଖୋଲାଯାଏ। କୌଣସି କାରଣରୁ ହେଲେ ମଧ୍ୟ ଯଦି ନୋଟାରୁ ଜଳ ହ୍ରାସ ପାଇଥାଏ, ତେବେ ସେଠାରେ ବାସଗୃହ ନିର୍ମାଣ କରାଯାଏ ନାହିଁ। ତାହା ଗୃହ ଉପଯୋଗୀ ସ୍ଥାନ ନୁହେଁ ବୋଲି ଭୂମିଜମାନେ ବିଶ୍ୱାସ କରନ୍ତି। କିନ୍ତୁ ନୋଟାର ପାଣି ଠିକ୍ ଥିଲେ ଗୃହ ନିର୍ମାଣ ପାଇଁ ପଦକ୍ଷେପ ନିଆଯାଇଥାଏ।

ପ୍ରଥମେ ଦଉଡି ସାହାଯ୍ୟରେ ସ୍ଥାନଟିକୁ ମାପ କରାଯାଏ । ସେହିଦିନ ସେହି ସ୍ଥାନରେ (ଗୋଟିଏ କୋଣରେ) ଗୋଟିଏ ଲମ୍ବା କାଠ ବା ବାଉଁଶ ପୋତନ୍ତି । ତାହାର ମୂଳଟିକୁ ଭଲ ଭାବରେ ପୋତି ଗୋବରରେ ଲିପି ଦିଆଯାଏ । ପୋତା ଯାଇଥିବା କାଠର ଅଗ୍ରଭାଗରେ କୁଟା ଏବଂ ଆମ୍ବଡାଳ ବାନ୍ଧିଥାଆନ୍ତି । ତା'ପରେ ଲିପା ହୋଇ ଥିବା ସ୍ଥାନରେ ଗୃହକର୍ତ୍ତା ନିଜେ ଫୁଲ, ଧୂପ, ସିନ୍ଦୁର, ଅରୁଆ ଚାଉଳ ଦେଇ ପୂଜା କରନ୍ତି । ଏଠାରେ ଧର୍ମଦେବତାଙ୍କୁ ପୂଜା କରାଯାଇଥାଏ । ଗୃହ ନିର୍ମାଣ କାଳରେ କୌଣସି ପ୍ରକାର ବାଧାବିଘ୍ନ ନ ଆସିବାକୁ ଧର୍ମ ଦେବତାଙ୍କଠାରେ ଗୃହକର୍ତ୍ତା ବିନତୀ କରିଥାଆନ୍ତି । କାଠ ବା ବାଉଁଶଟି ସେହିପରି ସେଠାରେ ଗୃହନିର୍ମାଣ ଶେଷ ହେବାଯାଏଁ ପୋତା ଯାଇଥାଏ । ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୁଏ ।

ଗୃହ ନିର୍ମାଣ ପାଇଁ ଆବଶ୍ୟକ କଞ୍ଚାମାଲ ବା ଉପକରଣ ଭୂମିଜମାନେ ଜଙ୍ଗଲରୁ ସଂଗ୍ରହ କରିବା ସହିତ ଧାନକଟା ପରେ ବାହାରୁଥିବା କୁଟା /ନଡାରେ ଘର ଛପର କରିଥାଆନ୍ତି । ଭୂମିଜ ବସତି ଗୁଡିକ ପ୍ରାୟତଃ ଜଙ୍ଗଲ-ପାହାଡ ଅଂଚଳରେ ହୋଇଥିବାରୁ ଗୃହ ନିର୍ମାଣରେ ବ୍ୟବହୃତ ଉପକରଣ ଗୁଡିକ ସହଜ ଓ ସୁବିଧାରେ ଉପଲବ୍ଧ ହୋଇପାରେ । ଏତଦ୍ ଭିନ୍ନ ସେମାନେ ସମସ୍ତେ ଧାନଚାଷ କରୁଥିବାରୁ କୁଟାର ଅଭାବ ହୁଏ ନାହିଁ । ଜଙ୍ଗଲରୁ ସେମାନେ କାଠ, ବାଉଁଶ, ଅନାବନା ଝଟା ଆଦି ସଂଗ୍ରହ କରିଆଣନ୍ତି। କାନ୍ଥ ପାଇଁ ବ୍ୟବହୃତ ହେଉଥିବା ମାଟି ସେମାନଙ୍କର ଆଗପାଖରେ ପ୍ରଚୁର ଥାଏ। ତେଣୁ ବାସଗୃହ (ପାରଂପରିକ) ନିର୍ମାଣ ପାଇଁ ଭୂମିଜମାନଙ୍କୁ ଅଧିକ ଖର୍ଚ୍ଚ, ସମୟ ବା କଷ୍ଟ ସ୍ୱୀକାର କରିବାକୁ ପଡିନଥାଏ।

ଗୃହ ନିର୍ମାଣ ପାଇଁ ପ୍ରଥମେ ମାପ ଅନୁଯାୟୀ ଚାରିକୋଣରେ ଚାରୋଟି କାଠର ଖୁଣ୍ଟ ପୋତାଯାଏ ଏବଂ ଲମ୍ବା ବାଗରେ ଦୁଇ ଖୁଣ୍ଟର ମଝିଅଂଶରେ ଅଧିକ ଦୁଇଟି ଖୁଣ୍ଟ ରହେ।

ଖୁଣ୍ଟ ଗୁଡ଼ିକର ଓସାର (ଗୋଲ) ୧ ଫୁଟ ହେଉଥିବା ସ୍ଥଳେ ଲମ୍ବ ପ୍ରାୟତଃ ଛଅ ହାତ ହୁଏ। ଖୁଣ୍ଟଗୁଡ଼ିକୁ ସଂଯୋଗ କରିବା ପାଇଁ କାଠର ଦଣ୍ଡା ଲାଗେ ଓ ମଝିରେ ଶେଣୀ (କାଠର) ରହେ। ଚାରୋଟି ଘୁଡ଼ିଆକୁ ବାଗିସିରେ ଖାପି କରାଯାଇ ତା' ଉପରେ ଶେଣୀ ବସାଯାଏ। ଶେଣୀ ଏବଂ ଦଣ୍ଡାର ମଧ୍ୟ ସ୍ଥଳରେ ବାଉଁଶ ଗୁଅ ପକାଇ ତା' ଉପରେ ବାଉଁଶ ଝଟା ଓ କୁଣି ବା ଅନାବନା ଝଟା ବିଛା ଯାଇଥାଏ। ପୁଣି ସେହି ଝଟାଗୁଡ଼ିକ ମଜଭୁତ ରଖିବା ପାଇଁ ବାଉଁଶ ବତା ବାନ୍ଧିବାକୁ ପଡେ। ଘରର ଛାଞ୍ଚଟି ହୋଇଗଲା ପରେ ଛପର କରିବା ପୂର୍ବରୁ ପ୍ରଥମେ ଝଟାର ତଳ ଅଂଶରେ କୁଟାର କାଚ ଦିଆଯାଏ। (କୁଟା ବିଡାକୁ ମଝି ଅଂଶରେ ପାଖାପାଖି ଦୁଇପଟ ବାନ୍ଧି, ଠିକ୍ ମଧ୍ୟ ସ୍ଥଳରେ ଅଧା କାଟି ଦେଇ ବଙ୍କାଇ ଦିଅନ୍ତି ଏବଂ ସେହିପରି ଘରର ଚତୁଃପାର୍ଶ୍ୱର ତଳ ଅଂଶରେ ବିଛାଇ ନେଇଥାଆନ୍ତି) ଏହି କାଚଗୁଡ଼ିକ ମଧ୍ୟ ଶକ୍ତ ରଖିବା ପାଇଁ ବାଉଁଶ ବତାରେ ବନ୍ଧାଯାଇଥାଏ । କାଚ ବସି ସାରିବା ପରେ ତଳୁ ଉପର ଆଡକୁ କୁଟା ଛାଆଣୀ କରିନିଅନ୍ତି। ଛାଆଣୀର ପ୍ରତ୍ୟେକ ସ୍ତରକୁ ବାଉଁଶ ବତାରେ ବାନ୍ଧିବାକୁ ପଡେ। ଏହାଦ୍ୱାରା ଛାଆଣୀ/ଛପର ମଜଭୁତ ହୋଇଥାଏ । ପବନ-ବାତ୍ୟାରୁ ରକ୍ଷା ମିଳେ। ଏହି କ୍ରମରେ ଘରର ଚୂଳ ପର୍ଯ୍ୟନ୍ତ କୁଟା ସ୍ତର ସ୍ତର ବିଛାଯାଏ ଏବଂ ଉପର ଚୂଳରେ(ସଂଯୋଗ ସ୍ଥାନ) ଖାଲିଥିବା ସ୍ଥାନ ସବୁକୁ କୁଟାବିଡା ଦ୍ୱାରା ଆବୃତ କରିଥାଆନ୍ତି। ଚୂଳମରା ସମୟରେ ଅଧିକ ସତର୍କ ରହିବାକୁ ପଡେ। କାରଣ ସେଥିରେ କାମ କଞ୍ଚା ହେଲେ ବର୍ଷାପାଣି ନିଶ୍ଚିତ ଘର ଭିତରକୁ ଝରିଥାଏ। ତେଣୁ ଚୂଳ ଉପରେ କୁଟା ବିଡାଗୁଡ଼ିକ (ଚାରିପଟରୁ ଆସିଥିବା କୁଟା ଅଂଶକୁ ଚାପିଦେଇ) ଲମ୍ବ ଲମ୍ବ ଶୁଆଇ ଦିଆଯାଏ ଏବଂ ସେଗୁଡ଼ିକ ଭଲ ଭାବରେ ମଜଭୁତ ରଖିବାକୁ ବାଉଁଶ ବତା ବାନ୍ଧିବାକୁ ପଡେ। ଆବଶ୍ୟକ ଅନୁଯାୟୀ ବାନ୍ଧିବା ସ୍ଥାନରେ କେବଳ ବାଉଁଶ କୁଣି ହିଁ ବ୍ୟବହୃତ ହୁଏ। ଛପର ବା ଛାଆଣୀ ହେବା ପରେ ଝାଟିମାଟିରେ ଭୁଗୁଡା କାନ୍ଥ ପ୍ରସ୍ତୁତ କରାଯାଏ। ପ୍ରଥମେ ବାଉଁଶ ଝଟା-କୁଣି କିମ୍ବା ଅନ୍ୟାନ୍ୟ ଗଛର ଲମ୍ବା ଲମ୍ବା ଝଟାକୁ ଧାଡି ଧାଡି କାନ୍ଥ ମାପରେ ପୋତି ନିଅନ୍ତି । ଆବଶ୍ୟକ ସ୍ଥଳେ ଝଟାଗୁଡ଼ିକୁ ଶକ୍ତ କରିବା ପାଇଁ ଅଳ୍ପ ମୋଟାର ଗୋଟିଏ ଲେଖାଏଁ ଖୁଣ୍ଟ ମଧ୍ୟ ମଝିରେ ମଝିରେ ପୋତୁଥିବାର ଦେଖାଯାଇଥାଏ । ଝଟାଗୁଡ଼ିକ ସିଧା ଉପରକୁ ଲମ୍ବାଇ ନେଇ ଦଣ୍ଡା ସହିତ ସଂଯୋଗ କରିବା ସହିତ ଝଟାର ମଝିଅଂଶକୁ ବାଉଁଶ ବତାରେ ଚାପି ରଖି ବାନ୍ଧି ଦିଆଯାଏ । ଏହିପରି କାନ୍ଥର ଛାଞ୍ଚ ହୋଇଗଲା ପରେ ମାଟି ଓ ପାଣି ମିଶାଇ କାଦୁଅ ଚକଟି ଥାଆନ୍ତି । କାନ୍ଥ କରିବା ପାଇଁ ବାଲିଆ ମାଟି ବ୍ୟବହୃତ ହୁଏ ଏବଂ

ତହିଁରେ ଅଳ୍ପ ଗୋବର ମିଶେ । ଏହାଦ୍ୱାରା କାନ୍ଥ ଅଧିକ ମଜଭୁତ ହୋଇଥାଏ । ସେହି କାଦୁଅକୁ ନେଇ ସଜ୍ଜିତ ଥିବା ଝଟା ଉପରେ ଉଭୟ ପାର୍ଶ୍ୱରେ ଛାଟି ଦିଆଯାଏ । ଦୁଇପାଖ ଯାକ ବହଳ କରି କାଦୁଅ ଛାଟିଦେବା ପରେ ହାତ ସାହାଯ୍ୟରେ କାନ୍ଥକୁ ସମାନ କରିଦିଅନ୍ତି । ଏହିପରି କିଛି ଦିନ ଶୁଖିବା ପାଇଁ ଛାଡିଦିଆଯାଏ । ଶୁଖିବା ଅବସ୍ଥାରେ ଯେଉଁଠି କାନ୍ଥର ମାଟି ଫାଟିଯାଏ, ତାହାକୁ ପୁଣି କାଦୁଅ ଲଗାଇ ପୂରଣ କରନ୍ତି । କାନ୍ଥ ସଂପୂର୍ଣ୍ଣ ଶୁଖିବା ପୂର୍ବରୁ କାଦମାଟି ଓ ଗୋବର ମିଶାଇ ପୁନଶ୍ଚ ପ୍ରଲେପ ଦିଆଯାଏ ଏବଂ କାନ୍ଥ ସଂପୂର୍ଣ୍ଣ ଶୁଖିଗଲା ପରେ ଧଳାମାଟି (ବିଲ ମାଟି)ରେ ଲିପି ଦିଅନ୍ତି । ଅନ୍ୟ କୌଣସି ରଂଗମାଟି ପ୍ରାୟତଃ ଭୂମିଜମାନେ ବ୍ୟବହାର କରନ୍ତି ନାହିଁ । ପୁଣି କାନ୍ଥ କରିବା ସମୟରେ (ଝାଟି ଲଗାଇବା ସମୟରୁ) ପ୍ରକୋଷ୍ଠ ଭାଗ କରିବା ପାଇଁ ମଝିରେ ଦୁଇଟି କାନ୍ଥ ଦିଆଯାଏ । ମଝି ପ୍ରକୋଷ୍ଠକୁ ଛାଡି ଅନ୍ୟ ଦୁଇଟି ପ୍ରକୋଷ୍ଠର ପଛପାଖ କାନ୍ଥରେ ଗୋଟିଏ ଲେଖାଏଁ କଣା ରହେ । ପ୍ରତ୍ୟେକ ପ୍ରକୋଷ୍ଠର ସମ୍ମୁଖ ଭାଗରେ ମାପ ଅନୁଯାୟୀ ଦ୍ୱାର କରିବାକୁ ଫାଙ୍କା ରଖାଯାଇଥାଏ । କାନ୍ଥରେ ଭୂମିଜମାନେ କୌଣସି ପ୍ରକାର ଚିତ୍ର କରିନ୍ତି ନାହିଁ । କାନ୍ଥକୁ ରଙ୍ଗବେରଙ୍ଗ ମଧ୍ୟ କରିବାର ଦେଖାଯାଏ ନାହିଁ । କେବଳ ଅର୍ଦ୍ଧଚନ୍ଦ୍ରାକୃତି ଆକାରରେ ବିଲମାଟି ଦ୍ୱାରା ଲେପନ କରାଯାଇଥାଏ । କାନ୍ଥର କଣା ଦୁଇଟିରେ ମାଟିର ପ୍ରଲେପ ଦେଇ ଗୋଲ ଆକାରରେ ସମାନ କରିଦିଅନ୍ତି । ଗୃହଟି ସଂପୂର୍ଣ୍ଣ ହୋଇ ସାରିବା ପରେ ସାଧାରଣ ଅନାବନା କାଠ ବା ବାଉଁଶରେ ଦ୍ୱାରବନ୍ଧ ଲଗାଇ ସେଥିରେ ବାଉଁଶ ତାଟି ବାନ୍ଧି ଥାଆନ୍ତି । ବାଉଁଶକୁ ଫାଳ କରି ଧାଡିଧାଡି ରଖି, ତାର ଚତୁଃପାର୍ଶ୍ୱ ଓ ମଝିଅଂଶକୁ ବାଉଁଶ ଦ୍ୱାରା ବନ୍ଧାଯାଇଥାଏ । ସେହିପରି ତିନୋଟି ତାଟି ପ୍ରତ୍ୟେକ ପ୍ରକୋଷ୍ଠର ଦ୍ୱାର ବଂଧରେ ବାଉଁଶ କୁଣି ଦ୍ୱାରା ଝୁଲାଇ ଦିଆଯାଏ । ତାଟି ଗୁଡିକ ଗୋଟିଏ ପାଖରେ ବନ୍ଧା ହୁଏ ଏବଂ ଗୋଟିଏ ପାଖକୁ ଖୋଲାଯାଏ । ବାସଗୃହର ତଳ ଅଂଶରେ ମାଟିକାଦୁଅ ପକାନ୍ତି । ତାହା ଶୁଖିଆସିଲେ ପଥରରେ ଘଷି ସମାନ କରିଥାଆନ୍ତି, ଏବଂ ସଂପୂର୍ଣ୍ଣ ଶୁଖିଗଲେ ଗୋବର ମିଶ୍ରିତ ମାଟିରେ ଲେପନ କରାଯାଏ । ଭୂମିଜ ମାନଙ୍କର ପାରଂପରିକ ବାସଗୃହରେ ପ୍ରାୟତଃ ପିଣ୍ଡା ବ୍ୟବସ୍ଥା ହୁଏ ନାହିଁ କିମ୍ବା ହେଲେ ମାତ୍ର ଟାଖଣ୍ଡେ /ଦି' ଟାଖଣ୍ଡେ ଓସାରରେ କରାଯାଇ ଥାଏ । ଅବଶ୍ୟ ପିଣ୍ଡା କାନ୍ଥକୁ ମଜଭୁତ ରଖେ, ହେଲେ ଏମାନଙ୍କର ଭୁଗୁଡା ଘର ହୋଇଥିବାରୁ କାନ୍ଥଗୁଡିକ ଖୁବ୍ ଅଧିକ ମଜଭୁତ କରିବାର ଆବଶ୍ୟକତା ପଡେନାହିଁ । ତଥାପି ଅନେକେ ପିଣ୍ଡା କରିଥାଆନ୍ତି ।

ଭୂମିଜମାନଙ୍କର ପାରମ୍ପରିକ ବାସଗୃହ ସାଧାରଣତଃ ପରିବାରର ସଦସ୍ୟ/ସଦସ୍ୟାଙ୍କ ଦ୍ୱାରା ସଂପାଦିତ ହୋଇଥାଏ । ପରିବାରରେ ସଦସ୍ୟ ସଂଖ୍ୟା ଅଧିକ ହୋଇଥିଲେ ତ ଭଲ, ନଚେତ୍ ସେମାନେ ଅନ୍ୟ ଅଭିଜ୍ଞ ବ୍ୟକ୍ତିର ସହାୟତା ଲୋଡିଥାଆନ୍ତି । ସାଧାରଣତଃ ପରିବାରର ପୁରୁଷ ସଦସ୍ୟ ମାନେ ଗୃହ ନିର୍ମାଣ ପାଇଁ ଆବଶ୍ୟକ ଉପକରଣ ମାନ (କାଠ, ଝଟା, ବାଉଁଶାଦି) ଜଙ୍ଗଲରୁ ସଂଗ୍ରହ କରିବା ସହିତ ସେଗୁଡିକୁ କଟାକଟି କରି ଉପଯୁକ୍ତ ମାପରେ ପ୍ରସ୍ତୁତ କରନ୍ତି । ଏହାବାଦ୍ ଘରର ଖୁଣ୍ଟ ପୋତା, ଦଣ୍ଡା, ଶେଣୀ, ରୁଅ, ଘୁଡିଆ, ଝଟା ଲଟା ବାନ୍ଧିବା ଛପର ପ୍ରସ୍ତୁତ କରିବା କାର୍ଯ୍ୟ ଗୁଡିକ ମଧ୍ୟ ପୁରୁଷ ବ୍ୟକ୍ତି ମାନଙ୍କ ଦ୍ୱାରା ସଂପାଦିତ ହୁଏ । ଛାଆଣୀ କରିବା ସମୟରେ ଘର ଉପରେ ରହନ୍ତି ପୁରୁଷ ଲୋକ ଓ ପୁରୁଷ ସଂଖ୍ୟା କମ୍ ଥିଲେ ସ୍ତ୍ରୀଲୋକ କୁଟାବିଡା ଉପରକୁ ଫୋପାଡି ଥାଆନ୍ତି । କିନ୍ତୁ କାନ୍ଥ ଦେବାପାଇଁ କାଦୁଅ ଚକଟନ୍ତି ସ୍ତ୍ରୀ ଲୋକମାନେ । କାନ୍ଥଲିପିବା, ଘରର ତଳ ପରିଷ୍କାର କରିବା ଇତ୍ୟାଦି କାର୍ଯ୍ୟ ସ୍ତ୍ରୀଲୋକ ମାନଙ୍କ ଦ୍ୱାରା ହୁଏ । ଘରେ ଯୁବତୀ ଝିଅ ଥିଲେ, ସେ ମଧ୍ୟ କାମରେ ସହଯୋଗ କରେ । ଗୃହ ନିର୍ମାଣ ସମୟରେ ପଡୋଶୀ ମାନଙ୍କର ସହାୟତା ମଧ୍ୟ ନିଆଯାଇଥାଏ । ପ୍ରତିବଦଳରେ ସେମାନଙ୍କୁ ହାଣ୍ଡିଆ ଦ୍ୱାରା ଆପ୍ୟାୟିତ କରାଯାଏ । କେବେ କେବେ ଜଣେ ଦିଜଣ ମୂଲିଆ ଡାକି କାମରେ ଲଗାଇ ଥାଆନ୍ତି । ସେମାନଙ୍କୁ ସେରେ /ଦିସେରେ ଲେଖାଏଁ ଧାନ ଓ ବକତେ ଖାଇବାକୁ ଦିଆଯାଇଥାଏ । କିନ୍ତୁ ପ୍ରାୟତଃ ଭୂମିଜମାନେ ନିଜଘର ନିଜେ କରିବାକୁ ପସନ୍ଦ କରନ୍ତି । କେବଳ ଛାଆଣୀ ସମୟରେ ଅଭିଜ୍ଞ ବ୍ୟକ୍ତିକୁ ଡାକି ଥାଆନ୍ତି । କାରଣ ଛାଆଣୀ ଠିକ୍ ଭାବରେ ନହେଲେ ବାସଗୃହଟି ସୁରକ୍ଷିତ ରହିପାରେ ନାହିଁ ।

## ଅନ୍ୟାନ୍ୟ ଗୃହ :

ଭୂମିଜ ମାନଙ୍କର ମୁଖ୍ୟ ଜୀବିକା ଚାଷ /କୃଷି । ସମସ୍ତଙ୍କର ପ୍ରାୟ ଅଳ୍ପ ବହୁତ ଚାଷ ଜମି ଥାଏ । ତେଣୁ ଜମି ଚାଷ କରିବା ପାଇଁ ସେମାନେ ବଳଦ ରଖିଥାଆନ୍ତି । କେବଳ ବଳଦ ନୁହେଁ, ଗାଈ, ପଣ୍ଡା, ମଇଁଷି ମଧ୍ୟ ପାଳନ କରନ୍ତି । ବଳଦ, ପଣ୍ଡା (କେବେ କେବେ ମଇଁଷି ମଧ୍ୟ) ଆଦି ହଳ କରୁଥିବା ବେଳେ ଗାଈ ଓ ମଇଁଷି କ୍ଷୀର ଦେଇ ଥାଆନ୍ତି । ଏତଦ୍ ଭିନ୍ନ ସେମାନଙ୍କର ଗୋବରକୁ ଖତ କରି ଚାଷ ଜମିରେ ବ୍ୟବହୃତ ହୋଇଥାଏ । ତେଣୁ ଆବଶ୍ୟକତା ଦୃଷ୍ଟିରୁ ଗୋସଂପଦ ରଖିବାର ଯଥାର୍ଥତା ଥିବାରୁ ଭୂମିଜମାନେ ବାସଗୃହଠାରୁ ୧୦/୧୫ ହାତ ଦୂରରେ ଗୋଶାଳା ବା ଗୁହାଳ

ନିର୍ମାଣ କରିଥାଆନ୍ତି । ଗୁହାଳଟି ଖଳା ନିକଟବର୍ତ୍ତୀ ହୋଇଥାଏ । ଗୋସଂପଦର ସଂଖ୍ୟା ଅନୁଯାୟୀ ଗୁହାଳର ଆକାର ହୁଏ । ଏହାର ନିର୍ମାଣ ଶୈଳୀ ଠିକ୍ ବାସଗୃହର ଅନୁରୂପ । ତେବେ ବାସଗୃହ ପରି ଏତେ ସୁନ୍ଦର ଓ ମଜଭୁତ ପ୍ରାୟ କରିନଥାଆନ୍ତି । କାନ୍ଥ ଏବଂ ଗୁହାଳର ତଳ ଅଂଶଟିକୁ ଲିପାଯାଇ ସମାନ କରିବାର ଆବଶ୍ୟକତା ନଥାଏ ।

କେହି ଯଦି ଘରେ ଛେଳି ଓ ମେଣ୍ଢା ପାଳନ କରୁଥାଆନ୍ତି, ତେବେ ସେମାନଙ୍କ ରହିବା ପାଇଁ ଗୋରୁ ଗୁହାଳଟିକୁ ଆକାରରେ ବଡ କରି ଭାଗ କରାଯାଏ । ଗୋରୁଙ୍କ ପାଇଁ ବଡ ଅଂଶଟି ରହେ ଓ ଛେଳି, ମେଣ୍ଢାଙ୍କ ପାଇଁ ଛୋଟ ଛୋଟ ଦୁଇଟି ବଖରା ହୁଏ । ବଖରା କରିବାକୁ ଅଣ୍ଟ ଉଚ୍ଚର କେବଳ ଝାଟିକାନ୍ଥ ଦିଆଯାଏ । ସେଥିରେ ମାଟି ଛାଟି ଥାଆନ୍ତି କିମ୍ବା ମାଟିର ପ୍ରଲେପ ମଧ୍ୟ ଦିଆଯାଇନଥାଏ । ଛେଳି ଓ ମେଣ୍ଢାଙ୍କୁ କୋଠରୀ ଭିତରେ ସେମିତି ଛାଡିଦିଅନ୍ତି, ବନ୍ଧାଯାଏ ନାହିଁ । ଛେଳି ଓ ମେଣ୍ଢାଙ୍କୁ ଗୋଟିଏ କୋଠରୀରେ ଭୂମିଜମାନେ ରଖନ୍ତି ନାହିଁ । କାରଣ ଛେଳି ଓ ମେଣ୍ଢାଙ୍କୁ ଏକତ୍ର ରଖିଲେ ଉଭୟେ ରୋଗଗ୍ରସ୍ତ ହୋଇ ମୃତ୍ୟୁବରଣ କରୁଥିବାର ସେମାନେ ବିଶ୍ୱାସ କରନ୍ତି ।

ଭୂମିଜମାନେ ସାଧାରଣତଃ କୁକୁଡା ପାଳନ କରନ୍ତି । କୁକୁଡା ବ୍ୟତୀତ ସେମାନେ ବତକ ପାଳନ କରୁଥିବାର ମଧ୍ୟ ଜଣାଯାଏ । ତେବେ ଏଇ କୁକୁଡା, ବତକ ମାନଙ୍କୁ ପ୍ରାୟତଃ ଶୋଇବା ପ୍ରକୋଷ୍ଠର ଗୋଟିଏ କୋଣରେ ଛାଡି ଦିଆ ଯାଉଥିଲେ ହେଁ ପରବର୍ତ୍ତୀ ପର୍ଯ୍ୟାୟରେ କୁକୁଡା ଭାଡି ପ୍ରସ୍ତୁତ କରାଯାଉଥିବାର ଦୃଷ୍ଟି ଗୋଚର ହୁଏ । କୁକୁଡାଗୁଡିକ ସେମିତି ରାତିଯାକ ରହନ୍ତି କିନ୍ତୁ କୁକୁଡା ଚିଆଁମାନଙ୍କୁ ପାଛିଆ ଢାଙ୍କି ରଖାଯାଏ । କାରଣ ଛୋଟ ଛୋଟ ଚିଆଁଗୁଡିକ ମରିଯିବାର ସମ୍ଭାବନା ଥାଏ ।

ଘୁଷୁରୀ ପାଳନ ପ୍ରଥା ଭୂମିଜ ସଂପ୍ରଦାୟରେ ନାହିଁ । ସେମାନେ ଘୁଷୁରୀ ପାଳନ କରନ୍ତି ନାହିଁ ଏବଂ ଘୁଷୁରୀ ମାଂସ ମଧ୍ୟ ଖାଆନ୍ତି ନାହିଁ । ଘୁଷୁରୀ ଭୂମିଜ ସମାଜରେ ଅସ୍ପୃଶ୍ୟ ଜୀବ ବୋଲି ବିବେଚିତ ହୋଇଥାଏ । ଏପରିକି ଘୁଷୁରୀ ମାଂସ କେହି ଖାଇଥିବାର ଯଦି ଜଣାପଡେ, ତେବେ ତାକୁ ଗ୍ରାମରୁ ବାସନ୍ଦ ବା ବହିଷ୍କାର କରାଯାଇଥାଏ । ଗ୍ରାମସଭାରେ ଏହାର ବିଚାର ଆଲୋଚନା ହୋଇ ସଂପୃକ୍ତ ବ୍ୟକ୍ତିଙ୍କୁ ସେହିପରି ଦଣ୍ଡାଦେଶ ହୁଏ ।

**ଗୃହ ବିଭାଜନ ତା'ର ଉପଯୋଗ:**

**ରୋଷେଇଶାଳ(ମାଡି ଅଲାଃ/ମାଡି ଅଲ୍ଲାଃ):** ବାସଗୃହର ପୂର୍ବ ପାଖରେ ଥିବା କୋଠରିଟି ରୋଷେଇଶାଳ ଭାବରେ ବ୍ୟବହୃତ ହୋଇଥାଏ। ଏଠାରେ ମୁଖ୍ୟତଃ

ରୋଷେଇ ହୁଏ ଏବଂ ଅନେକ ସମୟରେ ରୋଷେଇଶାଳରେ ବସି ପରିବାରର ଲୋକେ ଖିଆପିଆ କରନ୍ତି। ଖାଇବା ସମୟରେ ପିଢା ବ୍ୟବହାର କରିଥାଆନ୍ତି। କୋଠରୀଟି ପ୍ରାୟ ସମୟ ଅନ୍ଧାର ରହୁଥିବାରୁ ବେଳେ ବେଳେ ଦିନ ବେଳା ମଧ ଚୁଙ୍ଗୀ ବା କନାସଳିତା ଜଳାଇବାକୁ ପଡେ। ରୋଷେଇ ଶାଳରେ ଦୁଇଟି ମାଟି ଚୂଲି କରାଯାଇଥାଏ। ଗୋଟିଏ ଛୋଟ ଏବଂ ଗୋଟିଏ ବଡ। ଛୋଟ ଚୂଲିଟି କେବଳ ରୋଷେଇ ପାଇଁ ବ୍ୟବହୃତ ହେଉଥିବା ବେଳେ ବଡ ଚୂଲିରେ ଧାନ ଓଷାଁ ଯାଏ। ଖାଦ୍ୟ ପଦାର୍ଥ ସବୁ ରୋଷେଇ ଘରେ ରହେ। ସେଠାରେ ଗୋଟିଏ କୋଣରେ ଭାତ /ପଖାଳ ହାଣ୍ଡି ରଖିବା ପାଇଁ ମାଟି କିମ୍ବା କୁଟା ଚୂମୁଳା ରଖାଯାଇଥାଏ। ଏତଦ୍ ଭିନ୍ନ ରୋଷେଇ ଘରେ ଭାତହାଣ୍ଡି, ଧାନଓଷାଁ ହାଣ୍ଡି, ପାଣି କଳସୀ, ବାସନ କୁସନ (ଗୋଟିଏ କଂସା ବେଲା, ୫/୬ଟି ସିଲିଭର ବେଲା, ଲାଉତୁମ୍ବା), ବର୍ଷାଦିନରେ ଜାଳେଣୀ କାଠ ଇତ୍ୟାଦି ରଖାଯାଏ। ରୋଷେଇ, ଧାନଓଷାଁ ଓ ଖିଆପିଆ ବ୍ୟତୀତ ରୋଷେଇ ଶାଳଟି ଆଉ କୌଣସି ଉଦ୍ଦେଶ୍ୟରେ ବ୍ୟବହାର କରାଯାଏନାହିଁ।

ଶୟନ କକ୍ଷ(ଗିତିଃ ଅକଲାଃ) : ବାସଗୃହର ପଶ୍ଚିମ ପାଖ କୋଠରୀଟି ଶୟନ କକ୍ଷ ଭାବରେ ବ୍ୟବହୃତ ହୋଇଥାଏ। ଏଠାରେ କେବଳ ରାତିରେ ଶୋଇବା ବ୍ୟତୀତ ଅନ୍ୟ ସମୟରେ କମ୍ ଚଳପ୍ରଚଳ ହୁଅନ୍ତି। ଏହି ଛୋଟ କୋଠରୀଟିରେ ପରିବାରର ସମସ୍ତେ ରାତ୍ରିଯାପନ କରନ୍ତି। ରାତିରେ ଶୋଇବା ପାଇଁ ପ୍ରାୟତଃ ଖଟ ବ୍ୟବହୃତ ହୁଏ ନାହିଁ। ଅଧିକାଂଶ ପଟିଆରେ ଶୁଅନ୍ତି । ବିଛଣା ପତ୍ର ଏମାନଙ୍କର ବିଶେଷ ନଥାଏ। କେତେକ କନ୍ଥା ଓ ଛିଣ୍ଡା ଲୁଗା ଏମାନେ ବିଛଣା ରୂପେ ବ୍ୟବହାର କରିଥାଆନ୍ତି  କିମ୍ବା ଭୂଇଁରେ ମଧ ନିଘୋଡ ନିଦରେ ଶୋଇପାରନ୍ତି। ଶୋଇବା ଘରେ କାନ୍ଥରେ ବାଉଁଶ ଟଂଗେଇ ବିଛଣାପତ୍ର, ପିନ୍ଧା ଲୁଗାପଟା ଆଦି ଝୁଲାଇ ଦିଅନ୍ତି। କେବେ କେବେ ବାଉଁଶକୁ ଚାଞ୍ଚି କଣ୍ଟା ଭଳିଆ କାନ୍ଥରେ ଲଗାଇ ଲୁଗାପଟା ଟାଙ୍ଗି ଥାଆନ୍ତି। ବଂଧୁବାନ୍ଧବ ଆସିଲେ ମଧ ଶୋଇବା ପାଇଁ ସେହି ଶୋଇବା ପ୍ରକୋଷ୍ଠଟି ଚଳିଯାଏ। କିନ୍ତୁ କର୍ମକାର୍ଯ୍ୟ ବା ବିବାହୋତ୍ସବ ଆଦି ପାଇଁ ବଂଧୁବାନ୍ଧବଙ୍କ ଉଦ୍ଦେଶ୍ୟରେ ଏକ ସ୍ୱତନ୍ତ୍ର ଚାଳିଆ ପ୍ରସ୍ତୁତ କରାଯାଇଥାଏ। ସ୍ତ୍ରୀର ପ୍ରସବ କାଳରେ ଶୟନ କକ୍ଷର ଗୋଟିଏ ପାଖ ବା କୋଣ ଅଲଗା ରହେ। ପ୍ରସୂତୀ ସେଠାରେ ଗୋଟିଏ ଖଟରେ ଶିଶୁ ସହିତ ଶୁଏ। ସେ ପାର୍ଶ୍ୱକୁ କେହି ଯାଆନ୍ତିନି କିମ୍ବା ସ୍ପର୍ଶ କରନ୍ତି ନାହିଁ। ଶୟନ କକ୍ଷଟି ଅନ୍ୟ କୌଣସି ବିଶେଷ କାର୍ଯ୍ୟ ପାଇଁ ବ୍ୟବହୃତ ହୋଇନଥାଏ।

**ଭଣ୍ଡାର ଘର (ମାରାଂ ଅଡାଃ):** ଭୂମିଜ ସମାଜରେ ପାରଂପରିକ ବାସଗୃହର ମଝି କୋଠରୀଟି ହିଁ ଭଣ୍ଡାର ଘର ଉଦ୍ଦେଶ୍ୟରେ ବ୍ୟବହାର କରାଯାଏ। ସମସ୍ତ ପ୍ରକୋଷ୍ଠ ମଧ୍ୟରେ ଏହାର ଗୁରୁତ୍ୱ ଭୂମିଜମାନଙ୍କ ପାଇଁ ଯଥେଷ୍ଟ ଅଧିକ। କାରଣ ଏହା ତାଙ୍କର ଘରୋଇ ପୂଜାସ୍ଥଳୀ। ଭଣ୍ଡାର ଘରର ଐଶାନ୍ୟ କୋଣକୁ ଇଶାଣ କୁହାଯାଏ। ଭୂମିଜ ମାନଙ୍କର ଏହା "ବଙ୍ଗାକଚା"। ଯାବତୀୟ ଘରୋଇ ପୂଜା ବଙ୍ଗାକଚାରେ ହିଁ ଅନୁଷ୍ଠିତ ହୁଏ। ଗୃହକର୍ତ୍ତା ନିଜେ ଘରୋଇ ପୂଜା ଗୁଡିକରେ ଧର୍ମୀୟ କର୍ମକର୍ତ୍ତା ଭାବରେ ପୂଜା ଅର୍ଚ୍ଚନା କରିଥାଆନ୍ତି। ପ୍ରତ୍ୟେକ ପର୍ବପର୍ବାଣୀ, ଉତ୍ସବାନୁଷ୍ଠାନ, ଶୁଦ୍ଧିକ୍ରିୟା ଏବଂ ପୂଜାପାଠ ଦିନମାନଙ୍କରେ ଗୃହକର୍ତ୍ତା ଇଶାଣରେ ପୂର୍ବପୁରୁଷ (ଇଷ୍ଟ ଦେବଦେବୀ)ମାନଙ୍କ ଉଦ୍ଦେଶ୍ୟରେ ପୂଜା-ଅର୍ଘ୍ୟ ବାଢନ୍ତି । କେବେ କେବେ ବଳି ଦିଆଯାଏ। ଶୁଦ୍ଧିକ୍ରିୟା, ବାଆବଙ୍ଗା ଓ ମାନସିକ ପୂଜା ମାନଙ୍କରେ ପ୍ରାୟତଃ କେବଳ କୁଳ୍‌ଥିଆ (କୋଳଥ ରଂଗର) କୁକୁଡା ବଳି ପଡେ। ଅନ୍ୟାନ୍ୟ ସମସ୍ତ ଘରୋଇ ପୂଜାରେ ଅରୁଆ ଚାଉଳ, ଦୂବ, ତୁଳସୀ ପତ୍ର, ନୋଟା ପାଣି ଆଦି ବ୍ୟବହୃତ ହୋଇଥାଏ।

ଏତଦ୍ ଭିନ୍ନ ଭଣ୍ଡାର ଘରେ ଧାନ-ଚାଉଳ, ମୁଗ-ବିରି-କୋଳଥ ଆଦି ଶସ୍ୟ, ଘରକରଣା ଆସବାବ ପତ୍ର, ଝିଅ-ବୋହୂମାନଙ୍କର ଗହଣାଗାଣ୍ଠି, ଟଙ୍କା ପଇସା, ଭଲ ଭଲ ଲୁଗାପଟା, ରାତିରେ ବେଲାବାସନ ଆଦି ଯାବତୀୟ ସାମଗ୍ରୀ ରଖାଯାଏ। କୋଠରୀର ଗୋଟିଏ ପାର୍ଶ୍ୱକୁ ବାଉଁଶ-କାଠର ଭାଡିଟିଏ କରି ତା' ଉପରେ ଧାନ, ଶସ୍ୟାଦି ପୁଡୁଳି ବାନ୍ଧି ରଖିଥାଆନ୍ତି। ଗହଣା, ଟଙ୍କା ପଇସା ଓ ଲୁଗାପଟା ପେଡିରେ ରହେ । ପେଡିଗୁଡିକ ଭାଡିତଳେ ସାଇତା ଯାଏ। ଆବଶ୍ୟକ ସ୍ଥଳେ ଘରର ମୁରବୀ ସେଠାରେ ରାତ୍ରିଯାପନ କରିଥାଆନ୍ତି।

ଭୂମିଜମାନଙ୍କର ଭଣ୍ଡାର ଘରଟି ପୂଜାସ୍ଥଳୀ, ଲକ୍ଷ୍ମୀଙ୍କର ଆସ୍ଥାନ ହୋଇଥିବାରୁ, ସେହିଟିର ଖୁବ୍ ଯତ୍ନ ନେଇଥାଆନ୍ତି।

**ଅତିଥି କକ୍ଷ(ପେଳା ଅକଳାଃ):** ଭୂମିଜମାନଙ୍କର ପାରଂପରିକ ବାସଗୃହରେ ଅତିଥି କକ୍ଷ ନଥାଏ। ସ୍ୱଳ୍ପ ସମୟ ପାଇଁ କେହି ଅତିଥି ଆସିଲେ ଘର ବାହାରେ ପଟିଆ ଦିଆଯାଏ ବସିବା ପାଇଁ କିମ୍ବା ପଡୋଶୀ ଆସିଲେ ସେହି ଛୋଟ ପିଣ୍ଡାରେ ବସି ଗପସପ ହୁଅନ୍ତି, ଡୁଲ୍ଲାଚୂନ ଖାଆନ୍ତି, ହାଣ୍ଡିଆ ମଧ ସେବନ କରିଥାଆନ୍ତି। ବଂଧୁବାନ୍ଧବ କେହି ଆସିଲେ ଏପଟ ସେପଟ ଚଳପ୍ରଚଳ କରିଥାଆନ୍ତି ଓ ରାତିରେ ଶୟନକକ୍ଷଟିରେ କାମ ଚଳାଇ

ନିଅନ୍ତି । କିନ୍ତୁ କୌଣସି ଉତ୍ସବାନୁଷ୍ଠାନ ପାଇଁ ବନ୍ଧୁବାନ୍ଧବ, ଅତିଥିମାନଙ୍କ ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ଚାଳି କୁଡିଆ ନିର୍ମାଣ କରାଯାଇଥାଏ ।

**ପିଣ୍ଡା(ପିଣ୍ଡେ):** ଭୂମିଜମାନେ ପାରଂପରିକ ବାସଗୃହରେ ପ୍ରାୟତଃ ପିଣ୍ଡା ରଖୁନଥିଲେ । କିନ୍ତୁ ସମୟାନୁକ୍ରମେ ଚାଖଣ୍ଡେବି ଚାଖଣ୍ଡ ଓସାରର ପିଣ୍ଡା ରହୁଥିବାର ଦେଖାଯାଉଛି । ସେମାନଙ୍କର କାନ୍ଥଗୁଡିକ ଝାଟି ମାଟିରେ ହେଉଥିବାରୁ ହୁଏତ ପିଣ୍ଡାର ଆବଶ୍ୟକତା ଉପଲବ୍ଧ ହୋଇ ନଥାଇ ପାରେ । କାରଣ ପିଣ୍ଡା କାନ୍ଥକୁ ମଜଭୂତ କରିବାରେ ସହାୟତା ପ୍ରଦାନ କରିଥାଏ । ତେବେ ସେହି ଛୋଟ ଆକାରର ପିଣ୍ଡା ବିଶେଷ କୌଣସି କାର୍ଯ୍ୟ ପାଇଁ ବ୍ୟବହୃତ ହୋଇନଥାଏ । ତାହା ପୁଣି ଘରର କେବଳ ସମ୍ମୁଖ ଭାଗରେ ହିଁ ରହେ । ଏହାର ଉଚ୍ଚତା ଫୁଟେ ଖଣ୍ଡ ହୁଏ । କେହି ପଡୋଶୀ ଆସିଲେ ଗୃହକର୍ତ୍ତା ପିଣ୍ଡାରେ ପଡୋଶୀଙ୍କ ସହିତ ବସି ଗପସପ ହେବା ସହିତ ଦୁନ୍ତାଚୂନ ପାଟିରେ ପକାନ୍ତି ।

**ଗୃହର ବିଭିନ୍ନ ସ୍ଥାନରେ କାର୍ଯ୍ୟକଳାପ :**

ଭୂମିଜ ସମାଜର ପାରଂପରିକ ବାସଗୃହଗୁଡ଼ିକୁ ଭୂମିଜମାନେ ବିଭିନ୍ନ ଉଦ୍ଦେଶ୍ୟରେ ବ୍ୟବହାର କରିଥାଆନ୍ତି । ନିତିଦିନିଆ ଜୀବନର ବିଭିନ୍ନ ପ୍ରକାର କାର୍ଯ୍ୟଧାରା ଏହି ଗୃହ ମଧ୍ୟରେ ହିଁ ଅନୁଷ୍ଠିତ ହୋଇଥାଏ, କିମ୍ବା କୌଣସି କାରଣରୁ ଅପବିତ୍ରତା ଯୋଗୁଁ ସାମୟିକ କାଳ ପାଇଁ ବାରଣ କରାଯାଇଥାଏ ।

ରଜବତୀ ସମୟରେ ପରିବାରର ଝିଅ ବୋହୂମାନଙ୍କ ପ୍ରତି ବାସଗୃହରେ କୌଣସି ପ୍ରକାର କଟକଣା ଲାଗୁ କରାଯାଏ ନାହିଁ । ପ୍ରତ୍ୟେକ ପ୍ରକୋଷ୍ଠକୁ ସେମାନେ ନିର୍ବିଘ୍ନରେ ଯାଇ ପାରନ୍ତି । ଘରର ଯାବତୀୟ କାମ କରନ୍ତି । ଶିଶୁର ଯତ୍ନ, ପାଣିଅଣା, ରୋଷେଇ ପ୍ରସ୍ତୁତ, ଖାଦ୍ୟ ପରିବେଷଣ ଆଦି କୌଣସି କାମରେ ବାରଣ ନଥାଏ । କେବଳ ସେ ସମୟରେ ପୂଜାଅର୍ଚ୍ଚନା ହେଉଥିବା ସ୍ଥାନକୁ ଯାଆନ୍ତି ନାହିଁ କିମ୍ବା ପୂଜାସାମଗ୍ରୀ ସ୍ପର୍ଶ କରିପାରନ୍ତି ନାହିଁ । କିନ୍ତୁ ଗର୍ଭବତୀ ସ୍ତ୍ରୀ ଲୋକମାନେ ଘରର ଯାବତୀୟ କାର୍ଯ୍ୟ କରିବା ସହିତ ପୂଜାସ୍ଥଳୀକୁ ଯିବା ବା ପୂଜାସାମଗ୍ରୀ ସ୍ପର୍ଶ କରିବାରେ ମଧ କୌଣସି ପ୍ରକାର ବାରଣ କରାଯାଇନଥାଏ । ଅବଶ୍ୟ ପ୍ରସବ ପରେ ୮ ଦିନ ସ୍ତ୍ରୀ ଲୋକ ଅପବିତ୍ର ହୁଏ । ଶୟନ କକ୍ଷରେ ତା ପାଇଁ ଗୋଟିଏ ସ୍ୱତନ୍ତ୍ର ଖଟିଆ ପଡେ । କକ୍ଷର ଏକ ପାର୍ଶ୍ୱରେ ସେ ତା'ର ଶିଶୁ ସନ୍ତାନ ସହିତ ଦିନରାତି ଶୁଆବସା କରେ । ସେ ଘରେ ବାହାରେ ଚଲାବୁଲା କରେ ନାହିଁ, କୌଣସି ସାମଗ୍ରୀ ଛୁଏଁ ନାହିଁ କିମ୍ବା ଅନ୍ୟ କୋଠରୀକୁ ଯାଏ ନାହିଁ ।

୮ ଦିନ ପର୍ଯ୍ୟନ୍ତ ପ୍ରସବିଣୀ ଘରର କୌଣସି କାର୍ଯ୍ୟ କରେ ନାହିଁ । ପରିବାରର ଲୋକେ ତାକୁ ଛୁଅନ୍ତି ନାହିଁ। ଖାଇବାକୁ ଦେବା ସମୟରେ ଦୂରରୁ ବଢାଇ ଦିଆଯାଇଥାଏ। (ଏବେ କିନ୍ତୁ ଅଧିକ କୋଠରୀ ଥିବାରୁ ପ୍ରସବିଣୀ ସ୍ତ୍ରୀ ପାଇଁ ସ୍ୱତନ୍ତ୍ର କୋଠରୀର ବ୍ୟବସ୍ଥା ହେଉଛି) ପ୍ରସବ ପରେ ପରେ ସ୍ତ୍ରୀଟିକୁ କୋଳଥ ସିଝାପାଣି ଓ କରଞ୍ଜ ଗଛର ଛେଲିକୁ ଛେଚି ସେଥିରୁ ରସ ବାହାର କରି ପିଇବାକୁ ଦିଅନ୍ତି। ଏହାଦ୍ୱାରା ଦେହ ଗରମ ରହେ ଏବଂ ଭିତର ଅଂଶକୁ ଶୁଖାଇବାରେ ସାହାଯ୍ୟ କରେ। ମା'ଟି ଦୁର୍ବଳ ଥିଲେ କିମ୍ବା ମା' ପାଖରେ କ୍ଷୀର ପର୍ଯ୍ୟାପ୍ତ ପରିମାଣରେ ନହେଲେ ଚେରମୂଳି-ଜଡିବୁଟି ଔଷଧ ଦିଆଯାଇଥାଏ। ପଖାଳ ଖାଇବାକୁ ଦିଆଯାଏ ନାହିଁ। ସେ କେବଳ ଗରମ ଭାତ ଖାଏ। ପ୍ରସବିଣୀ /ଦୁଗ୍ଧଦାତ୍ରୀ ମା'କୁ କେତେକ ଖାଦ୍ୟରେ ବାରଣ କରାଯାଇଥାଏ। ସେ ଖଟା ଜାତୀୟ ଖାଦ୍ୟ, ପଖାଳ, ଆମିଷ ଏବଂ ପାନୀୟ ଗ୍ରହଣ କରେ ନାହିଁ। ଭାତ ସହିତ ତରକାରୀ ନୁହେଁ, କେବଳ ରସୁଣ, ଲେଉଟିଆ ଶାଗ, ପତୁଆ, କୁନ୍ଦୁରୀ ପୋଡା ପ୍ରଭୃତି ଖାଏ। ପ୍ରସବିଣୀ ବ୍ୟବହାର କରୁଥିବା ଖଟିଆର ମୁଣ୍ଡ ପାଖରେ ଗୋଟିଏ ଶର ଉଠିଆରୀ ପର୍ଯ୍ୟନ୍ତ ରଖାଯାଏ। କାରଣ ଆଗରୁ ଧାଇ ନଥିଲେ କିମ୍ବା ଶିଶୁର ନାହି କାଟିବା ପାଇଁ ବ୍ଲେଡ ନଥିଲା । ସେହି ଶର ସାହାଯ୍ୟରେ ପିଲାର ନାହି ଗ୍ରାମର ଅଭିଜ୍ଞ ବୁଢୀଙ୍କ ଦ୍ୱାରା କଟାଯାଉ ଥିଲା । ସେଥିପାଇଁ ନାହି କଟାଯାଇଥିବା ଶରଟିକୁ ମା' ଶିଶୁଙ୍କ ମୁଣ୍ଡ ପାଖରେ ରଖିଲେ କୌଣସି ଭୂତପ୍ରେତ ସେମାନଙ୍କୁ ଆକ୍ରମଣ କରିପାରେ ନାହିଁ ବୋଲି ଭୂମିଜମାନେ ବିଶ୍ୱାସ କରନ୍ତି । ପିଲା ଜନ୍ମର ୮ ଦିନ ପର୍ଯ୍ୟନ୍ତ ଶିଶୁର ଯତ୍ନ କେବଳ ତା'ର ମା' ହିଁ ନିଏ । ଶାଶୁ ବା ଗୁରୁଜନ ସ୍ତ୍ରୀଲୋକ ବୋହୂଟିକୁ ଯତ୍ନର ଶୈଳୀ କେବଳ ଦୂରରେ ଥାଇ ବତାଇ ଦିଅନ୍ତି । ସେହି ଅନୁସାରେ ସ୍ତ୍ରୀଟି ଶିଶୁର ଯତ୍ନ ନେଇଥାଏ । ମା', ଶିଶୁଙ୍କର ଖଟିଆ ତଳେ ଗୋଟିଏ ଖପରାରେ ତୁଷ ଦେଇ ନିଆଁ ରଖାଯାଇଥାଏ । ତା'ର ଉତ୍ତାପ ମା' ଶିଶୁଙ୍କ ପାଖକୁ ଆସିବା ସହିତ ଆବଶ୍ୟକ ସ୍ଥଳେ ମା'ଟି ପିଲାକୁ ସେକିଦିଏ । ଜନ୍ମ ହେଲାମାତ୍ରେ ଶିଶୁଟିକୁ ପ୍ରଥମେ ମହୁ ଚଟାଇ ଦେଇ ଥାଆନ୍ତି । ଛେଳି କ୍ଷୀର ତୁଳା ବା କନା ସାହାଯ୍ୟରେ ମଧ୍ୟ ଦିଆଯାଇପାରେ । ଶିଶୁ ଜନ୍ମର ୯ ଦିନରେ ଉଠିଆରୀ ହୁଏ। ଏହି ଦିନରେ ଘର ଲିପାପୋଛା ହୁଏ । ଲୁଗାପଟା ସଫା କରାଇ ଘରଟିକୁ ପବିତ୍ର କରାଯାଏ । ଉଠିଆରୀ ପରେ ପରିବାରର ସମସ୍ତେ ପିଲାଟିର ଯତ୍ନ ନିଅନ୍ତି । ଶିଶୁଟିକୁ ତେଲ ମାଲିସ କରିଦିଆଯାଏ । ମା' ପାଖରେ ଅଧିକ କ୍ଷୀର ହେଉନଥିଲେ ଗାଈ କ୍ଷୀର ମଧ୍ୟ ଶିଶୁକୁ ଦିଅନ୍ତି । ତେବେ ପିଲାଟି ଭାତ ଖାଇ ଶିଖିବା ପର୍ଯ୍ୟନ୍ତ ପ୍ରାୟ ମା'କ୍ଷୀର ଖାଇ

ରହିଥାଏ । ଉଠିଆରୀ ପରେ ଦୁଗ୍ଧଦାତ୍ରୀ ମା'ଟି ଖଟା ବ୍ୟତୀତ ସବୁ ଖାଦ୍ୟ ଖାଇ ପାରେ । ହାଣ୍ଡିଆ ଅଳ୍ପ ଅଳ୍ପ ପିଏ କିନ୍ତୁ ମଦ ନୁହେଁ ।

ବାସଗୃହ ମଧ୍ୟରେ ପୁରୁଷ-ସ୍ତ୍ରୀ ସାଧାରଣ ଭାବେ ଚଳନ୍ତି । ଗୃହକର୍ତ୍ତା ଓ ଗୃହକର୍ତ୍ତ୍ରୀଙ୍କ ଇଙ୍ଗିତରେ ଗୃହଟି ପରିଚାଳିତ ହୁଏ । ଗୃହରେ ପୁରୁଷ ଓ ସ୍ତ୍ରୀ ଉଭୟଙ୍କର ସମ ଗୁରୁତ୍ୱ ରହିଥାଏ । ଗୃହରେ ଶାନ୍ତି-ସୁଖ ରକ୍ଷା କରିବା ପାଇଁ ସେମାନେ ଯତ୍‌ପରୋନାସ୍ତି ଚେଷ୍ଟା କରନ୍ତି । ଅଶୁଭ ଲକ୍ଷଣ ଅନୁଭବ କଲେ ପୂଜାପାଠ ମାଧ୍ୟମରେ ତାହାକୁ ଦୂରୀଭୂତ କରିଥାଆନ୍ତି । ପ୍ରତ୍ୟେକ କାର୍ଯ୍ୟ ପୁରୁଷ-ସ୍ତ୍ରୀଙ୍କ ସହଯୋଗରେ ସଂପାଦିତ ହୋଇଥାଏ । ଘରର ମୁରବୀଙ୍କ କଥା ସମସ୍ତେ ସଦସ୍ୟମାନେ ମାନିଥାଆନ୍ତି । ପୁରୁଷଙ୍କ ପରି ସ୍ତ୍ରୀମାନେ ମଧ୍ୟ ସ୍ୱାଧୀନ ଭାବରେ ଚଳନ୍ତି । ପରିବାର ମଧ୍ୟରେ ସାନଭାଇର ସ୍ତ୍ରୀ ତା'ର ଦେଢଶୁର (ସ୍ୱାମୀଙ୍କର ବଡଭାଇ)କୁ ସ୍ପର୍ଶ କରିବାରେ ବାରଣ ଥାଏ । ଭାଇବୋହୂ ଦେଢଶୁରର ବିଛଣାରେ ବସିବନି, ଦେଢଶୁର ଆଗରେ ବାଳ ମୁକୁଳା କରିବନି, ହେଲେ ଦେଢଶୁରକୁ ଖାଦ୍ୟ ପରଷି ପାରିବ, କିନ୍ତୁ ଖାଇବା ବେଳାରେ ପାଣି ନଢାଳିଲେ ତାହା ଭାଇବୋହୂ ଉଠାଇ ପାରିବନି। ଏପରିକି ନଦୀରେ ଯଦି ଭାଇବୋହୂ ଭାସି ଯାଉଥିବ, ତେବେ ବରଂ ସେ ମୃତ୍ୟୁବରଣ କରୁ ତଥାପି ଦେଢଶୁର ଉଦ୍ଧାର କରିବାକୁ ନିଷେଧ ଥାଏ। କେବଳ ଦୁଃଖରେ ବୋହୂ ନାମରେ ଡାଳଟିଏ ଭାଙ୍ଗି ନଦୀକୁ ଫିଙ୍ଗି ଦିଏ। ବଡଭଉଣୀ ଓ ସାନ ଭଉଣୀର ସ୍ୱାମୀଙ୍କ ମଧ୍ୟରେ ମଧ୍ୟ ଅନୁରୂପ ନିଷେଧ ବ୍ୟବସ୍ଥା ଲାଗୁ ହୋଇଥାଏ।

ଭୂମିଜମାନେ ସାଧାରଣତଃ ଚାଷୀ ହୋଇଥିବାରୁ ଗୋରୁ, ଗାଈ, ପଣ୍ଡା, ମଇଁଷି ଆଦି ପାଳନ କରିଥାଆନ୍ତି । ଏଗୁଡିକ ସେମାନଙ୍କୁ ଚାଷକାର୍ଯ୍ୟରେ ସହାୟତା ପ୍ରଦାନ କରିବା ସହିତ ଗାଈ ଓ ମଇଁଷିଙ୍କଠାରୁ କ୍ଷୀର ଲବ୍ଧ ହୋଇଥାଏ । ସେମାନଙ୍କ ଗୋବର ଖତ ସାର ଭାବରେ ଚାଷ ଜମିରେ ବ୍ୟବହୃତ ହେବା ସଂଗେ ସଂଗେ ଗୋବର ସାହାଯ୍ୟରେ ଘର ଦ୍ୱାର ସଫା ସୁତରା ଓ ପୂଜାକର୍ମାଦିରେ ଆବଶ୍ୟକ ହୁଏ । ବିଭିନ୍ନ ପ୍ରକାର ଚାଷ ପାଇଁ ବଳଦ ଓ ପଣ୍ଡା ହଳ କରନ୍ତି । ଏହାବାଦ୍ ଭୂମିଜ ପରିବାରଗୁଡିକ ପ୍ରାୟତଃ କୁକୁଡା, ବତକ, ଛେଳି, ମେଣ୍ଢା ଓ ପାରା ଆଦି ପାଳନ କରୁଥିବାର ଦେଖାଯାଏ । ଏଗୁଡିକ ଭୂମିଜମାନଙ୍କର ଖାଦ୍ୟ କେବଳ ନୁହେଁ, ପରନ୍ତୁ ପୂଜା ପାର୍ବଣରେ ଦେବଦେବୀଙ୍କ ଠାରେ ବଳି ଭୋଗ ଅର୍ପଣ କରାଯାଇଥାଏ । ପୂଜାରେ ବତକ କିନ୍ତୁ ବଳି ପଡେ ନାହିଁ । ବତକ ଏବଂ କୁକୁଡା ଅଣ୍ଡା ସେମାନେ ଖାଆନ୍ତି । ଭୂମିଜ ସଂପ୍ରଦାୟ ଘୁଷୁରୀ ପାଳନ କରେ ନାହିଁ କିମ୍ବା ଘୁଷୁରୀ ମାଂସ ଖାଇବାରେ ବିଧି ଭୂମିଜ ସମାଜରେ ନାହିଁ । ପରିବାରର

ସମସ୍ତ ସଦସ୍ୟ ଗୃହପାଳିତ ପଶୁପକ୍ଷୀଙ୍କ ଯତ୍ନ ନେଇଥାଆନ୍ତି । ସେମାନଙ୍କ ପାଇଁ ସ୍ୱତନ୍ତ୍ର ଗୁହାଳ/କୋଠରୀ ବା ନିଜ ଶୟନ କକ୍ଷରେ ରହିବା ବ୍ୟବସ୍ଥା କରାଯାଏ ।

ଭୂମିଜମାନଙ୍କର ପାରଂପରିକ ବାସଗୃହରେ ଥିବା ଭଣ୍ଡାର ଘରଟି ହିଁ ତାଙ୍କର ଘରୋଇ ଦେବଦେବୀଙ୍କ ପୀଠ। କୋଠରୀର ଐଶାନ୍ୟ କୋଣଟି ଈଣାଣ ସ୍ଥାନ ଏବଂ ଏଠାରେ ଅଧିଷ୍ଠିତ ଦେବଦେବୀ ହେଲେ ପୂର୍ବପୁରୁଷ /ଇଷ୍ଟ ଦେବଦେବୀ (ହାଲାମ୍ ବୁଡ଼ି ବଙ୍ଗା) ଭୂମିଜମାନେ ପୂର୍ବପୁରୁଷଙ୍କୁ ଦେବଦେବୀ ବୋଲି ଗ୍ରହଣ କରିଥାଆନ୍ତି । ସେଥିପାଇଁ ପ୍ରତ୍ୟେକ ପୂଜାପାଠ, ପର୍ବପର୍ବାଣୀ, ଉତ୍ସବ-ଅନୁଷ୍ଠାନ, ଶୁଦ୍ଧିକ୍ରିୟା, ମାନସିକ ପୂଜା ମାନଙ୍କରେ ପରିବାରର କର୍ତ୍ତା ଈଣାଣରେ ପୂର୍ବପୁରୁଷଙ୍କ ଉଦ୍ଦେଶ୍ୟରେ ପୂଜା କରନ୍ତି, ନୈବେଦ୍ୟ ବାଢନ୍ତି ଓ ପଶୁପକ୍ଷୀ ବଳି ମଧ୍ୟ ଦିଅନ୍ତି । କାରଣ ପରିବାର ବା ଗୃହର ସୁଖଶାନ୍ତି ନିର୍ଭର କରେ ପୂର୍ବପୁରୁଷଙ୍କ ଆଶୀର୍ବାଦ ଉପରେ । ସେମାନଙ୍କୁ ସନ୍ତୁଷ୍ଟ ରଖିଲେ ଗୃହରେ ଶାନ୍ତି ବିରାଜମାନ କରିବା ସହିତ ଗୃହଟି ସମସ୍ତ ପ୍ରକାର ବିପଦ, ଭୂତପ୍ରେତ, ଅପଶକ୍ତିଙ୍କ ଦାଉରୁ ସୁରକ୍ଷିତ ରହିପାରେ। ତେଣୁ ଭୂମିଜମାନେ ଦେବସ୍ଥଳୀ ଭଣ୍ଡାର ଘରଟିକୁ ବାସଗୃହର ମଧ୍ୟସ୍ଥଳରେ ରଖିଥାଆନ୍ତି।

ଭୂମିଜମାନଙ୍କର ମୁଖ୍ୟ ଜୀବିକା କୃଷି ହୋଇ ଥିବାରୁ ସେମାନେ ଧାନଚାଷ କରିବା ସହିତ ଅନ୍ୟାନ୍ୟ କୋଳଥ, ବିରି, ମୁଗ, ହରଡ, ମାଣ୍ଡିଆ, ମକା, ଝାଙ୍ଗଡା ଆଦି ବିଭିନ୍ନ ପ୍ରକାର ଶସ୍ୟ ଚାଷ କରିଥାଆନ୍ତି । ତୈଳ ଜାତୀୟ ଶସ୍ୟ ମଧ୍ୟରେ ସୋରିଷ ଚାଷ କରନ୍ତି। ସେମାନଙ୍କ ବାସଗୃହର ଚତୁଃପାର୍ଶ୍ୱରେ କିଛି ଅଂଶ ସେମାନେ ଚାଷ କରିବାକୁ ରଖିଥାଆନ୍ତି। ସେଥିରେ ଯାବତୀୟ ପନିପରିବା, ସାରୁ, ଖମ୍ବଆଳୁ, ହଳଦୀ ଇତ୍ୟାଦି ଚାଷ ହୁଏ। କୃଷିଜାତ ଶସ୍ୟ ସବୁ ଖାଆନ୍ତି, ବିକ୍ରି କରନ୍ତି ଏବଂ ସଂଚିତ ଶସ୍ୟ ଭଣ୍ଡାର ଘରେ ଭାଡିକରି ପୁଟୁଳି ବାନ୍ଧି ସାଇତି ରଖନ୍ତି। କୃଷି ଯନ୍ତ୍ରପାତି ମଧ୍ୟରେ ଲଙ୍ଗଳ, କୋଦାଳ, କୋଡି, କଟୁରୀ, ଶାବଳ, ଦାଆ, ଗଇତି, କୁରାଢୀ ଆଦି ବ୍ୟବହୃତ ହୁଏ । ଗୃହ ଉପକରଣ ସହିତ କୃଷି ଯନ୍ତ୍ରପାତି ମଧ୍ୟ ଭଣ୍ଡାର ଘରେ ରଖାଯାଇଥାଏ । ସେଥିରୁ କେବଳ ଲଙ୍ଗଳଟି ଘର ବାହାରେ ବା ଗୋରୁ ଗୁହାଳ ଭିତରେ ରଖିଥାଆନ୍ତି । କୃଷି ଯନ୍ତ୍ରପାତି ଗୁଡିକ ଭଣ୍ଡାର ଘର ଭାଡି ତଳେ ରଖୁଥିବା ବେଳେ ଗୃହ ଉପକରଣ ମାନ ଘରର ଗୋଟିଏ ପାର୍ଶ୍ୱରୁ ସଜାଡି ରଖନ୍ତି। ଅବଶ୍ୟ ବ୍ୟବହାର୍ଯ୍ୟ ଗୃହ ଉପକରଣଗୁଡିକୁ ରୋଷେଇ ଘରେ ବା ଶୟନ କକ୍ଷରେ ମଧ୍ୟ ରଖି ପାରନ୍ତି। ଶସ୍ୟ କୁଟିବା ପାଇଁ ଢିଙ୍କି ବ୍ୟବହାର

କରାଯାଏ। ମୁଖ୍ୟ ବାସଗୃହରୁ ଗୋଟିଏ ଚାଳିଆ ବାହାର କରି ଢିଙ୍କିଶାଳ କରାଯାଇଥାଏ । ଅବଶ୍ୟ ଏହା ସମସ୍ତଙ୍କ ଘରେ ନଥାଏ । ଯେଉଁମାନଙ୍କ ଘରେ ଢିଙ୍କି ଥାଏ ପଡୋଶୀ ଲୋକେ ସେଠାକୁ ଯାଇ ଶସ୍ୟ କୁଟି ଆଣନ୍ତି। ଢିଙ୍କି ବ୍ୟତୀତ ଭୂମିଜମାନେ ଆଉ ଏକ ଶସ୍ୟ କୁଟା ହସ୍ତ ନିର୍ମିତ ଯନ୍ତ୍ର ବ୍ୟବହାର କରନ୍ତି । ସେଇଟିକୁ ତୁକୁ କୁହାଯାଏ । ମଣିଷେ ଉଚ୍ଚର ଗୋଟିଏ ମୋଟା ଗୋଲାକୃତି କାଠ ତଳେ ଲୁହା ଲାଗିଥାଏ । ଗୋଟିଏ ବଡ ମାଙ୍କଡା ପଥରରେ ଗୋଲାକୃତି ଗର୍ତ୍ତ କରି ମାଟିରେ ପୋତି ଦିଅନ୍ତି, ଯେପରି ପଥରଟି ଶକ୍ତ ଭାବରେ ମାଟିକୁ ଧରିରହେ । ସେଥିରେ ସେହି କାଠଟି ଦ୍ୱାରା ହାତରେ ଧାନ, ଚାଉଳ, ହଳଦୀ, ଡାଲି, କୋଳଥ, ବିରି ଆଦି ଶସ୍ୟ କୁଟି ଥାଆନ୍ତି । ରୋଷେଇ ଘର ମୁଖ୍ୟତଃ ଖାଦ୍ୟ ରନ୍ଧନ, ଓ ଭୋଜନ ପାଇଁ ବ୍ୟବହୃତ ହୁଏ । ସେଠାରେ ଗୋଟିଏ ଛୋଟ ଚୂଲୀ ହୋଇଥାଏ ରୋଷେଇ କରିବା ପାଇଁ ଏବଂ ଧାନ ଓଷାଁଇବା ପାଇଁ ଗୋଟିଏ ବଡ ମାଟି ଚୂଲୀ ହୁଏ । ଚାଉଳ କରିବା ପାଇଁ ଧାନକୁ ବଡ ହାଣ୍ଡିରେ ସିଝାଯାଏ । ଆବଶ୍ୟକ ସ୍ଥଳେ ରୋଷେଇ ଘରେ ଧାନ ମଧ ଶୁଖାଯାଇଥାଏ । ରୋଷେଇ ଘରେ ସ୍ତ୍ରୀ ଲୋକ ମାନଙ୍କର ଆତଯାତ ଅଧିକ । କାରଣ ରୋଷେଇ କରିବା ଓ ଧାନ ଉଷେଁଇବା କାମ ସ୍ତ୍ରୀ ଲୋକଙ୍କର । ପୁଣି ସେଠାରେ ପିଢା ପକାଇ ଖାଇବାକୁ ବସନ୍ତି । ଭାତ /ପଖାଳ ହାଣ୍ଡି ଓ ତରକାରୀ ସବୁ ସେଠାରେ ରହେ । ବୈଠକଖାନା ଭୂମିଜମାନଙ୍କର ପାରଂପରିକ ବାସଗୃହରେ ନଥାଏ । ସେମାନଙ୍କର ମାତ୍ର ତିନୋଟି କୋଠରୀ ବିଶିଷ୍ଟ ବାସଗୃହ ନିର୍ମାଣ କରନ୍ତି, ଯେଉଁ ଗୁଡିକ ରୋଷେଇ, ଶୟନ ଏବଂ ଭଣ୍ଡାର ଘର ଭାବରେ ବ୍ୟବହୃତ ହୁଏ । କେବେ କେମିତି ଅତିଥି ଆସିଲେ ଘର ବାହାରେ ପଟିଆ ପକାଇ ବସାଇ ଥାଆନ୍ତି କିମ୍ବା ଅତି ନିଜର କେହି ହେଲେ ଶୟନ କକ୍ଷରେ ମଧ ବସି ଗପସପ ହୁଅନ୍ତି । କର୍ମକାର୍ଯ୍ୟ ପାଇଁ କିନ୍ତୁ ବଂଧୁବାନ୍ଧବଙ୍କ ପାଇଁ ସ୍ୱତନ୍ତ୍ର ଚାଳିଆ ନିର୍ମିତ ହୋଇଥାଏ ।

ଭୂମିଜ - ପାରଂପରିକ ବାସଗୃହରେ ଖାଇବା ପାଇଁ କୌଣସି ସ୍ୱତନ୍ତ୍ର କୋଠରୀର ବ୍ୟବସ୍ଥା ହୁଏ ନାହିଁ । ସମସ୍ତେ ରୋଷେଇ ଘରେ ବସି ଖାଆନ୍ତି ବା ଘର ବାହାରେ ମୁକ୍ତ ଆକାଶ ତଳେ ଖାଇବାକୁ ବସନ୍ତି ।

ପରିବାରର ଝିଅ ବୋହୂମାନଙ୍କର ଗହଣା ଗାଣ୍ଠି, ଟଂକା ପଇସା ଆଦିସବୁ ପେଡିରେ ଭର୍ତ୍ତିକରି ଭଣ୍ଡାର ଘର ଭାଡିତଳେ ରଖିଥାଆନ୍ତି। ନିତ୍ୟ ବ୍ୟବହାର୍ଯ୍ୟ ପୋଷାକ ପତ୍ର ଶୋଇବା ଘରେ ବାଉଁଶରେ ବା ବାଉଁଶ କଣ୍ଢାରେ ଟଙ୍ଗାଇ ଦିଅନ୍ତି । କିଛି ଭଲ ଭଲ ଲୁଗାପଟା ପେଡିରେ ରଖି ଭଣ୍ଡାର ଘରେ ସାଇତନ୍ତି। ତେବେ ଏମାନଙ୍କର ବିଶେଷ

ପୋଷାକ ପତ୍ର ନଥାଏ କିମ୍ବା ବ୍ୟକ୍ତିଗତ ଆସବାବପତ୍ର ମଧ୍ୟ ସେମାନେ ସେପରି ସ୍ୱତନ୍ତ୍ର ଭାବରେ କିଛି ବ୍ୟବହାର କରନ୍ତି ନାହିଁ। ଯାହା କିଛି ଘର କରଣା ଭାବରେ ଥାଏ, ସେଗୁଡ଼ିକ ଭଣ୍ଡାର ଘରେ ବା ଶୋଇବା ଘରେ ରଖନ୍ତି । ବାଦ୍ୟଯନ୍ତ୍ର ମଧ୍ୟରେ ଭୂମିଜମାନେ ମାଦଳ, ଢୋଲ, ବଂଶୀ ଆଦି ବ୍ୟବହାର କରିଥାଆନ୍ତି । ସାଂସ୍କୃତିକ ପରଂପରା ଭୂମିଜମାନଙ୍କର ବଳିଷ୍ଠ ଥିବାରୁ ପ୍ରାୟତଃ ପ୍ରତ୍ୟେକ ପର୍ବପର୍ବାଣୀ ଓ ଉତ୍ସବାନୁଷ୍ଠାନ ମାନଙ୍କରେ ନାଚ ଗୀତର ଆସର ହୁଏ। କିମ୍ବା ପ୍ରଥା ଅନୁଯାୟୀ ବାଦ୍ୟଯନ୍ତ୍ରର ତାଳେ ତାଳେ ଗୀତ ସହ ନାଚ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ମାଦଳଟି ମୋଚି ଦ୍ୱାରା ପ୍ରସ୍ତୁତ ହେଉଥିବା ବେଳେ ଢୋଲ ଓ ବଂଶୀ ସେମାନେ ନିଜେ କରନ୍ତି। ଏଗୁଡ଼ିକ ମଧ୍ୟ ସେହି ଭଣ୍ଡାର ଘରେ ସଇତା ଯାଇଥାଏ। ଭଣ୍ଡାର ଘର କାନ୍ଥରେ ଗୋଟିଏ ବାଙ୍କୁଲି କାଠ ପୋତି ସେସବୁ ଟାଙ୍ଗି ଦିଅନ୍ତି । ସେଗୁଡ଼ିକ ଉତ୍ସବ-ପର୍ବଦିନ ବା ଅବସର ବିନୋଦନ ପାଇଁ ମଧ୍ୟ ବାହାରିଥାଏ । କୁଟୀର ଶିଳ୍ପ ମଧ୍ୟରେ ଭୂମିଜମାନେ ଖଲି, ଦୋନା, ଝାଡ଼ୁ, ପଟିଆ ଛାଞ୍ଚୁଣୀ ସ୍ୱହସ୍ତରେ ପ୍ରସ୍ତୁତ କରନ୍ତି । ଏଥିପାଇଁ ଉପକରଣମାନ ଜଙ୍ଗଲରୁ ସଂଗୃହୀତ ହୁଏ । ଝାଡ଼ୁ (ଝନ) ଗୁଡ଼ିକ ବାଉଁଶ କୁଣି ବା ନଡିଆ ଶୀରରେ ପ୍ରସ୍ତୁତ କରୁଥିବା ବେଳେ ଛାଞ୍ଚୁଣୀ ତିଆରି କରାଯାଏ ଚିରୁ (ବଡ ଘାସ ଜାତୀୟ ଗଛ) ଗଛରେ । ପଟିଆ ପାଲ ସାହାଯ୍ୟରେ ବୁଣାଯାଇଥାଏ । ସେହିପରି ଜଙ୍ଗଲରୁ ସଂଗୃହୀତ ଶାଳ ପତ୍ରରେ ଖଲି ଦୋନା ପ୍ରସ୍ତୁତ ହୁଏ । ଏହିସବୁ ହସ୍ତଶିଳ୍ପ ପ୍ରାୟତଃ ଭୂମିଜ ସ୍ତ୍ରୀ ଲୋକମାନେ ଅବସର ସମୟରେ କରିଥାଆନ୍ତି । ଏଗୁଡ଼ିକ ନିତିଦିନିଆ ଜୀବନ ଧାରାରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ହୋଇ ଥିବାରୁ ପ୍ରାୟ ସମୟ ସେମାନେ ଏସବୁ କର୍ମରେ (କାମ ପାଇଁ ବାହାରକୁ ଯିବାର ନଥିଲେ) ନିୟୋଜିତ ରହନ୍ତି । କିନ୍ତୁ ଜାଲ (ଜାଲମ୍) ମୁଖ୍ୟତଃ ପୁରୁଷମାନଙ୍କ ଦ୍ୱାରା ହିଁ ପ୍ରସ୍ତୁତ କରାଯାଏ । ସେମାନେ ଅବସର ସମୟରେ ଜାଲ ବୁଣି ଆନନ୍ଦ ପାଇଥାଆନ୍ତି । ଜାଲ ବୁଣିବା ସମୟରେ ଗପସପ କିମ୍ବା ସଂଗୀତ ଗାନ ମଧ୍ୟ ଚାଲେ । ଏ ମଧ୍ୟରୁ ଝାଡ଼ୁ, ଛାଞ୍ଚୁଣୀଗୁଡ଼ିକ ଘର ବାହାରେ ସେମାନେ ରଖୁଥିବା ବେଳେ ପଟିଆ, ଜାଲ, ଖଲି, ଦୋନା ଆଦିକୁ ଘର ଭିତରେ ସାଇତି ଥାଆନ୍ତି । ପଟିଆ ଶୋଇବା ଘରେ ରହେ, ଜାଲ ଭଣ୍ଡାର ଘରେ ଓ ଖଲି ଏବଂ ଦୋନା ଭଣ୍ଡାର ଘରେ ବା କିଛି ରୋଷେଇ ଘରେ ବ୍ୟବହାର ପାଇଁ ରଖନ୍ତି ।

ଭୂମିଜ ସଂପ୍ରଦାୟର ପାରଂପରିକ ବାସଗୃହଗୁଡ଼ିକ ଆକାର ପ୍ରକାରରେ ଛୋଟ ହେଲେ ହେଁ, ନିତ୍ୟ ନୈମିତିକ ଜୀବନର ସମସ୍ତ ଘରୋଇ କାର୍ଯ୍ୟ ଆଗରୁ ସେହିପରି

ସୁବିଧାରେ ସେଠାରେ ଚଳାଇ ନେଉଥିଲେ । ସମୟ ଓ ସଭ୍ୟତାର ପରିବର୍ତ୍ତନ ଯୋଗୁଁ ସେମାନେ କ୍ରମ ଅନୁଯାୟୀ ପାରଂପରିକ ବାସଗୃହକୁ ବଦଳାଇବାକୁ ଲାଗିଲେ ଏବଂ ବର୍ତ୍ତମାନ ତାହା ସଂପୂର୍ଣ୍ଣ ପରିବର୍ତ୍ତିତ ରୂପରେ ଦେଖିବାକୁ ମିଳୁଛି ।

**ଗୃହ ସଂପୃକ୍ତ ଅଶୁଦ୍ଧି ଓ ଶୁଦ୍ଧିକରଣ :**

ଭୂମିଜ ସମାଜରେ ନୂତନ ବାସଗୃହ ନିର୍ମାଣ ପରେ, ତାହା ପବିତ୍ର କରିବା ପାଇଁ ପଦିଷ୍ଠା କରାଯାଇଥାଏ । ପଦିଷ୍ଠା ହେବାପରେ ଯାଇ ସେଠାରେ ପରିବାରର ଲୋକେ ବସବାସ କରିଥାଆନ୍ତି । ନଚେତ୍ ତାହା ବାସଉପଯୋଗୀ ହୋଇପାରେ ନାହିଁ । ପ୍ରଥମେ, ଦେହୁରୀ/ଗୁଣିଆ ଦ୍ୱାରା ଶୁଭବେଳା ଦେଖି ପଦିଷ୍ଠା ପାଇଁ ଦିନ ଧାର୍ଯ୍ୟ କରାଯାଏ । ବାସଗୃହରେ ଭଣ୍ଡାର ଘର ପାଇଁ ଉଦ୍ଦିଷ୍ଟ ପ୍ରକୋଷ୍ଠର ଐଶାନ୍ୟ କୋଣରେ(ଇଶାନ) ଗୃହକର୍ତ୍ତା ନିଜେ ପଦିଷ୍ଠା ପୂଜା କରିଥାଆନ୍ତି । ପୂଜାରେ ହାଣ୍ଡିଆ ରସି, ଉଷୁନା ଚାଉଳ, ତୁଳସୀ ପତ୍ର, ଝୁଣା, ସଳିତା ଦୀପ ଓ ନୋଟା ପାଣି ବ୍ୟବହୃତ ହୁଏ । ଗୋଟିଏ କୁଲ୍‌ଥିଆ କୁକୁଡା (କୋଳଥ ରଂଗର କୁକୁଡା) ବଳି ପଡେ । ସେଠାରେ ପୂର୍ବପୁରୁଷ (ହାଲାମ୍ ବୁଡି ବଙ୍ଗା) ପୂଜିତ ହୁଅନ୍ତି । ପ୍ରଥମେ ଇଶାଣ ସ୍ଥାନରେ ତୁଳସୀ ପତ୍ର ପାଣି ସିଞ୍ଚନ କରି ପବିତ୍ର କରାଯାଏ । ତା'ପରେ ଉଷୁନା ଚାଉଳ ପୂର୍ବ ପୁରୁଷଙ୍କ ନାମ ଧରି ସେଠାରେ ପକାଯାଇଥାଏ । ସେହି ଚାଉଳକୁ କୁଲ୍‌ଥିଆ କୁକୁଡାକୁ ଖିଆ କରାନ୍ତି। କୁକୁଡା ଯଦି ଚାଉଳ ନଖାଏ, ତେବେ ଜଣାଯାଏ ଯେ ପୂର୍ବପୁରୁଷମାନେ ସନ୍ତୁଷ୍ଟ ନୁହଁନ୍ତି। କୁକୁଡାଟି ଚାଉଳ ଖାଇବା ପରେ ତା' ବେକକୁ ପନଖିରେ କଟାଯାଇ ପୂଜା ପାଇଁ ଦୋନାରେ ଥିବା ଉଷୁନା ଚାଉଳ ଉପରେ ତା'ର ରକ୍ତ କିଛି ପକାଇଥାଆନ୍ତି ଓ ଆଉ କିଛି ରକ୍ତ, ମୁଣ୍ଡଟିକୁ ପୂଜା ସ୍ଥାନରେ ରଖି, ସେହି ମୁଣ୍ଡ ଉପରେ ପକାନ୍ତି। ତତ୍‌ପରେ ଗୃହକର୍ତ୍ତା ସେଠାରେ ପ୍ରଣାମ ଜଣାଇ ପୂର୍ବପୁରୁଷଙ୍କର ଆଶୀର୍ବାଦ ଭିକ୍ଷା କରନ୍ତି ଓ ମୁଣ୍ଡଟିକୁ ଉଠାଇ ଆଣି ଦୋନାରେ ଥିବା ରକ୍ତ ଭିଜା ଚାଉଳ ସହିତ ପତୁଆ ପ୍ରସ୍ତୁତ କରି ସେହି ପତୁଆକୁ ପୁଣି ଗୃହକର୍ତ୍ତା ପୂଜା ସ୍ଥାନକୁ ନେଇ ହାଣ୍ଡିଆ ରସି ସହିତ ପୂର୍ବପୁରୁଷମାନଙ୍କ ଉଦ୍ଦେଶ୍ୟରେ ଅର୍ପଣ କରିଥାଆନ୍ତି। ଶେଷରେ ପରିବାରର ସମସ୍ତେ ସେଠାରେ ଜୁହାର ହୋଇ ପୂର୍ବପୁରୁଷମାନଙ୍କ ଆଶୀଷ ଲାଭ କରନ୍ତି। ହାଣ୍ଡିଆ ରସି ଭୋଗ ସହିତ ଭୋଗ ପତୁଆ ଚାଖିଣା ହୁଏ। ନିମନ୍ତ୍ରିତ ଗ୍ରାମବାସୀମାନଙ୍କୁ ହାଣ୍ଡିଆ ସେବନ କରାଇ ଆପ୍ୟାୟିତ କରାଯାଇଥାଏ। କୁକୁଡାର ଗଣ୍ଡି ମାଂସରେ ମଧ୍ୟ ତରକାରୀ ପ୍ରସ୍ତୁତ କରି ଗ୍ରାମବାସୀମାନଙ୍କ ମଧ୍ୟରେ ଅଳ୍ପ ଅଳ୍ପ

ବନ୍ଧାଯାଇଥାଏ । ଗୃହ ପଦିଷ୍ଠା ପରେ ଦେବଦେବୀଙ୍କର ଆଶୀର୍ବାଦ ପ୍ରାପ୍ତ ହୋଇ ଗୃହକର୍ତ୍ତା ସପରିବାରେ ବାସଗୃହରେ ବସବାସ କରିଥାଆନ୍ତି।

ଗୃହଟି ବିଭିନ୍ନ କାରଣରୁ ଅପବିତ୍ର ହେଲେ ଗୁଣିଆ, ଦେହୁରୀ, ବ୍ରାହ୍ମଣ, ଧୋବା, ବାରିକ ଓ ନିଜେ ଗୃହକର୍ତ୍ତାଙ୍କ ଦ୍ୱାରା ପବିତ୍ର କରାଯାଇଥାଏ।

ଭୂମିଜମାନଙ୍କର ବିଶ୍ୱାସ ଯେ ବାସଗୃହ ଉପରେ ଚିଲ ବା ଶାଗୁଣା ବସିଲେ ଘର ଅପବିତ୍ର ହୁଏ। ତଦ୍ୱାରା ପରିବାରକୁ ପୀଡା ହୋଇଥାଏ। ବିଭିନ୍ନ ପ୍ରକାର ବିପଦ ମାଡିଆସେ। ପରିବାର ଲୋକେ ରୋଗଗ୍ରସ୍ତ ହୁଅନ୍ତି। ମାରାତ୍ମକ ବ୍ୟାଧି ଗ୍ରାସକରେ। ସେଥିପାଇଁ ଗୃହକର୍ତ୍ତା ଗୁଣିଆକୁ ଡାକି ଗୃହ ପଦିଷ୍ଠା କରାଇ ଥାଆନ୍ତି। ଏଥିରେ ଗୁଣିଆ ଫୁଲ, ଧୂପ ଦୀପ ସାହାଯ୍ୟରେ ପୂଜା କରନ୍ତି। ଘିଅ ପୋଡାଯାଏ ଏବଂ କୁକୁଡା ବଳି ପଡେ ।

ଘରେ କେହି ମୃତ୍ୟୁବରଣ କଲେ ଘରଟି ୧୦ ଦିନ ଅର୍ଥାତ୍ ଶୁଦ୍ଧିକ୍ରିୟା ଯାଏଁ ଅପବିତ୍ର ହୋଇ ରହେ। ଶୁଦ୍ଧିକ୍ରିୟା ଦିନ ଘର ଲିପାପୋଛା ହୁଏ, ଲୁଗାପଟା-ବିଛଣା ପତ୍ର ଆଦି ଧୋବା ଦ୍ୱାରା ଧୁଆଯାଏ, ପରିବାରର ଲୋକଙ୍କୁ ବାରିକ କ୍ଷରଭଦ୍ର ଓ ନଖ କାଟି ଦିଅନ୍ତି । ପୁରୁଣା ହାଣ୍ଡି, ପାଛିଆ ପ୍ରଭୃତି ବଦଳାଇ ନୂଆ କରାଯାଏ । ସେଦିନ ଗୃହକର୍ତ୍ତା ନିଜେ ପୂର୍ବପୁରୁଷ ଓ ଗ୍ରାମ ଠାକୁରାଣୀଙ୍କ ଉଦ୍ଦେଶ୍ୟରେ ପୂଜା ଅର୍ଚ୍ଚନା କରିଥାଆନ୍ତି । ଶୁଦ୍ଧିକ୍ରିୟା ପର୍ଯ୍ୟନ୍ତ ସଂପୃକ୍ତ ପରିବାର ବା ଘରୁ ଅନ୍ୟ କେହି ଖାଦ୍ୟ-ପାନୀୟ ଗ୍ରହଣ କରି ନଥାଆନ୍ତି । ସେହିପରି ସ୍ତ୍ରୀ ପ୍ରସବ କଲେ ୮ ଦିନ ଯାଏଁ ଘର ଅପବିତ୍ର ହୁଏ । ୯ ଦିନରେ ଉଠିଆରୀ ପୂଜା କରି ଗୃହକୁ ପବିତ୍ର କରାଯାଇଥାଏ । ସେହି ୮ ଦିନ ମଧ୍ୟରେ ପ୍ରସବିଣୀ ତା'ର ଶିଶୁ ସନ୍ତାନ ସହିତ ସ୍ୱତନ୍ତ୍ର ଅଲଗା ଭାବରେ ଗୋଟିଏ ଖଟିଆରେ ଶୁଆବସା କରେ । ସେ ଘରର କୌଣସି ସାମଗ୍ରୀ ଛୁଏଁ ନାହିଁ କିମ୍ବା ଅନ୍ୟ କୌଣସି ପ୍ରକୋଷ୍ଠକୁ ଯାଏ ନାହିଁ । ତାକୁ ମଧ୍ୟ କେହି ସ୍ପର୍ଶ କରନ୍ତି ନାହିଁ । ସେ ଘରର କୌଣସି କାର୍ଯ୍ୟ କରେ ନାହିଁ । ଶିଶୁ ଜନ୍ମର ୯ ଦିନରେ ଉଠିଆରୀ (ନାର୍‌ତା) ହୁଏ । ସେଦିନ ଘରଦ୍ୱାର ଲିପାପୋଛା ହୁଏ । ଧୋବା ଦ୍ୱାରା ଲୁଗାପଟା ସଫା କରାଯାଏ ଏବଂ ବାରିକ ସମସ୍ତଙ୍କୁ କ୍ଷର କରିବା ସହିତ ନଖ କାଟିଦିଅନ୍ତି । ଉଠିଆରୀର ପରଦିନ କିମ୍ବା ତହିଁ ପରଦିନ ଗୃହକର୍ତ୍ତା ଈଶାନରେ ପୂର୍ବପୁରୁଷଙ୍କ ଉଦ୍ଦେଶ୍ୟରେ ପୂଜାଅର୍ଚ୍ଚନା କରି ଗୃହକୁ ଭଲ ଭାବେ ପବିତ୍ର କରିଥାଆନ୍ତି । ଏହାକୁ ଭୂମିଜ ସମାଜରେ "ସସିଡି" କୁହାଯାଇଥାଏ ।

ରଜବତୀ ସମୟରେ ସ୍ତ୍ରୀ ଲୋକମାନେ ଦେବସ୍ଥଳୀକୁ ପ୍ରବେଶ କଲେ ଦେବସ୍ଥଳୀଟି ଅପବିତ୍ର ହୁଏ । ଏପରି ହେଲେ ଦେହୁରୀଙ୍କ ଦ୍ୱାରା ପୂଜା ଅର୍ଚ୍ଚନା କରାଯାଇଥାଏ । ଏହି ପୂଜାରେ ଧୂପ, ଦୀପ, ସିନ୍ଦୂର, ଅରୁଆଚାଉଳ, ତୁଳସୀ ପତ୍ର, ଦୂବଘାସ, ବେଲପତ୍ର, କୋଳିପତ୍ର, ତିନିପ୍ରକାର ଫୁଲ, ଗୁଆ, କଷାଫଳ ଆଦି ବ୍ୟବହୃତ ହୋଇଥାଏ । ଏଥିରେ ଧଳା କୁକୁଡା (ଫୁଣ୍ଡି ସାଣ୍ଡି) ବା ନାଲି କୁକୁଡା (ରାଙ୍ଗେ ସାଣ୍ଡି) ବଳି ଦିଆଯାଇଥାଏ ।

ଘର ଉପରେ ପେଚା ବସିଲେ ଗୃହ ଧ୍ୱଂସର ଲକ୍ଷଣ ପ୍ରକାଶ ପାଉଥିବାର ଭୂମିଜମାନଙ୍କର ବିଶ୍ୱାସ । ଏପରି କ୍ଷେତ୍ରରେ ପରିବାରରେ ବିପଦ ଓ ଅଶାନ୍ତି ଲାଗି ରହେ । ରୋଗବ୍ୟାଧି ଗ୍ରାସ କରେ । ପରିବାରରେ ସମସ୍ତେ ରୁଗ୍ଣ ହୋଇ ପଡନ୍ତି । ଗୋସଂପଦ ନଷ୍ଟ ହୋଇଯାଏ । ଧାନଚାଉଳ ନିଅଣ୍ଟ ପଡେ । ଯେତେ ରୋଷେଇ କଲେ ମଧ୍ୟ ସମସ୍ତଙ୍କୁ ଅଣ୍ଟେ ନାହିଁ । ଅଭାବ ଅନାଟନ ମାଡିଆସେ । ହେଉଥିବା କାମ ହୋଇପାରେ ନାହିଁ । ଶାନ୍ତି, ସୁସ୍ଥତା, ସୁଖ, ସଫଳତା ପରିବାରଠାରୁ ଦୂରେଇ ଯାଏ । ଏଥିପାଇଁ ଗୃହକର୍ତ୍ତା ବ୍ରାହ୍ମଣ କିମ୍ବା ନାଇକଙ୍କ ପରାମର୍ଶ କ୍ରମେ ପୂଜା ଅର୍ଚ୍ଚନା କରାଇ ଗୃହକୁ ଧ୍ୱଂସ ମୁଖରୁ ରକ୍ଷା କରିବାକୁ ଚେଷ୍ଟା କରିଥାଆନ୍ତି । ଏହି ପୂଜା ବ୍ରାହ୍ମଣମାନଙ୍କ ଦ୍ୱାରା ସଂପାଦନ କରାଯାଏ । ଏହି ପୂଜାକୁ ରିଷ୍ଟ ଖଣ୍ଡନ ପୂଜା (ଅଡାଃ ପିକା କଟାଅଃ) ବୋଲି ଭୂମିଜମାନେ କହିଥାଆନ୍ତି । ଏହା କଲେ ଗୃହ-ପରିବାରର ସମସ୍ତ ରିଷ୍ଟ ଖଣ୍ଡିତ ହୋଇ ଗୃହଟି ପ୍ରତ୍ୟେକ ଦିଗରୁ ସୁରକ୍ଷିତ ରହେ ।

## ଗୃହର ନିର୍ମାଣରେ ଅନୁସୃତ ନୀତିନିୟମ :

ଯୁବ ଶୟନାଗାର ବା ଗ୍ରାମ୍ୟ ସ୍ତରୀୟ ଧର୍ମୀୟ ଗୃହର ପ୍ରଚଳନ ଭୂମିଜ ସମାଜରେ ଦୃଷ୍ଟିଗୋଚର ହୁଏ ନାହିଁ। କିନ୍ତୁ ସେମାନଙ୍କର ଠାକୁରାଣୀ ଶାଳକୁ ଜାୟାରା ବା ଗରାମ୍ ଥାନ୍ କୁହାଯାଇଥାଏ। ଗ୍ରାମ ମୁଣ୍ଡରେ ପୂର୍ବ କିମ୍ବା ପଶ୍ଚିମ ଦିଗରେ ଏହା ବିଦ୍ୟମାନ ରହେ। ଏଥିପାଇଁ କୌଣସି ପ୍ରକାର ଗୃହନିର୍ମାଣ କରାଯାଇ ନଥାଏ। ବିଭିନ୍ନ ପ୍ରକାର ମୂଲ୍ୟବାନ ଓ ଅନାବନା ଗଛର ସମାହାରରେ ଏହି ଠାକୁରାଣୀ ଶାଳଟି ଜାୟାରା ନାମରେ ଅଭିହିତ ହୁଏ। ଶାଳ, ମହୁଲ, ଅଶନି, ଧୋ, କଷାଫଳ, ଶାଗୁଆନ ଆଦି ମୂଲ୍ୟବାନ ଗଛ ସହିତ ଅନେକ ପ୍ରକାରର ଅନାବନା ଗଛ ସେଠାରେ ଦେଖାଯାଏ। ଜାୟାରା ସ୍ଥାନରୁ ଗଛ କଟାଯାଏ ନାହିଁ। ଠାକୁରାଣୀଙ୍କ ନାମରେ ମାଟିର ଘୋଡାହାତୀ ସେଠାରେ ରଖାଯାଇଥାଏ।

ଜାହିରା ପୀଠରେ ସାମୂହୀକ ପୂଜାଗୁଡିକ ଅନୁଷ୍ଠିତ ହୁଏ। ମାଘପୂଜା, ଆଷାଢିଆ ପୂଜା, ମାନସିକ ପୂଜା ଆଦି କରାଯାଏ । ବିଭିନ୍ନ କରାଣରୁ ବ୍ୟକ୍ତିଗତ କିମ୍ବା ଗ୍ରାମ୍ୟ ସ୍ତରରେ ମାନସିକ କରାଗଲେ (ଗ୍ରାମରୁ ବିପଦ ଓ ରୋଗବ୍ୟାଧି ଦୂର ପାଇଁ) ଜାୟାରା ପୀଠରେ ବିଭିନ୍ନ ଦେବଦେବୀଙ୍କ ଉଦ୍ଦେଶ୍ୟରେ ଗ୍ରାମ ଦେବତୀଙ୍କଠାରେ ପୂଜା ଅର୍ଚ୍ଚନା କରାଯାଇଥାଏ। ମୁକ୍ତ ପ୍ରକୃତି କୋଳରେ ଏଠାରେ ସମସ୍ତ ପୂଜା ଗ୍ରାମର ଦେହୁରୀ ସଂପାଦନ କରିଥାଆନ୍ତି। ଏହାକୁ ଅନ୍ୟ ଅର୍ଥରେ ବେଦୀପୀଠ ବା ଦେବଦେବୀଙ୍କ ଆସ୍ଥାନ ସ୍ଥଳୀ ମଧ୍ୟ କୁହାଯାଇପାରେ। ପ୍ରାୟ ପୂଜାରେ ଏହି ଜାୟାରା ପୀଠରେ କୁକୁଡା /ଛେଳି /ବୋଦା ଆଦି ବଳି ଦିଆଯାଏ। ଗ୍ରାମବାସୀ ସାମୂହୀକ ଭାବରେ ଏଠାରେ ଏକତ୍ରିତ ହୋଇ ବ୍ୟକ୍ତିଗତ ତଥା ଗ୍ରାମର ଉନ୍ନତି /ମଂଗଳ ପାଇଁ ଦେବଦେବୀଙ୍କ ଆଶୀର୍ବାଦ ଲାଭ କରିଥାଆନ୍ତି। ଏହି ଠାକୁରାଣୀ ଶାଳରେ ସମସ୍ତ ପ୍ରକାର ପୂଜା /ଭୋଗ ସାମଗ୍ରୀ ବ୍ୟବହୃତ ହୋଇପାରେ। ଗ୍ରାମବାସୀଙ୍କ ତରଫରୁ ଗ୍ରାମର ଦେହୁରୀ ଗ୍ରାମର ଏବଂ ବ୍ୟକ୍ତିଗତ ଭାବରେ ସମସ୍ତଙ୍କ ପାଇଁ ଦେବଦେବୀଙ୍କର ଆଶୀଷ ଭିକ୍ଷା କରିଥାଆନ୍ତି।

ଗ୍ରାମରେ ଯଦୁଧର୍ମୀୟ କର୍ମକର୍ତ୍ତା ବା ଗ୍ରାମ ମୁଖ୍ୟଙ୍କ ଗୃହ ନିର୍ମାଣରେ କୌଣସି ପ୍ରକାର ସ୍ୱତନ୍ତ୍ର ଧରଣର ଶୈଳୀ କିମ୍ବା ନୀତିନିୟମ ଅନୁସୃତ ହୁଏ ନାହିଁ । ସେମାନେ ଗ୍ରାମର ସାଧାରଣ ଲୋକଙ୍କ ପରି ସାଧାରଣ ପାରଂପରିକ ଶୈଳୀରେ ନିଜର ବାସଗୃହ ନିଜେ ହିଁ ନିର୍ମାଣ କରନ୍ତି। ଅବଶ୍ୟ ସେମାନଙ୍କୁ ଗ୍ରାମବାସୀ ଗୃହ ନିର୍ମାଣ କାଳରେ ସହଯୋଗୀ ଶ୍ରମ ପ୍ରଦାନ କରିବା ପାଇଁ କୁଣ୍ଠିତ ହୁଅନ୍ତି ନାହିଁ ।

## ଅନ୍ୟାନ୍ୟ ସରକାରୀ ପ୍ରାୟୋଜିତ ଗୃହ:

ସମୟର ଗତି ସହିତ ପାଦ ମିଳାଇ ଭୂମିଜ ସମାଜ ନିଜକୁ ଯଥେଷ୍ଟ ଉନ୍ନତ ରୂପରେ ପ୍ରତିଷ୍ଠିତ କରାଇ ପାରିଛି । ପ୍ରଥମରୁ ସେମାନେ ତ ଅପେକ୍ଷାକୃତ ଅନେକ ଦିଗରୁ ଉନ୍ନତ ଥିଲେ, ସେଥିରେ ପୁଣି ଶିକ୍ଷା ଓ ସଭ୍ୟତା ସେମାନଙ୍କୁ ଉଚ୍ଚ ସୋପାନରେ ପହଂଚିବାକୁ ସହାୟତା ପ୍ରଦାନ କରିଛି । ସେମାନଙ୍କର ଜୀବିକା ମୁଖ୍ୟତଃ କୃଷି । ତେଣୁ ସେମାନଙ୍କ ପାଖରେ ନିଜସ୍ୱ ବାସଗୃହ, ଉତ୍ପାଦିତ ଶସ୍ୟାଦି, ଗୋ-ସଂପଦ ଓ ତଦନୁଯାୟୀ ଟଂକା ପଇସା ମଧ୍ୟ ମହଜୁଦ ରହିବା ସ୍ୱାଭାବିକ। ସେଥି ସହିତ ଶିକ୍ଷା ଓ ଆଧୁନିକ ସଭ୍ୟତାର ସଂସ୍ପର୍ଶରେ ଆସି ଭୂମିଜମାନେ ନିଜର ଆର୍ଥିକ କ୍ଷମତା ଅନୁସାରେ ବାସଗୃହକୁ ଉଚ୍ଚମାନର କରିପାରିଛନ୍ତି । ସରକାରୀ ସଂରଚନା ବା ଇନ୍ଦିରା ଆବାସ ଯୋଜନାରେ

ପ୍ରଦତ୍ତ ସରକାରୀ ବାସଗୃହର ଗୁରୁତ୍ୱ ଭୂମିଜମାନଙ୍କଠାରେ ଉପଲବ୍ଧ ହୁଏ ନାହିଁ । ସରକାର ପ୍ରତ୍ୟେକ ଭୂମିଜ ଗ୍ରାମଗୁଡ଼ିକୁ ୧/୨ ଟି ବା ୩/୪ ଟି ଲେଖାଏଁ ଇନ୍ଦିରା ଆବାସ ଗୃହ ଯୋଗାଇ ଦେଇଛନ୍ତି । ନିଜସ୍ୱ ବାସଗୃହ ଥାଇ ମଧ୍ୟ କେତେକ ଭୂମିଜ ଗ୍ରହଣ କରି ନେଇଥିବାର ଦେଖାଯାଉଛି । ନିଜର କ୍ଷମତା ଅନୁଯାୟୀ ନିଜର ପସନ୍ଦ ମୁତାବକ ବାସଗୃହ ଯେଉଁମାନେ କରିଛନ୍ତି ବା କରିପାରୁଛନ୍ତି, ସେମାନଙ୍କ ପାଖରେ ଏକ କୋଠରୀ ବିଶିଷ୍ଟ ନିମ୍ନମାନର ସରକାରୀ ଇନ୍ଦିରା ଆବାସ ବାସଗୃହର ଗୁରୁତ୍ୱ ଅନୁଭୂତ ହେବ ବା କିପରି !

## ସାଂପ୍ରତିକ ଗୃହ ନିର୍ମାଣ ଉପକରଣ :

ଆଧୁନିକ ଯୁଗରେ ଭୂମିଜମାନେ ପ୍ରାୟତଃ ପକ୍କା ଘର କରୁଥିବାର ଦେଖାଯାଉଛି । ଇଟା, ସମେଣ୍ଟ, ବାଲି, ଲୁହାଛଡ ବ୍ୟବହାର କରି ଛାତପକା ଘର କିମ୍ବା ଅଜ୍‌ବେସଟାସ୍ ଟାଇଲି ଛାତ ଘର ନିର୍ମାଣ କରୁଛନ୍ତି । ଯେଉଁମାନେ ମାଟିକାନ୍ଥ କରୁଛନ୍ତି, ସେମାନେ ଆଉ ଆଗପରି ଝାଟିମାଟିର ଭୁଗୁଡା କାନ୍ଥ କରୁନାହାଁନ୍ତି । ବରଂ ମାଟି ସହିତ ବାଲି ମିଶାଇ କିମ୍ବା ଇଟା ଲଗାଇ ବାସଗୃହର କାନ୍ଥ ଗୁଡିକ ମଜଭୁତ ଭାବେ ପ୍ରସ୍ତୁତ କରୁଛନ୍ତି । ସେଥିରେ କୁଟା କିମ୍ବା ଟାଇଲି ଛପର ହେଉଛି । ଅବଶ୍ୟ ବାସଗୃହରେ ବ୍ୟବହାର କରିବାପାଇଁ କାଠାଦି ଜଙ୍ଗଲରୁ ସଂଗ୍ରହ କରିବା ପାଇଁ ପଡୁଛି । ତେବେ ଜଙ୍ଗଲ ପାହାଡ ଅଂଚଳରେ ଭୂମିଜ ବସତି ଥିବାରୁ ସେମାନଙ୍କୁ କାଠ ସଂଗ୍ରହ କରିବାରେ ଅସୁବିଧା ହେଉନାହିଁ । ଦଣ୍ଡା, ରୁଅ, ଶେଣୀ, ଦ୍ୱାରବଂଧ, କବାଟ, ଝରକା ପ୍ରଭୃତି ସମସ୍ତ କାର୍ଯ୍ୟ ପାଇଁ ବ୍ୟବହୃତ କାଠ ଉପକରଣ ସହଜ ଲବ୍ଧ ହୋଇପାରୁଛି । ଏତଦ୍ ଭିନ୍ନ ଆଧୁନିକ ଗୃହ ନିର୍ମାଣର ଉପକରଣମାନ ଯୋଗାଡ କରିପାରୁଛନ୍ତି ।

## ପ୍ରାଚୀନ ଏବଂ ସାମ୍ପ୍ରତିକ ଗୃହ ନିର୍ମାଣର ସ୍ୱୀକୃତି ଓ ପ୍ରତ୍ୟାଖ୍ୟାନ :

ଭୂମିଜ ସଂପ୍ରଦାୟ ଅତୀତର ପାରଂପରିକ ବାସଗୃହ ପ୍ରାୟତଃ ପ୍ରତ୍ୟାଖ୍ୟାତ ହେବାରେ ଲାଗିଛି । ଶିକ୍ଷା ଓ ଆଧୁନିକ ସଭ୍ୟତାର ପ୍ରଭାବରେ ଅର୍ଦ୍ଧାଧିକ ଭୂମିଜ ଶିକ୍ଷିତ, ଉଚ୍ଚ ପଦାଧିକାରୀ, ସାଧାରଣ ସରକାରୀ କର୍ମଚାରୀ ଏବଂ ରାଜନୈତିକ ନେତା ମଧ୍ୟ । ଅନେକେ କୃଷିକର୍ମ ସହିତ ପାର୍ଶ୍ୱ ବ୍ୟବସାୟରେ ପ୍ରତିଷ୍ଠିତ । ସମସ୍ତେ ବିଭିନ୍ନ ଉପାୟରେ ଅର୍ଥ ଉପାର୍ଜନ କରିବାକୁ ବ୍ୟସ୍ତ । ତେଣୁ ଆଧୁନିକତାର ପ୍ରଭାବରେ ଭୂମିଜମାନେ ପାରଂପରିକ ବାସଗୃହକୁ ପାରମ୍ପରିକ ରୀତିରେ ନକରି ସହରୀ ଢାଞ୍ଚାରେ କରୁଛନ୍ତି ।

ସକ୍ଷମ ଅନୁସାରେ ନିଶ୍ଚିତ ଲୋକେ ଅଧିକ ସୁବିଧା ଓ ଆରାମରେ ରହିବାକୁ ପସନ୍ଦ କରିବେ - ଏହା ସ୍ୱାଭାବିକ ପ୍ରକ୍ରିୟା । ସେଥିପାଇଁ ଅତୀତର ଝାଟିମାଟି ଭୁଗୁଡ଼ା ଘର ଆଉ ଭୂମିଜ ସମାଜରେ ପ୍ରାୟତଃ ନିର୍ମିତ ହେଉନାହିଁ। ପାରଂପରିକ ବାସଗୃହ ଗୁଡ଼ିକରେ କବାଟ, ଝରକା ନଥିବା ସ୍ଥଳେ ଏବେ ମୁକ୍ତ ବାୟୁ ଗତାଗତ ପାଇଁ ଏବଂ ସୌନ୍ଦର୍ଯ୍ୟ ବୃଦ୍ଧି ନିମନ୍ତେ ବିଭିନ୍ନ ପ୍ରକାର ଚିତ୍ର ଖୋଦିତ କବାଟ ଓ ଝରକା ଲଗାଇବାର ଦେଖାଯାଉଛି । ଅତୀତରେ ବାସଗୃହର ପିଣ୍ଡା ବ୍ୟବସ୍ଥା ହେଉ ନଥିଲା କିମ୍ବା ଯଦି ପିଣ୍ଡା କରୁଥିଲେ ତେବେ ଚାଖଣ୍ଡେ ବା ଦି' ଚାଖଣ୍ଡ ଓସାରର । ଏବେ କିନ୍ତୁ ପିଣ୍ଡାକୁ ବିଭିନ୍ନ ଉଦ୍ଦେଶ୍ୟରେ ବ୍ୟବହାର ପାଇଁ ବେଶ୍ ପ୍ରଶସ୍ତ କରୁଛନ୍ତି । କୋଠରୀ ସଂଖ୍ୟା ତିନି ନୁହେଁ, ଇଚ୍ଛା ଅନୁଯାୟୀ ଆବଶ୍ୟକ ମୁତାବକ କୋଠରୀ ସଂଖ୍ୟା ବଢାଇଛନ୍ତି । ପୁଣି ବାସଗୃହର ଆକାର ବଡ, ପ୍ରକୋଷ୍ଠର ଆକାର ବୃଦ୍ଧି, ଘରର ଉଚ୍ଚତା, କାନ୍ଥର ଉଚ୍ଚତା ପ୍ରତ୍ୟେକ ଦିଗରୁ ଉନ୍ନତ ହୋଇଛି । କେବଳ ଦାଣ୍ଡି ଘର ନୁହେଁ ପୁର ଘର ମଧ୍ୟ ନିର୍ମିତ ହେଉଛି କିମ୍ବା କେହିକେହି ଦାଣ୍ଡିଘର ସହିତ ଏପଟ ସେପଟ କରି ଅଧିକ ପ୍ରକୋଷ୍ଠ ବାହାର କରୁଛନ୍ତି । ରୋଷେଇ ଘର, ଭଣ୍ଡାର ଘର, ଶୟନ କକ୍ଷ ବ୍ୟତୀତ ଭୂମିଜମାନେ ଏବେ ଅତିଥିମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ରକୋଷ୍ଠ ବା ବୈଠକଖାନା, ବଂଧୁବାନ୍ଧବଙ୍କ ପାଇଁ ଅଧିକ ପ୍ରକୋଷ୍ଠ, ପରିବାରର କଳେବର ବୃଦ୍ଧି ଘଟିଲେ ସ୍ୱାତନ୍ତ୍ର୍ୟ ରକ୍ଷା ପାଇଁ ଆବଶ୍ୟକ ମୁତାବକ ଭିନ୍ନ ଭିନ୍ନ କୋଠରୀମାନ ଭୂମିଜମାନେ ନିର୍ମାଣ କରୁଥିବାର ଦେଖାଯାଉଛି । ସେହିପରି ଘର ଗୁଡ଼ିକରେ କଂକ୍ରିଟ୍ ଛାତ ପଡୁଛି କିମ୍ବା ଆଜ୍‌ବେଟାସ୍, ଟାଇଲ ଛପର କରୁଛନ୍ତି। ନଡା ଛପର ଯେ ହେଉନାହିଁ ତାହା ନୁହେଁ, ପରନ୍ତୁ ମଜଭୁତ କାନ୍ଥ ଓ ପ୍ରକୋଷ୍ଠ ସଂଖ୍ୟା ଅଧିକ ସହିତ କବାଟ, ଝରକା ଲଗାଇ ବାସଗୃହକୁ ସୁରକ୍ଷା ଦେବାପାଇଁ ଚେଷ୍ଟାରେ ଅଛନ୍ତି। ଦାଣ୍ଡିଘର କଲେ ସମ୍ମୁଖ ଭାଗ ପିଣ୍ଡାରେ ଜାଫ୍ରି ବା ଲୁହାଜାଲି ମଧ୍ୟ ଲଗାଉଛନ୍ତି। ଗୃହ ନିର୍ମାଣ ପାଇଁ କେବଳ ଅତୀତରେ ବ୍ୟବହୃତ ହେଉଥିବା ଉପକରଣ ବ୍ୟବହାର କରାଯାଉନାହିଁ, ସେଥିସହ ଆଧୁନିକ ବିଜ୍ଞାନ କୌଶଳରେ ନିର୍ମିତ ଉପକରଣମାନ ଲଗାଇ ଗୃହ ନିର୍ମାଣ କରୁଛନ୍ତି। ଗୃହ ନିର୍ମାଣ ଶୈଳୀ ମଧ୍ୟ ସଂପୂର୍ଣ୍ଣ ପରିବର୍ତ୍ତିତ। ଏବେ ବାସଗୃହ ସ୍ଥାୟୀତ୍ୱ ପାଇଁ ବିଶେଷ ଦୃଷ୍ଟି ଦିଆଯାଉଛି। ଟାଇଲି, ଆଜବେସ୍‌ଟାସ କିମ୍ବା କୁଟା ଛପର ହେଲେ ମଧ୍ୟ କୋଠରୀ ଭିତର ପାର୍ଶ୍ୱରେ କାଠ ବା ବାଉଁଶ ଦ୍ୱାରା ସିଲିଂ କରାଯାଉଛି। ଏହାଦ୍ୱାରା ଖରାଦିନେ ଅଧିକ ଗରମ ବା ଶୀତଦିନେ ଅଧିକ ଥଣ୍ଡା ଅନୁଭୂତ ହୁଏ ନାହିଁ। ତଦ୍‌ଭିନ୍ନ ବର୍ଷା ଓ ଅଗ୍ନି

ଦାଉରୁ ରକ୍ଷା ମିଳେ। ବାସଗୃହ ସଂଲଗ୍ନ ଗୋରୁ, ଗାଈ, ପଣ୍ଡା, ମଇଁଷିଙ୍କ ପାଇଁ ଗୁହାଳ, ଛେଳି, ମେଣ୍ଢା ଗୁହାଳ ଓ କୁକୁଡା, ବତକ ଆଦିଙ୍କ ପାଇଁ ସ୍ୱତନ୍ତ୍ର ଭାବରେ ଭାଡି ନିର୍ମିତ ହେଉଛି। ଏବେ ଆଉ ଶୟନକକ୍ଷରେ କୁକୁଡା-ବତକ ମାନଙ୍କୁ ରଖାଯାଉନାହିଁ।

ଭୂମିଜ ସଂପ୍ରଦାୟରେ ଅତୀତର ପାରଂପରିକ ବାସଗୃହ ବର୍ତ୍ତମାନ ପରିପ୍ରେକ୍ଷୀରେ ସଂପୂର୍ଣ୍ଣ ଭାବରେ ପ୍ରତ୍ୟାଖ୍ୟାତ ହୋଇଥିଲେ ହେଁ କେବଳ ନିର୍ମାଣ ଧାରାରେ ବାସଗୃହ ଗୁଡିକ ଅତୀତର ପରଂପରା ଅନୁଯାୟୀ ପୂର୍ବ ପଶ୍ଚିମ ଦିଗକୁ କରାଯାଉଛି। କାରଣ ସୂର୍ଯ୍ୟଡିଆଁ ଘର ସେମାନଙ୍କ ପାଇଁ ଅଶୁଭ ପ୍ରତିପାଦିତ ହୋଇଥାଏ । ଏହା ବାଦ୍ ପୂର୍ବପରି ଭଣ୍ଡାର ଘରଟି ଭୂମିଜ ମାନଙ୍କର ଇଶାନ ବା ପୂଜାସ୍ଥଳୀ। ଅଦ୍ୟାବଧି ଭୂମିଜମାନେ ସେହି ଭଣ୍ଡାର ଘରେ ଯାବତୀୟ ଘରୋଇ ପୂଜା ପୂର୍ବପୁରୁଷମାନଙ୍କ ଉଦ୍ଦେଶ୍ୟରେ କରୁଅଛନ୍ତି। ନଡା ଛପର ହେଉଥିବା ବାସଗୃହ ଗୁଡିକରେ ଆଗରୁ ଅଧିକ ବାଉଁଶ ବ୍ୟବହୃତ ହେଉଥିବା ସ୍ଥଳେ ଏବେ ବାଉଁଶର ସ୍ଥାୟୀତ୍ୱ କମ୍ ଥିବାରୁ କାଠର ବହୁଳ ବ୍ୟବହାର କରୁଥିବାର ଦେଖାଯାଉଛି।

❑❑❑

# ପାରମ୍ପରିକ ଚାରୁ ଓ କାରୁକଳା

"କିଏ ଗଢିଲାରେ ସୁନ୍ଦର ସଂସାର
କେଉଁଠାରେ ଲୁଚିରହି,
ଧନ୍ୟ ସେ ବିନ୍ଧାଣୀ, ଧନ୍ୟ ତା କରଣୀ
ତା ପରି ଆନ କେହି ନାହିଁ ।"

କବିର ଲେଖନୀରୁ ଝରିପଡେ ଈଶ୍ୱରାମୃତ । ଈଶ୍ୱର ହେଉଛନ୍ତି ସର୍ବଶ୍ରେଷ୍ଠ ଶିଳ୍ପୀ । କେତେ ନିଖୁଣ ଓ ସୁନ୍ଦର କରି ସେ ଏ ସାରା ଜଗତକୁ ସୃଷ୍ଟି କରିଛନ୍ତି । ପର୍ଯ୍ୟାପ୍ତ ପ୍ରାକୃତିକ ସୁଷମାରେ ଘୋଡାଇ ରଖିଛନ୍ତି ଏ ବିଶ୍ୱକୁ । ସମଗ୍ର ଜୀବଜଗତ ଓ ସୃଷ୍ଟିର ସର୍ବଶ୍ରେଷ୍ଠ ଜୀବ ମଣିଷକୁ ବୁଦ୍ଧି-ବିବେକ-ଜ୍ଞାନର ପ୍ରଲେପ ଦେଇ କେତେ ତେଜୋଦୀପ୍ତ ଭାବରେ ଗଢିଛନ୍ତି ସେ । ତହିଁରେ ପୁଣି ଭରି ଦେଇଛନ୍ତି ବିଶାଳ, କିନ୍ତୁ ଛୋଟ ଦରଦୀ ହୃଦୟଟିଏ । ଅମୃତର ସନ୍ତାନ ମଣିଷ ଈଶ୍ୱରଙ୍କର ଉପଯୁକ୍ତ ଦାୟାଦ ସ୍ୱରୂପ ମର୍ତ୍ତ୍ୟରେ ଫୁଟାଇଛି ସ୍ୱର୍ଗର ପାରିଜାତ । ପୃଥିବୀ ହୋଇଛି ଅମରାବତୀ ତୁଲ୍ୟ ।

ମଣିଷ ସ୍ୱୟଂ ଏକ କଳାର ଭଣ୍ଡାର । ସନ୍ତାନ ଜନ୍ମର କାରକ-କାରଣ, ଶିଶୁର କ୍ରନ୍ଦନ ରୋଳ, ଦରୋଟି ଭାଷା, ମଧୁଝରା ହସ, ଥାପିଥାପି ପଦପାତ ପୁରୁଷର ଆକର୍ଷିତ ବାକଶୈଳୀ-ବ୍ୟକ୍ତିତ୍ୱ, ପ୍ରେମିକ ହୃଦୟ, ନାରୀର ମନଲୋଭା ଚାହାଣୀ, ପ୍ରସ୍ଫୁଟିତ ହସ, ଚାଲିବାର ଭଙ୍ଗି ଓ କୋମଳ - ନରମ ମନ, ସବୁଥିରେ କଳାର ପରିପୂର୍ଣ୍ଣ ଆଲେଖ୍ୟ । ମଣିଷର ଚାଲିରେ କଳା, ଭାଷାରେ କଳା, ହସରେ, କଳା, କାମରେ କଳା ସର୍ବୋପରି ଚିନ୍ତାରେ ମଧ କଳା । କଳାମୟ ଏ ମଣିଷ । କଳାରୁ ମଣିଷର ଜନ୍ମ, ଜୀବନଧାରଣ ଓ ମୃତ୍ୟୁ । ତେଣୁ କୁହାଯାଇପାରେ କଳା ମଣିଷ ପାଇଁ, ମଣିଷ ଦ୍ୱାରା ଓ ମଣିଷର । କଳା ଓ ମଣିଷ ଓତଃପ୍ରୋତଃ ଭାବେ ଜଡିତ ।

ମଣିଷ ଜୀବନରେ କଳାର ପ୍ରାବଲ୍ୟ ଏତେ ଅଧିକ ଯେ, ସାଧାରଣ ଜୀବନ ଶୈଳୀରେ ତାହା ପ୍ରତିଟି ମୁହୂର୍ତ୍ତରେ ପ୍ରତିବିମ୍ବିତ ହୋଇଥାଏ । କେତେବେଳେ ଭାଷାରେ ପୁଣି କେତେବେଳେ ନର୍ତ୍ତକୀର ଘୁଙ୍ଗୁର ଓ ଗାୟକର କଣ୍ଠରେ ଝଙ୍କାର ତୋଳେ ତ

କେତେବେଳେ କବିର ଲେଖନୀ କଳାର ଜୟଜୟକାର କରିଥାଏ । କଳାର ପରିସୀମା ଏତେ ପରିବ୍ୟାପ୍ତ ଯେ, ତା'ର ସଂଜ୍ଞା ଖୋଜିଲେ ଅଥଳ ସମୁଦ୍ରର ତରଙ୍ଗାୟିତ ଜଳରେ କିମ୍ବା ଅସୀମ ଆକାଶର ଘନ ନୀଳିମାରେ ନିଜକୁ ହଜାଇ ଦେବାକୁ ପଡେ । ସେଥି ପ୍ରକାଶ ତରଙ୍ଗ କିମ୍ବା ମେଞ୍ଚାଏ ନୀଳିମା ମଧ୍ୟ ହାତ ମୁଠାରେ ଧରି ରଖି ହୁଏ କି ନା - ସନ୍ଦେହ ।

ଏହି ପରିପ୍ରେକ୍ଷୀରେ ଗୋଷ୍ଠୀ ଭିତ୍ତିକ କଳା ଓ ଶିଳ୍ପ ପ୍ରସଙ୍ଗ ଉତ୍‌ଥାପିତ ହୋଇଥାଏ । ସମସ୍ତ ମାନବ ସମ୍ପ୍ରଦାୟ ନିଜସ୍ୱ କଳା-ଶିଳ୍ପରେ ଭାସ୍ୱର । କିନ୍ତୁ ତନ୍ମଧ୍ୟରେ ଆଦିବାସୀ ସମାଜ ଗୁଡିକର ପାରମ୍ପରିକ ଶିଳ୍ପ -କଳା ଭିନ୍ନ ଓ ଅଲଗା । ସେମାନେ ସଭିଏଁ ନିଜସ୍ୱ ପରମ୍ପରାର ସ୍ୱାତନ୍ତ୍ର୍ୟ ବଜାୟ ରଖି ଜୀବନ ଚର୍ଯ୍ୟାର ପ୍ରତିଟି ସୋପାନକୁ ଆକଣ୍ଠ ଉପଭୋଗ କରିବା ସହିତ ମାନବିକ ସୌନ୍ଦର୍ଯ୍ୟ ପ୍ରିୟତାର ପରିଚୟ ଦେଇଥାଆନ୍ତି । ବସତି ପଦ୍ଧତି ଠାରୁ ଆରମ୍ଭ କରି ବାସଗୃହ, ଗୃହୋପକରଣ, କୃଷି, ଯନ୍ତ୍ରପାତି, ଶୀକାର ସରଞ୍ଜାମ, ଅଳଙ୍କାର, ପୋଷାକ, ବାଦ୍ୟଯନ୍ତ୍ର - ସବୁଥିରେ ଶିଳ୍ପର ମନୋରମ ଆଲେଖ୍ୟ ସହିତ ପର୍ବପର୍ବାଣୀ, ପୂଜାବିଧି, ଚାଷକର୍ମ, ଅବସର ବିନୋଦନ, ପ୍ରେମ ନିବେଦନ, ଗୁଣିଗାରେଡି, ବିବାହ, ଉଠିଆରୀ ଆଦି ପ୍ରତ୍ୟେକ ପର୍ଯ୍ୟାୟ ବା ଅନୁଷ୍ଠାନମାନ ନୃତ୍ୟ-ସଙ୍ଗୀତ କଳା ନୈପୁଣ୍ୟରେ ମାଧୁର୍ଯ୍ୟ ମଣ୍ଡିତ ।

ଏଠାରେ ଭୂମିଜ ସମ୍ପ୍ରଦାୟର ପାରମ୍ପରିକ କଳା ଓ ଶିଳ୍ପ ସମ୍ପର୍କରେ ଯତ୍ କିଞ୍ଚିତ୍ ଆଲୋଚନା କରାଯାଇପାରେ ।

## ଚାରୁ ଓ କାରୁକଳାର ଧାରଣା, ଉତ୍ପତ୍ତି ଏବଂ ଇତିବୃତ୍ତ :

ମୁଣ୍ଡା ଏକ ବହୁ ପୁରାତନ ମଣିଷ ଗୋଷ୍ଠୀ । କିନ୍ତୁ ସମୟାନୁକ୍ରମେ ମୁଣ୍ଡା ଗୋଷ୍ଠୀର ବିଭାଜନ ଘଟି ସ୍ଥାନ - କାଳ ଓ କର୍ମ କ୍ରମରେ ଭିନ୍ନ ଭିନ୍ନ ସମ୍ପ୍ରଦାୟର ନାମ ଧାରଣ କରିଥିବା ଜଣାଯାଏ । ସେ ମଧ୍ୟରୁ ଭୂମିଜ ଅନ୍ୟତମ । ପ୍ରଥମତଃ ମଣିଷ, ସେଥିରେ ପୁଣି ଏକ ସଂସ୍କୃତି ସମ୍ପନ୍ନ ପ୍ରାଚୀନ ଗୋଷ୍ଠୀର ମଣିଷ ଭାବରେ ଭୂମିଜମାନେ ଶିଳ୍ପ-କଳା କ୍ଷେତ୍ରରେ ବେଶ୍ ଉନ୍ନତ । ଅବଶ୍ୟ ଅତୀତରେ କଳା ଓ ଶିଳ୍ପ ଭଳି ଓଜନଦାର ଶବ୍ଦ ପ୍ରଚଳିତ / ବ୍ୟବହୃତ ହେଉନଥାଇ ପାରେ, କିନ୍ତୁ ସେଗୁଡିକର ଅସ୍ତିତ୍ୱ ସୁଦୃଢ ଥିବାର ଭୂମିଜ ଲୋକକଥା - ଲୋକଗୀତରୁ ସ୍ପଷ୍ଟ ହୋଇଥାଏ ।



ଅପେକ୍ଷାରେ



ଆସ ନାଚିବା

କଣ୍ଠା - "ଆଲେ ହାତୁ କଦମ୍ ବାଆରେ
ଆମା ଲୁତୁମ୍ ଅଲାକାନ୍ ,
କୁଳି - ଆଲେ ହାତୁ ମଲ୍ଲୀ ବାଆରେ
ଆମା ରୂପ ଅଲାକାନା,
କଣ୍ଠା - ଆଲେ ହାତୁ ଝାରନାରେ
ଆମାଃ ଦୁରାଂ ସେତମ୍ ତାନା,
କୁଳି - ଆଲେ ହାତୁ ପୋଖରୀରେ
ଆମାଃ ଖେରାଂ ସାରାକାନା
ଆମ ଲଃ ଜାଗାର୍‌ରେ ସାନାଇଁ
ଆପେ ହାତୁ ପୋଖରୀରେ.......
କଣ୍ଠା - ଆଲେ ହାତୁ ବାଆ ବାଗାନ୍‌ରେ
ଆମାଃ ରୂପ ଇନୁମ୍‌ତାନା
ଆଲେ ହାତୁ ଦଲାନାରେ
ଆମାଃ ଚେହେରା ସୁସୁନ୍‌ତାନା
ହିଆଡିଂ ତେ ମନେଃତାନା
ଟାକା ତାରେ ସାନାତାନା
ଆଲେ ହାତୁ କଦମ୍ ବାଆରେ....

(ପ୍ରେମ ସଂଗୀତ)

ଓଡ଼ିଆ :

ପୁଅ- ଆମ ଗାଁ କଦମ୍ବ ଫୁଲରେ
ତୁମ ନାମ ଲେଖାଯାଇଛି ।
ଝିଅ - ଆମ ଗାଁ ମଲ୍ଲୀ ଫୁଲରେ
ତୁମ ରୂପ ଅଙ୍କା ହୋଇଛି ।
ପୁଅ - ଆମ ଗାଁ ଝରଣାରେ
ତୁମ ଗୀତ ଝରିଯାଉଛି ।

ଝିଅ - ଆମ ଗାଁ ପୋଖରୀରେ

ତୁମ ରୂପ ଝଲସୁଛି

ତୁମ ସଙ୍ଗେ କଥା କହିବାକୁ ଇଚ୍ଛା ହେଉଛି ।

ଆମ ଗାଁ ପୋଖରୀରେ......... (ଘୋଷା)

ପୁଅ - ଆମ ଗାଁ ଫୁଲ ବଗିଚାରେ

ତୁମ ରୂପ ନାଚି ଯାଉଛି ।

ଆମ ଗାଁ ଫୁଲ ଝୁଲଣାରେ

ତୁମ ଚେହେରା ଦୋଳି ଖେଳୁଛି ।

ପ୍ରାଣଭରି ମନ ଚାହୁଁଛି

ଚାଖିବାକୁ ଇଚ୍ଛା ହେଉଛି ।

ଆମ ଗାଁ କଦମ୍ବ ଫୁଲରେ....... (ଘୋଷା)

## ବନ୍ଧାଣ ଗୀତ

"ହୁକକାରେୟା ଲୁତୁମ୍ ଗଙ୍ଗା ଯମୁନା

ଚିଲ୍ମରେୟା ଲୁତୁମ୍ ହାଟିଂବାଆ

କିଶାନାଃ ଲୁତୁମ୍ ସିତଲ୍ ସିଂ

ବିରିଦ୍ ଯେ ବାବୁ ଏକ ତାମକୁ ଚୁନ୍ "

ଓଡ଼ିଆ : "ହୁକ୍କାର ନାମ ଗଙ୍ଗାଯମୁନା

ଚିଲମର ନାମ ବଣାଫୁଲ

ମାଲିକ ନାମ ସିତଲ୍ ସିଂ

ଉଠରେ ବାବୁ, ଏଯେ -

ଦଲା ଦୁକ୍ତା ଚୂନ ।"

ମହେଞ୍ଜୋଦାରୋ ହରପ୍ପା ସଭ୍ୟତାରୁ ମିଳିଥିବା କଳା ଶିଳ୍ପର ସଙ୍କେତ ବା ଅଂଶବିଶେଷକୁ ମୁଣ୍ଡା ଗୋଷ୍ଠୀ ଅନ୍ତର୍ଗତ ସଂପ୍ରଦାୟମାନେ ନିଜସ୍ୱ କଳାକୌଶଳ ବୋଲି ଦାବି କରିଥାଆନ୍ତି । ସେମାନଙ୍କ ମତରେ ପ୍ରସ୍ତର ଖୋଦିତ ଶିଳାଲେଖ ଓ ଚିତ୍ରକଳାମାନ ମୁଣ୍ଡା ଭାଷା ଓ ଶିଳ୍ପ ଅନ୍ତର୍ଭୁକ୍ତ । ଅବଶ୍ୟ ସେମାନଙ୍କର ଲିପିବଦ୍ଧ ସାହିତ୍ୟ କିଛି ଅଦ୍ୟାବଧି ଦୃଷ୍ଟିଗୋଚର ହୋଇନାହିଁ । ସବୁ ଲୋକକଥା, ଲୋକକାହାଣୀ ଓ ଲୋକସଙ୍ଗୀତ ଆକାରରେ ପ୍ରାଚୀନତାର ସ୍ୱାକ୍ଷର ବହନ କରି ମୁଣ୍ଡା - ଭୂମିଜ ସଂସ୍କୃତିର ବିଶାଳତାକୁ ପରିଚିତ କରାଏ । ଏବର ଲୋକନୃତ୍ୟ, ଲୋକବାଦ୍ୟ, ଲୋକଗୀତ ତାହାର ପ୍ରକୃଷ୍ଟ ନିଦର୍ଶନ । ଏତଦ୍‌ଭିନ୍ନ ବର୍ତ୍ତମାନର ଚଳନ୍ତି ବାସଗୃହ, ଗୃହୋପକରଣ, ବାଦ୍ୟଯନ୍ତ୍ର, ବିଭିନ୍ନ ପ୍ରକାର ଜଙ୍ଗଲଜାତ ଦ୍ରବ୍ୟାଦିରୁ ପ୍ରସ୍ତୁତ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପ୍ରଭୃତି ଅତୀତରେ ଭୂମିଜ ସମାଜ ପ୍ରକୃତିରୁ କଳା ଜ୍ଞାନ ଆହରଣ କରି ଯେ ଶିଳ୍ପ-କଳାକୁ ପ୍ରତିଷ୍ଠିତ କରିପାରିଥିଲେ, ତାହା ପ୍ରମାଣ କରିଥାଏ ।

ଶିଳ୍ପ କହିଲେ ଆମେ ବୁଝିଥାଉଁ କାରୁ-କର୍ମ, ଚାରୁକଳା ବା ବିବିଧ ଦ୍ରବ୍ୟ ନିର୍ମାଣର କାର୍ଯ୍ୟ ଏବଂ କଳା ହେଉଛି ସଂଗୀତ - ସାହିତ୍ୟ-ଶିଳ୍ପାଦି ବିଦ୍ୟା । ଏ ସବୁର ସମାହାର ଭୂମିଜ ସମାଜରେ ବିଦ୍ୟମାନ । ଆଗରୁ ମଣିଷର ସହଜାତ ପ୍ରକିୟାରେ କଳା ଓ ଶିଳ୍ପ ସ୍ୱାଭାବିକ ଢ଼ଙ୍ଗରେ ଉନ୍ନତ ହୋଇଥିଲେ ହେଁ ବର୍ତ୍ତମାନ ଶିକ୍ଷିତ ଓ ସଭ୍ୟ ଭୂମିଜ ପାରଂପରିକ ଶିଳ୍ପ କଳାର ଅର୍ଥ-ମହତ୍ତ୍ୱ ବେଶ୍ ଉପଲବ୍ଧି କରିପାରୁଥିବାର ହୃଦବୋଧ ହୁଏ । ଅବଶ୍ୟ ଆଧୁନିକତାର ପ୍ରଭାବରେ ପାରଂପରିକ ଶିଳ୍ପ-କଳାର ପ୍ରଚଳନ ମାନ ହ୍ରାସ ପାଇଛି । ହେଲେ ଅସ୍ତିତ୍ୱ ବିସ୍ମୃତ ହୋଇ ନାହିଁ ।

## ଚାରୁ ଓ କାରୁକଳାରେ ତଥା ସୌନ୍ଦର୍ଯ୍ୟବୋଧ :

ଭୂମିଜ ସମାଜରେ ଅଦ୍ୟାବଧି ପ୍ରଚୁର ପରିମାଣରେ ସଂଗୀତ-ସାହିତ୍ୟ ଶିଳ୍ପାଦି ଲୋକକଥା, ଲୋକକାହାଣୀ, ଲୋକଗୀତ, ଲୋକନୃତ୍ୟ, ଲୋକବାଦ୍ୟ, ଆକାରରେ ମହଜୁଦ ରହିଛି । ବିବାହୋତ୍ସବାଦି ବିଭିନ୍ନ ପ୍ରକାର ସାମାଜିକ ଉତ୍ସବାନୁଷ୍ଠାନ, ପର୍ବପର୍ବାଣୀ ପୂଜାପାଠ ଓ ଅବସର ବିନୋଦନ କାଳରେ ଭୂମିଜମାନେ ବେଶ୍ ବାଦ୍ୟ-ଗୀତ-ନୃତ୍ୟର ତାଳେ ତାଳେ ଆନନ୍ଦ ଉଲ୍ଲାସର ସହିତ ଜୀବନକୁ ଉପଭୋଗ କରନ୍ତି । ବହୁଳ ଭାବରେ ମଜାଦାର ଗପ ଓ ପୃଥିବୀର ସୃଷ୍ଟି (ମରିତିକା ରେୟାଃ ସିର୍‌ଜନ୍) କାହାଣୀ ମନକୁ ମୋହିତ କରିଥାଏ । ବିଭିନ୍ନ ଶୈଳୀର ବାଦ୍ୟ-ତାଳ-ନୃତ୍ୟ ସହିତ ସଂଶିଷ୍ଟ ଯାଦୁର୍ ଗୀତ,

ଗେନା ଗୀତ, କରମ୍ ଗୀତ, ଦାସଇଁ ଗୀତ, କାଠିନାଚ ଗୀତ, ବାହାଘର ଗୀତ, (ହଳଦୀ ବରଣ, ବର-କନ୍ୟା ଗାଧୋଇବା, ମା'ର ପାଣି କଳସୀକୁ ବନ୍ଦାପନା, ବେଦୀରେ ବ୍ରାହ୍ମଣକୁ ପରିହାସ, ବାରିକ କ୍ଷୌର କରିବା, କନ୍ୟା ବିଦାୟ, ବର-କନ୍ୟାଙ୍କୁ ସ୍ୱାଗତ ଆଦି), ଟାପରା ଗୀତ, ନାନାବାୟା ଗୀତ, ଉଠିଆରୀ ଗୀତ, ଦେଶାତ୍ମବୋଧକ ସଙ୍ଗୀତ, ପ୍ରାର୍ଥନା, ସହରାଇ ଗୀତ, ପ୍ରଭୃତି ଭୂମିଜ ସମାଜର ପାରଂପରିକ କଳା ଦିଗଟିକୁ ଯଥେଷ୍ଟ ସୁଦୃଢ଼ କରି ରଖିଥିବା ଜଣାଯାଏ । ଏତଦ୍‌ଭିନ୍ନ ପ୍ରଚଳିତ ଢ଼ଗ (କୁଦୂମ୍ କାହାଣୀ) ଏବଂ ପ୍ରବଚନ (କାଜିରା ଢ଼ୁକୁଟୁ) ମଧ୍ୟ ଭୂମିଜମାନଙ୍କର ଅନ୍ତର୍ନିହିତ ବୁଦ୍ଧି ଓ ଜ୍ଞାନର ପରିଚୟ ପ୍ରଦାନ କରେ ।

ପ୍ରବଚନ -ଭୂମିଜ -ଲୁପୁଃ ମେନାଃରେଦ୍ ଇସୁ ସୁକୁରିକୋ ନାମଅ ।

ଓଡ଼ିଆ – ବାଡ଼ିରେ ତରଭୁଜ ହେବାବେଳେ ବହୁତ ଘୁଷୁରୀ ଆସନ୍ତି । ଅର୍ଥାତ୍ ଧନ ଥିଲେ ବହୁତ ଲୋକ ବଂଧୁତ୍ୱ ସ୍ଥାପନ ପାଇଁ ଆସନ୍ତି । କିନ୍ତୁ ଧନ ଚାଲିଗଲେ ସମସ୍ତେ ଛାଡ଼ି ଚାଲି ଯାଆନ୍ତି ।

ଢ଼ଗ - ଭୂମିଜ-ମୟଦ୍ ମାନଚିରେ ମଦ୍‌ରେ ହାଗାକ ଦୁବା-କାନାକ ଯୁପୁଟିଦ୍ କାକ ଯୁପୁଟିଦ୍ ତାନା ।

ଓଡିଆ – ଗୋଟିଏ ଚେଆର ଉପରେ ଭାଇମାନେ ସମସ୍ତେ ବସନ୍ତି, କିନ୍ତୁ କେହି କାହାକୁ ଛୁଇଁ ପାରନ୍ତି ନାହିଁ ।

ଉତ୍ତର- ଭୂମିଜ- ଲୁତୁର୍,ମେତ୍, ମୁଁ ।

ଓଡ଼ିଆ – ଆଖି, କାନ, ନାକ ।

ଏହିପରି ପ୍ରଚୁର ପରିମାଣରେ କଳାତ୍ମକ ଗୁଣଭିତ୍ତିକ ଗୀତ, ଗପ, କାହାଣୀ, ଢ଼ଗଢ଼ମାଳୀ ଓ ପ୍ରବଚନମାନ ଭୂମିଜ ସଂଗୀତ-ସାହିତ୍ୟ-କଳା ଦିଗଟିକୁ ଭାସ୍ୱର କରି ରଖିଛି । ସବୁଗୁଡ଼ିକରେ ସେମାନଙ୍କର ପରଂପରା ସହିତ ସୌନ୍ଦର୍ଯ୍ୟବୋଧତା ନିମ୍ନଲିଖିତ କାରୁକାର୍ଯ୍ୟ ସମୂହରେ ପରିଲକ୍ଷିତ ହୋଇଥାଏ ।

**ଶୀକାର ଉପକରଣ :** ଭୂମିଜ ସଂପ୍ରଦାୟର ଆଦିବାସୀ ଗୋଷ୍ଠୀ ସାଧାରଣତଃ ପାହାଡ଼-ଜଙ୍ଗଲାଦି ପରିବେଷ୍ଟନୀ ମଧ୍ୟରେ ବସତି ସ୍ଥାପନ କରିଥାଆନ୍ତି । ତତ୍ ସହିତ ଜଙ୍ଗଲରେ ବିଭିନ୍ନ ପ୍ରକାର ପଶୁ-ପକ୍ଷୀ ଶୀକାର କରିବା ସେମାନଙ୍କର ସହଜାତ ପ୍ରବୃତ୍ତି ।

ଅନେକ ସମୟରେ ସେମାନେ ଦଳବଦ୍ଧ ଭାବରେ ଶୀକାର କରିବାକୁ ପାହାଡ଼-ଜଙ୍ଗଲକୁ ଯାଆନ୍ତି କିମ୍ୱା ବ୍ୟକ୍ତିଗତ ଭାବେ ଛୋଟ ଛୋଟ ପକ୍ଷୀ ଇତ୍ୟାଦି ମଧ୍ୟ ଶୀକାର କରୁଥିବା ଜଣାଯାଏ । ଅବଶ୍ୟ ଭୂମିଜମାନଙ୍କର ଶୀକାର କରିବା ପେଶା ନୁହେଁ ନିଶା । ଶୀକାର କରିବା ପାଇଁ ସେମାନେ କେତେକ ଉପକରଣ ବ୍ୟବହାର କରିଥାଆନ୍ତି । ସେଗୁଡ଼ିକ ହେଲା-ଧନୁ-ତୀର, ବର୍ଛା, ଫାରସା, ବଲମ, ଟାଙ୍ଗିଆ ଓ ଛିଟ୍‌କିଣୀ(ବାଟୁଲୀ) ଭୂମିଜମାନଙ୍କର ଧନୁ-ତୀର ମୁଖ୍ୟ ଶୀକାର ଉପକରଣ । ତାହା ବାଉଁଶ ସାହାଯ୍ୟରେ ନିଜେ ପ୍ରସ୍ତୁତ କରନ୍ତି । ଧନୁର ଲମ୍ବ ଭୂଇଁ ଠାରୁ କାନ୍ଧର ଉର୍ଦ୍ଧ୍ୱ ପର୍ଯ୍ୟନ୍ତ ହୁଏ । ବାଉଁଶର ଗୋଟିଏ ଫାଳକୁ ଭଲ ଭାବରେ ଚାଞ୍ଛି ମସୃଣ କରାଯାଏ ଏବଂ ତାହାକୁ ବଙ୍କାକରି ବାଉଁଶ ପାତର ଏକ ଗୁଣ ସାହାଯ୍ୟରେ ଦୁଇ ପାଖ ସଂଯୋଜିତ ହୁଏ । ଉଭୟ ପାର୍ଶ୍ୱ ଛିଆଡ଼ୀ ରଶିରେ ଶକ୍ତ ଭାବରେ ବନ୍ଧାଯାଇଥାଏ । ଧନୁର ମଧ୍ୟସ୍ଥଳୀଟିକୁ ସାମାନ୍ୟ ମୋଟା ରଖି ବିନ୍ଧିବା ସମୟରେ ହାତକୁ କୋମଳ ଲାଗିବା ପାଇଁ ମୟୂର ପରର ଧଳା ଅଂଶକୁ ସୂତା ଦ୍ୱାରା ଅଳ୍ପ ଅଳ୍ପ ଛାଡ଼ି ସୁନ୍ଦର ଭାବେ ବାନ୍ଧି ଥାଆନ୍ତି । ପୁଣି ଧନୁଟି ଶୀଘ୍ର ନ ଭାଙ୍ଗିବା ପାଇଁ ଧରିବା ସ୍ଥାନରେ ମୋଟା ସୂତା କିମ୍ୱା ଟସର ସୂତା ବ୍ୟବହୃତ ହୁଏ । ସେହିପରି ତୀରର ଲମ୍ବ ସାଧାରଣତଃ ଦୁଇଫୁଟ ହେବା ସହିତ ତୀରର ଅଗ୍ର ଭାଗରେ ଲୁହାର ମୁନ (ସାର୍) ଲାଗିଥାଏ । ଯାହାକି ଶୀକାରର ଦେହ ମଧ୍ୟରେ ପ୍ରବେଶ କରିପାରେ । ଲୁହା ମୁନଟିର ଲମ୍ବ ପ୍ରାୟତଃ ହୋଇଥାଏ ତିନି ଇଞ୍ଚ । କେହି କେହି ଏଥିରେ ପତଳା ଲୁହାର ତିନିକୋଣିଆ ପାତଟିଏ ମଧ ଲଗାଇଥାଆନ୍ତି । ତୀରଟି ମସୃଣ ବାଉଁଶରେ ତିଆରି କରାଯାଇଥାଏ । ଏହି ଧନୁ ତୀରରେ ଭୂମିଜମାନେ ଯାବତୀୟ ପଶୁ-ପକ୍ଷୀ ଶୀକାର କରି ପାରନ୍ତି । ଏତଦ୍‌ଭିନ୍ନ କେବଳ ପକ୍ଷୀ ଶୀକାର ପାଇଁ ସେମାନେ ବାଟୁଲି ବା ଛିଟିକିଣୀ ମଧ ବ୍ୟବହାର କରିଥାଆନ୍ତି । ସେଇଟି କାଠ କିମ୍ୱା ଫାଙ୍କୁଡ଼ିଆ ବାଉଁଶରେ ପ୍ରସ୍ତୁତ ହୁଏ । ଦୁଇ ପାଖକୁ ରବର ସାହାଯ୍ୟରେ ସଂଯୋଗ କରାଯାଏ । ଏଥିରେ ପକ୍ଷୀ ଶୀକାର ପାଇଁ ଛୋଟ ଛୋଟ ଶକ୍ତ ଗୋଡ଼ି କିମ୍ୱା ଗେଟି ବ୍ୟବହୃତ ହୁଏ । ଲକ୍ଷ୍ୟ ସ୍ଥିର କରି ସେମାନେ ଏପରି ବାଟୁଲୀ ମାରନ୍ତି ଯେ ଗଛରେ ବସିଥିବା କିମ୍ୱା ଉଡ଼ନ୍ତା ପକ୍ଷୀକୁ ସହଜରେ ତଳକୁ ଖସାଇ ପାରନ୍ତି । ବର୍ଛାଗୁଡ଼ିକ ସରୁ ସରୁ ଲମ୍ବ କାଠ କିମ୍ୱା ବାଉଁଶରେ ତିଆରି ହୁଏ ଏବଂ ତାହାର ଅଗ୍ରଭାଗରେ ତିନି କୋଣିଆ ଲମ୍ୱାକୃତିର ଗୋଟିଏ ତୀକ୍ଷ୍ଣ ଲୁହା ଲାଗେ । ଫାର୍ଶା କିନ୍ତୁ ଅଳ୍ପ ଲମ୍ବର ବାଉଁଶ ଅଗରେ ତିନି/ ଚାରୋଟି ଲୁହା (୧/୨ ସିଧା ୧/୨ ବଙ୍କା ଲୁହା) ଖଞ୍ଜାଯାଇଥାଏ । ଏଗୁଡ଼ିକ ଫୁଲ ପାଖୁଡ଼ା ଭଳି ଦେଖାଯାଏ । ବଙ୍କା ଲୁହା ଖଣ୍ଡଗୁଡ଼ିକ

ଏପରି ଭାବରେ ମୋଡ଼ି ରହିଥାଏ ତାହା ପଶୁର ଦେହରେ ପ୍ରବେଶ କଲେ ସହଜରେ ବାହାରି ନଥାଏ । ଟାଙ୍ଗିଆ ସେହିପରି ଅଛ ଲୟର କାଠ / ବାଉଁଶରେ କରାଯାଇ ଅଗ୍ରଭାଗରେ ଲୁହା ଖଣ୍ଡକୁ ସଂପୂର୍ଣ୍ଣ ପ୍ରସ୍ଫୁଟିତ କେରାଟ ଫୁଲ ପରି ପ୍ରସ୍ତୁତ କରି ଲୁହା ତାରରେ ଶକ୍ତ କରି ବାନ୍ଧି ଥାଆନ୍ତି । ଏଗୁଡ଼ିକ ସବୁ ପଶୁ ଶୀକାର ପାଇଁ ବ୍ୟବହୃତ ହୁଏ ।

**ମାଛ ଧରିବା ଜାଲ /ଖଇଁଚି /ଅନ୍ଧୁଲୀ /ପଟା :**

ମାଛ ଧରିବା ଭୂମିଜମାନଙ୍କର ପେଶା / ବୃତ୍ତି ନୁହେଁ । କେବେ କେବେ ଇଚ୍ଛା ହେଲେ କିମ୍ବା ବର୍ଷା ଦିନମାନଙ୍କରେ ମାଛ ଧରୁଥିବାର ଦେଖାଯାଏ । ଘରୋଇ ଭାବରେ ଖାଇବା ପାଇଁ ମାଛ ବ୍ୟବହୃତ ହୁଏ କେବେ କେହି ଛୋଟ ଛୋଟ ମାଛରେ ଲୁଣ ଦେଇ ଖରାରେ ଶୁଖାଇ ଶୁଖୁଆ କରି ଖାଆନ୍ତି । ଜାଲ ମଧ୍ୟରେ ଥାଏ ମଥା ଭଉଁରୀ ଜାଲ, ଗେନ୍ଥି ଜାଲ, ଡ଼ାଙ୍ଗି ଜାଲ । ଏଗୁଡ଼ିକ ପ୍ରାୟତଃ ସୂତା, ରେଶମ ସୂତା କିମ୍ବା ଏବେ ପ୍ଲାଷ୍ଟିକ ସୂତାରେ ପ୍ରସ୍ତୁତ କରାଯାଇଥାଏ । ମଥା ଭଉଁରୀ ଜାଲଗୁଡ଼ିକ ଉପରୁ ସୂତାକୁ ଛନ୍ଦା ଛନ୍ଦି କରି ତଳ ପର୍ଯ୍ୟନ୍ତ ଆଣନ୍ତି ଏବଂ ତଳ ଅଂଶରେ ଘାଇ ପାଖରେ ଲୁହା ଗୋଡ଼ି ଲଗାଯାଏ । ଜାଲ (ଜାଲା)ର ମଧ୍ୟସ୍ଥଳିରେ ଟାଣିବା ପାଇଁ ଗୋଟିଏ ଲମ୍ବ ଦଉଡ଼ି ବାନ୍ଧି ଥାଆନ୍ତି । ଗେନ୍ଥିଜାଲଗୁଡ଼ିକ ପ୍ରାୟତଃ ଲମ୍ବ ୫୦ହାତ /୩୦ହାତ / ୨୦ହାତ ହୋଇଥାଏ । ଉପର ଅଂଶରେ ସୋଲ ବ୍ୟବଧାନ ରଖି ଲଗାଯାଏ । ତଳ ଅଂଶରେ ଛୋଟ ପଥର ଗୋଡ଼ି ବନ୍ଧା ଯାଇଥାଏ । ଏହାର ଓସାର ଆବଶ୍ୟକ ଅନୁଯାୟୀ ହୁଏ ଏବଂ ରେଶମ ସୂତା ବା ଟସର ସୂତା ବା ପ୍ଲାଷ୍ଟିକ ସୂତାକୁ ଛୋଟ ଆକାରରେ ଛନ୍ଦି ଦିଆଯାଇଥବାରୁ ମାଛଗୁଡ଼ିକ ତା' ଭିତରେ ଥରେ ପ୍ରବେଶ କଲେ ଆଉ ବାହାରି ପାରନ୍ତି ନାହିଁ । ଡ଼ାଙ୍ଗି ଜାଲଗୁଡିକରେ ବେତ କିମ୍ବା ଶିଆଳୀ ଲଟାର କାଣ୍ଡକୁ ଗୋଲାକୃତି କରି ବାନ୍ଧି ଦିଅନ୍ତି। ଥଳି ସଦୃଶ୍ୟ ଜାଲଟିକୁ ଉପର ଅଂଶରେ (ଗୋଲାକୃତି ଦଣ୍ଡ) ସୁଦୃଢ ଭାବରେ ବନ୍ଧାଯାଇଥାଏ। ଏହିଟିକୁ ଦୁଇ ହାତରେ ଧରି ପାଣିରେ ପହୁଁଥିବା ଛୋଟ ଛୋଟ ମାଛ ଧରାଯାଇଥାଏ।

ଖଇଁଚି(ଜାଦିଦ୍)ଗୁଡ଼ିକ ବାଉଁଶ କାଠି, ତାଳପତ୍ର କିମ୍ବା ନଡ଼ିଆ ପତ୍ରର ଶିରରେ ପ୍ରସ୍ତୁତ କରାଯାଏ । ଏହା ଲମ୍ବାଳିଆ ଆକୃତିରେ ହୋଇ ତଳ ଅଂଶଟି ଗୋଜିଆ ହୁଏ । ସରୁ ସୂତା ସାହାଯ୍ୟରେ ବାଉଁଶ କାଠିଗୁଡ଼ିକୁ ଲଗା ଲଗି କରି ବନ୍ଧା ଯାଇଥାଏ । ମାଛ ଆସୁଥିବା ଘାଟିରେ ଖଇଁଚିଟିକୁ ଦୁଇଟି କାଠି ଦ୍ୱାରା ଛଦାଇ ରଖାଯାଏ । ଗୋଟିଏ କାଠର ଖଇଁଚି ପଟା ଖଇଁଚି ଭିତରେ କିଛି ଅଂଶ ପର୍ଯ୍ୟନ୍ତ ପ୍ରବେଶ କରାଯାଇଥାଏ । ଏହା

ଦ୍ୱାରା ମାଛ ସିଧାସଳଖ ଜଳସ୍ରୋତରେ ଆସି ପଟା ଦ୍ୱାରା ଖଇଁଚି ଭିତରକୁ ଆସିଯାଆନ୍ତି । ପାଣିର ସ୍ରୋତ ଏକମୁଖୀ ହୋଇଥିବା ଯୋଗୁଁ ମାଛ ପୁଣି ଉପର ଦିଗକୁ ବାହାରି ପାରନ୍ତି ନାହିଁ । ଖଇଁଚି ଦ୍ୱାରା ସାଧାରଣତଃ ବିଲ / ଚାଷ କ୍ଷେତ୍ରରୁ ମାଛ ଧରି ଥାଆନ୍ତି ।

ଅନ୍ଧୁଲୀ (ଟିମ୍ବି) ଗୁଡିକ ଆୟତକାର ବାକ୍ସ ସଦୃଶ ହୋଇଥାଏ । ଏହାର ନିର୍ମାଣର ଜ୍ଞାନକୌଶଳ ଭାରି ଚାତୁର୍ଯ୍ୟପୂର୍ଣ୍ଣ । ସରୁ ସରୁ ବାଉଁଶ କାଠିକୁ ସୂତା ସାହାଯ୍ୟରେ ଗୁନ୍ଥି ନିଜର ଇଚ୍ଛା ବା ଆବଶ୍ୟକ ଅନୁଯାୟୀ ଲମ୍ୱ ଓ ଉଚ୍ଚତା କରିଥାଆନ୍ତି । ଅନ୍ଧୁଲୀର ଭିତର ଅଂଶରେ ବଙ୍କା ବଙ୍କା ବାଟ ରଖି ୨/୩ଟି କୋଠରୀ ହୁଏ । ଉପରେ ଗୋଟିଏ ଏବଂ ତଳଭାଗର ଗୋଟିଏ ପାର୍ଶ୍ୱରେ ଏକ ବାଟ ରଖାଯାଏ । ଏହାକୁ ଜଳସ୍ରୋତ ପ୍ରବାହିତ ଦିଗକୁ ମୁହଁକରି ଦୁଇପାଖ ମାଟି ବା ହିଡ ସହିତ ସଂଲଗ୍ନ କରାଯାଇଥାଏ । ଉପର କଣା ପାଖରେ ବାଉଁଶ କାଠିର ଛୋଟ ଢାକୁଣୀ ଲଗାଯାଏ, ଯାହାକି ମାଛମାନଙ୍କ ପାଇଁ ସେହିପଟେ ଖାଦ୍ୟ ଦେବାପରେ ତାହା ବନ୍ଦ କରି ଦେଇ ତା' ଉପରେ ଡାଳପତ୍ର ଢାଙ୍କି ଦିଅନ୍ତି । ମାଛ ପାଣି ସ୍ରୋତ ସହିତ ଖାଦ୍ୟ ଲାଳସାରେ ତଳ କଣା ମଧ ଦେଇ ପ୍ରବେଶ କଲେ ବଙ୍କା ବାଟରେ ବିଭିନ୍ନ କଠୋରୀକୁ ସ୍ୱତଃ ଚାଲିଆସି ଖାଦ୍ୟ ଖାଏ । କିନ୍ତୁ ପୁନର୍ବାର ଆଉ ସେହି ବଙ୍କୁଲି ରାସ୍ତାରେ ବାହାରି ପାରେ ନାହିଁ । ତହିଁ ପରଦିନ ମାଛ ସଂଗୃହୀତ ହୁଏ । ଅନ୍ଧୁଲୀ ସାଧାରଣତଃ ବର୍ଷା ଦିନମାନଙ୍କରେ ନାଳ, ବିଲ / ଚାଷଜମିର ହିଡ କଡରେ ବସାଇ ଥାଆନ୍ତି । ଏଥିରେ ଛୋଟ ଛୋଟ ମାଛ ଅନାୟାସରେ ଧରିହୁଏ ।

**କୃଷି ଉପକରଣ :** ଭୂମିଜ ସମ୍ପ୍ରଦାୟର ମୁଖ୍ୟ ଜୀବିକା କୃଷି କର୍ମ ଅନୁଯାୟୀ ଭୂମି କର୍ଷଣ କରି ଜୀବନ ନିର୍ବାହ କରୁଥିବାରୁ ସେମାନେ ଭୂମିଜ ଆଖ୍ୟା ପାଇଥିବା ମନେହୁଏ । ପ୍ରତ୍ୟେକ ଭୂମିଜଙ୍କର ପ୍ରାୟ ଅଳ୍ପବହୁତେ ଚାଷଜମି ରହିଥାଏ । ଚାଷଜମି ବ୍ୟତୀତ ବାସଗୃହ ସଂଲଗ୍ନ ଚାଷ ଉପଯୋଗୀ ବାଡିବଗିଚାରେ ସେମାନେ ବିଭିନ୍ନ ପନିପରିବା, ଶାଗ-ଶସ୍ୟାଦି ଚାଷ କରୁଥିବାର ଦେଖାଯାଏ । ତେଣୁ ଚାଷ ପାଇଁ ସେମାନଙ୍କର ବିଭିନ୍ନ ପ୍ରକାର କୃଷି ଉପକରଣ ବ୍ୟବହୃତ ହୋଇଥାଏ । ସେଗୁଡିକ ହେଲା; ଲଙ୍ଗଳ(ନାଇଲ୍), ଜୁଆଳି(ଆରାନ୍), କୋଦାଳ(କୁଲଲାମ୍), କଟୁରୀ, କୁରାଢୀ (ହାକେ), ଦାଆ (ଦାତ୍ରମ୍), ଫାଳ(ଫାଲ୍), କୁଡି(କୁଲାମ୍) ଓ ଶାବଳ (ଶାବ୍‌ଲି) ଇତ୍ୟାଦି ।

ସାଧାରଣତଃ ଏଗୁଡିକ କାଠ, ଲୁହା କିମ୍ବା କାଠ - ଲୁହା ସଂଯୋଗରେ ନିର୍ମିତ ହୋଇଥାଏ । ଲଙ୍ଗଳର ନିମ୍ନାଂଶରେ ଲୁହାର ଫାଳଟିଏ ଲାଗିବା ବ୍ୟତୀତ ଲଙ୍ଗଳରେ

ସମସ୍ତ ଅଂଶ କାଠରେ ସେମାନେ ନିଜେ ପ୍ରସ୍ତୁତ କରନ୍ତି । କୋଦାଳ, କଟୁରୀ, କୁରାଢୀ, ଦାଆ, କୁଡ଼ି ପ୍ରଭୃତିରେ ମଧ୍ୟ ଲୁହାକୁ ମୋଟା ବା ପତଳା ଆକାରରେ ଧାରୁଆ କରାଇ ବଙ୍କା / ସିଧା / ଚେପ୍ଟା କିମ୍ବା ଫୁଲ ପରି କଟାକଟା ବା ତେରଛା ଭାବରେ କାଠ ବେଣ୍ଟ ସହିତ ସଂଯୋଗ କରିଥାଆନ୍ତି । ଫାଳ ଏବଂ ଶାବଳ ସଂମ୍ପୂର୍ଣ୍ଣ ଲୁହାରେ କମାର ଶାଳରେ ପ୍ରସ୍ତୁତ କରାଇ ଆଣନ୍ତି । ଏଗୁଡ଼ିକ ଶକ୍ତ କାମରେ ବ୍ୟବହୃତ ହେଉଥିବାରୁ ବିଶେଷ ସୌନ୍ଦର୍ଯ୍ୟବୋଧତା ଏଥିରେ ପ୍ରସ୍ଫୁଟିତ ହୁଏ ନାହିଁ । ତେବେ ବଳଦ କାନ୍ଧରେ ପଡୁଥିବା ଜୁଆଳୀକୁ ବଙ୍କା ବଙ୍କା ଆକାରରେ କାଠକୁ କାଟି ସୁନ୍ଦର ଭାବରେ ପ୍ରସ୍ତୁତ କରନ୍ତି ।

**ଗୃହ ଉପକରଣ :** ଭୂମିଜମାନେ ଦୈନନ୍ଦିନ ଜୀବନରେ ବିଭିନ୍ନ ପ୍ରକାର କାର୍ଯ୍ୟସାଧନ ପାଇଁ ଭିନ୍ନ ଭିନ୍ନ ପ୍ରକାର ଗୃହ ଉପକରଣ ମାନ ବ୍ୟବହାର କରିଥାଆନ୍ତି । ତେବେ ସବୁଗୁଡ଼ିକ ସେମାନେ ନିଜେ ପ୍ରସ୍ତୁତ କରନ୍ତି ନାହିଁ କିମ୍ବା କରି ପାରନ୍ତି ନାହିଁ । ସେଥିପାଇଁ ତ ଭୂମିଜମାନେ ବସତି ସ୍ଥାପନ ସମୟରେ ହିଁ ନିଜର ଆବଶ୍ୟକ ଚାହିଦା ପରିପୂରଣ ନିମନ୍ତେ ବିଭିନ୍ନ ପଡ଼ୋଶୀ ପ୍ରଜାତି ଗୋଷ୍ଠୀର ବ୍ୟକ୍ତିଙ୍କୁ ନିଜ ବସତିରେ ବସବାସ କରିବାକୁ ସୁଯୋଗ ଦିଅନ୍ତି କିମ୍ବା ସେହିପରି ଗୋଷ୍ଠୀର ଗୋଟିଏ ଲେଖାଏଁ ପରିବାରଙ୍କୁ ଦୂରଦୂରାନ୍ତରୁ ଅଣାଇ ନିଜର ପଡ଼ୋଶୀ କରି ରଖାଇ ଦେଇଥାଆନ୍ତି । ଯେପରି କମାର, ବିଝାଣୀ, ଡୋମ, ମାହାଲୀ, ତନ୍ତୀ, କୁମ୍ଭାର, ବାରିକ, ଧୋବା ଇତ୍ୟାଦି ଗୋଷ୍ଠୀ ସାଧାରଣତଃ ଭୂମିଜ ବସତିଗୁଡ଼ିକରେ ପଡ଼ୋଶୀ ପ୍ରଜାତି ଗୋଷ୍ଠୀ ଭାବରେ ବସବାସ କରୁଥିବାର ଦେଖାଯାଇଥାଏ । ସେମାନଙ୍କଠାରୁ ଭୂମିଜମାନେ ହାଣ୍ଡି, ମାଠିଆ, କଳସୀ, ଢାଳ, ପୂଜାରେ ବ୍ୟବହୃତ ଛୋଟ ମାଠିଆ ଏବଂ ଘୋଡା, ହାତୀ, ଲୁଗାପଟା, ବାସନକୁସନ, କୃଷି ଯନ୍ତ୍ରପାତିରେ ଓ ଗୃହ ଉପକରଣ ଗୁଡ଼ିକରେ ବ୍ୟବହୃତ ହେଉଥିବା ଲୌହାଂଶ, ନିତ୍ୟ ବ୍ୟବହାର୍ଯ୍ୟ ପାଛିଆ, କୁଲା, ଚାଉଳଧୁଆ, କଠା, ଗୌଣୀ, ଡାଲା, ଚଲା ପ୍ରଭୃତି ସଂଗ୍ରହ କରିଥାଆନ୍ତି । ସେଗୁଡ଼ିକ ଅବଶ୍ୟ ବାଉଁଶ, ଆତୁଣ୍ଡି, ବେତ ଆଦି ବନ୍ୟଜାତ ଦ୍ରବ୍ୟରେ ସୁନ୍ଦର ଭାବେ ପ୍ରସ୍ତୁତ କରାଯାଇଥାଏ । ଏତଦ୍ ଭିନ୍ନ ଭୂମିଜମାନେ ରୋଷେଇ ସମୟରେ ବ୍ୟବହାର ପାଇଁ ଏକ ପ୍ରକାର ଭିନ୍ନ ଧରଣର ଲମ୍ବା ଆକୃତିର ଲାଉରେ ଚଟୁ (ତୁଙ୍କା ଲୁଣ୍ଡିଃ) ପ୍ରସ୍ତୁତ କରନ୍ତି । ସେଥିରେ ଭାତ, ତରକାରୀ ବାଢିବା ସଂଗେ ସଂଗେ ହାଣ୍ଡିଆ ଘାଣ୍ଟିବାରେ ତାହା ବ୍ୟବହୃତ ହୁଏ । ଶୋଇବା ପାଇଁ ସାଧାରଣତଃ ଭୂମିଜମାନେ ପଟିଆ ଆବଶ୍ୟକ କରନ୍ତି । ସେଗୁଡ଼ିକ ସେମାନେ ନିଜେ ପାଲ କିମ୍ବା ଖଜୁରୀ ପତ୍ରରେ ବିଭିନ୍ନ ପ୍ରକାରରେ

ଚିତ୍ର ପରି ବୁଣି ଥାଆନ୍ତି । ସେହିପରି ଆସନ ମଧ୍ୟ ପ୍ରସ୍ତୁତ କରି ରଖନ୍ତି ଏବଂ ବନ୍ଧୁବାନ୍ଧବ ଆସିଲେ ସେଗୁଡ଼ିକ ବାହାର କରାଯାଏ । ନଚେତ୍ ଘରୋଇ ଭାବରେ ଛୋଟ ଛୋଟ କାଠକୁ କାଟି ପିଢ଼ା ତିଆରି କରି ଖାଇବା ସମୟରେ ବ୍ୟବହାର କରିଥାଆନ୍ତି । ଧାନ କିମ୍ବା ଶସ୍ୟାଦି ମପାମପି ପାଇଁ ଗୌଣି (ଗୁହୁଗା), କଠା (କାଠାଇ), ପାଛିଆ (ଖାଲଚି) ପ୍ରଭୃତିକୁ ବିଭିନ୍ନ ରଙ୍ଗ ଦେଇ ସଜାଇ ଥାଆନ୍ତି । ଗୌଣି ପ୍ରାୟତଃ ଗୋବରରେ ଲିପି ମସୃଣ କରାଯାଇଥାଏ । ସେଥିରେ କେହି କେହି ଫୁଲଚିତ୍ର କରିଥିବାର ମଧ୍ୟ ଦେଖାଯାଏ । ଏହା ବାଦ୍ ଭୂମିଜମାନେ ପରିବା କାଟିବା ପାଇଁ ପନଖି, ଲୁଣ ରଖିବା ପାଇଁ ଠେକା, ଶୋଇବା ଖଟଗୁଡ଼ିକୁ କାଠରେ ସୁନ୍ଦର ଭାବେ ପ୍ରସ୍ତୁତ କରନ୍ତି । ତେବେ ଭୂମିଜ ସମ୍ପ୍ରଦାୟ ନିତ୍ୟ ବ୍ୟବହାର୍ଯ୍ୟ ଗୃହ ଉପକରଣ ପାଇଁ ପଡ଼ୋଶୀ ପ୍ରଜାତି ଗୋଷ୍ଠୀଙ୍କ ଉପରେ ଯଥେଷ୍ଟ ନିର୍ଭରଶୀଳ ।

## ବ୍ୟକ୍ତିଗତ ଆସବାବପତ୍ର, ପୋଷାକ, ଗହଣା /ଅଳଙ୍କାର :

ବ୍ୟକ୍ତିଗତ ଭାବେ ଭୂମିଜ ପୁରୁଷ ଓ ସ୍ତ୍ରୀମାନେ ଘରେ ବିଭିନ୍ନ ପ୍ରକାର ଆସବାବପତ୍ର, ପୋଷାକ ଓ ଅଳଙ୍କାର ପ୍ରଭୃତି ବ୍ୟବହାର କରୁଥିବାର ଦେଖାଯାଏ । ପୁରୁଷ ଲୋକମାନେ ସାଧାରଣତଃ ନାଲି ରଙ୍ଗର ଗାମୁଛା ଅଧିକ ସମୟ ବ୍ୟବହାର କରନ୍ତି । ଏବେ ଅବଶ୍ୟ ସାଧା କିମ୍ବା ଛିଟ ଲୁଙ୍ଗି ପିନ୍ଧିବା ସହିତ ଗାମୁଛା ଗୋଟିଏ ଉପରେ ସବୁବେଳେ ପକାଉଛନ୍ତି । କେବେ କେମିତି ବାହାରକୁ ଗଲେ ଧୋତି କିମ୍ବା ଆଜିକାଲି ପ୍ୟାଣ୍ଟ ପରିଧାନ କରୁଥିବାର ଦେଖାଯାଏ । କାମ କରିବା ସମୟରେ ପୁରୁଷ ଲୋକମାନେ ପ୍ରାୟତଃ ଗୋଟିଏ ଗାମୁଛା ମୁଣ୍ଡରେ ପଗଡ଼ି ବାନ୍ଧିବା ସହିତ ଅଣ୍ଟାରେ ମଧ୍ୟ ଗୋଟିଏ ଗାମୁଛା ଭିଡ଼ି ରଖି ଥାଆନ୍ତି । ଏହାଦ୍ୱାରା ଅଧିକ ପରିଶ୍ରମ କରିବାକୁ ଶକ୍ତି ଆସେ । ସ୍ତ୍ରୀ ଲୋକମାନେ ବିଭିନ୍ନ ରଂଗ ବେରଙ୍ଗର ଛିଟ ଶାଢ଼ୀ ପିନ୍ଧନ୍ତି । ସେଗୁଡ଼ିକ ମୋଟା ସୂତାରେ ବୁଣା ହୋଇଥାଏ । ଆଗରୁ ସାୟା – ବ୍ଲାଉଜର ପ୍ରଚଳନ ନଥିଲା । ସେମାନେ କେବଳ ଖଣ୍ଡିଏ ଶାଢ଼ୀ ପିନ୍ଧୁଥିଲେ । ସେଥିପାଇଁ ହୁଏତ ମୋଟା ଶାଢ଼ୀ ଅଧିକ ପସନ୍ଦ ଥିଲା । ଏବେ କିନ୍ତୁ ପ୍ରାୟ ଭୂମିଜ ସ୍ତ୍ରୀ ଲୋକମାନେ ଶାଢ଼ୀ ସହିତ ସାୟା ବ୍ଲାଉଜ ବ୍ୟବହାର କରୁଥିବାର ଦେଖାଯାଉଛି । ଗାଢ ରଙ୍ଗକୁ ଏମାନଙ୍କର ଅଧିକ ରୁଚି । ଏତଦ୍ ଭିନ୍ନ ନିଜର ଶରୀରକୁ ସୌନ୍ଦର୍ଯ୍ୟ ମଣ୍ଡିତ କରିବା ପାଇଁ ଭୂମିଜ ସ୍ତ୍ରୀଲୋକ ମାନେ ବିଭିନ୍ନ ପ୍ରକାର ପାରମ୍ପରିକ ଅଳଙ୍କାର ବ୍ୟବହାର କରନ୍ତି । ସେଗୁଡ଼ିକ ହେଲା; ବାହୁଟି (ବାଜୁ), ଖଡ଼ୁ (ଖାଡ଼ୁଆ),

ହାର (ମାଳା), ଶଙ୍ଖା (ଶାଙ୍ଖମ୍), ମେଖଳା (ଝିଞ୍ଜିରୀ), ନାକଫୁଲ (ଫୁନୁଉ), ମୁଦି (ପଲା) ଇତ୍ୟାଦି । ସବୁଗୁଡ଼ିକ ରୂପାରେ ନିର୍ମିତ ହୋଇଥାଏ । ଖୋସାରେ ଲଗାଇବା ପାଇଁ ରୂପାର ଫୁଲ ଆକୃତିରେ ଏବଂ ଫୁଲର ଚିତ୍ର ରଖି ଖୋସା କଣ୍ଟା ବ୍ୟବହୃତ ହୁଏ । ସେମାନେ ରୂପାର ହାରମାଳା ଓ ଟାକାମାଳା ପିନ୍ଧନ୍ତି । ରୂପାହାର ସାଧାରଣତଃ ରୂପା ତାରକୁ ସରୁ ସରୁ ଛନ୍ଦି ଗଢାଯାଉଥିବା ବେଳେ ଟାକା ହାରଗୁଡ଼ିକ ରୂପାର ଟଙ୍କା (ଗେଡି) ଉପରେ ମୋଟା ତାର ଖଞ୍ଜି ମୋଟା ସୂତାରେ ପାଖ ପାଖ କରି ଗୁନ୍ଥି ଥାଆନ୍ତି । ଏହା ବେକ ପାଖରେ ବସି ରହି ଭାରି ସୁନ୍ଦର ଦେଖାଯାଏ । ପୁଣି ଗୋଢିଆମାଳ (ଗୁଢିମାଳା / ପାଳିଦା ମାଲା) ମଧ୍ୟ ଭୂମିଜ ସ୍ତ୍ରୀମାନେ ବ୍ୟବହାର କରନ୍ତି । ପାଳିଦା ଫୁଲର କଢ ଭଳି ରୂପାରେ ପ୍ରସ୍ତୁତ କରାଯାଇ ମୋଟା ସୂତାରେ ଗୁନ୍ଥି ଦିଆଯାଇଥାଏ ।

ସେହିପରି ରୂପାର ମୋଟା ନଳୀକୁ ବକ୍ର କରି ଗୋଡର ମାପ ଅନୁଯାୟୀ ଖଡ଼ୁ (ଖାଡୁଆ) ତିଆରି ହୁଏ । ସେଥିରେ ଫୁଲ, ଲତା, ପତ୍ର, ଡାଳ ଆଦିର ଚିତ୍ର ଖୋଦେଇ ହୋଇଥାଏ । ଏହାକୁ ସେମାନେ ଗୋଡର ବଳାଗଣ୍ଠି ଉପର ଭାଗରେ ପିନ୍ଧନ୍ତି । ଚାଲିଲେ ସୁମଧୁର ସ୍ୱର ଝଂକୃତ ହୁଏ । ହାତରେ ମଧ୍ୟ ହାତ ବଳା ଓ ଶଂଖା ଲଗାନ୍ତି । ହାତବଳାଗୁଡ଼ିକ ରୂପାର ନଳୀକୁ ବକ୍ର କରି ହାତର ଗୋଲେଇ ମାପ ଅନୁଯାୟୀ ହୁଏ । ତା'ଉପରେ ରୂପାର ସରୁସରୁ ତାରକୁ ମୋଡି ଝଳାଇ ହେବା ସହିତ ବଳାର ମଝିରେ ଫୁଲର ଚିତ୍ର ଖୋଦେଇ ହୋଇଥାଏ । ଉଭୟ ପାର୍ଶ୍ୱରେ ହାତୀଶୁଣ୍ଢ ଭଳି ମଧ୍ୟ ହୁଏ । ଏହାକୁ ରୂପା କିମ୍ବା କାଠି ଖିଲ ସାହାଯ୍ୟରେ ବନ୍ଦ କରିବା ପାଇଁ କଣାଥାଏ । ଶଂଖା ସେହିପରି ୧/୨ ଇଞ୍ଚ ଓସାରରେ ସୁନ୍ଦର ପତ୍ର-ଫୁଲ-ଲତାର ଚିତ୍ର ସହ ପ୍ରସ୍ତୁତ କରାଯାଇଥାଏ । ଏହା ଠିକ୍ ହାତର ମାପ ଅନୁସାରେ ହୁଏ । ତେଣୁ ହାତରେ ସିଧାସଳଖ ପଶୁନଥିବାରୁ ଏହାର ମଝି ଅଂଶରେ ଖିଲ ଦେଇ ଭାଙ୍ଗୁଣୀ କରାଯାଏ ଏବଂ ଯୋଡଣୀ ସ୍ଥାନରେ ମଧ୍ୟ ଖିଲ ରହେ । ଯାହାକି ହାତରେ ଲଗାଇ ଖିଲ ଲଗାଇ ଦେଲେ ତାହା ଚାପିହୋଇ ରହିଯାଏ । ଅନେକ ସମୟରେ ଭୂମିଜ ସ୍ତ୍ରୀମାନେ ମଟର ଗୁଜି ବଳା ପିନ୍ଧୁଥିବାର ମଧ୍ୟ ଦେଖାଯାଇଥାଏ । ଏଗୁଡ଼ିକ ଗୋଲାକୃତି ମୋଟା ରୂପା ତାରର ମଝି ଅଂଶରେ ମଟର ମଞ୍ଜି ଭଳି ରୂପାର ଗୋଟମା ଧୋଡିଧାଡି ଯୋଡା ହୋଇ ତିଆରି ହୁଏ । ହାତର ପ୍ରତ୍ୟେକଟି ଅଳଙ୍କାର ପ୍ରାୟତଃ ହାତରେ ଚାପି ହୋଇ ରହିଥାଏ । ତେଣୁ କାମ କରିବା ସମୟରେ ଅସୁବିଧା ହୁଏ ନାହିଁ ।

ରୂପା ଟଙ୍କା (ଗେଡି)ରେ ପ୍ରସ୍ତୁତ ମୁଦି ମଧ୍ୟ ସେମାନେ ପିନ୍ଧନ୍ତି । ଟଙ୍କାଟି ସୁନ୍ଦର ଭାବରେ ଉପର ଅଂଶରେ ରହେ ଏବଂ ଟଙ୍କାର ଉଭୟ ପାର୍ଶ୍ୱରେ ଫୁଲର ଚିତ୍ର

ଖୋଦେଇ ହୋଇଥାଏ । କାନରେ ଲଗାଉଥିବା କାନଫୁଲ (ଫେରଫେରୀ) ପ୍ରାୟତଃ ଗୋଲ କିମ୍ୱା ପାନ ପତ୍ର ସଦୃଶ ହୁଏ । ଏଥିରେ ରୂପା ପାତିଆର ଚତୁପାର୍ଶ୍ୱରେ ରୂପାର ସରୁସରୁ ତାରକୁ ସୁନ୍ଦର ଭାବରେ ଗୋଲ ଗୋଲ କରି ଝଲା ଯାଇଥାଏ । ତାର ନିମ୍ନାଂଶରେ ରୂପାର ଝରା ମଧ୍ୟ ଲାଗିଥାଏ । ନାକଫୁଲ (ଗୁନ୍ଡୁ) ଛୋଟ କିମ୍ୱା ଅଳ୍ପ ବଡ ଆକାରରେ ତାର ସଦୃଶ ପ୍ରସ୍ତୁତ ହୁଏ । ସେଥିରେ ଗୋଟିଏ ରୂପା କିମ୍ୱା ତମ୍ବାର କାଠି ଲାଗି ତଳଭାଗରେ ଖୁଲଥାଏ । ଯାହାକି ଭିତର ପାଖରେ ଲଗାଇଦେଲେ ନାକଫୁଲଟି ନାକରେ ବସି ରହେ । ଏହାକୁ ରୂପା, ତମ୍ବା କିମ୍ୱା କଂସାରେ ନିର୍ମାଣ କରାଯାଇଥାଏ । ନାକଫୁଲ, ଉପରେ ଛୋଟ ପଥର ମଧ୍ୟ ବସାଯାଇ ପାରେ ।

ମେଖଳା (ଝିଞ୍ଜିରୀ) ଭୂମିଜ ସ୍ତ୍ରୀମାନେ ଅଣ୍ଟା ଚାରିପଟେ ପିନ୍ଧନ୍ତି । ମେଖଳାଟି ରୂପାର ତାରକସି କାରୁକାର୍ଯ୍ୟ ଭଳି ବିଭିନ୍ନ ପ୍ରକାର ଫୁଲ,ପତ୍ର, ଡାଳ, ଲତାର ଚିତ୍ର ସହ ଗୋଲାକୃତି କିମ୍ୱା ଅଣ୍ଡାକୃତି ହୁଏ । ପୁଣି ସେଥିରେ ଦୁଇଟି କିମ୍ୱା ତିନୋଟି ରୂପାର ମୋଟା ଶିକୁଳୀ ବା ଝିଞ୍ଜରୀ ସଂଯୋଗ କରାଯାଇ ଅଣ୍ଟା ଚାରିପଟେ ଗୁଡାଇ ଦିଆଯାଏ । ଝିଞ୍ଜିରୀର ସଂଯୋଗ ସ୍ଥାନରେ ରୂପାର ଆଙ୍କୁଡି କିମ୍ୱା ସୂତା ବନ୍ଧାଯାଏ । ଯାହାକି ଅଣ୍ଟାର ଗୋଟିଏ ପଟେ ରହେ ଏବଂ ମେଖଳାଟି ଅଣ୍ଟାର ଅପରପାର୍ଶ୍ୱରେ ସାମାନ୍ୟ ତଳକୁ ଝୁଲି ରହେ । ମେଖଳାଟି ଦେଖିବାକୁ ଭାରି ସୁନ୍ଦର ହୋଇଥାଏ । କେହି କେହି ସେଥିରେ ରୂପାର ଝରା ମଧ୍ୟ ଲଗାଇ ଥାଆନ୍ତି ।

ଆଜିକାଲି ଅବଶ୍ୟ ଭୂମିଜମାନଙ୍କର ଏପରି ପାରମ୍ପରିକ ଅଳଙ୍କାର ଅବଲୁପ୍ତ ପ୍ରାୟ । କାଁ ଭାଁ କାହାରି ଘରେ ବୃଦ୍ଧାମାନେ ଥିଲେ ଏଗୁଡିକ ଦେଖିବାକୁ ମିଳୁଛି । ଏବେ ଭୂମିଜ ସ୍ତ୍ରୀ ଲୋକମାନେ ଆଧୁନିକ ସୁନା ବା କୃତ୍ରିମ ସୁନା ରଙ୍ଗର ଅଳଙ୍କାର ମାନ ବହୁଳ ଭାବରେ ବ୍ୟବହାର କରୁଥିବାର ଦେଖାଯାଉଛି । ଏତଦ୍ ଭିନ୍ନ ଆଜିକାଲି ଭୂମିଜ ସ୍ତ୍ରୀମାନେ ବିଭିନ୍ନ ପ୍ରକାର ଆଧୁନିକ ପୋଷାକପତ୍ର ଏବଂ ପ୍ରସାଧନ ସାମଗ୍ରୀ ମଧ୍ୟ ବେଶ୍ ବ୍ୟବହାର କରିବା ଶିଖି ଗଲେଣି । ପ୍ରସାଧନ ବିନା ସେମାନେ ଆଉ ଘରୁ ବାହାରକୁ ଯାଉ ନାହାନ୍ତି । ଭୂମିଜ ପରିବାରର ଛୋଟ ଝିଅଟିଏ ମଧ୍ୟ ନିଜର ପୋଷାକ ତଥା ପ୍ରସାଧନ ଦିଗରେ ଖୁବ୍ ସୌନ୍ଦର୍ଯ୍ୟ ସଚେତନ । ତେଣୁ ବ୍ୟକ୍ତିଗତ ଭାବରେ ଭୂମିଜ ସମାଜରେ ସ୍ତ୍ରୀଲୋକ ମାନଙ୍କର ଆସବାବପତ୍ର ମଧ୍ୟ କିଛି କମ୍ ନୁହେଁ । ସେହିପରି ପୁରୁଷ ଲୋକମାନେ ଯେଉଁସବୁ ଜିନିଷ ବ୍ୟବହାର କରନ୍ତି ସେଗୁଡିକ ହେଲା ନାଶଦାନୀ (ତାମକୁ ଥଳେ), ବୁଟଳ (ବୁଟୁଲା) ଇତ୍ୟାଦି । ନାଶ (ଦୁକ୍ତା - ଚୂନା ଦଳା) ରଖିବା ପାଇଁ ଶୁଖିଲା ପତ୍ରରୁ ଶିର ବାହାର କରି

ଛୋଟ ପୁଟୁଳି ବା ଦୁକୁତାକୁ ଅଲଗା ପତ୍ର ପୁଟୁଳିରେ ରଖି ଚୂନ ପାଇଁ ଆଉ ଗୋଟିଏ ଗୁଟୁଳା ବ୍ୟବହାର କରନ୍ତି । ଏହା ଭୁତୁରୁ ଫଳର ଖୋଳପା କିମ୍ବା ବାଉଁଶ ଗଣ୍ଠିର ଖୋଳପାରେ ପ୍ରସ୍ତୁତ କରି ଅଣ୍ଟାରେ ଖୋସି ଥାଆନ୍ତି । ଏହି ଗୁଟୁଳାଟି ଭିରୁ ଫଳର ଖୋଳପାରେ ମଧ୍ୟ ପ୍ରସ୍ତୁତ କରାଯାଏ କିମ୍ବା ଟସର ଖୋଳପାରେ ହୋଇପାରେ । ବୃଦ୍ଧମାନେ ବ୍ୟବହାର କରୁଥିବା ବାଡି (ଡାଂଡ଼ାଃ)ଟି ସାଧାରଣତଃ ବାଉଁଶରେ ହୁଏ । ଛୋଟ ବାଉଁଶ ଗଛକୁ ମୂଳରୁ ଉଠାଇ, ତାହାକୁ ଭଲ ଭାବରେ ଚାଞ୍ଛି ଦିଅନ୍ତି କିମ୍ବା ଗଣ୍ଠିଥିବା ବାଉଁଶକୁ ବାଡି ଭାବେ ବ୍ୟବହାର କରନ୍ତି । ଯା'ହେଉ ବାଉଁଶ ଖଣ୍ଡକୁ କଟୁରୀ ବା ଛୁରୀରେ ଭଲ ରୂପେ ସମାନ କରି ଧରିବା ସ୍ଥାନଟି ମସୃଣ ଫାଙ୍କୁଡ଼ିଆ ଆକୃତିରେ ହୁଏ ।

ଏହାବାଦ୍ ଭୂମିଜମାନେ ଆଜିକାଲି ବିଭିନ୍ନ ପ୍ରକାର ଆଧୁନିକ ଆସବାବପତ୍ର ମଧ୍ୟ ବ୍ୟବହାର କଲେଣି । ଆଗରୁ ସେମାନଙ୍କର ଚପଲ ନଥିଲା । କିଏ କେମିତି କଠଉ (କାଠରେ ପ୍ରସ୍ତୁତ) ପିନ୍ଧୁଥିଲେ । ଏବେ କିନ୍ତୁ ସମସ୍ତେ ଚପଲ / ଯୋତା ବ୍ୟବହାର କରୁଥିବାର ଦେଖାଯାଉଛି । ଆବାଳ ବୃଦ୍ଧ ବନିତା ସଭିଏଁ ବିଭିନ୍ନ ଧରଣର ଚପଲ / ଯୋତା ଆଦି ନିଶ୍ଚିତ ବ୍ୟବହାର କରୁଛନ୍ତି । ଆଜିକାଲି ଉଭୟ ପୁରୁଷ ଓ ସ୍ତ୍ରୀଙ୍କର ବ୍ୟକ୍ତିଗତ ଆସବାବପତ୍ରର ସଂଖ୍ୟା ଅନେକ ଓ ସବୁପ୍ରାୟତଃ ନିଜନିଜର ରୁଚିମୁତାବକ ସହର ବଜାରରୁ କ୍ରୟ କରି ଆଣୁଛନ୍ତି । ସାଧାରଣ ଭାବେ ଯାହା ଆଧୁନିକ ସମାଜରେ ବ୍ୟବହାର କରାଯାଉଛି । ସେସବୁ ଭୂମିଜ ସମାଜ ମଧ୍ୟ ଗ୍ରହଣ କରି ସାରିଛି । ପୁରୁଷମାନେ ହାତଘଣ୍ଟା, ସୁନାଚେନ୍ /ହାର୍, ମୁଦି ବିଭିନ୍ନ ପ୍ରକାର ଆଧୁନିକ ପୋଷାକ, ମୋଟର ସାଇକେଲ, କାର ଆଦି ବ୍ୟବହାର କରୁଛନ୍ତି ।

### ଚିତ୍ର ଓ ଚିତା :

ଭୂମିଜମାନଙ୍କର ବାସଗୃହରେ ଚିତ୍ର ଅଙ୍କନ କରିବା ପ୍ରାୟତଃ ଦେଖାଯାଏ ନାହିଁ । ସାଧାରଣତଃ ପ୍ରତ୍ୟେକ ଭୂମିଜ ଗୃହଗୁଡିକ ଧଳାମାଟି(ବିଲମାଟି)ରେ ହିଁ ଥାକ ଥାକ ଚନ୍ଦ୍ରାକୃତିରେ ଲିପାଯାଇଥାଏ । କେହି କେହି ନାଲି ମାଟିରେ ଲିପିଥାଆନ୍ତି । କାନ୍ଥରେ କୌଣସି ପ୍ରକାର ଚିତ୍ର କରନ୍ତି ନାହିଁ । ଏହା ହେଲା ପାରମ୍ପରିକ ବାସଗୃହର କଥା । ଏବେ କିନ୍ତୁ ଭୂମିଜମାନେ ସେମାନଙ୍କର ଦ୍ୱାରର କବାଟ ଗୁଡିକରେ ବିଭିନ୍ନ ପ୍ରକାର ଗଛଲତା କିମ୍ବା ଫୁଲର ଚିତ୍ର କରୁଥିବାର ଦେଖାଯାଉଛି । କବାଟ ଖୋଦେଇ ହୋଇ ଚିତ୍ରିତ ହେଉଛି, ସେଥିରେ ପୁଣି ଭିନ୍ନ ଭିନ୍ନ ରଂଗ ମଡାଯାଉଛି । ଘରର ଚଟାଣରେ ମଧ୍ୟ

ସିମେଣ୍ଟ (ରଙ୍ଗୀନ)ରେ ଫୁଲରଚିତ୍ର ହେଉଛି । କେହି ବା କାନ୍ଥରେ ମହାପୁରୁଷଙ୍କ ବାଣୀ ଲିପିବଦ୍ଧ କରି ଲେଖାର ଦୁଇ ପାର୍ଶ୍ୱରେ ଲତା ବା ଫୁଲର ଚିତ୍ର କରୁଛନ୍ତି । ତେବେ ବାସଗୃହକୁ ଅଧିକ ଚିତ୍ରିତ କରିବାକୁ ବୋଧହୁଏ ଭୂମିଜମାନେ ପସନ୍ଦ କରନ୍ତି ନାହିଁ ।

ପାରମ୍ପରିକ ଚଳଣୀ ମଧ୍ୟରେ ଭୂମିଜ ସମାଜରେ ଚିତାକୁଟା(ଶରୀରରେ) ଅନ୍ୟତମ । ଗ୍ରାମକୁ ଆସୁଥିବା କୌଣସି ଯାଯାବର ଶ୍ରେଣୀୟ ଚିତା କୁଟାଳୀଙ୍କ ଦ୍ୱାରା ସେମାନେ ନିଜର ହାତ, ବାହୁ ଓ କପାଳରେ ଚିତାକୁଟାଇବାକୁ ପସନ୍ଦ କରନ୍ତି । ଅନେକ ହାତର ମଣିବନ୍ଧଠାରୁ ପାପୁଲିର ଉପରିଭାଗ ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ଗଛ, ଲତା, ଫୁଲ, ପତ୍ର, ଜୀବଜନ୍ତୁ କିମ୍ବା ନିଜର ନାମ ଓ ଦେବଦେବୀଙ୍କ ନାମ ଲେଖି ଚିତା କୁଟାଇ ଥାଆନ୍ତି । ଚିତାଗୁଡ଼ିକ ଏମିତି ସୂକ୍ଷ୍ମ ଭାବରେ ଅଙ୍କିତ ହୋଇଥାଏ ଯେ ଖୁବ୍ ନିକଟରୁ ନିରୀକ୍ଷଣ କଲେ ସ୍ପଷ୍ଟ ବୁଝି ହୁଏ, ନତୁବା କେବଳ କଳାରଙ୍ଗ ଦେଖାଯାଉଥାଏ । ସ୍ତ୍ରୀ ଲୋକମାନେ ହିଁ ଏହିପରି ହାତ ଗୋଟାଯାକ ଏବଂ କପାଳରେ ଟୋପା / ବିନ୍ଦି ଭଳି ଚିତା କୁଟାଇବାକୁ ପସନ୍ଦ କରନ୍ତି । ପୁରୁଷମାନେ ପ୍ରାୟତଃ ନିଜର କିମ୍ବା ଦେବଦେବୀ ନାମରେ ଚିତା କୁଟାଇଥିବା ଦୃଷ୍ଟିଗୋଚର ହୁଏ । ତେବେ ଏହି ଚିତାକୁଟା ରୁଚି ଆଜି କାଲି ଆଉ ଭୂମିଜ ସମ୍ପ୍ରଦାୟ ମଧ୍ୟରେ ପ୍ରାୟତଃ ନାହିଁ କହିଲେ ଚଳେ ।

ଏହାବାଦ୍ ଭୂମିଜମାନେ ବିଭିନ୍ନ ପର୍ବପର୍ବାଣୀ ବା ପାରମ୍ପରିକ ପୂଜାପାଠ ମାନଙ୍କରେ ଚାଉଳଚୂନାରେ ଚିତା ଆଙ୍କୁଥିବା ଦେଖାଯାଏ । ସେମାନେ ମୂର୍ତ୍ତି ପୂଜା କରନ୍ତି ନାହିଁ । ତେଣୁ କାଳ୍ପନିକ ଦେବଦେବୀଙ୍କୁ ରେଖାଚିତ୍ର ମାଧ୍ୟରେ ପୂଜାସ୍ଥାନକୁ ଆହ୍ୱାନ କରାଯାଇଥାଏ । ଚିତା ଆଙ୍କିବା ପାଇଁ ସେମାନେ ଚାଉଳ ଚୂନା, ହଳଦୀ ଗୁଣ୍ଡ, ଅଙ୍ଗାର ଗୁଣ୍ଡ ଆଦି ବ୍ୟବହାର କରନ୍ତି । ତତ୍ ସହିତ ପୂଜା ପାର୍ବଣରେ ଚାଉଳ ଚୂନାରେ ପାଣି ଗୋଳାଇ ବିଭିନ୍ନ ପ୍ରକାର ଫୁଲ, ଲତା ଆଦିର ଚିତ୍ର ଝୋଟି ଦେଇଥାଆନ୍ତି । ଲକ୍ଷ୍ମୀପୂଜା ବା ମାର୍ଗଶୀର ମାସ ଗୁରୁବାରରେ ଭୂମି ଉପରେ ଚିତା କାଟିବା ସହ କାନ୍ଥକୁ ନାଲିମାଟିରେ ଲିପି ତା ଉପରେ ଚାଉଳ ପିଠଉରେ ଚିତା ପକାଇ ଥାଆନ୍ତି । ସେଥିରେ ହାତୀ, କଠା, ଶଙ୍ଖ ଓ ଧାନଶିଶା ପ୍ରଭୃତି ଲକ୍ଷ୍ମୀଙ୍କର ପ୍ରିୟ ଚିତ୍ର ଅଙ୍କିତ ହୁଏ । ବନ୍ଦଣା ପୂଜା ସମୟରେ ସେହିପରି ଫାଟକଠାରୁ ଗୁହାଳ ପର୍ଯ୍ୟନ୍ତ ଚାଉଳ ଚୂନାରେ ଝୋଟି ଦିଆଯାଏ । ଅବଶ୍ୟ ପାରମ୍ପରିକ ପୂଜାବିଧି ଓ ପର୍ବପର୍ବାଣୀରେ କରୁଥିବା ଚିତା ବ୍ୟତୀତ ଭୂମିଜମାନେ ସମୟାନୁକ୍ରମେ ଓଡ଼ିଆ ଚଳଣୀକୁ ଆପଣେଇ ଥିବାରୁ ଓଡ଼ିଆମାନଙ୍କ ଭଳି ଆବଶ୍ୟକ ଅନୁଯାୟୀ ଘରକୁ ଝୋଟି ଦ୍ୱାରା ବେଶ୍ ସୌନ୍ଦର୍ଯ୍ୟ ମଣ୍ଡିତ କରୁଛନ୍ତି ।

**ଦେବଦେବୀଙ୍କୁ ଉତ୍ସର୍ଗୀତ ସାମଗ୍ରୀ :**

ଭୂମିଜ ସମ୍ପ୍ରଦାୟ ମୂର୍ତ୍ତିପୂଜା କରେ ନାହିଁ । କିନ୍ତୁ ପ୍ରତ୍ୟେକ ଦେବଦେବୀଙ୍କୁ କାଳ୍ପନିକ ସୂତ୍ରରେ ଆବାହନ କରାଯାଇଥାଏ । ଏହା ବାଦ୍ ସେମାନେ ଦେବଦେବୀଙ୍କର ପ୍ରତୀକ ସ୍ୱରୂପ ମାଟିରେ ନିର୍ମିତ ହାତୀ, ଘୋଡା ମଧ୍ୟ ବ୍ୟବହାର କରିଥାଆନ୍ତି । ଭକ୍ତମାନେ ମାନସିକ ପୂରଣ ପାଇଁ ଦେବପୀଠରେ ଏହି ହାତୀ ଘୋଡାର ମୂର୍ତ୍ତି ସମର୍ପଣ କରନ୍ତି । ଅନେକ ସ୍ଥଳରେ ହାତୀ / ଘୋଡାଙ୍କ ଉପରେ କୌଣସି ପିତୁଳାଟିଏ ବସାଉ ଥିବାର ମଧ୍ୟ ଦେଖାଯାଏ । କରମ୍ ପୂଜାରେ ମାଟି ତିଆରି ଘୋଡା, ହାତୀ, କୁମ୍ଭୀର ଆଦି ବ୍ୟବହାର କରାଯାଏ । କେହି କେହି ପିଉଳର ହାତୀ ଘୋଡା ମଧ୍ୟ ଘରୋଇ ଭାବରେ ରଖିଥାଆନ୍ତି । ସେହିପରି ଛଡାଣ ପୂଜାରେ ଗୋଟିଏ ମାଟି ପିତୁଳା ନିର୍ମାଣ କରି ଦେହୁରୀ ଭୂତପ୍ରେତ ଲୋକଙ୍କ ଦେହରୁ ଛଡାଇଥାଏ । ଏହା ବାଦ୍ ପୂଜା ସାମଗ୍ରୀ ଭାବରେ ନୂଆ ଡ଼ଲା, କୁଲା, ପାଛିଆ ଆଦି ବ୍ୟବହୃତ ହୁଏ । ତେବେ ଭୂମିଜ ମାନଙ୍କର ମୁଖ୍ୟ ପୂଜା ସାମଗ୍ରୀ ଭାବରେ ସିନ୍ଦୁର, ଅରୁଆଚାଉଳ, ଧୂପ, ଝୁଣା, ଦୀପ, ତୁଳସୀ, ପତ୍ର, ଚାଉଳ ଚୂନା, ହାଣ୍ଡିଆ ରସି, ପଞ୍ଚବର୍ଣ୍ଣ, ମିଷ୍ଟାନ୍ନ ଏବଂ ପଶୁ-ପକ୍ଷୀ ବଳି ଆଦି ଗ୍ରହଣ କରାଯାଇଥାଏ ।

**ବାଦ୍ୟଯନ୍ତ୍ର :** ସଂସ୍କୃତି ପ୍ରେମୀ ଭୂମିଜମାନେ ପ୍ରାୟତଃ ପ୍ରତ୍ୟେକ ପର୍ବପର୍ବାଣୀ, ପୂଜାପାଠ, ଅବସର ବିନୋଦନ ସମୟରେ ବାଦ୍ୟ ସହ ନାଚ-ଗୀତର ଆସର ଜମାଇ ଥାଆନ୍ତି, ନାଚ-ଗୀତ ପାଇଁ ସେମାନେ ବିଭିନ୍ନ ପ୍ରକାର ବାଦ୍ୟଯନ୍ତ୍ର ବ୍ୟବହାର କରନ୍ତି । ସେଗୁଡିକ ହେଲା - ଢୋଲ (ଧୋର୍), ମାଦଳ (ଦୁମାଂ), କେନ୍ଦେରା (ବାନାମ୍), ବଂଶୀ (ରୁତୁ), ଶିଙ୍ଗା (ସାକଓ୍ବା) ଇତ୍ୟାଦି ।

ଢୋଲଗୁଡିକ ଭୂମିଜମାନେ ନିଜେ ପ୍ରସ୍ତୁତ କରନ୍ତି । କାଠର ଖୋଳକୁ ଦୁଇ ପଟରେ ଛେଳି ଚମଡା ସାହାଯ୍ୟରେ ଦାଆବୁ (ଯେଉଁଠି ପିଟାଯାଏ) କରାଯାଏ ଏବଂ ଢୋଲର ଚତୁଃପାର୍ଶ୍ୱକୁ ଛେଳିର ସରୁ ଚମଡା ବା ଶିଆଡୀ ଲତାର ପାତିଆ ଦଉଡି ଦ୍ୱାରା ବାନ୍ଧି ଶକ୍ତ କରିଥାଆନ୍ତି । ଏହାର ଦୁଇ ପାଖରେ ମୋଟା କାଠିରେ ପିଟି ଗୀତର ତାଳ ଅନୁସାରେ ବଜାଇ ଥାଆନ୍ତି ।

ମାଦଳ ମୋଚି ତିଆରି କରି ଭୂମିଜମାନଙ୍କୁ ଦିଏ ଏବଂ ପ୍ରତିବଦଳରେ ଧାନ ଚାଉଳ ବା ଟଙ୍କା ନେଇଥାଏ । ମାଦଳର ମାଟିର ଖୋଳଟିକୁ କୁମ୍ଭାର ଦ୍ୱାରା ପ୍ରସ୍ତୁତ କରାଇ ମୋଚି ତାହାର ଦୁଇ ପଟରେ ହନୁମାଙ୍କଡ ଚମଡ଼ା ଖଞ୍ଜି ପୁଣି ସେହି ଚମଡାରେ

ବାଧୀ ଟାଣି ତିଆରି କରେ । ଭୂମିଜମାନେ ଏହାର ଦୁଇପଟେ ଖରନ ଦେଇ ପସନ୍ଦ ମୁତାବକ ସ୍ୱର ସୃଷ୍ଟି କରିଥାଆନ୍ତି । ଏହା ଭୂମିଜମାନଙ୍କର କରମ୍, ଯାତ୍ରା, କାଟିନାଚ ଆଦିରେ ବ୍ୟବହୃତ ହୁଏ ।

ସେହିପରି ବଂଶୀ (ରତୁ)ଗୁଡ଼ିକ ଭୂମିଜମାନେ ନିଜେ ପ୍ରସ୍ତୁତ କରନ୍ତି । ଏହା ବାଉଁଶରେ ପ୍ରସ୍ତୁତ କରାଯାଏ । ନିଜର ପସନ୍ଦ ମୁତାବକ ସ୍ୱର ବାହାରିବା ପାଇଁ ଆବଶ୍ୟକୀୟ କଣା କରିବା ସହିତ ବଂଶୀଟି ସୁନ୍ଦର ଦେଖାଯିବା ପାଇଁ ତା' ଉପରେ ରେଖାଚିତ୍ର ବା ଫୁଲର ଚିତ୍ର କରନ୍ତି । ବଂଶୀର ଉଭୟ ପାର୍ଶ୍ୱରେ ପିତଳକିମ୍ୱା ଆଲୁମିନିୟର ମୁଦି ପିନ୍ଧାଇ ଅଧିକ ଆକର୍ଷଣୀୟ କରିବାକୁ ଚେଷ୍ଟା କରି ଥାଆନ୍ତି ।

**ଦେବ ସ୍ଥଳୀ ଚାରୁକଳା :**

ଭୂମିଜମାନେ ମୂର୍ତ୍ତିପୂଜା କରୁନଥିବାରୁ ସେମାନଙ୍କର ବେଦୀପୀଠ ବା ଦେବୀ ସ୍ଥାନରେ କୌଣସି ଦେବଦେବୀଙ୍କର ମୂର୍ତ୍ତି ନଥାଏ । କେବଳ ସେମାନଙ୍କର ପ୍ରତୀକ ଭାବରେ ହାତୀ, ଘୋଡା ଆଦି ମୃତ୍ତିକା ନିର୍ମିତ ପିତୁଳା ରଖାଯାଇଥାଏ । ଦେବଦେବୀଙ୍କ ଆସ୍ଥାନ ମଧ୍ୟ କୌଣସି ପ୍ରକାର କଳା-ଶିଳ୍ପ ବିମଣ୍ଡିତ ହୁଏ ନାହିଁ । ପ୍ରକୃତି କୋଳରେ କେତେଗୁଡିଏ ବୃକ୍ଷର ସମାହାର ହିଁ ଦେବୀପୀଠ ଭାବରେ ପରିଗଣିତ ହୁଏ । କିନ୍ତୁ ଭୂମିଜମାନେ ବିବାହ ସମୟରେ ସ୍ୱତନ୍ତ୍ର ଭାବରେ ପାରମ୍ପରିକ ମାପ ଅନୁଯାୟୀ ଏକ ବିବାହ ବେଦୀ ପ୍ରସ୍ତୁତ କରୁଥିବାର ଦେଖାଯାଇଥାଏ ।

**କାଠ ଖୋଦେଇ :**

ସମୟାନୁକ୍ରମେ ଭୂମିଜମାନେ କାଷ୍ଠଖୋଦନ କାର୍ଯ୍ୟରେ ସୌନ୍ଦର୍ଯ୍ୟ ଫୁଟାଇବାକୁ ପସନ୍ଦ କରୁଥିବା ମନେହୁଏ । ଆଗରୁ ପାରମ୍ପରିକ ବାସଗୃହରେ କବାଟ / ଝରକା ନଥିବା ସ୍ଥଳେ ଏବେ ଘରର କବାଟ ଲାଗିବା ସହିତ ସେଗୁଡ଼ିକ ବେଶ୍ ଚିତ୍ରବିଚିତ୍ର କରି ଖୋଦେଇ କରାଯାଉଛି । କବାଟ ଗୁଡ଼ିକରେ ହାତୀ, ଘୋଡା, ଫୁଲ, ଲତା, ପତ୍ର କଳସୀ ଆଦିର ଚିତ୍ର ଖୋଦିତ ହୋଇଥାଏ । କାଠର ଖଟ ଗୁଡ଼ିକରେ ମଧ୍ୟ ଫୁଲ, ଲତା, ସୂର୍ଯ୍ୟ କିମ୍ୱା ସୂର୍ଯ୍ୟ କିରଣ, ମୟୂର ପ୍ରଭୃତି ଚିତ୍ର ଦୁଇ ପାର୍ଶ୍ୱରେ କରାଯାଇଥାଏ । ଦଉଡି ଖଟର ଖୁରା ଅନେକ ସମୟରେ କୁନ୍ଦ କରିଥାଆନ୍ତି । ତାହାର ଉପର ଅଂଶକୁ ମସୃଣ କରି ଫୁଲ ପାଖୁଡା ପରି କରାଯାଏ । କେହି ଅବା ଖଟ – ପଲଙ୍କର ଖୁରା ମୁଣ୍ଡ ବାଘପାଟି ସଦୃଶ କରିଥିବାର

ଦେଖାଯାଏ । ଘରର ଖୁଣ୍ଟଗୁଡିକ ସେହିପରି କୁନ୍ଦ କରି ସୌନ୍ଦର୍ଯ୍ୟ ବଢାଇ ଥାଆନ୍ତି । ବେଳେ ବେଳେ ବ୍ୟବହାର କରୁଥିବା କାଠ – ପିଢାର ଉପର ଅଂଶକୁ ଖୋଦେଇ କରି ଲତା – ଫୁଲ ଆଦିରେ ସୌନ୍ଦର୍ଯ୍ୟ ମଣ୍ଡିତ କରନ୍ତି । ତେବେ ତାହା ମଧ୍ୟ ଲତାରେ ଚିତ୍ରିତ ହୋଇଥାଏ ଏବଂ ଠେକାର ଉପରେ ଗୋଟିଏ ଖୋଦେଇ ଚିତ୍ରର ଢାଙ୍କୁଣି ଲାଗେ । ଆଜିକାଲି କେତେକ ଭୂମିଜ ଟେବୁଲ ଚେଆର ମଧ୍ୟ ଖୋଦିତ ଶିଳ୍ପ ଚାତୁରୀରେ ପ୍ରସ୍ତୁତ କରି ବ୍ୟବହାର କରୁଥିବାର ଦେଖାଯାଉଛି ।

**ମୃତ୍ତିକା ଶିଳ୍ପ :**

ଭୂମିଜମାନେ ଦୈନନ୍ଦିନ ଜୀବନରେ ମାଟିରେ ପ୍ରସ୍ତୁତ ଦ୍ରବ୍ୟଗୁଡିକ କୁମ୍ଭାରଠାରୁ ସଂଗ୍ରହ କରି ଆଣନ୍ତି । ତେବେ ଘରେ ରୋଷେଇ ପାଇଁ ବିଭିନ୍ନ ଧରଣର ଚୂଲୀ (ଏକ ମୁହାଁ, ଦୁଇ ମୁହାଁ, ତିନି ଝିଙ୍କା / ଚାରି ଝିଙ୍କା ବିଶିଷ୍ଟ) ଭିନ୍ନ ଭିନ୍ନ ଉଦ୍ଦେଶ୍ୟରେ ନିଜେ ତିଆରି କରନ୍ତି । ପସନ୍ଦ ଅନୁଯାୟୀ ଘର ସାମ୍ନାରେ ତୁଳସୀ ଚୌରା, କେତେକ ପୂଜାରେ ବ୍ୟବହୃତ ମାଟିର ପିତୁଳା (ମଣିଷ ଓ ଜୀବଜନ୍ତୁ), ପିଲାଙ୍କ ଖେଳନା ପାଇଁ ଛୋଟ ଛୋଟ ମାଟି କଣ୍ଢେଇ, ଚଢେଇ, କୁକୁର ଆଦିଙ୍କ ପିତୁଳା ମଧ୍ୟ ସେମାନେ ନିଜେ ଗଢୁଥିବାର ଦେଖାଯାଏ । ସେଗୁଡିକୁ ସୁନ୍ଦର ଭାବରେ ଗଢି ରଙ୍ଗରେ ସଜାଇବା ସହିତ ସେମାନଙ୍କ ଆଖିରେ ଗୁଞ୍ଜ କିମ୍ବା କୌଣସି ଫଳର ଛୋଟ ଛୋଟ ମଞ୍ଜି ଲଗାଇ ଡୋଳା କରନ୍ତି । ଘରେ ହାଣ୍ଡି / କଳସୀ ବସାଇବାକୁ ମାଟିରେ ଚୂମୁଳା କରାଯାଏ । ଏସବୁ ସାଧାରଣତଃ ସ୍ତ୍ରୀ ଲୋକମାନେ ହିଁ କରିଥାଆନ୍ତି ।

**ଘାସ ଓ ପତ୍ରରୁ ନିର୍ମିତ ସାମଗ୍ରୀ :**

ପାରମ୍ପରିକ ଜୀବନ ଧାରାରେ ଭୂମିଜମାନେ ପ୍ରାୟତଃ ପତ୍ର ଉପରେ ଗୁରୁତ୍ୱ ଦେଇଥାଆନ୍ତି । ସେମାନେ ବଣ-ଜଙ୍ଗଲ ନିକଟବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବାରୁ ଏବଂ ଆଗରୁ ଆଧୁନିକ ବ୍ୟବହାର୍ଯ୍ୟ ସାମଗ୍ରୀ ବିଷୟରେ ଅଜ୍ଞ ଥିବାରୁ, ଘାସ ଓ ପତ୍ରର ଆବଶ୍ୟକତା ସେମାନଙ୍କ ପାଇଁ ଯଥେଷ୍ଟ ଥିଲା । ତେବେ ଏବେକୁ ହ୍ରାସ ପାଇଥିଲେ ହେଁ ବିଲୋପ ହୋଇନାହିଁ । ଶିଆଳୀ ଓ ଶାଳ ପତ୍ରରେ ସେମାନେ ଖଲି, ଦୋନା ପ୍ରସ୍ତୁତ କରୁଥିବା ବେଳେ ଶିଆଳୀ ପତ୍ରରେ ଛତା ଓ ଟୋପି ମଧ୍ୟ ତିଆରି କରନ୍ତି । ଶାଳପତ୍ର ଭିତରେ ଦୁକ୍ତା ଗୁଡାଇ ବିଡି ଟାଣନ୍ତି । ତାଳପତ୍ର ସାହାଯ୍ୟରେ ଆସନ, ଟୋକେଇ

ବିଞ୍ଚଣା, ପଖିଆ, ଫୁଲ ଆଦି ପ୍ରସ୍ତୁତ ହୁଏ । ଅନେକ ସମୟରେ କଦଳୀ ପତ୍ର ଭାତଥାଳି ରୂପେ ବ୍ୟବହୃତ ହୁଏ । କିନ୍ତୁ ବିଶେଷ ଭାବରେ ଶାଳପତ୍ରର ଖଲି ଓ ଦୋନା ଭୂମିଜମାନେ ଖାଇବା ସମୟରେ ବା ପୂଜାପାଠ ସମୟରେ ବ୍ୟବହାର କରିଥାଆନ୍ତି । ବୋବେଇ ଘାସରେ ଦଉଡି କରି ଖଟ ବୁଣନ୍ତି । ଆବଶ୍ୟକୀୟ ବନ୍ଧାବନ୍ଧି ପାଇଁ ବ୍ୟବହାର କରନ୍ତି । ସେଥିରେ ପୁଣି ଡଲା, ଟୋପି, ବିଞ୍ଚଣା ଆଦି ତିଆରି ହୁଏ । ତାଳପତ୍ର ଶିରରେ ମାଛ ଖାଳି (ମାଛ ରଖିବା ଉପକରଣ) ପ୍ରସ୍ତୁତ କରାଯାଏ । ଚିରୁ ଘାସରେ ସେମାନେ ଝାଡୁ, ପଟିଆ ତିଆରି କରୁଥିବା ବେଳେ ବେଣା ଘାସରେ ଝାଡୁ, ବଳ୍ଲମୁଳି ଗଛରେ ଝାଡୁ, ଖଜୁରୀ ପତ୍ରରେ ଝାଡୁ ଓ ପଟିଆ, ପାଇରେ ଝାଡୁ ଓ ପଟିଆ ଆଦି ପ୍ରସ୍ତୁତ କରିଥାଆନ୍ତି । ଏତଦ୍ ଭିନ୍ନ ଭୂମିଜମାନଙ୍କ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତଥା ଆବଶ୍ୟକୀୟ ତୃଣଜାତୀୟ ବୃକ୍ଷ ହେଉଛି ବାଉଁଶ । ଦୈନନ୍ଦିନ ଜୀବନରେ ସେମାନେ ପ୍ରାୟତଃ ସବୁବେଳେ ବାଉଁଶ କିମ୍ବା ବାଉଁଶ ନିର୍ମିତ ଦ୍ରବ୍ୟମାନ ବ୍ୟବହାର କରନ୍ତି । ଗୃହ ନିର୍ମାଣ ଉପକରଣରେ ମୁଖ୍ୟତଃ ଥାଏ ବାଉଁଶ । ଆଗରୁ ଭୂମିଜମାନେ ବାଉଁଶ ଛପରରେ ତାଟି କବାଟରେ ଘରର କାନ୍ଥରେ, ବାଡରେ ସବୁଥିରେ ବ୍ୟବହାର କରୁଥିଲେ । ଏବେ ମଧ୍ୟ ଅନେକ ଘର ସିଲିଂ ପାଇଁ ବାଉଁଶ ବ୍ୟବହାର କରୁଥିବାର ଦେଖାଯାଏ । ଏହା ବ୍ୟତୀତ ପୂଜାବିଧିରେ ସାଜସଜ୍ଜା ପାଇଁ, ଭାଡି ପ୍ରସ୍ତୁତ କଲେ, ଲୁଗାପଟା ଟଙ୍ଗାଟଙ୍ଗି ପାଇଁ ବାଉଁଶ ଆବଶ୍ୟକ ହୁଏ । ବାଉଁଶରେ ଝାଡୁ, ମାଛଧରା ଜାଲ, ଖଇଞ୍ଚି, ଅନ୍ଧୁଲୀ, ଟୋପି, ଆଣ୍ଡାବାଡି (ବୃଦ୍ଧମାନଙ୍କର), ଶିକାର ଉପକରଣ (ଧନୁ, ବାଟୁଳୀ, ବର୍ଚ୍ଛା, ବଲମ୍ ଆଦି) ପ୍ରଭୃତି ପ୍ରସ୍ତୁତ କରାଯାଇଥାଏ । ଗୋରୁ ଗାଈ ବାନ୍ଧିବା ପାଇଁ ସେମାନେ ଗୁହାଳରେ ବାଉଁଶ ଦଣ୍ଡା ଓ ଖୁଣ୍ଟ ବ୍ୟବହାର କରନ୍ତି । ପ୍ରତ୍ୟେକ ଭୂମିଜ ଲୋକଙ୍କ ବାଡିରେ ପ୍ରାୟତଃ ବାଉଁଶ ଗଛ ନିଶ୍ଚିତ ଥାଏ ଏବଂ ପ୍ରାୟ ସମୟ ସେମାନେ ବିଭିନ୍ନ କାର୍ଯ୍ୟରେ ତାହା ବିନିଯୋଗ କରନ୍ତି ।

**ତନ୍ତୁ ନିର୍ମିତ ସାମଗ୍ରୀ :**

ଶିଆଡୀ ଲତାର ତନ୍ତୁରେ ପ୍ରସ୍ତୁତ ଦଉଡି, ଶିକା, ପଘା, କୂଅରୁ ପାଣି କାଢିବା ପାଇଁ ଦଉଡି, ବରେହି, ବାଦ୍ୟ ଯନ୍ତ୍ରରେ ବାନ୍ଧିବା ପାଇଁ ତନ୍ତୁର ପତଳା ଅଂଶ ଆଦିକୁ ବ୍ୟବହାର କରନ୍ତି । ଅନେକ ସମୟରେ ଗୃହନିର୍ମାଣ କାଳରେ ଏହି ଶିଆଡୀ ଦଉଡି ବ୍ୟବହାର କରାଯାଏ । କେହି କେହି ଧାନବିଡା ବୋହିବା ପାଇଁ ଶିଆଡୀ ତନ୍ତୁ ବ୍ୟବହାର କରିଥାଆନ୍ତି ।

## ବାଉଁଶ ଓ ବେତ ନିର୍ମିତ ସାମଗ୍ରୀ :

ଭୂମିଜମାନେ ନିଜ ଘରବାଡିରେ ବାଉଁଶ ଗଛ ରଖିଥାଆନ୍ତି । ତେଣୁ ପ୍ରାୟ ସମୟ ସେଗୁଡିକ ବିଭିନ୍ନ କାର୍ଯ୍ୟରେ ବ୍ୟବହୃତ ହୁଏ । ଏହା ବାଦ୍ ସେମାନେ ଡୋମ ଓ ମାହାଲି ଗୋଷ୍ଠୀର ଲୋକଙ୍କ ଠାରୁ ବାଉଁଶ ନିର୍ମିତ ଚଲା, ଡଲା, କୁଲା, ପହଁରା, ପାଛିଆ, ଝୁଡି, ଡୋଲି, ଚେଙ୍ଗଡା ଆଦି କ୍ରୟ କରି ନିଜ ବ୍ୟବହାରେ ଲଗାଇ ଥାଆନ୍ତି । ବେତ ନିର୍ମିତ ଗୈଣୀ, କଠା ମଧ୍ୟ ବ୍ୟବହାର କରାଯାଏ । ଏହା ବାଦ୍ ବେତ ବାଡିଟିଏ ଭୂମିଜ ଦେହୁରୀ ଛଡାଣ ପୂଜା ପାଇଁ ଆବଶ୍ୟକ କରନ୍ତି । ମନ୍ତ୍ରପାଠ କରି ବେତ ବାଡି ସାହାଯ୍ୟରେ ଭୂତ ଲାଗିଥିବା ବ୍ୟକ୍ତିକୁ ପିଟିଲେ ଭୂତପ୍ରେତ ତୁରନ୍ତ ସମ୍ପୃକ୍ତ ବ୍ୟକ୍ତିଟିକୁ ଛାଡି ଚାଲିଯାଆନ୍ତି ।

## ପର, ନଖ ଓ ହାଡରୁ ନିର୍ମିତ ସାମଗ୍ରୀ :

ସାଧାରଣତଃ ଭୂମିଜମାନେ ମୟୁର ପର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ବ୍ୟବହାର କରିଥାଆନ୍ତି । ଧନୁର ଉଭୟ ପାର୍ଶ୍ୱରେ ମୟୂର ପରକୁ ଗୁଚ୍ଛା କରି ବାନ୍ଧିବା ସହିତ ଶରର ପଶ୍ଚାତ୍ ପଟରେ ମଧ୍ୟ କିଛି ବାନ୍ଧନ୍ତି । ଏହା ଦ୍ୱାରା ଧନୁଶର ସୁନ୍ଦର ଦେଖାଯାଏ । ପଗଡି ବା ଖୋସାରେ ମୟୁର ପର ଲଗାଇ ଭୂମିଜମାନେ ଦାସାଇଁ ପୂଜାରେ ନାଚ କରି ମାଗୁଣି ବାହାରନ୍ତି । ଏଥିରେ ପୁରୁଷମାନେ ନାରୀବେଶ ଧାରଣ କରି ମୁଣ୍ଡରେ ବାହୁରେ ଓ ବେକରେ ମଧ୍ୟ ମୟୁର ପର ଖୋସି ନିଜକୁ ସୁସଜ୍ଜିତ କରୁଥିବାର ଦେଖାଯାଏ । ବିଞ୍ଚଣାରେ ମୟୁର ପର ଲଗାଇ ସଜାଇ ଥାଆନ୍ତି । କାଉ କିମ୍ବା ପାରାର ପରକୁ ଭୂମିଜମାନେ କାନ କୁଣ୍ଡାଇବା ପାଇଁ ବ୍ୟବହାର କରନ୍ତି । ବାଘ ନଖରେ ପଦକ କରି କିମ୍ବା କେବଳ ବାଘ ନଖଟିଏ ପଦକ ସ୍ୱରୂପ ବେକରେ ପକାନ୍ତି । ପ୍ରତ୍ୟେକ କାର୍ଯ୍ୟରେ ତାହା ସଫଳ କରାଉଥିବାର ଭୂମିଜମାନଙ୍କର ବିଶ୍ୱାସ । ଏଥିପାଇଁ ବାଘ ନିଶ ମଧ୍ୟ ବ୍ୟବହୃତ ହୁଏ । ବାଘ ନିଶକୁ ତେଉଁରିଆରେ ପୁରାଇ ହାତ କିମ୍ବା ବେକରେ ଧାରଣ କରନ୍ତି । ହାଡରେ କୌଣସି ଦ୍ରବ୍ୟ ପ୍ରସ୍ତୁତ ହୁଏ ନାହିଁ । କେବଳ ଗୁଣିଆ ଝଡା ପୂଜା ସମୟରେ ବ୍ୟବହାର କରିପାରେ ।

## ପଥର ଖୋଦେଇ :

ପଥରରେ ଖୋଦେଇ କରି କୌଣସି ଶିଳ୍ପକର୍ମ ଭୂମିଜମାନେ କରୁଥିବାର ଦେଖାଯାଏ ନାହିଁ । କେବଳ ମଥା ଭଉଁରୀ ବା ଗେଟ୍ଟି ଜାଲର ନିର୍ମାଣରେ ଛୋଟ ଛୋଟ ପଥର ବ୍ୟବହାର କରିଥାଆନ୍ତି । ତେବେ ଅତୀତରେ ଯେ ପଥର ଖୋଦେଇ ଶିଳ୍ପକଳା

ଭୂମିଜମାନଙ୍କର ପାରମ୍ପରିକ ଥିଲା ନୃତତ୍ତ୍ୱବିତ୍‌ମାନଙ୍କ ମତରେ ତାହା ମହେଞ୍ଜୋ ଦାର - ହରପପ୍ପା ସଭ୍ୟତାର ଅଂଶବିଶେଷରେ ସ୍ପଷ୍ଟ ହୋଇଯାଏ । ଶିଳାଲିପି ମଧ୍ୟ ସେପରି ଶିଳ୍ପର ପ୍ରାଣ ଦେଇପାରେ ।

**ପାନିଆ :**

ଭୂମିଜମାନେ ଏବେ ଆଧୁନିକ ପାନିଆ ବ୍ୟବହାର କରୁଥିଲେ ହେଁ ଆଗରୁ ସେମାନେ କାଠ / ବାଉଁଶ ନିର୍ମିତ ପାନିଆ ବ୍ୟବହାର କରୁଥିବା ଜଣାଯାଏ । କାଠ କିମ୍ବା ବାଉଁଶକୁ ପତଳା ଓ ଲମ୍ବା ବାଗରେ କାଟି ଅତି ସୂକ୍ଷ୍ମ ଭାବରେ ଦାନ୍ତ ତିଆରି କରୁଥିଲେ । ଦାନ୍ତଗୁଡିକ ମଧ୍ୟ ସରୁ ଏବଂ ଅଳ୍ପ ମୋଟା ହୋଇ ପ୍ରସ୍ତୁତ ହେଉଥିଲା । ଗୋଟିଏ ପାନିଆରେ ସରୁ ଦାନ୍ତ ଓ ମୋଟା ଦାନ୍ତ ମଧ୍ୟ ରହିପାରୁଥିଲା । ଉକୁଣୀ ବାହାର କରିବା ପାଇଁ ଏକ ସ୍ୱତନ୍ତ୍ର ଧରଣର ଅଧିକ ଛୋଟ / ସରୁଦାନ୍ତ ବିଶିଷ୍ଟ ପାନିଆ ପ୍ରସ୍ତୁତ କରୁଥଲେ, ଯାହା ଦ୍ୱାରା ମୁଣ୍ଡରୁ ଉକୁଣୀ ସହଜରେ ବାହାରି ଆସୁଥିଲା । ପାନିଆର ଦୁଇ ପାର୍ଶ୍ୱକୁ କେହି କେହି ପକ୍ଷୀ ଅଣ୍ଡ କିମ୍ବା କୁମ୍ଭୀର ମୁଣ୍ଡପରି କରୁଥିଲେ । ପୂର୍ବେ ଭୂମିଜମାନେ ପଣ୍ଡା / ମଇଁଷିଙ୍କ ଶିଙ୍ଗରେ ମଧ୍ୟ ପାନିଆ ପ୍ରସ୍ତୁତ କରୁଥିବାର ଏବର ଭୂମିଜମାନେ କହନ୍ତି ।

ତେବେ ବସ୍ତୁତଃ ଭୂମିଜ ସମ୍ପ୍ରଦାୟର ପାରମ୍ପରିକ ଶିଳ୍ପର ଯେ ଅବକ୍ଷୟ ଘଟିଛି ଏହା ନିଃସନ୍ଦେହ । କଳା କେତେକାଂଶରେ ବଞ୍ଚି ରହିଥିଲେ ହେଁ ଶିକ୍ଷିତ ଭୂମିଜମାନଙ୍କ ଦ୍ୱାରା ତାହା ପ୍ରତ୍ୟାଖ୍ୟାତ ହେବା ଫଳରେ କେତେଦିନ ଯେ ତାହା ସୁରକ୍ଷିତ ରହିପାରିବ - କହିବା ମୁସ୍କିଲ ।

❑ ❑ ❑

# ଔଷଧ ଓ ବୈଦ୍ୟ

ଜନ୍ମ, ମୃତ୍ୟୁ ଭଳି ରୋଗ-ବ୍ୟାଧି ମଣିଷ ଜୀବନରେ ଏକ ସାଧାରଣ ପ୍ରକ୍ରିୟା । ଯନ୍ତ୍ରବତ୍ ମଣିଷ ଶରୀରଟି କେତେବେଳେ, କେଉଁ ମୁହୂର୍ତ୍ତରେ କି ପ୍ରକାର ରୋଗର ଶୀକାର ହୋଇପାରେ, ତାହା କଳନା କରିବା ସମ୍ଭବ ନୁହେଁ । କେବଳ ସାଧାରଣ ମଣିଷ ନୁହଁନ୍ତି, ମୁନି, ଋଷି ଏବଂ ଦେବତାମାନେ ମଧ୍ୟ ରୋଗ - ବ୍ୟାଧିର କବଳରୁ ସମ୍ପୂର୍ଣ୍ଣ ରୂପେ ମୁକ୍ତ ନଥିବାର ପୁରାଣ - ଇତିହାସ ସୂଚନା ଦିଏ । ସେଥିପାଇଁ ବୋଧହୁଏ ଦେବ-ବୈଦ୍ୟ ଧନ୍ୱନ୍ତରୀଙ୍କର କଳ୍ପନା ଏବଂ ଋଷିପ୍ରାଣା ବୈଦ୍ୟ ଚରକ, ଶୁଶ୍ରୁତଙ୍କର ଆବିର୍ଭାବ । ରୋଗର ନିଦାନ - ନିବାରଣ, ଆବଶ୍ୟକୀୟ ଔଷଧ, ଔଷଧର ପାନ - ଅନୁପାନ ସମ୍ବଳିତ ବିରାଟ ଗ୍ରନ୍ଥ ମାନ ଲିଖିତ, ସଂରକ୍ଷିତ ଏବଂ ପ୍ରଚଳିତ ।

ସଭ୍ୟତାର ଉତ୍ତରୋତ୍ତର ଉନ୍ନତି କ୍ରମେ ଚିକିତ୍ସା ବିଜ୍ଞାନ ଆଜି ସଫଳତାର ପାହାଚ ଚଢ଼ି ଆକାଶ ଛୁଇଁଛି । ଅସମ୍ଭବକୁ ଅନାୟାସରେ ସମ୍ଭବ କରି ପାରୁଛି । କ୍ଲୋନିଂ ଜୀବକୁ ଜନ୍ମ ଦେଇ ଗର୍ବର ସହିତ ଈଶ୍ୱରଙ୍କୁ ଆହ୍ୱାନ ଜଣାଇଛି । ମୃତ୍ୟୁକୁ ଜୟ କରିବାର ପ୍ରବଳ ଅଭୀପ୍ସାରେ ଆଜି ଚିକିତ୍ସା ବିଜ୍ଞାନୀ ପାଗଳପ୍ରାୟ । ଈଶ୍ୱରଙ୍କ ଅସ୍ତିତ୍ୱକୁ ମଧ୍ୟ ସେ ଅସ୍ୱୀକାର କରିବାକୁ ପଶ୍ଚାତପଦ ନୁହେଁ ।

କିନ୍ତୁ ଈଶ୍ୱର ସୃଷ୍ଟ ପ୍ରକୃତିକୁ ସମ୍ପୂର୍ଣ୍ଣ ରୂପେ ପରିହାର ପୂର୍ବକ ନିଜସ୍ୱ ଜ୍ଞାନକୌଶଳ ବଳରେ ସେ ଏହି ଗୌରବର ବୈଜୟନ୍ତୀ ଉଡାଇ ପାରିବ ତ ? ଯୁଗେ ଯୁଗେ ମଣିଷ ରୋଗବ୍ୟାଧିର ନିରାକରଣ / ଉପଶମ ପାଇଁ ପ୍ରକୃତି ଉପରେ ନିର୍ଭର କରି ଆସିଛି । ମଣିଷ ପ୍ରକୃତିର ସନ୍ତାନ ହୋଇଥିବାରୁ, ତା'ର ଜୀବନ ଧାରଣର ସମସ୍ତ ଉପାଦାନ ପ୍ରକୃତି କୋଳରେ ହିଁ ଉପଲବ୍ଧ । ତାହାରି ମଧ୍ୟରେ ଭରି ରହିଛି ସମସ୍ତ ସାଧ୍ୟ - ଅସାଧ୍ୟ ରୋଗର ନିବାରଣ କାରୀ ଶକ୍ତି । ସେଥିପାଇଁ ମଣିଷକୁ ସୁସ୍ଥ - ଶାନ୍ତି ପ୍ରଦାନ କରିବା ଉଦ୍ଦେଶ୍ୟରେ ମହାମହା ବୈଦ୍ୟମାନେ ଜୀବନ ବ୍ୟାପୀ ସେହି ପ୍ରକୃତି ଭିତରେ ନିଜକୁ ହଜାଇ ଦେଇଛନ୍ତି । ଏହି ଧାରା ଆଜିର ନୁହେଁ, କିମ୍ବା ଏହାର ସମୟ ପରିଧି ଆକଳନ କରିବା ସମ୍ଭବ ନୁହେଁ, ତେଣୁ ପ୍ରକୃତି ଯେ ଔଷଧର ଗନ୍ତାଘର ଏହା ସର୍ବଜନ ସ୍ୱୀକୃତ ।

ରୋଗର ନିଦାନ ଓ ଚିକିତ୍ସା ପ୍ରଣାଳୀ ଭିନ୍ନ ହୋଇପାରେ, ତଦନୁଯାୟୀ ଚିକିତ୍ସା ଶାସ୍ତ୍ରର ନାମକରଣରେ ମଧ୍ୟ ପ୍ରଭେଦ ଥାଇପାରେ, କିନ୍ତୁ ପ୍ରକୃତିକୁ ବାଦ୍ ଦେଇ ଔଷଧ

ପ୍ରସ୍ତୁତ କରିବା – କସ୍ମିନ କାଳେ ସମ୍ଭବ ହୋଇ ନାହିଁ । ସେଥିପାଇଁ ଆଜି ଆୟୁର୍ବେଦ ଶାସ୍ତ୍ର ବିଜ୍ଞାନର ଗୁରୁତ୍ୱ ଯଥେଷ୍ଟ ଅଧିକ ।

ଅବଶ୍ୟ ଆଧୁନିକ ଚିକିତ୍ସା ପଦ୍ଧତି ମଧ୍ୟରେ ପ୍ରବେଶ କରିବା ପାଇଁ ଯେଉଁମାନଙ୍କର ପଥ ସୁଗମ ନୁହେଁ, ସେମାନେ ଅଦ୍ୟାବଧି ପ୍ରକୃତି କୋଳରୁ ଔଷଧୀୟ ଉପାଦାନ ମାନ ସଂଗ୍ରହ କରି ଗ୍ରାମୀଣ ବୈଦ୍ୟଙ୍କ ଦ୍ୱାରା ଚିକିତ୍ସିତ ହେଉଛନ୍ତି ଏବଂ ଏହା ମଧ୍ୟ ସତ୍ୟ ଯେ, ତୁଳନାତ୍ମକ ଭାବେ ଆଧୁନିକ ମଣିଷଠାରୁ ସେମାନେ ସୁସ୍ଥ – ନିରାମୟ ଜୀବନ ଅତିବାହିତ କରୁଛନ୍ତି । ଏହିପରି ମଣିଷ ହେଉଛନ୍ତି – ଜାଙ୍ଗଲୀକ – ପାହାଡ଼ିଆ ସମ୍ପ୍ରଦାୟ – ଆଦିବାସୀ ଗୋଷ୍ଠୀ । ଆଦିବାସୀ ସମ୍ପ୍ରଦାୟଗୁଡ଼ିକ ସାଧାରଣତଃ ପାହାଡ଼ ଜଙ୍ଗଲର ସମୀପବର୍ତ୍ତୀ ଅଞ୍ଚଳରେ ବସତି ସ୍ଥାପନ କରିଥାଆନ୍ତି । ଆଧୁନିକ ସଭ୍ୟତା ତଥା ଉନ୍ନତ ଚିକିତ୍ସା ବ୍ୟବସ୍ଥା ଠାରୁ ଦୂରରେ ରହି ଶାରିରୀକ ଅସୁସ୍ଥତା କିମ୍ବା ରୋଗବ୍ୟାଧି ପାଇଁ ଜଙ୍ଗଲଜାତ ଔଷଧୀୟ ଦ୍ରବ୍ୟ ଉପରେ ନିର୍ଭର କରି କାଳାତିପାତ କରନ୍ତି । ପ୍ରତ୍ୟେକ ଆଦିବାସୀ ଗ୍ରାମମାନଙ୍କରେ ପାରମ୍ପରିକ ବୈଦ୍ୟ ମଧ୍ୟ ଦୃଷ୍ଟିଗୋଚର ହୁଅନ୍ତି । ସେମାନେ ସେବା ମନୋବୃତ୍ତିରେ ଲୋକମାନଙ୍କୁ ଜଡ଼ିବୁଟି / ଚେରମୂଳି ବା ଆୟୁର୍ବେଦ ଔଷଧ ଦ୍ୱାରା ରୋଗବ୍ୟାଧିରୁ ମୁକ୍ତ ରଖିବାକୁ ଚେଷ୍ଟା କରିଥାଆନ୍ତି । ଅନୁରୂପ ଭାବେ ଭୂମିଜ ସମ୍ପ୍ରଦାୟ ମଧ୍ୟ ସେହି ପାରମ୍ପରିକ ଚିକିତ୍ସା ପଦ୍ଧତିର ଅନୁଗାମୀ ଥିବା ଜଣାଯାଏ । ଜଙ୍ଗଲରୁ ସଂଗୃହୀତ ବିଭିନ୍ନ ପ୍ରକାର ଔଷଧୀୟ ତୃଣ, ଗୁଳ୍ମ, ପତ୍ର, କାଣ୍ଡ, ଚେର, କନ୍ଦା, ତନ୍ତୁ, ମଞ୍ଜି, ଫୁଲ, ବଲ୍କଳ ଇତ୍ୟାଦିକୁ ଔଷଧ ତଥା ଔଷଧୀୟ ଅନୁପାନ ଭାବରେ ଗ୍ରହଣ କରି ରୋଗ – ଯନ୍ତ୍ରଣାରୁ ମୁକ୍ତି ପାଆନ୍ତି । ସେମାନଙ୍କ ମତରେ ଜଙ୍ଗଲରେ ଉପଲବ୍ଧ ସମସ୍ତ ପ୍ରକାର ବୃକ୍ଷ / ତୃଣ / ଗୁଳ୍ମ ଗୁଡ଼ିକର ସର୍ବାଂଶ ମଣିଷ ଶରୀର ପାଇଁ ଔଷଧ ରୂପରେ କାର୍ଯ୍ୟ କରିପାରେ । ସେମାନେ ବ୍ୟବହାର କରୁଥିବା କେତେକ ଔଷଧ ଏବଂ ତା'ର ପ୍ରୟୋଗ ପ୍ରଣାଳୀ ନିମ୍ନରେ ପ୍ରଦତ୍ତ ହେଲା ।

## ବିଭିନ୍ନ ପ୍ରକାର ଔଷଧ: ତୃଣଜାତୀୟ :

ତାସାଡ୍ : ମୁଥା ଏକ ଔଷଧୀୟ ତୃଣ / ଘାସ ଏହାକୁ ପିଚ ଖଇର ସହିତ ବାଟି ପାଟି ଘା'ରେ ଲଗାଇଲେ କିମ୍ବା ଖାଇଲେ ଯଥାକ୍ରମେ ପାଟିଘା' ଅନ୍ତନାଡ଼ି ଘା' ଭଲ ହୁଏ । ମୁଥା ଘାସ ସହିତ ବେଙ୍ଗୁନିଆ ଅଗି ଏକତ୍ର ବାଟି ପିଇଲେ ଅମ୍ଳରୋଗରୁ ଉପଶମ ମିଳେ । ଏହା ବାଦ୍ ମୁଥା ଘାସର ରସରେ ୬୪ ଗୁଣ୍ଡ (ଏକ ପ୍ରକାର ଔଷଧୀୟ ଅନୁପାନ) ମିଶାଇ ପାନ କଲେ ପୁରାତନ କାଶ ରୋଗରୁ ମୁକ୍ତି ମିଳେ ।

ଦୂବ ଘାସ (ଦୂବି ଚାସାଃଡ): ଦୂବ ଘାସ ମଧ୍ୟ ଏକ ଔଷଧୀୟ ତୃଣ । ଏହାକୁ ବାଟି ମସୃଣ କରାଯାଏ ଏବଂ ବାଉଁଶ ଛେଲି ଦ୍ୱାରା ସେହି ବଟାକୁ ନେଇ ଆସ୍ତେ ଆସ୍ତେ କଟା ଘା'ରେ ଲଗାଇଲେ ତତ୍‌କ୍ଷଣାତ୍ ରକ୍ତସ୍ରାବ ବନ୍ଦ ହୋଇ ଘା' ଶୁଖିବାର ଉପକ୍ରମ ଆରମ୍ଭ ହୁଏ । ସେହିପରି କିଛି ଦୂବଘାସ ଏବଂ ତିନୋଟି ବେଲପତ୍ର ଏକତ୍ର ବାଟି ପିଇଲେ ଯାବତୀୟ ପେଟ ବିକାର ଦୂର ହୁଏ ।

ଧନ୍ୱନ୍ତରୀ (ଧନ୍ତୁରୀ): ଧନ୍ୱନ୍ତରୀ ତୃଣରୁ ରସ ବାହାର କରି ସେବନ କରିବା ଦ୍ୱାରା ଦେହହାତ ଦରଜ ଯନ୍ତ୍ରଣାରୁ ମୁକ୍ତି ମିଳିଥାଏ । ଏହାକୁ ଖିରୀରେ ପକାଇଲେ ସ୍ୱାଦିଷ୍ଟ ହୁଏ ।

ଗୁଳ୍ମ / ବୁଦା (ନୁନୁର୍): ଅଗ୍ନିଜାଳା, ଝିଲିରୀ ଫୁଲ (ହୁଣ୍ଡାଳା ବାଆ), ଅପମାରଙ୍ଗ (ଶିଶିର୍ କାଟ୍) ଆଦି ଗୁଳ୍ମର ଚେରକୁ ବାଟି ପାଣି ସହିତ ପାନ କଲେ ପାଣିଝାଡା ଓ ବାନ୍ତି ତତ୍‌କ୍ଷଣାତ୍ ବନ୍ଦ ହୁଏ । ଏସବୁ କଲେରା ବା ଝାଡା – ବାନ୍ତି ରୋଗପାଇଁ ଅବ୍ୟର୍ଥ ଔଷଧ । ସେହିପରି ପାତାଳ ଗରୁଡ ଚେରକୁ ବାଟି ପିଇଲେ ଝାଡା – ବାନ୍ତି ଭଲ ହେବା ସହିତ ଉଚ୍ଚ ରକ୍ତଚାପ ରୋଗ ନିୟନ୍ତ୍ରଣ କରେ ଏବଂ ମାନସିକ ରୋଗ ଭଲ ହୁଏ । ପାଳୁଅ ବୁଦାରୁ ଉତ୍ପାଦିତ ପାଳୁଅ ପାଣି ସହିତ ସର୍ବତ କରି ପିଇଲେ ପେଟ ଥଣ୍ଡା ରହେ ଏବଂ ଏହି ପାଳୁଅକୁ ଚିନି, କ୍ଷୀର ସହିତ ସିଝାଇ ଝାଡା ରୋଗୀକୁ ଦେଲେ ପାଣିଝାଡା ଭଲହେବା ସହିତ କାମଳ ରୋଗ ହେଲେ ମଧ୍ୟ ରୋଗୀକୁ ପାଳୁଅ ସର୍ବତ ପିଇବାକୁ ଦିଆଯାଇଥାଏ । ଏହା ପେଟକୁ ଥଣ୍ଡା ରଖି ଯକୃତକୁ ଶକ୍ତି ଯୋଗାଏ । ଚୁଆ ବୁଦାର ଚେରକୁ ଶୁଖାଇ ପାନ ସହିତ ଖାଇଲେ ପାନ ସ୍ୱାଦିଷ୍ଟ ହୁଏ, ତଥା ଖାଦ୍ୟ ହଜମ କରିବାରେ ସାହାଯ୍ୟ କରେ । ଘି କୁଆଁରୀ ବୁଦାର ପତ୍ରକୁ ଭାଙ୍ଗି ମୁଣ୍ଡରେ ଘଷିଲେ ତତ୍‌କ୍ଷଣାତ୍ ମୁଣ୍ଡବିନ୍ଧା ଭଲ ହୁଏ । ହଳଦୀ ବୁଦାର ଚେରରୁ ବାହାରୁଥିବା ହଳଦୀ ଖଣ୍ଡକୁ ଖରାରେ ଶୁଖାଇ, ଗୁଣ୍ଡକରି ତରକାରୀରେ ପକାଯାଏ । ଏହାଦ୍ୱାରା ତରକାରୀର ଖାଦ୍ୟପ୍ରାଣ ସୁରକ୍ଷିତ ରହିବା ସହିତ କୀଟ / ଜୀବାଣୁ ନାଶନରେ ସହାୟକ ହୁଏ । କଞ୍ଚା ହଳଦୀ ରସରେ ଛୋଟ ପିଲାଙ୍କ ପେଟରେ କୃମି ମରିଯାଏ । ଫଳରେ ରୁଗ୍ଣ ପିଲାଟି ସୁସ୍ଥସବଳ ହୋଇଉଠେ, ଏହା ବ୍ୟତୀତ ହଳଦୀ ସହିତ ନିମ୍ବପତ୍ର ବା ଭୂଇଁନିମ୍ବ ପତ୍ର ବାଟି ଦେହରେ ଲେପନ ଦେଲେ ଚର୍ମରୋଗରୁ ମୁକ୍ତି ମିଳେ, ଚର୍ମ ଚିକ୍‌କଣ ହୁଏ । ଚନ୍ଦନ ସହିତ ହଳଦୀ ମିଶାଇ ମୁଖରେ ପ୍ରଲେପ ଦେଲେ ବ୍ରଣ ସମସ୍ୟା ଦୂର ହୁଏ । ସେହିପରି ଭୂଇଁ ନିମ୍ବ ପେଟରୋଗ ଚର୍ମରୋଗ

ପାଇଁ ଏକ ଅବ୍ୟର୍ଥ ଔଷଧୀୟ ଗୁଳ୍ମ । ଏହି ଗୁଳ୍ମର ସର୍ବାଂଶକୁ ଛେଚି ରସ ବାହାର କରି ସେବନ କଲେ ଯାବତୀୟ ପେଟରୋଗ ଉପଶମ ହୁଏ ଏବଂ ମସୃଣ ଭାବେ ବାଟି ଦେହରେ ଲେପନ କଲେ ଚର୍ମ ରୋଗ ଦୂରେଇ ଯାଏ । ଖାଇବା ପରେ ଦୈନିକ ଖଣ୍ଡେ ଅଦା ଚୋବାଇ ଖାଇଲେ ଅଜୀର୍ଣ୍ଣ, ବାୟୁ, ବାନ୍ତି, ନାଳଝାଡା ଆଦି ଯାବତୀୟ ପେଟ ରୋଗ ଭଲହୁଏ । ଏହା ବାଦ୍ ଅଦା ଅନ୍ୟ ଔଷଧ ସହିତ ଅନୁପାନ ଭାବରେ ବ୍ୟବହୃତ ହୋଇଥାଏ ।

ପତ୍ର (ସାକାମ୍) : ପ୍ରାୟ ପ୍ରତ୍ୟେକ ବୃକ୍ଷ, ଗୁଳ୍ମ, ତୃଣର ପତ୍ର ଔଷଧ ସ୍ୱରୂପ ବ୍ୟବହାର କରାଯାଇଥାଏ । କାରଣ ଜଙ୍ଗଲଜାତ ତଥା ବାଡି ବଗିଚାର ସମସ୍ତ ପ୍ରକାର ପତ୍ର ଔଷଧ ଉପଯୋଗୀ । କେଉଁ ପତ୍ରକୁ ସିଧାସଳଖ ଅନୁପାନ ସହିତ ଖାଇଲେ ଉପକାର ମିଳେ ତ ଆଉ କେଉଁ ପତ୍ର ବିନା ଅନୁପାନରେ ମଧ ବ୍ୟବହୃତ ହୋଇଥାଏ ।

କଲରା ପତ୍ରକୁ ବାଟି କପାଳରେ ଲେପନ କଲେ ତୁରନ୍ତ ମୁଣ୍ଡବିନ୍ଧା ଭଲହୁଏ । ସେଥିରୁ ରସ ବାହାର କରି ପାନ କଲେ ପେଟରେ କୃମିଦୋଷ ଦୂର ହୁଏ । ଥାଲକୁଡି ପତ୍ରକୁ କଞ୍ଚା ଚୋବାଇ ନିୟମିତ ସେବନ କଲେ ଅମ୍ଳରୋଗ ହୁଏ ନାହିଁ । ତାହା ସହିତ ଅଳ୍ପ ଗୁଡଚିନି ମିଶାଇ ମଧ ଖିଆ ଯାଇପାରେ । ଗଙ୍ଗଶିଉଳୀ ପତ୍ରକୁ ଛେଚି, ସେଥିରୁ ରସ ବାହାର କରି, ତହିଁରେ ଅଳ୍ପ ମହୁ ମିଶାଇ ନିଆଁ ଟେଙ୍କ ଦେଇ ଖାଇଲେ ପୁରୁଣା ପଚା ଜ୍ୱର, ମେଲେରିଆ ଜ୍ୱର, ଥଣ୍ଡା ଜ୍ୱର ସମ୍ପୂର୍ଣ୍ଣ ରୂପେ ଦେହରୁ ଚାଲିଯାଏ । ସେହିପରି ବାସଙ୍ଗ ପତ୍ରରୁ ରସ ବାହାର କରି, ସେଥିରେ ମହୁ ମିଶାଇ ନିଆଁ ଟେଙ୍କ ଦେଇ ପାନ କଲେ ଥଣ୍ଡାକାଶ, ଶୁଖିଲା ଖଣ୍ଡିକାଶ, ଦେହହାତ ଘୋଳାବିନ୍ଧା, ମୁଣ୍ଡବଥା / ବିନ୍ଧା ଇତ୍ୟାଦି ଯନ୍ତ୍ରଣାରୁ ମୁକ୍ତି ମିଳେ । ସିଜୁପତ୍ର ରସ ଓ ବାସଙ୍ଗପତ୍ରର ରସ ଏକତ୍ର ମିଶାଇ ସେବନ କଲେ ଶ୍ୱାସରୋଗ ଭଲ ହୁଏ । ବେଲପତ୍ର ସହିତ ଗୋଲମରିଚ ଚୋବାଇ ନିୟମିତ ଖାଇଲେ ପେଟରୁ ଅମ୍ଳଦୋଷ ଦୂରହୁଏ । ତିନୋଟି ବେଲପତ୍ର ଓ ତିନୋଟି ଲବଙ୍ଗ ଏକତ୍ର ବାଟି କିଛିଦିନ ପାନ କଲେ ହଜମ ଶକ୍ତି ବୃଦ୍ଧି ହେବା ସଂଗେ ସଂଗେ ଭୋକ ବଢାଏ । ତୁଳସୀ ପତ୍ର ଏକ ଅବ୍ୟର୍ଥ ଔଷଧୀୟ ଦ୍ରବ୍ୟ । ଏହାକୁ ନିୟମିତ ଚୋବାଇ କିମ୍ବା ରସ ବାହାର କରି ତା' ସହିତ ଅଳ୍ପ ମହୁ ମିଶାଇ ଖାଇଲେ ଥଣ୍ଡା, ସର୍ଦ୍ଦି, କାଶ, ଗଳା ଦରଜ, ମୁଣ୍ଡବିନ୍ଧା ଆଦି ଯାବତୀୟ ଥଣ୍ଡାଜନିତ ରୋଗରୁ ଉପଶମ ମିଳେ । ତୁଳସୀ ପତ୍ର ସହ ଗୋଲମରିଚ ମଧ ଖିଆଯାଇ ପାରେ । ପୋଦିନା ପତ୍ର ସହିତ

ଗୋଲମରିଚ ଓ ପାନମଧୁରୀ ବାଟି ଜଳ ମିଶାଇ ପାନ କଲେ ନାକ-ରକ୍ତ ଝାଡା ଭଲ ହୁଏ । ଅଜୀର୍ଣ୍ଣ ଦୋଷ ଥିଲେ କିମ୍ବା ଗୁରୁପାକ ଖାଦ୍ୟଖାଇ ଅଜୀର୍ଣ୍ଣ ହେଲେ ଦୁଇମୁଠା ପୋଦିନା ପତ୍ରରେ ୨୧ଟି ଗୋଲମରିଚ ବାଟି ଦିନକୁ ଥରେ ଖାଇଲେ ବେଶ୍ ଉପକାର ମିଳେ । ପାନପତ୍ର ଚୋବାଇ ଖାଇଲେ ଅରୁଚି ଦୂର ହୁଏ । ପାନପତ୍ରରେ ଅଜୀର୍ଣ୍ଣ, ଅରୁଚି, କୋଷ୍ଠକାଠିନ୍ୟ, ପରିସ୍ରା ଦୋଷ, ମୁଣ୍ଡବ୍ୟଥା, ଶ୍ୱାସରୋଗ, କ୍ଷତ, ବଥ, ମୁଖ ଦୁର୍ଗନ୍ଧ, ସ୍ତନର ଶୁଷ୍କତା, ସ୍ନାୟୁଦୋଷ ଆଦି ଯାବତୀୟ ପ୍ରକାର ରୋଗର ନିରାକରଣ ଶକ୍ତି ମହଜୁଦ ଥାଏ । ଧଣିଆପତ୍ର ରସରେ ହଳଦୀ ଗୁଣ୍ଡ ମିଶାଇ ବ୍ରଣ, କଳାଦାଗ ଓ ଶୁଖିଲା ଚର୍ମ ଉପରେ ଲଗାଇଲେ ସୁଫଳ ମିଳେ । ଜ୍ୟେଷ୍ଠମଧୁ ପତ୍ର ବାଟି ପିଇଲେ ବାୟୁଜନିତ ରୋଗ ଭଲ ହୁଏ ।

**କାଣ୍ଡ (ଡାଳ) :** ଛଚିନା ଗଛର କାଣ୍ଡ ପତ୍ର ସହ ଆଣି ଛେଚି ରସ ସେବନ କଲେ ବାନ୍ତି ଭଲ ହୁଏ , ଭୋକ ଲାଗେ । ଶାଳ କାଣ୍ଡ ବାଟି ଗୋ-ମଇଁଷିକୁ ପିଆଇଲେ ବାତରୋଗ ଭଲ ହୋଇଥାଏ । ରୋହିଣୀ ଗଛର କାଣ୍ଡ ଓ ଛେଲିକୁ ବାଟି ଛୋଟ ଛୋଟ ଗୁଳା କରି ଖାଇଲେ ହାତଗୋଡ ବିନ୍ଧା, ଅଣ୍ଟାବ୍ୟଥା ଦୂର ହୁଏ । ଚିରେଇତା କାଣ୍ଡ ସହ ପାଣି ମିଶାଇ ବାଟି ପିଇଲେ ପେଟଅଣ୍ଟା ହେବା ସଙ୍ଗେ ସଙ୍ଗେ ବାତ ଭଲହୁଏ ଏବଂ ହଜମ ପ୍ରକ୍ରିୟା ତ୍ୱରାନ୍ୱିତ କରେ ।

**ଚେର (ରୋଃଦ୍) :** ବିଛୁଆତି (ଜେରେଦ୍ ସିଂ), ଟୁଭ ଗଛର ଚେରକୁ ବାଟି ଜଳ ସହିତ ପାନ କଲେ ଧାତୁ, କାଶ, ଯକ୍ଷ୍ମା, ମୁଣ୍ଡବ୍ୟଥା ଆଦି ଦୂର ହୁଏ । ପାତାଳ ଗରୁଡ ଚେର ଦ୍ୱାରା ସାପକାମୁଡା ଓ ମାନସିକ ରୋଗ ଭଲ ହୋଇଥାଏ । ଗାଇଶିରା ଚେରରେ କାଶ, ଦୁଦୁରା ଚେରରେ ବାତ, ଅକାନବିନ୍ଧ ଚେର ଦ୍ୱାରା ପେଟରୋଗ, ମଞ୍ଜୁଆତି ଓ ପିତାରାଜି ଚେରରେ କାମଳରୋଗ, ଭୂଇଁନିମ୍ବ ଚେରରେ ମ୍ୟାଲେରିଆ ଜ୍ୱର ଆଦି ଦୂର ହୁଏ । ଅଗ୍ନିଜାଳା ଚେର ବାଟି ପିଇଲେ ହଜମ ପ୍ରକ୍ରିୟାରେ ସାହାଯ୍ୟ କରେ । କଇଁଫୁଲର ମୂଳ ସହ ନାଡଚି ବାଟି ଖାଇଲେ ସ୍ତ୍ରୀରୋଗ ଓ ବନ୍ଧ୍ୟାଦୋଷ ଦୂର ହୋଇଥାଏ । ଇନ୍ଦ୍ରମାରିଷ ଚେରକୁ ବାଟି ସ୍ତନରେ ଲେପ ଦେଲେ ଥନହରା ଉପଶମ ହୁଏ । ଅପମାରଙ୍ଗ ଓ ଶ୍ୱେତପୁରୁଣି ଚେର ଦ୍ୱାରା ସୁଖ ପ୍ରସବ ହୋଇଥାଏ । ବେଗୁନିଆ ଚେର, ଫଳ ଓ ପତ୍ରକୁ ଏକତ୍ର ବାଟି ଘିଅ ସହିତ ପାକ କରି ଖାଇଲେ ଯକ୍ଷ୍ମା ରୋଗରୁ ମୁକ୍ତି ମିଳେ । ପୋକସୁଙ୍ଗା ଚେରକୁ ବାଟି କାନରେ ପକାଇଲେ ପୋକ ମରନ୍ତି, କଷ୍ଟରୁ ରକ୍ଷାମିଳେ ।

**କନ୍ଦା (କେନ୍ଦାଃ):** ତାଳମୂଳି କନ୍ଦାକୁ ରାଶି ତେଲରେ ବାଟି ଖାଇଲେ ଏକଶିରା ରୋଗ ଭଲ ହୋଇଯାଏ । ଲଙ୍ଗଲଙ୍ଗଳିଆ କନ୍ଦା ବାଟି, ପାଦରେ ଲେପ ଦେଲେ କଣ୍ଟା, କାଚ ପଶିଥିଲେ ବାହାରିଆସେ । ମହାକାଳ କନ୍ଦାକୁ ବାଟି ଲେପ ଦେଲେ ସ୍ତନହରା ଭଲ ହୁଏ ।

**ଛେଲି / ବକୁଳ (ବାକାଲ୍) :** ଅଶୋକ ଗଛର ଛେଲିକୁ ପାଣିରେ ସିଝାଇ ସେହି ପାଣି ସେବନ କଲେ ସ୍ତ୍ରୀମାନଙ୍କର ମାସିକ ରକ୍ତସ୍ରାବ ଜନିତ ଗଣ୍ଡଗୋଳ ଦୂର ହୁଏ । ବରକୋଳି ଗଛର ଛେଲିକୁ ଶୁଖାଇ ଚୂର୍ଣ୍ଣକରି ଛେଳି କ୍ଷୀର ସହିତ ମିଶାଇ ଖାଇଲେ ରକ୍ତଝାଡା ଭଲହୁଏ । ଅର୍ଜୁନ ଗଛର ଛେଲିକୁ ଶୁଖାଇ ଚୂର୍ଣ୍ଣକରି ଘିଅ ଓ ମହୁ ସହିତ ଖାଇଲେ ଭଙ୍ଗା ହାଡ ଯୋଡିଯାଏ । ବେଲ ଛେଲିକୁ ପାଣିରେ ସିଝାଇ ତହିଁରେ ମହୁ ମିଶାଇ ସେବନ କଲେ ବାନ୍ତି ବନ୍ଦ ହୋଇଯାଏ । ନିମ୍ବ ଛେଲି ସିଝା ପାଣିରେ ନିୟମିତ ଗାଧୋଇଲେ ଚର୍ମରୋଗ ହୁଏ ନାହିଁ । ମାଙ୍କଡପିଚ୍ଛୁକା ଛେଲିରେ ସ୍ତ୍ରୀରୋଗ, ପିଆଶାଳ ଛେଲିରେ ମଧୁମେହ, ଶାଳ ଛେଲିରେ ତରଳଝାଡା, ଆମ୍ବ, ଆମ୍ବଡା ଓ ଓ ବରକୋଳିର ଛେଲିରେ ମଧ ତରଳଝାଡା ଉପଶମ ହୁଏ । କରଞ୍ଜ ଛେଲି ସ୍ତ୍ରୀରୋଗ ଭଲ କରିବା ସହିତ ପ୍ରସବବେଦନା ଉପଶମ କରେ ଓ ରକ୍ତ ଜମାଟ ବାନ୍ଧେ । ବରୁଣ ଛେଲିକୁ ଛେଳି ଦୁଧରେ ବାଟି ମୁହଁରେ ଲଗାଇଲେ କଳାଦାଗ ଦୂର ହୁଏ ।

**ମଞ୍ଜି(ଜାଂ) :** ବାହାଡା (ରଲା), ହରିଡା (ଲଫ୍ର), ଅଁଳା (ମେରାଲ୍) ମଞ୍ଜି ପେଟରୋଗ ପାଇଁ ଏକ ଅବ୍ୟର୍ଥ ଔଷଧ । ଏହିସବୁ ମଞ୍ଜିର ଗୁଣ୍ଡ କିମ୍ୱା ମଞ୍ଜି ଗୁଡିକ ପାଣିରେ ବତୁରାଇ ପାନ କରାଯାଇପାରେ । ବାଇଡଙ୍କ ମଞ୍ଜି ବାତରୋଗ, ଜହ୍ନିମଞ୍ଜି ସ୍ତ୍ରୀରୋଗ, ନୁସାରୀ ମଞ୍ଜି ଆଭ୍ୟନ୍ତରୀଣ ବ୍ୟଥା, ଭାଲିଆ ମଞ୍ଜି କାଶ, ଗିଲ ମଞ୍ଜି ଗଳାରୋଗ ଭଲ କରାଏ । ମଞ୍ଜି ଜନ୍ମ ନିୟନ୍ତ୍ରଣରେ ସହାୟତା କରେ । ଶିଆଡୀ ମଞ୍ଜି ହଜମ ଶକ୍ତି ବଢାଏ । ବେଗୁନିଆ ଗଛର ଫଳ, ଚେର ଓ ପତ୍ରକୁ ଏକତ୍ର ବାଟି ଘିଅ ସହିତ ପାନ କରି ସେବନ କଲେ ଯକ୍ଷ୍ମା ରୋଗରୁ ମୁକ୍ତିମିଳେ । ଗମ୍ଭାରୀ ଫଳ ଦୁଧ ସହିତ ଏକତ୍ର ବାଟି ନିୟମିତ ପିଇଲେ ଯକ୍ଷ୍ମା ରୋଗ ଭଲ ହୁଏ । କୋଚିଲା ଫଳକୁ ବାଟି ପାଦରେ ଲଗାଇଲେ ପାଦର ଆଙ୍ଗୁଳି ସନ୍ଧିରେ ବାଲିଖିଆ ହୁଏ ନାହିଁ ।

**ଫୁଲ (ବାଆ) :** ଅଗସ୍ତି ଫୁଲର ରସ ନସ୍ୟ ଗ୍ରହଣ କଲେ ସର୍ଦ୍ଦି ଭଲ ହୁଏ ଓ ମୁଣ୍ଡ ବ୍ୟଥାରୁ ଉପଶମ ମିଳେ । କଇଁଫୁଲ ଓ ଗୋଲମରିଚ ଏକତ୍ର ବାଟି ସେବନ କଲେ ଶ୍ୱେତ ଓ ରକ୍ତ ପ୍ରଦର ରୋଗ ଭଲ ହୁଏ । ମୁଚୁକୁନ୍ଦ ଫୁଲକୁ ଦହିରେ ବାଟି କପାଳରେ ଲଗାଇ

ଶୋଇଲେ ଭଲ ନିଦ ହୁଏ । ସ୍ତନହରା ପାଇଁ ମଲ୍ଲୀଫୁଲ ଉପକାର କରେ । ଅଗସ୍ତି ଫୁଲର ରସ କିଛି ଦିନ ପାନ କଲେ କଫ ଭଲ ହୋଇଯାଏ । ଦୂବୁରା ଫୁଲ ବନ୍ଧ୍ୟା ଦୋଷ ଦୂର ହୁଏ । ନାଲି ମନ୍ଦାର ଫୁଲ ଯାବତୀୟ ସ୍ତ୍ରୀରୋଗ ପାଇଁ ଅବ୍ୟର୍ଥ ଔଷଧ । ମହୁଲ ଫୁଲ ଦାନ୍ତମୂଳରେ ଚାକିଲେ ଦାନ୍ତବ୍ୟଥା ଭଲ ହୁଏ ।

**ଗୁଣ୍ଡ :** ଅନେକ ସମୟରେ ଔଷଧୀୟ ଦ୍ରବ୍ୟଗୁଡିକୁ ଶୁଖାଇ, ଗୁଣ୍ଡକରି କିମ୍ବା ସେହି ଗୁଣ୍ଡକୁ ଗୋଲି ତିଆରି କରି ଗିଳିବାକୁ ହୋଇଥାଏ । ଯେପରି ପୋଦିନ ପତ୍ରକୁ ଛାଇରେ ଶୁଖାଇ ଗୁଣ୍ଡକରି ବୋତଲରେ ରଖିବାକୁ ହୁଏ ଏବଂ ସହବାସର କିଛି ସମୟ ପୂର୍ବରୁ ଏହି ଗୁଣ୍ଡ ୧୦ ଗ୍ରାମ ଖାଇଲେ ନାରୀ ଗର୍ଭଧାରଣ କରେ ନାହିଁ । ତେନ୍ତୁଳି ମଞ୍ଜିକୁ ଜଳନ୍ତା ଅଙ୍ଗାରରେ ପୋଡି ଚୋପା ଛଡାଇ ଶଷଟିକୁ ଗୁଣ୍ଡକରି ଖାଇଲେ ପରିସ୍ରାପୋଡା ଭଲ ହୁଏ । ତେନ୍ତୁଳି ପତ୍ର ମଧ ପୋଡିଦେଇ ଗୁଣ୍ଡକରି ରାଶି ତେଲ ସହିତ ମିଶାଇ ପୋଡାଘାରେ ଲଗାଇଲେ ଘା' ଶୀଘ୍ର ଶୁଖିଯାଏ । କଫ ବସିଯାଇଥିଲେ ଗିଲାସେ ଘୋଳ ଦହିରେ ଚାମଚେ ଜୁଆଣୀ ଗୁଣ୍ଡ ମିଶାଇ ପିଇରେ ଉପକାର ମିଳେ । ହଳଦୀଗୁଣ୍ଡ ଓ କଲରାପତ୍ର ରସ ଏକତ୍ର ମିଶାଇ ଖାଇଲେ ମିଳିମିଳା ରୋଗ ଭଲ ହୁଏ । ବିରି ଗୁଣ୍ଡ ଓ ପିଆଜ ରସକୁ ଏକତ୍ର ମିଶାଇ ଖରାରେ ଶୁଖାଇ ସେହି ଗୁଣ୍ଡରୁ ଦିନକୁ ଚାମଚେ ଲେଖାଏଁ ଖାଇଲେ କାମଶକ୍ତି ଜାଗ୍ରତ ହୁଏ । ତୁଳସୀ ପତ୍ରକୁ ଶୁଖାଇ ଗୁଣ୍ଡ କରି ଦାନ୍ତ ଘଷିଲେ ଦାନ୍ତରୋଗ ରହେ ନାହିଁ । ହରିଡା, ବାହାଡା, ଅଁଳା ଫଳର ମିଶ୍ରିତ ଗୁଣ୍ଡ ବା ତ୍ରିଫଳା ଚୂର୍ଣ୍ଣ ନିୟମିତ ସେବନ କଲେ ପେଟରେ ବାୟୁ ରୋଗ, ଅମ୍ଳରୋଗ ଓ କୋଷ୍ଠକାଠିନ୍ୟ ଦୂର ହୁଏ । ଭୂଇଁ କଖାରୁ କନ୍ଦାକୁ ଶୁଖାଇ, ଗୁଣ୍ଡକରି, ପାଣିରେ ଗୋଳାଇ ବଟିକା ପ୍ରସ୍ତୁତ କରି ଖାଇଲେ ବାତରୋଗ ଭଲ ହୁଏ । ଧଳା ବଚ ଗୁଣ୍ଡ ଓ ଗୋଲମରିଚ ଏକତ୍ର ଖାଇଲେ ପେଟବ୍ୟଥା ଦୂର ହୁଏ । ଏଗୁଡିକ ଗୁଣ୍ଡ ଆକାରରେ ବା ବଟିକା ପ୍ରସ୍ତୁତ କରି ବ୍ୟବହାର କରାଯାଏ । ତେବେ ବଟିକାରେ ନିର୍ଦ୍ଦିଷ୍ଟ ମାପଥାଏ ।

**ମଲମ :** ପଳ ଛାଲିକୁ ଚୁଣରେ ମିଶାଇ ଏକତ୍ର ବଟାଯାଏ ଏବଂ ସେହି ମଲମକୁ କଟା ଘା'ରେ ଲଗାଇଲେ ଘା' ଶୀଘ୍ର ଶୁଖାଯାଏ । ଜାଇଫଳକୁ ଦରଗୁଣ୍ଡା କରି ରାଶିତେଲରେ ଫୁଟାଇ ଏବଂ ଛାଣିଦେଇ ଯନ୍ତ୍ରଣା ସ୍ଥାନରେ ଲଗାଇଲେ ଆଣ୍ଠୁଗଣ୍ଠିବାତ, ସ୍ନାୟୁପୀଡା ଓ ଅଣ୍ଟା ଦରଜ ଭଲହୁଏ । ଜାଇଫଳକୁ ସକାଳ ବାସି ଛେପରେ ଘୋରି, ସେହି ମଲମକୁ ଯାଦୁ ଓ କନ୍ଦା ଘା'ରେ ଲଗାଯାଏ । ମଲ୍ଲୀପତ୍ରକୁ ଚାଉଳଧୁଆ ପାଣିରେ ବାଟି ଲେପ ଦେଲେ ମଳକଣ୍ଟକ ଯନ୍ତ୍ରଣା ଉପଶମ ହୁଏ । ମୁଚୁକୁନ୍ଦ ଫୁଲକୁ କାଞ୍ଜିରେ ବାଟି କପାଳରେ

ଲେପ ଦେଲେ ମୁଣ୍ଡବ୍ୟଥା ଦୂର ହୁଏ । ଅପରାଜିତା ପତ୍ର ଓ ଡାଳକୁ ତିନିରେ ମିଶାଇ ଏକତ୍ର ବାଟି କ୍ଷତ ସ୍ଥାନରେ ଲଗାଇଲେ ଘା' ଶୀଘ୍ର ଶୁଖେ । ହିଡମିଚା ପତ୍ର ବାଟି ଘା'ରେ ଲେପ ଦେଲେ ପୁରୁଣା ଘା' ଭଲ ହୋଇଯାଏ । କଳରା ପତ୍ର ଓ ତୁଳସୀ ପତ୍ର ଏକତ୍ର ବାଟି ଲେପ ଦେଲେ ଘା' ଶୁଖିଯାଏ । ତେନ୍ତୁଳି ବଟା ଲଗାଇଲେ ଗୋଡଫଟା ଭଲ ହୁଏ । ବରକୋଳି ପତ୍ରରସ ହାତ ପାଦରେ ମାଲିସ କଲେ ଜ୍ୱଳନ ଉପଶମ ହୁଏ । ଅର୍ଜୁନ ଛେଲିକୁ କଞ୍ଚା କ୍ଷୀରରେ ବାଟି ଲଗାଇରେ ରକ୍ତ ଭଲ ହୁଏ । ବେଲପତ୍ର, ବାସଙ୍ଗପତ୍ର, ନିମ୍ବପତ୍ର, ବେଙ୍ଗୁନିଆପତ୍ର ହଳଦୀ, ହରିଡା ପ୍ରଭୃତି ଏକତ୍ର ବାଟି ମଲମ ପ୍ରସ୍ତୁତ କରି, ସହି ମଲମ କାହୁକୁଣ୍ଡିଆ, ଯାଦୁ ଇତ୍ୟାଦିରେ ଲେପ ଦେଲେ ଭଲ ହୁଏ । ଅଗସ୍ତି ଫୁଲକୁ ସୋରିଷ ତେଲରେ ଫୁଟାଇ ଛାତିରେ ମାଲିସ୍ କଲେ କଫ ଜନିତ କଷ୍ଟ ଲାଘବ ହୁଏ ।

**ପତଳା ଖଣ୍ଡ :** ଔଷଧୀୟ ଦ୍ରବ୍ୟଗୁଡ଼ିକ ସାଧାରଣତଃ ପତଳା ଖଣ୍ଡ ଆକାରରେ ବ୍ୟବହୃତ ହୁଏ ନାହିଁ । ପ୍ରାୟତଃ ବଟାଯାଏ, ଗୁଣ୍ଡ କରାଯାଏ କିମ୍ବା ପାଣି / ତେଲରେ ସିଝା ଯାଇ ସେବନ କରାଯାଇଥାଏ । ତେବେ ଚାଇଁକାଠର ଛୋଟ ଛୋଟ ଖଣ୍ଡକୁ ଚୋବାଇ ଖାଇଲେ ଯାବତୀୟ ଥଣ୍ଡା ଲକ୍ଷଣ ଦୂର ହୋଇ ଶରୀର ଥଣ୍ଡା ଜନିତ ଅବସନ୍ନତାରୁ ରକ୍ଷା ପାଏ ।

**ଅନ୍ୟାନ୍ୟ :** ଅନେକ ସମୟରେ ଔଷଧୀୟ ଦ୍ରବ୍ୟଗୁଡ଼ିକୁ ଗୁଣ୍ଡ, ପତଳାଖଣ୍ଡ କିମ୍ବା ବାଟି ସେବନ କରାଯାଏ କିମ୍ବା ଗୋଟାଯାକ ବ୍ୟବହାର କରାଯାଏ । ଯେପରି ମହୁଲ ଫୁଲଟିଏକୁ ଗୋଟାମିଶା ଦରଜ ହେଉଥିବା ଦାନ୍ତ ମୂଳରେ ରାତିରେ ଚାକି ଶୋଇଲେ ସକାଳକୁ ଦାନ୍ତ ବ୍ୟଥା ଭଲ ହୋଇଯାଏ । ଛୋଟ ପାଚିଲା କଦଳୀ ଭିତରେ ଓଡଶ ଭର୍ତ୍ତିକରି ଗୋଟାମିଶା ଗିଳିଦେଲେ ଅର୍ଶରୋଗରୁ ଉପଶମ ମିଳେ । ପାନ ଡେମ୍ଫକୁ ଜଡା ତେଲରେ ବୁଡାଇ ଶିଶୁର ମଳଦ୍ୱାର ମଧ୍ୟରେ କିଛି ସମୟ ପୂରାଇ ରଖିଲେ ତୁରନ୍ତ ଝାଡା ହୁଏ ।

**ପ୍ରୟୋଗ ପ୍ରଣାଳୀ :**

**ଚୋଷ୍ୟ :** ଗାଇଚିରା ଚେରକୁ ଚୋବାଇ ଚୋଷି ଚୋଷି ରସ ଖାଇଲେ କାଶ ଭଲ ହୁଏ । ସେହିପରି ଅଦା ଚୋବାଇ ଚୋଷି ଖାଇଲେ କାଶର କଷ୍ଟ ରହେ ନାହିଁ । ଗନ୍ଧଶୁଣ୍ଠି କଳରେ ଚାକି ଅଳ୍ପ ଅଳ୍ପ ଚୋଷୁଥିଲେ କଣ୍ଠ ପରିଷ୍କାର ରହେ । ଗାୟକମାନଙ୍କ ପାଇଁ ଏହା ବିଶେଷ ଉପକାରୀ ।

**ଗିଳିବା :** ଅନେକ ପ୍ରକାର ଔଷଧୀୟ ଦ୍ରବ୍ୟକୁ ଖରାରେ ଶୁଖାଇ, ଗୁଣ୍ଡ କରି ବଟିକା ପ୍ରସ୍ତୁତ କରାଯାଏ । କାରଣ ତାହା ଗିଳିବାକୁ ସୁବିଧା ହୁଏ ଏବଂ ବଟିକାରେ ନିର୍ଦ୍ଦିଷ୍ଟ ମାପ

ରହେ । ଯେପରି ଗଂଗଶିଉଳୀ ପତ୍ରର ଗୁଣ୍ଡ, ବାଇଡଙ୍କ ଗୁଣ୍ଡ, ନାଗେଶ୍ୱର ଫୁଲର ଗୁଣ୍ଡ, ଚିରେଇତା ଚେରର ଗୁଣ୍ଡ, ଭୂଇଁ କଖାରୁ କନ୍ଦାର ଗୁଣ୍ଡଗୁଡ଼ିକୁ ପାଣିରେ ମିଶାଇ ବଟିକା ଆକାରରେ ରୋଗୀକୁ ମାତ୍ରା ଅନୁଯାୟୀ ଗିଳିବାକୁ ଦିଆଯାଇଥାଏ । ଗୁଣ୍ଡ କିମ୍ବା ବଟା (ପାଣିରେ) ନ ଖାଇ ପାରିଲେ (ଉତ୍କଟ ସ୍ୱାଦ ପାଇଁ) ସେଗୁଡ଼ିକୁ ବଟିକା କରି ଗିଳିବାକୁ ହୁଏ । ଅବଶ୍ୟ ଗୁଣ୍ଡ କିମ୍ବା ବଟାପାନୀୟ ଅପେକ୍ଷା ବଟିକା ଗିଳିଲେ ଔଷଧ ସେପରି ଶୀଘ୍ର କିମ୍ବା ଅଧିକ କାମଦିଏ ନାହିଁ । କାରଣ ରୋଗୀର ହଜମ ଶକ୍ତି ଉପରେ ବଟିକାକୁ ନିର୍ଭର କରିବାକୁ ପଡିଥାଏ । ତେବେ ବନ୍ଧ୍ୟାଦୋଷ ପାଇଁ ଅଷାକୁଆ ମଞ୍ଜି, ରକ୍ତସ୍ରାବ ଦୋଷ ପାଇଁ ରିଠାଫଳ ଗିଳି ଖାଇଲେ ଉପକାର ମିଳେ ।

ଲେହ୍ୟ : ପିଆଶାଳ ରସ ଓ ମହୁ ମିଶାଇ ଚାଟି ଖାଇଲେ ମଧୁମେହ ରୋଗ ଭଲ ହୁଏ । ଗୋଧି ଚର୍ମକୁ ନିଆଁରେ ପୋଡି ଚାଟିଲେ ତତ୍କ୍ଷଣାତ୍ ବାନ୍ତି ବନ୍ଦ ହୋଇଯାଏ । ଯଷ୍ଟିମଧୁ ରସ ଓ ଘିଅ ଏକତ୍ର ମିଶାଇ ଲେହନ କଲେ ସ୍ୱରଭଙ୍ଗ ଦୂର ହୁଏ । ଶ୍ୱେତ ଅପରାଜିତା ଚେର ଓ ପତ୍ରକୁ ବାଟି ଘିଅ ସହିତ ମିଶାଇ ଚାଟି ଖାଇଲେ ଗଳଗଣ୍ଡ ରୋଗ ଭଲହୁଏ । ରସୁଣ ସହିତ ମହୁ ଚାଟି ଖାଇଲେ ପେଟବ୍ୟଥାରୁ ଉପଶମ ମିଳେ । ତେବେ ଅନେକ ଔଷଧ ସହିତ ମହୁ ମିଶ୍ରଣ କରାଯାଇଥାଏ । ମହୁ ସାଧାରଣତଃ ଅନୁପାନ ଭାବରେ ବ୍ୟବହୃତ ହୁଏ ।

ପେୟ : ପ୍ରାୟ ଔଷଧଗୁଡ଼ିକ ଭୂମିଜମାନେ ବାଟି ବା ଗୁଣ୍ଡ କରି ଜଳ ସହିତ ପାନ କରିଥାଆନ୍ତି । ଚେର, ପତ୍ର, କାଣ୍ଡ, ମଞ୍ଜି, ଫୁଲ, ବକ୍କଳ, ତୁତ, ବୁଦା ସବୁଗୁଡ଼ିକ ପାଣି ସହିତ ବାଟି ପାନୀୟ ଭାବରେ ବ୍ୟବହୃତ ହୁଏ । ଏହାଦ୍ୱାରା ଔଷଧର ଦ୍ରବ୍ୟଗୁଣ ସୁରକ୍ଷିତ ରହିବା ସଂଗେ ସଂଗେ ତାହା ଦେହରେ ଖୁବ୍ ଶୀଘ୍ର ପ୍ରକ୍ରିୟା କରଣ ଆରମ୍ଭ କରେ ଏବଂ ରୋଗୀ ତୁରନ୍ତ ଔଷଧର ଉପକାର ଅନୁଭବ କରିପାରେ ।

ଅନ୍ୟ ଜିନିଷ ସାଂଗରେ ଖାଇବା :

ଭୂମିଜମାନେ ବ୍ୟବହାର କରୁଥିବା ପ୍ରାୟ ସମସ୍ତ ମୁଖ୍ୟ ଔଷଧ ସହିତ ଅନୁପାନ ବ୍ୟବହାର କରାଯାଇଥାଏ । ସେ ମଧ୍ୟରୁ ମହୁ, ଘିଅ, ପ୍ରଧାନ ଏବଂ ତ୍ରିଫଳା, ପାନମହୁରୀ ରସ, ଛେଳିକ୍ଷୀର, ଚିନି, ଗାଈକ୍ଷୀର, ଦହି, ଝୁଣା, ଗୋଲମରିଚ, ରାଶିତେଲ, ଚାଉଳଧୁଆ ପାଣି, ଅଦା ରସ, ତାଳମିଶ୍ରି, କଳାଜିରା, ବଉଳଛେଲି ରସ, କାଳିବୋହୂ ଲତାର ରସ, ରୋହିଣୀ ଛେଲିର ରସ, ବାସଙ୍ଗପତ୍ର ରସ ମଧ୍ୟ ଅନୁପାନ ଭାବରେ ବ୍ୟବହୃତ ହୁଏ ।

## ଔଷଧୀୟ ଉଦ୍ଭିଦ ନିରୂପଣ ସ୍ଥାନ :

ସାଧାରଣତଃ ଭୂମିଜମାନଙ୍କର ଗ୍ରାମ, ଗ୍ରାମର ଆଖପାଖ ବୁଦୁବୁଦୁକିଆ ଜଙ୍ଗଲ, ବାଡିବଗିଚା, ଗଡି ଏବଂ ପାର୍ଶ୍ୱବର୍ତ୍ତୀ ଜଙ୍ଗଲ, ନିକଟବର୍ତ୍ତୀ ପାହାଡରୁ ସମସ୍ତ ପ୍ରକାର ଔଷଧୀୟ ବୃକ୍ଷଲତା ଉପଲବ୍ଧ ହୋଇଥାଏ । ସ୍ଥାନେ ସ୍ଥାନେ ଭୂମିଜ ବସତିରେ ଔଷଧୀୟ ବୃକ୍ଷ, ଗୁଳ୍ମ, ତୃଣାଦି ଚାଷ ମଧ୍ୟ କରୁଥିବା ଜଣାଯାଏ । ପ୍ରାୟତଃ ଝରଣା କୂଳରେ ବୁଦା ଜାତୀୟ ପାଳୁଅ, ଦୁଦୁରା ଆଦି ରହିଥାଏ । ପାହାଡର ଶୀର୍ଘ ଆଡକୁ ଥାଏ ଶାଳ, ପିଆଶାଳ, ଗିଲ, ବାଇଡଙ୍କ, ଅଗ୍ନିଜାଳା, ଅକାନବିନ୍ଧ, ଅର୍କ, ଅଶନି ଆଦି ଔଷଧୀୟ ବୃକ୍ଷ । ଗଛର ଗଣ୍ଡିରେ ଥିବା ନିର୍ମୂଳୀ ଲତା ଔଷଧ ଭାବରେ ସେମାନେ ଅନେକ ସମୟରେ ବ୍ୟବହାର କରନ୍ତି । ସନ୍ତସନ୍ତିଆ ସ୍ଥାନ ମାନଙ୍କରେ ମିଳେ ଘୋଡାବଚ, ଧଳାବଚ, ଗନ୍ଧାଳୀ ହଳଦି, କଇଁ ପ୍ରଭୃତି ଔଷଧୀୟ ଦ୍ରବ୍ୟ । ଏତଦ୍ ଭିନ୍ନ ସମସ୍ତ ପ୍ରକାର ଔଷଧୀୟ ବୃକ୍ଷ ଲତାଦି ଭୂମିଜମାନେ ପାଖ ଜଙ୍ଗଲରୁ ସଂଗ୍ରହ କରିଥାଆନ୍ତି । ଜଙ୍ଗଲରେ ଥିବା ପ୍ରତ୍ୟେକଟି ବୃକ୍ଷ, ଗୁଳ୍ମ, ଲତା ପ୍ରଭୃତିର ପତ୍ର, କାଣ୍ଡ, ଛେଲି, ମଞ୍ଜି, ଚେର ଇତ୍ୟାଦି ବିଭିନ୍ନ ପ୍ରକାର ରୋଗ ନିରାକରଣରେ ବ୍ୟବହୃତ ହୋଇପାରେ । ସର୍ବୋପରି ତାଙ୍କର ଘରବାଡି, ବାଡିବଗିଚା ମାନଙ୍କରେ ପର୍ଯ୍ୟାପ୍ତ ପରିମାଣରେ ଔଷଧୀୟ ବୃକ୍ଷ ଦେଖାଯାଏ । ତୁଳସୀ, ବେଲ, ଲେମ୍ବୁ, ପେଡା, ଭୂଇଁନିମ୍ବ, ନିମ୍ବ, ଆମ୍ବ, କଲରା, ସଜା, ପୋଦିନା, ସୋରିଷ, ବିଭିନ୍ନ ଜାତିର ଫୁଲ, ଭିନ୍ନ ଭିନ୍ନ ତୃଣ ଜାତୀୟ ବୃକ୍ଷ, ହଳଦୀ ପାନ, ପାନମହୁରୀ, ଧଣିଆ, ଅଦା, ପିଆଜ, ରସୁଣ ବିଭିନ୍ନ ପ୍ରକାର ଶାଗ, ବାସଙ୍ଗ, ଗଙ୍ଗଶିଉଳୀ, ଅଁଳା, ଜାମ୍ବୁ, ଅମରପୋଇ, ବାସଙ୍ଗ, ଗଙ୍ଗଶିଉଳୀ, ବରକୋଳି, ସପୁରୀ, ଅଙ୍କରାନ୍ତି, ରାଶି, ଅପମାରଙ୍ଗ, ଭାଲିଆ ଆଦି ବହୁତ ପ୍ରକାର ଔଷଧୀୟ ବୃକ୍ଷଲତା ସେମାନଙ୍କ ଅତି ନିକଟରେ ଉପଲବ୍ଧ । ମହୁ ସେମାନେ ଜଙ୍ଗଲରୁ ସଂଗ୍ରହ କରିଆଣନ୍ତି । ଘରେ ଗାଈ ପାଳନ କରୁଥିବାରୁ ଘିଅ ମଧ୍ୟ ଅଭାବ ହୁଏ ନାହିଁ ।

## ଔଷଧ ସଂଗ୍ରହ କାଳ :

ଭୂମିଜ ଗ୍ରାମର ବୈଦ୍ୟ ହେଉଛନ୍ତି ସେ ଅଂଚଳର ଦେହୁରୀ । ତେଣୁ ଔଷଧୀୟ ବୃକ୍ଷ କିମ୍ବା ଦ୍ରବ୍ୟ ସଂଗ୍ରହ ପ୍ରାୟତଃ ଶୁଭବେଳା ଦେଖି କରାଯାଇଥାଏ । ବିଶେଷ କରି ବଡ ଧରଣର ରୋଗ ବ୍ୟାଧି ପାଇଁ ସେ ଶୁଭକାଳ ଉପରେ ଗୁରୁତ୍ୱ ଦେଇ ଔଷଧୀୟ ଦ୍ରବ୍ୟ ସଂଗ୍ରହ କରିବାକୁ ବାହାରନ୍ତି କିମ୍ବା ଔଷଧୀୟ ବୃକ୍ଷର ପତ୍ର, ଚେର, ଛେଲି ଇତ୍ୟାଦି

ଆଣିଥାଆନ୍ତି । ସାଧାରଣତଃ ଗୁରୁତ୍ୱପୂର୍ଣ୍ଣ ଔଷଧୀୟ ଦ୍ରବ୍ୟ ସଂଗୃହୀତ ହୁଏ ଅମାବାସ୍ୟା, ସଂକ୍ରାନ୍ତି, ପୂର୍ଣ୍ଣମୀ, ଚନ୍ଦ୍ରଗ୍ରହଣ, ସୂର୍ଯ୍ୟପରାଗ ଇତ୍ୟାଦି କାଳରେ । ତଦ୍ଦ୍ୱାରା ଔଷଧୀୟ ଦ୍ରବ୍ୟର ଶକ୍ତି ଅଧିକ ହୋଇଥାଏ ବୋଲି ସେମାନେ ବିଶ୍ୱାସ କରନ୍ତି । ଅରଖମୂଳ ସଂକ୍ରାନ୍ତି ସକାଳେ ଅଣାଯାଉଥିବା ବେଳେ ଅପରାଜିତା ମୂଳ ସାୟଂକାଳରେ ସଂଗୃହୀତ ହୁଏ । କଳା ବିଛୁଆତି ଚେର ମୃତ ବ୍ୟକ୍ତିଙ୍କୁ ଦାହ /ପୋତା ଯାଇଥିବା ସ୍ଥାନରୁ ଅଣାଯାଏ । ଶ୍ୱେତ ଲାଙ୍ଗୁଳି, ଶ୍ୱେତ ଅରଖ ଚେର ସଂକ୍ରାନ୍ତି ବ୍ୟତୀତ ଅମାବାସ୍ୟାର ଅନ୍ଧକାର ରାତ୍ରରେ ମଧ୍ୟ ଅଣାଯାଇଥାଏ । ନାଗଯୁତି ପତ୍ର ମଧ୍ୟାହ୍ନରେ ଆଣନ୍ତି । ମଝିରେ କାନ୍ଧି ହୋଇଥିବା କଦଳୀ ଗଛର ଚେର ପୂର୍ଣ୍ଣମୀ ତିଥିରେ ଆଣି ଜୁଆଖେଳ ସମୟରେ ପାଖରେ ରଖିଲେ ଜିତାପଟ ହୁଏ ଏବଂ ସ୍ତ୍ରୀ ପ୍ରସବ ସମୟରେ ସ୍ତ୍ରୀଟିର କାନରେ ବାନ୍ଧି ଦେଲେ ସୁଖ ପ୍ରସବ ହୋଇଥାଏ । ଏହିପରି ଅନେକ ଔଷଧୀୟ ଦ୍ରବ୍ୟ କାଳ ଅନୁସାରେ ସଂଗ୍ରହ ପୂର୍ବକ ପ୍ରୟୋଗ କରି ଭୂମିଜମାନେ ଅନେକ ପ୍ରକାର ଅସାଧ ରୋଗରୁ ମୁକ୍ତ ହୋଇଥିବା ଜଣାଯାଏ । ତନ୍ତ କାର୍ଯ୍ୟ ପାଇଁ ଚେରମୂଳି ସଂଗ୍ରହ ସମୟରେ ମଧ୍ୟ ସେହିପରି କାଳ ନିରୂପିତ ହୋଇଥାଏ । ଭୂମିଜମାନେ ସପ୍ତାହରେ କେବଳ ଗୁରୁବାର ଦିନ ଔଷଧ ସଂଗ୍ରହ କରନ୍ତି ନାହିଁ । ହେଲେ ବୈଦ୍ୟଙ୍କ ପରିବାରରେ ଛୁତିକା କିମ୍ବା କେହି ମୃତ୍ୟୁବରଣ କରିଥିଲେ ଶୁଦ୍ଧ ନହେବା ପର୍ଯ୍ୟନ୍ତ ଔଷଧ ସଂଗ୍ରହ, ପ୍ରସ୍ତୁତ ଓ ପ୍ରୟୋଗ କରିନଥାଆନ୍ତି ।

**ଲୋକଙ୍କ ସାହାଯ୍ୟରେ ଔଷଧ ପ୍ରସ୍ତୁତ, ପ୍ରୟୋଗ ଓ ଆରୋଗ୍ୟ:**

ଔଷଧୀୟ ଦ୍ରବ୍ୟ ସଂଗ୍ରହ, ଔଷଧ ପ୍ରସ୍ତୁତ, ପ୍ରୟୋଗରେ ଶିଶୁ ମାନଙ୍କର କୌଣସି ଭୂମିକା ନଥାଏ । ଅବିବାହିତା ବାଳିକାମାନେ ଔଷଧ ପ୍ରସ୍ତୁତି ସମୟରେ ଆବଶ୍ୟକ ହେଲେ ବୈଦ୍ୟଙ୍କ ନିର୍ଦ୍ଦେଶ କ୍ରମେ ସାହାଯ୍ୟ କରନ୍ତି, କିନ୍ତୁ ସଂଗ୍ରହ, ପ୍ରୟୋଗ କ୍ଷେତ୍ରରେ ନୁହେଁ । ହେଲେ ମୁଣ୍ଡ ବିନ୍ଧା ପାଇଁ ଟୁଟୁକା ଔଷଧ ଅବିବାହିତା ବାଳିକା ରୋଗୀ ଦେହରେ ବାନ୍ଧିଦେଲେ ତୁରନ୍ତ ମୁଣ୍ଡବିନ୍ଧା ଭଲ ହୋଇଯାଏ । ପାଳିଜ୍ୱର ହେଲେ ସେମାନେ ମଧ୍ୟ ଭାଲୁ ଚୁଟି/ବାଳ ବାନ୍ଧିଦିଅନ୍ତି । ଗର୍ଭବତୀ ସ୍ତ୍ରୀ ଔଷଧ ପ୍ରସ୍ତୁତିରେ ସହାୟତା ପ୍ରଦାନ କରିପାରେ, କିନ୍ତୁ ସଂଗ୍ରହ, ପ୍ରୟୋଗରେ ନୁହେଁ । ଦୁଗ୍ଧଦାତ୍ରୀ ମାଆ କିନ୍ତୁ ଔଷଧ ଜନିତ କୌଣସି କର୍ମରେ ସହଯୋଗ ପ୍ରଦାନ କରିପାରେ ନାହିଁ । ସେହିପରି ବୃଦ୍ଧା ସ୍ତ୍ରୀଲୋକ, ଅବିବାହିତା ସ୍ତ୍ରୀ, ବନ୍ଧ୍ୟା ସ୍ତ୍ରୀ କିମ୍ବା ଛୋଟିଙ୍କ ପାଇଁ ଔଷଧ ପ୍ରସ୍ତୁତିରେ କୌଣସି ପ୍ରକାର ବାରଣ ନଥାଏ । କେବଳ ଋତୁସ୍ରାବ କାଳରେ ସେମାନେ ଔଷଧ ସ୍ପର୍ଶ କରନ୍ତି ନାହିଁ । ଔଷଧ ପ୍ରସ୍ତୁତି ବୈଦ୍ୟଙ୍କ ନିର୍ଦ୍ଦେଶ ମୁତାବକ ହୋଇଥାଏ ଏବଂ ଔଷଧୀୟ ଦ୍ରବ୍ୟ ସଂଗ୍ରହ

ଓ ପ୍ରୟୋଗ-ଆରୋଗ୍ୟ କେବଳ ବୈଦ୍ୟହିଁ କରିଥାଆନ୍ତି । ଅବଶ୍ୟ ଏମିତି ଛୋଟମୋଟର ଔଷଧ ପାଇଁ ବାରଣ ନଥିବା କାଳରେ ପ୍ରତ୍ୟେକ ସ୍ତ୍ରୀ ଲୋକ ସଂଗ୍ରହ, ପ୍ରସ୍ତୁତ ଓ ପ୍ରୟୋଗ ମଧ୍ୟ କରିପାରନ୍ତି । ଯେପରି ତୁଳସୀପତ୍ର ଆଣି ମହୁ ସହିତ ପିଲାମାନଙ୍କୁ ଥଣ୍ଡା ସକାଶେ ଖାଇବାକୁ ଦେଇଥାଆନ୍ତି ।

## ବିଭିନ୍ନ ଉପାଦାନର ସମିଶ୍ରଣରେ ତିଆରି ଔଷଧର ବ୍ୟବହାର:

ସାଧାରଣତଃ ପ୍ରତ୍ୟେକ ଔଷଧୀୟ ଦ୍ରବ୍ୟଗୁଡିକ ଅନୁପାତ ସହିତ ହିଁ ପ୍ରୟୋଗ କରାଯାଇଥାଏ । ସେ ମଧରେ ଥାଏ ମହୁ, ଘିଅ, ଝୁଣା, ଦହି, ଦୁଗ୍ଧ (ଗାଈ ଓ ଛେଳି), ତ୍ରିଫଳା, ପାନମହୁରୀ, ଚିନି, ରାଶିତେଲ, ଜଳ, ଗୋଲମରିଚ ଇତ୍ୟାଦି । ଉଦାହରଣ ସ୍ୱରୂପ ପିଆଶାଳ ଛେଲିର ରସ ସହିତ ମହୁ-ମଧୁମେହ ରୋଗ ପାଇଁ, ପଳ ଛେଲି ସହିତ ଝୁଣା-କଟାଘା', ହରିଡା, ବାହାଡା, ଅଁଳାର ମିଶ୍ରିତ ଗୁଣ୍ଡ-ବାୟୁ, ଅମ୍ଳ ଓ କୋଷ୍ଠକାଠିନ୍ୟ, ମୂଷାକାନି ଦୃଣ, ରସୁଣ ଓ ସୋରିଷ ତେଲ ମିଶ୍ରଣର ଲେପନ-ମୁଣ୍ଡବିନ୍ଧା, ଗଙ୍ଗଶିଉଳୀ ପତ୍ରର ରସ, ମହୁ-ମ୍ୟାଲେରିଆ, ବାସଙ୍ଗ ପତ୍ର ରସ, ମହୁ କାଶ ଓ ଶ୍ୱାସ, ହଳଦୀ, କଲରାପତ୍ର-ମିଳିମିଳା, ଶ୍ୱେତ ମନ୍ଦାର ଚେର, ଗାଈକ୍ଷୀର-ଶ୍ୱେତପ୍ରଦର ପୋଦିନା ପତ୍ର, ଶୁଣ୍ଠି ଓ ଲୁଣ-ନାଳଝାଡା, ବର ଓହଳ, ଚାଉଳଧୁଆ ପାଣି ଓ ଘୋଳଦହିର ମିଶ୍ରଣ-ରକ୍ତଝାଡା, ମଞ୍ଜୁଆତି ଚେର, ଚାଉଳଧୁଆ ପାଣି-କାମଳ, ଦୂଦୁରା ଚେର, ହଳଦୀ - ସ୍ତନହରା, ଅପରାଜିତା ପତ୍ର ଓ ଡାଳ, ଚିନି ମିଶ୍ରଣର ଲେପନ କଟାଘା, ଅଗସ୍ତିଫୁଲ ଓ ସୋରିଷ ତେଲ ଫୁଟାଇ ଛାତିରେ ମାଲିସ - କଫ, ବେଗୁନିଆ ଚେର-ଫଳ-ପତ୍ରର ରସ ଓ ଘୃତ ଘିଅ - ଯକ୍ଷ୍ମା - ଏହିପରି ବହୁତ ପ୍ରକାର ଔଷଧୀୟ ଦ୍ରବ୍ୟ ଅନୁପାନ ସହିତ ବ୍ୟବହାର କଲେ ଅଧିକ ଫଳପ୍ରଦ ହୋଇଥାଏ । ଅନେକ ଔଷଧୀୟ ବୃକ୍ଷର ପତ୍ର, କାଣ୍ଡ, ଚେର, ବକ୍କଳ, ମଞ୍ଜି, ଫୁଲ, ଛେଲି ଏବଂ ଦୃଣ, ଗୁଳ୍ମାଦି ମଧ୍ୟ କେବଳ ଛେଚି, ରସ ବାହାର କରି ପାନ କରାଯାଇଥାଏ କିମ୍ବା ଲେପନର ଆବଶ୍ୟକ ପଡିଥାଏ । କିଛି ଔଷଧୀୟ ଦ୍ରବ୍ୟ ସହିତ ଏକ, ଦୁଇ, ତିନି ଚାରି, ପାଞ୍ଚ ବା ଛଅ ପ୍ରକାର ଅନୁପାନ ମଧ୍ୟ ମିଶ୍ରଣ କରି ରୋଗୀକୁ ପ୍ରୟୋଗ କରାଯାଇପାରେ । ରୋଗର ଲକ୍ଷଣ, କାରଣ ଓ ପ୍ରତିକାରର ଉପାୟମାନ ଦୃଷ୍ଟି ସମକ୍ଷରେ ରଖି ବୈଦ୍ୟ ସ୍ଥିର କରନ୍ତି ଯେ କେଉଁ ଔଷଧୀୟ ଦ୍ରବ୍ୟ ସହିତ କିପରି ବା କେତେ ପ୍ରକାର ଅନୁପାନ ମିଶାଇଲେ ଅଧିକ ଫଳପ୍ରଦ ହେବ। ଯେପରି ତ୍ରିଫଳା ଗୁଣ୍ଡ ସହିତ ମହୁ ମିଶାଇ ଖାଇଲେ ପ୍ରତ୍ୟେକ ଔଷଧ ଅଧିକ କାର୍ଯ୍ୟକ୍ଷମ ହୋଇଥାଏ । ଭୂଇଁ କଖାରୁ, ଦେବଦାରୁ, ବାଉଁଶ ଲୋଚନ, ଚିତାମୂଳ ଏକତ୍ର ମିଶାଇ ଖାଇଲେ ବାତରୋଗ

ଭଲ ହୁଏ। କଇଁମୂଳ, ନାଲି ମନ୍ଦାର ଫୁଲ, କୃଷ୍ଣଚୂଡ଼ା ଫୁଲ, ମିଶ୍ରି, ଦଣ୍ଡିକିରା ମାଛ, ମୁଥାମୂଳ ଏକତ୍ର ଖାଇଲେ ଋତୁସ୍ରାବ ଜନିତ ଅସୁବିଧା ଦୂରିଭୂତ ହୋଇଥାଏ ।

ଭୂମିଜମାନେ କୀଟପତଙ୍ଗ, ପକ୍ଷୀ, ପର, ଚମଡ଼ା, ପଥର, ଗେଣ୍ଡା, ଶାମୁକା ଆଦିରୁ ଔଷଧ ମଧ୍ୟ ପ୍ରସ୍ତୁତ କରିଥାଆନ୍ତି। ସିମ୍ ଗଛ ଲତାରେ ଗୋଟିଏ ପ୍ରକାର କୀଟ ଥାଏ। ଯାହାକୁ ଜ୍ୟେଷ୍ଠମଧୁ, ଅଳେଇଚ ଓ ଧାତିକା ସହିତ ମିଶ୍ରଣ କରି ଖାଇଲେ ଆଉଁରିଆ ବାତ ବା ଆକାଶାରୀ ବାତ ଭଲ ହୁଏ। ପାଚିଲା କଦଳୀ ସହିତ ଓଡଶ ଖାଇଲେ ଅର୍ଶ ରୋଗରୁ ଆରୋଗ୍ୟ ମିଳେ ଏବଂ ପିଲା ବିଛଣାରେ ପରିସ୍ରା କରେ ନାହିଁ। କଳା ବୁଢିଆଣିକୁ ବାଟି ପାଣି ସହିତ ପାନକଲେ ଛାଟିଣୀ ରୋଗ ଭଲ ହୁଏ। କାଇପୋକ ବାଟି ଖାଇଲେ ଅମ୍ଳଦୋଷ ଦୂର ହୁଏ।

କୋଚିଲାଖାଇ (ମାଆଟ ଠାଣ୍ଡ) ଚଢେଇର ମାଂସ ଖାଇଲେ ଏବଂ ସେଥିରୁ ବାହାରୁଥିବା ତେଲ ଗଣ୍ଠିରେ ମାଲିସ କଲେ ଆଣ୍ଠୁଗଣ୍ଠି ବାତ ସଂପୂର୍ଣ୍ଣ ଭଲ ହୋଇଯାଏ । ବାଇ ଚଢେଇ (ଡେଡେଢ୍) ମାଂସ ଖାଇଲେ ଦେହହାତ ଦରଜ ଦୂର ହୁଏ ।

ମୟୂର ଚନ୍ଦ୍ରିକା ଓ ଗୁଡଚିନି ଏକତ୍ର ଗୁଳା କରି ନିୟମ ଅନୁଯାୟୀ ଗିଳିଲେ ସୁସ୍ଥସବଳ ପୁତ୍ରସନ୍ତାନ ଲାଭ ହୁଏ । ମୟୂର ଅଣ୍ଡ, ଗରୁଡ ପକ୍ଷୀର ଅଣ୍ଡ ଓ ଗୋଡକୁ ସର୍ପ ଓ ବିଛାର ଦାଉରୁ ରକ୍ଷା ନିମନ୍ତେ କବଚ ବା ତେଉଁରୀଆ ଆକାରରେ ଧାରଣ କରାଯାଏ । ମୟୂରପର ସର୍ପ ବିଷ ହରଣ ନିମନ୍ତେ ଝଡାଫୁଙ୍କା ପାଇଁ ବ୍ୟବହୃତ ହୁଏ । ଗୋଧି (ତରଃ) ଚମଡାକୁ ନିଆଁରେ ପୋଡି ଚାଟିଲେ ତତ୍‌କ୍ଷଣାତ୍ ବାନ୍ତି ବନ୍ଦ ହୁଏ । ଏହାର ଚମଡାକୁ ତେଉଁରିଆରେ ଭର୍ତ୍ତିକରି ଧାରଣ କଲେ ଭୂତ ପ୍ରେତଙ୍କ ଭୟରୁ ରକ୍ଷାମିଳେ । ସେହିପରି ବାଘ ଚମଡା ଓ ନିଶକୁ (କୁଲା ହାରତା ଆର୍ ଗୁଚୁଃ) ତେଉଁରିଆ କରି ପିନ୍ଧିଲେ ସମସ୍ତ କାର୍ଯ୍ୟରେ ସଫଳତା ମିଳିବା ସଂଗେ ସଂଗେ ସମସ୍ତେ ବଶୀଭୂତ ହୋଇଥାଆନ୍ତି । ଗଣ୍ଡା ଚମଡାକୁ ସ୍ତ୍ରୀ ଲୋକ ଦେହରେ ଧାରଣ କଲେ ଗଣ୍ଡଦୋଷ / ସ୍ୱପ୍ନଦୋଷ ଦୂର ହୁଏ । ମୂଷାମାଂସ ଓ ରାଶିତେଲର ମିଶ୍ରଣ ଜନନେନ୍ଦ୍ରିୟ କଷ୍ଟ ଓ ଭଗନ୍ଦର ଦୂର କରେ । କୋଚିଆ ମାଛ ମୁଣ୍ଡ କିମ୍ବା ଶୁଖୁଆ ମୁଣ୍ଡ ଭାଙ୍ଗ ସହିତ ମିଶାଇ ନିଆଁରେ ପକାଇ ମଳଦ୍ୱାରରେ ଧୂଆଁ ଦେଲେ ଅର୍ଶଯନ୍ତ୍ରଣା ତତ୍‌କ୍ଷଣାତ୍ ଭଲ ହୋଇଥାଏ । କୌଣସି ଜନ୍ତୁର ଶିଙ୍ଗ ଉପରେ ଉଠିଥିବା ଛତୁ ଏବଂ ବିରାଡି ଓ ଘୁଷୁରୀ ମଳ ଏକତ୍ର ମିଶାଇ ନିଆଁରେ ପକାଇ ମଳଦ୍ୱାରରେ ଧୂଆଁ ଦେଲେ ଅର୍ଶରୋଗ ଭଲ ହୁଏ । ଚିଙ୍ଗୁଡି

ମାଛର ଖୋଳପା ଓ ରସୁଣକୁ ଏକତ୍ର ଭଲ ଭାବରେ ଛେଚି ମସୃଣ କରି କିଛି ଦିନ ଖାଇଲେ ଅର୍ଶରୋଗରୁ ମୁକ୍ତି ମିଳେ । ଆମ୍ବ, ଆମ୍ବଡା ଛେଲି ଓ ଚୂନ ପଥରକୁ ଏକତ୍ର ବାଟି ଗରମ ଧାତୁରେ ଚେଙ୍କ ଦେଇ ସେହି ଔଷଧ ପାନ କଲେ ଝାଡା ଭଲ ହୁଏ । ଗେଣ୍ଡା ବା ଶାମୁକାରୁ ପ୍ରସ୍ତୁତ ଚୂନ ମଧ୍ୟ ଏଥିରେ ପ୍ରୟୋଗ କରାଯାଇପାରେ । ପଥର ଚୂନ କିମ୍ବା ଶାମୁକା ଚୂନର ପାଣି ପାନ କଲେ ଅଜୀର୍ଣ୍ଣ ଦୋଷ ଦୂର ହୁଏ । ମାଙ୍କଡା ପଥର ଓ ପାଗଡା ମଦାଙ୍ଗକୁ ଏକତ୍ର ବାଟି ଜଖମ ସ୍ଥାନରେ ପ୍ରଲେପ ଦେଲେ ଦରଜ ଉପଶମ ହୋଇଥାଏ । ଶଙ୍ଖକୁ ଘୋରି, ସେହି ପାଣି ପିଲାକୁ ପିଆଇଲେ ତୁରନ୍ତ ବାନ୍ତି ବନ୍ଦ ହୋଇଯାଏ । ଗେଣ୍ଡା ଖୋଳପାର ପ୍ରଲେପ ଦ୍ୱାରା ପକ୍ଷାଘାତ ରୋଗ ମଧ୍ୟ ଭଲ ହୋଇପାରେ । କୁଜିଗେଣ୍ଡା (ଜଲ୍ ଗାଣ୍ଡାଇ)କୁ ପଟୁଆ କରି ଖାଇଲେ ନାଳରକ୍ତ ଝାଡା ସଂପୂର୍ଣ୍ଣ ରୂପେ ଭଲ ହୋଇଥାଏ ।

ପ୍ରକୃତି କୋଳରେ ସୃଷ୍ଟ, ଅବସ୍ଥିତ କିମ୍ବା ପରିବର୍ଦ୍ଧିତ, ସମସ୍ତ ପ୍ରକାର ପ୍ରାକୃତିକ ଦ୍ରବ୍ୟ, ପଶୁପକ୍ଷୀ, କୀଟପତଙ୍ଗ ଆଦିକୁ ଭୂମିଜ ସଂପ୍ରଦାୟ ଔଷଧ ରୂପେ ବ୍ୟବହାର କରେ । ସେମାନଙ୍କ ମତରେ ସବୁଥିରେ କିଛି ନା କିଛି ରୋଗ ନିବାରକ ଶକ୍ତି ନିହିତ ଥାଏ । ରୋଗ ନିରୂପଣ, ଔଷଧ ନିର୍ଣ୍ଣୟ, ଅନ୍ୱେଷଣ, ପ୍ରସ୍ତୁତ ଏବଂ ପ୍ରୟୋଗ ହିଁ ହେଉଛି ଗୁରୁତ୍ୱପୂର୍ଣ୍ଣ ବିଷୟ ।

❑❑❑

# ପଡୋଶୀ ସମ୍ପର୍କ
## (ଟଲା ଛାପାଃ)

ସାମାଜିକ ମଣିଷ ପାଇଁ ପଡୋଶୀଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । କାରଣ ସମାଜ ଅନେକ ପରିବାରର ସମାହାରରେ ହିଁ ଗଠିତ ହୋଇଥାଏ । ସଭିଙ୍କ ସହଯୋଗ ବିନା ଗୋଟିଏ ସମାଜ ଶୃଙ୍ଖଳିତ ଭାବେ ଗତି କରିପାରେ ନାହିଁ । ପୁଣି ବ୍ୟକ୍ତି ନିଜର ସମସ୍ତ ଚାହିଦା ବା ଆବଶ୍ୟକତା ନିଜଦ୍ୱାରା ପୂରଣ କରିପାରେ ନାହିଁ । ଏଥିପାଇଁ ସେ ସମାଜ ଉପରେ ନିର୍ଭରଶୀଳ ଏବଂ ପଡୋଶୀମାନେ ହିଁ ସମାଜର ଅଂଶସ୍ୱରୂପ ବ୍ୟକ୍ତିକୁ ପ୍ରତ୍ୟେକ କ୍ଷେତ୍ରରେ ସହାୟତା ପ୍ରଦାନ ପରିଥାଆନ୍ତି । ତଦ୍ୱାରା ବ୍ୟକ୍ତିଟି ସୁଖ, ଶାନ୍ତି ଓ ନିରାପଦରେ କାଳାତିପାତ କରିପାରେ । ସେଥିପାଇଁ କୁହାଯାଏ ଭାଗ୍ୟରେ ଥିଲେ ଉତ୍ତମ ପଡୋଷୀ ମିଳେ ।

**ପଡୋଶୀ ସମ୍ପର୍କୀତ ଧାରଣା :**

ପଡୋଷୀ ସମ୍ବନ୍ଧରେ ଭୂମିଜମାନଙ୍କର ଧାରଣା ଉତ୍ତମ । ସେମାନେ ନିଜର ନିତିଦିନିଆ ଜୀବନ ଧାରାରେ ପଡୋଶୀମାନଙ୍କ ଗୁରୁତ୍ୱ ଯଥେଷ୍ଟ ଉପଲବ୍ଧି କରିଥାଆନ୍ତି । ସାମାଜିକ, ସାଂସ୍କୃତିକ, ଆଧ୍ୟାତ୍ମିକ, ଆର୍ଥିକ ଏବଂ ମନସ୍ତାତ୍ତ୍ୱିକ ଦିଗରୁ ପଡୋଶୀମାନଙ୍କଠାରୁ ସହାୟତା ମିଳିଥାଏ । ଯେକୌଣସି ପ୍ରକାର ବିପଦ ଆପଦ ସମୟରେ ସେମାନେ ଆସି ପାଖରେ ଛିଡା ହୁଅନ୍ତି । ଶାରିରୀକ ହେଉ କିମ୍ବା ମାନସିକ କି ଆର୍ଥିକ ପ୍ରତ୍ୟେକ କ୍ଷେତ୍ରରେ ପଡୋଶୀମାନେ ସାହସ ପ୍ରଦାନ କରନ୍ତି । ବଂଚି ରହିବାର ସ୍ପୃହା ଦିଅନ୍ତି । ଜୀବନ-ସଂଗ୍ରାମରେ ସୈନିକ ସାଜନ୍ତି । ତେଣୁ ଜୀବନ ଧାରଣ ପାଇଁ ପଡୋଶୀମାନଙ୍କର ଆବଶ୍ୟକତା ଯେ ଅପରିହାର୍ଯ୍ୟ – ଏହା ପ୍ରତ୍ୟେକ ଭୂମିଜ ସ୍ୱୀକାର କରନ୍ତି ।

ସାଧାରଣତଃ ଭୂମିଜ ବସତି ଗ୍ରାମଗୁଡିକରେ ବାରିକ, ଧୋବା, ବିନ୍ଧାଣୀ, କମାର, କୁମ୍ଭାର, ତନ୍ତୀ, ମାହାଲି ଓ ଡୋମ ପ୍ରଭୃତି ପ୍ରଜାତି ଗୋଷ୍ଠୀର ଲୋକେ ବସବାସ କରିଥାଆନ୍ତି । କାରଣ ଭୂମିଜ ଅପେକ୍ଷାକୃତ ଉନ୍ନତ ସଂପ୍ରଦାୟ ହୋଇଥିବାରୁ,

ସେମାନେ ନିଜର ଆବଶ୍ୟକତାକୁ ଦୃଷ୍ଟି ସମକ୍ଷରେ ରଖି ଉପରୋକ୍ତ ପ୍ରଜାତି ଗୋଷ୍ଠୀଙ୍କୁ ନିଜ ବସତି ମଧ୍ୟରେ ବସବାସ କରିବାକୁ ସୁଯୋଗ ବା ଅନୁମତି ଦିଅନ୍ତି। ଏପରିକି ବସତି ସ୍ଥାପନ ପ୍ରାରମ୍ଭରେ ଏହିପରି ଗୋଷ୍ଠୀର ଗୋଟିଏ ଲେଖାଏଁ ପରିବାରକୁ ଦୂରଦୂରାନ୍ତରୁ ଅଣାଇ ବସତିରେ ସ୍ଥାନ ଦେବା ସହିତ ସେମାନଙ୍କୁ ଚଳିବା ପାଇଁ ବନ୍ଦୋବସ୍ତ ମଧ୍ୟ କରିଦେଇ ଥାଆନ୍ତି। ଆଦିବାସୀ ସଂପ୍ରଦାୟ ମଧ୍ୟରେ ଭୂମିଜ ଗୋଷ୍ଠୀ ନିଜର କର୍ମକାର୍ଯ୍ୟ ମାନଙ୍କରେ ବାରିକ ଓ ଧୋବାଙ୍କୁ ଲୋଡିଥାଏ। ପ୍ରତ୍ୟେକ ପର୍ବପର୍ବାଣୀ ଓ ପୂଜାପାଠ ଦିନ ବାରିକ ଦ୍ୱାରା କ୍ଷର ନହେଲେ ଧର୍ମୀୟ କର୍ମକର୍ତ୍ତା ପୂଜାରେ ବସିପାରେ ନାହିଁ। ସେହିପରି ଶୁଦ୍ଧିକ୍ରିୟା, ଉଠିଆରୀ, ବାହାଘର, କରମ୍ ପୂଜା, ମକର ପର୍ବ ପ୍ରଭୃତି ସାମାଜିକ ଓ ଧାର୍ମିକ ଅନୁଷ୍ଠାନ ମାନଙ୍କରେ ବାରିକ ଓ ଧୋବାଙ୍କର ଆବଶ୍ୟକତା ଜରୁରୀ। ଶୁଦ୍ଧିକ୍ରିୟା ଓ ଉଠିଆରୀ ଦିନ ଧୋବା ଲୁଗା ନ କାଚିଲେ ବ୍ୟକ୍ତି, ପରିବାର ଓ ବାସଗୃହ ପବିତ୍ର ହୋଇପାରେ ନାହିଁ । ଅନୁରୂପ ଭାବେ ବିଝାଣୀଙ୍କ ଠାରୁ ବାସନକୁସନ ଓ ଗୃହ ସାମଗ୍ରୀ, କମାରଙ୍କ ଠାରୁ ଲୌହ ଉପକରଣ ଓ କୃଷି ଯନ୍ତ୍ରପାତି, କୁମ୍ଭାର ଠାରୁ ନିତ୍ୟ ବ୍ୟବହାର୍ଯ୍ୟ ହାଣ୍ଡି, କଳସୀ, ମାଠିଆ, ଢାଳ ଇତ୍ୟାଦି, ଲୁଗାପଟା ତନ୍ତୀ ପାଖରୁ ଏବଂ ମାହାଲି ଓ ଡୋମଙ୍କ ଠାରୁ ଯାବତୀୟ ଗୃହୋପକରଣ – ପାଛିଆ, କୁଲା, ଡଲା, ଝୁଡି, ପହଁରା, ଚଲା, ଚାଉଳଧୁଆ ଓ ମଦ–ହାଣ୍ଡିଆ ଛଣା ପାଛିଆ ଇତ୍ୟାଦି ସଂଗ୍ରହ କରି ବ୍ୟବହାରରେ ଲଗାଇ ଥାଆନ୍ତି। ଡୋମ ଜାତିର ଅଭିଜ୍ଞ ବୁଢି ଲୋକ ସ୍ତୀର ପ୍ରସବ ସମୟରେ ଧାଇ କାମ ତୁଲାନ୍ତି। ଭୂମିଜ ବସତି ଗ୍ରାମରେ ସାନ୍ତାଳ ଓ କୋହ୍ଲ ପ୍ରାୟତଃ ରହନ୍ତି ନାହିଁ। ବସତି ସ୍ଥାପନ ପୂର୍ବରୁ ଯଦି ସେହି ଗୋଷ୍ଠୀର ଲୋକ ସେଠାରେ ବସବାସ କରୁଥାଆନ୍ତି, ତେବେ ସେମାନେ ରହିପାରନ୍ତି। ନଚେତ୍ ନୂଆ କରି ସେମାନଙ୍କୁ ରହିବାକୁ ଅନୁମତି ମିଳେ ନାହିଁ। ଅବଶ୍ୟ ପଡୋଶୀ ଗ୍ରାମରେ ବସବାସ କରିବାରେ ଅସୁବିଧା ନଥାଏ। ଅଣ ଆଦିବାସୀ ମଧ୍ୟରୁ ବ୍ରାହ୍ମଣମାନଙ୍କୁ ରଖାଯାଇପାରେ। ବ୍ରାହ୍ମଣ ଦ୍ୱାରା ବାହାଘର, ଶୁଦ୍ଧିକ୍ରିୟା ଓ ରିଷ୍ଟ ଖଣ୍ଡନ ପୂଜା କରାଯାଇଥାଏ।

ଉପରୋକ୍ତ ପଡୋଶୀ ପ୍ରଜାତି ଗୋଷ୍ଠୀଙ୍କ ସହିତ ଭୂମିଜମାନେ ସୁସଂପର୍କ ସ୍ଥାପନ ପୂର୍ବକ କାଳାତିପାତ କରିଥାଆନ୍ତି। ଆର୍ଥିକ, ସାମାଜିକ, ଧାର୍ମିକ, ରାଜନୈତିକ

ଓ ସାଂସ୍କୃତିକ ଆଦି ପ୍ରତ୍ୟେକ କ୍ଷେତ୍ରରେ ସମସ୍ତେ ସହଯୋଗ ଭିତ୍ତିରେ କାର୍ଯ୍ୟ ସଂପାଦନ କରିବା ସହିତ ଏକତା ଓ ବଂଧୁତ୍ୱଭାବ ବଜାୟ ରଖିବାକୁ ଚେଷ୍ଟା କରନ୍ତି ।

**ଆର୍ଥିକ ସଂପର୍କ :** ଭୂମିଜମାନେ ବିଭିନ୍ନ ପ୍ରଜାତି ଗୋଷ୍ଠୀଙ୍କୁ ନିଜର ବସତିରେ ବସବାସ ପାଇଁ ସୁଯୋଗ ଦିଅନ୍ତୁ ବା ସେମାନଙ୍କୁ ଅଣାଇ ପଡୋଶୀ ଭାବରେ ରହିବାର ବନ୍ଦୋବସ୍ତ କରିଥାଆନ୍ତୁ - ଯେ କୌଣସି ପରିସ୍ଥିତିରେ ମଧ ପ୍ରଜାତୀ ଗୋଷ୍ଠୀ ଆର୍ଥିକ ଦୃଷ୍ଟିରୁ ଭୂମିଜମାନଙ୍କ ଉପରେ ନିର୍ଭର କରି ଚଳନ୍ତି । ଭୂମିଜମାନଙ୍କର ଘରବାଡିରେ ଓ ଚାଷ ଜମିରେ ଦିନ ମଜୁରୀଆ ଭାବରେ କାମ କରି ଅର୍ଥ ଉପାର୍ଜନ କରନ୍ତି । ସେବା ମନୋବୃତ୍ତି ନେଇ କାମକଲେ ଅଧିକ ପଇସା କିମ୍ବା ଚାଉଳ ମିଳେ । ପର୍ବପର୍ବାଣୀ ମାନଙ୍କରେ ଧୋବା, ବାରିକ ଓ ଡୋମ ମାନଙ୍କୁ ସ୍ୱତନ୍ତ୍ର ଭାବରେ ଚାଉଳ, ମୁଢି ଆଦି ପ୍ରଦାନ କରାଯାଇଥାଏ । ପ୍ରଜାତୀ ଗୋଷ୍ଠୀର ନିତାନ୍ତ ଗରୀବ ପରିବାରର ପିଲାମାନଙ୍କୁ ପାଠ ପଢିବା ପାଇଁ ମଧ ଆର୍ଥିକ ସହାୟତା ଦିଅନ୍ତି। କେବେ କେବେ ସେମାନଙ୍କୁ ପୁରୁଣା ପୋଷାକ ପତ୍ର ପିନ୍ଧିବାକୁ ଦେଇ ଥାଆନ୍ତି । ବାରିକ ଓ ଧୋବା ମାନେ ବଂଶାନୁକ୍ରମିକ ଭାବେ ଭୂମିଜମାନଙ୍କର ସେବା କରି ଅର୍ଥ ଉପାର୍ଜନ କରୁଥିବାର ଜଣାଯାଏ । ସେମାନଙ୍କର ବଂଶ ବୃଦ୍ଧି ଘଟିଲେ ଭୂମିଜ ବସତିକୁ ଭାଗ କରିଦିଆଯାଇଥାଏ । ଗୋଟିଏ ପଟରେ କିଛି ଏବଂ ଅନ୍ୟ ଭାଗରେ ଆଉ ଅର୍ଦ୍ଧେକ କାମ କରି ଚଳିଥାଆନ୍ତି । ବିନ୍ଧାଣୀ, କମାର, କୁମ୍ଭାର, ତନ୍ତୀ, ଡୋମ, ମାହାଲୀ ମଧ ସଂପୂର୍ଣ୍ଣ ଭାବରେ ଭୂମିଜମାନଙ୍କ ଉପରେ ଆର୍ଥିକ ନିର୍ଭରଶୀଳ ହୋଇ କାଳାତିପାତ କରନ୍ତି । ଅବଶ୍ୟ ଏବେକୁ ସମୟ ବଦଳିଲାଣି । ପ୍ରତ୍ୟେକ ଗୋଷ୍ଠୀଙ୍କ ମଧରେ ଟଂକା ପଇସା ଧାର କରଜ-ଦେଣନେଣ ହେଉଛି ।

**ସାମାଜିକ ସଂପର୍କ :** ଭୂମିଜମାନେ ପ୍ରଜାତି ଗୋଷ୍ଠୀଙ୍କ ସହିତ ସାମାଜିକ ସଂପର୍କ ଉତ୍ତମ ରଖିଥାଆନ୍ତି। କାରଣ ସେମାନଙ୍କୁ ବାଦ୍ ଦେଲେ ଏମାନଙ୍କର ଆବଶ୍ୟକୀୟ ଚାହିଦା ପୂରଣ ହୋଇପାରେ ନାହିଁ। ନିତିଦିନିଆ ଚଳଣୀରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡେ। ତେଣୁ ସମସ୍ତଙ୍କୁ ଭୂମିଜମାନେ ବଂଧୁ ଦୃଷ୍ଟିରେ ଦେଖନ୍ତି । ପରସ୍ପର ମଧରେ ଭାଇ, କକା, ଦାଦା, ମାମୁଁ ପ୍ରଭୃତି ଡକାଡକି ହୁଏ। ସୂର୍ଯ୍ୟବଂଧୁ, ସଂଗାତ-ମିତ ବସାଇ ଥାଆନ୍ତି। ମହାପ୍ରସାଦ ସଂପର୍କ ମଧ ସ୍ଥାପିତ ହୁଏ। ସଂଗାତ-ମିତ କଲେ

ଉଭୟଙ୍କ ମଧ୍ୟରେ ଲୁଗା ବଦଳ ହୁଏ। ଉଭୟଙ୍କ ଗୁରୁଜନଙ୍କଠାରୁ ଆଶୀର୍ବାଦ ଭିକ୍ଷା କରାଯାଏ। ସେଦିନ ପିଠାପଣା ଓ ହାଣ୍ଡିଆ ଉଭୟେ ଉଭୟଙ୍କ ଘରେ ଖାଆନ୍ତି। ପର୍ବପର୍ବାଣୀ ଓ ଉତ୍ସବାନୁଷ୍ଠାନ ମାନଙ୍କରେ ସମସ୍ତେ ସମସ୍ତଙ୍କୁ ନିମନ୍ତ୍ରଣ କରିଥାଆନ୍ତି। ଅବଶ୍ୟ ଭୂମିଜ ସଂପ୍ରଦାୟ ସାନ୍ତାଳ, କୋହ୍ଲ, ମାହାଲି, ବିଦ୍ଧାଣୀ, ଡୋମ, ଧୋବା ପ୍ରଭୃତି ଗୋଷ୍ଠୀରୁ ଖାଦ୍ୟ କିମ୍ବା ପାନୀୟ ଗ୍ରହଣ କରନ୍ତି ନାହିଁ । କେବଳ ଜଳ ପାନ କରିପାରନ୍ତି। ଭୂମିଜମାନେ ପ୍ରଜାତି ଗୋଷ୍ଠୀଙ୍କ ଘରକୁ ନିମନ୍ତ୍ରିତ ହୋଇ ଗଲେ ସେମାନଙ୍କ ପାଇଁ କୌଣସି ଭୂମିଜ ଜାତିର ବ୍ୟକ୍ତିଙ୍କ ଦ୍ୱାରା ଖାଦ୍ୟ-ବ୍ୟଞ୍ଜନାଦି ପ୍ରସ୍ତୁତ କରାଯାଇଥାଏ। ସମସ୍ତ ପ୍ରଜାତି ଗୋଷ୍ଠୀ କିନ୍ତୁ ଭୂମିଜଙ୍କ ଘରେ ଖାଦ୍ୟ ଗ୍ରହଣ କରିଥାଆନ୍ତି। ହେଲେ ଭୂମିଜ ଘରେ ସେମାନଙ୍କୁ ଘର ବାହାରେ ଏବଂ ସିଲିଭର ପାତ୍ରରେ ଖାଇବାକୁ ଦିଆଯାଏ। ଭୂମିଜମାନେ ନିଜକୁ ଉଚ୍ଚ ଜାତି ବୋଲି ମନେ କରନ୍ତି। ଯେଉଁ ଗୋଷ୍ଠୀରେ ଧୋବା, ବାରିକର ଆବଶ୍ୟକତା ପଡେ ନାହିଁ (କର୍ମକାର୍ଯ୍ୟ ମାନଙ୍କରେ) ସେହି ଜାତିକୁ ଭୂମିଜମାନେ ନୀଚ ଜାତି ବୋଲି ଗ୍ରହଣ କରିଥାଆନ୍ତି। ତେବେ ସାଧାରଣ ଭାବେ ଭୂମିଜମାନଙ୍କ ସହିତ ପ୍ରତ୍ୟେକ ପ୍ରଜାତି ଗୋଷ୍ଠୀର ସାମାଜିକ ସଂପର୍କ ବେଶ୍ ଭଲ।

**ରାଜନୈତିକ ସଂପର୍କ :** ଭୂମିଜ ଗ୍ରାମରେ ସମସ୍ତ ପ୍ରଜାତି ଗୋଷ୍ଠୀ ରାଜନୈତିକ କ୍ଷେତ୍ରରେ ସମତା ରକ୍ଷା କରନ୍ତି। ସମସ୍ତଙ୍କର ସମାନ ଅଧିକାର ଥାଏ। କାରଣ ଗ୍ରାମ ସଭା ଏହାର ପ୍ରକୃଷ୍ଟ ଉଦାହରଣ । ଗ୍ରାମରେ ପ୍ରତ୍ୟେକ ପରିବାରର ମୁଖ୍ୟ ଗ୍ରାମ ସଭାରେ ସଦସ୍ୟତା କରୁଥିବାରୁ, ସେଠାରେ ଗୋଷ୍ଠୀଗତ ଭେଦଭାବ ରହେ ନାହିଁ । ସମସ୍ତେ ନିଜନିଜର ସମାସ୍ୟା /ମାମଲା ଗ୍ରାମ ସଭାରେ ଉତ୍‌ଥାପିତ କରିପାରନ୍ତି। ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ନ୍ୟାୟ ପ୍ରଦାନ କରାଯାଇଥାଏ। ଗ୍ରାମ ସଭାର ନିଷ୍ପତ୍ତିକୁ ଗୋଷ୍ଠୀ ଅଭିନ୍ନ କ୍ରମରେ ସମସ୍ତେ ଗ୍ରହଣ କରିଥାଆନ୍ତି। କିନ୍ତୁ କେବଳ ସମାଜ ବା ସଂପ୍ରଦାୟ ସଂପର୍କିତ ହେଲେ ତାହା ସଂପୃକ୍ତ ସମାଜର ପ୍ରଥା-ପରଂପରା ଅନୁସାରେ ନିଷ୍ପତ୍ତି ନେବାକୁ ଛାଡି ଦିଆଯାଏ । ନଚେତ ସାଂପ୍ରଦାୟିକ ବିଶୃଙ୍ଖଳା ସୃଷ୍ଟି ହେବାର ସମ୍ଭାବନା ଥାଏ। ଉଦାହରଣସ୍ୱରୂପ କୌଣସି ନିର୍ଦ୍ଦିଷ୍ଟ ଭିନ୍ନ ଗୋଷ୍ଠୀର ପୁଅ ତା'ର ନିଜ ଗୋଷ୍ଠୀର ଝିଅକୁ ଅପହରଣ ବା ଜବରଦସ୍ତ ବିବାହ

କଲେ - ଏହା ଭୂମିଜ ଗ୍ରାମର ଗ୍ରାମ ସଭାରେ ନିଷ୍ପତ୍ତି ଗ୍ରହଣ କରାଯାଏ ନାହିଁ। ପ୍ରତ୍ୟେକ ପ୍ରଜାତି ଗୋଷ୍ଠୀଙ୍କର ରାଜନୈତିକ ଅଧିକାର ସମାନ ଭାବରେ ରହିଥିଲେ ହେଁ ଭୂମିଜ ଗ୍ରାମର ଗ୍ରାମ ସଭାରେ ସଭାପତି (ମୁଣ୍ଡା), ଉପସଭାପତି (ମାଣ୍ଡ଼ି) ଓ ଡାକୁଆ (ଛାଟିଆ) କେବଳ ଭୂମିଜ ସଂପ୍ରଦାୟର ବ୍ୟକ୍ତି ହିଁ ରହି ପାରନ୍ତି । ଏହି ପଦପଦବୀରେ ଅନ୍ୟ କୌଣସି ପ୍ରଜାତି ଗୋଷ୍ଠୀର ଲୋକେ ରହିବାର ନିୟମ ବ୍ୟବସ୍ଥା ନାହିଁ । ସମୟାନୁକ୍ରମେ ଏବେ ଅବଶ୍ୟ ସମସ୍ତ ଗୋଷ୍ଠୀଙ୍କ ମଧ୍ୟରେ ରାଜନୈତିକ ସଂପର୍କ ଖୁବ୍ ନିବିଡ଼ । କାରଣ ଏବର ଭୋଟ ରାଜନୀତି ସମସ୍ତଙ୍କୁ ଏକତାର ସୂତ୍ରରେ ବାନ୍ଧି ଦେଇଛି, କିମ୍ବା ସମସ୍ତେ ବାଧ ହୋଇ ବାନ୍ଧି ରହିଛନ୍ତି ।

**ଧର୍ମୀୟ ସଂପର୍କ :** ଭୂମିଜ କିମ୍ବା ଭୂମିଜ ଗ୍ରାମରେ ଥିବା ସମସ୍ତ ପଡୋଶୀ ପ୍ରଜାତି ଗୋଷ୍ଠୀ ଧର୍ମ କ୍ଷେତ୍ରରେ ସ୍ୱାତନ୍ତ୍ର୍ୟ ବଜାୟ ରଖନ୍ତି। ପର୍ବପର୍ବାଣୀ ବା ପୂଜାପାଠ ଦିନ ମାନଙ୍କରେ ସମସ୍ତେ ସମସ୍ତ ସଂପଦାୟକୁ ନିମନ୍ତ୍ରଣ କରିଥାଆନ୍ତି । ଲୌକିକତା ଦୃଷ୍ଟିରୁ, ସାମାଜିକ ସଦ୍‌ଭାବ ପାଇଁ ବା ଅନ୍ୟ ଧର୍ମକୁ ସମ୍ମାନ ପ୍ରଦର୍ଶନ କରିବାକୁ ପରସ୍ପର ନିମନ୍ତ୍ରଣ ରକ୍ଷା କରନ୍ତି । ଯୋଗ ଦେବା ପୂର୍ବକ ଆନନ୍ଦ ଉଲ୍ଲାସରେ ସାମିଲ ହୁଅନ୍ତି । ଭୂମିଜମାନଙ୍କର ସାମୂହୀକ ପୂଜା ପାଇଁ ପ୍ରତ୍ୟେକ ପଡୋଶୀ ପ୍ରଜାତି ଗୋଷ୍ଠୀ ପରିବାର କ୍ରମରେ ଚାନ୍ଦା ମଧ୍ୟ ଦିଅନ୍ତି । ଜାୟାରା ପୂଜାରେ ସମସ୍ତେ ଦେବପୀଠରେ ଉପସ୍ଥିତ ରହି ଭୋଗ ଓ ହାଣ୍ଡିଆ ଗ୍ରହଣ କରିଥାଆନ୍ତି । ସାଂପ୍ରଦାୟିକ ମନୋଭାବ ରଖି ଯଦି କେହି ଚାନ୍ଦା ନଦିଏ ବା ପୂଜାରେ ଅଂଶଗ୍ରହଣ ନକରେ, ତେବେ ତାହା ଗ୍ରାମ ସଭାର ବିଚାର ପରିସର ଭୁକ୍ତ ହୋଇଥାଏ । ସଂପୃକ୍ତ ଗୋଷ୍ଠୀ ପକ୍ଷରୁ ଚାପ ଦିଆଯାଇ ତାକୁ ଦୋଷ ସ୍ୱୀକାର କରିବାକୁ ବାଧ୍ୟ କରାଯାଏ । କାରଣ ଏହା ସାଂପ୍ରଦାୟିକ ଗଣ୍ଡଗୋଳ ଉପୁଜାଇବାର ଆଶଙ୍କା କରାଯାଇଥାଏ ।

**ଅନ୍ୟାନ୍ୟ ସଂପର୍କ :** ଭୂମିଜ ସଂପ୍ରଦାୟ ସହିତ ପଡୋଶୀ ପ୍ରଜାତି ଗୋଷ୍ଠୀ ମାନଙ୍କର ସାଂସ୍କୃତିକ ସଂପର୍କ ମଧ୍ୟ ଉତ୍ତମ । ସାଧାରଣତଃ ଭୂମିଜମାନେ ଭାରି ସଂସ୍କୃତି ପ୍ରେମୀ । ବିଭିନ୍ନ ପର୍ବପର୍ବାଣୀ ବା ଉତ୍ସବାନୁଷ୍ଠାନ ମାନଙ୍କରେ ନାଚଗୀତ ଓ ନାଟକ ଆଦି ପରିବେଷିତ ହୋଇଥାଏ । ଏଥିରେ ସମସ୍ତ ପଡୋଶୀ ଗୋଷ୍ଠୀ ଉପସ୍ଥିତ ରହି ଏକତ୍ର

ଆନନ୍ଦ ଉଠାଇ ଥାଆନ୍ତି । କେବେକେବେ ସଂଗାତ-ମିତ ବସାଇଥିବା ଝିଅ ମଧ ଭୂମିଜ ମିତ ସହିତ ତାଳ ମିଳାଇ ନାଚିଥାଏ ।

ବଂଧୁଭାବାପନ୍ନ ହୋଇ ଭୂମିଜ ଗ୍ରାମରେ ପ୍ରତ୍ୟେକ ପ୍ରଜାତିକ ଗୋଷ୍ଠୀ ଶାନ୍ତିରେ ସହାବସ୍ଥାନ କରନ୍ତି । କୌଣସି ବିପଦ ପଡିଲେ (ବନ୍ୟ ଜନ୍ତୁଙ୍କ ଆକ୍ରମଣ, ରୋଗ ସଂକ୍ରମଣ, ଚୋର ଡକାୟତଙ୍କର ପ୍ରବେଶ, ଝଡ-ବାତ୍ୟା-ବନ୍ୟା ବିସ୍ତାର, ଘରପୋଡି, ଆକସ୍ମିକ ଦୁର୍ଘଟଣା, ଶତ୍ରୁ ଆଗମନ ଓ ଆକ୍ରମଣ) ଗୋଷ୍ଠୀ ନିର୍ବିଶେଷରେ ସମସ୍ତେ ଏକତ୍ରିତ ହୋଇ ଗ୍ରାମକୁ ସୁରକ୍ଷିତ ରଖନ୍ତି । ସାହାଯ୍ୟ ସହାନୁଭୂତିର ଆଦାନ ପ୍ରଦାନ ଦ୍ୱାରା ସଂହତି-ଏକତା ପ୍ରତିଷ୍ଠିତ ରହେ । ସାଂପ୍ରଦାୟିକ ମନୋଭାବ ଦୂରେଇ ଯାଏ ।

ତେବେ ଭୂମିଜ ଗ୍ରାମରେ ଭୂମିଜମାନଙ୍କର ଆଧିପତ୍ୟ ରହୁଥିବାରୁ ସମସ୍ତ ପ୍ରଜାତିକ ଗୋଷ୍ଠୀ ସେମାନଙ୍କୁ ମାନି ଚଳନ୍ତି ଏବଂ ଭୂମିଜମାନେ ପ୍ରଜାତି ଗୋଷ୍ଠୀଙ୍କ ଠାରୁ ଉପକୃତ ହେଉଥିବାରୁ ସୁସଂପର୍କ ଅତୁଟ ରଖିବାକୁ ଚେଷ୍ଟା କରିଥାଆନ୍ତି ।

**ପଡୋଶୀ ପ୍ରଜାତିକ ଗୋଷ୍ଠୀର ଭୂମିକା :**

ସାଧାରଣ ଭାବରେ ଭୂମିଜମାନେ ସମସ୍ତ ପ୍ରଜାତିକ ଗୋଷ୍ଠୀଙ୍କ (ସାନ୍ତାଳ, କୋହ୍ଲ ବ୍ୟତୀତ) ଦ୍ୱାରା ଉପକୃତ ହୋଇଥାଆନ୍ତି । କାରଣ ସେମାନଙ୍କର ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ/ସାମଗ୍ରୀ /ଉପକରଣ ଆଦି ସେହି ପ୍ରଜାତି ଗୋଷ୍ଠୀଙ୍କଠାରୁ ଲବ୍ଧ ହୋଇଥାଏ । ବାସନକୁସନ, ଲୌହ ନିର୍ମିତ ଉପକରଣ, ମୃତ୍ତିକା ଦ୍ରବ୍ୟ, ଲୁଗାପଟା ଏବଂ କୁଲା, ଚଲା, ଡଲା, ପାଛିଆ ଆଦି ଯାବତୀୟ ଗୃହୋପକରଣ ପଡୋଶୀ ପ୍ରଜାତି ଗୋଷ୍ଠୀଙ୍କଠାରୁ ଅର୍ଥ କିମ୍ବା ଶସ୍ୟ ବିନିମୟରେ ସଂଗ୍ରହ କରି ଚଳନ୍ତି । ସେହିପରି ଭୂମିଜମାନଙ୍କର ପ୍ରତ୍ୟେକ ପୂଜାପାଠ ପୂର୍ବରୁ ବାରିକ, ଧର୍ମୀୟ କର୍ମକର୍ତ୍ତାଙ୍କୁ କ୍ଷର କରନ୍ତି । ବାରିକ ଦ୍ୱାରା କ୍ଷର ନହେଲେ କର୍ମକର୍ତ୍ତା ପୂଜା କରିପାରନ୍ତି ନାହିଁ । ଉଠିଆରୀ, ଶୁଦ୍ଧିକ୍ରିୟା, ବାହାଘର, କରମ୍ ପୂଜା, ମକର ପର୍ବ ମାନଙ୍କରେ ବାରିକ ଓ ଧୋବାଙ୍କର ଆବଶ୍ୟକତା ଅତି ଜରୁରୀ । ବାରିକ କ୍ଷର ନକଲେ କିମ୍ବା ନଖ ନକାଟିଲେ ଏବଂ ଧୋବା ପରିବାର ଲୋକଙ୍କର ଲୁଗାପଟା-ବିଛଣାପତ୍ର ଆଦି ସଫା ନକଲେ ବ୍ୟକ୍ତି, ପରିବାର ତଥା ବାସଗୃହ ପବିତ୍ର ହୋଇ ନଥାଏ । ତେଣୁ ଅପବିତ୍ର ଅବସ୍ଥାରେ

ଶୁଭ କର୍ମ କରାଯାଏ ନାହିଁ କିମ୍ବା ଛୁତିକିଆ, ମୃତିକିଆ ଜନିତ ଅପବିତ୍ର ଦୋଷ କଟେ ନାହିଁ । ବସ୍ତୁତଃ ପ୍ରତ୍ୟେକ ପ୍ରଜାତିକ ଗୋଷ୍ଠୀ ଭୂମିଜମାନଙ୍କ ପାଇଁ ଅପରିହାର୍ଯ୍ୟ । ସେଥିପାଇଁ ତ ଭୂମିଜମାନେ ବସତି ସ୍ଥାପନ କାଳରୁ ମୁଖ୍ୟତଃ ବିନ୍ଧାଣୀ, କମାର, କୁମ୍ଭାର, ତନ୍ତୀ, ମାହାଲି, ବାରିକ, ଧୋବା ଓ ଡୋମ ଗୋଷ୍ଠୀର ଗୋଟିଏ ଲେଖାଏଁ ପରିବାରକୁ ଦୂର ଦୂରାନ୍ତରୁ ହେଲେ ମଧ୍ୟ ଅଣାଇ ରହିବାର ବନ୍ଦୋବସ୍ତ କରାଇ ଦେଇଥାଆନ୍ତି କିମ୍ବା ଉପରୋକ୍ତ ଗୋଷ୍ଠୀର ବ୍ୟକ୍ତିଙ୍କୁ ନିଜ ବସତିରେ ବସବାସ କରିବାକୁ ସୁଯୋଗ /ଅନୁମତି ଦିଅନ୍ତି । ଆବଶ୍ୟକୀୟ ଉପକରଣ ସେମାନେ ନିଜେ ସବୁ କରନ୍ତି ନାହିଁ ବା କରିପାରନ୍ତି ନାହିଁ । ତେଣୁ ନିତିଦିନିଆ ଜୀବନ ଧାରାରେ ସୁରୁଖୁରୁରେ ଚଳିବା ପାଇଁ ସମସ୍ତ ପ୍ରଜାତି ଗୋଷ୍ଠୀଙ୍କର ଭୂମିଜମାନଙ୍କ ପାଇଁ ଅପରିହାର୍ଯ୍ୟ ଭୂମିକା ରହିଥାଏ ।

## ପଡୋଶୀ ପ୍ରଜାତିକ ଗୋଷ୍ଠୀର ବର୍ତ୍ତମାନର ଅବସ୍ଥା :

ଭୂମିଜ ବସତିରେ ବସବାସ କରୁଥିବା ଅନ୍ୟାନ୍ୟ ପ୍ରଜାତି ଗୋଷ୍ଠୀଗୁଡିକ ସଭ୍ୟତାର ପ୍ରଗତି ଯୋଗୁଁ ଅପେକ୍ଷାକୃତ ବେଶ୍ ଉନ୍ନତ ହୋଇଗଲେଣି। ପ୍ରଥମତଃ ସେମାନେ ପାଖ ଭୂମିଜ ସଂପ୍ରଦାୟ ଦ୍ୱାରା ଅନୁପ୍ରାଣିତ, ସେଥିରେ ପୁଣି ଆଧୁନିକ ଶିକ୍ଷା ଓ ଚଳଣୀର ପ୍ରଭାବ ସେମାନଙ୍କ ଉପରେ ପଡିବା ସ୍ୱାଭାବିକ। ପଡୋଶୀ ପ୍ରଜାତିକ ଗୋଷ୍ଠୀ, ନିକଟବର୍ତ୍ତୀ ଗ୍ରାମରେ ବସବାସ କରୁଥିବା ଉନ୍ନତ ଆଦିବାସୀ ତଥା ଅଣ ଆଦିବାସୀ ଗୋଷ୍ଠୀ ଏବଂ ସରକାରୀ ବିଜ୍ଞାପନ ଆଦି ସେମାନଙ୍କ ଚିନ୍ତାଧାରାକୁ ପରିବର୍ତ୍ତନ କରିବାରେ ସହାୟକ ହୋଇଥିବା ମନେହୁଏ। ଚିନ୍ତାଧାରାରେ ଉନ୍ନତି ଘଟିଲେ ଆପଣାଛାଏଁ ଆର୍ଥିକ, ସାମାଜିକ, ସାଂସ୍କୃତିକ, ପାରଂପରିକ, ଧାର୍ମିକ, ତଥା ରାଜନୈତିକ ଚିନ୍ତା ଓ ଚେତନା ଉର୍ଦ୍ଧ୍ୱଗାମୀ ହେବା ନିଃସନ୍ଦେହ। ତେଣୁ ପ୍ରାୟତଃ ସମସ୍ତ ପ୍ରଜାତି ଗୋଷ୍ଠୀ ଭୂମିଜମାନଙ୍କ ସମକକ୍ଷ ହୋଇଗଲେଣି। ଆର୍ଥିକ ମାନଦଣ୍ଡ ସ୍ୱଚ୍ଛଳ ହେବା ଦ୍ୱାରା ସେମାନଙ୍କର ଚଳଣୀରେ ପରିବର୍ତ୍ତନ ଘଟିଛି। ଶିକ୍ଷା ଦିଗରେ ଯଥେଷ୍ଟ ଆଗେଇଲେଣି। ଅନ୍ଧ ବହୁତେ ସରକାରୀ-ବେସରକାରୀ ଚାକିରୀ ମଧ୍ୟ କଲେଣି। ଗ୍ରାମ ବାହାରେ ବସବାସ କରୁଛନ୍ତି। ଆଗରୁ ଭୂମିଜମାନଙ୍କ ସହାୟତାରେ ଚଳୁଥିଲେ ହେଁ ଏବେ ଆଉ ସେପରି ପରିସ୍ଥିତି ନାହିଁ। ସହରାଞ୍ଚଳରେ ଗୃହ ନିର୍ମାଣ କରି ରହିଲେଣି। ଗ୍ରାମରେ ରହୁଥିବା

କେତେକ କେବଳ ପରଂପରା ବା ବଂଶାନୁକ୍ରମିକ ଧାରାରେ କୌଳିକ ବୃତ୍ତିରେ ନିୟୋଜିତ ଅଛନ୍ତି ହେଲେ ସେହି କୌଳିକ ବୃତ୍ତିରୁ ଉପାର୍ଜିତ ଅର୍ଥରେ କେବଳ ସେମାନେ ଜୀବିକା ନିର୍ବାହ କରୁନାହାଁନ୍ତି। ବିଭିନ୍ନ ପ୍ରକାର ପାର୍ଶ୍ୱ ବ୍ୟବସାୟ କରି ବେଶ୍ ଲାଭବାନ ହେଉଛନ୍ତି। ବସବାସ କରୁଥିବା ଭୂମିଜ ଗ୍ରାମ ମଧ୍ୟରେ ସୀମିତ ନରହି ସେମାନେ ତାଙ୍କର ବ୍ୟବସାୟକୁ ସଂପ୍ରସାରିତ କରିଛନ୍ତି। ଏପରିକି ସହରାଞ୍ଚଳକୁ ଉତ୍ପାଦିତ ଦ୍ରବ୍ୟ ବା ଉପକରଣମାନ ବିକ୍ରୟ ପାଇଁ ପଠାଉଛନ୍ତି। ଆଗରୁ ସେମାନଙ୍କର ନିଜସ୍ୱ ଚାଷ ଜମି ନଥିଲା । ସେମାନେ ଭୂମିଜମାନଙ୍କ ବାଡି-ଚାଷ ଜମିରେ ଦିନ ମଜୁରୀଆ ଭାବେ କାମ କରି ଅର୍ଥ ଉପାର୍ଜନ କରୁଥିଲେ । ହେଲେ ଏବେ ସେମାନେ ନିଜର ଚାଷଜମି କଲେଣି । ଗୋସଂପଦ ପାଳନ କରିବା ସହିତ ଉନ୍ନତ ଶୈଳୀରେ ନିର୍ମିତ ବାସଗୃହରେ ବସବାସ କରୁଛନ୍ତି । ବିଭିନ୍ନ ଉପାୟରେ ବେଶ୍ ଅର୍ଥ ଉପାର୍ଜନ କରି ସ୍ୱଚ୍ଛନ୍ଦରେ ଜୀବନ ନିର୍ବାହ କରୁଛନ୍ତି । ଶିକ୍ଷା ଓ ସଭ୍ୟତା ସେମାନଙ୍କର ଆଖି ଖୋଲି ଦେଇଛି । ସେମାନେ ଆଉ ଭୂମିଜମାନଙ୍କର ସେବକ ଭଳି ରହି ନାହାଁନ୍ତି, ପରନ୍ତୁ ଭୂମିଜମାନଙ୍କ ସହିତ ପାଦକୁ ପାଦ ମିଳାଇ ଚାଲୁଛନ୍ତି । ସକ୍ରିୟ ରାଜନୀତିରେ ଅଂଶଗ୍ରହଣ କରିବା ସହିତ ଭୋଟ ରାଜନୀତିକୁ ପ୍ରଭାବିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅବତୀର୍ଣ୍ଣ ହେଉଛନ୍ତି ।

ପ୍ରଜାତିକ ଗୋଷ୍ଠୀ ପ୍ରାୟତଃ ଭୂମିଜମାନଙ୍କ ଉପରେ ନିର୍ଭରଶୀଳ ଥିବାରୁ, ସେମାନେ ଭୂମିଜମାନଙ୍କର କ୍ଷତି କରିବାକୁ ପସନ୍ଦ କରନ୍ତି ନାହିଁ ଏବଂ ଭୂମିଜ ଗୋଷ୍ଠୀ ଦ୍ୱାରା ଅନୁପ୍ରେରିତ ହୋଇ କିମ୍ବା ଅନୁମତି ଲାଭ କରି ଭୂମିଜ ବସତିରେ ବସବାସ କରିବାର ସୁଯୋଗ ପାଇଥିବାରୁ ସେମାନେ ଭୂମିଜମାନଙ୍କର ସେବକ ତୁଲ୍ୟ ସହାୟତା ପ୍ରଦାନ କରିଥାଆନ୍ତି। ତେବେ ବେଳେବେଳେ ଶ୍ରମଦାନ କରି ଉପଯୁକ୍ତ ପାଉଣା ନପାଇଲେ ସେମାନେ ଭୂମିଜଙ୍କ ଉପରେ ଅସନ୍ତୁଷ୍ଟ ହୋଇ ଗ୍ରାମ ସଭାରେ ମାମଲା ରୁଜୁ କରନ୍ତି। ଆବଶ୍ୟକ ସମୟରେ ଭୂମିଜମାନେ ଅର୍ଥ ସାହାଯ୍ୟ ନକଲେ ପ୍ରଜାତି ଗୋଷ୍ଠୀ ରୋଷ କରି କାମ କରିବାକୁ ଆସନ୍ତି ନାହିଁ। ଫଳରେ ଭୂମିଜ ଲୋକେ ଅସୁବିଧାର ସମ୍ମୁଖୀନ ହୋଇଥାଆନ୍ତି। ଏପରିକି ବାରିକ ମଧ୍ୟ ବିରକ୍ତ ହୋଇ କ୍ଷର କରିବାକୁ କିଛିଦିନ ଆସେନାହିଁ। କିମ୍ବା ଜରୁରୀ କାମ ସମୟରେ ସେମାନେ ଆସିବେ କହି ଆସି ନଥାଆନ୍ତି। ଯଦ୍ୱାରା ଭୂମିଜମାନଙ୍କୁ କ୍ଷତି ସହିବାକୁ ହୋଇଥାଏ।

**ଗୋଷ୍ଠୀ ବିବାଦ :**

ପ୍ରାୟତଃ ଗୋଷ୍ଠୀ ଗୋଷ୍ଠୀ ମଧ୍ୟରେ ସାଂପ୍ରଦାୟିକ ଉତ୍ତେଜନା ବା ଗଣ୍ଡଗୋଳ ଉପୁଜି ନଥାଏ । କାରଣ ଭୂମିଜ ବସତିରେ ସମସ୍ତେ ବଂଧୁଭାବ ନେଇ ବସବାସ କରୁଥାଆନ୍ତି । ପରସ୍ପର ଭିତରେ ଆର୍ଥିକ, ସାମାଜିକ, ଧାର୍ମିକ, ସାଂସ୍କୃତିକ ଓ ରାଜନୈତିକ ସଂପର୍କ ସୁଦୃଢ ଥାଏ । କେହି କାହାରି ସହିତ ଶତ୍ରୁଭାବ ପୋଷଣ କରନ୍ତି ନାହିଁ । ଭୂମିଜମାନେ ପ୍ରଜାତି ଗୋଷ୍ଠୀଙ୍କ ଦ୍ୱାରା ଉପକୃତ ହେବା ସଂଗେ ସଂଗେ ପ୍ରଜାତି ଗୋଷ୍ଠୀ ଭୂମିଜ ସମାଜ ଉପରେ ନିର୍ଭର କରି ଜୀବିକା ନିର୍ବାହ କରନ୍ତି । ପରସ୍ପର ମଧ୍ୟରେ ଭାଇ, ଦାଦା, ମାମୁଁ ଆଦି ଡକାଡକି ହୁଏ । ସଙ୍ଗାତ-ମିତ ବସାଇ ଥାଆନ୍ତି । ପୂଜାପାର୍ବଣ, ଉତ୍ସବାନୁଷ୍ଠାନ ମାନଙ୍କରେ ସମସ୍ତେ ସମସ୍ତଙ୍କୁ ନିମନ୍ତ୍ରଣ ଜଣାନ୍ତି । ପୂଜା ପାଇଁ ଚାନ୍ଦା ମଧ୍ୟ ଦିଅନ୍ତି । ପ୍ରତ୍ୟେକ ଧର୍ମ ପ୍ରତି ପ୍ରତ୍ୟେକଙ୍କର ସମ୍ମାନବୋଧ ରହିଥାଏ । ଗୋଷ୍ଠୀ ନିର୍ବିଶେଷରେ ସମସ୍ତେ ଗ୍ରାମରେ ଏକତା ବଜାୟ ରଖିଥାଆନ୍ତି । ବିପଦ ଆପଦରେ ସଭିଏଁ ପରସ୍ପରର ସହାୟକ ହୁଅନ୍ତି । ସାହାଯ୍ୟ ସହାନୁଭୂତିର ଆଦାନପ୍ରଦାନ ମଧ୍ୟରେ ଜୀବନ ଧାରା ଗଡିଚାଲେ । ତେଣୁ ଏପରି ସ୍ଥଳେ ସଂପ୍ରଦାୟମାନଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି ହେବା ବା କେହି ଇଚ୍ଛା କରି ସୃଷ୍ଟି କରିବା ସହଜ ବ୍ୟାପାର ନୁହେଁ । ଗୋଷ୍ଠୀ ଗୋଷ୍ଠୀ ମଧ୍ୟରେ ନିଗୁଢ ସଂପର୍କ ରହିଥିଲେ ହେଁ ବିବାହ ସଂପର୍କ ସ୍ଥାପିତ ହୁଏ ନାହିଁ । ଯଦି ଗୋଟିଏ ଗୋଷ୍ଠୀର ପୁଅ ଅନ୍ୟ ଗୋଷ୍ଠୀର ଝିଅକୁ ଅପହରଣ କରେ, ଜବରଦସ୍ତ ବିବାହ କରେ କିମ୍ବା ପ୍ରେମ ସଂପର୍କ ସ୍ଥାପିତ ହୁଏ, ତେବେ ତାହା ଗୋଷ୍ଠୀ ସଂଘର୍ଷ ବା ଉତ୍ତେଜନାର ରୂପ ନେଇଥାଏ । କାରଣ ସମସ୍ତଙ୍କ ମଧ୍ୟରେ ଗୋଷ୍ଠୀ ସ୍ୱାତନ୍ତ୍ର୍ୟ ସୁରକ୍ଷିତ ରହିଥାଏ । ଏଥିରେ ଖିଲାପ ହେଲେ ଉତ୍ତେଜନା ସୃଷ୍ଟି ହେବା ସ୍ୱାଭାବିକ । ସେହିପରି ଅନ୍ୟ ପ୍ରଜାତି ଗୋଷ୍ଠୀର ପୁଅ କିମ୍ବା ଝିଅ ଯଦି ଭୂମିଜ ଜାତିର ଝିଅ କିମ୍ବା ପୁଅ ସହିତ ଗୁପ୍ତ ପ୍ରେମ ସଂପର୍କ ରଖନ୍ତି, ତେବେ ତାହା ଭୂମିଜ ସମାଜକୁ ଉତ୍ତେଜିତ କରିଥାଏ । କୌଣସି ପରିସ୍ଥିତିରେ ମଧ୍ୟ ଏହାକୁ ସେମାନେ ସ୍ୱୀକୃତି ପ୍ରଦାନ କରନ୍ତି ନାହିଁ । ବରଂ ତାହା ଗୁରୁତର ଆକାର ଧାରଣ କରି ଗ୍ରାମ ସଭାରେ ବିଚାର ଆଲୋଚନା ହୁଏ ଏବଂ ସଂପୃକ୍ତ ପ୍ରଜାତି ଗୋଷ୍ଠୀର ପରିବାରକୁ ଗ୍ରାମରୁ ବହିଷ୍କାର କରାଯାଇଥାଏ । ତଦନୁଯାୟୀ ସମସ୍ତ ପଡୋଶୀ ପ୍ରଜାତି ଗୋଷ୍ଠୀଙ୍କୁ ପରୋକ୍ଷରେ ଚେତାବନୀ ଶୁଣାଇ ଦିଅନ୍ତି । ଅନୁରୂପ ଭାବେ

ଭୂମିଜମାନଙ୍କର ସାମୂହିକ ପୂଜାପାଠ ପାଇଁ କୌଣସି ପଡୋଶୀ ପ୍ରଜାତି ବ୍ୟକ୍ତି ଚାନ୍ଦା ଦେବାକୁ କୁଣ୍ଠିତ ହେଲେ କିମ୍ବା ପୂଜାରେ ଉପସ୍ଥିତ ରହି ସହଯୋଗ ନକଲେ, ସେ ମାମଲା ଗ୍ରାମସଭାର ବିଚାର ପରସରଭୁକ୍ତ ହୁଏ । ପ୍ରଥମଥର ସଂପୃକ୍ତ ବ୍ୟକ୍ତିକୁ ବୁଝାଇ ଶୁଝାଇ କ୍ଷମା ଦିଆଯାଏ । କିନ୍ତୁ ସେ ତାହା ଗ୍ରହଣ ନକରି ପୁନର୍ବାର ସେପରି ଅସହଯୋଗ କଲେ ଗ୍ରାମସଭା ତାକୁ ଅର୍ଥ ଦଣ୍ଡରେ ଦଣ୍ଡିତ କରିଥାଏ । ହେଲେ ସେ ବ୍ୟକ୍ତିଟି ଅର୍ଥ ଦଣ୍ଡକୁ ମଧ୍ୟ ସ୍ୱୀକାର ନକଲେ, ତାକୁ ଗ୍ରାମରୁ ବହିଷ୍କାର କରାଯାଇଥାଏ ।

ତେବେ ସାଧାରଣତଃ ଭୂମିଜ ସଂପ୍ରଦାୟ ଏବଂ ଅନ୍ୟାନ୍ୟ ପଡୋଶୀ ପ୍ରଜାତି ଗୋଷ୍ଠୀଙ୍କ ମଧ୍ୟରେ କୌଣସି ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହେବା ଭଳି ଅବସ୍ଥା ଉପୁଜେ ନାହିଁ । କେବଳ ପ୍ରେମ ସଂପର୍କିତ ବ୍ୟାପାରରେ ପ୍ରଜାତି ଗୋଷ୍ଠୀର, କେତେକ ବ୍ୟକ୍ତି/ପରିବାର ଗ୍ରାମରୁ ବହିଷ୍କୃତ ଦଣ୍ଡ ଭୋଗିଥିବାର ଦୃଷ୍ଟିଗୋଚର ହୋଇଥାଏ । ଯଦିଓ ସେଥିପ୍ରତି ସମସ୍ତେ ସତର୍କ ଥାଆନ୍ତି ।

**ସଂପର୍କ ସଂସ୍ଥାପନ:**

ବ୍ୟକ୍ତି ସଚେତନତା ହିଁ ଗୋଷ୍ଠୀ ଗୋଷ୍ଠୀ ମଧ୍ୟରେ ସୁସଂପର୍କ ସ୍ଥାପନର ସର୍ବୋତ୍କୃଷ୍ଟ ମାଧ୍ୟମ । ଧନୀ, ଗରୀବ, ସମାଜ, ଗୋଷ୍ଠୀ ନିର୍ବିଶେଷରେ ସମସ୍ତେ ସମାନ । ସମସ୍ତଙ୍କର ସମାନ ଅଧିକାର ଥାଏ, ଗ୍ରାମଟି ସଭିଙ୍କର, ଗ୍ରାମର ସର୍ବାଙ୍ଗୀନ ଉନ୍ନତି, ଶାନ୍ତି, ଶୃଙ୍ଖଳା ପ୍ରତିଷ୍ଠିତ ରଖିବା ସମସ୍ତଙ୍କର ନୈତିକ କର୍ତ୍ତବ୍ୟ । ଜାତି-ଧର୍ମ-ବର୍ଣ୍ଣ ଭିନ୍ନତାରେ ସମସ୍ତେ ଆପଣାର ଭାଇ ବନ୍ଧୁ, ପରସ୍ପର ମଧ୍ୟରେ ଧର୍ମ-ପରଂପରା-ବିଧି-ପ୍ରଥା ପ୍ରତି ସମ୍ମାନବୋଧ, ସହଯୋଗ ମନୋବୃତ୍ତି, ସାହାଯ୍ୟ-ସହାନୁଭୂତିର ଭାବଧାରା ପ୍ରଭୃତି ବଳବତ୍ତର ରହିଲେ ସଭିଙ୍କ ମଧ୍ୟରେ ସୁସଂପର୍କ ସ୍ଥାପିତ ହୋଇ ପାରିବ । ତେଣୁ ଏପରି ଏକତା ଓ ସଂହତିର ବାତାବରଣ ସୃଷ୍ଟି ପାଇଁ ପ୍ରତ୍ୟେକ ଗୋଷ୍ଠୀର ବ୍ୟକ୍ତିଙ୍କୁ ସଚେତନ ହେବାକୁ ପଡିବ । ବ୍ୟକ୍ତି ସଚେତନା ପାଇଁ ପୁଣି ଆବଶ୍ୟକ ଶିକ୍ଷା ଓ ପ୍ରେରଣା । ଏହା ଗ୍ରାମ ଭିତ୍ତିକ ଶିକ୍ଷିତ ବ୍ୟକ୍ତିଙ୍କର ଉଦ୍ୟମ ତଥା ସରକାରୀ ପ୍ରୋତ୍ସାହନର ସଂଯୋଗରେ ହିଁ ସମ୍ଭବ ହୋଇପାରିବ ବୋଲି ଆଶା କରାଯାଏ । ଆଦିବାସୀ ସଂପ୍ରଦାୟଗୁଡିକ ମୁଖ୍ୟତଃ ଧର୍ମସର୍ବସ୍ୱ ଗୋଷ୍ଠୀ । ତେଣୁ

ପ୍ରତ୍ୟେକଙ୍କର ଧର୍ମାଧାରାକୁ ଦୃଷ୍ଟି ସମକ୍ଷରେ ରଖି କିମ୍ବା ପ୍ରତ୍ୟେକଙ୍କର ଧର୍ମସ୍ୱାତନ୍ତ୍ର୍ୟକୁ ଗୁରୁତ୍ୱ ଦେଇ ଭିନ୍ନ ଭିନ୍ନ ମାର୍ଗ ଖୋଜିବାକୁ ପଡିବ । ପ୍ରତ୍ୟେକ ଗୋଷ୍ଠୀର ମାନସିକତା / ମନସ୍ତତ୍ତ୍ୱକୁ ଜାଣିବା ନିତାନ୍ତ ଜରୁରୀ । ସେମାନଙ୍କର ପରସ୍ପର ମଧ୍ୟରେ କୌଣସି ବିଦ୍ୱେଷ ଭାବ ଅଛି କି ? ଯଦି ଅଛି, ତେବେ କାହିଁକି ଓ କେଉଁ କାରଣରୁ ? କ'ଣ କଲେ ସେମାନଙ୍କର ଏହି ବିଦ୍ୱେଷ ଭାବ ଦୂର ହୋଇ ପରିବ ? ଏହିପରି ଭାବରେ ସମସ୍ତ ଗୋଷ୍ଠୀଙ୍କର ଆଭ୍ୟନ୍ତରୀଣ ଅସନ୍ତୋଷ ଓ ତାହା ଦୂରୀଭୂତ ପାଇଁ ଇଚ୍ଛା-ମତ ଜାଣି ସାରିବା ପରେ ଉପଯୁକ୍ତ ମାର୍ଗରେ ସେମାନଙ୍କୁ ଏକତାର ମନ୍ତ୍ର ଶିଖାଇବାକୁ ପଡିବ । ସେ ମନ୍ତ୍ର ପୁଣି ଧର୍ମଭିତ୍ତିକ ହେଲେ ଶୀଘ୍ର କାର୍ଯ୍ୟ କରିପାରିବାର ସମ୍ଭାବନା ରହେ । ତେଣୁ ସମସ୍ତ ପ୍ରଜାତି ଗୋଷ୍ଠୀଙ୍କ ମଧ୍ୟରେ ସୁସଂପର୍କ ସ୍ଥାପନ ପାଇଁ ଉପଯୁକ୍ତ ବାତାବରଣ ସୃଷ୍ଟି କରିବାକୁ ଲୋଡା ବାହ୍ୟ (ସରକାରୀ /ବେସରକାରୀ ସ୍ତରରେ) ଓ ଆଭ୍ୟନ୍ତରୀଣ (ନିଜ ଗୋଷ୍ଠୀ ଏବଂ ପ୍ରଜାତି ଗୋଷ୍ଠୀର ଶିକ୍ଷିତ, ସଚେତନ, ଉଦାରପନ୍ଥୀ ବ୍ୟକ୍ତି ବିଶେଷ) ଉଦ୍‌ଯୋଗ ।

❑❑❑


ଭୂମିଜ ପରମ୍ପରା